Adopted by the Govt. of Orissa
for the purpose of training in Govt.
Shorthand & Type-Writing Institutes.

ଅଭିନବ ଶବ୍ଦରେଖା

ଓଡ଼ିଆ ସର୍ଟହାଣ୍ଡ ଶିକ୍ଷକ

— All rights reserved by the Author —

ଅଠଚାଳିଶ ଟଙ୍କା।

ପ୍ରକାଶକ

ଶ୍ରୀ ଗୌରଚନ୍ଦ୍ର ପଟ୍ଟନାୟକ
୧୦୨, ବାପୁଜୀନଗର,
ଭୁବନେଶ୍ୱର

ପ୍ରଥମ ମୁଦ୍ରଣ ୧୯୯୪
ଦ୍ୱିତୀୟ ମୁଦ୍ରଣ ୧୯୯୭

ଲେଖକଙ୍କ ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ

ଅତିରିକ୍ତ ପାଠ୍ୟ-ଉଚ୍ଚାଙ୍ଗ ସ୍ମରଣିକା (Advance Phrases) — ଦଶ ଟଙ୍କା

ଶ୍ରୁତଲିଖନ ଅନୁଶୀଳନୀ ମାଳା (Dictation Exercises) — କୋଡିଏ ଟଙ୍କା

ପ୍ରାପ୍ତିସ୍ଥାନ

୧- ସରକାରୀ ସର୍ଟହାଣ୍ଡ ପ୍ରଶିକ୍ଷଣ ଅନୁଷ୍ଠାନ, ଭୁବନେଶ୍ୱର
୨- ଶ୍ରୀ ଅକ୍ଷୟ କୁମାର ନାୟକ, ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର
୩- ସ୍ୱରୂପାନନ୍ଦ ହୋମିଓ କ୍ଲିନିକ, କସ୍ତୁରବା ନାରୀ ମହଲ, ଭୁବନେଶ୍ୱର
୪- ଶ୍ରୀ ଅକ୍ଷୟ କୁମାର ମହାନ୍ତି, P. A. Home Department, Unit No.- 1, Bhubaneswar.

ମୁଦ୍ରାକର

କଲ୍ୟାଣୀ ପ୍ରେସ
ବାପୁଜୀ ନଗର, ଭୁବନେଶ୍ୱର

ମୁଖବନ୍ଧ

କଥିତ ଭାଷାକୁ ନିର୍ଭୁଲ ଭାବରେ ତତ୍‌କ୍ଷଣାତ୍ ଲିପିବଦ୍ଧ କରିବାର କଳା, କୌଶଳ, ଦକ୍ଷତା ଓ କ୍ଷିପ୍ରତାର ସମାହାରକୁ ଇଂରାଜୀରେ ଫୋନୋଗ୍ରାଫି ବା ସର୍ଟହାଣ୍ଡ କୁହାଯାଏ ଏବଂ ଏହି ପ୍ରୟୋଜନବୋଧରୁ ହିଁ ସର୍ଟହାଣ୍ଡର ସୃଷ୍ଟି ଓ ବିକାଶ । ମହର୍ଷି ବେଦବ୍ୟାସ ମହାଭାରତ ରଚନା ପ୍ରାକ୍‌କାଳରେ ଜଣେ ଦ୍ରୁତ ଲେଖକ ବା ଷ୍ଟେନୋଗ୍ରାଫରଙ୍କ ଆବଶ୍ୟକତା ଅନୁଭବ କରିଥିଲେ ଏବଂ ସିଦ୍ଧିଦାତା ଗଣେଶ ସେହି ଆବଶ୍ୟକତା ପୂରଣ କରି ପୁରାଣଯୁଗରେ ଶ୍ରୁତିଲିଖନ ବିଦ୍ୟାର ପରାକାଷ୍ଠା ପ୍ରଦର୍ଶନ କରାଇଥିଲେ ବୋଲି ପୌରାଣିକ କିମ୍ବଦନ୍ତୀ ଅଛି । ତେଣୁ ଆମର ଏହି ଭାରତବର୍ଷରେ ସର୍ବପ୍ରଥମେ ସଂସ୍କୃତ ଭାଷାର ଶ୍ରୁତିଲିଖନ ବିଦ୍ୟା ବା ସର୍ଟହାଣ୍ଡ ଉଦ୍ଭାବିତ ଓ ଅନୁଶୀଳିତ ହୋଇଥିଲା ଏବଂ ପରବର୍ତ୍ତୀ କାଳରେ ପ୍ରାକୃତ ଭାଷାର ବହୁଳ ପ୍ରଚଳନ ହେତୁ ସଂସ୍କୃତ ଭାଷାର ବ୍ୟବହାର ସଙ୍କୁଚିତ ହେବାରୁ ସଂସ୍କୃତ ସର୍ଟହାଣ୍ଡ ଚର୍ଚ୍ଚା ଓ ଅନୁଶୀଳନ ଅଭାବରୁ ବିସ୍ମୃତିର ଅତଳ ଗର୍ଭରେ ଲୀନ ହୋଇ ଯାଇଥିଲା ବୋଲି ମନେ କରିବାର ସଙ୍ଗତ କାରଣ ଅଛି ।

ଆଧୁନିକ ଯୁଗରେ ଇଂଲଣ୍ଡର ସାର ଆଇଜାକ ପିଟ୍‌ମାନ ଉନବିଂଶ ଶତାବ୍ଦୀର ମଧ୍ୟଭାଗରେ ଇଂରାଜୀ ଭାଷାର ଏକ ସର୍ଟହାଣ୍ଡ ପ୍ରଣାଳୀ ଉଦ୍ଭାବନ କରିଥିଲେ । ଏଭଳି ଉଦ୍ୟମର ପ୍ରଥମାବସ୍ଥାରେ କେତେକ ଦୋଷତ୍ରୁଟି ରହିବା ସ୍ୱାଭାବିକ ଏବଂ ପିଟ୍‌ମାନ ସର୍ଟହାଣ୍ଡ ଭାଗ୍ୟରେ ମଧ୍ୟ ତାହାହିଁ ଘଟିଥିଲା । ତଥାପି ସେ ସମୟରେ ତାହା ଏକମାତ୍ର ନିର୍ଭରଯୋଗ୍ୟ ସର୍ଟହାଣ୍ଡ ପ୍ରଣାଳୀ ବୋଲି ବିବେଚିତ ହୋଇଥିଲା । କାରଣ ତାହା ସରଳ ବୋଧଗମ୍ୟ ନୀତି ନିୟମ ଉପରେ ପ୍ରତିଷ୍ଠିତ ଥିଲା ଏବଂ ସାଧାରଣ ବର୍ଣ୍ଣମାଳା ସାହାଯ୍ୟରେ ଏକ ମିନିଟରେ ଯେତିକି ଶବ୍ଦ ଲେଖିବା ସମ୍ଭବ ତାର ଅନ୍ତତଃ ଛଅଗୁଣ ଶବ୍ଦ ପିଟ୍‌ମାନ ସର୍ଟହାଣ୍ଡ ପ୍ରଣାଳୀରେ ଅକ୍ଳେଶରେ ଲେଖାଯାଇ ପାରୁଥିଲା । କହିବା ବାହୁଲ୍ୟ ଯେ ଯେହେତୁ ସେ ସମୟରେ ପୃଥିବୀରେ ବହୁ ଦେଶ ବ୍ରିଟିଶ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା ଏବଂ ସେସବୁ ଦେଶରେ ଇଂରାଜୀ ରାଜଭାଷା ରୂପରେ ସ୍ୱତନ୍ତ୍ର ଗୌରବ ଓ ସମ୍ମାନର ଅଧିକାରୀ ହୋଇ ରହିଥିଲା, ସେସବୁ ଦେଶର ଶିକ୍ଷିତ ଲୋକମାନେ ଇଂରାଜୀ ସର୍ଟହାଣ୍ଡ ଶିଖିବାକୁ ଆଗ୍ରହୀ ହେଲେ । ଏହିପରି ଭାବରେ ଦେଶ ବିଦେଶରେ ଅଗଣିତ ସର୍ଟହାଣ୍ଡ ଲେଖକଙ୍କ ସମ୍ମିଳିତ ଜ୍ଞାନ ଓ ଅଭିଜ୍ଞତାରେ ପରିପୁଷ୍ଟ ଓ ପରିମାର୍ଜିତ ହୋଇ ପିଟ୍‌ମାନ ସର୍ଟହାଣ୍ଡ ଶହେ

ବର୍ଷ ମଧ୍ୟରେ ସାତଟି ସଂଶୋଧିତ ସଂସ୍କରଣ ଅତିକ୍ରମ କରି ବଂଶ ଛୋଡ଼ି
ମଧ୍ୟ ଭାଗରେ **New Era Edition** ରୂପରେ ଆମ ସପକ୍ଷରେ ଅ
ଉପସ୍ଥିତ ହେଲା ।

ଏହି ପରିପ୍ରେକ୍ଷୀରେ ଓଡ଼ିଆ ସର୍ଟହାଣ୍ଡର ସୃଷ୍ଟି ଓ କ୍ରମବିକାଶ ପର୍ଯ୍ୟାଲୋଚନା କଲେ ଦେଖାଯାଏ ଯେ ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପରେ ଓଡ଼ିଆ ସର୍ଟହାଣ୍ଡର ଆବଶ୍ୟକତା ଅନୁଭୂତ ହେଲା ତତ୍କାଳୀନ ସ୍ପେଶାଲ ବ୍ରାଞ୍ଚର ଇନସ୍‌ପେକ୍ଟର ଶ୍ରୀଯୁକ୍ତ ବିମଳ ଚନ୍ଦ୍ର ଘୋ ସ୍ୱର୍ଗୀୟ କେ. ଏନ. ମୁଖାର୍ଜୀଙ୍କ ବଙ୍ଗଳା ସର୍ଟହାଣ୍ଡ ପ୍ରଣାଳୀ ଅବଲମ୍ବନରେ 'ଶବ୍ଦରେଖା' ନାମକ ଏକ ଓଡ଼ିଆ ସର୍ଟହାଣ୍ଡ ପୁସ୍ତକ ପ୍ରଣୟନ କରିଥିଲେ ଏବଂ ଓଡ଼ିଶା ସରକାର ଓଡ଼ିଆ ସର୍ଟହାଣ୍ଡ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ 'ଶବ୍ଦରେଖା'କୁ ସରକାରୀ ପ୍ରକାଶନ ରୂପେ ଗ୍ରହଣ କରିନେଇଥିଲେ । ଦେଶ ସ୍ୱାଧୀନ ହେବା ପରେ ଆଞ୍ଚଳିକ ଭାଷାର ବିକାଶ ପ୍ରତି ଅଧିକ ଗୁରୁତ୍ୱ ଆରୋପ କରାଯିବାରୁ ଆମ ରାଜ୍ୟରେ ସରକାରୀ ଅଫିସଗୁଡ଼ିକରେ ଓଡ଼ିଆ ସର୍ଟହାଣ୍ଡ ଲେଖକଙ୍କ ଆବଶ୍ୟକତା ଅଧିକ ଅନୁଭୂତ ହେଲା ଏବଂ ୧୯୪୭ ମସିହାରେ ସରକାରୀ ଆନୁକୂଲ୍ୟରେ ବିମଳବାବୁଙ୍କ ଶିକ୍ଷକତାରେ କେତେକ ଇଂରାଜୀ ଷ୍ଟେନୋଗ୍ରାଫରଙ୍କୁ ଓଡ଼ିଆ ସର୍ଟହାଣ୍ଡରେ ତାଲିମ ଦିଆଗଲା । ଯେଉଁ ଶିକ୍ଷାର୍ଥୀ-ମାନେ ପରୀକ୍ଷାରେ କୃତିତ୍ୱ ସହକାରେ ଉତ୍ତୀର୍ଣ୍ଣ ହେଲେ ସେମାନଙ୍କୁ ସରକାର ଟ ୩୭ଂଙ୍କା ଲେଖାଏଁ ପୁରସ୍କାର ଦେଲେ ଏବଂ ସେମାନଙ୍କ ମଧ୍ୟରୁ କେତେକ ଆସେମ୍ବ୍ଲି ରିପୋର୍ଟର, ରିପୋର୍ଟର ଇନସ୍‌ପେକ୍ଟର ଭାବରେ ନିଯୁକ୍ତି ମଧ୍ୟ ପାଇଗଲେ । ଲେଖକ ଥିଲ ସେମାନଙ୍କ ମଧ୍ୟରେ ଅନ୍ୟତମ । ପରବର୍ତ୍ତୀ କାଳରେ ଓଡ଼ିଆ ସର୍ଟହାଣ୍ଡର ଚର୍ଚ୍ଚା ଓ ଅନୁଶୀଳନ ଅଧିକରୁ ଅଧିକ ହେବା ଫଳରେ ଶବ୍ଦରେଖାରେ ନାନା ତ୍ରୁଟି ଓ ଅସଙ୍ଗତି ଥିବାରୁ ତାହା ବୋଧଗମ୍ୟ ନୁହେଁ ବୋଲି ସରକାର ହୃଦୟଙ୍ଗମ କଲେ ଏବଂ ତ୍ରୁଟିହୀନ ଏକ ଷ୍ଟାଣ୍ଡାର୍ଡ ଓଡ଼ିଆ ସର୍ଟହାଣ୍ଡ ପ୍ରଣାଳୀକୁ 'ଶବ୍ଦରେଖା'ର ସ୍ଥଳାଭିଷିକ୍ତ କରିବା ପାଇଁ କ ପ୍ରକାର ସୁଚିନ୍ତିତ ପଦକ୍ଷେପ ନେଲେ ନିମ୍ନୋକ୍ତ ପ୍ରେସନୋଟ ଓ ରିଜୋଲ୍ୟୁସନ ତାର ଏକ ଧାରାବାହିକ ବିବରଣ :

Government of Orissa
Home Department
PRESS NOTE

Consequent on the decision of the Government to adpot Oriya as the official language in the state, learing of Oriya Stenography has become necessary. It ears that out of the present existing Stenographers th in the Secretariat and elsewhere in the state, hardly % of them know Oriya Stenography. In the above context it is considered necessary to ensure that all the Stenographers should learn Oriya Stenography and there should be arrangements for training in Oriya Stenography. The existing book on "Oriya Stenography" SABDA-EKHA" is not comprehensive enough, as a result of which ersons who are practising Oriya Stenography are adoping their own methods and system. Oovernment feel hat there should be a standardised Oriya stenography Book which would be more comprehensive to meet the ourpose. As the matter has become important and urgent mmediate steps has to be taken to finalise the scheme and to train up more Stenographers in Oriya Stenography.

Government in the Home Deportment, therefore, vite suggestion from persons who are interested in riya Stenography or who have got their own system of riya Stenography for improvement in the present system of Oriya Shorthand, so as to reach the undersigned n or before the 1st December, 1965.

Sd/- Amar Singh
Secretary to Governr

ubaneswar
15th July, 1965.

No. 28125/ST-11-13/68
Government of Orissa
Home Department

RESOLUTION

Bhubaneswar the 21st September, 1968,

Consequent upon the decision of Government to introduce Oriya as the offical language in the State, the introduction of a suitable system of Oriya Stenography has been under considdration of Government The "Ssbdarekha", a system of Oriya Stenography evolved by Sri B. C. Ghose was aopted by Government in 194 and a numder of Stenographers trained in the system have been working as Reporters in the Orissa Legislative Assembly and also in the police force Meanwhile two other systems, one evolved by Sri K. C. Samal and another by Shri Balaram Panda, Reporters of the Assembly, were also submitted to Government in response to a press note. In order to judge the relative efficiency of the different systems both the new systems were given a trial along with the "Sabdarekha" as modified by Shri G. C Pattnaik, another Reporter of the Orissa Legislative Assembly On the comptetion of the course in the Shorthand and Typewriting Institute, a common examination was held according to standards prescribed by Government. On a careful consideration of the result of the examination as well as other relavant factors Government have decided to adopt the system outlined in "Sabdarekha,, as modified by Sri G C, Pattnaik for the purpose of training in the Oriya Shorthand and Typewritting Institute. It is however, made clear that for the purpose of eligibility for appointment all the three systems will be recognised by Government. In other words, recruitment shall be made by Government on the basis of proficiency alone without any consideration of the particular system adopted by a candidate.

By order of the Govenor

B. B. Rath

Secretary to Government.

ER : ORDERED THAT THE RESOLUTION BE PUBLISHED IN ORISSA GARETTED AND FORWARDED TO ALL CCNCERNED.

ପ୍ରସଙ୍ଗକ୍ରମେ କୁହାଯାଇପାରେ ଯେ ଯାହାର ଯାହା ନଥାଏ ସେ ଅନ୍ୟ ଲୋକର ସେହି ଜିନିଷକୁ ନିଜର ବୋଲି ଆଦର ନେଲେ—ଯେ ନିଃସନ୍ତାନ ସେ ଅନ୍ୟର ସନ୍ତାନକୁ ନିଜର ସନ୍ତାନ ଭାବରେ ଗ୍ରହଣ କଲେ—ଇଂରାଜୀରେ ତାକୁ adoption କୁହାଯାଏ । ୧୯୬୫ରେ ଓଡ଼ିଶା ସରକାରଙ୍କର ଏକ ସ୍ୱାଧୀନ ଓଡ଼ିଆ ସର୍ଟହାଣ୍ଡ ପ୍ରଣାଳୀ ପ୍ରୟୋଜନ ଥିଲା ଏବଂ ୧୯୬୮ ରେ 'Sabdarekha as modified' କୁ adopt କରିବାଦ୍ୱାରା ସରକାରଙ୍କର ସେ ପ୍ରୟୋଜନ ମେଣ୍ଟିଗଲା । ତେଣୁ ଆଉ ଅନ୍ୟ କୌଣସି ସର୍ଟହାଣ୍ଡ ପ୍ରଣାଳୀକୁ ସରକାର adopt କରିନାହାନ୍ତି, କରିବାର ପ୍ରୟୋଜନ ବା ଅବକାଶ ମଧ୍ୟ ନାହିଁ । ଫଳତଃ ୧୯୬୬ରୁ ଏ ପର୍ଯ୍ୟନ୍ତ କ୍ରମାଗତ ଭାବରେ ସରକାରୀ ସର୍ଟହାଣ୍ଡ ପ୍ରଣାଳୀରେ ଶିକ୍ଷାଦାନ ଚାଲିଛି ଏବଂ ଏହି ପ୍ରଣାଳୀରେ ଶିକ୍ଷାଲାଭ କରିଥିବା ବ୍ୟକ୍ତିମାନେ ହିଁ ପ୍ରଶିକ୍ଷଣ ଅନୁଷ୍ଠାନମାନଙ୍କରେ ଅଧ୍ୟାପକ ଓ ଅଧିକାଂଶ ସରକାରୀ ସଂସ୍ଥାରେ ରିପୋର୍ଟର ବା ଷ୍ଟେନୋଗ୍ରାଫର ଭାବରେ କାର୍ଯ୍ୟ କରୁଛନ୍ତି ।

ଏଣୁ ଶବ୍ଦବର୍ଣ୍ଣିତ ସର୍ଟହାଣ୍ଡ ପ୍ରଣାଳୀ ପିଟ୍‌ମାନ ସର୍ଟହାଣ୍ଡର ଅନ୍ଧ ଅନୁକରଣ ନ ହୋଇ ସ୍ୱତନ୍ତ୍ର ଅନୁଚିନ୍ତନ ହୋଇଥିବାରୁ ଇଂରାଜୀ ସର୍ଟହାଣ୍ଡ ଜାଣିଥିବା ବ୍ୟକ୍ତିମାନେ ମାତ୍ର ଚାରି ମାସରେ ଏହାକୁ ଆୟତ୍ତ କରିବାକୁ ସମର୍ଥ ହୋଇଥିବା ବାରମ୍ବାର କାର୍ଯ୍ୟ କ୍ଷେତ୍ରରେ ପ୍ରମାଣିତ ହୋଇଛି । ଏପରିକି ଯେଉଁମାନେ ଆଦୌ ଇଂରାଜୀ ସର୍ଟହାଣ୍ଡ ନ ଜାଣନ୍ତି ସେମାନେ ପିଟ୍‌ମାନ ସର୍ଟହାଣ୍ଡ ଶିଖିଲେ ଯେତିକି ସମୟ ଓ ଯେତିକି ପରିଶ୍ରମରେ ଯେତିକି ଅଗ୍ରଗତି କରିବା ସମ୍ଭବ ସେତିକି ଶ୍ରମ ଓ ସମୟରେ ଏ ପ୍ରଣାଳୀରେ ଅଧିକ ଅଗ୍ରଗତି କରିବା ମଧ୍ୟ ପରିଲକ୍ଷିତ ହୋଇଛି ।

ଦୀର୍ଘ ୩୨ ବର୍ଷ ଲେଖକ ଆସେମ୍ବ୍ଲି ରିପୋର୍ଟର ଭାବରେ ନିଜେ ଏ ପ୍ରଣାଳୀରେ ଲେଖିଛି ଏବଂ ୧୫ ବର୍ଷ ଏହି ପ୍ରଣାଳୀରେ ସରକାରୀ ସର୍ଟହାଣ୍ଡ ପ୍ରଶିକ୍ଷଣ ଅନୁଷ୍ଠାନରେ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷା ଦେଇଛି । ଅଧିକନ୍ତୁ ପ୍ରାୟ ୩ ବର୍ଷ ଚିଫ୍ ରିପୋର୍ଟର ଭାବରେ ନବନିଯୁକ୍ତ ଆସେମ୍ବ୍ଲି ରିପୋର୍ଟର ଓ କମିଟି ଷ୍ଟେନୋଗ୍ରାଫରମାନଙ୍କୁ କର୍ମକ୍ଷେତ୍ରରେ ଏହି ସର୍ଟହାଣ୍ଡ ପ୍ରଣାଳୀର ସଫଳ ପ୍ରୟୋଗ ସମ୍ବନ୍ଧରେ ତାଲିମ ଦେଇ ଆସିଛି ଏବଂ ଏସବୁ ସୂତ୍ରରୁ ଯାହା ଅଭିଜ୍ଞତା ଲବ୍ଧ ହୋଇଛି ସେ ସମସ୍ତ ଏ ପୁସ୍ତକର ଅଙ୍ଗୀଭୂତ ହୋଇଛି ।

ଶବ୍ଦର ନାମକରଣ ସମ୍ପର୍କରେ ଏତିକି କୁହାଯାଇପାରେ ଯେ Short hand ଶବ୍ଦର ଅର୍ଥ to write by sound ଯାହାର

ନିକଟତମ ଓଡ଼ିଆ ପ୍ରତିଶବ୍ଦ ଧ୍ୱନି ଲିଖନ ହେଲେ ହୋଇପାରେ କିନ୍ତୁ ଧ୍ୱନିଲିପି ବା ଶବ୍ଦରେଖା କଦାପି ନୁହେଁ । କିନ୍ତୁ ସରକାରୀ ରିଜୋଲ୍ୟୁସନରେ "Sabdarekha as modified.. .." ବୋଲି କୁହାଯାଇ- ଥିବାରୁ ତାକୁ ଟିକିଏ ଶ୍ରୁତିମଧୁର କରିବା ପାଇଁ 'ଅଭିନବ ଶବ୍ଦରେଖା' ସରକାରୀ ନାମ ସ୍ୱରୂପ ରଖାଯାଇଛି ଏବଂ ଡାକନାମ ଓଡ଼ିଆ ସର୍ଟହାଣ୍ଡ ଶିକ୍ଷକ ରହିଛି ।

ଏ ଗ୍ରନ୍ଥ ସଙ୍କଳନ କରିବା ଅବସରରେ ଲେଖକ ଅନୁଜ ପ୍ରଥମ ଶ୍ରୀମାନ ଅକ୍ଷୟ କୁମାର ମହାନ୍ତି ତଥା ଅନ୍ୟାନ୍ୟ ସତୀର୍ଥମାନଙ୍କର ଅକୁଣ୍ଠ ସାହାଯ୍ୟ ସହଯୋଗ ଲାଭ କରିଛି ଏବଂ ସେମାନଙ୍କ ଋଣ ପରିଶୋଧ କରିବାର କୌଣସି ସମ୍ଭାବନା ନ ଥିବାରୁ ସମଗ୍ର ଓଡ଼ିଆ ସର୍ଟହାଣ୍ଡ ଲେଖକଙ୍କ ପକ୍ଷରୁ ଲେଖକ ଓଡ଼ିଆ ସର୍ଟହାଣ୍ଡର ଆଦିଗୁରୁ ଶ୍ରୀଯୁକ୍ତ ବିମଳ ଚନ୍ଦ୍ର ଘୋଷଙ୍କୁ ଭକ୍ତି ବିନମ୍ର ପ୍ରଣତି ଜ୍ଞାପନ କରୁଛି ।

କିମଧିକଂ ବିସ୍ତରେଣ ।

୧୦୨, ବାପୁଜୀ ନଗର

୨୫-୧୨-୧୯୯୩

ଗୌରଚନ୍ଦ୍ର ପଟ୍ଟନାୟକ

—*—

- ସୂଚିପତ୍ର -

ପରିଚ୍ଛେଦ	ବିଷୟ	ପୃଷ୍ଠା
୧	ବ୍ୟଞ୍ଜନ ଲିପି	୧
୨	ସ୍ୱର ସଂକେତ	୭
୩	ବିରାମ ଚିହ୍ନ ଓ ଏକାକ୍ଷରୀ ବାକ୍ୟ	୧୬
୪	ର ଓ ହ	୧୮
୫	ତ-ଦ, ଥ-ଧ	୨୦
୬	ଦ୍ୱିସ୍ୱର	୨୫
	ସ୍ମରଣିକା	୨୯
୭	କ୍ଷୁଦ୍ରବୃତ୍ତ	୩୧
୮	କ୍ଷୁଦ୍ରବୃତ୍ତ ୨	୩୭
୯	ବୃହଦ୍ବର ବୃତ୍ତ	୪୦
୧୦	ସ୍ତ-ଫାଶ	୪୩
	ସ୍ମରଣିକା	୪୫
	ପ୍ରତ୍ୟାବର୍ତ୍ତୀ ଅନୁଶୀଳନୀ ୧	୪୬
୧୧	ଆଦ୍ୟ (ର) ଆଙ୍କୁଶ	୪୯
୧୨	ଆଦ୍ୟ (ର) ଅଙ୍କୁଶ ୨	୫୩
୧୩	ଆଦ୍ୟ (ଲ) ଆଙ୍କୁଶ-୩	୫୬
	ସ୍ମରଣିକା	୬୧
୧୪	ମଧ୍ୟ ଓ ଅନ୍ତ୍ୟ (ନ) ଆଙ୍କୁଶ	୬୪
୧୫	ମଧ୍ୟ ଓ ଅନ୍ତ (ତ-ଦ) ଆଙ୍କୁଶ -୨-ସ୍ମରଣିକା	୬୮-୬୯
୧୬	ମଧ୍ୟ ଓ ଅନ୍ତ୍ୟ (ବ-ଭ) ଆଙ୍କୁଶ-୩-ସ୍ମରଣିକା	୭୦-୭୨
୧୭	ଅଧିକନ୍ତୁ ଦ୍ୱିସ୍ୱର	୭୪
୧୮	ଅଧିକନ୍ତୁ ଦ୍ୱିସ୍ୱର-୨	୭୬
୧୯	ଆଦ୍ୟ ଅର୍ଦ୍ଧବୃତ୍ତ ଓ ବୃହଦ୍ବର ଆଙ୍କୁଶ	୭୯
୨୦	ଲ ଓ ଶ	୮୨
୨୧	ବିକଳ୍ପ ବୃତ୍ତ-ସ୍ମରଣିକା	୮୪-୮୬
	ପ୍ରତ୍ୟାବର୍ତ୍ତୀ ଅନୁଶୀଳନୀ-୨	୯୫
୨୨	ଅର୍ଦ୍ଧକରଣ	୯୯
	ସ୍ମରଣିକା-	୧୦୧, ୧୦୫, ୧୦୯
୨୩	ଅର୍ଦ୍ଧକରଣ-୨	୧୦୩
୨୪	ଅର୍ଦ୍ଧକରଣ-୩	୧୦୭
୨୫	ଦ୍ୱିକରଣ-ସ୍ମରଣିକା	୧୧୧-୧୧୪
୨୬	ଯୁକ୍ତବର୍ଣ୍ଣ-୧	୧୧୬
୨୭	ଯୁକ୍ତବର୍ଣ୍ଣ-୨ ସ୍ମରଣିକା	୧୨୧-୧୨୩
୨୮	ଆଦ୍ୟ ପଦାଂଶ ସ୍ମରଣିକା	୧୨୫-୧୨୯
୨୯	ଅନ୍ତ୍ୟ ପଦାଂଶ	୧୩୧
୩୦	ନମନୀୟ ପ୍ରୟୋଗ	୧୩୬
୩୧	ଯୌଗିକ ଶବ୍ଦ	୧୪୦
	ପ୍ରତ୍ୟାବର୍ତ୍ତୀ ଅନୁଶୀଳନୀ-୩	୧୪୨
୩୨	ସରଳ ସଂକ୍ଷିପ୍ତ	୧୪୬
	ସ୍ମରଣିକା	୧୫୨
୩୩	ମାପ ଓ ଓଜନ	୧୫୬
	ସ୍ମରଣିକା	୧୫୮
୩୪	ଅତ୍ୟାବଶ୍ୟକ ସ୍ୱର ସଙ୍କେତ	୧୬୦
୩୫	ଉଚ୍ଚାଙ୍ଗ ସଂକ୍ଷିପ୍ତ	୧୬୫
୩୬	ଅନ୍ତଚ୍ଛେଦନ	୧୮୬
୩୭	**ସରଳ ସ୍ମରଣିକା**	୧୯୧
	(ବିଶେଷ କଥନ) ବର୍ଣ୍ଣାନୁକ୍ରମିକ ତାଲିକା- ଚଳନ୍ତିକା, ନିପାତନସିଦ୍ଧ	୧୯୬
	ସରଳ ସଂକ୍ଷିପ୍ତ, ଉଚ୍ଚାଙ୍ଗ ସଂକ୍ଷିପ୍ତ	୨୦୧
	ସହଚର	ଛ
	Govt. Resolution. re ; counting of words.	

ଶୁଦ୍ଧିପତ୍ର

ପୃଷ୍ଠା	ପଂକ୍ତି	ଅଶୁଦ୍ଧ	ଶୁଦ୍ଧ
୧୪	୨	ଯୁକ୍ତଲିପି	ମୁକ୍ତଲିପି
୨୯	୯	ଅନୁବର୍ତ୍ତୀ	ଅନୁବର୍ତ୍ତୀ
୩୧	୭	ପୃ ୩୦	ପୃ ୩୨
୪୦	୨୩	ଟିକିଏ ବଡ଼	ଟିକିଏ ବଡ଼ କରି
୪୭	୨୧	ସ୍ପଷ୍ଟ	ଦୃଷ୍ଟ
୪୭	୨୭	ଧଣାସ୍ୱତ	ଅଣାସ୍ୱତ
୫୩	୧୪	ନ ବା ନର	ନ୍ ବା ନର
୫୫	୧୩	ନପାତନ ସିଦ୍ଧ	ନପାତନସିଦ୍ଧ-ଭାରତବର୍ଷ
୭୩	୨୫	(ଅସ୍ପଷ୍ଟ)	ଖାଲି ଖେଳବୁଲି
୮୭	୭	ଘ, ଲ, ହ	ଗ, ଲ, ହ
୧୦୪	୪	ଅଟ୍ଟୋମୁଖ	ଅଧୋମୁଖ
୧୦୮	୨	ନ, ନ୍ତ	ଣ୍ଟ, ନ୍ତ
୧୦୮	୫	କ୍ରିୟାଦର	କ୍ରିୟାପଦର
୧୧୩	୧୪	ଅନୁଶୀଳନୀ-୯୪	ଅନୁଶୀଳନୀ-୯୪(କ)
୧୧୭	୮	କାଠ	କାଠ୍
୧୧୭	୧୩	ଉନ୍ନତ ହୋଇଥିବାରୁ	ଉନ୍ନତ ନ ହୋଇଥିବାରୁ
୧୧୭	୨୭	ଅଂ-ଲିପି କ୍ଷ, କ	ଅଂ-ଲିପି କ
୧୨୮	୯		ଶୋଭନ ବାଚକ
୧୪୨	୫	କେଳେ	କେବଳ
୧୪୭	୧୮	କ, ପ, ବ, ଚ	କ) ପ, ବ, ଚ
୧୮୪	୧୦	(ଅସ୍ପଷ୍ଟ)	ନିଷ୍କ୍ରିୟତା ଓ ବିଶୃଙ୍ଖଳା

—*—

ଅଭିନବ ଶବ୍ଦରେଖା

(ଓଡ଼ିଆ ସର୍ଟହାଣ୍ଡ ଶିକ୍ଷକ)

ପ୍ରଥମ ପରିଚ୍ଛେଦ

ବ୍ୟଞ୍ଜନ ଲିପି

(Consonants)

" ମୁଖଗହ୍ୱର ବା ଗଳ-ନଳୀର ଅଂଶ ବିଶେଷରେ ଶ୍ୱାସବାୟୁର ଗତିରୁଦ୍ଧଜନିତ ବା ଘର୍ଷଣଜନିତ ଧ୍ୱନିକୁ ବ୍ୟଞ୍ଜନ ବର୍ଣ୍ଣ କୁହାଯାଏ ।"

(ପ୍ରଫେସର ସୁଇଟ)

ଧ୍ୱନିର ନିର୍ଦ୍ଦିଷ୍ଟ କୌଣସି ରୂପ ନାହିଁ । ଏହା ଅରୂପ । ଲେଖିବା ପଢିବାର ସୁବିଧା ଲାଗି ମନୁଷ୍ୟ ଧ୍ୱନିପାଇଁ ବିଭିନ୍ନ ନୟନଗ୍ରାହ୍ୟ ଆଧାର କଳ୍ପନା କରିଛି । ଧ୍ୱନିକୁ ରୂପ ଦେବା ପାଇଁ ଏହି ଯେଉଁ କଳ୍ପିତ ଆଧାର ବା ପ୍ରତୀକ ପ୍ରୟୋଜନ ହୁଏ, ତାକୁ ଅକ୍ଷର ବା ଲିପି କୁହାଯାଏ । ଏହି ଲିପିଗୁଡିକ ମଧ୍ୟରେ ଯେଉଁଗୁଡ଼ିକ ବିଶିଷ୍ଟ ସେଗୁଡ଼ିକ ହିଁ ବ୍ୟଞ୍ଜନ ଲିପି । କିନ୍ତୁ ଏହି ବିଶିଷ୍ଟ ଲିପିଗୁଡିକର ବିଶେଷତ୍ୱ ହେଉଛି, ଏଗୁଡ଼ିକ ସ୍ୱରବର୍ଣ୍ଣର ସାହାଯ୍ୟ ବିନା ଉଚ୍ଚାରିତ ହୋଇ-ପାରନ୍ତି ନାହିଁ । ତେଣୁ କ୍, ଗ୍, ପ୍ ଇତ୍ୟାଦି ହଲନ୍ତ ଯୁକ୍ତ ଲିପିହିଁ ଯଥାର୍ଥ ବ୍ୟଞ୍ଜନ ଲିପି. କ, ଗ, ପ ଇତ୍ୟାଦି ନୁହେଁ ।

ଧ୍ୱନିକୁ ରୂପାୟିତ କରିବା ଲାଗି ଯେଉଁ ଅଠେଇଶଟି ଧ୍ୱନି ଲିପି ପ୍ରୟୋଜନ ତାର ଏକ ତାଲିକା ପର ପୃଷ୍ଠାରେ ଦିଆଯାଇଛି ।



ଶ୍ରେଣୀ ବିଭାଗ	ଧ୍ୱନିଲିପି ସୂକ୍ଷ୍ମ	ଧ୍ୱନିଲିପି ସ୍ଥୂଳ	ଲିପିର ନାମ	ଶାବ୍ଦିକ ପ୍ରୟୋଗ
ଅନୁନାସିକ (୩) (Nasals)			ଙ (ଅଂ)	ଅଁଳା
			ନ (ଣ)	ନଥ, ମଣି
			ମ	ମଜା
ଓଷ୍ଠ୍ୟ (୪) (Libials)			ପ	ପରମ
			ବ	ବଦନ
			ଫ	ଫଲ୍ଗୁଣ
			ଭ	ଭରଣ
ଦନ୍ତ୍ୟ (୫) (Dentals)			ତ	ତଳକ
			ଦ	ଦରଦ
			ଥ	ଥଟା
			ଧ	ଧନ
			ଲ (ଳ)	ଲମ୍ବ, ଦୂଳି
ତାଲବ୍ୟ (୫) (Palatals)			ଚ	ଚଳ
			ଜ	ଜପ
			ଶ	ଶପ
			ଝ	ଝଟକ
			ଛ	ଛବି
କଣ୍ଠ୍ୟ (୪) (Lingual Radicals)			କ	କମଳ
			ଖ	ଖଟ
			ଗ	ଗପ
			ଘ	ଘର
ମୂର୍ଦ୍ଧନ୍ୟ (୫) (Cerebrals)			ଟ	ଟଗର
			ଡ	ଡଗର
			ଠ	ଠଣା
			ଢ	ଢଗ
			ର	ରସ
ଅନ୍ତସ୍ଥ (୨) (Intermediary)			ୟ	ଭୟ
			ଓ୍ୱ	ଓଭ
ଉଷ୍ମ (Sibilant)			ହ	ହରଷ

୩) ଏହି ତାଲିକାରେ ଯୋଡ଼ା ଯୋଡ଼ା ହୋଇ ରହିଥିବା ନିମ୍ନଲିଖିତ ତାଲିକାର ଲିପି ମଧ୍ୟରୁ ପ୍ରତ୍ୟେକ ଯୋଡ଼ାରେ ଥିବା ଲିପିଦ୍ୱୟରୁ ପ୍ରଥମଟିର ଉଚ୍ଚାରଣ ହ୍ରସ୍ୱ ଓ ଦ୍ୱିତୀୟଟିର ଦୀର୍ଘ, ଏହା ହିଁ ସଂପୃକ୍ତ ଲିପିର ସୂକ୍ଷ୍ମତା ବା ସ୍ଥୂଳତାର ତାତ୍ପର୍ଯ୍ୟ ।



୪) ନିମ୍ନଲିଖିତ ପାଞ୍ଚଟି ଯୋଡ଼ାରେ ଥିବା ବର୍ଣ୍ଣଗୁଡ଼ିକ ମଧ୍ୟରୁ ପ୍ରତି ଯୋଡ଼ାର ପ୍ରଥମ ବର୍ଣ୍ଣ ସ୍ୱଳ୍ପପ୍ରାଣ ଓ ଅନ୍ୟଟି ମହାପ୍ରାଣ । ଉଭୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବା ନିମିତ୍ତ ପ୍ରତ୍ୟେକ ଯୋଡ଼ାର ପ୍ରଥମଟି ପୂର୍ଣ୍ଣ ଲିପି ଓ ଦ୍ୱିତୀୟଟି ଅର୍ଦ୍ଧ ଲିପି ହୋଇଛି ।



୫) ହ, ୟ, ଓ୍ୱ ବ୍ୟତୀତ ଅନ୍ୟାନ୍ୟ ସମସ୍ତ ବ୍ୟଞ୍ଜନ ଲିପିର ଆକୃତି ଜ୍ୟାମିତିକ ସରଳରେଖା ଓ ବୃତ୍ତାଂଶର ଅନୁରୂପ, ଏହା ହିଁ ତଳ ଚିତ୍ରରେ ଦର୍ଶାଯାଇଛି ।



୬) ଚ, ଊର୍ଦ୍ଧ୍ୱମୁଖ-ର-ଏ ଲିପି ଦୁଇଟି ଦୃଶ୍ୟତଃ ଏକ ଭଳି ବୋଧ ହେଲେ ମଧ୍ୟ ଚ ଲିପି ଅଧୋମୁଖୀ ଓ ର ଲିପି ଊର୍ଦ୍ଧ୍ୱମୁଖୀ । ଚ-ଲିପି ଲମ୍ବ ସହିତ ୩୦° ଡିଗ୍ରି କୋଣ କରେ କିନ୍ତୁ ର-ଲିପି ଭୂମି ସହିତ ୩୦° ଡିଗ୍ରି କୋଣ କରେ [ଚିତ୍ର—୧] ।

୭) **ତ-ଦ, ଥ-ଧ**-ଗୋଟିଏ ଚନ୍ଦ୍ରବନ୍ଧନୀର ବାମାର୍ଦ୍ଧ ତ-ଦ ଏବଂ ଦକ୍ଷିଣାର୍ଦ୍ଧ ଥ-ଧ ବୋଲି ମନନ କଲେ ଏ ଲିପିଗୁଡ଼ିକ ସହଜରେ ମନେ ରହିବ [ଚିତ୍ର-୪] । ସେହିପରି ଗୋଟିଏ ଖିଲଣର ବାମାର୍ଦ୍ଧ ଲ ଓ ଦକ୍ଷିଣାର୍ଦ୍ଧ ନିମ୍ନମୁଖୀ ର ବୋଲି ଧରି ନେଲେ ଏ ଦୁଇଟି ମନେ ରଖିବା ସହଜ ହେବ [ଚିତ୍ର-୩] ।

୮) ସାଧାରଣତଃ ଲ ଓ ସ- ଲିପି ଯଥାକ୍ରମେ ଊର୍ଦ୍ଧ୍ୱମୁଖ ଓ ଅଧୋମୁଖ ହୁଏ । ତ-ଦ, ଥ-ଧ ଯଥାକ୍ରମେ ବାମ ଓ ଦକ୍ଷିଣ ପାର୍ଶ୍ୱରେ ଲେଖାଯାଏ । କିନ୍ତୁ ସ୍ଥଳବିଶେଷରେ ଏଥିରେ ବ୍ୟତିକ୍ରମ ଘଟେ । କେଉଁ କେଉଁ ସ୍ଥଳେ କିଭଳି ବ୍ୟତିକ୍ରମ ଘଟେ ତାହା ଯଥାସ୍ଥାନରେ ଆଲୋଚିତ ହେବ ।

୯) **ଲିପିର ଆକାର**—କ, ଚ, ଟ, ତ, ପ ପ୍ରଭୃତି ପୂର୍ଣ୍ଣଲିପିର ଆକାର ୧/୪ ଇଞ୍ଚ ଓ ଖ, ଛ, ଠ ପ୍ରଭୃତି ଅର୍ଦ୍ଧଲିପିର ଆକାର ୧/୮ ଇଞ୍ଚ ହେବା ବାଞ୍ଛନୀୟ । କିନ୍ତୁ କାର୍ଯ୍ୟକ୍ଷେତ୍ରରେ ଦେଖାଯାଏ ଅନେକେ ଲିପିଗୁଡ଼ିକୁ ଟିକିଏ ବଡ଼ କରି ଲେଖନ୍ତି । ଯେଉଁମାନେ ଏପରି ଲେଖନ୍ତି ସେମାନେ ମୂଳରୁ ତୀକ୍ଷ୍ଣ ଦୃଷ୍ଟି ଦେବା ଆବଶ୍ୟକ ଯେପରି ସବୁ ଲିପିର ଆକାର ସମାନ (**uniform**) ହୁଏ ।

୧୦) **ଲିପିର ନାମ ଆବୃତ୍ତି**—ଲିପିର ନାମ ଓ ଆକାର ସହିତ ନିର୍ଭୁଲ ପରିଚୟ ସ୍ଥାପିତ ହେବା ପର୍ଯ୍ୟନ୍ତ ଶିକ୍ଷାର୍ଥୀ ନିମ୍ନଲିଖିତ ଲିପିଗୁଡ଼ିକୁ ବାରମ୍ବାର ନକଲ କରିବେ ଓ ନକଲ କଲାବେଳେ ସଂପୃକ୍ତ ଲିପି ସହିତ ଅ-ସ୍ୱର ଯୋଗ କରି ଲିପିର ନାମୋଚ୍ଚାରଣ କରିବେ । ଲିପିର ଆକାର ଯେପରି ସମାନ ରହେ ସେଥିପ୍ରତି ଦୃଷ୍ଟି ଦେବା ସଙ୍ଗେ ସଙ୍ଗେ ସୂକ୍ଷ୍ମ ଲିପିଗୁଡ଼ିକୁ ସୂକ୍ଷ୍ମ ଓ ସ୍ଥୂଳ ଲିପିଗୁଡ଼ିକୁ ସ୍ଥୂଳ କରି ଲେଖିବେ । ଲେଖିବା ପୂର୍ବରୁ ପେନସିଲର ମୁନକୁ ଟିକିଏ ମୁନିଆଁ କରି ଲେଖିବେ । ପ୍ରତ୍ୟେକ ଲିପି ଲେଖିବା ବେଳେ ଲେଖନୀର ଗତି ତୀର ଚିହ୍ନଦ୍ୱାରା ଯେପରି ଚିହ୍ନିତ କରାଯାଇଛି ତଦନୁଯାୟୀ ଲେଖିଯିବେ ।

ପଢ଼ ଓ ଲେଖ ।

ଅନୁଶୀଳନୀ-୧



ଅନୁଶୀଳନୀ । ,2, 3ରେ ଥିବା ଲିପିଗୁଡ଼ିକର ନାମ ଉଚ୍ଚାରଣ କରିବେ
ଅ- ସ୍ୱରଯୁକ୍ତ କରି ଉଚ୍ଚାରଣ କରାଯିବ ।

ଅନୁଶୀଳନୀ-୨



୧୧) ପରବର୍ତ୍ତୀ ଅନୁଶୀଳନୀଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ 'ଲେଖ ଓ ପଢ଼' ବୋଲି କୁହାଯାଇଛି ଶିକ୍ଷାର୍ଥୀ ସେଭଳି ପ୍ରତ୍ୟେକ ଅନୁଶୀଳନୀର ପ୍ରତ୍ୟେକ ଶବ୍ଦକୁ ଉଚ୍ଚାରଣ କରି ପଢ଼ିବା ସଙ୍ଗେ ସଙ୍ଗେ ସର୍ଟହାଣ୍ଡ ଖାତାରେ ତାକୁ ନକଲ କରିବେ ଏବଂ ଯାହା ନକଲ କରିବେ ତାକୁ ପଢ଼ିବେ ଓ ସେଥିରେ ଭୁଲ ଥିଲେ ସଂଶୋଧନ କରିନେବେ । ଯେଉଁ ଅନୁଶୀଳନୀ 'ପଢ଼ ଓ ଲେଖ' ବୋଲି କୁହାଯାଇଛି, ଶିକ୍ଷାର୍ଥୀ ସେ ଅନୁଶୀଳନୀଟି ପଢ଼ିବେ । ତା ପରେ ତାକୁ ନିଜ ଖାତାରେ ଅବିକଳ ନକଲ କରି ନିଜ ନକଲକୁ ନିଜେ ପଢ଼ିବେ ।

ନକଲ ନକଲ କଲେ ପଢ଼ିବା ବେଳେ ଯେଉଁ ଶବ୍ଦ ଭୁଲ ଲେଖା ଯାଇଥିବାରୁ ପଢ଼ି ନ ହେବ ବା ପଢ଼ି ହେଲେ ମଧ୍ୟ ଭୁଲ ଲେଖାଯାଇଛି ବୋଲି ଜଣା ପଡ଼ିବ, ସେଭଳି ଶବ୍ଦ ଶୁଦ୍ଧପଟେ ମୁଣ୍ଡୁଳା ବୁଲେଇ ତାକୁ ଚିହ୍ନିତ କରି ରଖିବେ ଓ ଶେଷରେ ସେ ସବୁ ରୂପକକୁ ଅନ୍ତତଃ ଦଶଥର ନିର୍ଭୁଲ ଭାବରେ ଲେଖିବେ ଓ ଲେଖିବା ବେଳେ ଉଚ୍ଚାରଣ କରିବେ ।

(୨) ଏକାଧିକ ଲିପି ଏକାଠି ଲେଖିବା ବେଳେ କଲମ ନ ଉଠାଇ ଏକା ଥରକେ ସବୁଗୁଡ଼ିକ ଲିପି ଲେଖିବାକୁ ହେବ ।

(୩) ପ, ବ, ତ ପ୍ରଭୃତି ନିମ୍ନମୁଖୀ ଲିପି ସଂଲଗ୍ନ ଊର୍ଦ୍ଧ୍ୱମୁଖୀ 'ହ' ଲେଖିବା ବେଳେ ହ-ଲିପିର ମୁଣ୍ଡୁଳାଟି ଡାହାଣରୁ ବାମକୁ ଲେଖା ନ ଯାଇ ବାମରୁ ଡାହାଣକୁ ଲେଖାଯିବ ।

ଅନୁଶୀଳନୀ — ୩

ପଢ଼ ଓ ଲେଖ :



(3)

ଅନୁଶୀଳନୀ — ୪

ଲେଖ ଓ ପଢ଼ :

ଲବ	ତଟ	ତମ	ମକ	କପ	ଟକ	ବଘ	ଖଟ	ମଠ
ଜପ	କଫ	ଝଡ଼	ଯଶ	ମଘ	ଧମ	ଭଜ	ଡଗ	ପଛ
ଛବ	ସ୍ୱଟ	ଦସ୍ୱ	ଣମ	ଝମ	ଡନ	ଧବ	ପରଖ	ଗବର
କଦମ	ପରବ	ତରଲ	ଗହନ	ସଡ଼କ	ଝରକ	ଭରସ	ଲୋକ	
ସରଲ	ଦରଦ	ପଲବ	ପଲମ	ମଦନ	ଓ୍ୱଗନ	ହଦମ	ହଟକ	କମଜ
ଝଠକ	ସ୍ୱତଲ	ନଅଙ୍କ	ଘଟମ	ଭରମ	ପରବ	ସ୍ୱକତ	କମଡ	ଡ଼ବଲ
କରଜ	ରଜକ	ଫଲକ	ରକମ	ଭରଣ	ଙଚ	ସନକ	କରଫ	ସଡଗ
ଚଙ୍କ	ଟବବ	ଡ଼ବଲ	କସମ	ଚକନ	ବକ	ଡଗ	ମଠ	ପଛ

ଦ୍ୱିତୀୟ ପରିଚ୍ଛେଦ

ସ୍ୱରସଙ୍କେତ

(Vowels)

"ଯଦି ମୁଖଗହ୍ୱରକୁ ନାମକୁ ମାତ୍ର ମେଲ କରାଯାଏ ଯେପରି ମୁଖ ଗହ୍ୱରର ଘର୍ଷଣଜନିତ କୌଣସି ଧ୍ୱନିତରଙ୍ଗ ଉତ୍ପନ୍ନ ନ ହେବ ଏବଂ ସ୍ୱରଯନ୍ତ୍ର ସାହାଯ୍ୟରେ ଶ୍ୱାସବାୟୁ ଉନ୍ମୁକ୍ତକୁ ପ୍ରେରଣ କରାଯାଏ ତେବେ ଯେଉଁ ଧ୍ୱନି ଉତ୍ପନ୍ନ ହେବ ତାହାହିଁ ସ୍ୱରଧ୍ୱନି । (ପ୍ରଫେସର ସୁଇଟ୍) ପ୍ରକାରାନ୍ତରେ କୁହାଯାଇପାରେ ଯେ ଅନ୍ୟ କୌଣସି ଧ୍ୱନିର ସାହାଯ୍ୟ ବିନା ଯାହା ସ୍ୱତଃ ଉଚ୍ଚାରିତ ହୁଏ ତାକୁ ହିଁ ସ୍ୱରଧ୍ୱନି ବା ସ୍ୱରବର୍ଣ୍ଣ କୁହାଯାଏ ।"

(୪) ଓଡ଼ିଆ ବର୍ଣ୍ଣମାଳାରେ ଏଗାରଟି ସ୍ୱରବର୍ଣ୍ଣର ଉଲ୍ଲେଖ ଥିଲେ ମଧ୍ୟ ହ୍ରସ୍ୱ ଇ, ଉ, ଓ ଦୀର୍ଘ ଈ, ଊ, ପ୍ରାୟ ସମୋଚ୍ଚାରିତ ; ଋ, ବ୍ୟଞ୍ଜନାତ୍ମକ ଐ, ଔ ଦ୍ୱିସ୍ୱର-ବ୍ୟଞ୍ଜକ । ତେଣୁ ଏଗୁଡ଼ିକ ଯଥାର୍ଥ ସ୍ୱରବର୍ଣ୍ଣ ନୁହେଁ । ଅତଏବ ଆ, ଏ, ଇ ଏହି ତିନୋଟି କଣ୍ଠ୍ୟସ୍ୱର ଏବଂ ଅ, ଓ, ଉ ତିନୋଟି ଓଷ୍ଠ୍ୟ ସ୍ୱର ହିଁ ପ୍ରକୃତ ସ୍ୱରଧ୍ୱନି ।

(୫) **ସ୍ୱର ସଂକେତ**—(କ) କଣ୍ଠ୍ୟସ୍ୱର ଆ, ଏ, ଇ ଏକ ସୂକ୍ଷ୍ମ ବିନ୍ଦୁ ଦ୍ୱାରା ପ୍ରତିପାଦିତ ହେବ । ଏହାକୁ ଡଟ୍ ସ୍ୱର ବା ଡଟ୍ କୁହାଯିବ ।

(୫) ଓଷ୍ଠ୍ୟ ସ୍ୱର ଅ, ଓ, ଉ ଜ୍ୱଳନ୍ତ ଚକ୍ର ଭଳି ଏକ ଅତି କ୍ଷୁଦ୍ର ସୂକ୍ଷ୍ମ ରେଖା — ଦ୍ୱାରା ପ୍ରତିପାଦିତ ହେବ । ଏହାକୁ ଡ଼ାସ୍ ସ୍ୱର ବା ଡ଼ାଃ ବୁଝାଯିବ ।

(୬) ସ୍ୱର ସଂକେତ ପ୍ରୟୋଗ ବିଧି— ପ୍ରତ୍ୟେକ ଲିପିର ଦୁଇଟି ପାର୍ଶ୍ୱ ଅଛି ବାମ ଓ ଦକ୍ଷିଣ ଏବଂ ପ୍ରତ୍ୟେକ ପାର୍ଶ୍ୱରେ ତିନିଗୋଟି ସ୍ଥାନ ଅଛି । ଆଦ୍ୟ, ମଧ୍ୟ, ଅନ୍ତ୍ୟ । ଏହି ତିନିଗୋଟି ସ୍ଥାନକୁ ଯଥାକ୍ରମେ ପ୍ରଥମ ସ୍ଥାନ, ଦ୍ୱିତୀୟ ସ୍ଥାନ ଓ ତୃତୀୟ ସ୍ଥାନ ବୋଲି ବୁଝାଯିବ । ଅର୍ଥାତ୍ ପ୍ରତ୍ୟେକ ଲିପିର ଦୁଇପଟେ ଦୁଇଟି ଲେଖାଏଁ ପ୍ରଥମ ସ୍ଥାନ, ଦ୍ୱିତୀୟ ସ୍ଥାନ ଓ ତୃତୀୟ ସ୍ଥାନ ଅଛି, ଯେଉଁଠି ସ୍ୱରସଙ୍କେତ (ଡ଼ଃ ବା ଡ଼ାଃ) ଦିଆଯାଇ ପାରିବ । ଧ୍ୱନିଲିପି ଯେଉଁ ବିନ୍ଦୁରୁ ପ୍ରଥମେ ଲେଖାଯାଏ ତତ୍‌ସନ୍ନିକଟବର୍ତ୍ତୀ ସ୍ଥାନକୁ ପ୍ରଥମ ସ୍ଥାନ ବୋଲି ଧରାଯିବ ଏବଂ ସେଠାରୁ ଆରମ୍ଭ କରି ଲିପିର ଗତି ଅନୁଯାୟୀ ତଳଆଡ଼କୁ, ଉପର ଆଡ଼କୁ ବା ବାମରୁ ଦକ୍ଷିଣକୁ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗଣନା କରାଯିବ । ପ, ଟ, ତ ପ୍ରଭୃତି ନିମ୍ନମୁଖୀ ଲିପିର ଉପର ଆଡ଼ୁ ତଳଆଡ଼କୁ, ର, ଲ୍, ହ, ସ୍ୱ ପ୍ରଭୃତି ଊର୍ଦ୍ଧ୍ୱମୁଖୀ ଲିପିର ତଳଆଡ଼ୁ ଉପର ଆଡ଼କୁ ଏବଂ କ, ଖ, ନ, ମ ପ୍ରଭୃତି ଆନୁଭୂମିକ ଲିପିର ବାମରୁ ଦକ୍ଷିଣକୁ ସ୍ୱରସଙ୍କେତର ସ୍ଥାନ ଗଣନା କରାଯିବ ।

(୭) ସ୍ୱରସଙ୍କେତର ମୂଲ୍ୟାୟନ— ଅ, ଓ, ଉ ଗୋଟିଏ ଡାସ୍ ଦ୍ୱାରା ଏବଂ ଆ, ଏ, ଇ ଗୋଟିଏ ଡଟ୍ ଦ୍ୱାରା ପ୍ରତିପାଦିତ ହେବ ବୋଲି ପୂର୍ବରୁ ବୁଝାଯାଇଛି । ଅତଏବ କୌଣସି ଲିପିର—

(କ) ପ୍ରଥମ ସ୍ଥାନରେ ଡ଼ାସ ଦେଲେ ଉକ୍ତ ଲିପି ଅ-ଯୁକ୍ତ ବୋଲି ବୁଝାଯିବ ଏବଂ ସେ ସ୍ଥାନରେ ଡଟ୍ ଦେଲେ ଲିପିଟି ଆ-ଯୁକ୍ତ ବୋଲି ବୁଝାଯିବ ।



(ଖ) ଦ୍ୱିତୀୟ ସ୍ଥାନରେ ଡ଼ାସ୍ ଦେଲେ ଲିପିଟି ଓ-ଯୁକ୍ତ ବୋଲି ବୁଝାଯିବ । କିନ୍ତୁ ସେ ସ୍ଥାନରେ ଡଟ୍ ଦେଲେ ଲିପିଟି ଏ ଯୁକ୍ତ ବୋଲି ବୁଝାଯିବ ।



(ଗ) ତୃତୀୟ ସ୍ଥାନରେ ଡାସ୍ ଦେଲେ ଲିପିଟି ଉ-ଯୁକ୍ତ ବୋଲି ଜଣାଯିବ ଏବଂ ସେ ସ୍ଥାନରେ ଡଟ୍ ଦେଲେ ଇ-ଯୁକ୍ତ ବୋଲି ବୁଝାଯିବ ।



ଏଣିକି ପ୍ରଥମ ସ୍ୱର ବୋଇଲେ ଅ, ଆ, ଦ୍ୱିତୀୟ ସ୍ୱର ବୋଇଲେ ଏ, ଓ ଏବଂ ତୃତୀୟ ସ୍ୱର ବୋଇଲେ ଇ, ଉ ବୁଝାଯିବ ।

(୮) ଅଗ୍ରଗାମୀ ଓ ଅନୁଗାମୀ ସ୍ୱରସଙ୍କେତ -

(କ) ଊର୍ଦ୍ଧ୍ୱମୁଖୀ ବା ଅଧୋମୁଖୀ ଲିପିର ବାମ ପାର୍ଶ୍ୱରେ ସ୍ୱରସଙ୍କେତ ଦେଲେ ପ୍ରଥମେ ସ୍ୱରବର୍ଣ୍ଣ ଓ ତା ପରେ ଲିପି ଉଚ୍ଚାରିତ ହେବ ଏବଂ ଦକ୍ଷିଣ ପାର୍ଶ୍ୱରେ ସ୍ୱରସଙ୍କେତ ଦେଲେ ପ୍ରଥମେ ଲିପି ତା ପରେ ସ୍ୱରବର୍ଣ୍ଣ ଉଚ୍ଚାରିତ ହେବ ।



(ଖ) ଆନୁଭୂମିକ (କ, ଖ, ଗ, ଘ, ମ, ନ) ଲିପିର ଊର୍ଦ୍ଧ୍ୱଦେଶରେ ସ୍ୱରସଙ୍କେତ ଦେଲେ ପ୍ରଥମେ ସ୍ୱରବର୍ଣ୍ଣ, ତା ପରେ ଲିପି ଉଚ୍ଚାରିତ ହେବ ଏବଂ ଅଧୋଦେଶରେ ସ୍ୱରସଙ୍କେତ ଦେଲେ ପ୍ରଥମେ ଲିପି ଓ ତା' ପରେ ସ୍ୱରବର୍ଣ୍ଣ ଉଚ୍ଚାରିତ ହେବ ।

(୯) ଲିପିର ଅବସ୍ଥିତି— ପ୍ରତ୍ୟେକ ଲିପିର ଉଭୟ ପାର୍ଶ୍ୱରେ ସ୍ୱରସଙ୍କେତ ଲାଗି ତିନିଟି ଲେଖାଏଁ ସ୍ଥାନ ଅଛି ବୋଲି ପୂର୍ବରୁ ବୁଝାଯାଇଛି । ସାଧାରଣତଃ ଗାର ପଡ଼ିଥିବା ଖାତାରେ ସର୍ଟହାଣ୍ଡ ଲେଖାଯାଏ । ତେଣୁ

ଧ୍ୱନଲିପିଗୁଡ଼ିକୁ ସର୍ବଦାଣ୍ଡ ଖାତାରେ ଲେଖିବା । ଏହି ତିନୋଟି ସୁବିଧାଜନକ ସ୍ଥାନ ମିଳେ । ଯଥା—

(କ) ଗାରକୁ ନ ଛୁଇଁ ଟିକଏ ଗାର ଉପରକୁ
(୧ମ ସ୍ଥାନ)



(ଖ) ଗାରକୁ ଛୁଇଁ ଠିକ୍ ଗାର ଉପରେ
(୨ୟ ସ୍ଥାନ)



(ଗ) ଗାରକୁ ଭେଦ କରି ଅର୍ଥାତ୍ ଲିପିଟି ଠିକ୍ ମଝିରୁ ଗାରଦ୍ୱାରା ସମଦ୍ୱିଖଣ୍ଡିତ
(୩ୟ ସ୍ଥାନ)



ବ୍ୟଞ୍ଜନଲିପି ଲେଖାଯିବାର ଏହି ତିନୋଟି ସ୍ଥାନକୁ ଯଥାକ୍ରମ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ବୋଲି ଏଣିକି କୁହାଯିବ ।

୧୦) ଅତଏବ ଲିପି ପୂର୍ବରୁ ବା ପରେ---

(କ) ପ୍ରଥମ ସ୍ୱର (ଅ, ଆ) ଥିଲେ ଲିପି ପୂର୍ବରୁ ବା ପରେ ପ୍ରଥମ ସ୍ଥାନରେ ଡଟ୍ ବା ଡ୍ୟାସ୍ ଦେବା ସଙ୍ଗେ ସଙ୍ଗେ ଉକ୍ତ ଲିପିକୁ ପ୍ରଥମ ସ୍ଥାନରେ ଅର୍ଥାତ୍ ଗାରକୁ ନ ଛୁଇଁ ଟିକଏ ଗାର ଉପରକୁ ଲେଖିବାକୁ ହେବ ।



(ଖ) ଦ୍ୱିତୀୟ ସ୍ୱର (ଏ, ଓ) ଥିଲେ, ଲିପି ପୂର୍ବରୁ ବା ପରେ ଦ୍ୱିତୀୟ ସ୍ଥାନରେ ଡଟ୍ ବା ଡ୍ୟାସ୍ ଦେବା ସଙ୍ଗେ ସଙ୍ଗେ ଉକ୍ତ ଲିପିକୁ ଦ୍ୱିତୀୟ ସ୍ଥାନରେ ଅର୍ଥାତ୍ ଗାରକୁ ଛୁଇଁ ଠିକ୍ ଗାର ଉପରେ ଲେଖିବାକୁ ହେବ ।



(ଗ) ତୃତୀୟ ସ୍ୱର (ଇ, ଉ) ଥିଲେ, ଲିପି ପୂର୍ବରୁ ବା ପରେ ତୃତୀୟ ସ୍ଥାନରେ ଡଟ୍ ବା ଡ୍ୟାସ୍ ଦେବା ସଙ୍ଗେ ସଙ୍ଗେ ଉକ୍ତ ଲିପିକୁ ତୃତୀୟ ସ୍ଥାନରେ ଅର୍ଥାତ୍ ଗାରକୁ ଭେଦ

୧୧) ଦୁଇଟି ଲିପି ମଝିରେ ତୃତୀୟ ସ୍ୱର ଇ-ଉ ଥିଲେ, ଡଟ୍ ବା ଡ୍ୟାସ ପ୍ରଥମ ଲିପି ପରେ ତୃତୀୟ ସ୍ଥାନରେ ଦିଆ ନ ଯାଇ ଦ୍ୱିତୀୟ ଲିପି ପୂର୍ବରୁ ତୃତୀୟ

ସ୍ଥାନରେ ଦିଆଯିବ । ମନେକରି ବୁଲୁ ଲେଖିବାକୁ ହେବ । ତାହାହେଲେ ବ-ଲିପି ସଙ୍ଗେ ଲ ଲିପି ତ ଲଗିକରି ଲେଖାଯିବ କିନ୍ତୁ ବ-ଲିପିର ତୃତୀୟ ସ୍ଥାନରେ ଯେଉଁଠ ଉ-ସ୍ୱର ପାଇଁ ସ୍ୱରସଙ୍କେତ ଦେବା କଥା ସେଠାରେ ସ୍ୱର ସଙ୍କେତ ଦେବା ପାଇଁ ସ୍ଥାନ ନ ଥିବାରୁ ଉ-ସ୍ୱର ପାଇଁ ଉଦ୍ଦିଷ୍ଟ ଡ୍ୟାସ୍ ଲ-ଲିପି ପୂର୍ବରୁ ତୃତୀୟ ସ୍ଥାନରେ ଦିଆଯିବ ।



୧୨) କ, ଗ, ମ ପ୍ରଭୃତି ଆନୁଭୂମିକ ଲିପି ଗାରକୁ ଭେଦ କରିବା ସମ୍ଭବ ନୁହେଁ । ତେଣୁ କେବଳ ଆନୁଭୂମିକ ଲିପି ଦ୍ୱାରା ଗଠିତ ଶବ୍ଦରେ ପ୍ରଥମ ଲିପି ପରେ ତୃତୀୟ ସ୍ୱର (ଇ, ଉ) ଥିଲେ ଉକ୍ତ ଲିପି ଦ୍ୱିତୀୟ ସ୍ଥାନରେ ଅର୍ଥାତ୍ ଠିକ୍ ଗାର ଉପରେ ହିଁ ଲେଖାଯିବ ଓ ଯଥାବିଧି ତୃତୀୟ ସ୍ଥାନରେ ସ୍ୱର ସଙ୍କେତ ଦିଆଯିବ ।



୧୩) ଶବ୍ଦର ଆଦ୍ୟରେ ଥିବା ଠ, ଛ ପ୍ରଭୃତି ଅର୍ଦ୍ଧଲିପି ପରେ ତୃତୀୟ ସ୍ୱର (ଇ, ଉ) ଥିଲେ ଉକ୍ତ ଅର୍ଦ୍ଧଲିପି ଦ୍ୱିତୀୟ ସ୍ଥାନରେ ଅର୍ଥାତ୍ ଗାର ଉପରେ ଲେଖାଯିବ ଓ ଯଥାବିଧି ସ୍ୱରସଙ୍କେତ ଦିଆଯିବ ।



୧୪) ଉପରୋକ୍ତ ଦୁଇଟି ବ୍ୟତିକ୍ରମ ସ୍ଥଳ ବ୍ୟତୀତ ଆଉ ସବୁସ୍ଥଳେ ଶବ୍ଦର ପ୍ରଥମ ଊର୍ଦ୍ଧ୍ୱମୁଖୀ ବା ଅଧୋମୁଖୀ ଲିପି (ପ, ତ, ଟ, ର, ହ, ଲ ଇତ୍ୟାଦି) ରୂପକର ସ୍ଥିତି-ନିର୍ଣ୍ଣାୟକ ହେବ ।



୧୫) ଶବ୍ଦ ଆଦ୍ୟରେ ଅ/ଆ ଥିଲେ ସ୍ୱରସଙ୍କେତ ପରିବର୍ତ୍ତେ ସୂକ୍ଷ୍ମ ଡ୍ୟାସ୍ ଟିଏ ଲିପିର ଆଦ୍ୟରେ ଲଗି କରି ଲେଖାଯିବ । ଏହାକୁ ଟିକ-ଅ କୁହାଯିବ । ପରବର୍ତ୍ତୀ ଲିପିର ସ୍ଥିତି ଓ ଆକାର ଅନୁଯାୟୀ ଯେ କୌଣସି

ଦଗରୁ ଏହା ଲେଖାଯାଇ ପାରିବ ଏବଂ ପଢ଼ିଲାବେଳେ ଏହା ଅ/ଆ ପଢ଼ାଯିବ । ସାଧାରଣତଃ ଶ-ଲିପି ଓ ନମ୍ ମୂର୍ତ୍ତୀ—ର ପୂର୍ବରୁ ଏହା ଲେଖାଯିବ ନାହିଁ ।



୨୬) ପୂର୍ବରୁ କୁହାଯାଇଛି ଯେ ଶବ୍ଦ ଆଦ୍ୟରେ ଏ, ଇ ବା ଉ ଥିଲେ ପ୍ରଥମ ବ୍ୟଞ୍ଜନ ଲିପି ପୂର୍ବରୁ ଆବଶ୍ୟକ ସ୍ୱରସଙ୍କେତ ଯଥାସ୍ଥାନରେ ଦେବାକୁ ହେବ । କିନ୍ତୁ ସ୍ୱଳ୍ପ କେତେକ କ୍ଷେତ୍ରରେ ରୂପକକୁ ଦ୍ୱନ୍ଦ୍ୱମୁକ୍ତ କରିବା ନିମିତ୍ତ ଆଦ୍ୟ ଏ/ଇ ପରିବର୍ତ୍ତେ ସ୍ୱ-ଲିପି ଓ ଉ ବଦଳେ ଓ୍ୱ—ଲିପି ଲେଖାଯିବ ।



ଅନୁଶୀଳନୀ - 5

ପଢ଼ ଓ ଲେଖ:- (କୌଣସି ସ୍ୱରସଂକେତ ନ ଥିବା ସ୍ଥଳେ ଅ-ସ୍ୱରଯୁକ୍ତ ବୋଲି ବୁଝାଯିବ .)



ଅନୁଶୀଳନୀ-୬

ଲେଖ ଓ ପଢ଼ :

୧ । ମଲ, ଅମଲ, ଅମୂଲ, ଆମଦାନି, ଅପା, ଆପେ, ଅଲଗା, ଲଭ, ଅଲଭ ।

୨ । ଉବୁଲ, ଅମଙ୍ଗ, ଆଲଟ, ଛାପ, ଚମାଙ୍ଗୁ, ଭଣଜା, ନେବା, ଆଣିବା, ବାଟୁଲି ।

୩ । ବେଗ, ଆବେଗ, ନିର୍ମିତି, ଅନାମିକା, କାମରୂପ, ପାଣି, ଗୋଲାପ, କୋଲପ, ମାଛ ।

୪ । ପିଠି, ପିଠା, ପଢ଼, ପଢ଼ିଲ, ବାପା, ଆଟିକା, ଟିପ, ବାଘ, ଅବଜ, କୋଠା ।

୫ । ଆସ, ସେ, ଉନ୍ନତ, ଉଣା, ମୁଁ, ନା, ଏତେ, ଉଭୟ, ଏକାକୀ, ଇସ୍ତଫା ।

୬ । ଲଂଜା, ଲଂକା, ରଂଜା, ଗଂଜା, ଟିଂକ, ମଂଚା, ମଂଜର, ସଂଚ, କୋଠି, ଠିପି !

ସଂଜ୍ଞା ପ୍ରକରଣ

ରୂପକ :— ଏକ ବା ଏକାଧିକ ଧ୍ୱନିଲିପିଦ୍ୱାରା ଗଠିତ ଆକୃତି (outline)କୁ ରୂପକ କୁହାଯିବ ।

ମିତସଂସ୍ଥାନ :- ରୂପକର ଆକୃତି ପରିଚ୍ଛନ୍ନ, ପରିମିତ, ସଂଯୋଗଧର୍ମୀ ଓ ସଂରଚନାତ୍ମକ ହେବା ଲାଗି ଯାହା ଯାହା କରାଯାଏ ତାହାହିଁ ମିତସଂସ୍ଥାନ (facile outline) ନାମରେ ଅଭିହିତ ହେବ ।

ସର୍ଟହାଣ୍ଡ :- ଧ୍ୱନିଲିପି ସାହାଯ୍ୟରେ ଲିଖନ ଓ ପଠନ ପ୍ରକ୍ରିୟାକୁ ସର୍ଟହାଣ୍ଡ କୁହାଯିବ ।

ଚଳନ୍ତିକା :- ବ୍ୟବହାର ବହୁଳ ଶବ୍ଦର ସାଙ୍କେତିକ ରୂପେ ଗୃହୀତ ଏକକ ଲିପିକୁ ଚଳନ୍ତିକା (grammalogue) କୁହାଯିବ ।

ନିପାତନସିଦ୍ଧ :- ବିଭିନ୍ନ ପରିଚ୍ଛେଦର ପ୍ରସ୍ତାବନା ଅନୁକ୍ରମେ ଚଳନ୍ତିକାରେ କିଛି ଯୋଗ କରାଗଲେ ତାହା ନିପାତନସିଦ୍ଧ ନାମରେ ଅଭିହିତ ହେବ । କେତେକ ବିଦେଶୀ ଶବ୍ଦର ସ୍ୱୀକୃତ ରୂପକ ମଧ୍ୟ ନିପାତନସିଦ୍ଧ ପର୍ଯ୍ୟାୟଭୁକ୍ତ ହେବ ।

ମୁକ୍ତ ଓ ବିମୁକ୍ତ ଲିପି ଆ, ଇ, ଉ ଇତ୍ୟାଦି ସ୍ୱରବର୍ଣ୍ଣ ଯୁକ୍ତ ନ ଥିବା କ, ଗ, ମ, ପ, ଇତ୍ୟାଦି ଯୁକ୍ତଲିପି ନାମରେ ଅଭିହିତ ହେବ ଅନ୍ୟଥା ଏହା ବିମୁକ୍ତ ଲିପି ବୋଲି କଥିତ ହେବ ।

ଆଦ୍ୟଲଗ୍ନ ଓ ପ୍ରାନ୍ତଲଗ୍ନ- ଲିପିର ଆଦ୍ୟରେ ବା ପ୍ରାନ୍ତରେ ଥିବା ବୃତ୍ତ, ଆଙ୍କୁଶ ବା ଫାସକୁ ଆଦ୍ୟଲଗ୍ନ ବା ପ୍ରାନ୍ତଲଗ୍ନ ବୁଝାଯିବ ।

ବିଶେଷ ସୂଚନା

୧୭) ଚଳନ୍ତିକା ଭାବରେ ଗୃହୀତ କ୍ରିୟାପଦ 'ତୁମେ' ବା 'ସେ' କର୍ତ୍ତୃ-ପଦର ଅନୁସାରୀ ବୋଲି ଧରାଯିବ ଏବଂ କର୍ତ୍ତାମୁଖାପେକ୍ଷୀ କ୍ରିୟାଙ୍କରେ ବିଭିନ୍ନ କ୍ଷେତ୍ରରେ ବିଭିନ୍ନ ଭାବରେ ପଢାଯିବ । ଉଦାହରଣ ସ୍ୱରୂପ 'ଚ' ଲିପି ପ୍ରଥମ ସ୍ଥାନରେ ଲେଖାଗଲେ ତାହା କ୍ରିୟାପଦ 'ଗୃହଁ'ର ସ୍ମରଣିକା ବୋଲି ଗୃହୀତ ହୋଇଛି । ଏହା ଦ୍ୱିତୀୟ ପୁରୁଷ 'ତୁମେ' କର୍ତ୍ତାପଦର ଅନୁସାରୀ କ୍ରିୟାପଦ । କର୍ତ୍ତା ଯଦି ମୁଁ ବା 'ସେ' ହୁଏ ତାହାହେଲେ ଏହି ଚଳନ୍ତିକା କର୍ତ୍ତା ଅନୁସାରୀ କ୍ରିୟାପଦ ଭାବରେ 'ଗୃହେଁ,' 'ଗୃହୁଁ' ମଧ୍ୟ ପ୍ରତିପାଦନ କରିବ । ଚଳନ୍ତିକା ଭାବରେ ଗୃହୀତ ଅନ୍ୟାନ୍ୟ କ୍ରିୟାପଦ ପ୍ରତି ମଧ୍ୟ ଏହା ପ୍ରଯୋଜ୍ୟ ହେବ ।

୧୮) ଚଳନ୍ତିକା ଭାବରେ ସ୍ୱୀକୃତ କ୍ରିୟାପଦର ରୂପକ ସହିତ ଲ, ବ ଇତ୍ୟାଦି ଯୁକ୍ତ ହେଲେ ଅତୀତ ବା ଭବିଷ୍ୟତ କାଳସୂଚକ ସମାପିକା କ୍ରିୟାପଦ ପ୍ରତିପାଦିତ ହେବ । ମନେକର ଚ ବା କ-ଲିପି ପ୍ରଥମ ସ୍ଥାନରେ ଲେଖାଗଲେ ଗୃହଁ ବା କହ ଅସମାପିକା କ୍ରିୟାପଦ ପ୍ରତିପାଦନ କରିବ ବୋଲି ଆମେ ଚଳନ୍ତିକା ଭାବରେ ଗ୍ରହଣ କଲୁ । ଯଦି ଏ ଦୁଇଟି ସହିତ ଲ ବା ବ ଯୁକ୍ତ ହୁଏ, ତେବେ ଉକ୍ତ ରୂପକ ଯଥାକ୍ରମେ 'ଗୃହିଁଲେ' ବା 'କହିବେ' ପ୍ରତିପାଦନ କରିବ ।

ଗୃହଁ .... ଗୃହିଁଲେ .... କହୁ ..... କହିବେ ....

୧୯) ଚଳନ୍ତିକା ଆଦ୍ୟରେ ଟିକ—ଅ ବା 'ଅନ' ଯୋଗକଲେ ତାହା ସଂପୃକ୍ତ ଚଳନ୍ତିକାର ବିପରୀତ ଶବ୍ଦ ଜ୍ଞାପନ କରିବ । ସେହିପରି ଚଳନ୍ତିକା ଶେଷରେ ତ ବା ଦ ଲିପି ଯୋଗକଲେ ସଂପୃକ୍ତ ଚଳନ୍ତିକା

ତ, ତା, ତି ବା 'ଇକ' ଯୁକ୍ତ ବୋଲି ବୁଝାଯିବ । ମନେକର ନ—ଲିପି ବା ଆଦ୍ୟରେ କ୍ଷୁଦ୍ରବୃତ୍ତ ଥିବା କ—ଲିପି ଯଥାକ୍ରମେ ନ୍ୟାଯ୍ୟ' ଓ 'ଆବଶ୍ୟକ' ପାଇଁ ଚଳନ୍ତିକା ଭାବରେ ଗୃହୀତ ହେଲା । ତାହା ହେଲେ—

ନ୍ୟାଯ୍ୟ...ଅନ୍ୟାଯ୍ୟ.... ଆବଶ୍ୟକତା... ଅନାବଶ୍ୟକ ... ଆବଶ୍ୟକତା...

ଚଳନ୍ତିକା

ଏ.... ଓ(ଔ) .....ଏବଂ ....ସ୍ପୃହଁ (ସ୍ପୃହିଁ)....ପହଁଚି.....

କଥା,କହୁ-ହି.... କହୁ .....ଘଟେ-ଟ.. ଘଟୁ, ଗୋଟିଏ ....

ଅନୁଶୀଳନୀ-୭

ପଢ଼ ଓ ଲେଖ-



ତୃତୀୟ ପରିଚ୍ଛେଦ

ବିରାମ ଚିହ୍ନ ଓ ଏକାକ୍ଷର ବିଭକ୍ତି

୩୦) ବିରାମ ଚିହ୍ନଗୁଡ଼ିକ ନିମ୍ନଲିଖିତ ସଙ୍କେତ ଦ୍ୱାରା ପ୍ରତିପାଦିତ ହେବ ।

ପୂର୍ଣ୍ଣଚ୍ଛେଦ × **ପ୍ରଶ୍ନବାଚକ** ? **ବିସ୍ମୟବାଚକ** !

ଅନୁଚ୍ଛେଦ (ପାରାଗ୍ରାଫ) // **ବାକ୍ୟାଂଶ**

୩୧) ବ୍ୟକ୍ତି ବା ସ୍ଥାନର ରୂପକ ତଳେ ସମାନ ଚିହ୍ନ ଭଳି ଦୁଇଟି ଗାର ଦିଆଯିବ ।

ପୁରୀ ...... **ଗୋପାଳ** ...... **କଟକ** ......

୩୨) ର, ରେ, ରୁ-ରୂପକ ଶେଷରେ ଏକ ଡଟ ଦେଲେ ବିଭକ୍ତିସୂଚ -ର ପ୍ରତିପାଦିତ ହେବ । ଉର୍ଦ୍ଧ୍ୱମୁଖୀର ବିଚ୍ଛିନ୍ନ ଭାବରେ •ରୂପକ ସନ୍ନିକଟରେ ଲେଖାଗଲେ ରେ, ରୁ ପ୍ରତିପାଦିତ ହେବ କିନ୍ତୁ ଉର୍ଦ୍ଧ୍ୱମୁଖୀ ର, ହ, ଲ ଲିପିପରେ ଏହା ଏକାଠି ଲେଖାଯିବ ।

ମାଟିର ...... ଢମର ...... ବାଟରେ ...... ବହିରେ ......

ହାଟରୁ ...... ମୂଳରୁ ...... ବାହାରୁ ......

୩୩) କୁ—ବିଭକ୍ତିସୂଚକ-କୁ କ-ଲିପିଦ୍ୱାରା ପ୍ରତିପାଦିତ ହେବ । ଚଳନ୍ତିକା ପରବର୍ତ୍ତୀ କୁ ଏକ ଡାସ୍ ଦ୍ୱାରା ପ୍ରତିପାଦିତ ହେବ । କ, ଗ, ଙ, ଘ, ତ, ଦ, ଲିପି ପରେ ମଧ୍ୟ ତାହାହିଁ ହେବ ।

ନେତାକୁ ...... ବାଡ଼ାକୁ ...... ବାଘକୁ ...... ପାଖକୁ ...... କଥାକୁ ......

(କିନ୍ତୁ) ଯାହାକୁ ......

୩୪) ଙ୍କ, ଙ୍କୁ—ଅଂଲିପି, ଙ୍କ, ଙ୍କୁ ପ୍ରତିପାଦନ କରିବ । ପ,ବ-ଲିପିପରେ ଏହା ବିଚ୍ଛିନ୍ନ ଭାବରେ ଲେଖାଯିବ ।

ତାଙ୍କ ...... ତାଙ୍କୁ ...... ପିଲାଙ୍କୁ ...... ବାପାଙ୍କୁ ......

ଚଳନ୍ତିକା

ତାହା(ତା) ...... ତାହାକୁ (ତାକୁ) ...... ଦେଇ ...... ଦେଇ-ଛି ......

ଆମ୍ଭମାନେ ...... ଅପେକ୍ଷା ...... ଉପାୟ ...... ଯାହା ...... ଯେଉଁ ......

ଅନୁଶୀଳନୀ-୮

ପଢ଼ ଓ ଲେଖ :-



ଅନୁଶୀଳନୀ-୯

ଲେଖ ଓ ପଢ଼ :

ଆଜି ହାଟରୁ ଯାହାକୁ ଯାହା ମିଳିବ ସେ ତାକୁ ନ ଦେଖି ବାପାଙ୍କୁ ଆଣିଦେବ । ଏବେ ଅଳ୍ପବାଟ ରାସ୍ତାରେ ଯିବା ଅପେକ୍ଷା ଆସ ଆମେ ଗୋଦାମ ପାଖକୁ ଚାଲି ଚାଲି ଯିବା । ଏପାଖରୁ ଦେଖିଲେ ଯାହା ସେ ପାଖରୁ

ଗୁହିଁଲେ ତାହା । ଫିତା ଆଣି ମାପିଲେ ଦେଖିବ ଆମେ ଯାହାକୁ ଯାହା କହୁ ତାହା ଏକଦମ୍ ଠିକ୍ । ଆଜ ଯାହା ଘଟିଲ ଏଣିକ ତାହା ନ ଘଟିଲେ ମୁଁ ତାଙ୍କୁ ବାହାବା ଦେବ । ତାଙ୍କୁ ଶଠି ଦେଲେ ସେ ଆମକୁ ତେଲ ଦାମ ଦେବେ ତ ? ଦେଖ, ବେଲଆସି ବୁଡ଼ିଲାବେଳକୁ ମାଛଗାଡ଼ି ଆସି ନ ପହଞ୍ଚିବ ତ ମୋ ନାଁରେ କୁତା ପାଳିବ । ଦୟାନଦୀ ପୋଲ ପାଖରେ ଯେଉଁ ବଗିଚ ବଗିଚ୍ଛ ଦେଖିଲ ତାହା ଆମ ଲଲର ।

ଚତୁର୍ଥ ପରଚ୍ଛେଦ

ର, ହ

୩୫) ର-ଲିପି ସାଧାରଣତଃ ଊର୍ଦ୍ଧ୍ୱମୁଖୀ କିନ୍ତୁ ଛ ପରବର୍ତ୍ତୀ ର ଲିପି ଅଧୋମୁଖୀ ହେବ ।

ମରୁଡ଼ି ..... ବରାଡି ..... ରାଡି ..... ତୁରି ..... (ତୁରି)

୩୬) ର ପରେ ମ ଥିଲେ ର ନିମ୍ନମୁଖୀ ହେବ । ଆଉ ମଧ୍ୟ ଅନ୍ୟ ର ମୁକ୍ତ ଥିଲେ ମିତସ୍ଥାନ ନମିତ୍ତ ସ୍ଥଳ ବିଶେଷରେ ର-ଲିପି ଅଧୋମୁଖୀ ହେବ ।

ରାମ ..... ରମଣୀ ..... ପାମର ..... ପାମରୀ ..... ବିହାର .....

୩୭) ହ-ଲିପି ମଧ୍ୟ ସାଧାରଣତଃ ଊର୍ଦ୍ଧ୍ୱମୁଖୀ, କିନ୍ତୁ ହ-ଲିପି ଶବ୍ଦ ଭାବରେ ବ୍ୟବହୃତ ହେଲେ ତାହା ଅଧୋମୁଖୀ ହେବ ।

ହାତୀ ..... ହାତ ..... ହହ ..... ଆହା .....

୩୮) କ, ଗ, ନ ପ୍ରଭୃତି ଆନୁଭୂମିକ ଲିପି ବା ଲ-ଲିପି ପରବର୍ତ୍ତୀ ହ-ଲିପି, ନିମ୍ନମୁଖୀ ହେବ ।

କାହାର .....

ବାହାରି ..... ଗହମ ..... ନିହାର ..... ଲୁହା .....

୩୯) ହ ପରେ, କ, ଗ-ଲିପି ଥିଲେ ହ ନିମ୍ନମୁଖୀ ହେବ ।

ହୁକମ ..... ହଗି ..... ହୁଙ୍କା .....

୪୦) ଶବ୍ଦ ଆଦ୍ୟରେ ହ ପରେ ମ, ଳ (ଲ) ଥିଲେ ହ-ଲିପି ପରିବର୍ତ୍ତେ ଏକ ସ୍ଥୂଳ ଡାସ୍ ମ ବା ଲ-ଲିପି ଆଦ୍ୟରେ ଯୁକ୍ତ ହେବ ।

ହେମ ..... ହେଲା ..... ହଲ .....

ଅନୁଶୀଳନୀ – ୧୦

ପଢ଼ ଓ ଲେଖ



ଅନୁଶୀଳନୀ-୧୧

ପଢ଼ ଓ ଲେଖ ।

୧ । ହେମ, ହେମାଳ, ହଳଦୀ, ପୋହଳା, ବାହାଡ଼ା, ଆହାର, ବୃଷ୍ଟି ହୋଭା ହେମ ।

୨ । ଗମ୍ଭୀର, କହର, ଇର୍ଷା, ଗୁହାଳ, ଗୋହର, କାହାଳି, ହକାଳି, ହକକ୍ରି ।

୩ । ଗହଣା, ମହକ, କହୁଣି, ନେହୁର, କହୁଚୁଣ, ଅହଂ, ଅହମିକା କାହାକୁ, କାହାଣ, ଲହକା ।

୪ । ରାଗ, ରାଗୀ, ରୋଗୀ, ଡେରା, ପହରା, ବେହେଡ଼, ନହାର, ଛୁରା, ହରା

ଚଳନ୍ତିବା ।



ଅନୁଶୀଳନୀ – 12

ଶବ୍ଦ ଓ ବାକ୍ୟ :-



ଅନୁଶୀଳନୀ-୧୩

ଲେଖ ଓ ପଢ :

ଆମେ ଏଣିକି ନ୍ୟାଯ୍ୟ ମାନି ଚଳିବା । ଆପଣ ଯାହା ନ୍ୟାଯ୍ୟ ବୋଲି ଭାବବେ ସେଇଆ ନ୍ୟାଯ୍ୟ ବୋଲି ମୁଁ ଧରିନେବି । ନୂଆ ଓ ପୁରୁଣା ଉଭୟଙ୍କୁ ନେଇ ଏଣିକି ଚଳିବାକୁ ହେବ । ଯେଉଁ ଗାଡ଼ିର ଦାମ କମ୍ ହେବ ଆମେ ସେହି ଗାଡ଼ି କିଣିବୁ । ଅତଏବ ନୂଆ ପୁରୁଣା କଥା ଭାବି କି ଲାଭ ? ଗାଡ଼ି କଥା ଆପଣ ବୁଝିବେ ନା ଆମେ ବୁଝିବୁ ? ଏ ହେମାଳ ପାଗରେ ଆପଣଙ୍କ ଜମିରେ ହଳ ହେଲେ ଆମ ଜମିରେ ମଞ୍ଜି ବୁଣିବ ଓ ଗହମ ବୁଣାହେବ ।

ପ୍ରୁ ଓ ଚ

ପଞ୍ଚମ ପରିଚ୍ଛେଦ

ତ ଦ, ଥ-ଧ

୪୧) ତ ଦ ଲିପି ସାଧାରଣତଃ ବାଁ ପଟେ ଲେଖାଯାଏ କିନ୍ତୁ ମିତସଂସ୍ଥାନ ନୀତିର ଏ ଦୁଇଟି ଲିପି ସ୍ଥଳ ବିଶେଷରେ ଡାହାଣ ପଟେ ମଧ୍ୟ ଲେଖାଯିବ ଏବଂ ଲିପିର ପରବର୍ତ୍ତୀ ପ୍ରଥମ ସ୍ୱରସଂକେତକୁ ସ୍ଥୂଳ କରି ବିକଳ୍ପ ଲିପିକୁ ଚିହ୍ନିତ କରିବାକୁ ହେବ ।

(କ) ସ୍ୱଳ୍ପ କେତେକ ବ୍ୟତିକ୍ରମ ସ୍ଥଳ ବ୍ୟତୀତ, ସାଧାରଣତଃ ତ-ଦ ପରେ ସରଳ ଅନୁଭୂମିକ ଲିପି ଥିଲେ ବିକଳ୍ପ ତ-ଦ ଲେଖାଯିବ ।



(ଖ) ଚ, ଛ, ଜ ଲିପି ପରେ ବିକଳ୍ପ ତ-ଦ ଲେଖାଯିବ ।



୪୨) ସେହିଭଳି ଥ-ଧ ଲିପି ମଧ୍ୟ ସ୍ଥଳବିଶେଷରେ ବାଁ ପଟେ ଲେଖାଯିବ ଏବଂ ଲିପିର ପ୍ରଥମ ସ୍ୱରସଂକେତକୁ ସ୍ଥୂଳକରି ବିକଳ୍ପକୁ ଚିହ୍ନିତ କରିବାକୁ ହେବ । ଯେଉଁଠି ବିକଳ୍ପ ଥ-ଧ ଲେଖିବା ମିତସଂସ୍ଥାନର ଅନୁକୂଳ ନ ହେବ, କେବଳ ସେ ସବୁ ସ୍ଥଳେ ସ୍ତ ଲିପିକୁ ଥ-ଧ ର ଅତିରିକ୍ତ ବିକଳ୍ପ ରୂପେ ଗ୍ରହଣ କରାଯିବ ଏବଂ ପୂର୍ବବର୍ତ୍ତୀ ତଥା ପରବର୍ତ୍ତୀ ଉଭୟ ସ୍ୱରସଂକେତକୁ ସ୍ଥୂଳ କରି ଅତିରିକ୍ତ ବିକଳ୍ପକୁ ଚିହ୍ନିତ କରିବାକୁ ହେବ ।

(କ) ମ-ଲିପି ପରେ ବିକଳ୍ପ ଥ-ଧ ଲେଖାଯିବ ଏବଂ ଅନ୍ୟାନ୍ୟ ଆନୁଭୂମିକ ଲିପି ପରେ ଅତିରିକ୍ତ ବିକଳ୍ପ ଲେଖାଯିବ ।

ମଧୁ .... ମଥୁରା .... ମାଧୁରୀ ....

(ଭିନ୍ନ) ମେଧାବୀ ....

ବଧୂଚ .... ମଗଧ .... ନଥି ....

(ଭିନ୍ନ) ,କୋଥଳି .... ରାଧିଆ ....

(ଖ) ସ୍ଥଳ କେତେକ ବ୍ୟତିକ୍ରମ ସ୍ଥଳ ବ୍ୟତୀତ ସାଧାରଣତଃ ଆଦ୍ୟ ଅ, ଆ ଇତ୍ୟାଦି ସ୍ୱରବର୍ଣ୍ଣ ପରେ ଥ-ଧ'ର ଅର୍ଦ୍ଧରକ୍ତ ବିକଳ୍ପ ଲେଖାଯିବ ।

ଅଥବା .... ଅଧିପତି .... ଉଦ୍ଧାର ....

(ଭିନ୍ନ) ଅଧମ ....

(ଗ) ସ୍ଥଳ କେତେକ ବ୍ୟତିକ୍ରମ ସ୍ଥଳ ବ୍ୟତୀତ ସାଧାରଣତଃ ପ, ବ-ଲିପି ଓ ଊର୍ଦ୍ଧ୍ୱମୁଖ ର, ଲ ଲିପି ପରେ ଅର୍ଦ୍ଧରକ୍ତ ବିକଳ୍ପ ଲେଖାଯିବ ।

ପଥ .... ପଥିକ .... (ଭିନ୍ନ) ପାଥେୟ ....

ବଧୂ .... ବିଧବା .... (ଭିନ୍ନ) ବିଧେୟ ....

ରଥ .... ବିଲୁଣ୍ଠ .... (ଭିନ୍ନ) ରାଧା ....

(ଘ) ତ-ଦ ପରେ ଥ-ଧ ଥିଲେ ଅର୍ଦ୍ଧରକ୍ତ ବିକଳ୍ପ ଲେଖାଯିବ ।

ତଥାପି .... ଦଧୀଚି ....

ଅନୁଶୀଳନୀ - 14

ପଢ଼ ଓ ଲେଖ-



ଅନୁଶୀଳନୀ-୧୫

ଲେଖ ଓ ପଢ଼ :

(୧) ଯଦୁ, ମଧୁ, ରାଧିକା, ମାଧବ, ଅକାମଗା, ବଧେୟ, ବହୁଚଧ, ଅବାଧ, ଅଗାଧ । (୨) ତକଥା, କଥିତ, ଦୋହ୍ଲା, ପରଧି, ପୁରୋଧା, ଥିବ, ନ ଥିବ । (୩) ବଥିକା, ମେଧା ମେଧାବୀ, ଜଳଧି, ଆରବଧ, ମଧୁପ । (୪) ତଥାପି, ଗୋଧୂମ, ଥାକ, ଦଧି, ଅଦଧି, ଅଧୁନା, ଧଳା ଅଧଳା, ଚିତା, ଜାଡ, ଦସ୍ତା, ବେଧନୀ, ନଦୀ, ନଧି ।

ଚଳନ୍ତିକା

ଓଡ଼ିଆ .... ପଢ଼େ-ଛ .... ଫଳ .... ଅଧିକ ....

ରହି-ହି } କାରଣ } .... ରକ୍ଷ-କ୍ଷ .... ଏହା, ଏଇଥି .... ଏହାକୁ, ଯାକୁ ....

(୨୨)

ଅନୁଶୀଳନୀ-୧୫ (କ)

ଲେଖ ଓ ପଢ଼ :

ବୁଦ୍ଧି ବାମ ହେଲେ ବୁଦ୍ଧି ବଣା ହେବ । ବୁଦ୍ଧି ବଣା ହେଲେ ନ୍ୟାୟ ଓ ଅନ୍ୟାୟ ଏକ ଭଳି ବୋଧ ହେବ । ଲୋଭ, ମୋହ ଈର୍ଷା ବଢ଼ିବ । ପାପ କାମରେ ରୁଚି ବଢ଼ିବ । ତା ଫଳରେ ତୁମର ଅଧୋଗତି ହେବ । ତେଣୁ ତୁମେ କାମରେ ରୁଚ ବଳାବ । ତା ଫଳରେ ତୁମର ଅଧୋଗତି ହେବ । ତାହାହେଲେ ପାପର ଅବାଧ ଗତି ରୁଦ୍ଧ ମୁନି ଋଷିଙ୍କ କଥା ମାନି ଚଳିବ ।

ହେବ । ଆମେ ଓଡ଼ିଆ ଲୋକେ ଖିବୁ ବଧି ବାମ ହେଲେ ବଢ଼ି ହେବ ନ ହେଲେ ମରୁଡ଼ି ପଡ଼ିବ । କାରଣ ବଢ଼ି ମରୁଡ଼ି ହେଲେ ଆମଦାନି କମ ହେବ । ଦାନା କନା ନ ମିଳିଲେ ବୁଦ୍ଧି ଆପେ ବଣା ହେବ । ଅତଏବ ଉଭୟର ଫଳ ଏକ ହେବ । ତଥାପି ତୁମ ଭଳି କେତେ ବୁଦ୍ଧିଆ ଲୋକ ଆମକୁ ଆସି କହିବେ ବଢ଼ି ହେଲେ ଜମିରେ ପଟୁ ପଡ଼ିବ ଓ ପଟୁ ପଡ଼ିଲେ ଅଧିକ ଆମଦାନି ହେବ । ତା ଫଳରେ ଓଡ଼ିଆ ଲୋକେ ଧନୀ ହେବେ । ମରୁଡ଼ି ହେଲେ ସେ ପୁଣି ଆସି କହିବେ, ମରୁଡ଼ି ହେଲେ ଆମେ ତୁମକୁ ମାଗଣାରେ ଅଟା ଓ ଗୁଡ଼ ଦେବୁ । ତା ମାନେ ବିନା ପାଣିରେ ଅଟାଗୁଡ଼ ଏକାଠି ଚକଟି ଗିଳିଲେ ଓଡ଼ିଆ ଚଗଡ଼ା ହେବ । ଏହା କଥା କହିବା ଗୁରୁଙ୍କ ନା ଚଡ଼ା କାଟିବା ପଛିଛି ? ଏଭଳି ନେତାଙ୍କୁ ଜୋତାରେ ପିଟିଲେ ଅନ୍ୟାୟ ହେବ କି ? ତୁମେ ସ୍ୱାଙ୍କୁ ପାଖରେ ନ ରଖିଲେ ସେ ମୋ ପାଖରେ ରହିବ । ତୁମେ ଯାହା କହିବ ସେଇଆ ହେବ । ସେ ମୋ ପାଖରେ ରହିବ ନା ମୁଁ ତାକୁ ପାଖରେ ରଖିବି, ଏହା ହେଲା ଆମ ଝଗଡ଼ାର ମୂଳ କାରଣ । ତଥାପି ତୁମେ ସେ କଥା ନ ବୁଝିଲେ କି ଚଳିବ ।

ଅନୁଶୀଳନୀ – 16

ପଢ଼ ଓ ଲେଖ



ଷଷ୍ଠ ପରିଚ୍ଛେଦ

ଦ୍ୱିସ୍ୱର

"ଦୁଇଟି ସ୍ୱରବର୍ଣ୍ଣର ଯୁଗପତ୍ ଉଚ୍ଚାରଣକୁ ଦ୍ୱିସ୍ୱର କୁହାଯାଏ ।"

୪୩] ପ୍ରୟୋଜନୀୟ ଚାରିଟି ଦ୍ୱିସ୍ୱର ନିମ୍ନଲିଖିତ ସଂକେତଦ୍ୱାରା ପ୍ରତିପାଦିତ ହେବ । ତନ୍ମଧ୍ୟରୁ ପ୍ରଥମଟି ପ୍ରଥମ ସ୍ଥାନରେ ଓ ଅନ୍ୟ ତିନୋଟି ତୃତୀୟ ସ୍ଥାନରେ ଲେଖାଯିବ ।



୪୪] ମିଳସଂସ୍ଥାନ ନମୁନା—

(କ) ଦ୍ୱିସ୍ୱର 'ଆଇ' ଲାଗି ଉଦ୍ଦିଷ୍ଟ ସଂକେତ ସ୍ଥଳବିଶେଷରେ 'ଆୟ'-ର ମଧ୍ୟ ସ୍ୱାରକ ହେବ । ରୂପକ ଆଦ୍ୟରେ କେବଳ ବକ୍ରଲିପି ସହିତ ଏହା ଲଗିକରି ଲେଖାଯିବ ।



(ଖ) ଅନ୍ୟ ଦ୍ୱିସ୍ୱର ସଂକେତ 'ଆଉ' ପୂର୍ବବର୍ତ୍ତୀ ନିମ୍ନମୁଖୀ ଲିପି ସହିତ ଲଗି କରି ଲେଖାଯିବ ।



(ଗ) ଦ୍ୱିସ୍ୱର 'ଇଅ' ବା ତତୁଲ୍ୟ ଧ୍ୱନି ଲାଗି ଉଦ୍ଦିଷ୍ଟ ଅର୍ଦ୍ଧବୃତ୍ତ ସହିତ ଏକ ଡାସ୍ ଯୁକ୍ତ ହେଲେ ତାହା ଇଆ ବା ଇଉ ତୁଲ୍ୟ ଧ୍ୱନିର ସୂଚକ ହେବ । ସ୍ଥଳବିଶେଷରେ ଏହା ରୂପକ ଶେଷରେ ଲାଗି କରି ଲେଖାଯିବ ।

ବନ୍ୟ..... ବନ୍ୟା..... ନତ୍ୟ..... ନତ୍ୟାନି..... ଦିଅଁ.....

ହିଆର..... ସ୍ୱରଆଡ଼େ..... ପିଉସା..... ଠିଆ.....

(ଘ) ଦ୍ୱିସ୍ୱର 'ଉଅ' ବା ତତୁଲ୍ୟ ଧ୍ୱନି ଲାଗି ଉଦ୍ଦିଷ୍ଟ ସ୍ୱର ସଙ୍କେତ ସହିତ ଏକ ଡାସ୍ ଯୁକ୍ତ ହେଲେ ତାହା ଉଆ ବା ଉଇ ତୁଲ୍ୟ ଧ୍ୱନିର ସୂଚକ ହେବ ଏବଂ ସ୍ଥଳବିଶେଷରେ ଏହା ରୂପକ ଶେଷରେ ଲାଗି କରି ଲେଖାଯିବ ।

ଆଲୁଅ..... ପାଲୁଅ..... ପୁଆଣି..... ଜୁଆଣି.....

ଭତୁ..... ଦ୍ୱାହ..... ଜୁଇ..... ଜୁଆଁଇ (ଜ୍ୱାଇଁ).....

୪୪) ମିତସଂସ୍ଥାନ ନିମନ୍ତେ ସ୍ଥଳବିଶେଷରେ ଦ୍ୱିସ୍ୱର ପରିବର୍ତ୍ତେ ସ୍ୱ-ଲିପି ଲେଖାଯିବ ।

ନାସ୍ତିକା..... ଢଆଣ..... କଆଣ..... କଆଗ.....

ପିଉସୀ..... ବଣିଆ..... ଦଅର..... ପିଆଜ.....

ମୟୂର..... ଦାସ୍ତିତ୍ୱ..... ଦା.....

୪୫) ତ୍ରିସ୍ୱର-ତ୍ରିସ୍ୱରର ପ୍ରଥମ ଦୁଇଟି ସ୍ୱର ଲାଗି ଉଦ୍ଦିଷ୍ଟ ଦ୍ୱିସ୍ୱର ସଂକେତ ସହିତ ଏକ ଡାସ୍ ଯୋଗ କରାଯିବ କିମ୍ବା ସ୍ୱ-ଲିପି ସାହାଯ୍ୟରେ ତ୍ରିସ୍ୱର ଲେଖାଯିବ ।

ଶୁଆଇ..... ପିଆଇ..... ଦାସ୍ୟା..... ସ୍ଥାସ୍ୟା.....

୪୬] ସ୍ୱଳ୍ପ କେତେକ ବ୍ୟତିକ୍ରମ ସ୍ଥଳ ବ୍ୟତୀତ ସାଧାରଣତଃ ନିମ୍ନୋକ୍ତ ଭାବରେ ଗୃହୀତ ଦିଅ, ଦେଖ, ରଖ ଇତ୍ୟାଦି କ୍ରିୟାପଦ ପ୍ରେରଣାର୍ଥରେ ବ୍ୟବହୃତ ହେଲେ ନିମ୍ନଲିଖିତ ଭାବରେ ଲେଖାଯିବ ।

ଦେଖାଇ..... ରଖାଇ..... କୁହାଇ..... ଶୁଖାଇ..... କୁହାଉ.....



ଅନୁଶୀଳନୀ—୧୮

୧] ଆଇନା, ନାଏବ, ତକାସୁଦ, ରମାସୁତ, ବଧାସୁକ, ପାଉଣା, ପାଉଡ, ଖାଉଟି, ଗୃହଳ, [୨] ଟାଉକା, ଅମାତ୍ୟ, ମାଉସୀ, ଦିଅଁ, ଦିଅର ଧାଉଡ଼ି, ଅନବଦ୍ୟ, ପଦ୍ୟ, ଗଦ୍ୟ, ଅରଣ୍ୟ [୩] ଗଣ୍ୟ, ବରେଣ୍ୟ, ଅବଦ୍ୟା, ପିଆଦା, ନଡ଼ିଆ, ଗତାୟୁ, ମୟୂର, ମୟୂଷ, ଭମ୍ୱ [୪] କୁଆଳ, ସୁଆର, ଧ୍ୱନି, ଢଆଣ ପଢ଼ଆ, ପିଢ଼ିଆ, ପଥ୍ୟ, ନେପଥ୍ୟ, ଜଳବାୟୁ ।

ଚଳନ୍ତିକା

ପାଇଁ, ନାହିଁ..... ଆଉ..... ଏହି (ଏଇ)..... ହୋଇ.....

ହେଉ, ହିଁ..... ନୁହେଁ-ହେଁ.....

ନପାରନ୍ତିବ — ଆହୁରି.....

ଅନୁଶୀଳନୀ—୨୦

ଲେଖ ଓ ପଢ :

ବନ୍ୟା ବାତ୍ୟା ପରେ ଆବଶ୍ୟ ବସାକୁ ଫେରିବା ଦୂରେ ଥାଉ ତା ପତ୍ତା ବ ମିଳୁନାହିଁ । ତେଣୁ ତୁମ ନ୍ୟାମିତ୍ତ ବାକ୍ସ ପାଇଁ ସେ ନ୍ୟାଯ୍ୟ ଦାମ ଦେବ କି ନାହିଁ ମୁଁ ତାକୁ ପଚାରି ନାହିଁ । ଆଉ ତୁମ ବାକ୍ସର ନ୍ୟାଯ୍ୟ ଦାମ କେତେ ହେବ, ତା ବ ତୁମେ ମୋତେ କହି ନାହଁ । ଏଣେ ତୁମ ଝିଅର ସ୍ୱଭୁରଙ୍କ ଦାଉରେ ଉପହରେ ବସାରେ ରହି ହେଉନାହିଁ । ତେଣେ ଘରରେ ତୁମ ଭାଇ ଭାଉଜଙ୍କ ନେପଥ୍ୟ କୋଳାହଳ ଯୋଗୁଁ ବସାରେ ଠାବ ମିଳୁନାହିଁ । ଏଇଭଳି ହରତ ଘଣାରେ ପଡ଼ି ମୁଁ ତ ଭାଇ ଏବେ ମୋ ନିଜ ଆୟତରେ ନାହିଁ, ତୁମକୁ ଆଉ ମୁଁ କି ଧ୍ୱନତତ୍ତ୍ୱ ବୁଝାଇବି?ନାଏବି ବାଉଲା ହେବା ଦେଖି ତୁମେ ଅମଲଙ୍କୁ ପାଉଡ଼ି ନଦେଖାଇ କାଏଦାରେ ଫାଏଦା ମାରିନେବାକୁ ଲାଳାୟିତ ହେବା ଏକ ଅପରାଧ ଏବଂ ତାହା ଅନ୍ୟାୟ ବୋଲି ତୁମକୁ ବୁଝାଇ ଦେଲେ ବ ତୁମେ

କଟମା ଦେଖାଇ ଏଜଣ୍ଟ ଗୁରଅଡ଼େ କହି ବୁଲିବା ଅଧିକ ଏକ ଜଘନ୍ୟ ଅପରାଧ ନୁହେଁ କି ? ତୁମଭଳି ନଥିଁଗିଲା ଅମାତ୍ୟ ରହିଲେ ବରେଣ୍ୟ ନେତାଙ୍କ ଅମଳରେ ବ ଏ ରାଜ୍ୟରେ ଅରାଜ୍ୟ ଆଇନ ଚାଲୁହେବ ।

ସ୍ୱରଙ୍କିକା

୪୭] ବ୍ୟଞ୍ଜନା ବହୁଳ ଏକାଧିକ ଶବ୍ଦ ସମ୍ବଳିତ ବାକ୍ୟାଂଶକୁ ସ୍ୱର ସଂକେତ ନ ଦେଇ ଧ୍ୱନଲିପିରେ ଯଥାସ୍ଥାନରେ ନିରବଚ୍ଛିନ୍ନ ଭାବରେ ଲେଖିବା ପ୍ରକ୍ରିୟାକୁ ସ୍ୱରଙ୍କିକା କୁହାଯିବ । ଏ ପ୍ରକ୍ରିୟା ଏଭଳି ହେଉଥିବ୍ରତି, ଆସ୍ଥାହରଣ ଓ ସଚନାତ୍ମକ ହେବା ଅବଶ୍ୟକ ଯେପରି ପ୍ରଥମ ଦର୍ଶନରେ ହିଁ ରୂପକର ନିର୍ଭୁଲ ଶବ୍ଦ ସ୍ମୃତି ପଟରେ ଜାଗ୍ରତ ହେବ । ତେଣୁ ରୂପାୟନ ପ୍ରକ୍ରିୟା ଏଭଳି କେତେକ ସରଳ ନୀତି ଓ ନିୟମର ଅନୁବର୍ତ୍ତୀ ହେବା ଅବଶ୍ୟକ ଯେପରି ରୂପକର ଆକାର ସଂକ୍ଷିପ୍ତ ଓ ପରିମିତ ହେବ । ଏହି ସାଧାରଣ ଶୃଙ୍ଖଳା ପଢ ସମ୍ୟକ୍ ଅବହିତ ରହି ନିମ୍ନଲିଖିତ ସୂଚନାଗୁଡ଼ିକୁ ଅନୁଶୀଳନ କରିବାକୁ ହେବ ।

୪୮] ସ୍ୱରଙ୍କିକାର ପ୍ରଥମ ଲିପିହିଁ ସମଗ୍ର ସ୍ୱରଙ୍କିକାର ସ୍ଥିତି-ନିୟାମକ ହେବ ।



୪୯] ଚଳନ୍ତିକା 'ଏ' ପରବର୍ତ୍ତୀ ଲିପି ସହିତ ଯୁକ୍ତ ହେଲେ ଲିପିର ସ୍ଥିତି ଅନୁଯାୟୀ ଚଳନ୍ତିକାର ସ୍ଥିତି ନିଯୁକ୍ତି ହେବ ।



୫୦] ଅନ୍ୟ ଲିପି ବା ଚଳନ୍ତିକା ସହିତ ଯୁକ୍ତ ହେଲେ ଚଳନ୍ତିକା 'ପାଇଁନାହିଁ' ଏକ ଡାଳ୍ ଆକାର ଧାରଣ କରିବ । ଲ, ମ ବା ନିମ୍ନମୁଖୀ ସରଳ ଲିପି ସଂଲଗ୍ନ ହେଲେ ଉକ୍ତ ଡାଳ୍ ଉର୍ଦ୍ଧ୍ୱମୁଖୀ ହେବ । ଅନ୍ୟଥା ଏହା

ନମ୍ରମୁଖୀ ହେବ । ସରଳ ଆନୁଭୂମିକ ଲିପି ବା ଉର୍ଦ୍ଧ୍ୱମୁଖ ଲିପି ସଂଲଗ୍ନ ହେଲେ ଏହାର ଅଙ୍କ ର ଅପରିବର୍ତ୍ତିତ ରହିବ ।

ହେବନାହିଁ/ହେବାପାଇଁ .. ଯାଉ ନାହିଁ .... ଯାଉନାହିଁ ..

ହେଉନାହିଁ .. ହୋଉନାହିଁ .. ରହୁନାହିଁ ରହୁନାହିଁ ....

କେହି ନହିଁ .... ପାଉନାହିଁ .... ଏହିପାଇଁ .... ଏଣୁ ପାଇଁ ....

ମନେ ନାହିଁ ..... ରହିରେ ନାହିଁ .... ଯାଉଥିଲେ ନାହିଁ ....

୫୧] ଚଳନ୍ତିକା 'ଏହି (ଏଇ)' ନମ୍ରମୁଖୀ ସରଳ ଲିପି ସଂଲଗ୍ନ ହେଲେ ତାହା ଲିପିର ସ୍ଥିତି ଅନୁଯାୟୀ ସ୍ଥଳବିଶେଷରେ ଶୀର୍ଷକ ନ ହୋଇ ସଳଗ୍ନ ହେବ ।

ଏଇଠା ..... ଏଇଠି .... ଏହି ସେ .... ଏହି ସେଇ ....

୫୨] ଚଳନ୍ତିକା 'ନୁହେଁ' ସ୍ଥଳବିଶେଷରେ 'ନୋହୁଁ'ର ମଧ୍ୟ ସ୍ଥାନ ନେବ । ଚଳନ୍ତିକା ନୁହଁ, ନୁହେଁ, ହେଉ, ହିଁ ପୂର୍ବବର୍ତ୍ତୀ ଲିପି ସଂଲଗ୍ନ ହେଲେ ଉକ୍ତ ଲିପିର ସ୍ଥିତି ଅନୁଯାୟୀ ଏଗୁଡ଼ିକର ସ୍ଥିତି ନିର୍ଦ୍ଧାରିତ ହେବ ।

ଆମେ ନୋହୁଁ ..... ତୁମେ ନୁହଁ .... ଯାହାହେଉ ....

କଥା ନୁହେଁ ..... ତା ନୁହେଁ .... ତା ମାନେ ନୁହେଁ ....

ନ ହେଉ .... ଫଳରେ ହିଁ .... ହେବ ହିଁ ହେବ ....

୫୩] ଚଳନ୍ତିକା 'ଆଉ' ପରବର୍ତ୍ତୀ ଚଳନ୍ତିକା ସହିତ ଯୁକ୍ତ ହେଲେ ଅ-ଟିକ ଆକାର ଧାରଣ କରିବ ।

ଆଉ ଅଧିକ .... ଆଉ ଗୋଟିଏ ....

୫୪] ଚଳନ୍ତିକା ଦେଇ, ଦେଖ, ବୁଝ, ରଖ ସଂକ୍ଷିପ୍ତିକାରେ ଯଥାକ୍ରମେ ଆଦିଆ, ଦେଖ, ବୁଝ ଓ ରଖ ପ୍ରତିପାଦନ କରିବ ।

ଦିଆଯାଉ ନାହିଁ .... ଦିଆଯାଉ ନାହିଁ .... ଦେଖା ଯାଏନାହିଁ ....

ଦେଖା ଯାଉନାହିଁ .... ବୁଝାଉ ନାହିଁ/ବୁଝାଯାଉ ନାହିଁ ....

୫୫] ରୂପକକୁ ଦ୍ୱନ୍ଦ୍ୱମୁକ୍ତ କରିବା ପାଇଁ ସ୍ଥଳବିଶେଷରେ ସଂକ୍ଷିପ୍ତିକାରେ ମଧ୍ୟ ସ୍ୱରସଂକେତ ଯେ ଦିଆଯାଇପାରେ ତାହା 'ସ୍ତମ୍ଭ' ପ୍ରାରମ୍ଭରେ ଦର୍ଶାଯାଇଛି ।

ପଢ଼ ଓ ଲେଖ: ଅନୁଶୀଳନୀ-୬୧

(ଅନୁଚ୍ଛେଦ ୫୬ର ଅବଶିଷ୍ଟାଂଶ)

ଅନେକ .... ଅନ୍ୟ ଏକ .... ଏକ ପ୍ରଥା .... ଏ ହିଁ ସି ....
ଏକଟା ଗୋଟାଏ .... ଏକଟା ଗୋଟିଏ ....

ଅନୁଶୀଳନୀ—୨୨

ଲେଖ ଓ ପଢ଼ :

ଏବେ ମୂଷାଙ୍କ ଦାଉରେ ତୁମର ଆଉ ଆଗ ଭଳି ଲାଭ ହେବ ନାହିଁ ଓ ମଶାଙ୍କ ଦାଉରେ ଗାତରେ ଜଳ ହେଉନାହିଁ । ତା ମାନେ ନୁହେଁ ମଶା ମୂଷା ଉଭୟେ ମିଶି ତୁମକୁ ଏ ଦୁନିଆରେ ରଖାଇ ଦେବେନାହିଁ ଓ ତୁମେ ତାଙ୍କ ଭୟରେ ଅରଣ୍ୟରେ ଯାଇ ରହିବ । ତଥାଁ ଖାଇ ଟେଙ୍କା ଖାଇବା ପଡ଼ ଏଣିକି ଆଉ ଚଳିବ ନାହିଁ । ଏକଥା ତୁମକୁ ଯେ ବୁଝାଇ ଦିଆ ଯାଇ ନାହିଁ ତାହା ନୁହେଁ, ତଥାପି ତୁମେ ଆଉ ଗୋଟିଏ ଆଲଦେଖାଇ ନ୍ୟାୟ ଲୁଣିଆଙ୍କୁ ତ ବୋକଗ୍ ବୋହିବାକୁ ଅବ୍ୟାହତି ଦେଲ ନାହିଁ । ଲୋକ ଯାଉ ଯାଉ ଖମାରେ ଗଲ ପଡ଼ିଲେ ଆମେ ମଜା ଦେଖିବା ପାଇଁ ଅଡ୍ଡାରେ କହୁ ବାଟ ଦେଖାଯାଉ ନାହିଁ କି ଆଉ କେହି କେହି ବ ତାକୁ ମାଗ ନାଚୁ । କାରଣ ନିଜ ପାଳି ପଡ଼ିଲେ ବାଉଳା ହେବା କଥା ଆମେ ଏକଦମ ଭୁଲିଯାଉ । ପାଳି ହେବାପାଇଁ ଆଉ କେହି ଭେଦା ଦେବେ ନାହିଁ । ତେଣୁ ଆଜି ଆଉ ପାଳି ହେବ ନାହିଁ । ଗାତରେ ଆଲୁଅ ତ ଜଳିବ ନାହିଁ । ଫାଟକରେ ବ ତାଲ ପଡ଼ିବ, ତା ନହେଲେ ସେ ବୁଝିବ ନାହିଁ କି ତାକୁ ବୁଝାଇ ହେବ ନାହିଁ ।

ସପ୍ତମ ପରିଚ୍ଛେଦ

କ୍ଷୁଦ୍ର ବୃତ୍ତ

୫୭] ସ କେବଳ ଲିପିଦ୍ୱାରା ପ୍ରତିପାଦିତ ନହୋଇ ସ୍ଥଳବିଶେଷରେ ଏକ କ୍ଷୁଦ୍ର ବୃତ୍ତଦ୍ୱାରା ମଧ୍ୟ ପ୍ରତିପାଦିତ ହେବ । ଏହାକୁ ସ-ବୃତ୍ତ ବା କ୍ଷୁଦ୍ର ବୃତ୍ତ କୁହାଯିବ ।

୫୮] ଏହି ଗ୍ରନ୍ଥୋକ୍ତ 'ବାମାବର୍ତ୍ତୀ' ଶବ୍ଦର ଅର୍ଥ, ଲେଖକର ଗତି ବାମରୁ ଦକ୍ଷିଣକୁ .... ହୋଇ ବୁଝାଯିବ ଏବଂ 'ଦକ୍ଷିଣାବର୍ତ୍ତୀ' ଶବ୍ଦ ତଦ୍ୱିପରୀତ ଗତି .... ନିର୍ଦ୍ଦେଶ କରିବ ।

୫୯) ପ୍ରୟୋଗ ବିଧି —

(କ) ସରଳ ଲିପି ସଂଲଗ୍ନ ସ-ବୃତ୍ତ ବାମାବର୍ତ୍ତୀ ହେବ —

କସ .... ରସ .... ସବୁ ....

(ଖ) ବକ୍ର ଲିପି ସଂଲଗ୍ନ ସ-ବୃତ୍ତ ଆଭ୍ୟନ୍ତରୀଣ ହେବ ।

ମାସ .... କାଶ .... ନାଶ ....

(ଗ) ଦୁଇଟି ସରଳଲିପି ମଧ୍ୟସ୍ଥ ସ-ବୃତ୍ତ ଉକ୍ତ ଲିପିଦ୍ୱୟ ଗଠିତ କୋଣର ବହିସ୍ଥ ପାର୍ଶ୍ୱରେ ରହିବ ।

ରସିକ .... ପୋଷାକ ....

(ଘ) କ-ଲିପି ଓ ଅନ୍ତ୍ୟ ସ-ବୃତ୍ତ କ୍ସ ବା କ୍ଷ ପ୍ରତିପାଦନ କରିବ ।

ତାକ୍ସ .... ଦକ୍ଷ .... ଅକସ୍ମାତ .... ସୂକ୍ଷ୍ମ ....

୫୯) ମ ଣ ବା ଫଳାଯୁକ୍ତ ଖ ଓ କ୍ଷ ମଧ୍ୟରେ ଉଚ୍ଚାରଣଗତ ସାମ୍ୟ ଥିବା ହେତୁ ମିତସଂସ୍ଥାନ ନିମିତ୍ତ ସ୍ଥଳବିଶେଷରେ ଖ-ଲିପି ପରିବର୍ତ୍ତେ କ-ଲିପି ଓ କ୍ଷୁଦ୍ରବୃତ୍ତ ଲେଖାଯିବ ।

ମୋକ୍ଷ .... ବ୍ୟାଖ୍ୟା .... ଆଖ୍ୟାୟିକା .... ସାମୁଖ୍ୟ ....
ସଖ୍ୟ .... ଖସି .... ଖୁସି .... ଆଖି .... ଗୋଖାଦ୍ୟ ....

୬୦) ଆଦ୍ୟ କ୍ଷୁଦ୍ର-ବୃତ୍ତ ପ୍ରଥମେ ଓ ଅନ୍ତ୍ୟ କ୍ଷୁଦ୍ର-ବୃତ୍ତ ଶେଷରେ ଉଚ୍ଚାରିତ ହେବ ।

ସାବାସ .... ସମାସ .... ସରସ .... ସାରସ ....

୨୯] କ୍ଷୁଦ୍ର-ବୃତ୍ତ ଓ ପରବର୍ତ୍ତୀ ମୁକ୍ତ କ, ଙ, ଚ, ନ, ପ, ଫ, ମ-ଲିପି ଯଥାକ୍ରମେ ସ୍କ, ସ୍ଙ, ସ୍ଚ, ସ୍ତ, ସ୍ପ, ସ୍ଫ, ସ୍ମ ଯୁକ୍ତବର୍ଣ୍ଣର ସୂଚକ ହେବ ।

କଦମ୍ବ ..... ଷ୍ଟେସନ ..... ସ୍ପଷ୍ଟ ..... ସ୍ମର୍ଣ୍ଣ .....

ସ୍ନେହ ..... ବସ୍ତ୍ର .....

୨୭) ବୃତ୍ତ ଓ ସ୍ୱର ସଂକେତ- (କ) ଆଦ୍ୟ କ୍ଷୁଦ୍ରବୃତ୍ତ ଓ ପରବର୍ତ୍ତୀ ଲିପି ମଧ୍ୟରେ କୌଣସି ସ୍ୱରବର୍ଣ୍ଣ ଥିଲେ ସେଥିପାଇଁ ନିର୍ଦ୍ଦିଷ୍ଟ ସ୍ୱରସଙ୍କେତ ବ୍ୟଞ୍ଜନ ଲିପି ପୂର୍ବରୁ ଯଥାସ୍ଥାନରେ ବସାଯିବ ଏବଂ ସ ଓ ଲିପି ଉଭୟ ସ୍ୱତନ୍ତ୍ର ଭାବରେ ଉଚ୍ଚାରିତ ହେବ ।

ସୋଡ ..... ସେଫାଲୀ ..... ସାଗ .....

(ଖ) ରୂପକ ମଧ୍ୟବର୍ତ୍ତୀ କ୍ଷୁଦ୍ରବୃତ୍ତ ଓ ପରବର୍ତ୍ତୀ ଲିପି ମଧ୍ୟରେ ପ୍ରଥମ ସ୍ୱରସଙ୍କେତ ସାଧାରଣତଃ ଲେଖା ହେବ କିନ୍ତୁ ଅନ୍ୟାନ୍ୟ ସ୍ୱରସଙ୍କେତ ଯଥାସ୍ଥାନରେ ବସାଯିବ ।

ବସନ ..... ବସୁ ..... କସୋର ..... ଗରିଷା .....

(ଗ) ଶବ୍ଦର ଆଦ୍ୟରେ ଅ ଆ ପରେ ସ ଥିଲେ ଟିକ ଅ ଓ କ୍ଷୁଦ୍ରବୃତ୍ତ, ଏ, ଇ ଥିଲେ ସ୍ୟ-ଲିପି ଓ କ୍ଷୁଦ୍ର ବୃତ୍ତ ଏବଂ ଉ-ଥିଲେ ଓ ଲିପି ଓ କ୍ଷୁଦ୍ରବୃତ୍ତ ଲେଖାଯିବ ।

ଅସାମ ..... ଅସିଦ୍ଧ ..... ଅସୁଲ ..... ଏସପ .....

ଉସାଣ ..... ଉସ୍ୱନା .....

(ଘ) ଅନ୍ତ୍ୟ ସ ବିମୁକ୍ତ ଥିଲେ ଅର୍ଥାତ ସ-ପରେ ଆ, ଇ ଇତ୍ୟାଦ ଥିଲେ ବୃତ୍ତ ଲେଖା ନ ହୋଇ ଲିପି ଲେଖାଯିବ ।

ରସ ..... ରଶ୍ମି ..... ବିଳାସ ..... ବିଳାସୀ .....

ବସ ..... ବସି ..... ବସିଲ ..... ବସିବ .....



ଅନୁଶୀଳନ — ୨୪

(୧) ପକ୍ଷ, ପାକ୍ଷିକ, ପ୍ରତ୍ୟକ୍ଷ, ବାଂକ୍ଷ, ରକ୍ଷା. ଭକ୍ଷକ, ତକ୍ଷକ, ଦକ୍ଷ, ଦକ୍ଷତା, ଆକ୍ଷ (୨) ଅଧ୍ୟକ୍ଷ, କ୍ଷମା, କ୍ଷମାଶୀଳ, ଅଂଶ, ଅଂଶିକ, ଆଦିଂଶ, ଶିବ, ଆଶିବ ହସ, ହସିବା, ହସିଲ (୩) ଖାଦ୍ୟ, ସୁଲୋଚନା, ସାଲସା, ସାଲିଶ, ଶୋଷ, ପସରା, ପରଶ, ଜବାସ, ଅଖାଦ୍ୟ କୁଖାଦ୍ୟ (୪) ଶିକ୍ଷା, ଶିକ୍ଷକ, ଶିକ୍ଷିତ, ଅଶିକ୍ଷିତ, ହସାଦ, କଷ୍ଟି, ସଜାଗ, ସୁଲଭ, ଅସଲ, ଆସିଲ (୫) ଆସନ, ଶିଳ୍ପ, ସୂତା, ବସ, ବସି ବସିବ, ବସିଲ, ସକ୍ଷମ, ସୂକ୍ଷ୍ମ, ସମାପ୍ତିରଖ ।

ଚଳନ୍ତିଆ

ଆବଶ୍ୟକ ..... ସଇଷା .... ସପ୍ତାହ ... ଦେଶି ... ବିଷୟ ...

ଭାଷା-ଷୀ ... ମହାଶୟ ... ସମସ୍ୟା/ସମାଧାନ ..... ସମର୍ଥନ ...

ଲିପାଇନସିଁ

ଓଡ଼ିଶା-ଶୀ ... ବିକାଶ-ଶେ ... ସାମୟିକ ... ସାପ୍ତାହିକ ...

ସୁବିଧା—

ଭାଷା-ଭାଷୀ ... ଓଡ଼ିଶାବାସୀ ... ହେବା ଆବଶ୍ୟକ ...



ଅନୁଶୀଳନୀ—୧୬

ଲେଖ ଓ ପଢ଼—

ଓଡ଼ିଆ ଭାଷାର ବିକାଶ ଓ ଉନ୍ନତି ବିଷୟରେ ପରେଶବାବୁ ସପକ୍ଷ ଓ ବିପକ୍ଷ ଉଭୟ ଦିଗରୁ ନାନା ତଥ୍ୟ, ସଂଖ୍ୟା ଓ ହିସାବ ଦେଇ ଶିକ୍ଷକ ସୁଲଭ

ଭଙ୍ଗୀରେ ସଭା ସମକ୍ଷରେ ଯେଉଁଭଳି ବ୍ୟାଖ୍ୟା କଲେ ତାହା ଶୁଣିବାପରେ ଏ ବିଷୟରେ ଆଉ ଅଧିକ ବ୍ୟାଖ୍ୟା ଅନାବଶ୍ୟକ ବୋଲି ଆମେ କହିବାକୁ ବାଧ୍ୟ। ଏକଥା ସତ୍ୟ ଯେ ରୁଚି ସଂଯୋଗ ହେବା ସକାଶେ ଶିକ୍ଷା ରୂପକ ମୂଳଦୁଆ ଆବଶ୍ୟକ। ଏଥିପାଇଁ ପଇସାର ଆବଶ୍ୟକତା ଯେ ନାହିଁ ତାହା ନୁହେଁ। ତା ବୋଲି ବେଶି ପଇସା ମିଳିଲେ ଯେ ବେଶ ସମର୍ଥନ ମିଳିଯିବ ଓ ତା ଫଳରେ ସମାଧାନର ପଥ ସୁଗମ ହେବ ତା ନୁହେଁ। ଓଡ଼ିଆ ଭାଷାର ବିକାଶ ଲାଗି ଯାହା ଯାହା ଆବଶ୍ୟକ ବୋଲି ଯେ ହିସାବ ଦେଲେ ଆମ ଭାଷାରେ ତାହା ଅନାବଶ୍ୟକ ଚଳାଣ। କାରଣ ସାମାଜିକ ଉନ୍ନତି ଓ ବିକାଶର ଅସଲ କଥା ହେଲା ଶିକ୍ଷା, ଶିକ୍ଷକ ଓ ସମ୍ବେଦନା। ସଭାରେ ଏସବୁ ବିଷୟରେ ବିଶଦ ବ୍ୟାଖ୍ୟା ହେଲେ ଆମ ସପକ୍ଷରେ ଅଧିକ ସମର୍ଥନ ମିଳିବ ବୋଲି ଆଶା। ସବୁ ଶୁଭ କାମରେ ପଇସା ନାହିଁ ବୋଲି ମୂଳରୁ ହତାଶ ହେଲେ କାହାରୁ ଆମକୁ ସମର୍ଥନ ମିଳିବ ନାହିଁ। ଏ ସପ୍ତାହରେ ଗୋଷ୍ଠୀ ପାଇଁ ଆଉ ଅଧିକ ଖାଦ୍ୟ କିଣିବାକୁ ପଇସା ନାହିଁ କି ଆବଶ୍ୟକତା ବି ନାହିଁ।

ଅଷ୍ଟମ ପରିଚ୍ଛେଦ

କ୍ଷୁଦ୍ରବୃତ୍ତ (ହୁକ)

୬୩) (କ) ରୂପକ ମଧ୍ୟବର୍ତ୍ତୀ କ୍ଷୁଦ୍ର-ବୃତ୍ତ ପରେ ଥିବା କ/ଲ-ଲିପି ହୁକର ସମାବର୍ତ୍ତକ ହେବ।

ମହଲ ... ଫସଲ ...

(ଖ) ରୂପକ ମଧ୍ୟବର୍ତ୍ତୀ କ୍ଷୁଦ୍ର-ବୃତ୍ତ ପରେ ଥିବା ତ-ଦ-ଥ-ଧ ବୃତ୍ତର ସମାବର୍ତ୍ତକ ହେବ, ଅର୍ଥାତ୍ ସ୍ଥଳବିଶେଷରେ ବକ୍ରଲିପି ଲେଖାଯିବ।

ମହତ ... ମସ୍ତିଷ୍କ ... ସ୍ପଷ୍ଟ ... ସ୍ୱାଦ ...

କଷ୍ଟ ... କଟେଇ ...

୬୪) ଟିକ ଅ ଓ ସ-ବୃତ୍ତ ପରେ ଅ-ଧ କି। ପଟେ ଲେଖାଯିବ।

ଆସ୍ଥା ... ଅସାଧୁ ... ଅସ୍ଥାୟୀ ... ସ୍ଥାୟୀ ...

୨୫। ଏକକ ସ-ଦ୍ୱାରା ଗଠିତ ଶବ୍ଦ କେବଳ ଲିପିସ୍ୱର ଲେଖାଯିବ ।

ଆସ ...... ସେ ......

୨୬। କେବଳ ଦୁଇଟି ସ-ଦ୍ୱାରା ଗଠିତ ଶବ୍ଦରେ ଅନ୍ତ୍ୟ ସ ବମୁକ୍ତ ଥିଲେ ଅର୍ଥାତ୍ ଅନ୍ତ୍ୟ ସ ପରେ ଆ, ଇ ଇତ୍ୟାଦି ସ୍ୱରବର୍ଣ୍ଣ ଥିଲେ ପ୍ରଥମ ସ ବୃତ୍ତରେ ଓ ଦ୍ୱିତୀୟ ସ ଲିପିରେ ଲେଖାଯିବ । ଅନ୍ୟଥା ଏହାର ବିପରୀତ ପନ୍ଥା ଅବଲମ୍ବିତ ହେବ । କିନ୍ତୁ ଆଦ୍ୟରେ ଥିବା ଦୁଇଟି ସ ପରେ ଅନ୍ୟ ବ୍ୟଞ୍ଜନ ବର୍ଣ୍ଣ ଥିଲେ ପ୍ରଥମ ସ, ଲିପିରେ ଓ ଦ୍ୱିତୀୟ ସ, ବୃତ୍ତରେ ଲେଖାଯିବ ।

ଶାସ୍ତ୍ର ...... ଶିଷ୍ୟ ...... ଶେଷ ...... ସସୀମ ...... ସୁଷମା ......

ଅନୁଶୀଳନୀ — ୨୬

ପଢ଼ ଓ ଲେଖ



ଅନୁଶୀଳନୀ — ୨୭

ଲେଖ ଓ ପଢ଼—

(୧) ଶାଳ, ବଶୀଳ, ପିଆଶାଳ, ଶୋଷ, ନିକାଶ, ଅଂଶ, ନିଅଂଶ, ଉପମା, ରସାଳ, ସଂସ୍ଥା ସୁଧା (୨) ବିଶୁଦ୍ଧ, ସ୍ଥାୟୀ, ଅସ୍ଥାୟୀ, ଚିରସ୍ଥାୟୀ, ଶୁଦ୍ଧ, ଅଶୁଦ୍ଧ, ରଚନା, ରସାୟନ, ରାସାୟନିକ, ଶ୍ମଶାନ, ଦୀକ୍ଷା (୩) ଦୀକ୍ଷିତ, ଶିକ୍ଷିତ, ଦକ୍ଷିଣା, ବସିଲ, ଖସିଲେ, ମନାସିଲେ, ବଦାସିଲେ, ମାସ, ସମାସ, ମାସିକ (୪) ମାସୁଲ, ଶୀତଳ, ଶିଥିଳ, ମାଂସଳ, ବସୁଧା, ଦାକ୍ଷିଣାତ୍ୟ, ଧ୍ୱଂସ, ବିଧ୍ୱଂସ, ସଦସ୍ୟ, ସମାଧି ।

ଚଳନ୍ତିକା

ଅଶ୍ରଦ୍ଧା ...... ଅଧିକାଂଶ ...... ସୁବିଧା ...... ସରକାର ......

ସରକାରୀ-ସ୍ୱାର୍ଥ ...... ସମସ୍ତ(ସ୍ତେ) ......

ସ୍ମରଣିକା

ସେପରି ...... ସେ ବିଷୟ ...... ସେଇଠି ...... ସେଥିପାଇଁ ...... ସେମାନଙ୍କର ......

ଅନ୍ୟାନ୍ୟ ସ୍ମରଣିକା

ଏ ବିଷୟ ...... ଏପରି ...... ଆଜିକାଲି ...... ଯଥାସମ୍ଭବ ......

ଅନୁଶୀଳନୀ — ୨୮

ପଢ଼ ଓ ଲେଖ—



ଲେଖ ଓ ପଢ —

'ଶିକ୍ଷାର ଅଭିମୁଖ୍ୟ ଓ ସରକାରଙ୍କ ଭୂମିକା' ବିଷୟରେ ଆପଣଙ୍କ ବ୍ୟାଖ୍ୟା ଶୁଣି ମୁଁ ଆଶ୍ଚର୍ଯ୍ୟ ହେଲି । କାରଣ ଶିକ୍ଷାର ବିକାଶରେ ସ୍ୱାୟତ୍ତ ଶାସନ ସଂସ୍ଥାର ଭୂମିକାକୁ ତାହା ପରୋକ୍ଷ ଭାବରେ ସମର୍ଥନ କଲଭଳି ମନେହେଲା । ସେ ଯାହାହେଉ ଆମେ ସମସ୍ତେ ଏକଥା ମାନିବାକୁ ବାଧ୍ୟ ଯେ ଆମ ଦେଶର ଅଧିକାଂଶ ଲୋକ ଅଶିକ୍ଷିତ । କାରଣ ଶିକ୍ଷାର ବିକାଶ ପାଇଁ ଯେଉଁ ସବୁ ସୁବିଧା ସୁଯୋଗ ଆବଶ୍ୟକ ତାହା ଯୋଗାଇ ଦେବାକୁ ସରକାର ଅକ୍ଷମ । ସେଥିପାଇଁ ଆମେ ସମସ୍ତେ ଚାହୁଁ ଯେ ସ୍ୱାୟତ୍ତ ଶାସନ ସଂସ୍ଥା ଶିକ୍ଷାର ଆଂଶିକ ଦାୟିତ୍ୱ ନେବା ଆବଶ୍ୟକ । ଏହା ଫଳରେ ସମସ୍ତେ ନହେଲେ ବି ଅଧିକାଂଶ ଲୋକ ସେ ସୁବିଧା ସୁଯୋଗ ପାଇବାର ପଥ ସୁଗମ ହେବ । ତା ଫଳରେ ନିଜ ସ୍ୱାର୍ଥ ପାଇଁ ଦେଶର ସମୂହ ସ୍ୱାର୍ଥକୁ ବଳି ଦେବାର ବୃତ୍ତି ଓ ଅଭ୍ୟାସ କମିଯିବ । ଆପଣ ସରକାରୀ ଶିକ୍ଷକ ସାମୁଖ୍ୟର ସୁଯୋଗ୍ୟ ଅଧ୍ୟକ୍ଷ ହିସାବରେ ଏ ବିଷୟରେ ଆପଣଙ୍କ ବ୍ୟାଖ୍ୟାରେ ସାମାନ୍ୟ ସୂଚନା ବା ଆଭାସ ନ ଦେବା କ୍ଷୋଭ ଓ ଆଶ୍ଚର୍ଯ୍ୟର ବିଷୟ ନୁହେଁ କି ?

ନବମ ପରିଚ୍ଛେଦ

ବୃହତ୍ତର ବୃତ୍ତ

୫୭) ରୂପକର ଆଦ୍ୟରେ କ୍ଷୁଦ୍ର-ବୃତ୍ତ ଅପେକ୍ଷା ବାମାବର୍ତ୍ତିକ ବଡ ବୃତ୍ତଟିଏ ଲେଖାଗଲେ ତାହା ସ୍ୱ ବା 'ସହ' ଉପପଦ ପ୍ରତିପାଦନ କରିବ । ସ୍ୱ ବା ସହ ପରବର୍ତ୍ତୀ ସ୍ୱରବର୍ଣ୍ଣ ରୂପକର ସ୍ଥିତି ନିୟାମକ ହେବ ।



୫୮) ରୂପକ ଆଦ୍ୟରେ ସାହା, ସାହ, ସୁହ ଇତ୍ୟାଦି ଥିଲେ ଅର୍ଥାତ୍ ସ ଓ ହ ମଧ୍ୟରେ ଅ-ଭିନ୍ନ ସ୍ୱରବର୍ଣ୍ଣ ଥିଲେ ହ-ଲିପିର ମୁଣ୍ଡଳାଟି ଟିକିଏ ବଡ଼ ଲେଖାଯିବ ଏବଂ ସ-ହ ମଧ୍ୟବର୍ତ୍ତୀ ଡ଼ାଶ ବା ଡ଼ଟ ପାଇଁ ହ-ଲିପିର ମୁଣ୍ଡଳା ଭିତରେ ଡ଼ାସ୍ ବା ଡ଼ଟ୍ ବସାଯିବ । ସ-ହ ମଧ୍ୟବର୍ତ୍ତୀ ସ୍ୱରବର୍ଣ୍ଣ ରୂପକର ସ୍ଥିତିନିୟାମକ ହେବ ।



୫୯) ରୂପକ ମଧ୍ୟରେ ବା ଅନ୍ତ୍ୟରେ ବୃହତ୍ତର ବୃତ୍ତ ଲେଖାଗଲେ ତାହା ଶ୍ୟ/ସ୍ସ ଏବଂ ସ୍ଥଳବିଶେଷରେ ସ-ସ ମଧ୍ୟ ଜ୍ଞାପନ କରିବ । ସ-ସ ମଧ୍ୟବର୍ତ୍ତୀ ସ୍ୱରବର୍ଣ୍ଣ ଡ଼ାସ ବା ଡ଼ଟ୍ ଦ୍ୱାରା ଚିହ୍ନିତ କରାଯିବ ।



୬୦) କେବଳ 'ସ ଓ ହ' ଦ୍ୱାରା ଗଠିତ ଶବ୍ଦରେ ହ ଉହ୍ୟ ରହିବ ।



୬୧) ସହଯୋଗ ଅସହଯୋଗ, ସହିଷ୍ଣୁ, ଅସହିଷ୍ଣୁ ଇତ୍ୟାଦି ବିପର୍ଯ୍ୟତାର୍ଥ ବୋଧକ ଶବ୍ଦ ବ୍ୟତୀତ ଅନ୍ୟତ୍ର ଆଦ୍ୟ ଅ, ଆ ପରେ ବୃହତ୍ତର ବୃତ୍ତ ଲେଖାଯିବ ନାହିଁ, ସ-ଲିପି ଲେଖାଯିବ ।



୬୨) କ ଲିପି ଓ ଅନ୍ତ୍ୟ ବୃହତ୍ତର ବୃତ୍ତ 'କ୍ଷସ' ପ୍ରତିପାଦନ କରିବ ।



ପାଠ ଲେଖ:— ଅନୁଶୀଳନୀ-୩୮



ଅନୁଶୀଳନୀ— ୩୨

(୧) ସହଗାମୀ, ସହସ୍ତ୍ର, ସହସ୍ତ୍ରତା, ମନୁଷ୍ୟ, ମନୁଷ୍ୟତ୍ୱ, ସ୍ୱାସ୍ଥ୍ୟ, ଲସ୍ୟ, ଶସ୍ୟ, ଅବଶେଷ, ଅବଶୋଷ (୨) ଦାସ୍ୟ, ନକସ୍, ଓଜସ୍ୱିନୀ, ହାସ୍ୟ ସହାସ୍ୟ, ଭାଷ୍ୟ, ବିଂଶତି, ବିଶେଷତ୍ୱ, ବଶିଷ୍ଟ (୩) ଉଦ୍ଦେଶ୍ୟ, ସଦୁଦ୍ଦେଶ୍ୟ, ଅସଦୁଦ୍ଦେଶ୍ୟ, ଭୂସ୍ୱାମୀ, ଗୋସ୍ୱାମୀ, ଆଶ୍ୱାସ, ଆଶ୍ୱାସନା, ଶାଶ୍ୱତ, ସାହାଲ, ସାହସ (୪) ସହଧର୍ମିକ, ଅବଶ୍ୟ, ଆଶ୍ୱିନ, ଅଶ୍ୱ, ଅଶ୍ୱଥ, ଅଶ୍ୱମେଧ, ତପସ୍ୱିନୀ ବାହୁବଳୀଧ, ସୁହାସିନୀ, ସ୍ୱାଧୀନ।

ଚଳନ୍ତିକା



ସହାସ୍ ...... ସହ୍ୟ ...... ସୁସମସ୍ୟା ...... ବିଶ୍ୱାସ-ପାତ୍ର ......

ସହଜ, ସାହାସ୍ୟ ...... ସାହିତ୍ୟ ...... ସ୍ୱାସ୍ଥ୍ୟ ...... ଇଶ୍ୱର ......

ପଢ଼ ଓ ଲେଖ:— ଅନୁଶୀଳନୀ-୩୨କ



ଅନୁଶୀଳନୀ—୩୨

ମନୁଷ୍ୟର ଆବଶ୍ୟକତାର ସୀମା ସଂଖ୍ୟା ନାହିଁ କି ସମସ୍ୟାର ବିଶେଷ ନାହିଁ। ଆବଶ୍ୟକତା ଯେତେ ବଢ଼ିବ ସମସ୍ୟା ବି ସେହି ଅନୁସାରେ ବଢ଼ି

ଚଳିବ। ତେଣୁ ଏ ଦୁଇଟି ସହୋଦର ଭଳି ରହିବାକୁ ବାଧ୍ୟ। ମନୁଷ୍ୟତ୍ୱର ବିକାଶ ପାଇଁ ଉତ୍ତମ ସ୍ୱାସ୍ଥ୍ୟ ଓ ରସାଳ ସାହିତ୍ୟ ଆବଶ୍ୟକ। ତେଣୁ ଏ ଦୁଇଟି ସହୋଦର ଭଳି ହେବା ଆବଶ୍ୟକ। ଅବଶ୍ୟ କଥାରେ ଏଭଳି କହିବା ଖୁବ୍ ସହଜ, କାମରେ ନୁହେଁ। ସାହିତ୍ୟର ବିକାଶ ବା ସ୍ୱାସ୍ଥ୍ୟର ଉନ୍ନତି ପାଇଁ ମନୁଷ୍ୟତ୍ୱ ବେଶି ଆବଶ୍ୟକ କି ସୁରା ବା ସୋମରସ ବେଶି ଆବଶ୍ୟକ ସେ କଥା ସାହିତ୍ୟିକଙ୍କ ପକ୍ଷରେ କହିବା ସହଜ। ତୁମ ଆମ ଭଳି ଅନାଡ଼ି ସରଳ ଲୋକେ ଅବଶ୍ୟ କହିବେ ଏସବୁ ଦେଶର ମୁଖ୍ୟ ସମସ୍ୟା ନୁହେଁ। ଭୂମି ସମସ୍ୟା ହିଁ ଦେଶର ମୁଖ୍ୟ ସମସ୍ୟା ଏବଂ ଭୂସ୍ୱାମୀଙ୍କ ସହାୟତା ବିନା ସେ ସମସ୍ୟାର ସମାଧାନ ସହଜ ନୁହେଁ। ସଭ୍ୟ ଶିକ୍ଷିତ ଲୋକେ ତ କହିବେ ହିଁ କହିବେ ଯେ ସାହିତ୍ୟ ଓ ସ୍ୱାସ୍ଥ୍ୟ ସରକାରୀ ସାହାଯ୍ୟର ମୁଖାପେକ୍ଷୀ ହେବା ଜାତି ପକ୍ଷରେ ଅତି ଲଜ୍ଜାର ବିଷୟ ଓ ଦେଶ ପକ୍ଷରେ ଏକ ଅଶୁଭ ସୂଚନା। ଲୋକ ଅସହ୍ୟ ହେଲେ ସାହାଯ୍ୟ ସହଜଲଭ୍ୟ ହେବ ଏକଥା ଅସହାୟ ଲୋକ ସହଜରେ ମାନିବ ନାହିଁ; ଅସନ୍ତୁଷ୍ଟ ଲୋକେ ତ ଶୁଣିବେ ନାହିଁ। ଅସହାୟ ଲୋକର ଈଶ୍ୱର ବିଶ୍ୱାସ ସହଜରେ ଆସେ, ଅସନ୍ତୁଷ୍ଟ ଲୋକର ତାହା ଆସେ ନାହିଁ। ବିଶ୍ୱାସ ବିନା ସଂସାରରେ ଚଳିବା ମୁସ୍କିଲ। ତେଣୁ ବିଶ୍ୱାସ ଏକ ଅମୂଲ୍ୟ ବସ୍ତୁ।

ଦଶମ ପରିଚ୍ଛେଦ

ସ୍ତ-ଫାଶ

୭୩) ସ ବୃତ୍ତକୁ ଟିକିଏ ଡେପ୍‌ଟା କରି ଲେଖିଲେ ଯେଉଁ ଫାସ (Loop) ହେବ, ତାକୁ ସ୍ତ-ଫାଶ କୁହାଯିବ। ଏହା ସ୍ତ, ସ୍ଥ, ଷ୍ଟ ବା ଷ୍ଠ ପ୍ରତିପାଦନ କରିବ। ଏହା ସ-ବୃତ୍ତ ପରି ବାମାବର୍ତ୍ତିକ ବା ଅଭ୍ୟନ୍ତରଣ ହେବ।



ଗସ୍ତ ...... ସୁସ୍ଥ ...... କଷ୍ଟ ...... କାଷ୍ଠ ......

୭୪) ସାଧାରଣତଃ ସ୍ତ-ଫାଶ ରୂପକର ଆଦ୍ୟରେ ବା ପ୍ରାନ୍ତରେ ଲେଖାଯିବ। କେବଳ ମିତସଂସ୍ଥାନ କମିବ ସ୍ଥଳବିଶେଷରେ ଏହା ରୂପକ ମଝିରେ ମଧ୍ୟ ଲେଖାଯାଇପାରେ।



ସ୍ତୂପ ...... ସ୍ତର ...... ଫେରସ୍ତ ...... ପୁସ୍ତକ ......

୨୫) ବିଶେଷଣ ପଦ-ସୂଚକ ସତ ସାତ ଇତ୍ୟାଦି ମଧ୍ୟ ଅନ୍ତ୍ୟ ସ୍ଥ ଫାଶ ଦ୍ୱାରା ପ୍ରତିପାଦିତ ହେବ ।

ବିକାଶ ... ବିକଶିତ ... ଉତ୍ସ ... ଉତ୍ସାହିତ ...

ଉପସ୍ଥିତ ... ଆଧ୍ୟାତ୍ମିକ ...

୨୬) ଆଦ୍ୟରେ ବା ପ୍ରାନ୍ତରେ ସ୍ୱରବର୍ଣ୍ଣ ଥିଲେ ସ୍ତ-ଫାଶ ଲେଖାଯିବ ନାହିଁ ।

ଅଷ୍ଟମୀ ... ଅସ୍ତାଚଳ ... ଭସ୍ତା ... ନାସ୍ତି ...

୨୭) ସ୍ୱ ଫାଶ :—ସ୍ତ-ଫାଶ ଅପେକ୍ଷା ଏକ ବୃହତ୍ତର ଫାଶ ସ୍ତ୍ର ବା ଷ୍ଟ୍ର ଏବଂ ସ୍ଥଳବିଶେଷରେ ସ୍ତର, ଷ୍ଟର ମଧ୍ୟ ଜ୍ଞାପନ କରିବ । ସାଧାରଣତଃ କଥିତ ଭାଷାରେ ପ୍ରଚଳିତ କେତେକ ଇଂରାଜୀ ଶବ୍ଦର ରୂପାନ୍ତରରେ ଏହି ଫାଶ ପ୍ରଯୁକ୍ତ ହେବ ।

ମାଷ୍ଟର ... ମିଷ୍ଟର ... ପେଷ୍ଟର ... ବାରିଷ୍ଟର ...

ପଢ଼ ଓ ଲେଖ :— ଅନୁଶୀଳନୀ—୩୪



ଅନୁଶୀଳନୀ — ୩୫

ଲେଖ ଓ ପଢ଼ :—

୧) ଦୁସ୍ଥ, ଶିଷ୍ଟ, ମୁଖସ୍ଥ, ବଳିଷ୍ଠ, କନିଷ୍ଠ, କାୟସ୍ଥ, ମାସ୍ତୁଲ, ଶୋଷିତ, ଶାସିତ, ଶ୍ଳେଷ୍ମ, [୨] କାନ୍ତି, ବାଧ୍ୟସ୍ତ, ଅଷ୍ଟମୀ, ଉଷ୍ଣ ଅପଦସ୍ଥ, ଅଧୀନସ୍ଥ, ଅଧ୍ୟୟନ, ଆଶ୍ୱସ୍ତ, ଅଶ୍ୱସ୍ତି, ମିନିଷ୍ଟର [୩] ଶସ୍ତ, ଶାସ୍ତ୍ର, ଅବସ୍ଥାନ ସମ୍ବାବସ୍ଥାନ ଅନ୍ତରଙ୍ଗ, ଆତ୍ମଯାତ୍, ସ୍ଥାୟୀ, ଅସ୍ଥାୟୀ, ଚିରସ୍ଥାୟୀ, ସାହାଯ୍ୟ ।

ଉଦାହରଣ

ସବୁଠି, ପଦ ... ସୁଖ ... ଚେଷ୍ଟା ... ସମସ୍ତ ... ତୁଷ୍ଟି ...

ଅବସ୍ଥା ... ବ୍ୟବସ୍ଥା ... ଷ୍ଟ୍ରୀ ... ଶତ ... ସ୍ତ୍ରୀ ...

ଉପସ୍ଥିତ-ହ ...

ନିପାତନସିଦ୍ଧ—ଯଦ୍ୟପି ... (ଯଦ୍ୟପି / ସଦ୍ୟପି) ... ଅନୁପସ୍ଥିତ-ହ ...

ସରଳିକାରେ-ସ୍ତ-ଫାଶ ସତ୍ୟ/ସତ୍ତ୍ୱେ ପ୍ରତିପାଦିତ କରିବ :

ଏକାଗ୍ର ପତ୍ୟ ... ଆମ ସମ୍ମତ ... ଆମେ ସତ ... ହେବାସତ୍ତ୍ୱେ ...

ହେଲେ ସୁଖ ... ଏଅବସ୍ଥା ... ସେହିସ୍ଥିତି ... ଆମ ତୁଷ୍ଟିରୁ ...

ପଢ଼ ଓ ଲେଖ :— ଅନୁଶୀଳନୀ—୩୬

ଲେଖ ଓ ପଢ :—

ବିଳାସ ବ୍ୟସନରେ ସମୟ ନ କଟାଇ ସଂସାରର ଅସ୍ଥିର ଅବସ୍ଥା ଦୃଷ୍ଟିରୁ ଭବିଷ୍ୟତ କଥା ଭାବିଲେ ଓ ସେ ଦୃଷ୍ଟିରୁ ଉପସ୍ଥିତ ସମସ୍ୟାର ଅନୁସମାଧାନ ଲାଗି ଚେଷ୍ଟା କଲେ ତୁମେ ସଂସାରର କଷ୍ଟ ସହିବାକୁ ଅଭ୍ୟସ୍ତ ହେବ ଓ ତା ଫଳରେ ତୁମର ଯଥେଷ୍ଟ ଶିକ୍ଷା ଲାଭ ହେବ । ଆଜି ଚେଷ୍ଟା ଭଳି ଚେଷ୍ଟା କଲେ କାଲି ସୁଦ୍ଧା ସେହିପରି ଶକ୍ତି ମିଳିଯାଇ ତୁମ ସମସ୍ୟା ସମାଧାନରେ ସହାୟକ ହେବ ଏବଂ ତା ଫଳରେ ଯଥେଷ୍ଟ ସମୟ ଓ ସୁଯୋଗ ତୁମକୁ ମିଳିବ । ପୁରୁଷର ସ୍ୱଭାବ ଅସ୍ଥିର ଓ ରୁକ୍ଷ ଏବଂ ସ୍ତ୍ରୀର ସ୍ୱଭାବ ସ୍ଥିର ଓ କୋମଳ । ଅତଏବ ସ୍ତ୍ରୀ ପୁରୁଷର ସହଯୋଗୀ ଓ ସହଗାମୀ ହେଲେ ସ୍ଥିରତା ଓ ଅସ୍ଥିରତା ଉଭୟ ଉଭେଇ ଯାଇ ସମତା ବଜାୟ ରହିବ । ଏହି ଦୃଷ୍ଟିରୁ ବିବାହକୁ ଦେଖିଲେ ଭବିଷ୍ୟତରେ ବହୁ କଷ୍ଟରୁ ସହଜରେ ରକ୍ଷା ମିଳିବ ଓ ଅଭିଳଷିତ ବସ୍ତୁ ସହଜଲଭ୍ୟ ହେବ । ପିଲା ଦୁଷ୍ଟ ହେଲେ ମାଷ୍ଟର ଯଦି ଦାୟୀ ହେବେ ତେବେ ଜଳ ଦୂଷିତ ହେଲେ ଆକାଶ ଦାୟୀ ହେବ ନା ବତାସ ଦାୟୀ ହେବ ? ସାଧନା କଲେ ସିଦ୍ଧି ଲାଭ ହେବା ଯଦି ସତ୍ୟ ତେବେ ଶାସିତ ଶୋଷିତ କଲହରେ ମାତ୍ର ଲାଭ ନାହିଁ । ଯୋଗୀ ପକ୍ଷରେ ଏକ ସମୟରେ ଦୁଇଟି ସ୍ଥାନରେ ଉପସ୍ଥିତ ରହିବା ଆଶ୍ଚର୍ଯ୍ୟର କଥା ନୁହେଁ ।

(ବି: ଦ୍ର:—ସାଧାରଣତଃ ଅତୀତ କାଳର କ୍ରିୟାପଦ ପରେ ସୁଦ୍ଧା ଏବଂ ଭବିଷ୍ୟତ କାଳର କ୍ରିୟାପଦପରେ ସତ୍ତ୍ୱେ ବ୍ୟବହୃତ ହୁଏ । ସେହିପରି ଆମ ସହିତ, ଆମେ ଯଦି, ତାଙ୍କ ସହିତ, ତାଙ୍କୁ ଯଦି ବାକ୍ୟରେ ବ୍ୟବହୃତ ହେଲେ ପୃଥକ ସମ୍ବନ୍ଧ ବିବେଚନା ପ୍ରଭେଦ ଜ୍ଞାପନ କରେ । ଦୁଷ୍ଟ, ସୁସ୍ଥ, ଦୂଷିତ ଶବ୍ଦର ରୂପକ ଏକ ହେଲେ ମଧ୍ୟ ବାକ୍ୟରେ ବ୍ୟବହୃତ ହେଲେ ଭ୍ରମର ଆଶଙ୍କା ସ୍ଥାୟୀ ନ ଥାଏ ।)

ପ୍ରତ୍ୟାବର୍ତ୍ତୀ ଅନୁଶୀଳନୀ — ୧
(Revisionary Exerci e)

ଲେଖ ଓ ପଢ -

ଦୀପ ଜଳିବାପାଇଁ ତେଲ ଓ ବଳିତା ଆବଶ୍ୟକ ମାନେ ଉଭୟର ସହାବସ୍ଥାନ ଘଟିବା ଆବଶ୍ୟକ । ଅବଶ୍ୟ ତେଲ ସଫା ଓ ବଳିତା ମୋଟା ହେଲେ ଆଲୁଅ ବେଶୀ ତୋଫା ହେବ, ନ ହେଲେ ଆଲୁଅ ସେତେ ତୋଫା

ହେବ ନାହିଁ । ଦୀପ, ତେଲ ଓ ବଳିତା ଏକାଠି ହେଲା ତ ଦିଆସିଲି ପାଇଁ ଯାହା ଅପେକ୍ଷା । ଦିଆସିଲି ଆସିଲା ତ ଦୀପ ଜଳିଲା, ନାହିଁ ତ ତେଲ ବଳିତା ସବୁ ଥିବା ସତ୍ତ୍ୱେ ବି ଦୀପ ଜଳିବ ନାହିଁ । ଯେ ଦୃଷ୍ଟିରୁ ଦେଖିଲେ ଦିଆସିଲି ଗୁରୁ ଓ ଦୀପ ଶିଷ୍ୟ । ଆଉ ତେଲ ବଳିତା ହେଲା ଶିଷ୍ୟର ନିଷ୍ଠା ଓ ବିଶ୍ୱାସ । ଯେଉଁ ଦୀପରେ ତେଲ ବା ବଳିତା ନଥିବ ସେ ଦୀପ ସେତେ ଦିଆସିଲି କାଠି ମାରିଲେ ବି ଜଳିବ ନାହିଁ । ଯେଉଁ ଶିଷ୍ୟର ନିଷ୍ଠା ବା ବିଶ୍ୱାସ ନ ଥିବ ସେ ଶିଷ୍ୟ ପାଖରେ ଗୁରୁଙ୍କର ଗୁରୁତ୍ୱ ଓ ପରାକାଷ୍ଠା ନିଷ୍ଫଳ ହେବ । ଦିଆସିଲି କାଠିରେ ଯଦି ମସ୍ତକ ନଥିବ ସେଥିରେ ଦୀପ ଜଳାଇ ହେବନାହିଁ । ଗୁରୁ ଯଦି ଈଶ୍ୱର ସାଧନାରେ ସିଦ୍ଧ ନହେବେ ତାଙ୍କ ଦୀକ୍ଷା ବା ଶିକ୍ଷା ଶିଷ୍ୟର ଇଷ୍ଟ ଲାଭରେ ସହାୟକ ନ ହୋଇ ବାଧକ ହେବ । ତାହା ଶିଷ୍ୟର ସାଧନା ପଥର ପାଥେୟ ସ୍ୱରୂପ ନ ହୋଇ ଗୋଡର ବେଡି ସ୍ୱରୂପ ହେବ । ଏଥିରୁ ବୁଝିବ ସଂସାରୀ ମନୁଷ୍ୟର ସମସ୍ତ ଆବଶ୍ୟକତା ଏହି ଭଳି ଆପେକ୍ଷିକ । ଗୋଟିଏ ଯଥେଷ୍ଟ ନୁହେଁ, ଆଉ ଗୋଟିଏ ଲୋଡା । ଗୋଟିଏ ଆସିଲା ତ ଆଉ ଗୋଟିଏ ଆସିବା ପାଇଁ ଅପେକ୍ଷା । ଗୋଟିଏ ଉପସ୍ଥିତ ହେଲେ ହେବନାହିଁ ଅନ୍ୟ ଗୋଟିଏ ଉପସ୍ଥିତ ହେବା କାମ୍ୟ । ତା ମାନେ ଗୋଟିଏ ଅନୁପସ୍ଥିତ ହେଲେ ଅନ୍ୟଟିର ଉପସ୍ଥିତି ଆମ ସ୍ୱାର୍ଥ ଦୃଷ୍ଟିରୁ ନିଷ୍ଫଳ । କାରଣ ମନୁଷ୍ୟ ନିଜ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସବୁ ବିଷୟର ସମାଧାନ ଖୋଜେ । ମୁଁ ଖୋଜେ ଅବସ୍ଥାକୁ ବୁଝି ବ୍ୟବସ୍ଥା ହେଉ । ତୁମେ ଖୋଜ ଆବଶ୍ୟକତାକୁ ବୁଝି ଓ ସୁବିଧାକୁ ଦେଖି ବ୍ୟବସ୍ଥା ହେଉ । ତୁମ ଦାବି ଯେ ଅନ୍ୟାୟ ସେ କଥା ମୁଁ କହୁନାହିଁ । ଆବଶ୍ୟକତା ଦୃଷ୍ଟିରୁ ଏ ସାହାଯ୍ୟ ଯଥେଷ୍ଟ ନୁହେ ସେ କଥା ଠିକ୍ । ଯେ ଏସବୁ ବୁଝିବା କଥା ସେ ଯଦି ନ ବୁଝିବେ, ଆମେ କାହାକୁ ଦୋଷ ଦେବା କହ ? ଆଗାମୀ ବୈଶାଖ ମାସ ପାଇଁ ଯେତେ ବିହନ ଗହମ ଲୋଡା ହେବ ସେତେ ବିହନ ଗହମ କିଣିବା ପାଇଁ ଆମ ପାଖରେ ପଇସା ନାହିଁ । ସରକାରୀ ସାହାଯ୍ୟ ମିଳିବ ବୋଲି ଜ୍ୟେଷ୍ଠ ମାସ ଆସି ଶେଷ ହେଲା ସାହାଯ୍ୟର ଦେଖା ଦେଖାନାହିଁ । ଅଧିକାଂଶ ଗୋଦାମରେ ମାଲ ନାହିଁ । ଏବେ ସରକାରୀ ସାହାଯ୍ୟ ମିଳିବା ଯାହା ନ ମିଳିବା ସେଇଆ । ଏଣେ ଲୋକଙ୍କୁ ଶସ୍ତା ଚାଉଳ ଯୋଗାଇ ନ ଦେଲେ ଅବସ୍ଥା ଧ୍ୱଂସାତ୍ମକ ହେବ । ଠିକ୍ ସମୟରେ ଚାଷୀଙ୍କୁ ପାଣି ଯୋଗାଇ ନ ଦେଲେ ଅଧିକାଂଶ ଜମିର ଫସଲ ନଷ୍ଟ ହେବ । ତୁମର ତ ସେହି ଗୋଟିଏ କଥା ଯେ ଉପସ୍ଥିତ ବୁଝି ଥିଲେ ଉଭୟ ଦିଗ ରକ୍ଷା ହେବ, ନ ହେଲେ ଯାହା ଅବସ୍ଥା ହେବ, ସେଥିପାଇଁ ଆମେ ଦାୟୀ ହେବୁ । ବୁଝିଲ ବାବୁ, କଥା କହିବା ଖୁବ ସହଜ, ଦାୟିତ୍ୱ ଲଦି ଦେବା ଅନ୍ତର

ସହଜ, ଧାଡ଼ିରୁ ବାହାରିବା ସହଜ ନୁହେଁ । ସବୁ ସମସ୍ୟାର ସମାଧାନ ଖୁବ୍ ସହଜରେ ଓ ସୁବିଧାରେ ହୋଇଯିବ ଓ ତୁମେ ଆରାମରେ ନିଃଶ୍ୱାସ ମାରିବ, ସେ ଆଶା ମାୟା ମରୀଚିକା ଭଳି ଅଳୀକ । ଇହଲୋକରେ ସମସ୍ୟା ଆଉ ଶେଷ ହେବ ନାହିଁ । ରେଲଗାଡ଼ି ଡବା ଭଳି ଗୋଟିଏ ସମସ୍ୟା ଯାଉ ଯାଉ ଆଉ ଗୋଟିଏ ସମସ୍ୟା ଲାଗି ରହିଥିବ । ନିଜ ଚେଷ୍ଟାରେ ହେଉ ବା ଆଉ କାହାର ସହାୟତାରେ ହେଉ, ସେ ସମସ୍ୟାର ସମାଧାନ ହେଲା ତ ପୁଣି ଆଉ ଏକ ନୂଆ ସମସ୍ୟା ଆସି ଉପସ୍ଥିତ ହେବ । ସବୁଦିନେ ଏଇଆ ଚାଲିଥିବ । ଆରାମରେ ନିଃଶ୍ୱାସ ମାରିବା ପାଇଁ ମନୁଷ୍ୟକୁ ଆଉ ଫୁରୁସତ ମିଳିବ ନାହିଁ । ମଣିଷ ମଲେ ଯାଇ ତା ସମସ୍ୟା ଶେଷ ହେବ । ଅବଶ୍ୟ ଈଶ୍ୱର ସହାୟ ହେଲେ ସମସ୍ୟା ସମାଧାନର ପଥ ସହଜ ଓ ସୁଗମ ହେବ । ସେଥିପାଇଁ ଈଶ୍ୱର ବିଶ୍ୱାସ ଲୋଡ଼ା । ତା ବୋଲି ନିଜ ଚେଷ୍ଟା ବା ଉଦ୍ୟମରେ ଶିଥିଳ ହେଲେ ଚଳିବ ନାହିଁ । ନିଜ ଚେଷ୍ଟା ବା ଉଦ୍ୟମ ସହିତ ଈଶ୍ୱର ବିଶ୍ୱାସର ସଂଯୋଗ ଘଟିଲେ ଭଲ ଫଳ ହେବ ବୋଲି ବୁଝିବ ।* ଉପଦେଶକୁ ଯଦି ସ୍ମରଣରେ ନ ରଖ, ଅନ୍ୟାୟକୁ ଯଦି ନ୍ୟାୟ ବୋଲି ନ ଭାବ ଏବଂ ମିଥ୍ୟାସାହସ ଦେଖାଇ ଯଦି ସତ କଥା କହିବ ଭୁଲ ତାହାହେଲେ ହାଟ ବାଟ ସବୁଠି ତୁମକୁ ବହୁ ସଂଖ୍ୟାରେ ଶତ୍ରୁ ମିଳିବେ । ସେ ଦୃଷ୍ଟିରୁ ଦେଖିଲେ ସହୋଦର ଶତ୍ରୁ ହେବା ନୂଆ କଥା ନୁହେଁ ବା ଆଶ୍ଚର୍ଯ୍ୟର ବିଷୟ ନୁହେଁ । ମନେରଖ ଯାହା ସହଜରେ ମିଳିବ ତାହା ସହଜରେ ଯିବ । ଶତ୍ରୁ ମିଳିବା ସହଜ, ଯିବା ବି ସହଜ । ବଶ ହେବା ତ ଅଦ୍ଭୁତ ସହଜ । ସ୍ତ୍ରୀ ସହଜରେ ମିଳେନାହିଁ ତେଣୁ ସହଜରେ ହଜେ ନାହିଁ, ସହଜରେ ବୋଲି ବି ମାନେ ନାହିଁ । ଶତ୍ରୁ ଅପେକ୍ଷା ସ୍ତ୍ରୀକୁ ନିଜ ଅକ୍ତିଆରରେ ରଖିବା କଷ୍ଟସାଧ୍ୟ । ଆମେ ସମସ୍ତେ ଗୋଟିଏ ଗୋଟିଏ ସ୍ତ୍ରୀକୁ ନେଇ ଯେଭଳି ନାକେଦମ ହେଉ ତା ତୁଳନାରେ ସଣେ ଶତ୍ରୁ ଥିବା ଅଧିକ କାମ୍ୟ । ତଥାପି ଆମେ ତ ସେଇ ସ୍ତ୍ରୀର ସାମୟିକ ଅନୁପସ୍ଥିତିକୁ ବିଧାତାର ଅଭିଶାପ ବୋଲି ଭାବୁ । ତୁମର କନ୍ୟା ରାଶି । କନ୍ୟାରାଶିର ଏ ସପ୍ତାହରେ ରାଶିଫଳ ଅନୁସାରେ ଅସହ୍ୟ ଶିର ପୀଡ଼ା ହେତୁ ସ୍ତ୍ରୀର ସ୍ୱାସ୍ଥ୍ୟହାନି ଏବଂ ଆୟ ଅପେକ୍ଷା ବ୍ୟୟ ଅଧିକ । ସାପ୍ତାହିକ ରାଶିଫଳରେ ତୁମର ତ ବିଶ୍ୱାସ ନାହିଁ । ତୁମ ସ୍ତ୍ରୀ ଯଦି ଏ ରାଶିଫଳ ପଢ଼ିବେ ତାହାହେଲେ ଦେଖିବ ଏ ସପ୍ତାହ ଶେଷ ହେବା ଆଗରୁ ସାପ୍ତାହିକ ରାଶି-ଫଳରେ ତୁମର ଅଗାଧ ବିଶ୍ୱାସ ପୁଣି ଫେରି ଆସିବ । ଆମେ ଚାହୁଁ ବା ନ ଚାହୁଁ, ଯାହା ଘଟିବାକୁ ଥିବ, ତାହା ଅବଶ୍ୟ ଘଟିବ । ତାକୁ ଖଣ୍ଡିବାକୁ ନ ଦେବା ଆମ କ୍ଷମତାର ବାହାରେ । ଅତଏବ 'ଗତସ୍ୟ ଶୋଚନା ନାସ୍ତି' ।

କେହି ଯଦି କହେ ଯାହା ଯାହା ଘଟିଲା ତା' ଫଳରେ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ହେବ ବୋଲି ଭାବି ଆମେ ବାଧା ଦେଲୁନାହିଁ, ସେ ସାବାସ ପାଇବାକୁ ଯୋଗ୍ୟ । ତୁମ ଶିକ୍ଷକ ମହାଶୟଙ୍କ ଭାଷାରେ ଏଭଳି ଅଲଣା କଥା କାପୁରୁଷଙ୍କୁ ସାଜେ । ଅଧିକ ଦାମ ନ ଦେଲେ ଅଧିକାଂଶ ପାଠ୍ୟପୁସ୍ତକ କିଣିବାକୁ ମିଳୁନାହିଁ, ଏକଥା ସତ୍ୟ । ତୁମ ଶିକ୍ଷକ ମହାଶୟଙ୍କୁ ଯଦି ଏ କଥା କହିବ ସେ ସେହି ପୁରୁଣା କଥା ଦୋହରାଇବେ ଯେ ଏସବୁ କଥା କାପୁରୁଷଙ୍କୁ ସାଜେ । ସ୍ୱାସ୍ଥ୍ୟରକ୍ଷା ମାନେ ଶରୀରକୁ ସୁସ୍ଥ ରଖିବା । ଶରୀରକୁ ସୁସ୍ଥ ରଖିବାର ଉପାୟ ଦ୍ୱିବିଧ— ସ୍ଥୂଳ ଉପାୟ ଓ ସୂକ୍ଷ୍ମ ଉପାୟ । ଆହାର ବିହାରରେ ସଂଯମ ରକ୍ଷା ହେଲା ସ୍ଥୂଳ ଶରୀରକୁ ସୁସ୍ଥ ରଖିବା ଉପାୟ । ଅତଏବ ଏହା ସ୍ଥୂଳ ଉପାୟ । ବାକ୍ ସଂଯମ ଓ ବ୍ୟୟ ସଂଯମ ଫଳରେ ସୂକ୍ଷ୍ମ ଶରୀର ସୁସ୍ଥ ରହେ । ଅତଏବ ଏହାକୁ ଆମେ ସୂକ୍ଷ୍ମ ଉପାୟ କହିବା । ଅଧିକାଂଶ ସାହିତ୍ୟ ବହିରେ ଏକଥା ନାହିଁ, ଅତଏବ ସେ ସବୁ ସାହିତ୍ୟ ବହି ନୁହେଁ ବୋଲି କହିବା ଶିକ୍ଷକ ମହାଶୟଙ୍କ ପକ୍ଷରେ ଅନ୍ୟାୟ । କାରଣ କାବ୍ୟ, କବିତା, ନାଟକ, ଇତିହାସ ଭଳି ସ୍ୱାସ୍ଥ୍ୟରକ୍ଷା ବି ସାହିତ୍ୟର ଅଂଶ ବିଶେଷ । ତେଣୁ ସବୁ ବହିରେ ସେ ସବୁ କଥା ରହିବ, ତାହା ନୁହେଁ । ଆପଣ କହିବା ଅନୁଯାୟୀ ଆମେ ଠିକ ସମୟରେ ଥାନାରେ ପହଞ୍ଚିଲୁ ଓ ଡିଉଟି ରୁମ୍‌ରେ ଆପଣଙ୍କୁ ନ ଦେଖି ସାନ ବାବୁଙ୍କୁ ପଚାରିଲୁ । ତାଙ୍କ କଥାରୁ ବୁଝିଲୁ କାଲି ନ୍ୟାୟ ନିଶାପ ସରୁ ସରୁ ରାତି ଅଧ ହେଲା । ତେଣୁ ଆଜି ଆପଣ ଥାନାକୁ ଆସିବାକୁ ଡେରି ହେବ । ଆପଣ ଆସିଲେ ସବୁ କଥା ପଚାରିବ । ସେ ଅବଶ୍ୟ ଆମକୁ ଉଭୟ ପକ୍ଷର ଏତଲା ପଢ଼ିବାକୁ ଦେଲେ । ସେଥିରୁ ଆମେ ଏଇଆ ବୁଝିଲୁ ଯେ ଗୋପ ଜେନା ତା ସ୍ତ୍ରୀ ବୋଲରେ ପଡ଼ି ଭାଇ ଭାଉଜଙ୍କୁ ଅକଥ୍ୟ ଭାଷାରେ ଗାଳି ଦେଲା ଓ କଟୁରି ଧରି ହାଣିବାକୁ ଗୋଡ଼ାଇଲା । ଭାଇ ଭାଉଜ ଭୟରେ ଥାନାକୁ ପଳାଇ ଆସିଲେ । ଏକ ପକ୍ଷରେ ଆପଣଙ୍କ ସମର୍ଥନ ଓ ଅନ୍ୟ ପକ୍ଷରେ ସାହୁକାରଙ୍କ ସମର୍ଥନ ଥିବାରୁ ଏ ସବୁ ଘଟିଲା ! ଏ ଝଗଡ଼ା ସହଜରେ ତୁଟିବାର ଆଶା ନାହିଁ । ଅତଏବ ଆପଣଙ୍କ ବୋଲରେ ପଡ଼ି ଆମେ ଏ ଜାତୁଅରେ ଗୋଡ ପୂରାଇବା ଠିକ୍ ହେବ ନାହିଁ ।

ଏକାଦଶ ପରିଚ୍ଛେଦ

ଆଦ୍ୟ ଅଙ୍କୁଶ

୭୮) ଲିପିର ଆଦ୍ୟରେ କ୍ଷୁଦ୍ର ଅଙ୍କୁଶଟିଏ ନ୍ୟସ୍ତ ହେଲେ ଉକ୍ତ ଲିପି

ର-ଯୁକ୍ତ ବୋଲି ବୁଝାଯିବ । ଏହାକୁ ର-ଆଙ୍କୁଶ କୁହାଯିବ । ଏହା ସରଳ ଲିପି ଆଦ୍ୟରେ ଦକ୍ଷିଣାବର୍ତ୍ତିକ ହେବ ଓ ବକ୍ର ଲିପି ଆଦ୍ୟରେ ଭିତର ପଟେ ଲେଖାଯିବ ।



ପ୍ର ବା ପର   ଫ୍ର ବା ଫର   ଧ୍ର ବା ଧର   ମ୍ର ବା ମର   ଙ୍ଗ୍ର ବା ଙ୍ଗର

୭୯) ସ୍ୱରସଂକେତର ସନ୍ନିହିତ ଲିପି ସହିତ ବୋଲି ବୁଝାଯିବ ଏବଂ ତଦନୁଯାୟୀ ସ୍ୱରସଙ୍କେତ ଯଥାସ୍ଥାନରେ ଯଥାବିଧି ଦିଆଯିବ ଏବଂ ପଢିଲାବେଳେ ପ୍ରଥମେ ଲିପି, ତା'ପରେ ର ଓ ଶେଷରେ ସ୍ୱରସଂକେତ ଉଚ୍ଚାରିତ ହେବ ।



ପ୍ରେମ, ବ୍ରତ, ଧର୍ମ, ମର୍ମ, ବର୍ଷ, ଗ୍ରାମ, ଧର୍ମ, ବୃଷ

୮୦) ଲିପି ଓ ପରବର୍ତ୍ତୀ ର ମଧ୍ୟରେ ଆ, ଏ, ଇ ସ୍ୱରବର୍ଣ୍ଣ ଥିଲେ ର-ଆଙ୍କୁଶ ଲେଖାଯିବ କିନ୍ତୁ ନିର୍ଦ୍ଦିଷ୍ଟ ସ୍ୱରସଂକେତ ପରିବର୍ତ୍ତେ ଯଥାସ୍ଥାନରେ ଏକ କ୍ଷୁଦ୍ର ବୃତ୍ତ ଲେଖିବାକୁ ହେବ । ମଧ୍ୟବର୍ତ୍ତୀ ସ୍ୱରବର୍ଣ୍ଣ ଅ, ଓ ଉ ହେଲେ ଡ୍ୟାସ୍ ସ୍ୱରସଂକେତଟି ଲିପିକୁ ସ୍ପର୍ଶ ବା ଛେଦନ କରିଲା ଲେଖାଯିବ । ଏ ସ୍ଥଳେ ପ୍ରଥମେ ଲିପି ତା ପରେ ସ୍ୱରବର୍ଣ୍ଣ ଓ ଶେଷରେ ର ପଢାଯିବ ।



ମାର୍ଗ   ବେକାର   ଚେର   ଫକୀର
ନରକ   ମୋର   ସ୍ୱେର   ମୁକୁର

୮୧) ଶବ୍ଦ ମଧ୍ୟବର୍ତ୍ତୀ-ର ପୂର୍ବକୁ ଓ ପରେ ଅ-ଭିନ୍ନ ଅନ୍ୟ ସ୍ୱର ଥିଲେ ସାଧାରଣତଃ ଆଙ୍କୁଶ ଲେଖା ନଯାଇ ଲିପି ଲେଖାଯିବ । କେବଳ ମିତସ୍ଥାନ ନିମିତ୍ତ ସ୍ଥଳ ବିଶେଷରେ ଏହାର ବ୍ୟତିକ୍ରମ ମଧ୍ୟ ଘଟିପାରେ ।



ବରିଷ୍ଠ   ପରିବା   କାରକ   ଖରିଫ
ପରବ   ଗାରିମା   ଭାରିଷ   ଜରିମାନା

୮୨) ସାଧାରଣତଃ ମୂଳ ଶବ୍ଦର ରୂପରେ ର-ଆଙ୍କୁଶ ଥିଲେ ଯୌଗିକ ଶବ୍ଦର ରୂପରେ ର ଆଙ୍କୁଶ ରହିବ ।



ଧର୍ମ   ଧାର୍ମିକ   ପ୍ରେମ   ପ୍ରେମିକ

୮୩) ମିତସଂସ୍ଥାନର ପରିପନ୍ଥୀ ନ ହେଲେ ଟିକ୍-ଅ, ର-ଆଙ୍କୁଶ ଆଦ୍ୟରେ ଲଗାଇବା ବୋଧଯିବ କିନ୍ତୁ ଆଦ୍ୟରେ ଇ, ଉ ଇତ୍ୟାଦି ସ୍ୱରବର୍ଣ୍ଣ ଥିଲେ ଯଥାବିଧି ଆଗାମୀ ସ୍ୱରସଂକେତ ଦିଆଯିବ ।



ଅସ୍ତ୍ର   ଅରୁଣୀ   ଅମାର   ଅପାର
ଉରେ   ଉବର   ଉକାର



ପଢ ଓ ଲେଖ .... ଅନୁଶୀଳନୀ -୩୯ ....

ଅନୁଶୀଳନୀ-୪୦

ଲେଖ ଓ ପଢ :—

(୧) ଚରମ, ଚର୍ମ, ନରମ, ପରମ, ବିଶ୍ରାମ, ପ୍ରଲାପ, ଏକାଗ୍ର ଦର୍ଶନ ଦାର୍ଶନିକ (୨) ଦରଖାସ୍ତ, ବରଖାସ୍ତ, କାକର, କୁକୁର, ବୀର, ବୀରତ୍ୱ, ଦୂର, ଦୂରତା, ଦୂରତ୍ୱ (୩) ବୃଦ୍ଧ, ବୃଦ୍ଧି, ବର୍ଦ୍ଧିତ, ମର୍ମ, ମାର୍ଜିତ, ବର୍ଗ, ପ୍ରକୃତ, କାର୍ମୁକ, କର୍ପୂର, ବ୍ୟଗ୍ର, ମର୍ତ୍ତ୍ୟ (୪) ଧାର, ଉଧାର, ଉଜର, ଉଦର, ଉଦାର, ଉଦାରତା, ନିଦ୍ରା, ବନିଦ୍ର, ଉଦ୍ଧର, ସର୍ପ ।

ଚଳନ୍ତା



ଉପାଦାନହିଁ



ଶେଷ ରୂପକ—ହେବାର-ରୁ



ଅନୁଶୀଳନୀ-୪୧

ପଢ଼ ଓ ଲେଖ



ଅନୁଶୀଳନୀ-୪୨

ଲେଖ ଓ ପଢ଼ :—

ଯାହାର ବେଶି ପଇସା ଲୋଡ଼ା ସେ ଅଧିକ ଶ୍ରମ କରିବା ଦରକାର । ଶ୍ରମ ନ କରି ସୁଖୀ ହେବାକୁ ଆଶା କରିବା ବୃଥା । କାରଣ କଠୋର ଶ୍ରମହିଁ ସୁଖୀ ହେବାର ଶ୍ରେଷ୍ଠ ଓ ପ୍ରକୃଷ୍ଟ ଉପାୟ । ଶ୍ରମ କରିବା ପୂର୍ବରୁ ଶ୍ରମିକ ଯଦି ତା ପ୍ରାପ୍ୟ ଦେଇ ଦେବା ପାଇଁ ଅନୁରୋଧ କରେ ଆମେ ଅବଶ୍ୟ କହିବୁ ଯେ ଏପରି ଶ୍ରମିକ ଆମର ଲୋଡ଼ା ନାହିଁ । ତୁମେ ଦୃଢ଼ ହସ୍ତରେ ରଜ୍ଜୁ ଧାରଣ କରିବା ପୂର୍ବରୁ ଘୋଡ଼ାରୁ ଜୋତା କାଢ଼ିବାର କରିଦେବା ଦରକାର । ମୋ ମଦ୍ଧତ ତାର ଝଗଡ଼ା ହେବାର ପ୍ରାପ୍ତ ବର୍ଷକରୁ ଅଧିକ ହେବ । ମନୁଷ୍ୟ ଏତେ ନୀଚ ଓ ଏଭଳି କୃତଘ୍ନୀ ହୋଇପାରେ ବୋଲି ଧାରଣା କରିବା କଷ୍ଟକର । ଠାକୁରଙ୍କ ପୂଜାର ବଣ କରିପାରିଲେ ଯଦି ଯାହାର ଯାହା ହେବାର କଥା ନୁହେଁ ତାହା ଅବଶ୍ୟ ହେବ ବୋଲି ତୁମେ ଦୃଢ଼ ବିଶ୍ୱାସ କର ତାହାହେଲେ ନାକମଙ୍କ ଅର୍ଚ୍ଚ ଦେବା ପୂର୍ବରୁ ଅମଲଙ୍କ ଜରିଆରେ ତାଙ୍କ ଷୋଡ଼ଶୋପଚାରରେ ପୂଜା କରିବା କି ଦରକାର ।

ଦ୍ୱାଦଶ ପରିଚ୍ଛେଦ

ଆଦ୍ୟ ଅଙ୍କୁଶ -୧

୮୪। ର ଆଙ୍କୁଶ ନ୍ୟସ୍ତ ନ-ଲିପି ସାଧାରଣତଃ ନ ବା ନର ପ୍ରତି-ପାଦନ କରିବ ଏବଂ ସ୍ଥଳ ବିଶେଷରେ ଏହା ନଃ ଉପସର୍ଗର ବିଭିନ୍ନ ରୂପାନ୍ତର ନର, ନଗ, ନଗ ଇତ୍ୟାଦିର ମଧ୍ୟ ସୂଚକ ହେବ । ନ ଓ ର-ମଧ୍ୟବର୍ତ୍ତୀ ସ୍ୱରବର୍ଣ୍ଣ ପାଇଁ ଆବଶ୍ୟକ ସ୍ୱରସଂକେତ ଯଥାସ୍ଥାନରେ ଯଥାବିଧି ଦିଆଯିବ ।



୮୫) ସ୍ତ୍ର ପରେ ତ, ଥ, ଦ, ଧ ଥିଲେ ସ ଊର୍ଦ୍ଧ୍ୱମୁଖ ହେବ ।



(୬) ନମ୍ନମୁଖୀ-ର ଆଦ୍ୟରେ ଏକ ହ୍ୟ ସ ଯୁକ୍ତହେଲେ ତାହା ହ୍ ବା ହର୍ ପ୍ରତିପାଦନ କରିବ । ମିତହିଂସ୍ଥାନର ଅନୁକୂଳ ନହେଲେ ହ ଓ ର୍ ଲିପି ସ୍ଵତନ୍ତ୍ର ଭାବରେ ଲେଖାଯିବ ।



(୭) ସ୍ଥଳ କେତେକ ବ୍ୟଞ୍ଜନ ସ୍ଥଳ ବ୍ୟତୀତ ସାଧାରଣତଃ ଅନ୍ତ୍ୟ-ର ମୂଳ ନ ଥିଲେ ଆନ୍ତ୍ରଶ ଲେଖା ନ ଯାଇ ର-ଲିପି ଲେଖାଯିବ ।



(୮) ଘର, ପର, ଉପର ଇତ୍ୟାଦି ଯେଉଁସବୁ ଶବ୍ଦ ଶେଷରେ ର-ଥିବା ଯେଗୁଁ ବିଭକ୍ତି ସୂଚକ ରେ-ରୁ ସ୍ଵତନ୍ତ୍ର ଭାବରେ ଲେଖା ନ ଯାଇ କେବଳ ମାତ୍ରା ବା ଫଳା ଆକାରରେ ମୂଳଶବ୍ଦର ଶେଷରେ ନ୍ୟସ୍ତ ହୁଏ, ସେ ସବୁ ସ୍ଥଳେ ମୂଳ ଶବ୍ଦର ରୂପକ ଅପରିବର୍ତ୍ତିତ ରହିବ ଏବଂ ଏକାର ବା ଉକାରର ସ୍ମାରକ ସ୍ଵରୂପ ଯଥା ସ୍ଥାନରେ କେବଳ ସ୍ଵରଚିହ୍ନ ଦିଆଯିବ ।



ଅନୁଶୀଳନୀ - ୪୩

ପଢ ଓ ଲେଖ



ଅନୁଶୀଳନୀ-୪୪

ଲେଖ ଓ ପଢ଼ :--

(୧) ଅଗ୍ର, ଶୁବ, ଶିରୋମଣି, ଶିରୋବ୍ୟଥା, ନିର୍ମଳ, ନିର୍ମାଲ୍ୟ, ଶୁଠ, ଶ୍ରୋତା, ଅମିଷ, ନିରାମିଷ, (୨) ନିରବ, ନର୍ମଦା, ସରୀସୃପ, ନରମ, ନରାଧମ, ହାରାମ, ଗ୍ରନ୍ଥେଶ୍ଵ, ବୃଦ୍ଧି, ନିବୃଦ୍ଧି, ନିର୍ବୋଧ (୩) ନିରୋଗ ନରହନ୍ତା, ନିରାମିଷ, ନିରାମୟ, ନିର୍ଦ୍ଦେଶ, ଶାର୍ଦ୍ଦୁଳ, ନିରୋଳା, ନାରଦ, ନିରୋଗ ୪) ଶରୀର, ଶାରୀରିକ, ସୁରଭି, ସରାଗ, ଦୃଶ୍ୟ, ମିଶ୍ର, ନିରାହାର ନିରାକାର, ନିରୁଦ୍ଦେଶ୍ୟ (୫) ତମିସା ହ୍ରେଷା, ପ୍ରିସ୍ଥା, ସାରାଂଶ, ସରୋବର, ହରବର, ନର, ନରସ, ନିରାଶା ।



ଅନୁଶୀଳନୀ - ୪୫

ପଢ ଓ ଲେଖ



ଅନୁଶୀଳନୀ-୪୭

ଲେଖ ଓ ପଢ଼ :—

ଦୂରଗାମୀ ଗାଡ଼ିରେ ଯାତ୍ରା କରିବା ପୂର୍ବରୁ ତୁମେ ତୁମର ନିର୍ଦ୍ଦିଷ୍ଟ ଆସନରେ ବସି ରହିବା ଦରକାର । ପ୍ରଖର ସୂର୍ଯ୍ୟାଲୋକ ଯଦି ପ୍ରକୋଷ୍ଠ ଦ୍ୱାର ଦେଇ ପ୍ରବେଶ କରେ ତେବେ ବିଶ୍ରାମ ସୁଖକର ହେବ ନାହିଁ । ଏଣୁ ଦ୍ୱାରଠାରୁ ଅଳ୍ପ ଦୂରରେ ଠିକ୍ ଭିତର ମଝିରେ ଆସନର ବ୍ୟବସ୍ଥା ଆଗରୁ କରି ରଖିବା ଦରକାର । ଗ୍ରୀଷ୍ମ ଋତୁରେ ଗୋରୁଗାଈ ଦୂର ଗ୍ରାମରେ ଆଶ୍ରୟ ନେବା ଫଳରେ ଆମ ଏଠାରେ କ୍ଷୀର ମିଳିବା କଷ୍ଟକର । ସଭ୍ୟ ଓ ଅସଭ୍ୟ ମଝିରେ ଦୂରତ୍ୱ ବିଷୟରେ ଯାହାର ଧାରଣା ନାହିଁ ସେ ଏତିକି ବୁଝିବା ଦରକାର ଯେ ତାହା ଚକ୍ଷୁଠାରୁ କର୍ଣ୍ଣର ଦୂରତ୍ୱ ଅପେକ୍ଷା ବେଶି ନୁହେଁ କି କମ୍ ନୁହେଁ । ଉଦ୍ୟାନଟି ରାସ୍ତାରେ ଆଗରୁ ଖୋଲା ନାହିଁ । ଶତ୍ରୁପକ୍ଷ ଦୁର୍ଗଦ୍ୱାର ଦେଇ ଅନ୍ଧାରରେ ପ୍ରବେଶ କରିବା ପୂର୍ବରୁ ଖାଦ୍ୟ ସାମଗ୍ରୀ ଲୁଚାଇ ଦେଇ ସୀମାନ୍ତ ନଗର ଶେଷ ଆଶ୍ରୟ ରକ୍ଷା କରିବା ଦରକାର । ବର୍ଷା ଋତୁ ଆସିବା ପୂର୍ବରୁ ସହର ମଝିରେ ଆଶ୍ରୟ ଘର ନିର୍ମିତ ହେବା ଦରକାର । ଦୁଷ୍ଟତାର ସହିତ ପ୍ରତିରୋଧ କରିବାକୁ ଚେଷ୍ଟା କରି ଦେଖ, ଅଧର୍ମ ଆପେ ପଳାଇ ଯିବାକୁ ବାଧ୍ୟ ହେବ । ସୂକ୍ଷ୍ମ ଦୃଷ୍ଟିରେ ନିର୍ବୋଧ ଓ ନିର୍ଦ୍ଦୟ ଭିତରେ ଭେଦ ନାହିଁ । ନିର୍ମଳ ହୃଦୟରେ ଓ ସରଳ ସହଜ ଭାବରେ ଈଶ୍ୱରଙ୍କୁ ଡାକ, ଦେଖିବ ହୃଦୟ ନିର୍ମଳ ହେବ ଓ ଗରିମା କ୍ରମଶଃ ହ୍ରାସ ପାଇବ । ଡାକ୍ତର ବୋଲି ନିଜକୁ ଜାହିର କରିବା ପୂର୍ବରୁ ଡାକ୍ତରୀ ବିଦ୍ୟା ଆୟତ୍ତ କରିବା ଦରକାର । ଯାହାର ଘରେ ମାତା ନାହିଁ ତାର ମାତା ହରିଙ୍କ ବୋଲି ହରିଦ୍ୱାର ଏତେ ସମାଦର ।

ତ୍ରୟୋଦଶ ପରିଚ୍ଛେଦ

ଆଦ୍ୟ ଆଙ୍କୁଶ—୩

୮୯) ଲ-ଆଙ୍କୁଶ--ର-ଆଙ୍କୁଶ ପରି ଏକ କ୍ଷୁଦ୍ର ଆଙ୍କୁଶ ସରଳ ଲିପି ଆଦ୍ୟରେ ବାମାବର୍ତ୍ତୀକ ଭାବରେ (ର-ଆଙ୍କୁଶର ବିପରୀତ ପାର୍ଶ୍ୱରେ) ନ୍ୟସ୍ତ ହେଲେ ଓ ବକ୍ରଲିପି ଆଦ୍ୟରେ ଭିତର ପଟେ ଅପେକ୍ଷାକୃତ ଟିକିଏ ବଡ ଆକାରରେ ନ୍ୟସ୍ତ ହେଲେ ଲ/ଳ ର ଯୋଗ ସୂଚିତ ହେବ ।



୯୦) ସ୍ୱରବର୍ଣ୍ଣର ସମ୍ବନ୍ଧ କେବଳ ଲିପି ସହିତ ବୋଲି ଧରାଯିବ ଓ ତଦନୁଯାୟୀ ସ୍ୱର ସଂକେତ ଦିଆଯିବ ଓ ପଢାଯିବ । ଲିପି ଓ ଲ/ଳ ମଧ୍ୟବର୍ତ୍ତୀ ସ୍ୱର ଅ, ଓ, ଉ ବା ଆ ଏ ଇ ହେଲେ ୮୦ ଅନୁଚ୍ଛେଦ ଅନୁଯାୟୀ ସ୍ୱର-ସଂକେତ ଦିଆଯିବ । କିନ୍ତୁ ମିଶ୍ରସଂସ୍ଥାନ ବ୍ୟାହତ ହେଲେ ଲିପି ହିଁ ଲେଖାଯିବ ।



୯୧) ର-ଆଙ୍କୁଶ-ନ୍ୟସ୍ତ ସରଳ ଲିପି ପୂର୍ବରୁ ସ/ଷ ଥିଲେ ର-ଆଙ୍କୁଶ ଯେଉଁ ପଟେ ଲେଖାଯାଏ; ସ ବା ସ-ବୃତ୍ତ ମଧ୍ୟ ସେହିପଟେ ଲେଖାଯିବ କିନ୍ତୁ ବକ୍ରଲିପି ସଂଲଗ୍ନ ର-ଆଙ୍କୁଶ ଭିତରେ ବୃତ୍ତ ସ୍ୱତନ୍ତ୍ର ଭାବରେ ଲେଖାଯିବ ।



୯୨) ସରଳ ଓ ବକ୍ରଲିପି ସଂଲଗ୍ନ ଲ-ଆଙ୍କୁଶ ଭିତରେ ସ-ବୃତ୍ତ ସ୍ୱତନ୍ତ୍ର ଭାବରେ ଲେଖାଯିବ ।



୯୩) ଶ, ଙ, ଭ ହେଲେ ବକ୍ରମୂଳୀ ଲିପି ପରବର୍ତ୍ତୀ ସ୍ୱର, ଗ୍ରାହ ବାମାବର୍ତ୍ତୀ ହେବ ।



୯୪) ଶବ୍ଦର ଆଦ୍ୟରେ ନ-ଲିପି ପରେ ସ୍ବର, ଶ୍ବର ଇତ୍ୟାଦି ଥିଲେ ମିତସଂସ୍ଥାନ ରହିଲେ ନ-ଲିପି ପରିବର୍ତ୍ତେ କେବଳ ଏକ କ୍ଷୁଦ୍ର ଆଙ୍କୁଶ ବୃତ୍ତର ବହିଃସ୍ଥିତ ପାର୍ଶ୍ୱରୁ ଆସି ବୃତ୍ତ ସହିତ ମିଳିତ ହେବ ।



(୫୭)

୯୬) ତ'ଦ ଓ ଫ'ଭ ଲିପି ଆଦ୍ୟ ଅଙ୍କୁଶ ଯୁକ୍ତ ହେଲେ ଉଭୟ ପାର୍ଶ୍ୱରେ ଲେଖାଯିବ ।



୯୭) ସ୍ୱଳ୍ପ କେତେକ ବ୍ୟତିକ୍ରମ ସ୍ଥଳ ବର୍ଜିତ ଆଦ୍ୟ ଆଙ୍କୁଶ ନ୍ୟସ୍ତ ତ/ଦ ସାଧାରଣତଃ ଡାହାଣ ପଟେ ଲେଖାଯିବ ।



୯୮) ଆଦ୍ୟରେ ଇ/ଉ ସ୍ୱରବର୍ଣ୍ଣ ଥିଲେ ଅଥବା ମିତସଂସ୍ଥାନ ଦୃଷ୍ଟିରୁ ସାର୍ଥକ ସଂଯୋଗକ ଲିପି ଆଗରେ ଶ, ତ୍ର ବାଁ ପଟେ ଲେଖାଯିବ ।



୯୯) ଆଦ୍ୟ ଅ, ଆ ପରେ ଥର, ଧର ଥିଲେ ସ୍ଥଳବିଶେଷରେ ଠ/ଧ-ର ଅର୍ଦ୍ଧବକ୍ର ବିକଳ୍ପ ଲେଖାଯିବ । ଅନ୍ୟଥା ସାଧାରଣ ନିୟମ ଅନୁସୃତ ହେବ ।



୧୦୦) ଫ୍ର, ଭ, ଫଳ, ଭଲ ସାଧାରଣତଃ ବାଁ ପଟେ ଲେଖାଯିବ କେବଳ ପରେ ବା ପୂର୍ବରୁ ଆନୁଭୂମିକ ଲିପି ଥିଲେ ଏଗୁଡ଼ିକ ଡାହାଣପଟେ ଲେଖାଯିବ ।



୧୦୧] ମିତସଂସ୍ଥାନର ଅନୁକୂଳ ନ ହେଲେ ଆଦ୍ୟ ଆଙ୍କୁଶ ଲେଖାଯିବନାହିଁ । ଅନ୍ତ୍ୟ ର/ଲ ମୁକ୍ତ ନଥିଲେ ଆଙ୍କୁଶ ଲେଖାଯିବନାହିଁ । ଏଥିରେ, ଏଥିରୁ, ସେଥିରେ, ସେଥିରୁ ଇତ୍ୟାଦି ଶବ୍ଦରେ ବିଭକ୍ତିସୂଚକ ରେ, ରୁ ଅପପ୍ରଯୁକ୍ତ ହୋଇଥିବାରୁ ତାହା ଲିପି ସହିତ ଲଗିକରି ଲେଖାଯିବ ।



୧୦୨) ହ, କ୍ଷ; ର; ଲ, ସ୍ୱ-ଲିପିରେ ଆଦ୍ୟ ଆଙ୍କୁଶ ନ୍ୟସ୍ତ ହେବ ନାହିଁ । ମିତସଂସ୍ଥାନ ନିମିତ୍ତ ସ୍ଥଳବିଶେଷରେ ଆଦ୍ୟ ଆଙ୍କୁଶ ପରିବର୍ତ୍ତେ ଲିପି ଲେଖାଯିବ ।



୧୦୩) ଲ-ଆଙ୍କୁଶ ନ୍ୟସ୍ତ ସ-ଲିପି ସ୍ଥଳବିଶେଷରେ ମିତସଂସ୍ଥାନ ନିମିତ୍ତ ଊର୍ଦ୍ଧ୍ୱମୁଖ ହେବ ।



ଅନୁଶୀଳନୀ - ୪୨

ପଢ଼ ଓ ଲେଖ



ଅନୁଶୀଳନୀ-୪୮

ଲେଖ ଓ ପଢ଼ :--

(୧) ବାଲକ, ବାଳିକା, ବେଲକାଲ, ବିଲକୁଲ, ତାଲୁକ, ଡାଲିମ ଝିଲମିଲ, ଗୋଲମାଲ, ନଲକୂପ, ଅବିକଲ, ଅଦ୍ଭୁତ, ଅଦୂର (୨) ଆଦର, ସାଦର, ଅତର, ଦୋହଦ, ମଲମ, କସ୍ତୁର, କସ୍ତୁରଚା, ବଳ, କବଳ, ବ୍ୟାକୁଳ, ଅଳ୍ପ, ସ୍ୱଳ୍ପ, ଢ଼ାଲ, ଫଲମ (୩) ସଲାମ, ଦରଖାସ୍ତ, ଦୀର୍ଘ, ଦୀର୍ଘାୟୁ, ସାବଲୀଳ, ମାମୁଲି, ଶ୍ଳୀଳ, ଅଶ୍ଳୀଳ, କର୍ଷମା, ଫୁର୍ସତ, ବଡ଼ସ୍ତର ଶବର, ଶିବିର (୪) ସଲଖ, ଦ୍ରାକ୍ଷା, ପତ୍ର, ପତ୍ରିକା, ସିଧାସଳଖ, କଷ୍ଟତ, କଷ୍ଟଭ, କର୍ଜଲ, କରନ୍ତ, ଦରମା, ଶୀର୍ଷକ, ଉଜ୍ଜ୍ୱଳ, ସାଇକଲ (୫) ତୁଳନା ଦ୍ରବ୍ୟ, ଭଦ୍ର, ମୁଦ୍ରା, ସକଳ, ସାବାଲକ, ଡ଼ୋର, ସଦଳବଳ, ଦଲାଲ, ଦଲାଲି, ମୁଷ୍କିଲ, ସଦର, ସମର, ସାମରିକ (୬) ସାବଧାନ, ଏକତ୍ର; ବିସ୍ତାର, ପିତଳ, ଦୀର୍ଘାୟୁ, ବଦୃକ୍ଷା, ଧରଣୀ, ଦୁର୍ବାଦଳ, ପ୍ରଦର୍ଶନୀ, ବଧିର, ଗର୍ଜି, ଅବତାର, କଉଡ଼ି, ସଦୃଶ, ସୁନିମା ।

ଚଳନ୍ତା

ଦ୍ୱାରା - ପ୍ରଶ୍ନୋ-ତ୍ତର - ପରାମର୍ଶ - ପୃଷ୍ଠ -
କେବଳ - ଖାଦ - ଯୋଗ-ସ/ଯୋଗ -
କଥାବାର୍ତ୍ତା—ଚପଳ-ତା - ତୁଳ -

୧୦୪) ର-ଆଙ୍କୁଶ ସ୍ଥଳବିଶେଷରେ ରହ, ରହି, ରହେ ବା ରଖ, ରଖି, ରଖେ ପ୍ରତିପାଦନ କରିବ ।

ନ ରହ-ହି-ହେ - ନ ରଖ-ଖି-ଖେ -

୧୦୫) ଲ-ଆଙ୍କୁଶ ସ୍ଥଳବିଶେଷରେ ହେଲେ, ହେଲା ପ୍ରତିପାଦନ କରିବ ।

ତାହାହେବ-ଲେ - ନ ହେବ-ଲେ - ତା ନ ହେଲେ -

୧୦୬) ଲ-ଆଙ୍କୁଶ ନ୍ୟସ୍ତ କ-ଲିପି କଲ, କହିଲ, କାଲି ଓ ଲୋକ ପ୍ରତିପାଦନ କରିବ ।

ନ କଲ-ଲି-ଲେ - ନ କହିଲ-ଲି-ଲେ - ସେ କହିଲେ -
ସେ ଯାହା କହିଲେ - କହୁଲେକ - ଲୋକଲୋକ - ଲୋକେ -
ଲୋକପ୍ରିୟ - ଲୋକାଲ -

୧୦୭) ଲ-ଆଙ୍କୁଶ ନ୍ୟସ୍ତ ଗ-ଲିପି ଗଲା, ଗଲେ, ଗଲୁ ଓ ଲାଗି ପ୍ରତିପାଦନ କରିବ ।

ନ ଗଲ-ଲେ - ଦେଖିଲଗି - ଲଗିପଡ଼ -

୧୦୮) ଲ-ଆଙ୍କୁଶ ନ୍ୟସ୍ତ ବ-ଲିପି 'ବୋଲି' ଓ ଲ-ଆଙ୍କୁଶ ଯୁକ୍ତ ମ-ଲିପି ମିଳ/ମିଳେ/ମିଳା ପ୍ରତିପାଦନ କରିବ ।

ହେଲ ବୋଲ - ନହେବ ବୋଲ - ମିଳିବ -
ମିଳାମିଶି - ମିଳାମିଶ -

୧୦୯) ଲ-ଆଙ୍କୁଶ ନ୍ୟସ୍ତ ଥ-ଲିପି 'ଥିଲା/ଥିଲେ' ଇତ୍ୟାଦି ପ୍ରତିପାଦନ କରିବା ସ୍ଥଳବିଶେଷରେ କେବଳ ଲ-ଲିପି ପୂର୍ବବର୍ତ୍ତୀ ଲିପି ସନ୍ନିକଟରେ

ବିଚ୍ଛିନ୍ନ ଭାବରେ ଲେଖାଗଲେ 'ଥିଲେ/ଥିଲା' ଇତ୍ୟାଦିର ସ୍ମାରକ ହେବ ।





ଅନୁଶୀଳନୀ-୪୯

ପାଠ ଓ ଲେଖ





ଅନୁଶୀଳନୀ-୫୦

ଲେଖ ଓ ପଢ଼:—

(କ) ତୁମେ ମୋ ପରାମର୍ଶ ଅନୁଯାୟୀ ଚାଲିବାକୁ ରାଜି ନହେଲେ ବି ମୁଁ ତୁମକୁ ମୋର ଶିଷ୍ୟ ବୋଲି ସ୍ୱୀକାର କରିବାକୁ ବାଧ୍ୟ । କାରଣ କେବଳ ଆଦେଶ ଦେବା ବା ତାଲିମ ଦେବା ଗୁରୁର କାର୍ଯ୍ୟ ନୁହେଁ । ଯେ ଶିଷ୍ୟଙ୍କୁ କ୍ଷମା ଦେବାକୁ ଅକ୍ଷମ ସେ ଗୁରୁ ନୁହେଁ ଗୋରୁ । ସ୍କୁଲକୁ ସାହାଯ୍ୟ ଦେବା ପାଇଁ କେବଳ ସଭାରେ ପ୍ରସ୍ତାବ ପାସ୍ କଲେ ତ ହେବନାହିଁ, ସେଥିଲାଗି ସମସ୍ତେ ସ୍ୱାର୍ଥତ୍ୟାଗ କରିବା ଭଳି ଅନୁକୂଳ ପରିବେଶ ସୃଷ୍ଟି ହେବା ଦରକାର । ତା' ନହେଲେ ସ୍କୁଲ ଖୋଲି ଲାଭ ନାହିଁ । ସରକାରଙ୍କ ପାଖରୁ ଅବଶ୍ୟ ସାହାଯ୍ୟ ମିଳିବ, ତା ବୋଲି ଆମେ କିଛି ସୁସ୍ଥରେ ବସି ରହିଲେ ତ ଚଳିବ ନାହିଁ ? ସବୁବେଳେ ଯେ ଯୋଗ୍ୟ ସହକର୍ମୀ ଅବଶ୍ୟ ହେବ ବା ହେବାକୁ ବାଧ୍ୟ ଏହା ଅପ୍ରତ୍ୟାଶିତ ନ ହେଲେ ବି ବିଶ୍ୱାସଯୋଗ୍ୟ ନୁହେଁ । କଷ୍ଟ କଲେ କୃଷ୍ଣ ଅବଶ୍ୟ ମିଳିବେ, ଏତିକି ମନେ ରଖିବା ଦରକାର । ଈଶ୍ୱରଙ୍କ ପାଖକୁ ଅନ୍ୟ ଲୋକ ଜରିଆରେ ଯିବାକୁ ଚେଷ୍ଟା କରିବା ଅପେକ୍ଷା ନିଜ ଚେଷ୍ଟାରେ ସିଧାସଳଖ ତାଙ୍କ ପାଖକୁ ଯିବାକୁ ଚେଷ୍ଟା କରିବା ଖୁବ୍ ଭଲ । ଖାଲି ଦେଖି ଦେଲା ସମସ୍ତ ଜଣାଇ ଦେବା ପାଇଁ ତୁମେ ସଭାଙ୍କୁ ଆସିନାହିଁ । ଯେ ପର ପାଇଁ ଖାଲ ଖୋଳେ ସେ ନିଜେ ସେ ଖାଲରେ ପଡ଼ିଥାଏ ।

(ଖ) ଗତକାଲ ନକୁଳ ଓ ଗୋପାଳ ଉଭୟେ ମିଳିମିଶି ଚେଷ୍ଟା କରିବା ଫଳରେ ମୂଳ ହିସାବରେ ଏକ କଡ଼ା ନକଲ ଅବଶ୍ୟ ମିଳିଲା, ହେଲେ ଗ୍ରେଷ୍ଟ ମାଲ ଆଉ ମିଳିଲା ନାହିଁ । ତାହା ହେଲେ ଧରି ନେବାକୁ ହେବ ଯେ ଗତକାଲି ସୁନା ଗ୍ରେରମାଲ ଏଠାରେ ପହଞ୍ଚି ନ ଥିଲା । ଭୂଗୋଳ ବହି ନ ହେଲେ ନ ଚଳେ ବୋଲି ଶିକ୍ଷକ ମହାଶୟ ଯାହା କହୁଥିଲେ, ତାହା ବିଲ୍‌କୁଲ ଭୁଲ ନୁହେଁ ! ଗୋପାଳ ବେଳକାଳ ଦେଖି ନଦୀ କୂଳରେ ବୁଲିବା ବାହାନାରେ ଘରୁ ବାହାରି ଯାଇ ବାହାରେ ଗୋଳମାଳ ସୃଷ୍ଟି କରିବା କଥା ମୋର ମନେ ନ ଥିଲା । ଆପଣ ସଭାରେ କହିଲେ କପାଳରେ ନ ଥିଲେ ଭୂପାଳ ବି ଦେବ ନାହିଁ । ତା ଫଳରେ ଆମେ ସମସ୍ତେ ମିଳିମିଶି ଚେଷ୍ଟା କରିବା ବୋଲି ଯେଉଁ ଆଶା ଥିଲା ତାହା ଏକାବେଳେକେ ଧୂଳିସାତ୍ ହେଲା । ମୁଁ ତ ମୂଳରୁ ସୂଚନା ପାଇଥିଲି ଯେ ମିଳାମିଶା ଉଦ୍ୟମ ବିଫଳ ହେଲେ ସ୍କୁଲରେ ନାନା ଗୋଳମାଳ ସୃଷ୍ଟି ହେବ । ତଥାପି ଫଳାଫଳକୁ ଅପେକ୍ଷା ନକରି ମୁଁ ଆପଣଙ୍କୁ ସଭାକୁ ଡାକି ନେଇଥିଲି । ଆମେ ନ ଡାକିଲେ ବି ସେ ଆସିଲେ ଓ ଆମେ ନ ଚାହିଁଲେ ବି ଯାହା ମିଳିଲା, ଖାଲି ଆମେ ଘରେ ନଥିଲା ବେଳେ ତାହା ଘଟିଲା ବୋଲି ଆମ ପକ୍ଷରେ ତାହା ଅନାବଶ୍ୟକ ହେବ କି ? ତୁମେ ପିଲା ଲୋକ, ମାତୃସ୍ନେହର ଗମ୍ଭୀରତା କଳିବା ତୁମ ପକ୍ଷରେ ସହଜ ନୁହେଁ ।

ଚତୁର୍ଦ୍ଦଶ ପରିଚ୍ଛେଦ

ମଧ୍ୟ ଓ ଅନ୍ତ୍ୟ-ଆଙ୍କୁଶି

(୧୧୧) ସରଳ ଲିପି ଶେଷରେ ଡାହାଣ ପଟେ ଓ ବକ୍ରଲିପି ଶେଷରେ ଭିତର ପଟେ ଏକ କ୍ଷୁଦ୍ର ଆଙ୍କୁଶି ନ୍ୟସ୍ତ ହେଲେ ନ/ଣ-ର ସହାବସ୍ଥାନ ସୂଚିତ ହେବ । ମିତସଂସ୍ଥାନ ନିମିତ୍ତ ନ-ଆଙ୍କୁଶି ସ୍ଥଳବିଶେଷରେ ରୂପକ ମଝିରେ ବି ଲେଖାଯିବ ।



୧୧୨ କ୍ଷ ପରେ ନ ଆଙ୍କୁଶି ଲେଖାଯିବ ନାହିଁ । କ୍ଷ-ଲିପି ଓ ନ-ଆଙ୍କୁଶି ଏକତ୍ର କ୍ଷନ/କ୍ଷଣ ଜ୍ଞାପନ କରିବ ।



୧୧୩ ମିତସଂସ୍ଥାନର ପରିପନ୍ଥୀ ନ ହେଲେ ବିକଳ୍ପ ଅ, ଧ, ମଧ୍ୟ ନ-ଆଙ୍କୁଶି ଯୁକ୍ତ ହେବ ।



୧୧୪ ନ-ଆଙ୍କୁଶି ଓ ଶ-ବୃତ୍ତ :— ନ-ପରେ ଶ ଥିଲେ ନ-ଲିପି ଓ ଶ-ବୃତ୍ତ ଲେଖାଯିବ । ଆମ ଭାଷାରେ କ୍ୱଚିତ୍ ବ୍ୟବହୃତ ଡାନ୍‌ସ, ଗ୍ରାନ୍‌ସ ଭଳି କେତେକ ବିଦେଶୀ ଶବ୍ଦରେ ନ୍‌ସ ଏକ ଯୁକ୍ତ ବର୍ଣ୍ଣ ଭଳି ଉଚ୍ଚାରିତ ହେବା-ଯୋଗୁଁ ସରଳ ଲିପି-ସଂଲଗ୍ନ ନ-ଆଙ୍କୁଶି ଓ ଶବୃତ୍ତ ଏକତ୍ର ଲେଖାଯିବ ।



୧୧୫) ମିତସଂସ୍ଥାନ ନିମିତ୍ତ :— (କ) ନ-ଆଙ୍କୁଶିଯୁକ୍ତ ମ-ଲିପି ବହୁବଚନ ସୂଚକ 'ମାନେ' ପ୍ରତିପାଦନ କରିବ ।

(ଖ) ଅତୀତ କାଳର କ୍ରିୟାସୂଚକ ଲି, ଲୁ ଇତ୍ୟାଦି ସ୍ଥଳବିଶେଷରେ ନ-ଆଙ୍କୁଶିଦ୍ୱାରା ପ୍ରତିପାଦିତ ହେବ ।



୧୧୬) ଉପରୋକ୍ତ ବ୍ୟତିକ୍ରମ ବ୍ୟତୀତ ଅନ୍ୟତ୍ର ଅନ୍ତ୍ୟ ନ/ଣ ଯୁକ୍ତ ଥିଲେ ଆଙ୍କୁଶ ଲେଖା ନ ଯାଇ ଲିପି ଲେଖାଯିବ ।



୧୧୭) ମୂଳ ଶବ୍ଦରେ ବ୍ୟବହୃତ ନ-ଆଙ୍କୁଶ ଯୌଗିକ ଶବ୍ଦରେ ମଧ୍ୟ ଯଥାସମ୍ଭବ ଅପରିବର୍ତ୍ତିତ ରହିବ ।



ଅନୁଶୀଳନୀ - ୫୧

ପଢ ଓ ଲେଖ



ଶବ୍ଦ ଓ ଲେଖ :— ଅନୁଶୀଳନୀ ୫୨

(୧) କାଳ, କାଳୀନ, ଗୁଣ, ଗୁଣନ, ତପନ, ସୁମନସ, ଅପମାନ, ସ୍ଥାପନ, ଭ୍ରମଣ, ଧାରଣ (୨) ସରଜମିନ, ସମୀଚୀନ, ସମ୍ମୁଖୀନ, ଅଧ୍ୟୟନ, ସ୍ଖଳନ, ଧାରଣା, ଆକାଂକ୍ଷା, ଆବାହନ, ତିରୋଧାନ, ମୋହନ (୩) ମୋହିନୀ, ମିଳନ, ହଂସ, କଂସ, ଭଗ୍ନ, ତେଣୁ, ପ୍ରୋକ୍ଷଣ, ଅଧୁନା, ଆଧୁନିକ (୪) ରୂପାୟନ, ଚରଣ, ଅପମାନ, ଆୟତନ, କଲ୍ୟାଣ, ଶିକ୍ଷକମାନେ, ପରାଧୀନ, ଅବଧାନ, ଅଭିମାନ ।

ଲେଣ୍ଟା





ଅନୁଶୀଳନୀ ୫୪

ଲେଖ ଓ ପଢ :—

ଏ ଦେଶ ସ୍ୱାଧୀନ ହେବା ପୂର୍ବରୁ ଯେଉଁମାନେ କଳ୍ପନା କରିଥିଲେ ଯେ ସ୍ୱାଧୀନ ଦେଶର ଲୋକସାଧାରଣ ଗ୍ରାମରେ ରହିଲେ ସୁଦ୍ଧା କୌଣସି ଅସୁବିଧାର ସମ୍ମୁଖୀନ ନ ହୋଇ କ୍ରମଶଃ ଉନ୍ନତି ପଥରେ ଧାବମାନ ହେବେ, ସେମାନେ ବର୍ତ୍ତମାନ ଗଣ ଆନ୍ଦୋଳନର ଏହି ନୂତନ ରୂପ ଦେଖି ମୂହ୍ୟମାନ ହୋଇପଡ଼ିଲେଣି । କାରଣ ସେମାନେ କଳ୍ପନା ବି କରି ନଥିଲେ ଯେ ଗୋଷ୍ଠିଏ ସ୍ୱାଧୀନ ଦେଶର ଲୋକସାଧାରଣ ନିଜ ଉନ୍ନତି ପଥରେ ନିଜେ ବାଧାବିଘ୍ନ ସୃଷ୍ଟି କରି ଦେଶର ସ୍ୱାଧୀନତାକୁ ବିପନ୍ନ କରିବେ । ଆପଣ ବର୍ତ୍ତ-ମାନ ଯେ କୌଣସି ଗ୍ରାମକୁ ଯାଇ ଯଦି ସ୍ଥାନୀୟ ଘଟଣାବଳୀ ଅନୁଧ୍ୟାନ କରିବେ ତାହାହେଲେ ଆପଣ ଏ ସବୁର ସୂକ୍ଷ୍ମ ପ୍ରମାଣ ଅକ୍ଳେଶରେ ପାଇପାରିବେ । ଯେଉଁମାନେ ଦେଶର ସାମୁହିକ ଉନ୍ନତି ଲାଗି ବ୍ୟାକୁଳ ସେମାନେ ଅବଶ୍ୟ ନୂତନ ଉପାୟରେ ଦେଶର ବିଭିନ୍ନ ସମସ୍ୟା ସମାଧାନ କରିବାପାଇଁ ବ୍ୟଗ୍ର ତଥାପି ସାଧାରଣ ଲୋକେ କଣ ସହଜରେ ସେ କଥା ବୁଝିବେ । ସେମାନେ କହିବେ ବର୍ତ୍ତମାନ ଆମ ଦେଶ ଖାଦ୍ୟ ଅନଟନର ସମ୍ମୁଖୀନ ନ ହେଲେ ବି ଏଭଳି ବହୁ ଅପ୍ରତ୍ୟାଶିତ ଘଟଣା ଏବେ ଘଟିଲଣି ଯାହା ପୂର୍ବରୁ କେବେ ଘଟି ନ ଥିଲା । ଖାଦ୍ୟରେ ଅପମିଶ୍ରଣ ଏବେ ଅତି ସାଧାରଣ ଘଟଣା ହେଲଣି । ସବୁ କଥାରେ ସମସ୍ତେ ଏବେ ଆନ୍ଦୋଳନର ଧମକ ଦେଲେଣି । ବର୍ତ୍ତମାନ ଆମେ ଯଦି କହୁ ଆମର ଖୁବ୍ ଉନ୍ନତି ହେଲଣି, ଆଉ ବେଶି ଉନ୍ନତି ଆମ ଦେହରେ ଚଳିବ ନାହିଁ, କେଉଁ ଆଇନ ଅନୁସାରେ ଆପଣ ଆମଠାରୁ ଜୋର-ଜାଲା ଆଦାୟ କରିବେ ?

ପଞ୍ଚଦଶ ପରିଚ୍ଛେଦ

ମଧ୍ୟ ଓ ଅନ୍ତ୍ୟ ଆଙ୍କୁଶ—୨

୧୧୮) ତ-ଦ-ଆଙ୍କୁଶ —ସରଳ ଲିପି ଶେଷରେ ବାମାବର୍ତ୍ତୀକ କ୍ଷୁଦ୍ର ଆଙ୍କୁଶଟିଏ ନ୍ୟସ୍ତ ହେଲେ ତ/ଦ-ର ଯୋଗ ସୂଚିତ ହେବ । ଉକ୍ତ ଅଙ୍କୁଶକୁ ତ-ଦ ଆଙ୍କୁଶ କୁହାଯିବ । ବକ୍ରଲିପିରେ ଏହି ଅଙ୍କୁଶ ନ୍ୟସ୍ତ ହେବନାହିଁ ।

ନୃତ୍ୟ ... ମର୍ଦ୍ଦିତ ... ସ୍ପୃଷ୍ଟ ... ଉଦ୍ଯୋତ ...
ଶବାଦ ... ଅନୁବାଦ ... ବ୍ରତ ... ଖଡ ...

୧୧୯) (କ) ମିତସ୍ଥାନ ନମିତ୍ତ ତ-ଦ ଆଙ୍କୁଶ ସ୍ଥଳବିଶେଷରେ ରୂପକ ମଧ୍ୟରେ ମଧ୍ୟ ଲେଖାଯିବ ଏବଂ ସ୍ଥଳବିଶେଷରେ ତ/ଦ-ଆଙ୍କୁଶ ପରବର୍ତ୍ତୀ ତ/ଦ ଲିପି ଡାହାଣ ପଟେ ଲେଖାଯିବ ।

କେତନ ... କେତେକେ ... ସଙ୍କେତ ... ଅଚ୍ଛାଦନ ...

(ଖ) ମିତସ୍ଥାନ ନମିତ୍ତ ବର୍ତ୍ତଣ୍ଡ ସୂଚକ ରେ, ରୁ ସ୍ଥଳବିଶେଷରେ ଅନ୍ତ୍ୟ ଆଙ୍କୁଶ ସହିତ ଲଗିକରି ଲେଖାଯିବ ।

ମନରେ ... ଗୁଣରେ ... ହାତରେ ...

୧୨୦) ମିତସ୍ଥାନ ବ୍ୟାହତ ହେଲେ ଅଥବା ଅନ୍ତ୍ୟ ତ, ଦ ମୁକ୍ତ ଥିଲେ ଆଙ୍କୁଶ ଲେଖଯିବ ନାହିଁ , ଲିପି ଲେଖାଯିବ ।

ସ୍ଥିତି ... କେତେ ... ଅପତ୍ତି ... ବାଦ ...

ପଢ଼ ଓ ଲେଖ ... ଅନୁଶୀଳନୀ - ୪୬ ...



ଅନୁଶୀଳନୀ-୪୭

ପଢ଼ ଓ ଲେଖ : —

(୧) ଉଚିତ, ଅବକୃତ, ବଦାନ୍ୟ, ନାତ, ନାତକ, ସ୍ୱୀକୃତ, ଈଶ୍ୱରଦତ୍ତ ସଦେଶ, ପ୍ରାଦେଶିକ, ପ୍ରଦକ୍ଷିଣ (୨) ବିଦେଶ- ବାଦଶାହା. ଅପଦ, ଜନପଦ, ପାଦ, ପାଦୁକା, ବିବାଦ, ନିର୍ବିବାଦ, ବହୁତ ବହୁତ, ଅଚେତନ (୩) ବ୍ୟାହତ, ଅନୁବାଦ, ଅପବାଦ , ବାଦାନୁବାଦ, ବ୍ୟାପୃତ, ବିପର୍ଯ୍ୟତ, ମୋହିତ, ଲୁପ୍ତ, ଶିକ୍ଷିତ, ଅଶିକ୍ଷିତ, ସଚେତନ ୪) ସୁଶିକ୍ଷିତ, ଆଘାତ, ସମାଗତ, ସୁସଂସ୍କୃତ, ଆବେଦନ, ଦୂରୀ, ସନ୍ନିପାତ, କୋବିଦ, ନିକ୍ଷିପ୍ତ, ଚାପିତ (୫) ଯତ୍ନ; ଯତ୍ନବାନ, ଯେତକ, କେତେକ, ଦ୍ୟୋତ, ବିଶାରଦ, କଳେବର୍ଦ୍ଦ, ଅଚ୍ଛାଦନ, ଆଚ୍ଛାଦିତ, କଳୁଷିତ ।

ଚଳନ୍ତା

ଅନ୍ତ-ତ - ... କର୍ତ୍ତବ୍ୟ ... ହସ୍ତ - ... { ପରବର୍ତ୍ତୀ- ... ପୂର୍ବବର୍ତ୍ତୀ - ... ପରବର୍ତ୍ତେ

ସୂଚନା

(କ) ତ-ଦ ଅଙ୍କୁଶ ଉଚିତ ସ୍ଥାପନ ଉଚିତ

କରିବା ଉଚିତ ... ଦେବା ଉଚିତ - ... ହେବାହେତୁ ଥିଲା- ...

(ଖ) ତ-ଦ ଅଙ୍କୁଶ ଉଲ୍ଲେଖ ସ୍ଥଳରେ ମଧ୍ୟ ବ୍ୟବହୃତ ହେବ ।

ଯୋଡ଼ିଏ ଦିନ- ... ଯୋଡ଼ିଏ ଘର - ... ଯୋଡ଼ିଏ ଦୁଇଟି - ...

କେବଳ ହଟଣାରେ - ... ଯେଉଁଠାରେ - ...

ଅନୁଶୀଳନୀ-୪୮

ଲେଖ ଓ ପଢ଼ --

ମାନବର କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟରେ ଆପଣ ଗତକାଲି ଯେତେ କଥା କହିଲେ ତାର ସାରମର୍ମ ହେଲା ଆମ ରାଜ୍ୟରେ ଶିକ୍ଷିତ ଲୋକଙ୍କ ସଂଖ୍ୟା ବହୁତ କମ୍ ଏବଂ ତାହା ବୃଦ୍ଧିପ୍ରାପ୍ତ ହେବା ପରିବର୍ତ୍ତେ ଯଦି ହ୍ରାସପ୍ରାପ୍ତ ହେବ ତେବେ ଦେଶ ପକ୍ଷରେ ଆପଦ ବିପଦ ଓ ଉତ୍ପାତର ଆଶଂକା ଯେତିକି ବେଶି ଆମେ ମୂର୍ଖ ଓ ଅଶିକ୍ଷିତ ବୋଲି ବଦନାମ ହେବାର ଆଶଙ୍କା ସେତିକି ବେଶି । ଶିକ୍ଷକ ଯେତେ ଯତ୍ନବାନ ହେଲେ ସୁଦ୍ଧା ଛାତ୍ରମାନଙ୍କୁ କର୍ତ୍ତବ୍ୟ ଅକର୍ତ୍ତବ୍ୟ ବିଷୟରେ ସଚେତନ କରାଇବାକୁ ଅକ୍ଷମ । କର୍ତ୍ତବ୍ୟରେ ରୁଚି ଓ ନିଷ୍ଠା ଆସିବା ପାଇଁ ଆମେ ଆଉ କେତେ କାଳ ଅପେକ୍ଷା କରିବା ଉଚିତ ହେବ ଏବଂ

ଏଭଳି ଅନଭିପ୍ସିତ ଭାବରେ ଅପେକ୍ଷା କରିବା ଫଳରେ ଲାଭ କ୍ଷତି ବା ଆପତ୍ତି ଉପଦ୍ରବ କଣ ହେବ, ସେ ବିଷୟରେ ଆପଣ ସ୍ପଷ୍ଟ ଧାରଣା ହେବା ଉଚିତ ଥିଲା। ସେ ସବୁ କରିବା ପରିବର୍ତ୍ତେ ଆପଣ ଯାହା ସବୁ କହିଲେ ସେଥିରେ ପୂର୍ବବର୍ତ୍ତୀ ଉକ୍ତି ସହିତ ବର୍ତ୍ତମାନ ଘଟଣାର କୌଣସି ଆଦର୍ଶଗତ ସାମ୍ୟ ନ ଥିଲା; ତେଣୁ ତାହା ଶିକ୍ଷାର ମାନ ବଢ଼ାଇବା ଲାଗି ଅଭିପ୍ରେତ ହେବା ପରିବର୍ତ୍ତେ ଶିକ୍ଷାର ସାବଲୀଳ ଗତି ବ୍ୟାହତ କରିବା ଲାଗି ଉଦ୍ଦିଷ୍ଟ ଥିଲା ବୋଲି ମୋର ଧାରଣା ହେଲା। ତଥାପି ଆମେ ସେଥିରେ ଆପତ୍ତି କରିବା ପରିବର୍ତ୍ତେ ତାକୁ ସ୍ୱାଗତ କରିବାର କାରଣ ହେଲା ଆପଣ ଶିକ୍ଷିତ ଓ ମାନବିକ ସ୍ୱାଧୀନତାର ପ୍ରସ୍ତାବକ।



ଷୋଡ଼ଶ ପରିଚ୍ଛେଦ

ମଧ୍ୟ ଓ ଅନ୍ତ୍ୟ ଅଙ୍କୁଶ—୩

(୧୨) ବ-ଅଙ୍କୁଶ—ତ-ଦ ଅଙ୍କୁଶ ଅପେକ୍ଷା ଏକ ବଡ଼ ଅଙ୍କୁଶ ଲିପି ଶେଷରେ ନ୍ୟସ୍ତ ହେଲେ ଉକ୍ତ ଲିପି ଓ ବ/ଭର ସମ୍ଭାବସ୍ଥାନ ସୂଚିତ ହେବ।

ଏକୁ ବ-ଅଙ୍କୁଶ କୁହାଯିବ।



(୧୩) ସାଧାରଣତଃ ବ-ଅଙ୍କୁଶ (କ, ପ, ବ ପ୍ରଭୃତି ସରଳ ଲିପିର ବାମପଟେ (ଖ) ବକ୍ର ଲିପିର ଭିତର ପଟେ ଏବଂ ଗ) ସରଳ ଲିପିର ଆଦ୍ୟରେ ଥିବା ବୃତ୍ତ ବା ଅଙ୍କୁଶର ବିପରୀତ ପଟେ ଲେଖାଯିବ।



(୧୪) ମିତବ୍ୟଂଜ୍ଞାନ ନମିତ୍ତ ବ ଅଙ୍କୁଶ ରୂପକ ମଧ୍ୟରେ ମଧ୍ୟ ଲେଖା ଯାଇପାରେ।



(୧୫) ଅନ୍ତ୍ୟ ବ, ଭ ମୁକ୍ତ ନ ଥିଲେ ଅଙ୍କୁଶ ଲେଖାଯିବ ନାହିଁ।



(୧୬) ସନ-ଅଙ୍କୁଶ :-ଓଡ଼ିଆ ଭାଷାରେ ଫେସନ, ଷ୍ଟେସନ, କମିସନ, ମିସନ, ଲଭନନ, ଓଭନନ, ପ୍ରୋଭନନ, ଇତ୍ୟାଦି 'ସନ'. ବା 'ଜନ' ଶେଷରେ ଥିବା ଇଂରାଜୀ ଶବ୍ଦର ବହୁଳ ପ୍ରଚଳନ ହେତୁ ମିତବ୍ୟଂଜ୍ଞାନ ନମିତ୍ତ ବ-ଅଙ୍କୁଶ ଭିନ୍ନ ଏକ ବୃହତ୍ତର ବକ୍ରାକାର ଅଙ୍କୁଶ ସନ, ଷଣ ବା ଜନ-ର ସ୍ମାରକ ହେବ ଏବଂ ରୂପକର ଶେଷ ସ୍ୱରବର୍ଣ୍ଣଙ୍କୁ ଅଙ୍କୁଶ ମଧ୍ୟରେ ଲେଖାଯାଇ ଏହାକୁ ଚିହ୍ନିତ କରିବାକୁ ହେବ।



ପଢ ଓ ଲେଖ :



ଅନୁଶୀଳନୀ— ୭୦

ଲେଖ ଓ ପଢ :-

(୧) ନବ, ନେବ, ନେବାକୁ, ନାବ, ନାବିକ, ବିଭାଗ, ବିଭକ୍ତ, ଅଣିବ ଅଣିଭ (୨) ଗର୍ବ, ଦାବାନଳ, ମାନବ, ମାନବିକ, ମୁକ୍ତାବକ, ପର୍ବ, ଫର୍ବଣି ବିବେକ, ପରିବେଷଣ (୩) କମିଶନ, ପ୍ରମୋସନ, ଅଧିବେଶନ, କମିଶନର, ମିସନ, ମିସନାରି, ଅନଶନ, ଅନ୍ବେଷଣ, ଷ୍ଟେସନ, ଉଦ୍ଭିଜ (୪) ଉଦ୍ଭିଜନାଳ ଉଦ୍ଭିଜ, ଶାସନ, ଶୋଷଣ, ପ୍ରସାଧନ, ବିଭବ, ବିସର୍ଜନ, ବଳୀପିକା, ପ୍ରଣବ ଅମାବାସ୍ୟା ।

ସ୍ମରଣିକା

(୬୭) ବ-ଅଙ୍କୁଶ ହେବ, ଯାହ ପ୍ରତିପାଦନ କରିବ ।



(୬୮) ବ-ଅଙ୍କୁଶ ନିମ୍ନୋକ୍ତ ପ୍ରକାରେ ମଧ୍ୟ ବ୍ୟବହୃତ ହେବ ।



(୬୯) ବ-ଅଙ୍କୁଶକୁ ଟିକିଏ ଦୀର୍ଘ କରାଗଲେ ତାହା ବୃତ୍ତାକାର ହେବା ସଙ୍ଗେ ସଙ୍ଗେ ଅଙ୍କୁଶର ଅଗ୍ରଭାଗ ପୂର୍ବବର୍ତ୍ତୀ ଲିପିକୁ ଭେଦ କରି ଅପର ପାର୍ଶ୍ୱକୁ ଲମ୍ବିତ ହେବ । ଏହାକୁ 'ବ-ବ' ଅଙ୍କୁଶ କୁହାଯିବ । ଏବଂ ଏହା -ବାକୁ ହେବ ପ୍ରତିପାଦନ କରିବ ।



ପଢ ଓ ଲେଖ :



ଅନୁଶୀଳନୀ-୭୨

ଲେଖ ଓ ପଢ :—

ବିଭିନ୍ନ ସଭାରେ ଆମେ ଯେଉଁ ସବୁ ଅନର୍ଗଳ ଭାଷଣ ଶୁଣୁ ସେ ସବୁ ବିଶ୍ଳେଷଣ କଲେ ଏକାଧାରରେ ବିକୃତ ଶବ୍ଦଧାରାର ନଗ୍ନ ବହିଃପ୍ରକାଶ ଏବଂ ମୂଳବ, ଗୁରୁକ, ନବଚ ବିପ୍ଳବ ପ୍ରଭୃତି ଶବ୍ଦର ଅଭିନବ ସମାବେଶ ଓ ନିଶାଣ, ଶୋଷଣ, ଫେସନ, କଶାନ, ବିପ୍ଳବ ପ୍ରଭୃତି ଅବାସ୍ତବ ଶବ୍ଦର ଅସ୍ୱାଭାବିକ ବିନ୍ୟାସନ ଦୃଷ୍ଟିରେ ପଡିବା ସ୍ୱାଭାବିକ । ଏ ସବୁର ପ୍ରଭାବ ଭାଷା ଉପରେ ପ୍ରେତକ ପଡିବ ସାହିତ୍ୟ ଉପରେ ବି ସେତିକି ପଡିବ ଏବଂ ତା ଫଳରେ ଗର୍ଦ୍ଦଭ ଗଳାରେ କର୍ପୂରମାଳ ପକାଇ ଗୁରୁକରେ ପ୍ରହାର କଲେ ଯେଉଁ ନର୍ଲଜ ପରିବେଶ ସୃଷ୍ଟି ହେବା ସ୍ୱାଭାବିକ ତା'ର ତୁଳନା ଆଜିକାଲି ସାହିତ୍ୟର ଅଭାବ ନାହିଁ । ରେଭେନ୍‌ସା ସାହେବ ଓଡ଼ିଶାର କମିସନର ଥିଲାବେଳେ ଜଣେ ମିସନାରୀ ତାଙ୍କୁ କହିଥିଲେ 'ଯାହା ଅବଶ୍ୟ କହିବାକୁ ହେବ ତାହା

ଆଜି କରିବା ଉଚିତ । କାଲି କରିବି ବୋଲି କହିବା ଅନୁଚିତ'। ଯାହେତୁ ତାଙ୍କୁ କହିଲେ ଏଭଳି ପ୍ରବାଦ ଓଡ଼ିଆ ଭାଷାରେ ବିରଳ ନୁହେଁ । ଓଡ଼ିଶାର ଗୋଟିଏ ପ୍ରବାଦ ହେଲା :- କୌଣସି କାମ କାଲି କରିବି ବୋଲି କହିବ ନାହିଁ, ରବିବାର, ସୋମବାର ବା ଶୁକ୍ରବାର କରିବି ବୋଲି କହିବ । ଯେହେତୁ କାଲି ପଛରେ କାଲ ଲୁଚି ରହିଥାଏ ତେଣୁ କାଲି କରିବ ବୋଲି କହିବା ମାନେ ବୁଝିବାକୁ ହେବ ଯେ ସେ କାମ ତୁମେ କେବେ କରିପାରିବ ନାହିଁ । ଆଉ ଏକ ପ୍ରବାଦ ହେଲା ଯାହା କାଲି କଲେ ଚଳିବ ତାକୁ ଆଜି ନ କରି କାଲି କରିବା ପାଇଁ ରଖି ଦେବା ଉଚିତ୍ । କାରଣ କାଲି ଯଦି କୌଣସି ନୂତନ ପ୍ରେରଣା ମିଳିବ ତେବେ ତୁମେ ଉକ୍ତ କାର୍ଯ୍ୟ ଆହୁରି ଭଲ ଭାବରେ କରିପାରିବ ।

ସପ୍ତଦଶ ପରିଚ୍ଛେଦ

ଅତିରିକ୍ତ ଦ୍ୱିସ୍ୱର

(୩୦) ଆଇ, ଆଉ, ଇଅ, ଉଅ ଛଡ଼ା ଆଉ ଯେତେଗୁଡ଼ିଏ ଦ୍ୱିସ୍ୱରର ପ୍ରଚଳନ ଅଛି ସେଗୁଡ଼ିକ ମଧ୍ୟରୁ ଯେଉଁ ଗୁଡ଼ିକର ପ୍ରଥମ ସ୍ୱରଟି ଅ, ଓ ବା ଉ ସେଗୁଡ଼ିକ ଡ଼ାଃ-ପ୍ରଧାନ ଓ ଯେଉଁଗୁଡ଼ିକର ପ୍ରଥମସ୍ୱର ଆ, ଏ ବା ଇ ସେଗୁଡ଼ିକୁ ଡ଼ଃ-ପ୍ରଧାନ ବୋଲି ବିବେଚନା କରାଯିବ ଏବଂ ଡାଃ-ପ୍ରଧାନ ଦ୍ୱିସ୍ୱରଗୁଡ଼ିକୁ ଏକ କ୍ଷୁଦ୍ର କୋଣଦ୍ୱାରା ଓ ଡ଼ଃ ପ୍ରଧାନ ଦ୍ୱିସ୍ୱରଗୁଡ଼ିକୁ ଏକ କ୍ଷୁଦ୍ର ଅର୍ଦ୍ଧ ବୃତ୍ତଦ୍ୱାରା ଚିହ୍ନିତ କରାଯିବ ।

ଦ୍ୱିସ୍ୱରର ପ୍ରଥମ ସ୍ୱରଟି ଡାଃ ଏବଂ ଦ୍ୱିତୀୟଟି ମଧ୍ୟ ଡାଃ ହେଲେ କୋଣଟି ସ୍ୱାଭାବିକ ଭାବରେ ଲେଖାଯିବ ∠ ଅର୍ଥାତ୍ ଲେଖନୀ ପ୍ରଥମେ ଟିକିଏ ପଛକୁ ଆସି ପରେ ଆଗକୁ ଯିବ । କିନ୍ତୁ ପ୍ରଥମ ସ୍ୱରଟି ଡାଃ ଓ ଦ୍ୱିତୀୟଟି ଡଃ ହେଲେ କୋଣଟି ବିପରୀତ ଭାବରେ > ଲେଖାଯିବ ।

(୩୧) ଦ୍ୱିସ୍ୱରର ପ୍ରଥମ ସ୍ୱରଟି ଏକାକୀ ଥିଲେ ସ୍ୱରସଂକେତଟି ଲିପିର ଯେଉଁ ସ୍ଥାନରେ ଦିଆଯିବାର କଥା, ଉକ୍ତ ସ୍ୱରଟି 'ଦ୍ୱିସ୍ୱରର ଆଦ୍ୟରେ ଥିଲେ ଉଦ୍ଦିଷ୍ଟ ଦ୍ୱିସ୍ୱର ସଂକେତଟି ଲିପିର ସେହି ସ୍ଥାନରେ ଦିଆଯିବ ।

ଅତଏବ ଦ୍ୱିସ୍ୱର ସଂକେତ ∠ ଲିପିର ପ୍ରଥମ ସ୍ଥାନରେ ଲେଖାଗଲେ ଅ+ଇ ବା ଔ ପ୍ରତିପାଦିତ ହେବ । ଶବ୍ଦର ଆଦ୍ୟରେ ଅଇ ବା ଔ ଥିଲେ ଦ୍ୱିସ୍ୱର ସଂକେତ ପରବର୍ତ୍ତୀ ଲିପି ସହିତ ଲାଗି କରି ଲେଖାଯିବ ।

ଚଇତନ ...... ଚୌଧୁରୀ ...... ଔରସ ...... ଔଷଧ ......

(ଖ) ଉକ୍ତ ଦ୍ୱିସ୍ୱରସଂକେତଟି ଦ୍ୱିତୀୟ ସ୍ଥାନରେ ଲେଖାଗଲେ ଓ+ଇ ପ୍ରତିପାଦନ କରିବ ।

ବୋଇ ...... ଶୋଇ ......

(ଗ) ଦ୍ୱିସ୍ୱର ସଂକେତ > ଲିପିର ପ୍ରଥମ ସ୍ଥାନରେ ଲେଖାଗଲେ ଅ+ଇ ବା ଐ ପ୍ରତିପାଦିତ ହେବ । ଶବ୍ଦର ଆଦ୍ୟରେ ଅଇ ବା ଐ ଥିଲେ ଟିକ-ଅ ଓ ଦ୍ୱି-ଲିପି ✓ ଲେଖାଯିବ । ପଇତା ...... ଐଶୀ ...... ଦୈନିକ ...... ଐତିହ୍ୟ ......

(ଘ) ଏହି ଦ୍ୱିସ୍ୱର ସଂକେତଟି ଦ୍ୱିତୀୟ ସ୍ଥାନରେ ଲେଖାଗଲେ ଓ+ଇ ପ୍ରତିପାଦନ କରିବ ।

କୋଇଲି ...... ବୋଇତ ...... ଧୋଇ ...... ଧୋଇଅ ......

(୩୪) ମିଶ୍ରସଂସ୍ଥାନ କମିଶ ଦ୍ୱିସ୍ୱର ସଂକେତ ଆଇ ଯେପରି ସ୍ଥଳ ବିଶେଷରେ 'ଆସ୍ୱ' ପ୍ରତିପାଦନ କରେ, ଅନୁରୂପ ଭାବରେ ଦ୍ୱିସ୍ୱର ସଂକେତ 'ଅଇ' ସେହିପରି 'ଅସ୍ୱ' ପ୍ରତିପାଦନ କରିବ ।

ନୟ ...... ସମୟ ...... ଚତୁର୍ଦ୍ଦିଗ ......

(୩୫) ମୋଟ ଉପରେ ଦ୍ୱିସ୍ୱର ସଂକେତର ଆକାର କୋଣପରି ହେଲେ, ଦ୍ୱିସ୍ୱର ଆଦ୍ୟରେ ଡାଃ ଅଛି ବୋଲି ବୁଝାଯିବ, କୋଣଟି ସ୍ୱାଭାବିକ ହୋଇଥିଲେ ଦୁଇଟି ଡାଃ ଏବଂ ଅସ୍ୱାଭାବିକ ହୋଇଥିଲେ ଡାଃ ଏବଂ ଡଃ ର ସମାହାର ବୁଝାଯିବ ।

ଅନୁଶୀଳନୀ - ୧୭

ପଢ ଓ ଲେଖ :



ଲେଖ ଓ ପଢ଼ : —

ଅନୁଶୀଳନୀ-୭୪

(୧) ଗୈରକ, କୋଇଲା, ଗୌତମ, ମୌଜା, ଆଦୌ, ଲୌହ; ତଉକି, ଚୌଲ (୨) ନଉତ, ମଇଳା, ଚଇତାଳି, ଚଉତାର, ବାଟୋଇ, ପୋଇଲି, ଶୋଇବା, ଚମ୍ପୁନଇ (୩) ଦୈନିକ, ରସାୟନ, ରସାୟନିକ, ଅପଚୟ, ଜୟ, ବିଜୟ, ଧ୍ୱନି, ଜୟଧ୍ୱନି (୪) ନୌକର, ନୌକରାଣୀ, ବଉଳଫୁଲ, ଐଶାନ୍ୟ, ଔଦ୍ଧତ୍ୟ, ତଉଲ, ତଉଲିଆ ।

ଅନୁଶୀଳନୀ - ୭୫

ପଢ ଓ ଲେଖ·



ଲେଖ ଓ ପଢ଼ : —

ଅନୁଶୀଳନୀ—୭୬

ମୌନାବତୀ ଓ ବିକ୍ରମ ବୈତରଣୀ ନଦୀ କୂଳରେ ବୁଲୁବୁଲୁ ଚୌଧୁରୀ ନବାସ ପାଖରେ ଯାଇ ପହଞ୍ଚିଲେ । ଏହି ସମୟରେ ଏକ ବୋଇତ ଆସି

କୂଳରେ ଲାଗିଲା । ତାହା ସାଧାରଣ ନୌକା ଅପେକ୍ଷା ବେଶି ବଡ଼ା ଥିଲା । ସେ ବୋଇତରେ ଜମାଦାର ବେଶରେ ବସିଥିବା କୈବର୍ତ୍ତମାନେ ଚୌଧୁରୀ ନବାସ ପାଖକୁ ଯାଇ ଗୋଟିଏ ଚଉତାର ମସିଣା ପକାଇ ବସିଲେ । ସେମାନେ ହାତ ହଲାଇ ତାଙ୍କ ଭାଷାରେ ବିକ୍ରମଙ୍କୁ କଣ କହିଲେ ମୌନାବତୀ ତାହା ଆଦୌ ବୁଝି ପାରିଲା ନାହିଁ । ବିକ୍ରମ ବେକରୁ ପଇତା ବାହାର କରି କୋଇଲି ବୋଲି କହିଲା ଓ ସେମାନେ ଖୁବ୍ ଖୁସି ହେଲେ । ମୌନାବତୀ ନୌକା ଦେଖି ବିକ୍ରମ ପାଖରେ ଆସି ବସିଲା । ଦୈବାତ୍ ଗୋଟିଏ ନୂଆ ଯାଦୁ କୌଶଳ ବିକ୍ରମର ମନେ ପଡ଼ିଗଲା । ସେ କାନରେ ପଇତା ଗୁଡ଼ାଇ ପରସ୍ତ କରିବା ବାହାନାରେ ବସି ସଡ଼ କୈବର୍ତ୍ତଙ୍କ ଗୁରୁ ରାମଦାସଙ୍କ ଭଳି ଅନୁନାସିକ ସ୍ୱରରେ କହିଲା- ତୁମ୍ଭେମାନେ ମୌଲବୀ ହୋସେନଙ୍କୁ ଧରି ନେଇ ଭୈରବଙ୍କ ପାଖରେ ବଳି ଦେବ ବୋଲି ଠିକ୍ କରିଥିଲ । କାଲି ତାହା କରିପାରିଲ ନାହିଁ । ସେ ବର୍ତ୍ତମାନ ଦୌଲତାବାଦ ମୌଜାକୁ ଚାଲିଗଲଣି ।

ଅଷ୍ଟାଦଶ ପରିଚ୍ଛେଦ

ଅନ୍ତରଙ୍ଗ ଦ୍ୱିସ୍ୱର—୨

ଦ୍ୱିସ୍ୱର ସଙ୍କେତ ୯ ଲିପିର ପ୍ରଥମ ସ୍ଥାନରେ ଲେଖାଗଲେ ଆଏ ଓ ଦ୍ୱିତୀୟ ସ୍ଥାନରେ ଲେଖାଗଲେ ଏଇ ପ୍ରତିପାଦନ କରିବ ।

ପଳାଏ  ଗୋଡ଼ାଏ  ପଳେଇବା ଚୋରେଇ 

ଦ୍ୱିସ୍ୱର ସଙ୍କେତ ୨ ଲିପିର ପ୍ରଥମ ସ୍ଥାନରେ ଲେଖାଗଲେ 'ଆଅ' ଓ ଦ୍ୱିତୀୟ ସ୍ଥାନରେ ଲେଖାଗଲେ ଏଉ ପ୍ରତିପାଦନ କରିବ ।

ପଳାଅ  ଗୋଡ଼ାଅ  ଦେଖଉ ଦେଉଡ଼ 

(୩୮) ସ୍ଥୂଳତଃ ଦ୍ୱିସ୍ୱର ସଂକେତର ଆକାର ଅର୍ଦ୍ଧବୃତ୍ତାକାର ହେଲେ ପ୍ରଥମ ସ୍ୱରଟି ହ୍ରସ୍ୱ ବୋଲି ବୁଝାଯିବ । ଅର୍ଦ୍ଧବୃତ୍ତଟି ସ୍ୱାଭାବିକ ଅର୍ଥାତ୍ ଦକ୍ଷିଣ-ମୁଖୀ ହେଲେ ଦୁଇଟି ହ୍ରସ୍ୱ-ର ସମାହାର ସୂଚିତ ହେବ ଓ ବାମମୁଖୀ ହେଲେ ପ୍ରଥମଟି ହ୍ରସ୍ୱ ଓ ଦ୍ୱିତୀୟଟି ଦୀର୍ଘ ବୋଲି ବୁଝାଯିବ ।

(୩୯) ନିରସଂସ୍ଥାନ କମିବ ସ୍ଥଳବିଶେଷରେ ଦ୍ୱିସ୍ୱର ପରିବର୍ତ୍ତେ ସ୍ୱ-ଲିପି ଲେଖାଯିବ ।

ଚଳେଇ  ଚୋରେଇ  ନାଏବ  ଗାଏବ 

ଅନୁଶୀଳନୀ-୬୭

ଉତ୍ତର ଲେଖ :



ଅନୁଶୀଳନୀ-୬୮

ଲେଖ ଓ ପଢ଼ .—

(୧) କାଏମ, ନାଏବ, ଦାସ୍ତେର, ବେଉଗ, କକେଇ, ଚଳାଅ; (୨) ଥୋଡାଏ, ଅନାଅ. ଦେଉଳ, ନେଉଳ, କେଗଏ, ମେଷ୍ଟାଏ । (୩) କେଷ୍ଟାଏ, ହକେଇବା, ଚଗଇବା, ନୌବହର; ଔଦାର୍ଯ୍ୟ (୪) ଧ୍ୱନି, ଧ୍ୱନିତ ଦୈତ୍ୟ, ଦୌତ୍ୟ, ଐକ୍ୟ, ଛାଳା, ଅନୈକ୍ୟ, ଦେ଼ଇଁ, ଦେଇଁବା, ଡିଆଁ, ଜୁଆଁଇ, ନଇଁବା ।

ଅନୁଶୀଳନୀ-୬୯

... ପଢ଼ ଓ ଲେଖ :



ଅନୁଶୀଳନୀ-୭୦

ଲେଖ ଓ ପଢ଼ —

ବାଟରେ ଫାଉଡ଼ା ହଜାଇ ହାଟରେ ଖୋଜିଲେ ସବୁ କାମ ବେକାଏ ଧିମେଇ ଟିବ । ଦେଉଳ ଚଉହଦରେ ନେଉଳ ଓ ନାଗ ସାପ ଏଭଳି ଲଢ଼େଇ କରିବା କଥା ଆଦୌ ଶୁଣା ନଥିଲା । ମାଳତୀ ବାଟୋଇକୁ ଦେଖି କୋଇଲି ଟୋକେଇ ଥୋଇଦେଇ ଘସ୍ତାରୁ ଆଡ଼େଇ ହୋଇଗଲା ଓ କହିଲା-ଅନେଇଚ ମୋତେ ଦେଖି କିଆଁ ପଳେଇଚ । ବାଟୋଇ କହିଲା ତୁମପାଇଁ ମୁଁ ଦଉଡ଼ି ଦଉଡ଼ି ହାଲିଆ, ତେବେ ବି ତୁମର ଦର୍ଶନ ନାହିଁ । ମାଳତୀ କହିଲା— ଦର୍ଶନତ ମିଳିଗଲା, ପଣିକି କେଉଠି, ଯେଉଁବାଟେ ଆସିଥିଲ ସେଇବାଟେ ଲେଉଟ । ଆଜି ଯେ ତୁମକୁ ହାଟରେ ହଜାଇ ବାଟରେ ପାଇଲି ସେଇଟା ତ ମୋ ଭାଗ୍ୟର ଜୋର । ତେବେ ତୁମେ ଯଦି ନ ପଳାଅ ତାହାହେଲେ ସିନା ଖବରି ଶେଷକୁ ରହିଥିଲି ବୋଲି କେଷ୍ଟାଏ ନ ମିଳି ମେଷ୍ଟାଏ ମିଳିଲା ।

ଊନବିଂଶ ପରିଚ୍ଛେଦ

ଆଦ୍ୟ ଅର୍ଦ୍ଧବୃତ୍ତ ଓ ବୃହତ୍ତର ଆଙ୍କୁଶ

(୪୦) କ, ଟ, ଗ, ଘ, ମ, ର ଲିପି ଆଦ୍ୟରେ ଏକ କ୍ଷୁଦ୍ର ଅର୍ଦ୍ଧବୃତ୍ତ ଲଗ୍ନ ହେଲେ ଆଦ୍ୟରେ 'ଓ' ବା 'ଉ' ଅଛି ବୋଲି ବୁଝାଯିବ । ମିତସଂସ୍ଥାନ ନିମିତ୍ତ ଏହି ଅର୍ଦ୍ଧବୃତ୍ତ ସ୍ଥଳବିଶେଷରେ ଟ, ଠ, ଡ଼, ଢ ଲିପି ଆଦ୍ୟରେ ମଧ୍ୟ ଲଗ୍ନ ହେବ । ସାଧାରଣତଃ ଓ ଆଦ୍ୟରେ ଥିବା ରୂପକ ଦ୍ୱିତୀୟ ସ୍ଥାନରେ ଏବଂ ଉ ଆଦ୍ୟରେ ଥିବା ରୂପକ ତୃତୀୟ ସ୍ଥାନରେ ଲେଖାଯିବ ।

ଓକିଲ - ଓରମାନ - ଓଟଣା - ଉର୍ଦ୍ଧ - ଉଡିବା - ଉମେଦ -



(୪୧) ଓ ବା ଉ-ର ପ୍ରତୀକ ଏହି ଅର୍ଦ୍ଧବୃତ୍ତ ଲ-ଲିପିର ଆଦ୍ୟସଂଲଗ୍ନ ହେଲେ ତାହା ଏକ କ୍ଷୁଦ୍ର ଆଙ୍କୁଶ ଆକାର ଧାରଣ କରିବ । ଏହି ଆଙ୍କୁଶକୁ ଟିକିଏ ବଡ଼ କରି ଲେଖିଲେ, 'ଓହ' ପ୍ରତିପାଦିତ ହେବ ।

ଓଲ - ଉଲ୍ଲାସ - ଓହଲ - ଓହଲିବା -



(୪୨) ଯୁଟ୍ ଶବ୍ଦ ମଧ୍ୟରେ ଏହି ଅଙ୍କୁଶ ଲ-ଲିପି ପୂର୍ବରୁ ତ୍ରୁଟିସ୍ଥ ସ୍ଥାନରେ ବିଚ୍ଛିନ୍ନ ଅର୍ଦ୍ଧବୃତ୍ତାକାରରେ ଲେଖାଯିବ ।



(୪୩) କ, ଖ, ଘ ଲିପିରେ ବୃହତ୍ତର ଆଙ୍କୁଶ ନ୍ୟସ୍ତ ହେଲେ ଇଅ, ଇଆ, ଉଅ, ଉଆ ଦ୍ୱିସ୍ୱରର ଯୋଗ ସୂଚିତ ହେବ । କିନ୍ତୁ ଗ-ଲିପିରେ ବୃହତ୍ତର ଆଙ୍କୁଶ ନ୍ୟସ୍ତ ହେଲେ କେବଳ 'ଜ୍ଞ' ପ୍ରତିପାଦିତ ହେବ । ସ୍ଥଳବିଶେଷରେ ଏହି ଆଙ୍କୁଶ ରୂପକ ମଧ୍ୟରେ ଲେଖିବା ମିତସଂସ୍ଥାନର ଅନୁକୂଳ ନ ହେଲେ କେବଳ ଗ-ଲିପି ଲେଖାଯିବ ଓ ଗ-ଲିପି ପରେ ତ୍ରୁଟିସ୍ଥ ସ୍ଥାନରେ ଏକ ଅର୍ଦ୍ଧ ବୃତ୍ତ ଲେଖାଯିବ ।



अनुଶୀଳନୀ--୬୮

ପଢ ଓ ଲେଖ :-



ଅନୁଶୀଳନୀ--୬୬

ଲେଖ ଓ ପଢ :-

(୧) ଓକାର, ଓଗାଲିବା, ଉମା, ଉମେଶ; ଉମର, ଉଲୁଗୁଣା, ଓଳିଆ, ଓଲାଇବା, ଜ୍ଞାତ, ବିଜ୍ଞତା (୨) ପ୍ରାଜ୍ଞ, ମନୋଜ୍ଞ, ଦୈବଜ୍ଞ, ସଜ୍ଞା, ବିଜ୍ଞାପନ, ବିଜ୍ଞାପିତ, ଉରଗ, ଉରୁ; ଓଳଟା; ଠେଲୁଆ (୩) ଉଲ୍ଲସିତ, ଉଙ୍କି, ଓଢଣୀ, ଉଦ୍‌ଗାର, ଖିଆପିଆ, ଖାଉଖିଆଇ, ଖୁଆପେଡା; ଘିଅଦୁଧ, ଖୁଖୁଆ (୪) କୃତଜ୍ଞ, ଗଣିତଜ୍ଞ, ଜ୍ଞାତବ୍ୟ, ଠିଆ, ଉଠିଆ, ଡାମରାକୁଆ; ବିଶେଷଜ୍ଞ ଢିଆ, ବଡଭୁଆ ।

ଉଦାହରଣ



ଅନୁଶୀଳନୀ--୭୩

ପଢ ଓ ଲେଖ :



ଲେଖ ଓ ପଢ଼ :—

ହଇଜାକୁ ଓଲଉଠା କୁହାଯାଏ । ଏହାଏକ ଛୁଆଁ ରୋଗ । ଏହା ବର୍ଷା ଋତୁରେ ପ୍ରାୟ ହୁଏ । ଦେହ ଉଳୁଚ ହେବା, ଓକାଉ ଦେଖାଇବା, ଗୋଡରୁ ବାଉଁଲ ଉଠିବା, ପେଟ ଓଳଆ ପଣ ଫୁଲିଯିବା ଓ ମୂତ୍ରରୋଧ ହେବା ଏ ରୋଗର ଅଶୁଭସୂଚକ ଲକ୍ଷଣ । ତେଣୁ ଏଗୁଡ଼ିକୁ ରୋଗର ମାରକ ନିଦାନ ବୋଲି କୁହାଯାଏ । ଯଦି କେବେ କାହାର ଏଭଳି ଅବସ୍ଥା ହୁଏ, ତେବେ ଡାକ୍ତର ଡ଼ାକିବା ପୂର୍ବରୁ ତାକୁ ଟିକିଏ କର୍ପୂରାରିଷ୍ଟ ଦେବା ବୁଦ୍ଧିମତାର କାର୍ଯ୍ୟ ହେବ । ଯଦି କେହି ଯୁଗର ଆହ୍ୱାନ ବୁଝି ନ ପାରେ ତେବେ ସେ ବୋଧହୁଏ ଓଲ । କିଏ ସେ ତୁମକୁ କହିଲା ଯେ ଗୁଡ଼ାଏ ଖୁଡ଼ ନହେଲେ ଛଟୁଆ ଧଳା ଦିଶିବ ? ଏ କଥା କିଏ ଭଲ ନ ଜାଣେ ଚୁନାବାଡ଼ି ଉରଫ ଉମେଶ କାହିଁକି ନିଜର ଉପର ଲୁଗା ଥିଲେ ଓ ପରେ ଧରାପଡ଼ି ବାଧ୍ୟ ହୋଇ ଦୋଷ ସ୍ୱୀକାର କଲେ । ଗାଡ଼ିରେ ଓହ୍ଲାଇବ ନାହିଁ ବୋଲି କାହିଁକି ବିଜ୍ଞାପନ ମରାଗଲା ଓ ଯେ ବିଜ୍ଞାପନ କୁଆଡ଼େ ଗଲା ସେ କଥା କେହି ଟିକିଏ ନ ବୁଝିଲେ କାହିଁକି ?

ବିଂଶ ପରିଚ୍ଛେଦ

ଲ ଓ ଶ

(୪୪) ପୂର୍ବରୁ କୁହାଯାଇଛି ଯେ ଲ-ଲିପି ସାଧାରଣତଃ ଊର୍ଦ୍ଧ୍ୱମୁଖୀ ହେବ କିନ୍ତୁ ବକ୍ରଲିପି ସଂଲଗ୍ନ ବୃତ୍ତ ପରବର୍ତ୍ତୀ ଲ ବୃତ୍ତର ସମାବର୍ତ୍ତିକ ହେବା ଯୋଗୁଁ ସ୍ଥଳବିଶେଷରେ ନିମ୍ନମୁଖୀ ହେବ । ଯଥା—



(୪୫) ମିଳିତସ୍ଥାନ ନିମିତ୍ତ (ଳ ନ/ଅଂ ପରବର୍ତ୍ତୀ ବା ଅର୍ଦ୍ଧ ଲିପି ସଂଲଗ୍ନ ଲ-ଲିପି ସାଧାରଣତଃ ନିମ୍ନମୁଖୀ ହେବ । କିନ୍ତୁ ସ୍ଥଳବିଶେଷରେ ଏଥିରେ ମଧ୍ୟ ବ୍ୟତିକ୍ରମ ଘଟିବ ।



(ଖ) ଆଦ୍ୟ ଲ-ପରେ ବୃତ୍ତ ବା ଆଙ୍କୁଶଯୁକ୍ତ ସରଳ ଆନୁଭୂମିକ ଲିପି ଥିଲେ ଲ ନିମ୍ନମୁଖ ହେବ ।



(ଗ) ଊର୍ଦ୍ଧ୍ୱମୁଖୀ ଲିପି ପରବର୍ତ୍ତୀ ମୁକ୍ତ ଲ-ଲିପି ନିମ୍ନମୁଖୀ ହେବ ।



(୪୬) ଯଦି କେତେକ ବ୍ୟତିକ୍ରମ ସ୍ଥଳ ବ୍ୟତୀତ ସାଧାରଣତଃ ଅଦ୍ୟ ସ ପରେ ଦ୍ୱିତ୍ୱ ଥିଲେ ସ ଲିପିରେ ଲେଖାଯିବ ।



(୪୭) ସ-ଲିପି ସାଧାରଣତଃ ନିମ୍ନମୁଖୀ ହେଲେ ମଧ୍ୟ ମିଳିତସ୍ଥାନ ନିମିତ୍ତ ସ୍ଥଳବିଶେଷରେ ଏହା ଊର୍ଦ୍ଧ୍ୱମୁଖୀ ହେବ । ଯଥା—

(କ) ର-ଆଙ୍କୁଶଯୁକ୍ତ ନିମ୍ନମୁଖୀ ଲିପି ପରବର୍ତ୍ତୀ ସ-ଲିପି ଊର୍ଦ୍ଧ୍ୱମୁଖୀ ହେବ ।



(ଖ) ପ, ବ ବ୍ୟତୀତ ଅନ୍ୟାନ୍ୟ ନିମ୍ନମୁଖୀ ଲିପି ପରବର୍ତ୍ତୀ ସ-ଲିପି ଊର୍ଦ୍ଧ୍ୱମୁଖୀ ହେବ । ଦୁଇଟି ନିମ୍ନମୁଖୀ ଲିପି ପରବର୍ତ୍ତୀ ଷ-ଲିପି ମଧ୍ୟ ଊର୍ଦ୍ଧ୍ୱମୁଖୀ ହେବ ।



(ଗ) ଅନ୍ତ୍ୟ ସ-ପରେ କି ସ୍ୱର ଥିଲେ ଦ-ଲିପି ଉର୍ଦ୍ଧ୍ୱମୁଖୀ ହେବ ।

ଈର୍ଷ୍ୟା - ବେଶ୍ୟା - ଦସ୍ୟୁ -

(ଘ) ନ/ଅଂ-ଲିପି ସଲଗ୍ନ ଷୁଦ୍ରବୃତ୍ତ ପରବର୍ତ୍ତୀ ସ, ଊର୍ଦ୍ଧ୍ୱମୁଖ ହେବ-ମାଂସାଶୀ -

(ଙ) ଲ-ଅଙ୍କୁଶ ନ୍ୟସ୍ତ ସ-ଲିପି ମିତେହଂଷ୍ଟାନ କମିଭ ଛନ୍ଦବିଶେଷରେ ଊର୍ଦ୍ଧ୍ୱମୁଖୀ ହେବ ।

ସ୍ୱଚ୍ଛନ୍ଦୋଭ - ଛନ୍ଦସ -

ଅନୁଶୀଳନୀ— ୬୫

ଲେଖ ଓ ପଢ଼:—

(୧) ଲଭ୍ୟ, ଅଲଭ୍ୟ, ଅଲଜୁକ, ଲଫାଫା, ଆଲମାରି, ଲିଗାଣ, ଖେଳ, ଖେଳାଳୀ, ଅଲୌକିକ, ନିଃଶ୍ୱାସ, ପ୍ରଶ୍ୱାସ (୨) ଲଗ୍ନ, ସଲଗ୍ନ, ଖୋଲ, ଖୋଲ, ଲଗାମ, ଲଲଭ୍ୟ, ଲକ୍ଷା, ଲକ୍ଷ୍ମୀ, ଲକ୍ଷ୍ମଣ, ଲାଳସା, ସଲିଲ, ଲଙ୍ଘନ (୩) ଆଳସ୍ୟ, ଅଲକ୍ଷ୍ୟ, ଲୌକିକ, ଅଲଗୁଣି, ବେଶ୍ୟା, ଦସ୍ୟୁ, ଅଁଳା ଲେଖିକା, ବଆଲ, ବହ୍ନୁଳ (୪) ଲଘିମା, ଢାଲ, ଢାଳିବା, ଢାଲୁ, କୌଳନ୍ୟ, କାଳିମା, ଆଢୁଆଳ, ଫୁସୁଲାଇବା, ପ୍ରବାସୀ, ବିଦେଶୀ (୫) ଦର୍ଶାଇ, ଦର୍ଶାଇଲେ, ଦର୍ଶାଇବେ; ଶୈବାଳ, ସଳସ, ସୌଖୀନ, ପାର୍ଶ୍ୱ, ଲଲମ, ମାଲିମା, ପଦ୍ମଳ, ପୋଦ୍ଧଲା ।

ଉଲ୍ଲେଖ—ଆଲୋଚନା - ଲକ୍ଷ (କ୍ଷ୍ୟ) - ଲେଖା-ଖି - ଉଲ୍ଲେଖ -

ବ୍ୟାକରଣିକ—ଲିଖିତ - ଲେଖକ - ଉଲ୍ଲିଖିତ -

ପଢ଼ ଓ ଲେଖ: ଅନୁଶୀଳନୀ-୬୬



ଅନୁଶୀଳନୀ-୬୭ ✓

ଲେଖ ଓ ପଢ଼ : —

ଆମେ ସମସ୍ତେ ସନ୍ନ୍ୟାସୀଙ୍କ ଅଲୌକିକ ମହିମା ବିଷୟରେ ଅଲୋଚନାରେ ଖୁବ ବ୍ୟସ୍ତ ଥିଲାବେଳେ ନୂଆଠବାହୁ ଝରକା ଅଢୁଆଳରେ ହେଲ ଲକ୍ଷ୍ୟ କଲେ ସେ ଆମ ସମସ୍ତଙ୍କ ଅଲକ୍ଷରେ ଲେମା ମାଠିଆରୁ ପାଣି ଢାଳିବା କାର୍ଯ୍ୟରେ ବ୍ୟସ୍ତ । ତେଣେ ଭାଇନା ତାଙ୍କ ହିସାବ ଲେଖିବା ସାରି ଦେଇ ସାଇକେଲ ଧରି ସ୍କୁଲକୁ ବାହାରିଲେଣି । ଲକ୍ଷ୍ମୀ ବଜ୍ର ସକାଳୁ ଢାଳ ବାଲଟି ନେଇ ଗାଧୋଇବା ବାହାନାରେ କୁଆଡ଼େ ଗଲଣି ତାର ପତ୍ତା ନାହିଁ । ସେ ଭଠି ଲେଖା ଅଧା ରଖି ଆଲମାରିରେ ଡାଲ୍ ପକାଇ ବାହାରକୁ ଆସିଲେ ଓ ଆମ ଆଲୋଚନାରେ କୌଣସି ବ୍ୟାଘାତ ସୃଷ୍ଟି ନକରି ଭାଇନାଙ୍କୁ ଲକ୍ଷ୍ୟ କରି ବୋଧହୁଏ କଣ କହିଲେ । ଭାଇନା କହିଲେ ଆଲୋଚନା ଚଳର ଲକ୍ଷ୍ୟ ବା ଉଦ୍ଦେଶ୍ୟ ଯଦି ସାହିତ୍ୟ ସେବା, ତେବେ ଲଗୁଡ଼ର ଆବଶ୍ୟକତା କାହିଁକି ପଡ଼ିବ ? ଭଉଜ କହିଲେ ଲୋକ ଅସହାୟ ଅବସ୍ଥାରେ ପଡ଼ିଲେ ଶାସ୍ତ୍ର ଲିଖିତ ଭାବ ଉଲ୍ଲେଖ କରେ । ଆମ ନୂଆବୋହୂଙ୍କ ଭଳି ବିଦୂଷୀ ରମଣୀଙ୍କ ଉକ୍ତି

ତୁମକୁ ଆରବୀ ପାର୍ଶି ଭଳି କାହିଁକି କର୍କଶ ବୋଧ ହେଲା ତାହାହିଁ ଆଶ୍ଚର୍ଯ୍ୟର ବିଷୟ । ବୋମା ସ୍ୱଦେଶୀ ହେଉ ବା ବିଦେଶୀ ହେଉ, ତାହା ସ୍ୱଦେଶ ସୈନିକ ଓ ବିଦେଶୀ ସୌଦାଗର ଉଭୟଙ୍କ ପକ୍ଷରେ ସମାନ କ୍ଷତିକାରକ ।

ଏକବିଂଶ ପରିଚ୍ଛେଦ

ବିକଳ୍ପ ବୃତ୍ତ

(୧୪୮) ମିତସଂସ୍ଥାନ ନିମନ୍ତେ ସ୍ଥଳବିଶେଷରେ ଛ/ଜ ପରବର୍ତ୍ତୀ ଏକ କ୍ଷୁଦ୍ର ବୃତ୍ତ ଲେଖାଯିବ । ଏହାର ଆକାର ଓ ଲିଖନ ପ୍ରକ୍ରିୟା ସ-ବୃତ୍ତର ଅନୁରୂପ ହେବ । ଏହାକୁ ବିକଳ୍ପ ବୃତ୍ତ କୁହାଯିବ । ଏହି ବୃତ୍ତର ପରବର୍ତ୍ତୀ ସ୍ୱରସଂକେତକୁ ସ୍ଥୂଳ କରାଗଲେ ଏହା 'ଜ'ର ବିକଳ୍ପ ଏବଂ ବୃତ୍ତ ସନ୍ନିକଟରେ ଏକ ଡାସ୍ ଦେଲେ ଏହା ଛ'-ର ବିକଳ୍ପ ବୋଲି ବୁଝାଯିବ ।

(୧୪୯) ଆଦ୍ୟ ବିକଳ୍ପ ବୃତ୍ତ-(କ) ଦୁଇରୁ ଅଧିକ ଲିପି ସମନ୍ୱିତ ଶବ୍ଦରେ ଆଦ୍ୟ ଛ/ଜ ପରେ ପ,ବ ପ୍ରଭୃତି ନିମ୍ନମୁଖୀ ସରଳ ଲିପିଥିଲେ ଛ/ଜ ଲିପି ପରବର୍ତ୍ତୀ ବିକଳ୍ପ ବୃତ୍ତ ଲେଖାଯିବ :



(୧୫୦) ମଧ୍ୟ ଓ ଅନ୍ତ୍ୟ ବିକଳ୍ପ ବୃତ୍ତ—ଦୁଇରୁ ଅଧିକ ଲିପି ସମନ୍ୱିତ ଶବ୍ଦର ବା ଯୁଗ୍ମ ଶବ୍ଦର ରୂପକ ମଝିରେ ବା ଶେଷରେ ଥିବା ଛ/ଜ ପରବର୍ତ୍ତୀ ବିକଳ୍ପ ବୃତ୍ତ ଲେଖାଯିବ । କହିବା ବାହୁଲ୍ୟ ଯେ ଆଦ୍ୟ ସ୍ୱରବର୍ଣ୍ଣ ଅ, ଆ, ଇ,ଉ ଲିପି ଭାବରେ ପରିଗଣିତ ହେବ ।



(୧୫୧) ନାମବାଚକ ଶବ୍ଦରେ ବା ଆଦ୍ୟ ଛ-ଜ ପରେ ଦ୍ୱିସ୍ୱର ଥିଲେ ବିକଳ୍ପ ବୃତ୍ତ ଲେଖାଯିବ ନାହିଁ ।



(ଖ) ଶ୍ରେଷ୍ଠ, ଗ୍ଲୁଡ଼, ଛଳନା, ଜଣେ, ଜାଣେ, ଜନତା ଇତ୍ୟାଦି ଯେଉଁସବୁ ଶବ୍ଦରେ ଛ ବା ଜ-ଲିପି ପରବର୍ତ୍ତୀ ବିକଳ୍ପ ବୃତ୍ତ ଲେଖାଗଲେ ମିତସଂସ୍ଥାନର ଅଧିକ ଅନୁକୂଳ ହେବ ବୋଲି ବିବେଚିତ ହେବ ସେ ସବୁ ସ୍ଥଳେ ବିକଳ୍ପ ବୃତ୍ତ ଲେଖାଯିବ ।



(୧୫୨) (କ) ସାଧାରଣତଃ ଉର୍ଦ୍ଧ୍ୱମୁଖ ଇ, ଲ, ହ ପରେ ବିକଳ୍ପ ବୃତ୍ତ ଲେଖାଯିବ ନାହିଁ । କିନ୍ତୁ ସ୍ଥଳବିଶେଷରେ ଏଥିରେ ମଧ୍ୟ ବ୍ୟତିକ୍ରମ ଘଟିପାରେ ।



(ଖ) ଛ/ଜ ପରେ ତ-ଦ ଥିଲେ ଛ/ଜ ଲିପି ଲେଖାଯିବ ।

(୧୫୩) ମିତସଂସ୍ଥାନ ନିମନ୍ତେ, ମଧ୍ୟ ଓ ଅନ୍ତ୍ୟ ବୃହତ୍ତର ବିକଳ୍ପ ବୃତ୍ତ ଛସ/ସଛ (ସ୍ତ୍ର)/ଯ୍ୟ ପ୍ରତିପାଦନ କରିବ ।



ଅନୁଶୀଳନୀ—୨୧

(୧) ଛବି, ଛବିଳ, ଜୀବ, ଜୀବନ, ଯୌବନ, ଜାପାନ, ଜୀବିକା, ଯୁବକ ଯୁବତୀ, ଯୁବରାଜ, (୨) ପିଚ୍ଛଳ, ପିଚ୍ଛିଳ, ପରୀକ୍ଷିତ, ପରିଚ୍ଛଦ, ଗାସାଗ୍ରଦନ, ତୁଚ୍ଛ, ଛୁଟି, ଶ୍ରେଷ୍ଠ, ଶ୍ରେଷ୍ଠା, ମ୍ଲେଚ୍ଛ (୩) ସୂର୍ଯ୍ୟ, ଐଶ୍ୱର୍ଯ୍ୟ, ଆଶ୍ଚର୍ଯ୍ୟ, ସାହଚର୍ଯ୍ୟ, କାର୍ଯ୍ୟ, କରଜ, ଗରଜ, ଜନନୀ, ବିଷାଦ (୪) ସବୁଜ, ସବୁଜସାର; ନବୁଜ,

ତୈଳଖାଜ, ଭାବକ, ଦତ୍ତାବାନ, ଧପ୍ରାବକ, ନସ୍ରେକ, ସାର୍ଥ୍ୟକ, (୫) ପର୍ଯ୍ୟଟନ, ପର୍ଯ୍ୟଟକ, ଯୋଗ, ସୁଯୋଗ, ବିଯୋଗ, ଅଭିଯୋଗ, ଅଭିଯୁକ୍ତ, ତର୍ଜନୀ, ଭର୍ତ୍ସନା, ଜ୍ୟୋତ୍ସ୍ନା । (୬) ପଙ୍କଜ, ଜଞ୍ଜାଳ, ଝଂକଟ, କଳାଞ୍ଜଳି, ନର୍ଯ୍ୟାତନା, ବକ୍ଷର୍ଣ୍ଣ, ଵିଚ୍ଛିନ୍ନ, ପ୍ରଶ୍ନ, ପଚ୍ଛନ୍ନ, ଉନାଡ଼ ।

ପଢ଼ ଓ ଲେଖ :- ଅନୁଶୀଳନୀ - ୩୮



ଚିହ୍ନିକା

ଅଛ-ଛୁ .. ଅଥଚ .. ଇଚ୍ଛା .. କହୁ .. ଯୋଜନା .. ସେଥିମାନେ

୧୫୪ କରି, ଦେଇ, ନେଇ, କହି, ହୋଇ ଇତ୍ୟାଦି ଅସମାପିକା କ୍ରିୟାପଦ ସହିତ 'ଅଛୁ' ଯୁକ୍ତ ହେଲେ କରିଛୁ, ଦେଇଛୁ, ନେଇଛୁ ଇତ୍ୟାଦି ସମାପିକା କ୍ରିୟା ହୁଏ । ସେ ସବୁ ସ୍ଥଳେ ଅସମାପିକା କ୍ରିୟାପଦର ରୂପକ ଶେଷରେ ଏକ କ୍ଷୁଦ୍ର ବୃତ୍ତ ଯୁକ୍ତ ହେଲେ ତାହା ସେହି କ୍ରିୟାପଦର ବର୍ତ୍ତମାନ କାଳସୂଚକ ସମାପିକା କ୍ରିୟାର ସ୍ମାରକ ହେବ ଓ କର୍ତ୍ତାମୁଖାପେକ୍ଷୀ କ୍ରିୟା ସ୍ଥାନରେ ପଢାଯିବ ।

କରିଛ-ଛୁ-ଛି ...... କରୁଛ-ଛୁ-ଛି .... ନେଉଛ-ଛୁ-ଛି ...

ଦେଉଛ-ଛୁ-ଛି ... ଦେଉଛ-ଛୁ-ଛି ... ଚାହଁ-ଛୁ-ଛି ... ଇତ୍ୟାଦି

ସ୍ମରଣିକା

୧୫୫) ସମାପିକା କ୍ରିୟାପଦ ଯୋଗେ ଚଳନ୍ତିକା 'ହୋଇ' ଏକ ହ୍ରାସ ଆକାର ଧାରଣ କରି ପରବର୍ତ୍ତୀ ରୂପକର ସଂଲଗ୍ନ ଓ ଅନୁସ୍ୟୂତ ହେବ ।

ମିତଶ୍ୟଂସ୍ଥାନ କମିଥ ସ୍ଥଳ, ଶେଷରେ ହ ଲିପି ଦ୍ୱିତୀୟସ୍ଥ ସ୍ଥାନରେ ଲେଖାଗଲେ 'ହୋଇ'ର ସ୍ମାରକ ରୂପେ ଗଣ୍ୟ ହେବ ।

ହୋଇଛି ..... ହୋଇଥିଲ ..... ହୋଇଥିବ ...

ନ ହୋଇଛି ..... ନ ହୋଇଥିଲ ..... ହୋଇନଥିବ ...

୧୫୬) ଚଳନ୍ତିକା 'ହୋଇ' ସହିତ ଅନ୍ୟ ଏକ ଅସମାପିକା କ୍ରିୟାପଦ ଯୁକ୍ତ ହେଲେ ଉକ୍ତ କ୍ରିୟାପଦର ପୂର୍ବାର୍ଦ୍ଧ ଲୁପ୍ତ ହେବ । ଯଥା—

ହୋଇଯାଇଛି ... ହୋଇପାରିବ ... ହୋଇପାରିବ ନାହିଁ ...

ହୋଇଯାଇନାହିଁ ... ହୋଇଥିବ ... ହୋଇନଥିବ ...

୧୫୭) ଚଳନ୍ତିକା 'ହେଉ' ଅନ୍ୟ କ୍ରିୟାପଦ ସହିତ ଯୁକ୍ତ ହେଲେ ଉକ୍ତ କ୍ରିୟାପଦର ପୂର୍ବାର୍ଦ୍ଧ ଲୁପ୍ତ ହେବ । ସ୍ଥଳବିଶେଷରେ ହ-ଲିପି ତୃତୀୟସ୍ଥ ସ୍ଥାନରେ ଲେଖାଗଲେ 'ହେଉ'ର ସ୍ମାରକ ରୂପେ ଗଣ୍ୟ ହେବ ।

ହେଉଥିଲ ... ହେଉନଥିଲ ... ନହେଉଥିଲ ...

ହେଉଥିବ ... ହେଉନଥିବ ... ନହେଉଥିବ ...

୧୫୮) ଚଳନ୍ତିକା ନେଇ, କରି, ରଖି, ଗୁହାଁ, ମୁରଣୀକାରେ ଯଥାକ୍ରମେ ନିଆ, କରା, ରଖା, ଗୁହାଁ-ହିଁ ପ୍ରତିପାଦନ କରିବ ।

କରିଦିବ ... ଲେଖିଦିବ ... ଲେଖିଦିବ ... ଲେଖିଦିବ ...

ରଖିଦିବ ... ଗୁହାଁଦିବ ... ନେଇଗଲେ ...

ନ ଲେଖାଯାଏ ... ଲେଖାଇଲେ ... ଲେଖାଇଲେ ... ଲେଖାଇଲେ ...

ଦେଖାଉଥିବି, ଦେଖିପାରିବି ... ବୁଝାଇଲେ ... ବୁଝ ବୁଝାଇ ...

୧୫୯) ଆଦ୍ୟ କ୍ଷୁଦ୍ର ବୃତ୍ତ 'ସେ' 'ଆଶା' ବା 'ଇଚ୍ଛା' ପ୍ରତିପାଦନ କରିବ । ମଧ୍ୟ ଓ ଅନ୍ତ୍ୟ କ୍ଷୁଦ୍ର ବୃତ୍ତ 'ସେ' 'ଯାଇ', 'ଯାଏ' ବା 'ଆଶା' ପ୍ରତିପାଦନ କରିବ ।

ସେ ଯାହା ହେଉ ... ସେ ଉତ୍ତରେ ... ସେ ଯାହା ଉତ୍ତରେ ...
ସେ କହିଲେ ଯେ ... ଅଣ ଅଙ୍ଗୀ ... ଅଣାଭରସା ...
ଆଶାନୁରୂପ ... ଅଣାପ୍ରକାଶ ... ଯଥାଧକାଶ ...
ଇଚ୍ଛାନୁସାରେ ... ଇଚ୍ଛାନୁଯାୟୀ ... ଇସ୍ପାତଶାରେ ...
ଉତ୍ପାଦନଯୋଗ୍ୟବ୍ୟାଙ୍କ ... ଅଣି ସାଧ-ଆଳ ଯେ ... କହେଦାଯାଏ ...

(୬୦) ଅନ୍ତ୍ୟ ବୃତ୍ତାର୍ଦ୍ଧର ବୃତ୍ତ 'ଶସ୍ୟ' 'ବିଶ୍ୱାସ' ବା 'ଯାଇଛି' ପ୍ରତିପାଦନ କରିବ ।

ମୋର ବିଶ୍ୱାସ ... ଦୃଢ଼ବିଶ୍ୱାସ ... ମୋର ଦୃଢ଼ବିଶ୍ୱାସ ...
ଖାଦ୍ୟଶସ୍ୟ ... ବଢ଼ାଯାଇଛି ... ଦେଖାଯାଇଛି ...

(୬୧) ବ-ଅଙ୍କୁଶ 'ବେଳେ' ପ୍ରତିପାଦନ କରିବ ।

ସେତେବେଳେ ... କେତେବେଳେ ...

(୬୨) ସେସବୁ, ସେହିସବୁ, ଯେଉଁସବୁ, ସେପରି, ଯେପରି, ସେହିପରି, ଯେଉଁପରି ପ୍ରଭୃତି ଶବ୍ଦପୁଞ୍ଜରେ ସେ, ଯେ, ସେହି ବା ଯେଉଁ ଶବ୍ଦର ପ୍ରାଧାନ୍ୟ ପରିଲକ୍ଷିତ ହୁଏ । ଏଗୁଡ଼ିକ କ୍ଷୁଦ୍ରବୃତ୍ତ ଦ୍ୱାରା ପ୍ରତିପାଦିତ ହେବ ଅଥବା ମିତସଂସ୍ଥାନ ନିମିତ୍ତ ସ୍ଥଳବିଶେଷରେ ବୃତ୍ତ ପରିବର୍ତ୍ତେ ଲିପି ଲେଖାଯିବ । ସାଧାରଣତଃ ସେ ଆଦ୍ୟରେ ଥିବା ଶବ୍ଦପୁଞ୍ଜ ପ୍ରଥମ ସ୍ଥାନରେ ଯେ ଆଦ୍ୟରେ ଥିବା ଶବ୍ଦପୁଞ୍ଜ ଦ୍ୱିତୀୟ ସ୍ଥାନରେ ଓ ସେହି ବା ଯେଉଁ ଆଦ୍ୟରେ ଥିବା ଶବ୍ଦପୁଞ୍ଜ ତୃତୀୟ ସ୍ଥାନରେ ଲେଖାଯିବ । କେବଳ 'ସ' ପରେ ଅର୍ଦ୍ଧଲିପି ଥିଲେ ବା ମିତସଂସ୍ଥାନର ଅନୁକୂଳ ନ ହେଲେ ଏଥିରେ ବ୍ୟତିକ୍ରମ ଘଟିବ ।

ସେପରି ... ଯେପରି ... ସେହିପରି, ଯେଉଁପରି ... ସେଭଳି ...
ଯେଭଳି ... ସେହିଭଳି, ଯେଉଁଭଳି ... ସେଥିପାଇଁ ...
ଯେଉଁଥିପାଇଁ/ଯେଉଁଥିପାଇଁ ... ସେତେବେଳେ ... ଯେତେବେଳେ ...
ଯେତେବେଳେଠାରୁ ... ସେସବୁ ... ଯେସବୁ ... ଯାହାସବୁ ...
ସେହିସବୁ ... ଯେଉଁସବୁ ... ଯାହାଫଳରେ ...
ଯେଉଁଠା/ଯେଉଁଠା ... ସେଠି ... ସେଇଠି/ଯେଉଁଠି ...
ସେଠାରେ ... ସେହିଠାରେ/ଯେଉଁଠାରେ ... ସେଇଠୁ, ଯେଉଁଠୁ ...

(୬୩) ଯାଇଛି ଓ ଯାଉଛି ମଧ୍ୟରେ ପାର୍ଥକ୍ୟ ଦର୍ଶାଇବା ନିମିତ୍ତ ଯାଇଛି ବୃତ୍ତାର୍ଦ୍ଧର ବୃତ୍ତ ଦ୍ୱାରା ଓ ଯାଉଛି ଜ-ଲିପି ଓ ସ-ବୃତ୍ତ ଦ୍ୱାରା ରୂପାୟିତ ହେବ ।

କରାଯାଇଛି ... କରାଯାଉଛି ... ବଢ଼ାଉଛି ... ବଢ଼ାଯାଉଛି ...
ଦେଖାଯାଇଛି ... ଦେଖାଯାଉଛି ... କରାଯାଇଥିଲା ... କରାଯାଉଥିଲା ...

(୬୪) ସ୍ମରଣିକା ଅନ୍ତର୍ଗତ ଦୁଇଟି ରୂପକ ମଧ୍ୟରୁ ପ୍ରଥମଟିର ଉତ୍ତରାର୍ଦ୍ଧ ଓ ଦ୍ୱିତୀୟଟିର ପୂର୍ବାର୍ଦ୍ଧ ମଧ୍ୟରେ ଆକାରଗତ ବା ଉଚ୍ଚାରଣଗତ ସାମ୍ୟ ଥିଲେ ଉଭୟ ମିଶି ଏକାକାର ହେବ ।

କହିବେ ଦେବ ... କେବେ ବେଳେ ... ସ୍ୱୀକାର କରୁଛି ... ପୂର୍ବରୁ କଥା ...

(୬୫) ସ୍ମରଣିକାରେ ବୃତ୍ତ, ଫାଶ ବା ଅଙ୍କୁଶ ମଧ୍ୟରୁ ଦୁଇଟି ଏକତ୍ର ଥିଲେ ମିତସଂସ୍ଥାନ ପ୍ରତି ଦୃଷ୍ଟି ରଖି ଗୋଟିକୁ ଉହ୍ୟ ରଖାଯିବ ।

ମୁଁ ଆଶାକରେ ... ଚେଷ୍ଟାକରୁଛି ... ଚେଷ୍ଟା କରିବ ...
ମନେକର ... ମନେକରୁଛି ... ସାଧାରଣ ...

(୬୬) ସ୍ମରଣିକା ଅନ୍ତର୍ଗତ 'ସରକାର' ସ୍ଥଳବିଶେଷରେ ସ-ବୃତ୍ତ ଓ ନିମ୍ନମୁଖୀ-ର ଦ୍ୱାରା ପ୍ରତିପାଦିତ ହେବ ।

ଅମ ସରକାର ... ରାଜ୍ୟ ସରକାର ... ଓଡ଼ିଶା ସରକାର ... ଭାରତ ସରକାର ...

୬୭) ହଁ-ଲିପି ବା କ୍ଷୁଦ୍ର ବୃତ୍ତ ସ୍ଥଳବିଶେଷରେ 'ଯାହା' ପ୍ରତିପାଦନ କରିବ ।

ଯେ ଯାହା ... ସେ ଯାହାର ... ଯାହାପାହା ... ଯାହା କୁହାଯାଇ ...

ଯାହାର ଯାହା ...

୬୮) ଉ-ଆଙ୍କୁଶ 'ଉଚିତ' ପ୍ରତିପାଦନ କରୁଥିଲେ ତତ୍ପରବର୍ତ୍ତୀ 'ନୁହେଁ' ନ-ଲିପି ଦ୍ୱାରା ପ୍ରତିପାଦିତ ହେବ ।

ଯେବେ ଉଚିତ ନୁହେଁ ... ଯେବେ ଉଚିତ ନୁହେଁ ...

୬୯) ଥିଲା, ଥିଲେ ବିଚ୍ଛିନ୍ନ ଲ-ଲିପି ଦ୍ୱାରା ପ୍ରତିପାଦିତ ହେଉଥିଲେ ତତ୍ପୂର୍ବବର୍ତ୍ତୀ ନାସ୍ତିବାଚକ 'ନ' ଆଙ୍କୁଶ ଦ୍ୱାରା ପ୍ରତିପାଦିତ ହେବ ।

ଏହି ନଥିଲା ... ଜଣାପଡ଼ୁନଥିଲା ... ଜଣାପଡ଼ୁନଥିଲା ...

ପାଉନଥିଲେ ... କେବେ ନଥିଲା ...

୭୦) <u>ଅନ୍ୟାନ୍ୟ ସୂଚନୀ</u> — ଏହିସବୁ ... ହୋଇପାରିବ ... ସେ ଅନୁସାରେ ...
ଇଚ୍ଛାନୁସାରେ ... ଯେଉଁ ଅନୁସାରେ ... ଯେଉଁଭଳି ସ୍ଥଳରେ ... ଯେଉଁଭଳି ସ୍ଥଳରେ ...
ସେହିପରି ସ୍ଥଳରେ/ଯେଉଁପରି ସ୍ଥଳରେ ... କାର୍ଯ୍ୟକାରୀ ... କାର୍ଯ୍ୟକଳାପ ...
ସେହିକ୍ଷେତ୍ରେ ... ସେହିକ୍ଷେତ୍ରରେ/ଯେଉଁକ୍ଷେତ୍ରରେ ... କୁହାଯିବ ... କୁହାଯାଉଛି ...
କୁହାଯାଉଛି ... କୁହାଯାଉନାହିଁ ... କୁହାଯାଇନାହିଁ ... କୁହାଯାଇପାରେ ...
ହୋଇପାରେ ... ହୋଇପାରନ୍ତି ... ଯେଉଁ ସ୍ଥଳରେ ... ସେହିଁ ସ୍ଥଳରେ ...
ସେହିଭଳି ସ୍ଥଳରେ/ଯେଉଁଭଳି ସ୍ଥଳରେ ... ସେହିଦିନ ... ସେହିଦିନଠାରୁ ...
ସେହିଦିନଠାରୁ ... ଯେଉଁଦିନଠାରୁ ... ବହୁଦିନ ... ବହୁଦିନୁ ...
... ଅଳ୍ପଦିନ ...



ଅନୁଶୀଳନୀ – ୫୧

ଲେଖ ଓ ପଢ଼: —

ମାଛ ଯେପରି ସୁଅରେ ଉଜାଣି ଉଠିପାରେ ଅଥଚ ହାଣ୍ଡି ପଶେଇବ ଯାଏ ଆମେ ଯେଉଁଭଳି ସାମାଜିକ କାର୍ଯ୍ୟକଳାପ ସୁଅରେ କିଭଳି ଉଜାଣି ଉଠିବାକୁ ହୁଏ ତାହା ଖୁବ ଭଲ ଭାବରେ ଜାଣିବା ଦରକାର । ତା ନହେଲେ ଆମର ସକଳ ଆଶା ଆକାଂକ୍ଷା ଧୂଳିସାତ୍ ହେବ ବା ଛଳନାରେ ହିଁ ପର୍ଯ୍ୟବସିତ ହେବ । ଯେ ଯାହା କହିଲେ ତାଙ୍କୁ ତର୍ଜମ କଲେ ଅକ୍ଳେଶରେ ବୁଝାଯିବ ଯେ ସେ କିଛି ମିଛ କଥା କହି ନଥିଲେ । ମାଛ ଅଙ୍ଗୀକନ ଜଳର ଶରଣାପନ୍ନ । ମାଛର ଅନ୍ୟନାମ ଜଳଜ । ତେଣୁ ଜଳ ଓ ଜଳଜ ଅବିକଳ ସୃଷ୍ଟି ଓ ସ୍ରଷ୍ଟା ବା ବିଧି ଓ ବିଧାନ ଭଳି ଯୋଜନାବଦ୍ଧ ଭାବରେ ଏକ ଜିନିଷର ଭିନ୍ନ ରୂପ ଛଡ଼ା ଆଉ କିଛି ନୁହେଁ । ଏହି ଦୃଷ୍ଟିରୁ ଦେଖିଲେ ଶରଣାଗତର କାର୍ଯ୍ୟକଳାପକୁ ନେଇ ଶରଣଦାତା ମାନ ଅଭିମାନ ପ୍ରଶ୍ନ ନଉଠାଇବା ଯୋଗୁଁ ମାଛର ପାଣିରେ ଯେଉଁ ସୁବିଧା ଅଛି ହାତୀର ସେ ସବୁ କିଛି ନାହିଁ । ଯେ ଆଶା ପ୍ରକାଶ କରିଥିଲେ ଯେ ଏଣିକି ଲୋକେ ଈଶ୍ୱର ଶରଣାପନ୍ନ ହେବାକୁ ଚେଷ୍ଟା କରନ୍ତେ । ଯେଉଁଥି ପାଇଁ ଗୌତମ ସଙ୍ଘ ଗ୍ରନ୍ଥ ଦେଇଥିଲେ ସେଥିପାଇଁ ଆମେ କଣ ଗ୍ରନ୍ଥ ପାଇବା ତାହା ହିଁ ହେଉଛି ଅସଲ କଥା । ସେ ଯାହା ହେଉ ଯେଉଁଥିରୁ ପ୍ରେରଣା ମିଳୁଛି ସେଥିରୁ କରୁଣା ଅବଶ୍ୟ ମିଳିବ ବୋଲି ଆମର ଦୃଢ଼ ବିଶ୍ୱାସ ।

ଅନୁଶୀଳନୀ – ୫୧ (କ)

ଲେଖ ଓ ପଢ଼: —

ସାଧାରଣ ଛୁଟି ଦିନରେ ମୌଜ କରିବା ଓ କୌଣସି ପୋଷା ଜୀବକୁ ଶୀକାର କରିବାରେ ଆଦୌ ନୂତନତ୍ୱ ନାହିଁ ବୋଲି ଯାହା କୁହା ଯାଇଛି ବିଶ୍ଳେଷଣ କଲେ ଜଣାଯାଏ ଯେ ତାହା ନଗ୍ନ ସତ୍ୟ । ପିଛିଲା ଦିନର କଥା ଠିକଏ ମନେ କର । ଜୀବନରେ ଯୌବନ ଯେତେବେଳେ ଆସେ ସେତେବେଳେ ବହୁ ଅଜଣା କଥା ଜାଣିବାକୁ ମନ ଉଚ୍ଛନ୍ନ ହୁଏ । କୌଣସି ବିଷୟ ଯେତେବେଳେ ଯାଏ ଅଜଣା ଥାଏ, ସେତେବେଳେ ଯାଏ ତାର ସ୍ୱରୂପ ଜାଣିବା ପାଇଁ ଯେଉଁ ଆକାଂକ୍ଷା ଓ ଔତ୍ସୁକ୍ୟ ଥାଏ ପ୍ରକୃତ ସ୍ୱରୂପ ଜଣା ପଡ଼ିଲା ପରେ ସେ ସବୁ ଆଉ ରହେ ନାହିଁ । ସେଥିପାଇଁ ବୋଧହୁଏ ପରଦା ପ୍ରଥାର ଏତେ ସମ୍ମାନ । ଘରପାଇଁ ନାରୀର ଯାହା ଦାନ ତାହା କଣ ପରଦା ? ଆଜିକାଲି ଏଭଳି ପ୍ରଶ୍ନ ସୃଷ୍ଟି କରାଯାଉଛି, କରାଯାଇ ବି ପାରେ । ଉପରେ ଯାହା

କୁହାଯାଇଛି ତାଙ୍କ ଦୃଷ୍ଟିରେ ଋଷି ଏତିକି କହିଲେ ବୋଧହୁଏ ଯଥେଷ୍ଟ ହେବ ଯେ ଏକଦା ଯାହା ଆବଶ୍ୟକ ମନେ କରାଯାଉଥିଲା ଅଜି ଯେପରି ତାହା ଅନାବଶ୍ୟକ ହୋଇପଡ଼ିଛି, ଆଜି ଆମେ ଯାହା ଆବଶ୍ୟକ ବୋଲି ମନେ କରୁଛୁ କାଳକ୍ରମେ ତାହା ଅନାବଶ୍ୟକ ହୋଇଯିବ ଓ ଅଧୁନିକ ତାଲିକାରୁ ବାଦ ପଡ଼ିଯିବ । ତାହାହେଲେ ପ୍ରଶ୍ନ ହେଉଛି ଯାହା ଯାହା କରାଯାଇଥିଲା, କରାଯାଉଛି ବା କରାଯିବ ସେ ସବୁ ଯଦି ଅଚିରସ୍ଥାୟୀ ତେବେ କଣାଶୁଣା ସରଣୀ ଛାଡ଼ି ଯଦୁମଣି ପରି ଚେଷ୍ଟା ଭଳି ଅଭିନବ କରି କି ଲାଭ ?

ଅନୁଶୀଳନୀ – ୫୨

ପଢ଼ ଓ ଲେଖ: —



ପ୍ରତ୍ୟାବର୍ତ୍ତୀ ଅନୁଶୀଳନୀ ୨

ଲେଖ ଓ ପଢ଼: —

(କ) ଜଣେ ପ୍ରତିଷ୍ଠିତ ଲେଖକ ଭାବରେ ନିଜକୁ ଜାହିର କରିବା ଇଚ୍ଛା ବା ଅଭିଳାଷ ମୋର ଥିକଏ ହେଲେ ନ ଥିଲା ବା ଯଶ ପ୍ରତିଷ୍ଠାର ମୋହ ମୋର ମୂଳରୁ ନଥିଲା ଅଥଚ ଲେଖକର ଅଭିଶପ୍ତ ଜୀବନ ମୁଁ କାହିଁକି ବରଣ

କଲି ? ଏ ପ୍ରଶ୍ନର ସିଧାସଳଖ ଉତ୍ତର ବର୍ତ୍ତମାନ ମୁଁ ଦେଇପାରିବି ନାହିଁ । ମୁଁ କେବଳ ଏତିକି କହିପାରେ ଯେ ଏହା ନିଷ୍ଫଳତାର ଏକ ପରିହାସ ଛଡ଼ା ଆଉ କିଛି ନୁହେଁ । ଭାରତବର୍ଷର ସାମୁହିକ ଉନ୍ନତି କରିବାକୁ ହେଲେ ଯେପରି ଭାରତବର୍ଷର କୃଷି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ ପ୍ରଭୃତି ବିଭିନ୍ନ ଯେବାରେ ନିର୍ଦ୍ଦିଷ୍ଟ ସମୟରେ ଆଉ କେତେ ଅଧିକ ଉନ୍ନତି କରାଯାଇ ପାରିବ, ଯୋଜନା କମିଶନ ଦ୍ୱାରା ସେ ସମସ୍ତ ବିଷୟ ସମୀକ୍ଷା କରାଯାଇ ଗୋଟିଏ ଲକ୍ଷ୍ୟ ଧାର୍ଯ୍ୟ କରାଯାଏ ଏବଂ ନିର୍ଦ୍ଦିଷ୍ଟ ସମୟ ଗତ ହେବା ପୂର୍ବରୁ ସେହି ଲକ୍ଷ୍ୟରେ ପହଞ୍ଚିବା ସକାଶେ ଉକ୍ତ କମିଶନଦ୍ୱାରା ଏକ ଯୋଜନା କରାଯାଏ, ମାନବ ଜୀବନର ଉନ୍ନତି ସାଧନ ଲାଗି ସେଭଳି କୌଣସି ଯୋଜନା ଆଉ କାହା ଦ୍ୱାରା କରାଯାଏ ନାହିଁ । କାରଣ ଭାରତ ଭଳି ଏକ ବିରାଟ ଦେଶ ଯାହା କରି ନ ପାରେ ଜଣେ ସାଧାରଣ ମନୁଷ୍ୟ ତାହା ଅକ୍ଲେଶରେ କରିପାରେ । ଈଶ୍ୱରଙ୍କ ସୃଷ୍ଟିରେ ମନୁଷ୍ୟ ଶ୍ରେଷ୍ଠ ଜୀବ, ତାର ବୁଦ୍ଧି ଅଛି ବିବେକ ଅଛି । ତେଣୁ ସେ ନିଜ ହୃଦୟର ଆବେଗ ଓ ପ୍ରେରଣା ବୁଝିପାରେ, ସେହି ଅନୁସାରେ ନିଜ ଜୀବନର ଲକ୍ଷ୍ୟ ନିଜେ ସ୍ଥିର କରିପାରେ ଓ ଲକ୍ଷ୍ୟ ଲାଭ ପାଇଁ ଯୋଜନାବଦ୍ଧ ଭାବରେ ଉଦ୍ୟମ କରିପାରେ । ତେଣୁ ସେ ଆଉ କାହାର ସହାୟତା ଅବଶ୍ୟକ କରେନାହିଁ । ହୃଦୟର ଆବେଗ ଯାହାକୁ ସନ୍ନ୍ୟାସୀ ହେବାକୁ ପ୍ରେରଣା ଦିଏ ସେ ସନ୍ନ୍ୟାସୀ ହେବା ଲକ୍ଷ୍ୟର ଅନୁକୂଳ ତ୍ୟାଗ ଜୀବନ ଓ ଅନାସକ୍ତ ହୃଦୟ ପାଇଁ ପ୍ରୟାସ କରେ । ଯେ ସୈନିକ ହେବାକୁ ପ୍ରେରଣା ପାଏ, ସେ ଦୃଢ଼ ଜୀବନ ଓ ନିର୍ଭୀକ ହୃଦୟ ପାଇଁ ଉଦ୍ୟମ କରେ । ସର୍ବାଗ୍ରେ ମନୁଷ୍ୟକୁ ତା'ର ଜୀବନର ଲକ୍ଷ୍ୟ ସ୍ଥିର କରିବାକୁ ହେବ ଓ ଆଜୀବନ ସେହି ଲକ୍ଷ୍ୟରେ ଦୃଢ଼ ରହି ଲକ୍ଷ୍ୟ ଲାଭର ଅନୁକୂଳ କର୍ତ୍ତବ୍ୟଗୁଡ଼ିକୁ ପାଳନ କରିବାକୁ ହେବ । ତା ନ ହେଲେ ସବୁ ଉଦ୍ୟମ ବିଫଳ ହେବ ଓ ଜୀବନରେ ନାନା ଜଟିଳତା ସୃଷ୍ଟି ହେବ । ମୋର ଯେଉଁମାନେ ଗୁରୁଜନ ଥିଲେ ସେମାନେ ମୋତେ କୈଶୋରରେ ଲକ୍ଷ୍ୟ ସ୍ଥିର କରିବା ପାଇଁ କୌଣସି ପରାମର୍ଶ ଦେଇ ନ ଥିଲେ । ସେମାନେ କେବଳ ଗତାନୁଗତିକ ଭାବରେ କେତେଗୁଡ଼ିଏ ସାଧାରଣ କର୍ତ୍ତବ୍ୟ ପାଳନ କରିବା ଲାଗି ସାମୟିକ ଆଦେଶ, ନିର୍ଦ୍ଦେଶ ଓ ପରାମର୍ଶ ଦେଉଥିଲେ । ଲକ୍ଷ୍ୟ ସ୍ଥିର ନ ଥିବାରୁ କର୍ତ୍ତବ୍ୟ ପାଳନ ଲାଗି ଯେଉଁ ମାନସିକ ଦୃଢ଼ତା ଆବଶ୍ୟକ ତାହା ମୋର ରହିଲା ନାହିଁ । ଯାହା ଫଳରେ ବିଦ୍ୟାଚର୍ଚ୍ଚା ପରିବର୍ତ୍ତେ ଗଳ୍ପ ଓ କବିତା ଚର୍ଚ୍ଚାରେ ମୁଁ ଅଧିକ ମନଧ୍ୟାନ ଦେଲି । ସ୍କୁଲ କଲେଜରେ କେବଳ ହାଜିରା ପକାଇ ଦେଇ ସହରର ବିଭିନ୍ନ ସାହିତ୍ୟ ପ୍ରତିଷ୍ଠାନରେ ଯୋଗ ଦେବାକୁ ଲାଗିଲି । ଖାଲି ସେତିକି ନୁହେଁ, ଛାତ୍ର

ଆନ୍ଦୋଳନ, ଦେଶି ମିଶ୍ରଣ ଆନ୍ଦୋଳନ, ରେଲ ରୋକ ଆନ୍ଦୋଳନ ପ୍ରଭୃତି କୌଣସି ଆନ୍ଦୋଳନ ମୋ ସାନ୍ନିଧ୍ୟରୁ ବାଦ ପଡ଼ିଲାନାହିଁ । ଟିକିଏ ହେଲେ ଭାବିଲି ନାହିଁ ଏ ସବୁର ପରିଣାମ କଣ ହେବ । କବିତାକୁ ଆଶ୍ରୟ କରିବା ଫଳରେ ବାନ୍ଧବୀର ଆଶ୍ରୟ ଦରକାର ହେଲା କି ଗୋଟିଏ ଆଶ୍ରୟ ସ୍ଥାୟୀ ନ ହେବାରୁ ଅନ୍ୟ ଏକ ଆଶ୍ରୟ ଲୋଡ଼ା ହେଲା ବର୍ତ୍ତମାନ ତାହା କହିପାରିବିନାହିଁ । ମୋ ଅଲକ୍ଷ୍ୟରେ ଏଭଳି ବହୁ ଘଟଣା ଘଟିଗଲା ଅଥଚ ମୁଁ କିଛି ଜାଣିପାରିଲି ନାହିଁ ଏହାହିଁ ଆଶ୍ଚର୍ଯ୍ୟର ବିଷୟ । ଯେତେବେଳେ କଲେଜରେ ଉପସ୍ଥାନ କମ ହେବାରୁ ମୁଁ ପରୀକ୍ଷା ଦେଇ ନପାରିଲି ସେତେବେଳେ ମୋର ଚୈତନ୍ୟ ଉଦୟ ହେଲା । ମା ସରସ୍ୱତୀଙ୍କୁ ସହରରେ ଛାଡ଼ି ଦେଇ ଗାଁକୁ ପଳାଇ ଆସିଲି । ନିଷ୍ଫଳ ବଳବାନ ବୋଲି ଯାହା କୁହାଯାଏ ସେ ଉକ୍ତିର ସତ୍ୟତା ମୁଁ ବହୁତ ଡେରିରେ ବୁଝିଲି । ଖାଲି ଯେ ବୁଝିଲି ତା ନୁହେଁ, ମୋର ଦୃଢ଼ ବିଶ୍ୱାସ ହେଲା ଯେ ଏ ଉକ୍ତିରେ ଯେତିକି ଉକ୍ତ ହୋଇଛି ତା ଅପେକ୍ଷା ବେଶି ଅନୁକ୍ତ ରହିଛି । ଯେତିକି କୁହାଯାଇଛି ତା ଅପେକ୍ଷା ବେଶି ଅକୁହା ରହିଛି । କଣ କୁହା ଯାଇନାହିଁ ଓ କାହିଁକି କୁହାଯାଇନାହିଁ, ତାହା ଜାଣିବାକୁ ମୋର ଭାରି ଇଚ୍ଛା ଅଛି । ଦେଖାଯାଉ କଣ ହେଉଛି ।

(ନୋଟ-ଗତାନୁଗତିକ ଭାବରେ ... କେତେଗୁଡ଼ିଏ ... ମନଧ୍ୟାନ ...
ଅକୁହା ... ମୁଁ କେବଳ ଏତେ ... ଛଡ଼ା ଅଭିଜ୍ଞ ନୁହେଁ ...
ସେ ସମସ୍ତ ବିଷୟ ... ଯୋଜନାବଦ୍ଧ ଭାବରେ ... ଆଉ କାହାଠାରେ ଆରେ ...
ସେ ଆଉ କାହାର ... ଲକ୍ଷ୍ୟଲାଭ ... ଦେଇ ନଥିଲେ ...
ଖାଲି ସେତିକି ନୁହେଁ ... ଘଟଣା ଘଟିଗଲା ... ଚୈତନ୍ୟୋଦୟ ... କୁହାଯାଏ ...)

(ଖ) ଆପଣ ହୁଏତ କହିବେ, ଦେଖିବାକୁ ଆଉ ବାକି କଣ ଅଛି ? ଯାହା ଦେଖିବାର ଥିଲା ସବୁତ ଦେଖା ହୋଇଗଲା । ବାପା ଆଶା କରିଥିଲେ ପୁଅ ଡାକ୍ତର ପାଶ୍ କରି ବିଲାତ ଆମେରିକା ଯିବ, ନାମଯାଦା ଡାକ୍ତର ହୋଇ ଆସିଲେ କଟକ ସହରରେ କ୍ଲିନିକ୍ ଖୋଲିବ । ତାଙ୍କର ସେ ଆଶା ଆଶାରେ ହିଁ ରହିଗଲା । ସେ ବିରକ୍ତ ହୋଇ କହିଲେ ତୋ ଦ୍ୱାରା କିଛି ହେବନାହିଁ । ତୁ ଚାକିରି କର । ଭାଇ କହିଲେ, ଚାକିରି କରିବା ଦରକାର ନାହିଁ, ତୁ ଟ୍ରକ୍ କିଣି ଡ୍ରାଇଭର ରଖି ବ୍ୟବସାୟ କର । ବୋଉ କହିଲେ ତୁ ଲୁଗା ଦୋକାନ କର । ଯାହା ପଇସାପତ୍ର ଲାଗିବ ମୁଁ ଦେବ । ଡାକ୍ତର କ୍ଲିନିକ୍‌ରୁ ଆସିତ

ଲୁଗା ଦୋକାନରେ ରହିଲା, ତା ବି ଅନିଶ୍ଚିତ । ଆଉ ଦେଖିବାକୁ ବାକି କଣ ଅଛି ? ମୋର ଅନୁରୋଧ ଆପଣ ଟିକିଏ ଧୈର୍ଯ୍ୟ ଧରି ଶୁଣିଲେ ସବୁ ବୁଝି ପାରିବେ । ଏସବୁ ତ ବିବାହ ପ୍ରସ୍ତାବ ଆସିବାର ପୂର୍ବବର୍ତ୍ତୀ ଘଟଣା ପରବର୍ତ୍ତୀ ଘଟଣା ଶୁଣିଲେ ସିନା ଆପଣ ମୋ କହିବାର ଉଦ୍ଦେଶ୍ୟ ବୁଝି ପାରିବେ । ଘରେ ଯେତେବେଳେ ସମସ୍ତେ ଆଲୋଚନାରେ ବ୍ୟସ୍ତ ଯେ ମୁଁ କଣ କଲେ ଘରକୁ ବେଶି ପଇସା ଆସିବ, ସେତିକି ବେଳେ ଆପଣଙ୍କ ଜରିଆରେ ଚୌଧୁରୀଙ୍କ ଘରୁ ମୋ ପାଇଁ ବିବାହ ପ୍ରସ୍ତାବ ଆସିଲା । ଆପଣ କି ଆଉ ବାପାଙ୍କୁ ଲିଖିତ ଭାବରେ ଜଣାଇ ଥିଲେ ଯେ କେବଳ ରାଜକନ୍ୟା ନୁହେଁ, ରାଜକୋଷର ଅଧେ ନଗଦ ମିଳିବ, ବାକି ଅଧିକ ଟିକିଏ ପରେ ମିଳିବ । ତାଙ୍କ ପାଇଁ ଓକିଲାତି କରିବାକୁ ଆପଣ କିଏ ଓ ଆମେ କାହିଁକି ଆପଣଙ୍କ କଥାରେ ବିଶ୍ୱାସ କରିବୁ ବୋଲି ନ ପଚାରି ବାପା ଆପଣଙ୍କ କଥାରେ ରାଜି ହୋଇଗଲେ ଓ ଚିଠି ଲେଖି ଜଣାଇ ଦେଲେ ଯେ ଉତ୍ତମକୁ ରାଜି କରାଇବା ଦାୟିତ୍ୱ ମୁଁ ଆପଣଙ୍କ ଉପରେ ଛାଡ଼ି ଦେଲି । ତାର ଉତ୍ତରରେ ଆପଣ ଯାହା ବାପାଙ୍କୁ ଲେଖିଥିଲେ ମୁଁ ସେ ଚିଠି ପଢ଼ିଛି । ଆପଣ ଆମ ଘରକୁ ଆସିବେ ବୋଲି ମୁଁ ପୂର୍ବରୁ ଜାଣିଥିଲି । ସତକୁସତ ଆପଣ ଆସିଲେ ଓ ଖୋଲଭାଡ଼ି ନାନା କଥା ମୋତେ ପଚାରିଲେ । ମୁଁ ସରଳ ବିଶ୍ୱାସରେ ମୋର ସୁବିଧା ଅସୁବିଧା ସବୁ ଆପଣଙ୍କୁ କହିଲି । ସେଥିରୁ ଆପଣ କଣ ବୁଝିଲେ କେଜାଣି ମୋତେ ଟୁଗୁଲେଇବା ଭଳି କହିଲେ ''ଗୋରୁ ଔର ଯୋରୁ ଏ ଚଲ୍‌ନେକା କାମ୍ ଆପ୍‌କା ନେହିଁ ହେଁ ବାପଜୀ'' ଆମ ଗୁହାଳକୁ କେଉଁ ଗୋରୁ ମାନିବ ଓ କିଏ ଆମ ଘରକୁ ବୋହୂ ହୋଇ ଆସିଲେ ଘରର ଇଜ୍ଜତ ବଢ଼ିବ ସେ କଥା ବାପା ବୁଝିବେ । ତାଙ୍କ କଥା ଉପରେ କଥା କହିବାକୁ ତୁମେ କିଏ ? ପ୍ରକୃତରେ ମୁଁ କିଏ ଏହା ଏକ ଜଟିଳ ପ୍ରଶ୍ନ । କାରଣ ମୋର ଜାତକ ନାମ ମାଧବ, ମାନସ । ଶ୍ରଦ୍ଧାନାମ ପୁରୁଷୋତ୍ତମ । ଡାକ ନାମ ଉତ୍ତମ । ସ୍କୁଲରେ ମୁଁ ପୁରୁଷୋତ୍ତମ । ଘରେ ମୁଁ ଉତ୍ତମ । ମୁଁ ପୁରୁଷ କି ଅଧ କଣ ସେ କଥା ବିବାହ ପୂର୍ବରୁ କହିବା କଠିନ । ଉତ୍ତମ କି ଅଧମ ସେ କଥା ମୁଁ ନିଜେ କହିଲେ କଣ ବିଶ୍ୱାସଯୋଗ୍ୟ ହେବ ? ତେଣୁ ଏ ପ୍ରଶ୍ନର ସଠିକ ଉତ୍ତର ମୁଁ ବର୍ତ୍ତମାନ ଦେବାକୁ ଅକ୍ଷମ । ମୋର ଅନୁରୋଧ ଆପଣ ଟିକିଏ ଅପେକ୍ଷା କଲେ ଭଲ ହେବ । ଗୋଟିଏ ପ୍ରଶ୍ନର ଉତ୍ତର ନ ଦେଇ ପ୍ରଶ୍ନକର୍ତ୍ତାଙ୍କୁ ଆଉ ଏକ ପ୍ରଶ୍ନ ପଚାରିବା ସାଧାରଣ ଦୃଷ୍ଟିରେ ଅସମୀଚୀନ । ତେଣୁ ମୁଁ ସେ ଦିନ ଆପଣଙ୍କୁ ପଚାରିନଥିଲି କି ଆଜି ପଚାରିବି ନାହିଁ ଯେ ଆମ ହାନି ଲାଭ କଥା ବୁଝିବା ପାଇଁ ଆପଣ କିଏ ? କେହି ଯଦି ଆପଣଙ୍କୁ ପଚାରେ ଆପଣ କିଏ ଆପଣ ଭାବିବେ ସେ ଆପଣଙ୍କର ନାମ ଓ ଠିକଣା ଜାଣିବାକୁ ଚାହୁଁଛି । ସେତିକି କହିଦେଲେ ଆପଣ ଖଲାସ । ଅଥଚ କେହି ଯଦି ନିଜକୁ ନିଜେ

ପ୍ରଶ୍ନ କରେ ମୁଁ କିଏ ? ସେ ପ୍ରଶ୍ନର ଗୁରୁତ୍ୱ ଓ ମହତ୍ତ୍ୱ କାହିଁକି ବଢ଼ିଯାଏ ମୁଁ କହିପାରିବି ନାହିଁ । ବାପା କହୁଥିଲେ ଗୁମ୍ଫର ପ୍ରବେଶ ଦ୍ୱାର ଘର ଓ ବାହାର ମଝିରେ ସୀମାରେଖା ଭଳି କାର୍ଯ୍ୟକରେ ଏବଂ ଦିବସର ସୂର୍ଯ୍ୟାଲୋକରେ ତା'ହା ଅକ୍ଲେଶରେ ବାରି ହୁଏ, ରାତିରେ ବାରି ହୁଏ ନାହିଁ । ଠିକ୍ ସେହିପରି ଜ୍ଞାନର ଆଲୋକରେ ସ୍ୱରୂପ ଓ ଅଭିଧାର ବିଭିନ୍ନତା ସ୍ପଷ୍ଟ ବାରିହୁଏ । ସେହି ଆଲୋକ ବର୍ତ୍ତିକା ଜାଳିବା ପାଇଁ ଆମର ଗୁରୁ ଦରକାର । ପ୍ରକୃତରେ ଯାହାର ଗୁରୁ ଦରକାର ତାକୁ ଶବରୀ ପରି ପ୍ରତୀକ୍ଷା କରିବାକୁ ହେବ । ଯାହାର ଦରକାର ନାହିଁ ସେ କାହିଁକି ଅପେକ୍ଷା କରିବ ? ଏଥିରୁ କେହି ବୁଝିବା ଉଚିତ ନୁହେଁ ଯେ ପ୍ରକୃତରେ ତାର ଗୁରୁ ଦରକାର ନାହିଁ । ପ୍ରକୃତ କଥା ହେଉଛି ତାର କଣ ଦରକାର ସେ ନିଜେ ଜାଣେ ନାହିଁ । ତେଣୁ ସେ ଜାଣିବାପାଇଁ ଚାହେଁ ନାହିଁ । ଏ ବିଷୟରେ ଆମ ସାହିତ୍ୟରେ ଦାର୍ଶନିକ ଆଲୋଚନାର ଅଭାବ ନାହିଁ । ଅଧିକାଂଶ ଦାର୍ଶନିକ ଆଲୋଚନାରେ ଗୁରୁ ଗୀତା କଥା ଉଲ୍ଲେଖ କରାଯାଇଥାଏ । ପ୍ରକୃତରେ ଗୁରୁ ଗୀତାରେ ଯେ ସବୁ ବିଷୟ ଅଛି କି ନାହିଁ ମୁଁ କହିପାରିବି ନାହିଁ । ତେବେ ମୁଁ ଏତିକି କହିପାରେ ଯେ ଗୁରୁଗୀତାରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ ଶୁଦ୍ଧ ଦାର୍ଶନିକ ଆଲୋଚନା ଦ୍ୱାରା କାହାର କୌଣସି ସମସ୍ୟା ସମାଧାନ ହୁଏ ନାହିଁ । ସେଥିପାଇଁ ତପସ୍ୟା ଲୋଡ଼ା ।

(ନୋଟ :– ସବୁ ସତ .... ମୋ ନିଜ ପାଇଁ ... ଟୁଗୁଲେଇବା ପାଇଁ ....
ଚେଷ୍ଟା ହୋଇଥିଲା .... ଆଶା ଅନୁସାରେ ହିଁ .... ଘଟିବ ....
ଠିକ୍ ସେହିପରି .... ବୁଝିବା ଉଚିତ ନୁହେଁ ....)

ଦ୍ୱାବିଂଶ ପରିଚ୍ଛେଦ

ଅର୍ଦ୍ଧକରଣ (HALVING)

୧୭୧) ମିଶ୍ରସ୍ଥାନ ନିମିତ୍ତ କେବଳ ପୂର୍ଣ୍ଣଲିପି ଗୁଡ଼ିକ ଟ, ଡ, ଢ଼, ଦ ଏବଂ ସ୍ଥଳବିଶେଷରେ ଥ, ଧ ଯୋଗେ ଅର୍ଦ୍ଧୀକୃତ ହେବ । ଏହି ପ୍ରକ୍ରିୟାକୁ ଅର୍ଦ୍ଧକରଣ କୁହାଯିବ ! ଖ, ଘ ଇତ୍ୟାଦି ଅର୍ଦ୍ଧଲିପି ଗୁଡ଼ିକ ଏହି ପ୍ରକ୍ରିୟାର ଅନ୍ତର୍ଭୁକ୍ତ ହେବନାହିଁ ।

୧୭୨) ଏକକ ବା ମୌଳିକ ଶବ୍ଦରେ ନମ୍ନମୁଖୀ ସରଳ ସୂକ୍ଷ୍ମଲିପି (ଚ,ପ) କେବଳ ଟ ଯୋଗେ ଏବଂ ସରଳ ସ୍ଥୂଳଲିପି (ଜ,ବ) କେବଳ ଡ଼ ଯୋଗେ ଅର୍ଦ୍ଧୀକୃତ ହେବ ।

ଗାଟ ... ବଢ଼ ... ଘୃଟ ... ଯିଧି ...
ଫୁଟ ... ବୋର୍ଡ ... ସନ୍ଦେଶ ... ଗ୍ଳାଡ ...

୧୭୩) ଯୌଗିକ ବା ଯୁଗ୍ମ ଶବ୍ଦରେ ସ୍ଥୂଳ ସୂକ୍ଷ୍ମ ନିର୍ବିଶେଷରେ ନମ୍ନମୁଖୀ ସରଳ ଲିପିସମୂହ (ଚ, ଜ, ପ, ବ) ଟ ବା ଡ଼ ଯୋଗେ ଅର୍ଦ୍ଧୀକୃତ ହେବ ।

ଅପେକ୍ଷ ... ଅକାଟ ... ମସ୍ତକନ୍ତ ... ଚନ୍ଦ୍ରବାଟ ...

୧୭୪) ଏକକ ବା ମୌଳିକ ଶବ୍ଦରେ ନମ୍ନମୁଖୀ ସୂକ୍ଷ୍ମ ବକ୍ରଲିପି ସମୂହ (ତ, ଥ, ଫ, ସ) ଟ ବା ତ ଯୋଗେ ଏବଂ ନମ୍ନମୁଖୀ ସ୍ଥୂଳ ବକ୍ରଲିପି ସମୂହ (ଦ, ଧ, ଭ, ଝ) ଡ ବା ଦ ଯୋଗେ ଅର୍ଦ୍ଧୀକୃତ ହେବ । କିନ୍ତୁ ଯୌଗିକ ବା ଯୁଗ୍ମ ଶବ୍ଦରେ ସ୍ଥୂଳସୂକ୍ଷ୍ମ ନିର୍ବିଶେଷରେ ବକ୍ରଲିପି ସମୂହ ଟ, ଡ଼, ତ, ଦ ଯୋଗେ ଅର୍ଦ୍ଧୀକୃତ ହେବ ।

ଘଟେ ... ଥାଟ ... ଫିଟ ... ମୋଟର ...
ବଢ଼ ... ଦେହ ... ଝଡ଼ ... ଖଡଡ ...
ଖୋଟବ୍ରଶ ... ସନ୍ଥୁବର ... ଘଟେ ... ବସ୍ତାଟ ...

୧୭୫) ଅର୍ଦ୍ଧ ତ-ଲିପି ତତ୍, ତଦ୍, ଉଭୟ ପ୍ରତିପାଦନ କରିବ ଓ ମିତସଂସ୍ଥାନ ନମିତ୍ତ ଉଭୟ ପାର୍ଶ୍ୱରେ ଲେଖାଯିବ ।

ତତ୍କାଳୀନ ... ତଦନୁସାରେ ... ତଦନୁରୂପ ... ତଦବଧି ...

୧୭୬ ଅର୍ଦ୍ଧଲିପି ଓ ସ୍ୱରସଙ୍କେତ:—ସ୍ୱରସଂକେତର ସମ୍ବନ୍ଧ ମୂଳ ଲିପି ସହିତ ବୋଲି ଜ୍ଞାନ କରି ତଦନୁଯାୟୀ ସ୍ୱରସଂକେତ ଯଥାସ୍ଥାନରେ ଦିଆଯିବ ଓ ପଢ଼ିଲା ବେଳେ ପ୍ରଥମେ ମୂଳ ଲିପି, ତାପରେ ସ୍ୱରସଂକେତ ଓ ଶେଷରେ

ତ, ଦ, ଟ ବା ଡ଼ ପଢ଼ାଯିବ । ଅର୍ଦ୍ଧଲିପି ଗାରକୁ ଭେଦ କରିବା ସମ୍ଭବ ନୁହେଁ । ତେଣୁ ମୂଳ ଲିପି ପରେ ତୃତୀୟ ସ୍ୱରସଂକେତ ଥିଲେ ଅର୍ଦ୍ଧଲିପି ଗାର ଉପରେ ହିଁ ଲେଖାଯିବ ।

ଫେଟ ... ସଟ ... ଫେଡ ... ଫଡ ...

୧୭୭) ମିତସଂସ୍ଥାନର ଅନୁକୂଳ ନ ହେଲେ ବା ଅନ୍ତ୍ୟ ଟ, ଡ଼, ତ, ଦ ମୁକ୍ତ ନ ଥିଲେ ଅର୍ଦ୍ଧକରଣ କରାଯିବ ନାହିଁ ।

ଫେଟ ... ଫଟା ... ଖୋଟଲ ... ପିଟଲ ... ଭୁଲତ ...

ଅନୁଶୀଳନୀ — ୮୩

ଲେଖ ଓ ପଢ଼ :—

(୧) ପତିତ, ତତ୍ପୁରୁଷ, ତତ୍କାଳୀନ, ତଦନୁପାତ; ଫଟ ମୁଦ୍ରିତ, ସ୍ଫଟିକ, ଦ୍ରୁତବେଗ, ଦ୍ରୁତଗାମୀ, ଦ୍ରୁତଗତି (୨) ଟପୋଟ; ନଦୀସ୍ରୋତ, ତଦ୍ରୂପ, ତଦନୁଯାୟୀ, ବିଦ୍ରୂପ, ଯାତାୟତ, ଜଡ଼ତା, କାର୍ପେଟ, କାର୍ପେଟଦାର, ଝୋଟକଲ (୩) ବଶ, ବଶୀଭୂତ, ଭସ୍ମୀଭୂତ, ଯମଦୂତ, ସାଧିତ, ଦାରୁଭୂତ, ଝଡ଼, ଶୁଭଦି, ଖିତନସ୍ତ, ଉଦ୍ଘାଟିତ ।

ଓ ଲେଖ :— ଅନୁଶୀଳନୀ — ୮୪



ଚଳନ୍ତିକା

ପଥ ... ଅନୁଚର, ଅପାତ ... ଗୁପ୍ତ ... ଅଗ୍ରତ ... ବନ୍ଧନ ...
ଫଳତଃ, ତତ୍ପର ... ତରଙ୍ଗିତ ... ଦତ୍ତାଂଶ ...
କର୍ଷଣପଦ୍ଧତି—ପ୍ରତ୍ୟେକ ...
ପ୍ରଦକ୍ଷିଣ—ବା ଥାଉ ... ଏତାବତା ... ଚତୁର୍ଦ୍ଦିଗରେ ... ହେତାହେବ ...

ପଢ଼ ଓ ଲେଖ :-



ଅନୁଶୀଳନୀ—୮୩

ଲେଖ ଓ ପଢ଼ :—

ଏ ବର୍ଷ ଝଡ଼ବତାସ ଦେଖି ହୋଇନାହିଁ, ଛୋଟଚାଷ ପାଇଁ ପରିସ୍ଥିତି ବେଶ ଅନୁକୂଳ ମନେହେଉଛି । ଆଗରୁ ଛୋଟଚାଷୀଙ୍କୁ ବ୍ଲକରୁ କିଛି ସାର ଓ ବିହନ ମୋଫତରେ ମିଳିଥିଲା । ଏବେ ପ୍ରତ୍ୟେକ ଚାଷୀଙ୍କୁ କିଛି କିଛି ସବ୍‌ସିଡ଼ି ମିଳିବ ବୋଲି ଯୋଜନା ପ୍ରସ୍ତୁତ ହେଉଛି । ତା' ଛଡ଼ା ପ୍ରତି ଗ୍ରାମରେ ନଳକୂପ ପାଇଁ ଅନ୍ତତଃ ଦଶ ଜଣ ଚାଷୀଙ୍କୁ ଋଣ ମିଳିବ ବୋଲି ଶୁଣାଯାଉଛି । ପ୍ରତ୍ୟେକ ଲୋକ ଅଳ୍ପ ସମୟରେ ଯେପରି ଅଧିକ କାର୍ଯ୍ୟ କରିପାରିବେ

ଇଚ୍ଛାନୁସାରେ ଭାରତବର୍ଷର ଗୃହଅଟତ ବର୍ତ୍ତମାନ ନୀତି ବଦ୍ଧାନ ହେଉଛି । ଅଥଚ ଯେଉଁମାନେ ଯୋଜନାର ମୁଖ୍ୟ କାର୍ଣ୍ଣଧାର ସେମାନେ ବହୁ ଆଗରୁ ବନ୍ଧୁଭୁକ୍ତ କାର୍ଯ୍ୟ କରୁଥିବା ଆମେ ପ୍ରତ୍ୟକ୍ଷ କରୁଛୁ । ଏଣେ କଥାରେ କୁହାଯାଉଛି ଭାରତବର୍ଷ ମୁନି ଋଷିଙ୍କର ଦେଶ, ଭାରତର ଅତୀତ କେତେ ମହାନ୍, ତାହା ସ୍ମରଣ କର ଇତ୍ୟାଦି, ଅଥଚ ତେଣେ କାର୍ଯ୍ୟ କଲାବେଳକୁ ନୀତି ଓ କାର୍ଯ୍ୟରେ ଯେଉଁ ତଫାତ୍ ରହୁଛି ସେଥିପ୍ରତି ଆମର ଦୃଷ୍ଟି ନାହିଁ । ଏକ ଦିଗରେ ଆମେ ପରମାଣୁ ବୋମା ଦ୍ରୁତ ବେଗରେ ପ୍ରସ୍ତୁତ କରୁଛୁ ମାନବ ସମାଜକୁ ମୂଳପୋଛ କରିଦେବା ପାଇଁ ଅଥଚ ଅନ୍ୟ ଦିଗରେ ମାନବ ଜୀବନକୁ ଦୀର୍ଘ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଛୁ ଓ କହୁଛୁ ବର୍ତ୍ତମାନ ଆମ ପକ୍ଷରେ ଅଧିକ ମୂଲ୍ୟବାନ, କାରଣ ବର୍ତ୍ତମାନ ବିନା ଅତୀତ ଏକ ଆସ୍ଫାଳନ ଓ ଭବିଷ୍ୟତ ଏକ ଦିବାସ୍ୱପ୍ନ । ଆମର ଏଭଳି କାର୍ଯ୍ୟକଳାପ ଦେଖି ମୁନିଋଷି ବିଚରା ବାଲୁଭୁତ ହୋଇଗଲେଣି ।

ତ୍ରୟୋବିଂଶ ପରିଚ୍ଛେଦ

(ଅର୍ଦ୍ଧକରଣ (୨))

୭୮) ଟ, ତ, ଥ ଯୋଗେ ନ-ଲିପି ଅର୍ଦ୍ଧୀକୃତ ହେବ ଅର୍ଥାତ୍ ଅର୍ଦ୍ଧ ନ-ଲିପି ନଟ-ଣ୍ଟ, ନତ-ନ୍ତ, ନଥ-ନ୍ଥ'ର ସୂଚକ ହେବ ।



୭୯) ଡ଼, ଦ, ଧ ଯୋଗେ ନ-ଲିପି ଅର୍ଦ୍ଧୀକୃତ ଓ ସ୍ଥୂଳ ହେବ ଅର୍ଥାତ୍ ସ୍ଥୂଳ ଅର୍ଦ୍ଧ ନ-ଲିପି ନଡ଼-ଣ୍ଡ, ନଦ-ନ୍ଦ, ନଧ-ନ୍ଧ'ର ସୂଚକ ହେବ । ଅର୍ଦ୍ଧ ନ-ଲିପିର ପ୍ରଥମ ସ୍ୱରସଙ୍କେତକୁ ସ୍ଥୂଳ କରାଯାଇ ନଥ-ନ୍ଥ ବା ନଧ-ନ୍ଧ'କୁ ଚିହ୍ନିତ କରାଯିବ ।



୮୦) ଟ, ଡ ଯୋଗେ ମ-ଲିପି ଅର୍ଦ୍ଧୀକୃତ ହେବ ଓ ଦ, ଢ଼ ଯୋଗେ ଅର୍ଦ୍ଧୀକୃତ ଓ ସ୍ଥୂଳ ହେବ ।



୧୮୧) ର-ଲିପି ତ, ଥ ଯୋଗେ ଅର୍ଦ୍ଧୀକୃତ ହେବ ଓ ତ୍ରି, ଥ୍ରି ଉତ୍ପାଦନ କରିବ । ଏହା ସ୍ଥଳବିଶେଷରେ ଊର୍ଦ୍ଧ୍ୱମୁଖ ବା ଅଧଃମୁଖ ହେବ ।

ଅର୍ଥନୀତି ... ଶୋକାର୍ତ୍ତ ... ବ୍ୟର୍ଥ ... ସାର୍ଥକ ... ସମର୍ଥିତ ...

୧୮୨) ଅଧୋମୁଖ ର-ଲିପି ଦ, ଧ ଯୋଗେ ଅର୍ଦ୍ଧୀକୃତ ଓ ସ୍ଥୂଳ ହେବ ଓ ର୍ଦ, ର୍ଧ ଜ୍ଞାପନ କରିବ ।

ପର୍ଯ୍ୟାୟ ... ଛାର୍ଦ ... କର୍ଦ୍ଦମ ...

୧୮୩) ଅଧୋମୁଖ ଅର୍ଦ୍ଧ ର-ଲିପି ଆଦ୍ୟରେ ଏକ ବ୍ୟାସ ଯୁକ୍ତ ହେଲେ ହ୍ରତ ଓ ସ୍ଥୂଳ ହେଲେ ହ୍ରଦ ଜ୍ଞାପନ କରିବ ।

ହୃଦ୍‌ଗତଃ ... ହ୍ରଦ ...

୧୮୪) ଲ-ଲିପି ଟ ଯୋଗେ ଅର୍ଦ୍ଧୀକୃତ ହେଲେ ଊର୍ଦ୍ଧ୍ୱମୁଖୀ ହେବ ଓ 'ଡ' ଯୋଗେ ଅର୍ଦ୍ଧୀକୃତ ହେଲେ ନିମ୍ନମୁଖୀ ହେବ ।

ମଣ୍ଟୁ ... ଲଟ ... ଖଣ୍ଡିତ ... ଲଣ୍ଡ ...

୧୮୫) ହ-ଲିପି ସାଧାରଣତଃ ଅର୍ଦ୍ଧୀକୃତ ହେବନାହିଁ ।

ହାଟ ... ହୋଟେଲ ...

ଅନୁଶୀଳନୀ—୮୭

ଲେଖ ଓ ପଢ଼ :—

(୧) ସମ୍ମତ, ଅସମ୍ମତ, ମଦ, ମାଦକ, ମର୍ଦ୍ଦଳ ଘୃଣିତ, ନାଟକ, ନାଟ୍ୟଶାସ୍ତ୍ର, ବେଦାନ୍ତ (୨) ଅପରିଣତ, ଅର୍ଦ୍ଧନଗ୍ନ, ସମର୍ଥନ, କର୍ତ୍ତିତ, ଇତସ୍ତତ ଭୟାର୍ତ୍ତ, ସୁଗନ୍ଧ, କାନ୍ଧ, ସ୍କନ୍ଧ (୩) ଉତ୍କଣ୍ଠିତ, ଆନତ, ଆନନ୍ଦିତ, ସାନନ୍ଦ, ବ୍ୟର୍ଥ, ବ୍ୟର୍ଥତା, ସମର୍ଥିତ, ବୃଦ୍ଧ, ବାର୍ଦ୍ଧକ୍ୟ (୪) ପୃଥକ୍, ପାର୍ଥିବ, ଶୋକାର୍ତ୍ତ ତୃଷାର୍ତ୍ତ, କ୍ଷୁଧାର୍ତ୍ତ, ଅବ୍ୟର୍ଥ, ଊର୍ଦ୍ଧ୍ୱ, ତଦୂର୍ଦ୍ଧ୍ୱ, ଅପ୍ରମାଦ (୫) ଅନ୍ଧ, ଅନ୍ଧାର, ଅନ୍ଧକାର, କୋକନଦ, ସାର୍ଦ୍ଧ, ସାର୍ଥକ, ହାର୍ଦ୍ଦିକ, ହାଟକ, ଲୁଟପାଟ ।

ପଢ଼ ଓ ଲେଖ :— ଅନୁଶୀଳନୀ—୮୮



ଚଳନ୍ତିକା

ଅର୍ଥ ... ମଧ୍ୟ ... ଉଦ୍ଦେଶ୍ୟ ... ସନ୍ଧାନ ... ଦ୍ୱାରା ...

ସାଧାରଣତଃ ... ଅର୍ଥାତ୍ ...

ବ୍ୟବସ୍ଥା—ଅର୍ଦ୍ଧ ର-ଲିପି ଅନ୍ତେ, ଅନ୍ତ, ଅର୍ଥ, ମଧ୍ୟ ଜ୍ଞାପନ କରିବ —

ଏ ଅନ୍ତରେ ... ସେ ଅନ୍ତରେ ... ଏକାନ୍ତରେ ...

ହେଲେ ମଧ୍ୟ ... ନ ହେଲେ ମଧ୍ୟ ... ଥିଲେ ମଧ୍ୟ ...

ନ ଥିଲେ ମଧ୍ୟ ... ଅର୍ଦ୍ଧ ନଗ୍ନ ... ଅର୍ଦ୍ଧ ସରକାରୀ ...

ଅନ୍ୟାନ୍ୟ ବ୍ୟବସ୍ଥିତ—ମତାମତ ... ମୋଟାମୋଟି ...

ମୋଟ ଉପରେ ... ବେଦାନ୍ତ ... ମରାମତି ...

ଲୁଟତରାଜ ... ଯଥାର୍ଥ ...

ଅନୁଶୀଳନୀ—୮୯

ଲେଖ ଓ ପଢ଼ —

ଖାଉଟିମାନଙ୍କୁ ବିଭିନ୍ନ ଜିନିଷ ସୁଲଭ ମୂଲ୍ୟରେ ଯୋଗାଇ ଦେବା ବିଶେଷତଃ ସମିତିର ସଭ୍ୟମାନେ ଯେପରି ଆର୍ଥିକ ଦିଗରୁ ଉନ୍ନତ ହୋଇ ଆନନ୍ଦରେ କାଳାତିପାତ କରିବେ ସେଥିପ୍ରତି ଅଧିକ ଦୃଷ୍ଟି ଦେବା ଉଦ୍ଦେଶ୍ୟରେ ଖାଉଟି ସହଯୋଗ ସମିତି ସ୍ଥାପିତ ହୋଇଥିଲା । ସାଧାରଣତଃ ଏଭଳି ସମିତିର କୋଷାଧ୍ୟକ୍ଷ ସମେତ କର୍ମକର୍ତ୍ତାମାନେ ସମସ୍ତେ ମନୋନୀତ ନ ହୋଇ ପ୍ରତ୍ୟକ୍ଷ ଭୋଟରେ ଜିଣି ଆସିବା କଥା । ଆମ ସମିତିର ଅକ୍ଳାନ୍ତ ଚେଷ୍ଟା ଫଳରେ କିଛି ସାନ୍ତାଳମାନେ ଅତୀତରେ ମାଦକଦ୍ରବ୍ୟ ସେବନ କରି ଯେଭଳି ଘୃଣିତ ଜୀବନ ଯାପନ କରୁଥିଲେ ଓ ଅକାଳ ମୃତ୍ୟୁବରଣ କରୁଥିଲେ ସେ ଅବସ୍ଥା ବର୍ତ୍ତମାନ ପ୍ରାୟ ଦୂରୀଭୂତ ହୋଇଗଲାଣି । ସବର୍ଣ୍ଣ ଲୋକମାନେ ନାନା ଉତ୍ପାତ କରି ସେମାନଙ୍କୁ ନାନା ଭାବରେ ହନ୍ତସନ୍ତ କରୁଥିଲେ ମଧ୍ୟ ତାଙ୍କୁ

ଆରବରେ କରଦାସ୍ତ କରିବା ବ୍ୟତୀତ ସେମାନଙ୍କର ଅନ୍ୟ କୌଣସି ଉପାୟ ନ ଥିଲା । ବର୍ତ୍ତମାନ ଯେ ପରିସ୍ଥିତି ଯେ ଭିନ୍ନ ରୂପ ନେଇଛି ଏ ବିଷୟରେ ଅନ୍ତତଃ ଆମେ ଏକମତ । ତା ଛଡ଼ା ସମିତିର କାର୍ଯ୍ୟକଳାପ ଓ ଆର୍ଥିକ ଅବସ୍ଥା ଆପାତତଃ ଭଲ ବୋଲି ଚାରିଆଡେ ମୋଟାମୋଟି ଗୋଟିଏ ଧାରଣା ସୃଷ୍ଟି ହୋଇଛି । ଏ ବର୍ଷ ମଧ୍ୟ ସମୀକ୍ଷକ ରିପୋର୍ଟ ଦେଲେ ଯେ ସମିତିର କାର୍ଯ୍ୟକଳାପ ମୋଟ ଉପରେ ଭଲ । ସମୀକ୍ଷକ ଏଥିରେ ଏଭଳି ରିପୋର୍ଟ ଦେଲାବେଳକୁ ଯେ ଆଡେ ସମିତିର ସଭ୍ୟମାନେ ଅଭିଯୋଗ କଲେ ଯେ ସମିତିର ବହୁ ଅର୍ଥ ସମୀକ୍ଷକଙ୍କ ଆମୋଦ ପ୍ରମୋଦ ପାଇଁ କୋଷାଧ୍ୟକ୍ଷ ବ୍ୟୟ କରିଛନ୍ତି ଓ ତାର ନିର୍ଦ୍ଦିଷ୍ଟ ପ୍ରମାଣ ମଧ୍ୟ ଅଛି ଅଥଚ ସମିତିର ହିସାବରେ ତାହା ପ୍ରତିଫଳିତ ହୋଇନାହିଁ । ଫଳତଃ ସମୀକ୍ଷକଙ୍କ ଅଭିମତ ଉପରେ ଯେତେବେଳେ ସନ୍ଦେହ ଆରୋପ କରାଗଲା ପୋଲିସ ଏନ୍‌କ୍ୱାରି କରିବାକୁ ଅଗତ୍ୟା ବାଧ୍ୟ ହେଲେ ।

ପଢ଼ ଓ ଲେଖ :- ଅନୁଶୀଳନୀ - ୯୦



ଚତୁର୍ବିଂଶ ପରିଚ୍ଛେଦ

ଅର୍ଦ୍ଧକରଣ (୩)

୧୮୬) କ, ଗ, ଚ, ନ-ଲିପି ବ୍ୟତୀତ ଅନ୍ୟାନ୍ୟ ପୂର୍ଣ୍ଣଲିପି ନ-ଆଙ୍କୁଶ ଯୁକ୍ତ ହୋଇ ଅର୍ଦ୍ଧୀକୃତ ହେଲେ ଣ୍ଟ, ଣ୍ଡ, ନ୍ତ ବା ନ୍ଦ-ର ସହାବସ୍ଥାନ ସୂଚିତ ହେବ । ଅର୍ଦ୍ଧଲିପିର ପ୍ରଥମ ସ୍ୱରସଂକେତକୁ ସ୍ଥୂଳ କରାଗଲେ ଲିପିଟି ଡ଼ ବା ଦ ଯୋଗେ ଅର୍ଦ୍ଧୀକୃତ ହୋଇଛି ବୋଲି ବୁଝାଯିବ ।



(ଖ) ବୃତ୍ତ ବା ରଙ୍କୁଶ ବିହୀନ ଏକକ କ, ଗ, ନ-ଲିପି ପରବର୍ତ୍ତୀ ଣ୍ଟ, ଣ୍ଡ, ନ୍ତ ବା ନ୍ଦ ଅର୍ଦ୍ଧ ନ-ଲିପିଦ୍ୱାରା ପ୍ରତିପାଦିତ ହେବ । କିନ୍ତୁ ମିତସଂସ୍ଥାନ ନିମିତ୍ତ ଚ-ଲିପି ପରେ ଣ୍ଟ, ଣ୍ଡ, ନ୍ତ ବା ନ୍ଦ ଥିଲେ ଅର୍ଦ୍ଧକରଣ କରାଯିବ ନାହିଁ ।



(ଗ) କ, ଗ, ଚ-ଲିପି ବା ତତ୍‌ପୂର୍ବବର୍ତ୍ତୀ ଲିପି ବୃତ୍ତ ବା ଆଙ୍କୁଶ ଯୁକ୍ତ ହେଲେ କ, ଗ, ଚ ଲିପି ମଧ୍ୟ ଟ, ଡ଼, ତ, ଦ ଯୋଗେ ଅର୍ଦ୍ଧୀକୃତ ହେବ ।



୧୮୭) ବିଶେଷଣଜ୍ଞାପକ ନିତ, ନ୍ୱିତ ଯୋଗେ ପୂର୍ବବର୍ତ୍ତୀ ଲିପି ନ-ଆଙ୍କୁଶ ଯୁକ୍ତ ହୋଇ ଅର୍ଦ୍ଧୀକୃତ ହେବ ବା ନ-ଲିପି ଅର୍ଦ୍ଧୀକୃତ ହେବ ।



୧୮୮) (କ ସ୍ୱନ୍ତ କେତେକ ବ୍ୟଞ୍ଜନମଣ୍ଡଳ ବ୍ୟଗ୍ରାତ ସାଧାରଣତଃ ଅନ୍ତ୍ୟ ଙ, ନ୍ତ ଇତ୍ୟାଦ ପରେ ସ୍ୱରବର୍ଣ୍ଣ ଥିଲେ ଅର୍ଦ୍ଧକରଣ କରାଯିବନାହିଁ ।

ରନ୍ତ .... ରଣ୍ଡା .... ଦଣ୍ଡା .... ବନ୍ଦା ....

ମଦନ .... ମିଳନ .... ନର୍ତ୍ତନ .... ଅନେକବ ....

(ଖ) ଅଛନ୍ତି, ରହନ୍ତା, ଦେବେନ୍ତୁ ଇତ୍ୟାଦି କ୍ରିୟା ଦର ଅନ୍ତ୍ୟ ସ୍ୱର କର୍ତ୍ତାନୁଯାୟୀ ରୂପ ପରିବର୍ତ୍ତନ କରୁନଥିବାରୁ ଏସବୁ ସ୍ଥଳେ ଅନ୍ତ୍ୟ ସ୍ୱରବର୍ଣ୍ଣକୁ ଗୁରୁତ୍ୱ ଦିଆ ନଯାଇ ଅର୍ଦ୍ଧକରଣ କରାଯିବ ।

ଚଳନ୍ତ .... ରଖନ୍ତ .... କଥନ୍ତ .... ଦେଖନ୍ତ .... ଅଛନ୍ତି ....

କରନ୍ତ .... ଦେନ୍ତ .... ବୁଝାନ୍ତ .... ପାଆନ୍ତ .... ଖାଇନ୍ତୁ ....

ପାଅନ୍ତ .... ପାରନ୍ତ .... ନାହାନ୍ତି .... ବୁଝନ୍ତ .... ନେଉନ୍ତୁ ....

କଥନ୍ତ .... ଜାଣନ୍ତ .... ଶୁଣନ୍ତ .... ବୁଝନ୍ତ .... ନେଉନ୍ତୁ ....

ଅଟନ୍ତ .... ଘଟନ୍ତ .... ଡାକନ୍ତୁ .... ପଢ଼ନ୍ତ ....

ଥାଆନ୍ତି ....

(ଗ ମିତସଂସ୍ଥାନ ବମିଶ୍ର ସ୍ଥଳବିଶେଷରେ ଅର୍ଦ୍ଧ ନ-ଲିପିକୁ ନ୍ତ, ନ୍ଦ, ନ୍ଧ-ର ମୌଳିକ ରୂପ ବୋଲି ବିବେଚନା କରାଯିବ ଏବଂ ପରବର୍ତ୍ତୀ ସ୍ୱରସଙ୍କେତ ଅର୍ଦ୍ଧ ନ-ଲିପିର ଯଥାସ୍ଥାନରେ ଦିଆଯିବ ।

ଶାନ୍ତ .... ସନ୍ତୋଷ .... ଅନନ୍ତ .... ଗାନ୍ଧି ....

ବନ୍ଦ .... ବନ୍ଦ .... ଦ୍ୱନ୍ଦ୍ୱ ....

ଅନୁଶୀଳନୀ—୨୧

ଲେଖ ଓ ପଢ଼ —

(କ) ନନ୍ଦ, ଲଣ୍ଡନ, ନିଷ୍ପନ୍ନ, ନିର୍ଦ୍ଦିଷ୍ଟ, ପ୍ରକାଣ୍ଡ, ପର୍ଯ୍ୟନ୍ତ, ଖଣ୍ଡାଧାର; ଦଧିଖଣ୍ଡ, ଭଣ୍ଡାର, ଭଣ୍ଡାମି (ଖ) ଅପ୍ରମାଣିତ; ନିଷ୍କଣ୍ଟକ, ନିରାନନ୍ଦ, ଅଭିଯାନ୍ତ୍ର ପ୍ରାଣାନ୍ତକ, ବିଭ୍ରାନ୍ତ, କେମନ୍ତ, ବନ୍ଦୋବସ୍ତ, ଭାଣ୍ଡବ (ଗ) କାନ୍ତାର, ଶାନ୍ତ,

ସନ୍ତୋଷ, ସନ୍ତୁଷ୍ଟ, ସନ୍ତାନ, ସନ୍ତପ୍ତ, ସନ୍ଦେଶ; କଣ୍ଟନାଶକ, ରସାନନ୍ଦ (ଘ) ପ୍ରେମାନନ୍ଦ, ଧରମାନନ୍ଦ, ସୌନ୍ଦର୍ଯ୍ୟାନ୍ୱିତ, ନିର୍ଦ୍ଦ୍ୱନ୍ଦ୍ୱ, ଗନ୍ତବ୍ୟ, ମକରନ୍ଦ, ସ୍ପନ୍ଦିତ; ପାଣ୍ଡବ, ନିନ୍ଦନୀକା ।

ପଢ଼ ଓ ଲେଖ :- ଅନୁଶୀଳନୀ—୨୨



ଚଳନ୍ତା

ଅନ୍ତ-ନ୍ତେ .... କନ୍ତୁ, କେନ୍ଦ୍ରିତ-ଠି .... ସନ୍ତାନ-ନ୍ଦେଶ ....

କଥାବନସିବ—ଯନ୍ତ୍ରନ .... ଦୃଷ୍ଟାନ୍ତ ....

୧୮୯) ନ-ଅଙ୍କୁଶ ପୂର୍ବ ଅର୍ଦ୍ଧ ମ-ଲିପି 'କମନ୍ତେ' ପ୍ରତିପାଦନ କରିବ ।

ସୂଚଣିକା

ଏହିବା କମନ୍ତେ .... ଦେବା କମନ୍ତେ ....

୧୯୦) ନିମ୍ନମୁଖୀ ସରଳ ଲିପି ପରବର୍ତ୍ତୀ 'ନାହାନ୍ତି' ନ-ଅଙ୍କୁଶ ଓ ଅର୍ଦ୍ଧ ନ-ଲିପି ଦ୍ୱାରା ପ୍ରତିପାଦିତ ହେବ ।

ଯାଇ ନାହାନ୍ତ .... ଖାଇ ନାହାନ୍ତ .... ଜାଣିନାହାନ୍ତ ....

(କେଉଁ) ଖାଇ ନାହାନ୍ତି ....

ଅନ୍ୟାନ୍ୟ ସୂଚଣିକା

କେଉଁଠାରେ-ରୁ .... ନ ରହନ୍ତ .... ନ ରଖନ୍ତ .... ସଂଶୋଧିତ ....

ସଂଶୋ ଶଶ୍ଚିନ୍ତ-ଚିନ୍ତ .... ସନ୍ତୋଷନାହିଁ .... ପନ୍ଥାନାହିଁ .... ମନେକରନ୍ତୁ ....

ଅନୁଶୀଳନୀ ୯୩

ଲେଖ ଓ ପଢ଼ :—

ଏ ସଂକ୍ରାନ୍ତରେ ମୁଁ ଆଉ କିଛି କହିବା ପୂର୍ବରୁ ସେ ହଠାତ ମୋତେ କହିଲେ ଆପଣ ଏକ ତୁଳସୀ ମାଳା ତୁରନ୍ତ ଆଣନ୍ତୁ ମୁଁ ବୁଝାଇ ଦେବି । ମୁଁ ତତ୍‌କ୍ଷଣାତ୍ ତାହା ଆଣିବା ନିମନ୍ତେ ଲୋକ ପଠାନ୍ତି ଓ ଆଣି ବି ଦିଅନ୍ତି । ସେ ତୁଳସୀ ମାଳା ଦେଖାଇ ମୋତେ କହିଲେ ମନେ କରନ୍ତୁ ଏହା ଏକ ମଣିମାଳା ଯେଉଁ ମଣିମାଳା କଥା ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି । ମୁଁ ତାଙ୍କ ଉଦ୍ଦେଶ୍ୟ ବୁଝିପାରି କହନ୍ତି ଆପଣ ବୋଧହୁଏ କହିବାକୁ ଚାହାନ୍ତି ଏହି କଳ୍ପିତ ମଣିଗର୍ଭରେ ସୂତା ଅଦୃଶ୍ୟ ଭାବରେ ରହିଛି ବୋଲି ଏ ମଣିଗୁଡ଼ିକ ଇତସ୍ତତ ବିକ୍ଷିପ୍ତ ନ ହୋଇ ମାଳାଟି ଯେପରି ଅକ୍ଷୁର୍ଣ୍ଣ ରହିଛି ଠିକ୍ ସେହିପରି ପରମେଶ୍ୱର ଏ ବିଶ୍ୱକୁ ପ୍ରେମରେ ଧାରଣ କରି ରଖିଛନ୍ତି ବୋଲି ଏହା ଅଖଣ୍ଡ ଓ ଅକ୍ଷୁର୍ଣ୍ଣ ରହିଛି ଅନ୍ୟଥା ଏହା ଖଣ୍ଡ ଖଣ୍ଡ ହୋଇଯିବ । ଆପଣଙ୍କ କଥାରେ ଆପାତତଃ ମୁଁ ସନ୍ତୁଷ୍ଟ ହେଲେ ମଧ୍ୟ ଏ ସଂକ୍ରାନ୍ତରେ ଆପଣ ଅନ୍ତତଃ ଏତିକି ମୋତେ କହନ୍ତୁ ମଣି ତୁଳନାରେ ସୂତା ଯେପରି ତୁଚ୍ଛ ସ୍ରଷ୍ଟା କଣ ସୃଷ୍ଟି ତୁଳନାରେ ସେହିଭଳି ତୁଚ୍ଛ ? ମୋର ଏଭଳି ବିଦ୍ରୂପ ମନ୍ତବ୍ୟକୁ ଖଣ୍ଡନ ବା ମଣ୍ଡନ କରିବାକୁ କୌଣସି ପ୍ରୟାସ ନ କରି ସେ ସସ୍ମିତ ବଦନରେ ମୋତେ କହିଲେ—ଆପଣ ତାର୍କିକ ନହୋଇ ପ୍ରେମିକ ହୁଅନ୍ତୁ, ତାହାହେଲେ ଅକ୍ଲେଶରେ ବୁଝିପାରିବେ ସେ ଏକ ଅଟନ୍ତି, ଅନେକ ବି ଅଟନ୍ତି ଅଥଚ ସେ ଏକ ନୁହନ୍ତି କି ଅନେକ ବି ନୁହନ୍ତି କିନ୍ତୁ ଏକ ଅନେକର କାରଣ ସ୍ୱରୂପ ଅଟନ୍ତି । ତେଣୁ ତାଙ୍କୁ ଦ୍ୱନ୍ଦାତୀତ ବୋଲି ପଣ୍ଡିତମାନେ କହନ୍ତି । ମୁଁ ତାଙ୍କୁ ଅନୁରୋଧ କରନ୍ତି ଆପଣ ଏ ସଂକ୍ରାନ୍ତରେ ଅନ୍ତତଃ ଆଉ ଗୋଟିଏ ଦୁଇଟି ଦୃଷ୍ଟାନ୍ତ ଦେଇ ମୋର ସଂଦେହ ମୋଚନ କରନ୍ତୁ । ସେ କହିଲେ ଆପଣ ଜାଣନ୍ତି ମୁଁ ଏକ ଭଣ୍ଡ ଯାଯାବର ବୋଲି ଚତୁର୍ଦ୍ଦିଗରେ ପରିକୀର୍ତ୍ତିତ ହେଉଛି ଅଥଚ ଯାହା ବୁଝାଇବାକୁ ଗୋଟିଏ କଳ୍ପ ବି ଯଥେଷ୍ଟ ନୁହେଁ ତାହା ଅଳ୍ପ ସମୟରେ ବୁଝାଇବା ପାଇଁ ଆପଣ ମୋତେ କହୁଛନ୍ତି । ମୁଁ ଅନୁରୋଧ କରନ୍ତି ଯେ ଆପଣ ଯଦି ମୋର ଏହି ସାମାନ୍ୟ ଅନୁରୋଧ ନ ରଖନ୍ତି ଅନ୍ତତଃ ମୁଁ ଯିବା ପର୍ଯ୍ୟନ୍ତ ଆପଣ ଧର୍ମଶାଳାରେ ରୁହନ୍ତୁ । ତା ନ ହେଲେ ଆଉ କେଉଁଠାରେ ପୃଥିବୀରେ ମୁଁ ଆପଣଙ୍କୁ ଭେଟିବି ମୋତେ ଅନ୍ତତଃ କହିଥାନ୍ତୁ ।



ପଞ୍ଚବିଂଶ ପରିଚ୍ଛେଦ

ଦ୍ୱିକରଣ (Doubling)

୧୯୧) ଟ, ଡ, ତ, ଦ ଯୋଗେ ପୂର୍ଣ୍ଣଲିପି ଯେପରି ସ୍ଥଳବିଶେଷରେ ଅର୍ଦ୍ଧୀକୃତ ହୁଏ ସେହିପରି ଟ୍ର-ଟର; ଡ୍ର-ଡର, ତ୍ର-ତର, ଦ୍ର-ଦର ଯୋଗେ ପୂର୍ଣ୍ଣଲିପି ସ୍ଥଳବିଶେଷରେ ଆକାରରେ ଦ୍ୱିଗୁଣିତ ହେବ । ଏହି ପ୍ରକ୍ରିୟା ଦ୍ୱିକରଣ ନାମରେ ଅଭିହିତ ହେବ ।

୧୯୨) ସାଧାରଣତଃ କ, ଗ, ପ ପ୍ରଭୃତି ଏକକ ସରଳ ଲିପି ବୃତ୍ତ ବା ଆଙ୍କୁଶ ଯୁକ୍ତ ହେଲେ ହିଁ ଟ୍ର-ଟର, ତ୍ର-ତର ଇତ୍ୟାଦି ଯୋଗେ ଦ୍ୱିଗୁଣିତ ହେବ; ଅନ୍ୟଥା ନୁହେଁ । କିନ୍ତୁ ବୃତ୍ତ ବା ଆଙ୍କୁଶ ବିହୀନ ଏକକ ବକ୍ରଲିପି ଟ୍ର-ଟର; ତ୍ର-ତର ଇତ୍ୟାଦି ଯୋଗେ ଦ୍ୱିଗୁଣିତ ହେବ ।



୧୯୩) ଏକକ ଅଂ-ଲିପି କେବଳ ଫ-ଫର ଯୋଗେ ଦ୍ୱିଗୁଣିତ ହେବ । କିନ୍ତୁ ଆଦ୍ୟରେ ବୃତ୍ତ, ଅଙ୍କୁଶ ବା ଅନ୍ୟଲିପି ଥିଲେ ଅଂ-ଲିପି ଦ୍ର-ଦର, କ୍ର-କର, ଗ୍ର-ଗର-ଗାର ଏବଂ ସ୍ଥଳବିଶେଷରେ ଧ୍ର-ଧର-ଧାର ଯୋଗେ ମଧ୍ୟ ଦ୍ୱିଗୁଣିତ ହେବ । ଦ୍ୱିଗୁଣିତ ଅଂ-ଲିପିକୁ ମଧ୍ୟରେ ଛେଦନ କରି ଧ୍ର-ଧର-ଧାର ଯୋଗ ତାହା ଦ୍ୱିଗୁଣିତ ହୋଇଛି ବୋଲି ସୂଚିତ କରାଯିବ ।



୧୯୪) ଭ-ଅଙ୍କୁଶ ଯୁକ୍ତ ନ ଲିପି ଧର-ଧାର, ବର-ବାର ବା ଭର-ଭାର ଯୋଗେ ଦ୍ୱିଗୁଣିତ ହେବ ।



୧୯୫) ବୃତ୍ତି, ବ୍ୟବସାୟ ଓ ପଦବୀସୂଚକ ଅଥବା କର୍ତ୍ତୃକାରକ, କର, ଗର, ଗାର, ତର, ତାର, ଦ୍ଧର, ଦ୍ଧାର, ଦର, ଦାର ଇତ୍ୟାଦି ଯୋଗେ ପୂର୍ବବର୍ତ୍ତୀ ଲିପି ଦ୍ୱିଗୁଣିତ ହେବ ଏବଂ ଦ୍ୱିଗୁଣିତ ଲିପିର ତୃତୀୟ ସ୍ଥାନର ସ୍ୱରସଙ୍କେତକୁ ସ୍ଥୂଳ କରାଗଲେ ତାହା କର, କାର, ଗୁର, ଦାର ଇତ୍ୟାଦି ଯୋଗେ ଦ୍ୱିଗୁଣିତ ହୋଇଛି ବୋଲି ବୁଝାଯିବ ।



୧୯୬) ଦ୍ୱିଗୁଣିତ ଲିପି ସଂଲଗ୍ନ ବୃତ୍ତ, ଫାଶ ବା ଅଙ୍କୁଶ ମୂଳ ଲିପି ସଂଲଗ୍ନ ବୋଲି ସ୍ମରଣ ରଖି ପଢ଼ିବା ବେଳେ ପ୍ରଥମେ ଲିପି ତାପରେ ପ୍ରାକ୍ଲଗ୍ନ ଓ ଶେଷରେ ଫ, ଧ୍ର ଇତ୍ୟାଦି ପଢ଼ିବାକୁ ହେବ ।



୧୯୭) ମିତସଂସ୍ଥାନ ବ୍ୟାହତ ନ ହେଲେ ଦ୍ୱିକରଣ ପ୍ରକ୍ରିୟା ପ୍ରସୂତ ମୂଳଶବ୍ଦର ରୂପକ ଯୌଗିକ ଶବ୍ଦରେ ଅପରିବର୍ତ୍ତିତ ରହିବ ।



୧୯୮) ସାଧାରଣତଃ ଅନ୍ତ୍ୟ ଷ/ସ୍ତ୍ର ଇତ୍ୟାଦି ପରେ ସ୍ୱରବର୍ଣ୍ଣ ଥିଲେ କିମ୍ବା ମିତସଂସ୍ଥାନର ଅନୁକୂଳ ନ ହେଲେ ଦ୍ୱିକରଣ କରାଯିବ ନାହିଁ । ଶାସ୍ତ୍ର, ବସ୍ତ୍ର ପ୍ରଭୃତି ଏକକ ଶବ୍ଦର ରୂପକ ସ୍ତ୍ର-ଫାଶ ଯୋଗେ ଲେଖାଯିବ । ଅନ୍ୟ ଶବ୍ଦ ସହିତ ଯୁକ୍ତ ହେଲେ ମିତସଂସ୍ଥାନ ନମିତ୍ତ ସ୍ଥଳବିଶେଷରେ ଏସବୁ ଶବ୍ଦର ରୂପକ ଦ୍ୱିକରଣ ପ୍ରକ୍ରିୟାରେ ଲେଖାଯାଇ ପାରେ ।



୧୯୯) ପ୍ରଥମ ବା ଦ୍ୱିତୀୟ ସ୍ୱରସଙ୍କେତ ଯୁକ୍ତ ଦ୍ୱିଗୁଣିତ ନିମ୍ନମୁଖୀ ଲିପି ଗାରକୁ ଭେଦ କରି ଲେଖାଯିବ । ଅନ୍ୟାନ୍ୟ ଦ୍ୱିଗୁଣିତ ଲିପି ପ୍ରତି ସାଧାରଣ ନିୟମ ପ୍ରଯୁକ୍ତ ହେବ ।



ପଢ ଓ ଲେଖ

ଅନୁଶୀଳନୀ - ୧୪



ଅନୁଶୀଳନୀ—୧୫

ଲେଖ ଓ ପଢ :—

(୧) ଭଦ୍ର, ଅଭଦ୍ର, ଅଭଦ୍ରାମି, କୁସଂସ୍କାର, କୁସଂସ୍କାରକ, ସାନ୍ଦ୍ର, ତରଙ୍ଗ, ଗୃହର୍ଜିକ, କ୍ଷପାନ୍ତର, ବାରାନ୍ତର, ଦାରାନ୍ତର, (୨) ପ୍ରକାରାନ୍ତର,

ସ୍ଥାନାନ୍ତର, ଗତ୍ୟନ୍ତର, ଦେଶାନ୍ତର, ପ୍ରତ୍ୟନ୍ତର, ଅନନ୍ତର, ଉଦନନ୍ତର, ଜମାଦାର, ଜାମିନଦାର, ଜାଗିରଦାର (୩) ବନ୍ଧର, ସୁନ୍ଦର, ସ୍ପନ୍ଦର, ଅହଙ୍କାର, ସ୍ୱତନ୍ତ୍ର, ଷଡ଼ଯନ୍ତ୍ର, ଜମାଦାର, ଜମିଦାରୀ, ହାବିଲଦାର (୪) ଠିକାଦାର, ଭଣ୍ଡାର, ଭଣ୍ଡାରୀ, ସ୍ନାତକୋତ୍ତର, ଉପାଧ୍ୟକ୍ଷର, ରାଷ୍ଟ୍ରଭାଷା, ରାଷ୍ଟ୍ରାଧ୍ୟକ୍ଷ, ପ୍ରଶ୍ନୋତ୍ତର (୫) ଖେଳର, ନିରନ୍ତର, ସୌଦାଗର, ସୌଦାଗରୀ, ଅଂଶୀଦାର, ଭାଗିଦାର, ନିରନ୍ତ୍ର, ଯୁଗାନ୍ତର, ନଙ୍ଗର, ହାଙ୍ଗର, ହୁଙ୍କାର ।

ଚଳନ୍ତିକା



ସ୍ମରଣିକା

୧୦୦) ଯୁଗ୍ମ ଶବ୍ଦସ୍ଥ ପୂର୍ଣ୍ଣଲିପି ନିମ୍ନଲିଖିତ ପଦାଂଶ ଯୋଗେ ଦ୍ୱିଗୁଣିତ ହେବ ।



୧୦୧) ଗୋଟିଏ ଲିପିରେ ସୀମାବଦ୍ଧ ରୂପକର ପୁନରାବୃତ୍ତି ଘଟିଲେ ମିତସଂସ୍ଥାନ ପ୍ରତି ଦୃଷ୍ଟି ଦେଇ ଉକ୍ତ ଲିପିକୁ ଦ୍ୱିଗୁଣିତ କରାଯାଇପାରେ ।



୧୦୨) ସାଧାରଣତଃ ସ୍ମରଣିକାରେ ସ୍ୱରସଂକେତ ଦିଆଯାଏ ନାହିଁ କିନ୍ତୁ ଦୁଇଟି ରୂପକର ଆକାର ଏକ ହେଲେ ଉକ୍ତ ସ୍ୱରବର୍ଣ୍ଣ ପାଇଁ ସ୍ୱରସଂକେତ ଦେବାକୁ ହୁଏ ।



୧୦୩) ମିତସଂସ୍ଥାନର ଅନୁକୂଳ ହେଲେ ପାର, ପାରେ, ପାରି ଏବଂ ସ୍ଥଳବିଶେଷରେ ପରେ ଯୋଗେ ପୂର୍ବବର୍ତ୍ତୀ ଲିପି ଦ୍ୱିଗୁଣିତ ହେବ ।



(ଅନୁଶୀଳନୀ—୧୭ ପରପୃଷ୍ଠାରେ ଦ୍ରଷ୍ଟବ୍ୟ)

ଲେଖ ଓ ପଢ଼ : ଅନୁଶୀଳନୀ—୧୭

ଦେଶବାସୀ ମଧ୍ୟରେ ବିଭେଦ ଓ ବିବାଦ ନିରବଚ୍ଛିନ୍ନ ଭାବରେ ଲାଗି ରହିଥିବାରୁ ଅତୀତରେ ଏହିପରି ଥରକୁ ଥର ଆମ ଉପରେ ଆକ୍ରମଣ ହୋଇଛି ଏକଥା ସତ୍ୟ । ଏପରି ବି ହୋଇପାରେ ଯେ ଅନ୍ୟ କୌଣସି ଦେଶ ସଶସ୍ତ୍ର ଆକ୍ରମଣ କରି ଆମର ଗଣତାନ୍ତ୍ରିକ ଅଧିକାରକୁ ବଳାତ୍କାର ଛଡ଼ାଇ ନେବାକୁ ହୁଏତ ଷଡ଼ଯନ୍ତ୍ର କରିବ । ଏ ପର୍ଯ୍ୟନ୍ତ ଆମେ ଏହାର ପ୍ରମାଣ ଯଥାର୍ଥ ଭାବରେ ପାଇ ନଥିଲେ ମଧ୍ୟ ଏହା ଅପେକ୍ଷା ଗୁରୁତର ବିପଦର ସଶସ୍ତ୍ର ମୁକାବିଲା କରିବା ପାଇଁ ଆମର ଯଥେଷ୍ଟ ସାମର୍ଥ୍ୟ ଅଛି । ତଥାପି ସୀମାନ୍ତ ପରିସ୍ଥିତି ଯଥାର୍ଥ ଭାବରେ ଜଟିଳ ହୋଇଥିବାରୁ ବିଶେଷତଃ ଶତ୍ରୁପକ୍ଷ ଦୂରଗାମୀ କ୍ଷେପଣାସ୍ତ୍ର ନିର୍ମାଣ କରିଥିବାର ନିର୍ଭରଯୋଗ୍ୟ ପ୍ରାମାଣିକ ତଥ୍ୟ ଆମେ ଇତି ମଧ୍ୟରେ

ପାଇଥିବାରୁ ସେ ଦିଗରେ ନିର୍ଦ୍ଦିଷ୍ଟ ପଦକ୍ଷେପ ନେବା ସକାଶେ ଆମେ ଆମର ବିଶେଷଜ୍ଞମାନଙ୍କୁ ନିର୍ଦ୍ଦେଶ ଦେଇଛୁ । ଏ ଦିଗରେ ଅନ୍ୟ କୌଣସି ଉନ୍ନତତର ଦେଶର ସାହାଯ୍ୟ ସହଯୋଗ ନ ନେବାର ଏକମାତ୍ର କାରଣ ହେଉଛି ଆମେ ଯେଉଁ ନୀତି ନିର୍ଦ୍ଧାରଣ କରିଛୁ ସେହି ନିର୍ଦ୍ଧାରିତ ନୀତି ପ୍ରତି ଆମର ଗଭୀର ଶ୍ରଦ୍ଧା, ଆନ୍ତରିକତା ଓ ଆନୁଗତ୍ୟ ଥିବାରୁ ଆମେ ତାହା କରିବାକୁ ଅସମର୍ଥ ହେଉଛୁ । ବନ୍ୟା ଓ ବାତ୍ୟା ଫଳରେ ଆମ ଦେଶରେ ବେକାର ସମସ୍ୟା ଗୁରୁତର ପରିସ୍ଥିତି ସୃଷ୍ଟି କରିଛି ସତ୍ୟ ତଥାପି ଏସବୁ ବାଧାବିଘ୍ନକୁ ଭ୍ରୂକ୍ଷେପ ନ କରି ଆମେ ଗଣତନ୍ତ୍ରକୁ ପ୍ରତିଷ୍ଠିତ କରିବା ଲାଗି ଅଧିକ ଅନାଟନକୁ ବେଖାତିର କରିବୁ ବୋଲି ମନସ୍ଥ କରିଛୁ ।

ପଢ଼ ଓ ଲେଖ :- **ଅନୁଶୀଳନୀ- ୪୨**



ଲେଖ ଓ ପଢ଼ :—

କୁଟୀର ଶିଳ୍ପର ଉତ୍ତରୋତ୍ତର ଉନ୍ନତି କାମନା କରି କ୍ଷୁଦ୍ର ଶିଳ୍ପ ଦପ୍ତରର ଡିରେକ୍ଟର ଶ୍ରୀଯୁକ୍ତ ବାହାଦୂର ଦାସ ଦିଲ୍ଲୀରୁ ଏକ ବେତାରବାର୍ତ୍ତା ପ୍ରେରଣ କରିଥିଲେ । ସ୍ୱାଗତକାରୀର ଶ୍ରମିକମାନଙ୍କ ଅନୁରୋଧ ସତ୍ତ୍ୱେ ଶିଳ୍ପ ମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ କେହି ସଭାକୁ ଆସି ପାରି ନଥିବାରୁ ସମସ୍ତେ ନିରାଶ ହୋଇଥିଲେ ହେଁ ଡିରେକ୍ଟରଙ୍କ ବେତାରବାର୍ତ୍ତା କାର୍ଯ୍ୟକ୍ରମର ସାଫଲ୍ୟ ଲାଗି ମନ୍ତ୍ର ଭଳି କାର୍ଯ୍ୟ କଲା । ଏବେ ଅଳ୍ପ ଦିନ ମଧ୍ୟରେ ଅନ୍ତର୍ଜାତିକ କ୍ଷେତ୍ରରେ ଯାହା ସବୁ ଘଟିଗଲା ତଦ୍ୱାରା ନିର୍ଦ୍ଧାରିତ ଭାବରେ ପ୍ରମାଣିତ ହୋଇଗଲା ଯେ ଏପରି ଅସ୍ୱାଭାବିକ ପରିସ୍ଥିତି ମଧ୍ୟରେ ଯେଉଁମାନେ ନାନା ଅପ୍ରତ୍ୟାଶିତ ବାଧାବିଘ୍ନ ସତ୍ତ୍ୱେ ନିର୍ଦ୍ଧାରିତ ଶିଳ୍ପ ନୀତିରେ ଦୃଢ଼ ରହିପାରିଲେ ସେମାନେ ପ୍ରକୃତରେ ବାହାଦୁର । ଆମର ନିୟନ୍ତ୍ରଣ ବ୍ୟବସ୍ଥାର ସ୍ୱାତନ୍ତ୍ର୍ୟ ଯୋଗୁଁ ଆମର କୁଟୀର ଶିଳ୍ପର ଆଶାନୁରୂପ ଉନ୍ନତି ହୋଇଥିବାରୁ କେତେକ କ୍ଷେତ୍ରରେ କୁଟୀର ଶିଳ୍ପକୁ କ୍ଷୁଦ୍ରଶିଳ୍ପ ଉପରେ ନିର୍ଭର କରିବାକୁ ପଡ଼ୁଛି ଏ କଥା ସତ୍ୟ କିନ୍ତୁ ତଦ୍ୱାରା ଆମର ଉଦ୍ୟମ ସଫଳ ବିଫଳ ହୋଇଛି ବୋଲି ଯାହା କୁହାଯାଉଛି ତାହା ଏକତରଫା ରାୟ ଛଡ଼ା ଆଉ କିଛି ହୋଇ ନ ପାରେ । କାରଣ ଆମର ଶତ୍ରୁ ମିତ୍ର ସମସ୍ତେ ସ୍ୱୀକାର କରନ୍ତି ଯେ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଆମର ନୀତି ନିରୂପଣ ବା ନୀତି ନିର୍ଦ୍ଧାରଣ ଦେଶକାଳପାତ୍ର ନିର୍ବିଶେଷରେ ଅତିମାତ୍ରାରେ ଯଥାର୍ଥ । ଏହା ଅପେକ୍ଷା ବଳବତ୍ତର ପ୍ରମାଣ ଆଉ କିଛି ହୋଇ ନ ପାରେ । ଅବଶ୍ୟ ଦେଶରେ କଞ୍ଚାମାଲର ସାମୟିକ ଅଭାବ ପଡ଼ୁଥିବାରୁ ଓ ସୁଦୂର ଆମେରିକାରୁ ଆମେ କେତେକ ଶିଳ୍ପ ସାମଗ୍ରୀ ଆଣିବାକୁ ବାଧ୍ୟ ହେଉଥିବାରୁ ତଦ୍ୱାରା ଗଣତନ୍ତ୍ର କିପରି ବିପନ୍ନ ହେବ ତାହା ସେ ପ୍ରଶ୍ନ କରିଥିଲେ ଏବଂ ଉପସ୍ଥିତ ଜନତା କରତାଳି ଦ୍ୱାରା ତାହା ସମର୍ଥନ କରିଥିଲେ ।

ଷଡବିଂଶ ପରିଚ୍ଛେଦ

ଯୁକ୍ତବର୍ଣ୍ଣ—ଏକ

୨୦୪। ଅଂ-ଲିପି ଓ କ, ଖ, ଗ, ବା ଘ-ଲିପି ଏକତ୍ର ଙ୍କ, ଙ୍ଖ, ଙ୍ଗ ବା ଙ୍ଘ ଧ୍ୱନିର ସ୍ମାରକ ହେବ । କିନ୍ତୁ ଏକାଧିକ ଲିପି- ସମନ୍ୱିତ ଶବ୍ଦରେ ଅନ୍ୟ

ତା ମଧ୍ୟ ଏକକ ଅଂ-ଲିପି ର ପ୍ରତିପାଦନ କରିବ । ଅବଶ୍ୟ ମୂଳଶବ୍ଦରେ ଅଂ ଓ ଗ-ଲିପି ଥିଲେ ସେ ଗିକ ବା ଯୁକ୍ତ ଶବ୍ଦରେ ତାହା ଅପରିବର୍ତ୍ତିତ ରହିବ ।



୧୦୫) ଅନ୍ତ୍ୟରେ ଙ୍ଗ ଓ ଶେଷରେ ଟ, ଠ, ଡ଼ ବା ଢ ଥିବା ଶବ୍ଦରେ ମଧ୍ୟବର୍ତ୍ତୀ ଏକକ ଅଂ-ଲିପି ଙ୍କ, ଙ୍ଖ, ଙ୍ଗ ବା ଙ୍ଘ ସଂପାଦନ କରିବ ।



୧୦୬) ଲୁପାନ୍ତ କୌଣସି ଲିପିକୁ ଛେଦନ କଲେ ତାହା ଚନ୍ଦ୍ରବିନ୍ଦୁ ତୁଲ୍ୟ ସ୍ୱରଯୁକ୍ତ ବୋଲି ବୁଝିଯିବ । ମିଳନସ୍ଥାନ ନଥିଲେ ସ୍ଥଳବିଶେଷରେ ଅଂ-ଲିପି ମଧ୍ୟ ଚନ୍ଦ୍ରବିନ୍ଦୁ ତୁଲ୍ୟ ଧ୍ୱନିର ସ୍ମାରକ ହେବ ।



୧୦୭) ବୃତ୍ତ ବା ଲିପି ସଂଲଗ୍ନ ଅଂ-ଲିପି କର, କାର ଇତ୍ୟାଦି ଯୋଗେ ଦ୍ୱିଗୁଣିତ ହେବ ବୋଲି ଦ୍ୱିକରଣ ପ୍ରସଙ୍ଗରେ ପୂର୍ବରୁ କୁହାଯାଇଛି । କିନ୍ତୁ ମିଳନସ୍ଥାନର ଅନୁକୂଳ ନ ହେଲେ ସ୍ଥଳବିଶେଷରେ ର-ଆଙ୍କୁଶ ଯୁକ୍ତ ଅଂ-ଲିପି ଙ୍କର, ଙ୍କାର, ଙ୍ଗର, ଙ୍ଗାର ଇତ୍ୟାଦିର ସ୍ମାରକ ହେବ ।



୧୦୮) ଲ-ଆଙ୍କୁଶ ଯୁକ୍ତ ଅଂଲିପି ଙ୍କଲ, ଙ୍କାଲ, ଙ୍କାଲା ଙ୍ଗାଲ, ଙ୍ଗାଲା, ଇତ୍ୟାଦିର ସ୍ମାରକ ହେବ ।



୧୦୯) ଈ, ଈ୍ର, ଈ, ଈ ଇତ୍ୟାଦି ଯୁକ୍ତବର୍ଣ୍ଣ ସାଧାରଣ ଭାବରେ ଲେଖାଯିବ ।



ପଢ଼ ଓ ଲେଖ : ଅନୁଶୀଳନୀ -



ଅନୁଶୀଳନୀ - ୧୦୭

ଲେଖ ଓ ପଢ଼ :—

(୧) ପଙ୍କଜ, ମାକର୍ଯ୍ୟାଙ୍କ, ପଦାଙ୍କ, ଅଙ୍ଗଦ, ଗନ୍ଧକ, କଙ୍କାଳ, କଳାଙ୍କୁଳ, ବାଞ୍ଛା, ମାଞ୍ଜି, ସଂଶୋଧନ, ସଂଶୋଧିତ (୨) ଉଆଁଶ, ଅଙ୍କନ, ସଂଯମ, ଶଂକିତ, ସଂକ୍ଷେପ, ସଂକ୍ଷିପ୍ତ, ମନ୍ଥର, ରୋମନ୍ଥନ, ସାଙ୍କେତିକ (୩) ଅସଂଗତ, ସାଙ୍ଘାତିକ, ସଞ୍ଚିତ, ସିଞ୍ଚିତ, ସଞ୍ଜିବନୀ, ମଞ୍ଚ, ମାଲଞ୍ଚ, ରୋମାଞ୍ଚ, ସଂଙ୍କଟ, ପଟାନ୍ତର (୪) ଲଣ୍ଡ, କଣ୍ଠାଗତ, ନୀଳକଣ୍ଠ, ମେଣ୍ଢା, ଭେଣ୍ଡି, ଫଣ୍ଡ, ଲେଙ୍ଗଡ଼ା, ଲେଙ୍ଗୁଟି (୫) ବଙ୍ଗାଳୀ, ଫାଙ୍ଗାଳଦେଇ, ଘଙ୍କିଲ, ମହିଆଁ ।





ଅନୁଶୀଳନୀ—୧୦୨

ଲେଖ ଓ ପଢ଼ :—

ପନ୍ଦର ବର୍ଷ ପୂର୍ବେ ମାତ୍ର ଦୁଇ ଟଙ୍କାରେ ଯେତିକି ଜିନିଷ ମିଳୁଥିଲା ବର୍ତ୍ତମାନ ପନ୍ଦର ଟଙ୍କାରେ ସେତିକି ଜିନିଷ ସଂଗ୍ରହ କରିବା କଷ୍ଟକର । ଅର୍ଥନୀତିଜ୍ଞମାନେ କହୁଛନ୍ତି ଜନସଂଖ୍ୟା ବୃଦ୍ଧି ଫଳରେ ଦେଶ ଆଜି ନାନା ଅର୍ଥନୈତିକ ସମସ୍ୟାର ସମ୍ମୁଖୀନ । ପଣ୍ଡିତମାନେ କହୁଛନ୍ତି ଲୋକଙ୍କୁ ଟଙ୍କା ବେଶୀ ନ ମିଳିବା ବରଂ ଭଲ । କାରଣ ଟଙ୍କା ବେଶି ମିଳିବା ସଙ୍ଗେ ସଙ୍ଗେ ଅଶାନ୍ତି ଅସନ୍ତୋଷର ମାତ୍ରା ବଢ଼ିବ ଓ ତା ଫଳରେ ସୁଖ ସ୍ୱାଚ୍ଛନ୍ଦ୍ୟ ହ୍ରାସ

ପାଇବ ଏବଂ ନୂଆ ନୂଆ ଢଙ୍ଗରେ ଅର୍ଥ ସଂଗ୍ରହ କରିବାର ବିକଳ୍ପ ପନ୍ଥା ବିଦେଶରୁ ଆମଦାନୀ କରାଯିବ । ଇଂରେଜମାନେ ଥିଲା ବେଳେ ଏତେ ଟଙ୍କା ନ ଥିଲା କି ନୂଆ ନୂଆ ଢଙ୍ଗରେ ଅର୍ଥ ସଂଗ୍ରହ ଓ ଅର୍ଥ ବ୍ୟୟ ଉପାୟ ଆମକୁ ଏତେ ଜଣା ନ ଥିଲା । ଇଂରେଜମାନେ ଦେଶର ସାମ୍ପ୍ରଦାୟିକ ଉନ୍ନତି ପଥରେ ଅନ୍ତରାୟ ସୃଷ୍ଟି କରୁଥିଲେ ଓ ଲୋକଙ୍କୁ ଭୟ ଦେଖାଉଥିଲେ । ସ୍ୱୟଂ ଗାନ୍ଧିଜୀଙ୍କ ନେତୃତ୍ୱରେ ଆମେ ଅଣ୍ଟା ଭିଡ଼ି ବାହାରି ପଡ଼ିଲୁ ଇଂରେଜମାନଙ୍କୁ ଏ ଦେଶରୁ ତଡ଼ିବା ପାଇଁ । ଇଂରେଜମାନେ ଗଲେ କିନ୍ତୁ ଇଂରେଜୀ ଭାଷା ଓ ସଂସ୍କୃତି ଏ ଦେଶରେ ରହିଗଲା । ଏବେ ଆଞ୍ଚଳିକ ଭାଷାକୁ ଅଗ୍ରାଧିକାର ଦେବା ନାଁରେ ସଂଖ୍ୟାଏ ଲୋକ ହିନ୍ଦୀକୁ ରାଷ୍ଟ୍ରଭାଷା କରିବା ପାଇଁ ଦାବୀ କରୁଛନ୍ତି । ବହୁ ଲୋକେ କହୁଛନ୍ତି ମୂଳରୁ ସଂସ୍କୃତକୁ ରାଷ୍ଟ୍ରଭାଷା କରିଥିଲେ ଏ ଜଞ୍ଜାଳ ନଥାନ୍ତା । ଦେଶର ଅଖଣ୍ଡତା ରକ୍ଷା ଲାଗି ଯେଉଁମାନେ ଦୃଢ଼ ସଂକଳ୍ପ କରିଥିଲେ ସେମାନେ ଏବେ ଭାଷା ଜଞ୍ଜାଳରେ ଭୁଆଁ ବୁଲି ନିଜର ସଂକଳ୍ପ ତ୍ୟାଗ କରିବାକୁ ପ୍ରସ୍ତୁତ ହେଲେଣି ।

ସପ୍ତବିଂଶ ପରିଚ୍ଛେଦ

ଯୁକ୍ତବର୍ଣ୍ଣ—ଦୁଇ

୨୧୦) ସ୍ଥୂଳ ମ-ଲିପି ମ୍ପ, ମ୍ଫ, ମ୍ବ, ମ୍ଭ ପ୍ରତିପାଦନ କରିବ ।



୨୧୧) ସ୍ଥୂଳ ମ-ଲିପି ଆଦ୍ୟରେ ର-ଆଙ୍କୁଶ ନ୍ୟସ୍ତ ହେଲେ ବା ଉକ୍ତ ଲିପି ଦ୍ୱିଗୁଣିତ ହେଲେ ମ୍ପର, ମ୍ବର ଇତ୍ୟାଦି ପ୍ରତିପାଦିତ ହେବ । ଆନୁଭୂମିକ ଲିପି ପରେ ସାଧାରଣତଃ ଆଙ୍କୁଶଯୁକ୍ତ ଲିପି ଲେଖାଯିବ ।



୨୧୨) ନ୍ନ ସାଧାରଣ ଭାବରେ ଲେଖାଯିବ । କିନ୍ତୁ ନିମ୍ନମୁଖୀ ଲିପି ପରବର୍ତ୍ତୀ ସ୍ଥୂଳ ମ-ଲିପି ସ୍ଥଳବିଶେଷରେ ନ୍ନ-ର ସ୍ମାରକ ହେବ ।

୨୧୩) ହ୍ଲ, ହ୍ମ, ହ୍ଂ, ହ୍ଲ-ଉଚ୍ଚାରଣ ହ ଉହ୍ୟ ରହିବ ଏବଂ ହ ପରବର୍ତ୍ତୀ ଏକ ଉର୍ଦ୍ଧ୍ୱ ନିକଟବର୍ତ୍ତୀ ସ୍ୱରସଂକେତ ପାଖରେ ବସାଯିବ । ସ୍ଥଳବିଶେଷରେ ଅଧୋମୁଖୀ ସ୍ଥୂଳ ଲ-ଲିପି ହ୍ଲ-ର ସ୍ମାରକ ହେବ । ମିତ-ସଂସ୍ଥାନର ଅନୁକୂଳ ନହେଲେ ହ-ଲିପି ମଧ୍ୟ ଲେଖାଯିବ ।



୨୧୪) ଅନ୍ୟାନ୍ୟ ଯୁକ୍ତବର୍ଣ୍ଣ ସାଧାରଣ ନିୟମରେ ଲେଖାଯିବ ।





ଅନୁଶୀଳନୀ—୧୦୪

ଲେଖ ଓ ପଢ଼ :—

(୧) ସେପ୍‌ଟେମ୍ବର, ନଭେମ୍ବର, ଡ଼ିସେମ୍ବର, ସମ୍ଭାର, ଅଙ୍ଗୀକାର, ବେନାମୀ, ବହ୍ନଲ, ଗହ୍ୱଲ, ସଂପତ୍ତି, ଡ଼େମ୍ଫ (୨) କମ୍ବା, କୁଟ୍ମ୍ବ, ବମ୍ବାଧର୍ମ, ହୃତ୍କମ୍ପ, ଚହ୍ଲ, ଆରବ୍ଧ, ଚୁମ୍ବକ (୩) କ୍ଷୁବ୍ଧ, ବ୍ରହ୍ମା, ପାରବ୍ଧ, ବ୍ରାହ୍ମ ଉହ୍ନେଇ, ଜହ୍ଲ, ମହିଆ, ସଂଭ୍ରମ (୪) ଦୁହେଁ, ସମ୍ଭବତଃ, ବାଘାନ୍ତର, ଚନ୍ଦ୍ରସ୍ଥ ହିରଣ୍ମୟ (୫) ଅବଲମ୍ବେ, ବହ୍ନଲ, ବାର୍ଷ୍ଣି, ସମ୍ଭୋଗ, ସାମ୍ବାଦିକ, ଭର୍ତ୍ସା, ସଂପାଦନା, ମାମୁଁ, ମହର୍ଷି, ଗୋସେଇଁ ।





ସ୍ମରଣିକା

୨୧୫) ଏକାଧିକ ଲିପି ସମନ୍ୱିତ କ୍ରିୟାପଦ ପରବର୍ତ୍ତୀ ହେଲା/ହେଲେ ଇତ୍ୟାଦି ନିମ୍ନମୁଖୀ ସ୍ଥୂଳ ଲ-ଲିପି ଦ୍ୱାରା ପ୍ରତିପାଦିତ ହେବ ଏବଂ ମଧ୍ୟବର୍ତ୍ତୀ-କୁ ଉହ୍ୟ ରହିବ ।



(ଅନୁଶୀଳନୀ—୧୦୫ ପୃଷ୍ଠା ୧୨୫ ଦେଖ)

ଅନୁଶୀଳନୀ—୧୦୬

ଲେଖ ଓ ପଢ଼ :—

ବସନ୍ତର ଏକ ଶାନ୍ତ ଶୀତଳ ମନୋରମ ସନ୍ଧ୍ୟା । ଆଜି ରାଜଦମ୍ପତ୍ତି ସମ୍ବାଦ ପାଇଲେ ଯେ ସଂପ୍ରତି କଳିଙ୍ଗ ରାଜ୍ୟର ଏକ ଯୁବକ ସଂପୂର୍ଣ୍ଣ ଅସମ୍ଭବ ଅଭିଳାଷ ମନରେ ପୋଷଣ କରି ରାଜଦର୍ଶନ ଲାଗି ସମାଗତ । ରାଜାଙ୍କ କୌତୂହଳ ଓ ସନ୍ଦେହ ମୋଚନ କରିବା ଲାଗି ମହାମନ୍ତ୍ରୀ ନିଜେ ସନ୍ଧାନ ନେଇ

ବୁଝିଲେ ଯେ ଯୁବକ କଳିଙ୍ଗ ରାଜ୍ୟର ବାସିନ୍ଦା ଓ ସଂଭ୍ରାନ୍ତ ବଂଶୋଦ୍ଭବ । ଯଦିଓ ସେ ତାର ନାଁ । ଗାଁ ସଂପୂର୍ଣ୍ଣ ଗୋପନ ରଖିଛି ତଥାପି ସେ ଯେ ଧାର୍ମିକ ଓ ଚତୁର ସେଥିରେ କୌଣସି ସନ୍ଦେହ ନାହିଁ । ଯୁବକ ଯେପରି ଆରାମରେ ରହିବ ତାର ସୁବନ୍ଦୋବସ୍ତ କରି ଦେଇ ମହାମନ୍ତ୍ରୀ ଯୁବକ ସମ୍ବନ୍ଧରେ ସମ୍ପୂର୍ଣ୍ଣ ସମ୍ବାଦ ରାଜାଙ୍କୁ ଜଣାଇଲେ । ରାଜା ସମସ୍ତ ସମ୍ବାଦ ଶୁଣି କାଳ ବିଳମ୍ବ ନ କରି ଯୁବକଙ୍କୁ ଡକାଇ ପଠାଇଲେ । ଯୁବକ ରାଜାଙ୍କୁ ସାଡ଼ମ୍ବର ଅଭିବାଦନ କରି ନିଜର ଆଗମନ ସମ୍ପର୍କରେ କେବଳ ଏତିକି କହିଲେ ଯେ ଭୋଗ ଓ ସମ୍ଭୋଗ ମଧ୍ୟରେ ବସ୍ତୁତଃ ତଫାତ୍ କଣ ଓ ସେ ସମ୍ପର୍କରେ ସମ୍ୟକ୍ ଜ୍ଞାନ ଲାଭର ଉପାୟ କଣ ତାହା ସେ ରାଜାଙ୍କଠାରୁ ବୁଝିବାକୁ ଆସିଛନ୍ତି । ରାଜା ତାଙ୍କ ସଭାର ପଣ୍ଡିତମାନଙ୍କୁ ଏ ପ୍ରଶ୍ନର ସମୁଚିତ ଉତ୍ତର ଏକ ସପ୍ତାହ ମଧ୍ୟରେ ଦେବାକୁ ଆଦେଶ ଦେଲେ । ପଣ୍ଡିତମାନେ ବହୁ ଚେଷ୍ଟା କଲେ ମଧ୍ୟ ଭୋଗ ଓ ସଂଭୋଗ ସମ୍ବନ୍ଧରେ ସେମାନଙ୍କର ବ୍ୟାଖ୍ୟା ବା ତର୍ଜମା ରାଜାଙ୍କର ମନଃପୂତ ହେଲାନାହିଁ । ଇତି ମଧ୍ୟରେ ସମ୍ପୂର୍ଣ୍ଣ ଏକପକ୍ଷ ଅତୀତ ହୋଇଗଲା । ତଥାପି ପଣ୍ଡିତମାନେ ସମର୍ଥ ନହେବାରୁ ପଞ୍ଚାୟତ ସଙ୍ଗଠନର ମୁଖ୍ୟ ରାଜାଙ୍କୁ ପରାମର୍ଶ ଦେଲେ ଯେ ପ୍ରଶ୍ନକର୍ତ୍ତା ସମ୍ଭବତଃ ଅକ୍ଳେଶରେ ନିଜ ପ୍ରଶ୍ନର ଉତ୍ତର ଦେଇ ପାରିବେ । ସେ ଯଦି ଏହାର ଯଥାଯଥ ଉତ୍ତର ଦେବାକୁ ସମର୍ଥ ହେବେ ତେବେ ତାଙ୍କୁ ଆପଣ କିଛି ପୁରସ୍କାର ଦେବେ । ଶେଷରେ ତାହାହିଁ ସ୍ଥିର ହେଲା । ଏ ଅସମ୍ଭବ ପ୍ରଶ୍ନର ଉତ୍ତର ଦେବା ଯୁବକ ପକ୍ଷରେ ସମ୍ଭବ ହେବ କି ନାହିଁ ତାହା ଦେଖିବା ପାଇଁ ବହୁ ଲୋକ ସମାଗମ ହେଲା । ଯୁବକ ସମ୍ବନ୍ଧରେ ପୂର୍ଣ୍ଣ ସମ୍ବାଦ ପରିବେଷଣ କରିବା ଲାଗି ଗୃଜଆଡ଼୍ ସାମ୍ବାଦିକମାନେ ଆସି ଜୁଟି ହେଲେ । ଆଜି, ରାଜକେମା ଏହି ଧାର୍ମିକ ଯୁବକଙ୍କୁ ଦର୍ଶନ କରିବା ଲୋଭ ସମ୍ବରଣ କରି ନ ପାରି ସଭାମଣ୍ଡନ କଲେ । ଆଗମନ ସମୟରେ ତାଙ୍କ ଗଭାରୁ ଏକ ଚମ୍ପକ କଳିକା ଭୂପତିତ ହେଲା ଯାହାକି କେମାଙ୍କ ଲାକ୍ଷାରଞ୍ଜିତ ଚରଣ ସ୍ପର୍ଶରେ ଦଳି ହୋଇଗଲା । କିନ୍ତୁ ଯୁବକ ସମ୍ପୂର୍ଣ୍ଣ ନିର୍ବିକାର ଚିତ୍ତରେ ସଙ୍ଗେ ସଙ୍ଗେ ସେହି ଦଳିତ ଚମ୍ପକ କଳିକାକୁ ଅତି ଯତ୍ନରେ ସାଉଟି ନେଇ ଆଘ୍ରାଣ କରିବାକୁ ଲାଗିଲେ । ଏତଦ୍ଦ୍ୱାରା ଭୋଗ ଓ ସଂଭୋଗ ମଧ୍ୟରେ ବସ୍ତୁତ ପ୍ରଭେଦ କଣ ତାର ଦୃଷ୍ଟାନ୍ତ ସ୍ୱଚକ୍ଷୁରେ ଦେଖି ରାଜା ଚମତ୍କୃତ ହେଲେ ।



ଅଷ୍ଟବିଂଶ ପରିଚ୍ଛେଦ

ଆଦ୍ୟ ପଦାଂଶ

୨୨୬) ଅଧଃ, ଅଧି, ଅବ ସାଧାରଣ ନିୟମରେ ଲେଖାଯିବ ।



୨୨୭) ଇନ୍ଦ୍ର, ଇନ୍ଦ୍ରିୟ—ଦ୍ୱିଗୁଣିତ ନ-ଲିପି ଏହାର ସୂଚକ ହେବ ।



୨୧୮) ଉତ୍, ଉପ, ଅନୁ ଓ ଏଗୁଡ଼ିକର ରୂପାନ୍ତର ଉଦ, ଉନ୍, ଉପା, ଆନୁ ଇତ୍ୟାଦି ଏକ ଉର୍ଦ୍ଧ୍ୱବିନ୍ଦୁ ଦ୍ୱାରା ପ୍ରତିପାଦିତ ହେବ । ଏହାକୁ ଉର୍ଦ୍ଧ୍ୱବିନ୍ଦୁ କୁହାଯିବ : ଏହା ରୂପକର ଆଦ୍ୟରେ ଦିଆଯିବ ।



୨୧୯) ଉର୍ଦ୍ଧ୍ୱବିନ୍ଦୁକୁ ସ୍ଥୂଳ କରି ରୂପକ ଆଦ୍ୟରେ ଲେଖି ତାହା ଇଂରାଜୀ ଉପପଦ (Prefix) କନ୍, କମ୍‌ର ସ୍ମାରକ ହେବ ।



୨୨୦) ରୂପକ ଆଦ୍ୟରେ ଉର୍ଦ୍ଧ୍ୱବିନ୍ଦୁ ନ ଦେଇ ରୂପକକୁ ତତ୍ପୂର୍ବବର୍ତ୍ତୀ ରୂପକ ସନ୍ନିକଟରେ ଲେଖାଗଲେ ଉର୍ଦ୍ଧ୍ୱବିନ୍ଦୁର ଉପସ୍ଥିତି ସୂଚିତ ହେବ ।



୨୨୧) ମିତସଂସ୍ଥାନର ଅନୁକୂଳ ନହେଲେ ଉର୍ଦ୍ଧ୍ୱବିନ୍ଦୁ ପରବର୍ତ୍ତୀ ଲିପି ଲେଖାଯିବ ।



୨୨୨) ତତ୍ତ୍ୱ - ଅର୍ଦ୍ଧ ତ-ଲିପି ତତ୍ତ୍ୱ ପ୍ରତିପାଦନ କରିବ ଓ ମିତସଂସ୍ଥାନ ନିମିତ୍ତ ଏହା ଉଭୟ ପାର୍ଶ୍ୱରେ ଲେଖାଯିବ ।



୨୨୩) ଦୁ, ଦୁର, ଦୁସ, ଇତ୍ୟାଦି ନିନ୍ଦିତ ବା କଷ୍ଟସୂଚକ ଆଦ୍ୟ ପଦାଂଶଗୁଡ଼ିକ ଦ୍ୱିସ୍ୱର ସଙ୍କେତ 'ଆଇ' ଦ୍ୱାରା ପ୍ରତିପାଦିତ ହେବ । ଏହା ରୂପକର ଆଦ୍ୟରେ ଲଗିକରି ଲେଖାଯିବ ଏବଂ ପରବର୍ତ୍ତୀ ଲିପି ହିଁ ରୂପକର ସ୍ଥିତିନସ୍ଥାମକ ହେବ । ମୌଳିକ ଶବ୍ଦରେ ବ୍ୟବହୃତ ସଂକେତ ଯୌଗିକ ଶବ୍ଦରେ ଅପରିବର୍ତ୍ତିତ ରହିବ ।



୨୨୪) ଦୁଃ, ଦୁର ପରବର୍ତ୍ତୀ ସ୍କର, ଷ୍ପର ଇତ୍ୟାଦିର 'ର' ଉହ୍ୟ ରହିବ ।



୨୨୫) ପ୍ରତି—ଚଳନ୍ତିକା 'ପ୍ରତି' ଏହି ଆଦ୍ୟପଦାଂଶର ସ୍ମାରକ ହେବ ମିତସଂସ୍ଥାନ ନିମିତ୍ତ ସ୍ଥଳବିଶେଷରେ ପ୍ର ଓ ତ ଲିପି ବା ଆଙ୍କୁଶ ଲେଖାଯିବ ।



୨୨୬) ପ୍ର, ପରି – ର-ଆଙ୍କୁଶ ଯୁକ୍ତ ପ-ଲିପି ପ୍ରଥମ ବା ଦ୍ୱିତୀୟ ସ୍ଥାନରେ ଲେଖାଗଲେ ଯଥାକ୍ରମେ ପ୍ର ବା ପରି ପ୍ରତିପାଦନ କରିବ । ମିତସଂସ୍ଥାନ ନିମିତ୍ତ ସ୍ଥଳବିଶେଷରେ କେବଳ ଲିପି ହିଁ ଲେଖାଯିବ ।



୨୨୭) ମହ, ମହା, ମହୋ—ଏଗୁଡ଼ିକର ରୂପାୟନରେ 'ହ' ଉହ୍ୟ ରହିବ ଓ କେବଳ ମ ଲିପି, ଏଗୁଡ଼ିକର ସ୍ମାରକ ହେବ । ମିତସଂସ୍ଥାନ

ଉମିତ୍ର ମ-ଲିପି ଲଗ୍ନ ବା ବିଚ୍ଛିନ୍ନ ଭାବରେ ଲେଖାଯିବ । ମିତସଂସ୍ଥାନର ଅନୁକୂଳ ନହେଲେ ମ ଓ ହ-ଲିପି ଉଭୟ ଲେଖାଯିବ ।

ମହାତ୍ମା ... ମହାମୂଲ୍ୟ ... ମହର୍ଷି ... ମହାପ୍ରଭୁ ... ମହାଦେଶ ...
ମହାମାରି ... ମହତ୍ ... ମହାଜନ ...

୨୨୮) ସର୍ବ, ସାର୍ବ—ସ-ବୃତ୍ତ ଓ ଉର୍ଦ୍ଧ୍ୱମୁଖ ର-ଲିପି ଦ୍ୱିତୀୟ ସ୍ଥାନରେ ଲେଖାଗଲେ ସର୍ବ, ସାର୍ବ ଇତ୍ୟାଦି ପ୍ରତିପାଦିତ ହେବ । ମିତସଂସ୍ଥାନର ଅନୁକୂଳ ନ ହେଲେ ବ-ଲିପି ମଧ୍ୟ ଲେଖାଯିବ ।

ସର୍ବମାଣ୍ଡ ... ସର୍ବଦା ... ସାର୍ବଭୌମ ... ସାର୍ବଜନୀନ ...

୨୨୯) ଉତ୍ତମ ବା ଶୋଭନବାଚକ ସୁ-ଉପପଦ, ସ-ବୃତ୍ତ ବା ଲିପି ଦ୍ୱାରା ପ୍ରତିପାଦିତ ହେବ ।

ସୁକୌଶଳ ... ସୁସମ୍ପନ୍ନ ... ସୁକ୍ଷ୍ମ ... ସୁସ୍ୱାଦୁ ... ସୁସମୟ ...



ଅନୁଶୀଳନୀ—୧୦୯

ଲେଖ ଓ ପଢ଼ —

(୧) ଆଧିପତ୍ୟ, ଅଧ୍ୟୁଷିତ, ଅଧ୍ୟାପନା, ଅବରୋଧ, ଅବନତ, ଅବମାନନା, ଅବହେଳା, ଅବହେଳିତ, ଅବସ୍ଥିତ, ଅବ୍ୟବସ୍ଥିତ (୨) ଦୁର୍ଗନ୍ଧ ଦୁର୍ବିପାକ, ଦୁରାଗ୍ରହ, ଦୁର୍ଯୋଗ, ଦୁର୍ନାମ, ଦୁରାଶା, ଅନୁପମ, ଅନୁକମ୍ପା,

ଉତ୍କୋଚ, ଉତ୍କୃଷ୍ଟ (୩) ଉପସ୍ଥାନ, ଉପହାସ, ଉପଦ୍ରବ, ଉପଦ୍ରୁତ, ଉତ୍ଥାନ ଉପାର୍ଜନ, ଉତ୍ଥିତ ଉତ୍ପୀଡ଼ିତ, ମହୌଷଧ. ମହୋଦଧି (୪) ମହାନିଦ୍ରା, ଉପକାର, ଉପକୃତ, ଉପାସନା, ଉପାଧ୍ୟକ୍ଷ, ସର୍ବହରା, ସର୍ବସ୍ୱ, ପରୋପକାର, ପରିପୃଷ୍ଠ, ପରିପୂରଣ (୫) ପରିପୂରକ, ପ୍ରତାପ, ପ୍ରତାରଣା, ପରିତ୍ରାଣ, ପ୍ରତିଧ୍ୱନି, ପ୍ରତିବିଧାନ, ଶିକ୍ଷାନୁଷ୍ଠାନ. ଧର୍ମାନୁଷ୍ଠାନ, କାର୍ଯ୍ୟାନୁଷ୍ଠାନ, କର୍ମଲବେଷନ ।

ଚଳନ୍ତିକା—ଉଦାହରଣ ... ଗୃହୀତ, ଗୃହୀତ ... ଉତ୍ପାଦ-ଦ୍ରବ୍ୟ ...
ଅଗ୍ରାଚନସିକ—ଅନୁସନ୍ଧାନ ... ଦୁର୍ଗ ... ଦୁର୍ଦ୍ଦଶା ... ଦୂରଦୃଷ୍ଟି-ଦୂରଦୃଷ୍ଟ ...

ସ୍ମରଣିକା

ସର୍ବତୋଭଦ୍ରରେ ... ସର୍ବାଙ୍ଗସୁନ୍ଦର ... ଉପାନନ୍ଦ ଦାସ ...
... ସାର୍ବଜନୀନଭାବରେ ... ସେ ସନ୍ଧାନରେ ...

ସ୍ମରଣିକା



(ଅନୁଶୀଳନୀ—୧୧୦; ପୃଷ୍ଠା ୧୩୦ ଦେଖ)

ଅନୁଶୀଳନୀ—୧୧୧

ଲେଖ ଓ ପଢ଼ :—

(କ) ଉଦାହରଣ ସ୍ୱରୂପ ଗୃହୀତ ନୀତି ହେଲା ବଳକା ଅଞ୍ଚଳରୁ ଖାଦ୍ୟଶସ୍ୟ ସୁଲଭ ମୂଲ୍ୟରେ ସଂଗୃହୀତ ହେବ ଓ ଦୁର୍ଭିକ୍ଷଗ୍ରସ୍ତ ଅଞ୍ଚଳକୁ ଯୋଗାଇ ଦିଆଯିବ । ତେଣିକି ତାର ସୁଷମ ବଣ୍ଟନ ଦିଗରେ ବହୁତ କାର୍ଯ୍ୟାନୁଷ୍ଠାନ କରିବା ଜିଲ୍ଲାପାଳଙ୍କ ଦାୟିତ୍ୱ । କିନ୍ତୁ ମୂଲ୍ୟରୁ ଯଦି ସଂଗ୍ରହ ଓ ବଣ୍ଟନ କାର୍ଯ୍ୟରେ ଦୁର୍ନୀତି, ଦୁରଭିସନ୍ଧି ବା ଅନୁଗ୍ରହର ପ୍ରଶ୍ନ ଉଠେ, ଗୃହୀତ ନୀତି ଯଦି ଅନୁଗୃହୀତ ଶ୍ରେଣୀ ସୃଷ୍ଟିରେ ସହାୟକ ହୁଏ, ଖାଦ୍ୟଶସ୍ୟ ସଂଗ୍ରହରେ ଯଦି ଅବହେଳା ବା ଦୁରଭିସନ୍ଧି ପ୍ରକାଶ ପାଏ ଏବଂ ସର୍ବୋପରି ଉଦ୍ୟୋକ୍ତାମାନେ ଯଦି ସରକାରୀ ତତ୍ପରତାକୁ ଦୁଃସାହସ ଦୁରାଗ୍ରହ ଓ ଦୁରଭିସନ୍ଧି ବୋଲି ବ୍ୟାଖ୍ୟା କରି ବସନ୍ତି, ତେବେ ଏହା ଯେ ଏକ ସୁପରିକଳ୍ପିତ ଚକ୍ରାନ୍ତର ଦୁଷ୍କାର ପରିଣତି ଏଥିରେ ଲେଶମାତ୍ର ସନ୍ଦେହର ଅବକାଶ ରହି ନ ପାରେ । ଦାତା ଦେବାପାଇଁ

(ଅବଶିଷ୍ଟ ପୃଷ୍ଠା ୧୩୦ରେ)



(ଅନୁଶୀଳନୀ—୧୧୧ର ଅବଶିଷ୍ଟ)

ଯେପରି ଆଗ୍ରହୀ ଓ ଉତ୍କଣ୍ଠିତ, ଗ୍ରହୀତା ସେ ଦାନର ସଦୁପଯୋଗ କରିବା ପାଇଁ ସେହିପରି ଉତ୍ସୁକ ଓ ଉଦ୍‌ଗ୍ରୀବ ତଥାପି ଉଭୟେ ଯଦି ଦୁଃଖର ସହିତ ଅନୁଭବ କରନ୍ତି ଯେ ଏ ସମସ୍ତ ସର୍ବଜନୀନ ଉଦ୍ୟୋଗ ଓ ଅଧ୍ୟବସାୟ କେବଳ ପରିଣାମର ଅବକାଶ ଆସୁ ବଢିଲା ଭଳି ଅବସ୍ଥା ସୃଷ୍ଟି କରିଛି ତେବେ ତାହା ଏ ଦେଶର ଦୁର୍ଭାଗ୍ୟ ଓ ଅନାଗତ ଦୂରଦୃଷ୍ଟିର ପୂର୍ବାଭାସ ଛଡା ଆଉ କିଛି ନୁହେଁ ।

(ଖ) ଦୁର୍ଲଭ ମାନବ ଜନ୍ମ ବହୁ ସୁକୃତିର ଫଳ । ସାମୟିକ ଉତ୍ତେଜନା

ବଶତଃ ଆମେ ଇନ୍ଦ୍ରିୟଗ୍ରାହ୍ୟ କାର୍ଯ୍ୟ କାରଣ ସମ୍ବନ୍ଧକୁ ଗ୍ରାହ୍ୟ ନ କରି ଏବଂ ସ୍ଥଳବିଶେଷରେ ପରମେଶ୍ୱରଙ୍କ ଅବମାନନା ପ୍ରତି ଅନୁଚିତ ଔଦାସିନ୍ୟ ପ୍ରଦର୍ଶନ କରି ଅନୁକରଣ ଇନ୍ଦ୍ରଜାଲରେ ଆମର ସର୍ବଶ୍ରେଷ୍ଠ ଉପକରଣକୁ ବାଜି ଲଗାଇ ସର୍ବସ୍ୱାନ୍ତ ହେବା ଫଳରେ ପ୍ରକୃତ ଦୁଃସମୟର ସମ୍ମୁଖୀନ ହେବାକୁ ଅକ୍ଷମ ହେଉ । ବର୍ତ୍ତମାନ ଘରଆଡ଼େ ଦୁର୍ଭିକ୍ଷ ଦେଖାଦେଲାଣି । ଖାଦ୍ୟଶସ୍ୟ ଦୁର୍ମୂଲ୍ୟ, ଦୁର୍ଲଭ ଓ ଦୁଷ୍ପ୍ରାପ୍ୟ ହେଲାଣି । ଖାଦ୍ୟ ସଂଗ୍ରହ ଓ ବଣ୍ଟନ ବ୍ୟବସ୍ଥା ପଦେ ପଦେ ବାଧାପ୍ରାପ୍ତ ହେଉଛି । ସର୍ବତ୍ର ଦୁର୍ନୀତି, ଦୁରାଚାର, ଦୁଃସାହସ ଓ ଦୁର୍ବିନୀତ ଆଚରଣ ପ୍ରତି ଦୁର୍ବଳତା ବିଜ୍ଞତାର ପ୍ରତୀକ ବୋଲି ଅଭିଜ୍ଞ ଉଦ୍ୟୋକ୍ତା ତଥା ଅନଭିଜ୍ଞ କର୍ମଚାରୀମାନେ ମାନି ନେଉଛନ୍ତି । ଏପରି ଅବସ୍ଥାରେ ଅନାଗତ ପରିଣାମ ପ୍ରତି ସଜାଗ ରହି ଆମେ ଯଦି ଯଥୋପଯୁକ୍ତ ପ୍ରତିଷେଧକ ବ୍ୟବସ୍ଥା ଲାଗି ଅନୁକୂଳ ପରିସ୍ଥିତି ସୃଷ୍ଟି ନ କରୁ ତେବେ ଦୁର୍ଭାଗ୍ୟ ଆମ ଉପରେ ଚରମ ପ୍ରତିଶୋଧ ନେବ ହିଁ ନେବ । ଦୁର୍ଭିକ୍ଷର ଏହି ସୁଦୂର ପ୍ରତିଧ୍ୱନି ପ୍ରତି ଉଦ୍ୟୋକ୍ତାମାନେ ଯଦି ଉତ୍କର୍ଣ୍ଣ, ଉଦ୍‌ଗ୍ରୀବ ଓ ଉନ୍ମୁଖ ନ ହୁଅନ୍ତି ତଥାପି ଅଭିଜ୍ଞ କର୍ମଚାରୀଙ୍କ ସାହାଯ୍ୟ ସହଯୋଗରେ ଆମକୁ ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରିବାକୁ ହେବ । ତାହା ନ ହେଲେ ଯେଉଁମାନେ ଅନୁଗୃହୀତ ଶ୍ରେଣୀକୁ ଉତ୍ସାହିତ କରି ନାନା ବିଭ୍ରାଟ ସୃଷ୍ଟି କରୁଛନ୍ତି ସେମାନଙ୍କୁ ପ୍ରତିରୋଧ କରିବା ଅସମ୍ଭବ ହେବ ।

ଊନତ୍ରିଂଶ ପରିଚ୍ଛେଦ

ଅନ୍ୟ ପଦାଂଶ

୧୩୦) ଜନକ :-ଏହା ସାଧାରଣ ଭାବରେ ଲେଖାଯିବ । କେବଳ ଅର୍ଦ୍ଧଲିପି ବା କ୍ଷୁଦ୍ରବୃତ୍ତ ପରେ ନ-ଆଙ୍କୁଶ ଯୁକ୍ତ ଜ-ଲିପି 'ଜନକ'ର ସ୍ମାରକ ହେବ ।



୧୩୧) ଭୂତ, ଭୁକ୍ତ : ଅର୍ଦ୍ଧ ଭ-ଲିପି ଏ ଦୁଇଟିର ପ୍ରତୀକ ଭାବରେ ଗୃହୀତ ହେବ ।



୧୩୨) ମାସ୍ତ, ଶୀଘ୍ର :-ସାଧାରଣ ଭାବରେ ଲେଖାଯିବ । ସ୍ଥଳବିଶେଷରେ ମିତସଂସ୍ଥାନ ନିମିତ୍ତ ଏକ କ୍ଷୁଦ୍ର ଅର୍ଦ୍ଧବୃତ୍ତ ମାସ୍ତ, ଶୀଘ୍ର ପରିବର୍ତ୍ତେ ଲେଖାଯିବ ।



୧୩୩) ମୟ, ମନ୍ଦ :- ମିତସଂସ୍ଥାନର ପରିପନ୍ଥୀ ନ ହେଲେ ମ-ଲିପି ପୂର୍ବବର୍ତ୍ତୀ ଲିପି ସନ୍ନିକଟରେ ଲେଖାଗଲେ ମୟ ଓ ସଂଲଗ୍ନଭାବରେ ଲେଖାଗଲେ ମନ୍ଦ ପ୍ରତିପାଦନ କରିବ । ଅନ୍ୟଥା ଏହା ସାଧାରଣ ଭାବରେ ଲେଖାଯିବ ।



୧୩୪) ମଣ୍ଡଳ-ମଣ୍ଡଳୀ :--ନ-ଆଙ୍କୁଶଯୁକ୍ତ ସ୍ଥୂଳ ଅର୍ଦ୍ଧ ମ-ଲିପି ମଣ୍ଡଳ ବା ମଣ୍ଡଳୀ ପ୍ରତିପାଦନ କରିବ । ମିତସଂସ୍ଥାନ ନିମିତ୍ତ ସ୍ଥଳବିଶେଷରେ ଏହା ବିଚ୍ଛିନ୍ନ ଭାବରେ ମଧ୍ୟ ଲେଖାଯିବ ।



୧୩୫) ସ୍ଥାନ--ସାଧାରଣ ଭାବରେ ଲେଖିବା ମିତସଂସ୍ଥାନର ଅନୁକୂଳ ନ ହେଲେ କେବଳ ନ-ଆଙ୍କୁଶ ବା ବିଚ୍ଛିନ୍ନ ନ-ଲିପି ସ୍ଥାନ ପ୍ରତିପାଦନ କରିବ । ସ୍ଥ ପରିବର୍ତ୍ତେ ଏକ ଡଟ୍ ନ-ଲିପି ବା ଆଙ୍କୁଶ ପୂର୍ବରୁ ତୃତୀୟ ସ୍ଥାନରେ ଦିଆଯିବ ।



୧୩୬) ଗୁଚ୍ଛକ, ଗୁଚ୍ଛିଏ :--ଯେଉଁଠି ଉଦ୍ଦିଷ୍ଟ ଚଳନ୍ତିକା ମିତସଂସ୍ଥାନର ଅନୁକୂଳ ନ ହେବ ସେଠାରେ ଗ-ଲିପି ଦ୍ୱାରା ପରବର୍ତ୍ତୀ ଲିପିକୁ ଛେଦନ କଲେ ବା ରୂପକ ସନ୍ନିକଟରେ ଲେଖିଲେ ଗୁଚ୍ଛକ/ଗୁଚ୍ଛିଏ ପ୍ରତିପାଦିତ ହେବ ।



୧୩୭। ଗମ, ଗମ୍ୟ —ସାଧାରଣ ଭାବରେ ଲେଖାଯିବ ବା ଗ ଲିପି ଦ୍ୱାରା ପୂର୍ବବର୍ତ୍ତୀ ଲିପିକୁ ଛେଦନ କରାଯିବ ।



୧୩୮) ଇଆ, ଉଆ :-- ବୃତ୍ତି, ବ୍ୟବସାୟସୂଚକ ବା ଗୁଣବାଚକ 'ଇଆ, ଉଆ'ର ପୂର୍ବବର୍ତ୍ତୀ ଲିପି ତତ୍ପୂର୍ବବର୍ତ୍ତୀ ଲିପିକୁ ମଧ୍ୟଭାବରେ ଛେଦନ କରିବ ।



୧୩୯) ଶୀଳ, ଶାଳୀ :--ସବୃତ୍ତ ଓ ଲ-ଲିପି ବା ଲ-ଆଙ୍କୁଶ ଯୁକ୍ତ ଉର୍ଦ୍ଧ୍ୱମୁଖ ସ-ଲିପି ଦ୍ୱାରା ପ୍ରତିପାଦିତ ହେବ ।



୧୪୦) ମାନ, ମାନେ, ମାନଙ୍କୁ, ମାନଙ୍କର-- ନ-ଆଙ୍କୁଶଯୁକ୍ତ ମ-ଲିପି ବା କେବଳ ନ-ଲିପି ମାନ, ମାନେ ପ୍ରତିପାଦନ କରିବ । ଏଥିସହିତ ଅଂ-ଲିପି ଯୁକ୍ତ ହେଲେ ମାନଙ୍କ-କୁ ପ୍ରତିପାଦିତ ହେବ । ନ-ଆଙ୍କୁଶଯୁକ୍ତ ଦ୍ୱିଗୁଣିତ ମ-ଲିପି ବା ନ-ଲିପି ଓ ଦ୍ୱିଗୁଣିତ ଅଂଲିପି ମାନଙ୍କର ପ୍ରତିପାଦନ କରିବ ।



୧୪୧) ଟି, ଟା, ଟିଏ :--ଟ-ଲିପି ଟି ବା ଟା ପ୍ରତିପାଦନ କରିବ ଓ ପୂର୍ବବର୍ତ୍ତୀ ଲିପିକୁ ଏହା ଛେଦନ କଲେ ଟିଏ ପ୍ରତିପାଦିତ ହେବ । ସଂଖ୍ୟାପରେ ଟି ବା ଟା ଥିଲେ ସଂଖ୍ୟାଟି ଲେଖି ତା ଉପରେ ବା ତଳେ ଅର୍ଦ୍ଧଚନ୍ଦ୍ରାକୃତି ବୃତ୍ତାଂଶ ଲେଖିଲେ ଯଥାକ୍ରମେ ଟା ବା ଟି ପ୍ରତିପାଦିତ ହେବ ।





ଅନୁଶୀଳନୀ—୧୧୩

ଲେଖ ଓ ପଢ଼ :—

(୧) ସ୍ୱର୍ଣ୍ଣମୟ, ମଣିମୟ, ହେମମୟ, ଚକ୍ଷୁହୀନ, ଗୃହହୀନ, ହୃଦୟହୀନ, ବୁଦ୍ଧିହୀନ, ସର୍ବହର, ସୀମାହୀନ, ପିଲାଳିଆ (୨) ବଗୁଲିଆ, ସନ୍ଦେହଜନକ, ଦୂଷଣୀୟ, ମାର୍ଜନୀୟ, ଅଗଣନୀୟ, ଶିକ୍ଷଣୀୟ, ଉଦବେଗଜନକ, ସଦସ୍ୟମାନେ, ବିଦେଶୀମାନେ, ଗଣ୍ଡଗୋଳିଆ (୩) ପଢ଼ୁଆଳମି, ଉଠିଆ, ଅପମାନଜନକ; ଲଜ୍ଜାଜନକ, ଶ୍ରୋତୃମଣ୍ଡଳୀ, ଦୁର୍ଭାଗ୍ୟଜନକ, ଶିଶୁମାନଙ୍କୁ, ବିକାଶଶୀଳ, ବିବେକହୀନ, ବଉଶାଳୀ (୪) ପ୍ରଭାବଶାଳୀ, ଶଗଡ଼ିଆ, ପିଲାଟିଏ, ଦଶଟା, ସାକ୍ଷୀମାନଙ୍କ, ଭୂମଣ୍ଡଳ, ଖଣ୍ଡମଣ୍ଡଳ, ପକ୍ଷୀମାନଙ୍କୁ, ବିବେକହୀନ ।

(ଅନୁଶୀଳନୀ—୧୧୪-ପରପୃଷ୍ଠା ଦେଖ)

ଅନୁଶୀଳନୀ—୧୧୫

ଲେଖ ଓ ପଢ଼ :—

ଜ୍ଞାନହୀନ ହୋଇ ରହିବା ଅପେକ୍ଷା ଭୂମିହୀନ ହୋଇ ରହିବା ବରଂ ଅଧିକ ସ୍ପୃହଣୀୟ ଓ ବାଞ୍ଛନୀୟ ବୋଲି ପଣ୍ଡିତମଣ୍ଡଳୀ ମତ ପ୍ରକାଶ କରିପାରନ୍ତି । ଶିକ୍ଷାବିତ୍‌ମାନେ ହୁଏତ କହିବେ ଯେହେତୁ ଜ୍ଞାନହୀନ ଲୋକ ଦୃଷ୍ଟିହୀନ ସଙ୍ଗେ ସମାନ ତେଣୁ ସେ ସମାଜରେ କୌଣସି ସମ୍ମାନଜନକ ସ୍ଥାନ ଅଧିକାର କଲେ ତାହା ସମାଜ ପକ୍ଷରେ ଗୌରବମୟ ନ ହୋଇ ଦୁର୍ଭାଗ୍ୟଜନକ ବା ନୈରାଶ୍ୟ ଜନକ ବୋଲି କୁହାଯିବା ଉଚିତ । ତା ମାନେ ଜଣେ ଜ୍ଞାନୀ ଲୋକ ଯଦି ଭୂମିହୀନ, ପୁତ୍ରହୀନ ଏପରିକି ଚକ୍ଷୁହୀନ ହୋଇ ମଧ୍ୟ ସମାଜରେ କୌଣସି ସମ୍ମାନଜନକ ସ୍ଥାନ ଅଧିକାର କରେ ତେବେ ତାହା ନିଶ୍ଚିତ ଭାବରେ ସମାଜ ପକ୍ଷରେ ଆଶାଜନକ, ଉତ୍ସାହଜନକ ଓ ସନ୍ତୋଷଜନକ ବୋଲି ଜ୍ଞାନ କରାଯିବ । ଆମେ ଜାଣୁ ବା ନ ଜାଣୁ ଏ ବିଶ୍ୱ ଏକାଧାରରେ ବିକାଶଶୀଳ ଓ ବିନାଶଶୀଳ ଅର୍ଥାତ୍ ବିକାଶର ପରିଣତି ବିନାଶରେ ପର୍ଯ୍ୟବସିତ ହେବା ନିଶ୍ଚିତ । ତେଣୁ



(ଅନୁଶୀଳନୀ—୧୧୫ର ଅବଶିଷ୍ଟାଂଶ)

ତାହା ବାଞ୍ଛନୀୟ । ତାହାହେଲେ ଜନ୍ମ ନିୟନ୍ତ୍ରଣ ପାଇଁ ବର୍ତ୍ତମାନ ଯେଉଁ ଉଦ୍ୟମ ହେଉଛି ତାହା କାହିଁକି ପ୍ରଶଂସନୀୟ ବା ଉତ୍ସାହଜନକ ନ ହେବ ଓ ନିନ୍ଦନୀୟ ବା ଅକ୍ଷମଣୀୟ ବୋଲି କାହିଁକି ମନେ କରାଯିବ । ଆଦିବାସୀମାନଙ୍କର ଗୋଟିଏ ଗୀତ ଅଛି ଯାହାର ମର୍ମ ହେଉଛି ଦେବକୀ ବସୁଦେବ ଯଦି ଜନ୍ମ ନିୟନ୍ତ୍ରଣରେ ମନ ବଳାଇଥାନ୍ତେ ତେବେ କଦମ୍ବମୂଳିଆ, ବାଙ୍କଚୂଳିଆ, ବଂଶୀଧୁଳିଆ କୁଆଡ଼ୁ ଆସନ୍ତେ ? ମହାଭାରତ ଗ୍ରନ୍ଥ ତ ଦରଖଣ୍ଡିଆ ହୋଇ ରହିଥାନ୍ତା । ଭୀଷ୍ମ ପିତାମହଙ୍କ ମହାପ୍ରସ୍ଥାନ କାହାର ସମ୍ଭବ ହୋଇଥାନ୍ତା ଓ ଦ୍ରୋଣାଚାର୍ଯ୍ୟ ବିଦ୍ୟା ବିନସ୍ତ କରି ମଧ୍ୟ କିପରି ଗୌରବାନ୍ୱିତ ହୋଇଥାନ୍ତେ ?

ଯେଉଁମାନେ ଦୁଇ ନାବରେ ଗୋଡ ରଖନ୍ତି ସେମାନଙ୍କୁ ଧୋବାକୁଡ଼ିଆ କୁହାଯାଏ । ସେମାନେ ମୋଟେ କହିବେ ଶ୍ରେଷ୍ଠ ଶ୍ରେଷ୍ଠ ଶିଳ୍ପୀଙ୍କୁ ନେଇ ଏକ ଭଜନମଣ୍ଡଳୀ ଗଠନ କଲେ ଦେଖିବ ପ୍ରେମମୟ ଆନନ୍ଦମୟଙ୍କ ସ୍ପର୍ଶ ପାଇବା କେତେ ସହଜ ଅଥଚ ଆପଣଙ୍କୁ ଯେତେ କହିବେ ଧର୍ମକୁ ଆମେ ଅହିଫେନ ତୁଲ୍ୟ ଅବାଞ୍ଛନୀୟ ମନେ କରୁ ।

ବିଂଶ ପରିଚ୍ଛେଦ

ନମନୀୟ ପ୍ରୟୋଗ

୧୪୨) ରେଖା ଓ କମୂଳକୁ ବିଭିନ୍ନ ସମୟରେ ବିଭିନ୍ନ ପ୍ରୟୋଜନରେ ବିଭିନ୍ନ ଭାବରେ ବ୍ୟବହାର କରାଗଲେ ମଧ୍ୟ ସର୍ବାବସ୍ଥାରେ ତାହା ଯେପରି ଯେଉଁ ରେଖା ଓ କମୂଳ ହୋଇ ରହିଥାଏ, ଠିକ୍ ସେହିପରି ଅଧିକ ବିଷୟବସ୍ତୁର ମୌଳିକତ୍ୱକୁ ଅକ୍ଷୁଣ୍ଣ ରଖି ସାମୟିକ ଆବଶ୍ୟକତା ପୂରଣ ଲାଗି ତାକୁ କେତେକ ଅତିରିକ୍ତ ପ୍ରୟୋଜନରେ ମଧ୍ୟ ବ୍ୟବହାର କରାଯାଇ ପାରିବ ତା'ର କେତେକ ଦୃଷ୍ଟାନ୍ତ ତଳେ ଦିଆଗଲା ।

୧୪୩) କ୍ଷୁଦ୍ରବୃତ୍ତ ସ ଓ ଛ ଉଭୟର ସ୍ମାରକ ରୂପେ ସ୍ୱୀକୃତ ହୋଇ ଥିବାରୁ ଏବଂ କଥିତ ଭାଷାରେ ସ ପରିବର୍ତ୍ତେ ଛ'ର ବ୍ୟବହାର ସ୍ଥଳବିଶେଷରେ ପ୍ରଚଳିତ ଥିବାରୁ ମିତସଂସ୍ଥାନ ନିମିତ୍ତ ବୃତ୍ତ, ଊର୍ଦ୍ଧ୍ୱମୁଖୀ ବା ଆନୁଭୂମିକ ଲିପି ପରେ ଛ ପରିବର୍ତ୍ତେ ସ-ଲିପି ଲେଖାଯାଇପାରେ ଏବଂ ପରବର୍ତ୍ତୀ ପ୍ରଥମ ସ୍ୱର ସଙ୍କେତକୁ ସ୍ଥୂଳ କରାଯାଇପାରେ ।



୧୪୪) ଚ, ଛ ମଧ୍ୟରେ ବର୍ଣ୍ଣଗତ, ଆକାରଗତ ଓ ଉଚ୍ଚାରଣଗତ ଘନିଷ୍ଠତା ଥିବା ହେତୁ ସ୍ଥଳବିଶେଷରେ ଚ-ଲିପି ପରିବର୍ତ୍ତେ କ୍ଷୁଦ୍ରବୃତ୍ତ ଲେଖି ଉକ୍ତ ବୃତ୍ତ ସନ୍ନିକଟରେ ଏକ ଡ଼ାସ୍ ଦେଇ ତାକୁ ଚିହ୍ନିତ କରାଯାଇପାରେ ।



୧୪୫) ଉପରୋକ୍ତ ପ୍ରସ୍ତାବନା ଅନୁକ୍ରମେ ବିକଳ୍ପ ବୃହତ୍ତର ବୃତ୍ତ ଶତ ବା ଶସ-ର ସ୍ମାରକ ରୂପେ ସ୍ୱୀକୃତ ହୋଇପାରେ ଓ ମଧ୍ୟବର୍ତ୍ତୀ ସ୍ୱରବର୍ଣ୍ଣ ପାଇଁ ଡଟ୍ ବା ଡାସ୍ ବୃତ୍ତମଧ୍ୟରେ ଦିଆଯାଇପାରେ । ସେହିପରି ବିକଳ୍ପ କ୍ଷୁଦ୍ରଫାଶ ଚତ, ଟତ, ଛତ, ଛୁତ, ଜତ, ଝତର ସ୍ମାରକ ହୋଇପାରେ ।



୧୪୬) ଦୁଇଟି ସମ-ଅର୍ଥ-ବୋଧକ କ୍ରିୟାପଦର ରୂପକ ମଧ୍ୟରେ ସୂକ୍ଷ୍ମ ପାର୍ଥକ୍ୟ ରକ୍ଷା ନିମିତ୍ତ ସ୍ଥଳ ବିଶେଷରେ ଛ ପରିବର୍ତ୍ତେ ଚ-ଲିପି ଲେଖାଯାଇ-ପାରେ ।



୧୪୭) ଗୋଟିଏ ଅର୍ଦ୍ଧଲିପି ଓ ଗୋଟିଏ ପୂର୍ଣ୍ଣଲିପି ବା ଦୁଇଟି ଅର୍ଦ୍ଧଲିପି ଏକତ୍ର ଲେଖିବା ମିତସଂସ୍ଥାନର ଅନୁକୂଳ ନହେଲେ ଲିପି ଦୁଇଟିକୁ ବିଚ୍ଛିନ୍ନ ଭାବରେ ପରସ୍ପର ସନ୍ନିକଟରେ ଲେଖିବାକୁ ହେବ । କିନ୍ତୁ ଲିପି ଦୁଇଟି କ-ବର୍ଗର ହେଲେ ମିତସଂସ୍ଥାନ ନିମିତ୍ତ ଉଭୟର ସଂଯୋଗ ସ୍ଥଳରେ ଏକ ବୃହତ୍ତର ଅଙ୍କୁଶର ଆଗମ ହେବ । ଲିପି ଦୁଇଟିର ପରିଚୟ ଜ୍ଞାତ କରାଇବା ଉଦ୍ଦେଶ୍ୟରେ ବ୍ୟବହୃତ ଏହି ଅଙ୍କୁଶକୁ ବିକଳ୍ପ କ-ଅଙ୍କୁଶ କୁହାଯିବ ।





ପଢ଼ ଓ ଲେଖ: ଅନୁଶୀଳନୀ - ୧୧୨



ପଢ଼ ଓ ଲେଖ: ଅନୁଶୀଳନୀ - ୧୧୩



ଲେଖ ଓ ପଢ଼ :—

(କ) ସମ ସାହାଯ୍ୟରେ ପାଣି ଉଠାଇ ବୃହଦାକାରରେ ଜଳସେଚନ ବ୍ୟବସ୍ଥା କରାଗଲେ ତାକୁ ଉଠାଜଳସେଚନ ଯୋଜନା କୁହାଯାଏ । କେନାଲ ଜଳସେଚନ ଅପେକ୍ଷା ଏଥିରେ ବେଶି ଖର୍ଚ୍ଚ ହୁଏ । ତେଣୁ ଖର୍ଚ୍ଚ ଅନୁପାତରେ ଲାଭ କମ୍ ମିଳେ । ସେଥିପାଇଁ ଯୋଜନା ଚୂଡ଼ାନ୍ତ କରିବା ପୂର୍ବରୁ ଖର୍ଚ୍ଚ ଅଟକଳକୁ ଭଲଭାବରେ ସମୀକ୍ଷା କରିବା ଦରକାର ପଡ଼େ । ସଘନ ସ୍ୱର ପ୍ରଚାର କଲେ ବାରମ୍ବାର ଆକାଶବାଣୀ ଓ ଦୂରଦର୍ଶନ ମାଧ୍ୟମରେ ଚତୁର୍ଦ୍ଦିଗରେ ପ୍ରଚାର କରାଗଲା ଏପରିକି ଜଳସେଚନ ମନ୍ତ୍ରୀ ମଧ୍ୟ ଆସେମ୍ବ୍ଲିରେ ଘୋଷଣା କଲେ ଯେ ଟାଇଚୁଙ୍ଗ କରିବା ପାଇଁ ଯେଉଁମାନେ ପାଣି ନେବାକୁ ଚାହାଁନ୍ତି ସେମାନେ ଦରଖାସ୍ତ କଲେ ଜିଲ୍ଲାପାଳ ତାହା ବିଚାର କରିବେ । କିନ୍ତୁ ସରପଞ୍ଚମାନେ ଆପତ୍ତି କଲେ ଯେ ଯେଉଁମାନେ ଟିପଚିହ୍ନ ଦେବାକୁ ଅଭ୍ୟସ୍ତ ସେମାନେ ଦରଖାସ୍ତ କଲେ ବି ତଦବିର ନ କଲେ କେହି ଶୁଣିବେ ନାହିଁ । ସବୁ କ୍ଷେତ୍ରରେ ଏହି ତଦବିର ପ୍ରଧାନ ଅନ୍ତରାୟ ହୋଇଛି । ଏସବୁ କଥା ଭଲ ଭାବରେ ବିଚାର ବିବେଚନା କରାଯିବା ଉଚିତ ।

(ଖ) ତା ଛଡ଼ା ସେମାନେ ଆଉ ମଧ୍ୟ ଦର୍ଶାଇଲେ ଯେ ଦରଖାସ୍ତ ଜମାବାକୁ କହିଲେ ପାଣି ନେବାପାଇଁ ଇଚ୍ଛୁ ଅନିଚ୍ଛୁର ପ୍ରଶ୍ନ ଉଠିବା ସ୍ୱାଭାବିକ । ମୁଁ ଆପଣଙ୍କୁ ପଚାରିଥିଲି ପ୍ରତିବର୍ଷ ଆସେମ୍ବ୍ଲି ଜେଜେଦିନ ବସୁଛି ଓ ଏବର୍ଷ ତା' ଅପେକ୍ଷା ଅଧିକ ଦିନ ବସିଛି କି ନାହିଁ । ଏ ସଂକ୍ରାନ୍ତରେ ମୁଁ ଆଗରୁ ଦୁଇଥର ଚିଠି ଲେଖିଛି ଓ ଆଜି ମଧ୍ୟ ଲେଖୁଛି । ମସ୍ତ୍ୟଙ୍କୀ ମୂର୍ଚ୍ଛିତ ହେଲାପରେ ତାକୁ ଯଦି ଡାକ୍ତରଙ୍କ ହେପାଜତରେ ରଖାଯାଇଥାନ୍ତା ତାହାହେଲେ ଏସବୁ ଅବାଞ୍ଛିତ ଆଲୋଚନା, କୁତ୍ସିତ ମନ୍ତବ୍ୟ ଓ ଅଯାଚିତ ଉପଦେଶର ଅବକାଶ ନଥାନ୍ତା । ଗୋଦାମରେ ଆଗରୁ କେତେ ଟନ ଥିଲା ଓ ପ୍ରତିମାସ କୋଠାରୁ କେତେ ଟନ ମିଳୁଛି, ଯେ ହିସାବ ଚୂଡ଼ାନ୍ତ ହେଲାପରେ ଯୋଗାଣ ବିଭାଗ ହିସାବ ସହିତ ଆମ ହିସାବ ମିଶୁଛି କି ନ ମିଶୁଛି ଜଣାପଡ଼ିବ । ପୋଲିସର ଲାଠିମାଡ଼ ଫଳରେ ଗ୍ରାମମାନେ ଚତୁର୍ଦ୍ଦିଗରେ ଛିନ୍ନଛତ୍ର ହୋଇ ପଳାୟନ କଲେ, ଏଭଳି ଅଭିଯୋଗକୁ ନିର୍ବିଚାରରେ ମାନିଲେ ବିପଦ ନ ମାନିଲେ ବି ବିପଦ ।

ଏକତ୍ରିଂଶ ପରିଚ୍ଛେଦ

ଯୌଗିକ ଶବ୍ଦ (Compound words)

୧୪୮) ପୂର୍ବବର୍ତ୍ତୀ ପରିଚ୍ଛେଦମାନଙ୍କରେ ବୁଝା ଯାଇଛି ଯେ ମୌଳିକ ଶବ୍ଦର ସ୍ୱୀକୃତ ରୂପକ ଯୌଗିକ ଶବ୍ଦରେ ମଧ୍ୟ ଅପରିବର୍ତ୍ତିତ ରହିବ ଏବଂ ଚଲନ୍ତିକା, ନିପାତନସିଦ୍ଧର ଆଦ୍ୟରେ ବା ପ୍ରାନ୍ତରେ ତ୍ୱ, ଇକ ଇତ୍ୟାଦି ଯୋଗପୂର୍ବକ ବିଭିନ୍ନ ଯୌଗିକ ଶବ୍ଦର ରୂପାୟନ କରାଯିବ । ସ୍ଥିତିସଂସ୍ଥାନ ନିମିତ୍ତ ଏହି ବିଧି ଅନୁସୃତ ହୋଇଥିବାରୁ ଯେଉଁଠି ଏହା ସ୍ଥିତିସଂସ୍ଥାନର ଅନୁକୂଳ ନ ହେବ ସେଠାରେ ଏଥିରେ ବ୍ୟତିକ୍ରମ ଘଟିବା ଯେ ଅନିବାର୍ଯ୍ୟ ତାହା ହିଁ ଉଦାହରଣ ଦ୍ୱାରା ବୁଝାଇ ଦିଆଯାଉଛି —



ଅକାରଣେ, ଅଦରକାରି, ବେସରକାରି, ଅତ୍ୟଧିକ, ଅଧିକନ୍ତୁ, କୁଫଳ, ସୁଫଳ, ସଫଳ, ତତୋଽଧିକ, ନିରାଶ୍ରୟ, ପୂର୍ବାବସ୍ଥା, ବନ୍ୟାଞ୍ଚଳ, ଅନୁଷ୍ଠାନ, ଆନୁଷ୍ଠାନିକ । ବିଷୟକ, ବୈଷୟିକ, ମୂଳକ, ମୌଳିକ, ସୁଦୃଢ଼, ସୁଦୃଷ୍ଟି, ତଦପେକ୍ଷା । ନିଃସନ୍ଦେହ, ନିଃସହାୟ, ନିରୁତ୍ସାହ, ହାର୍ଦ୍ଦିକ, ଅସମର୍ଥ, ସୁସମର୍ଥ ।

ଅନୁଶୀଳନୀ - ୧୧୯



ସୂଚଣିକା—ଗ୍ରାମପଞ୍ଚାୟତ ...... ଯଥୋଚିତ ......

ଅନୁଶୀଳନୀ - ୧୨୦



ଅନୁଶୀଳନୀ—୧୨୧

ଅତ୍ୟାବଶ୍ୟକ ସାମଗ୍ରୀ ମଧ୍ୟରେ ଲବଣ ଅନ୍ୟତମ ଏବଂ ଅତ୍ୟଧିକ ଲବଣ ପ୍ରୀତି ଅନେକ ପ୍ରାଚୀନ ରୋଗର କାରଣ ମଧ୍ୟରେ ଅନ୍ୟତମ । ଗଣତନ୍ତ୍ର ଶାସନକୁ ସୁଦୃଢ଼ ଓ ସୁପ୍ରତିଷ୍ଠିତ କରିବାକୁ ହେଲେ ସର୍ବାଗ୍ରେ ଗ୍ରାମପଞ୍ଚାୟତ ଗୁଡ଼ିକୁ ଯଥୋଚିତ ସ୍ୱାୟତ୍ତଶାସନ କ୍ଷମତା ଦେବାକୁ ହେବ ଏବଂ ଆଇନର ଶାସନକୁ ନିର୍ଦ୍ଦୋଷ ଓ ନିରପେକ୍ଷ କରିବାକୁ ହେବ । ନିସ୍ୱ ଓ ନିଃସହାୟ ଲୋକ ପ୍ରତି ଯେ ସର୍ବଦା ଦୟାର୍ଦ୍ର ସେଭଳି ହୃଦୟବାନ ଲୋକଙ୍କ ସୁଦୃଷ୍ଟିରେ ପଡ଼ିଲେ ମନରେ ଉତ୍ସାହ ଉଦ୍ଦୀପନା ଆସିବା ସ୍ୱାଭାବିକ । ଦୁର୍ଘଟଣାବେଳେ ମୁଁ ସେଠାରେ ଉପସ୍ଥିତ ନ ଥିଲି । ମୋର ଅନୁପସ୍ଥିତି ଯଦି ଅପ୍ରତ୍ୟାଶିତ ବୋଲି ବିବେଚନା କରାଯାଏ ତେବେ ମୁଁ ନିରୁପାୟ । ନିରପେକ୍ଷ ଭାବରେ ବିଚାର କଲେ ନିଃସନ୍ଦେହରେ ବୁଝାଯିବ ଯେ ଦେଶର ଦୁରବସ୍ଥାର ମୌଳିକ କାରଣ

ଅନୁସନ୍ଧାନ ନ କରି ଯୋଜନା କରାଯିବାରୁ ଏଭଳି ନାନା ଅବ୍ୟବସ୍ଥା ଲାଗି ରହୁଛି । ଗଣତନ୍ତ୍ର ରାଷ୍ଟ୍ରମାନଙ୍କ ମଧ୍ୟରେ ଭାରତ ସର୍ବାପେକ୍ଷା ବୃହତ୍ ଏବଂ ତାର ଲୋକସଂଖ୍ୟା ଯେପରି ସର୍ବାଧିକ ଅଭାବ ମଧ୍ୟ ସେହିପରି ଉତ୍କଟ । ସମାଲୋଚନା ଓ ପର୍ଯ୍ୟାଲୋଚନାକୁ ଏକାର୍ଥବାଚକ ଶବ୍ଦ ବୋଲି ବ୍ୟାଖ୍ୟା କରିବା ବେଳେ ନ୍ୟସ୍ତସ୍ୱାର୍ଥ ଲୋକ ପକ୍ଷରେ ହିଁ ସମ୍ଭବ । ଅବାଧତାକୁ ଯଦି ଆରମ୍ଭରୁ ଦମନ କରାନଯାଏ ତେବେ ତାର କୁଫଳ ସମାଜ ପକ୍ଷରେ କ୍ଷତିକାରକ ହେବ ଏବଂ ନାନା ଜଟିଳ ପରିସ୍ଥିତି ସୃଷ୍ଟି କରିବ । ତେଣୁ ସାହି-ତ୍ୟିକ ଭାଷାରେ ଅବାଧତାକୁ ବିପ୍ଳବର ପୂର୍ବାଭାସ ବୋଲି ବର୍ଣ୍ଣନା କରିବା ଆଦୌ ସମୀଚୀନ ନୁହେଁ । ଆଞ୍ଚଳିକ ଭାଷା ବା ମାତୃଭାଷାକୁ ଶିକ୍ଷାର ଏକମାତ୍ର ମାଧ୍ୟମ ବୋଲି ଗ୍ରହଣ କରାଯାଉ ବୋଲି ଏକ ବେସରକାରୀ ପ୍ରସ୍ତାବ ଆଗତ କରାଯିବାର ସମ୍ଭାବନା ଅଛି ବୋଲି ଏକ ଅସମର୍ଥିତ ସମ୍ବାଦରୁ ପ୍ରକାଶ ।

ପ୍ରତ୍ୟାବର୍ତ୍ତୀ ଅନୁଶୀଳନୀ—୩

ଲେଖ ଓ ପଢ଼ :—

(କ) ଅନ୍ୟାନ୍ୟ ବର୍ଷ ପରି ଏବର୍ଷ ମଧ୍ୟ ରାଷ୍ଟ୍ରପତି ଆଗାମୀ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ନୀତି, ସ୍ଥିତି ଓ ଆଭିମୁଖ୍ୟ ଇତ୍ୟାଦି ସମ୍ବନ୍ଧୀୟ ସଂକ୍ଷିପ୍ତ ସୂଚନା ସମ୍ବଳିତ ଏକ ନାତିଦୀର୍ଘ ଭାଷଣ ଲୋକସଭା ଓ ରାଜ୍ୟସଭାର ମିଳିତ ଅଧିବେଶନରେ ପ୍ରଦାନ କରିଥିଲେ । ବିଭିନ୍ନ ରାଜ୍ୟର ରାଜ୍ୟପାଳମାନେ ମଧ୍ୟ ଅନୁରୂପ ଭାବରେ ସଂପୃକ୍ତ ରାଜ୍ୟ ସରକାରଙ୍କ ନୀତି ସ୍ଥିତି ଆଭିମୁଖ୍ୟ ଇତ୍ୟାଦି ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟ ବିଧାନସଭାରେ ଭାଷଣ ଦେଇଥିଲେ । ପଞ୍ଜାବରେ ସନ୍ତ୍ରାସବାଦୀଙ୍କ ଉତ୍ପାତ ଯୋଗୁଁ କିପରି ଅସ୍ୱାଭାବିକ ପରିସ୍ଥିତି ଉପୁଜି ଥିଲା ଓ ବିଧାନସଭାକୁ କିପରି ଭାଙ୍ଗି ଦିଆଯାଇଥିଲା, ତାହା ସମସ୍ତେ ଭଲ ଭାବରେ ଜାଣନ୍ତି । ଫଳତଃ ଏପରି ଭାଷଣର ଆବଶ୍ୟକତା ସେଠାରେ ନ ଥିଲା ଅର୍ଥାତ୍ କେବଳ ପଞ୍ଜାବ ବ୍ୟତୀତ ଆଉ ସବୁ ରାଜ୍ୟରେ ଏପରି ଭାଷଣ ଦିଆଯାଇଥିଲା । ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କୁ ତାଙ୍କ ଅଭିଭାଷଣ ପାଇଁ ଧନ୍ୟବାଦ ପ୍ରସ୍ତାବ ମଧ୍ୟ ସର୍ବତ୍ର ଗୃହୀତ ହୋଇଥିଲା । ଶିଷ୍ଟାଚାର ଦୃଷ୍ଟିରୁ ଏହା ଶୋଭନୀୟ ଓ ବାଞ୍ଛନୀୟ ଏଥିରେ କୌଣସି ସନ୍ଦେହ ନାହିଁ ତଥାପି ଏହାକୁ ଗଣତାନ୍ତ୍ରିକ ପରଂପରାର ଅନୁବର୍ତ୍ତନ ବୋଲି କୁହାଯିବା ସଂଗତ । ଏ ସମ୍ବନ୍ଧରେ ଏତିକି କୁହାଯାଇପାରେ ଯେ କୌଣସି ନୀତି, ଧାରା ବା ଅନୁକ୍ରମ, ଯାହାକୁ ଇଂରାଜୀରେ ସିଷ୍ଟମ କହନ୍ତି ତାହା ଗତାନୁଗତିକ ଭାବରେ ଚାଲି ଆସିଲେ ତାକୁ ଆମେ କହୁ ପରମ୍ପରା, ଯାହା ଇଂରେଜୀରେ ଟ୍ରାଡ଼ିସନ ବୋଲି ଅଭିହିତ ହୁଏ । ବିଭିନ୍ନ

ଅଞ୍ଚଳରେ ଯେ ଏ ବିଭିନ୍ନ ପରମ୍ପରା ପ୍ରଚଳିତ ଥିବାର ଦୃଷ୍ଟାନ୍ତ ରହିଛି ସେହିପରି ଗୋଟିଏ ଅଞ୍ଚଳରେ ବିଭିନ୍ନ ଜାତିର ଲୋକଙ୍କ ମଧ୍ୟରେ ମଧ୍ୟ ପରମ୍ପରାଗତ ବିଭିନ୍ନତା ଥିବାର ଦୃଷ୍ଟାନ୍ତ ରହିଛି । ଉତ୍ତର ଓଡ଼ିଶାରେ ନବାନ୍ନ ଭକ୍ଷଣ ଉତ୍ସବ ଏହାର ଏକ ପ୍ରକୃଷ୍ଟ ଉଦାହରଣ । ସେହିପରି ଦକ୍ଷିଣ ଓଡ଼ିଶାରେ ବ୍ରାହ୍ମଣେତର ଜାତିଙ୍କ ରଜପର୍ବ ଖୁବ୍ ଜାକଜମକରେ ପାଳିତ ହେବା ଏହାର ଅନ୍ୟ ଏକ ଉଦାହରଣ । ଯେଉଁଦିନଠାରୁ ଆମ ଦେଶରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠିତ ହୋଇଛି ସେହିଦିନଠାରୁ ଆମେ କେତେଗୁଡ଼ିଏ ପରମ୍ପରା ମାନି ଚାଲିଆସିଛୁ ଯେଉଁଗୁଡ଼ିକ ଗଣତାନ୍ତ୍ରିକ ପରମ୍ପରା ନାମରେ ସୁପରିଚିତ । ବେଳେବେଳେ ପରମ୍ପରାର ଅବମାନନା ଯେ ନ ହୁଏ ତାହା ନୁହେଁ । ଉଦାହରଣ ସ୍ୱରୂପ ବେଳେ ବେଳେ ରାଜ୍ୟପାଳଙ୍କ ଭାଷଣ ବେଳେ ନାନା ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରାଯାଏ । ସମସ୍ତେ ବୁଝନ୍ତି ଯେ ଏପରି ହେବା ଉଚିତ ନୁହେଁ ତଥାପି ବେଳେ ବେଳେ ଏପରି ହୋଇଯାଏ । କେହି କେହି କହନ୍ତି ଗଣତାନ୍ତ୍ରିକ ମୂଲ୍ୟବୋଧର ଅବକ୍ଷୟ ହେତୁ ଏପରି ଘଟୁଛି । ସରକାର ହାମବଡ଼ା ଢଙ୍ଗରେ ବେଳେ ବେଳେ ଅନ୍ୟାୟକୁ ନ୍ୟାୟ, ଅନୀତିକୁ ନୀତି ବୋଲି ଚଳାଇ ନେବାକୁ ଚେଷ୍ଟା କରୁଥିବାରୁ ଏହା ତାର ବିରୁଦ୍ଧ ପ୍ରତିକ୍ରିୟା । ଅନେକ ଏ ମତକୁ ଖଣ୍ଡନ କରି ସଂପୂର୍ଣ୍ଣ ନୂଆ ଢଙ୍ଗରେ ପରିସ୍ଥିତିର ବିଶ୍ଳେଷଣ କରି କହନ୍ତି ଯେ ସାଧାରଣତଃ ସରକାରମାନେ କୂପମଣ୍ଡୂକ ଭଳି ସ୍ଥିତାବସ୍ଥା ବଜାୟ ରଖିବାକୁ ସର୍ବଦା ସଚେଷ୍ଟ ଅର୍ଥାତ୍ ସେମାନେ କାର୍ଯ୍ୟତଃ ପ୍ରଗତିର ବିରୋଧୀ । ଫଳତଃ ପ୍ରଗତିବାଦୀଙ୍କ ପକ୍ଷରୁ ବିରୋଧ ଏହିପରି ଭାବରେ ପ୍ରକାଶ ପାଇବା ସ୍ୱାଭାବିକ । ଏହିଭଳି କେତେ ଖଣ୍ଡ ମତ ବା ଖଣ୍ଡିତ ଯୁକ୍ତି ଯେ ଆମ୍ଭମାନଙ୍କର କର୍ଣ୍ଣଗୋଚର ହେଉଛି ତାର ଇୟତ୍ତା ନାହିଁ । କିନ୍ତୁ ଏ ସବୁ ଖଣ୍ଡ ମତ ବା ଯୁକ୍ତି ମଧ୍ୟରେ ଐକ୍ୟ ଓ ଅଖଣ୍ଡତା ପ୍ରତିଷ୍ଠା କିପରି ସମ୍ଭବ ହେବ ତାହା ସମ୍ୟକ୍ ଅନୁସନ୍ଧାନ ସାପେକ୍ଷ । କିନ୍ତୁ ସେ ସମ୍ବନ୍ଧରେ ଅନୁସନ୍ଧାନ କରିବା ପାଇଁ ଯେଉଁ ପ୍ରତିଭା, ଦୂରଦୃଷ୍ଟି ଓ ଅଭିଜ୍ଞତା ଲୋଡ଼ା ତା'ର ମୂଲ୍ୟ ଦେବାକୁ ଆମେ ପ୍ରସ୍ତୁତ କି ?

(ଖ) ବଡ଼ ଆନନ୍ଦର କଥା ଯେ ଏଥର ସମଗ୍ର ଦେଶରେ କେଉଁଠି ହେଲେ ସେଭଳି କୌଣସି ଗୁରୁତର ଅପ୍ରୀତିକର ପରିସ୍ଥିତି ଉପୁଜିନାହିଁ । ବିରୋଧୀ ଦଳମାନଙ୍କ ମଧ୍ୟରେ ମନାନ୍ତର ବା ମତାନ୍ତର ଥିବା ଯୋଗୁଁ ଏପରି ହେଲା ବୋଲି କୁହାଯିବନାହିଁ । ବରଂ କୁହାଯାଇପାରେ ଯେ ସେମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଥିବା ଯୋଗୁଁ ଏହା ସମ୍ଭବ ହେଲା । ଆମେ କିନ୍ତୁ ଭିତର ଅନୁସନ୍ଧାନରୁ ଯଥାର୍ଥ ଭାବରେ ଜାଣି ପାରିଛୁ ଯେ ରାଷ୍ଟ୍ରପତି ଏଥର

କେବଳ ଦେଶର ବାସ୍ତବ ପରିସ୍ଥିତିର ଏକ ଉଜ୍ଜ୍ୱଳ ଚିତ୍ର ଦେଇ କ୍ଷାନ୍ତ ହୋଇନାହାନ୍ତି ବରଂ ତାହିଁ ସଙ୍ଗେ ସଙ୍ଗେ ଅନାଗତ ବିପଦ ପାଇଁ ଆଗରୁ ଆମକୁ ସତର୍କ କରିଦେଇଛନ୍ତି ବୋଲି ଅଧିକାଂଶ ସଭ୍ୟଙ୍କର ହୃଦ୍‌ବୋଧ ହୋଇଛି । ଫଳତଃ ସେମାନେ ରାଷ୍ଟ୍ରପତିଙ୍କ ଭାଷଣକୁ ବର୍ଜନ କରିବା ତଥା ପରିହାର କରି ରାଷ୍ଟ୍ରପତିଙ୍କ ସୁଚିନ୍ତିତ ଭାଷଣ ପାଇଁ ତାଙ୍କୁ ସ୍ୱାଗତ ଜଣାଇଛନ୍ତି । ଆପଣ ଜାଣନ୍ତି ଏଥର ରାଷ୍ଟ୍ରପତିଙ୍କ ଅଭିଭାଷଣର ଆଲୋଚନା ପ୍ରସଙ୍ଗରେ ଯେ କେତୋଟି ବିଷୟ ପ୍ରତି ଗୁରୁତ୍ୱ ଆରୋପ କରାଯାଇଛି ତାହା ବହୁଚର୍ଚ୍ଚିତ । ତହିଁରୁ କେଉଁଟି ମୁଖ୍ୟ ଓ କେଉଁଟି ଗୌଣ ସେଭଳି କୌଣସି ବାଛବିଚାର କରିବା କଷ୍ଟକର । କିନ୍ତୁ ସ୍ୱୟଂ ରାଷ୍ଟ୍ରପତି ଏପରିକି ରାଜ୍ୟପାଳମାନେ ମଧ୍ୟ ଅନ୍ୟ ପ୍ରସଙ୍ଗରେ ତହିଁରୁ କେତୋଟି ଉଲ୍ଲେଖ କରିଥିବାରୁ ଆମ୍ଭମାନଙ୍କର ମତ ଯେ ସେ ସନ୍ଦର୍ଭରେ ଅଧିକରୁ ଅଧିକ ଆଲୋଚନାର ଆବଶ୍ୟକତା ରହିଛି । ସମୁଦାୟ କେତୋଟି ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରାଯାଇଛି ସେଇଟା ବଡ଼ କଥା ନୁହେଁ । ବଡ଼ କଥା ହେଉଛି କେଉଁ ପରିସ୍ଥିତିରେ କେଉଁ ବିଷୟ ପ୍ରତି ଯଥାର୍ଥ ଭାବରେ ଦୃଷ୍ଟି ଆକର୍ଷଣ କରାଯାଇଛି ତାକୁ ହିଁ ଲକ୍ଷ୍ୟ କରିବା କଥା । ତାହା ନ କଲେ ବିଷୟର ପ୍ରକୃତ ଗୁରୁତ୍ୱ ହୃଦୟଙ୍ଗମ କରିହେବ ନାହିଁ । ଆମ୍ଭମାନଙ୍କର ମତ ଯେ ଉଥାପିତ ହୋଇଥିବା ବିଷୟଗୁଡ଼ିକ ମଧ୍ୟରୁ ମାତ୍ର ତିନୋଟି ମୁଖ୍ୟ, ଅନ୍ୟଗୁଡ଼ିକ ଗୌଣ । ଗୋଟିଏ ହେଉଛି ବିରୋଧୀ ପକ୍ଷଙ୍କ ସହିତ ବିଚାର ଆଲୋଚନା ନ କରି ସରକାର ହଠାତ୍ ଅଧ୍ୟାଦେଶ ବଳରେ କର ହାର ବୃଦ୍ଧି କରୁଛନ୍ତି । ଏହା ଦ୍ୱାରା ସଂସଦୀୟ ଗଣତନ୍ତ୍ରର ବିକାଶରେ କେବଳ ଅନ୍ତରାୟ ସୃଷ୍ଟି ହେଉନାହିଁ, ଗୁରୁତର ଶାସନ ସଂକଟ ସୃଷ୍ଟି ହେବାପାଇଁ ପ୍ରକାରାନ୍ତରରେ କ୍ଷେତ୍ର ପ୍ରସ୍ତୁତ କରାହେଉଛି । ଅତୀତ ଅଭିଜ୍ଞତାରୁ ବାରମ୍ବାର ପ୍ରମାଣିତ ହୋଇଛି ଯେ ଆର୍ଥିକ ବର୍ଷ ଶେଷ ହେବା ପୂର୍ବରୁ ମଝିରେ ମଝିରେ ହଠାତ୍ ଏପରି କର ବୃଦ୍ଧି କରିବା ବିପଜ୍ଜନକ । ତଥାପି ସରକାର ଏହା କରି ଚାଲିଛନ୍ତି । ଏହା ଏକ ଗୁରୁତର ଅଭିଯୋଗ ଏଥିରେ କୌଣସି ସନ୍ଦେହ ନାହିଁ । ଅନୁରୂପ ଭାବରେ ଆଉ ଏକ ଦୃଷ୍ଟାନ୍ତ ମଧ୍ୟ ଉପସ୍ଥାପନ କରାଯାଇଥିଲା ଯେ କୌଣସି ରାଜ୍ୟରେ ରାଜ୍ୟପାଳ ନିଯୁକ୍ତ କରିବା ପୂର୍ବରୁ ସଂପୃକ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହିତ ପରାମର୍ଶ କରାଯାଉନାହିଁ ଏପରିକି ତାଙ୍କୁ ପଚରା ବି ଯାଉନାହିଁ । ଯେଉଁ ସବୁ ରାଜ୍ୟରେ ଶାସକ ଦଳ କଂଗ୍ରେସ, ସେ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ହୁଏତ ଦଳପ୍ରତି ଅନୁରକ୍ତ ବା ଆନୁଗତ୍ୟ ବଶତଃ କିଛି କହିବାକୁ ସାହସ କରୁନାହାନ୍ତି କିନ୍ତୁ ଅନ୍ୟ ମୁଖ୍ୟମନ୍ତ୍ରୀମାନେ ଅଭିଯୋଗ କରୁଛନ୍ତି ଯେ ଦଳୀୟ ଲୋକଙ୍କୁ ରାଜ୍ୟପାଳ କରାଯିବାରୁ ସେମାନେ ଅନୁରକ୍ତ ସେବକ ଭଳି କାର୍ଯ୍ୟ କରୁଛନ୍ତି ।

ଏହା ଫଳରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସୁସମ୍ପର୍କ ସ୍ଥାନରେ ଅନ୍ତରାୟ ସୃଷ୍ଟି ହେଉଛି ।

(ନୋଟ—ରାଜ୍ୟସରକାର ... ପ୍ରଧାନପଦ ... ସନ୍ତ୍ରାସବାଦ ...
ଶିକ୍ଷାନୀତି ... ସିକ୍କିମ ... ଅବକ୍ଷୟ ... ଦାମବଢା ...
ସ୍ତ୍ରୀଜାତି ... କୃଷିମଣ୍ଡଳ ... ଇନ୍ଦିରାଗାନ୍ଧୀ ... ଜନତା ...)

(ଗ) ଯେଉଁ କେତୋଟି କଥା ଉପରେ ଅଧିକାଂଶ ସଭ୍ୟ ଗୁରୁତ୍ୱ ଆରୋପ କରିଛନ୍ତି ତହିଁରୁ ଗୋଟିଏ ହେଉଛି କଥା କମ୍ କହି ଓ କାର୍ଯ୍ୟ ବେଶି କରି ଏବଂ ଅନ୍ୟଟି ହେଉଛି କଥା ଓ କାର୍ଯ୍ୟ ଭିତରେ ତଫାତ ଯେଭଳି ନ ରହେ ସେଥିପ୍ରତି ଦୃଷ୍ଟି ଦିଅ । 'ବସ୍ତାଏ କଥା ଅପେକ୍ଷା ମୁଠାଏ କାର୍ଯ୍ୟର ଗୁରୁତ୍ୱ ବେଶି ଓ ମୂଲ୍ୟ ବି ବେଶି' ରାଷ୍ଟ୍ରପତିଙ୍କ ଏହି ଉକ୍ତି ସପକ୍ଷରେ ମାନ୍ୟବର ସଭ୍ୟମାନେ ନିଜ ନିଜର ସ୍ୱଭାବସୁଲଭ ଢଙ୍ଗରେ ଯାହା ଯାହା କହିଛନ୍ତି ସେଥିରୁ ମନେ ହୁଏ ଭବିଷ୍ୟତରେ ଏ ସମ୍ବନ୍ଧରେ ଆହୁରି ବେଶି ବିଚାର ଆଲୋଚନା ସମ୍ପୂର୍ଣ୍ଣ ନୂଆ ଢଙ୍ଗରେ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଏ ସଂକ୍ରାନ୍ତରେ ମାନ୍ୟବର ବିରୋଧୀ ଦଳର ନେତା ଯାହା କହିଛନ୍ତି ତାହା ରାଷ୍ଟ୍ରପତିଙ୍କ ଭାଷଣର ପ୍ରତିଧ୍ୱନି ବୋଲି ମନେ କରାଯାଇପାରେ । ସେ କହିଥିଲେ ରାଜନୈତିକ ନେତା ଓ କର୍ମୀମାନେ ଈଶ୍ୱରଙ୍କ ନାମରେ ଶପଥ କରିବା ଉଚିତ ଯେ ସେମାନେ ଏଣିକି ଭାଷଣ ଓ ଉପଦେଶ ଦେବା କାର୍ଯ୍ୟରୁ ଯଥାସମ୍ଭବ ବିରତ ରହିବେ ଏବଂ କର୍ମ ମାଧ୍ୟମରେ ଦେଶପ୍ରେମ ଓ ଚରିତ୍ରବଳର ଦୃଷ୍ଟାନ୍ତ ସ୍ଥାପନ କରିବେ । କାରଣ ଭାଷଣ ଅପେକ୍ଷା ଦୃଷ୍ଟାନ୍ତର ଶକ୍ତି ଶତଗୁଣରେ ଅଧିକ । ସେ ଆଉ ମଧ୍ୟ କହିଥିଲେ ଯେ ଆମେ ପ୍ରତ୍ୟେକେ ଯଦି ସତ୍, ସାଧୁ ଓ ଆତ୍ମନିର୍ଭରଶୀଳ ହେବାକୁ ଆନ୍ତରିକ ଚେଷ୍ଟା କରୁ ତାହାହେଲେ ଆଉ କିଛି ହେଉ ନ ହେଉ ଅନ୍ତତଃ ସେତିକି ଅସାଧୁ ଲୋକ ତ ସମାଜରୁ କମିଯିବେ । ଏହା କଣ କମ ଲାଭ ? ଆଉ ଆମେ ଯଦି ଆମର ସମଗ୍ର ଜୀବନକାଳ ମଧ୍ୟରେ ଅନ୍ତତଃ ଜଣେ ଦରିଦ୍ର ଲୋକକୁ ସତ୍, ସାଧୁ ଓ ଆତ୍ମନିର୍ଭରଶୀଳ ହେବାକୁ ପ୍ରେରଣା ଓ ଉତ୍ସାହ ଦେଉ ସେ ପ୍ରେରଣା ଓ ଉତ୍ସାହ ଫଳରେ କେତେ ଯେ ସତ୍ ସାଧୁ ଓ ଚରିତ୍ରବାନ୍ ଲୋକ ସମାଜର ମୁହଁ ଉଜ୍ଜ୍ୱଳ କରିବେ ତାହା କଳନା କରିବା କଷ୍ଟକର । ଦରିଦ୍ର ଲୋକଙ୍କ କଥା କାହିଁକି ବିଶେଷ ଭାବରେ ଉଲ୍ଲେଖ କଲେ ସେ କଥା ବୁଝାଇବାକୁ ଯାଇ ସେ ଗୋଟିଏ ଶ୍ଲୋକ ଆବୃତ୍ତି କରିଥିଲେ ଯାହାର ସାର ମର୍ମ ହେଉଛି 'ହେ ଦାରିଦ୍ର୍ୟ, ତୁମକୁ ମୁଁ

ନମସ୍କାର କରୁଛୁ କାରଣ ତୁମ ପ୍ରଭାବରୁ ମୁଁ ସିଦ୍ଧ ହୋଇଛୁ ଯେହେତୁ ମୁଁ ଜଗତକୁ ଦେଖୁଛୁ କିନ୍ତୁ ଜଗତ ମୋତେ ଦେଖି ପାରୁନାହିଁ ।" ମାନ୍ୟବର ସଭ୍ୟ ସନ୍ଦେହ ପ୍ରକାଶ କରିଛନ୍ତି ଯେ ବିରୋଧୀ ଦଳର ନେତା ଏ ସବୁ କଥା କେବେ କେଉଁଠି କହିନାହାଁନ୍ତି ଅର୍ଥାତ୍ ତାଙ୍କ ସମ୍ପର୍କରେ ମୁଁ ଯାହା କହିଛୁ ତାହା ସଂପୂର୍ଣ୍ଣ ଅସତ୍ୟ । ଆପଣ ଜାଣନ୍ତି ରାଜ୍ୟପାଳ ତାଙ୍କ ଭାଷଣରେ ରାଜ୍ୟର ମରୁଡ଼ି ପରିସ୍ଥିତି ସଂକ୍ରାନ୍ତରେ କହିଥିଲେ ଯେ ଚଳିତ ବର୍ଷ ୩୦୦ଟି ପଞ୍ଚାୟତ ସମିତିର ସଂପୂର୍ଣ୍ଣ ଫସଲ ନଷ୍ଟ ହୋଇଛି ଏବଂ ୭୦ଟି ଗ୍ରାମ ପଞ୍ଚାୟତ ଓ ୭ଟି ପଞ୍ଚାୟତ ସମିତିରେ ଆଂଶିକ ଫସଲହାନୀ ଘଟିଛି । ଚଳିତ ବର୍ଷ ରାଜ୍ୟରେ ଉତ୍କଟ ମରୁଡ଼ି ପଡ଼ିବାର ଯେଉଁ ସନ୍ଦେହ ପ୍ରକାଶ ପାଇଥିଲା ସେ ସନ୍ଦେହ ଓ ଆଶଙ୍କା ସମ୍ପୂର୍ଣ୍ଣ ଅମୂଳକ ବୋଲି ନିର୍ଦ୍ଧାରିତ ଭାବରେ ପ୍ରମାଣିତ ହୋଇଛି । କାରଣ ସରକାରଙ୍କ ତତ୍ପରତା ଓ ଉତ୍ତମ ନିୟନ୍ତ୍ରଣ ବ୍ୟବସ୍ଥା ଯୋଗୁଁ କୌଣସି ଅଞ୍ଚଳରେ ଦୁର୍ଭିକ୍ଷ ବା ଅନାହାର ମୃତ୍ୟୁ ଘଟିବାର ଆଶଙ୍କା ନାହିଁ । ରାଜ୍ୟପାଳଙ୍କର ଏହି ଉକ୍ତିକୁ ଉଦ୍ଧାର କରି ବିରୁଦ୍ଧ ଦଳର ନେତା କଣ କହିଥିଲେ ମାନ୍ୟବର ସଭ୍ୟ ଯେ ଦଳର ବିବରଣୀ ଦେଖିଲେ ମୋ କଥାର ସତ୍ୟାସତ୍ୟ ବୁଝିପାରିବେ ।

(ନୋଟ—ସ୍ୱସଦସ୍ଥଳର . . ନିରିକ୍ଷଣ . . . ଅଦୃଶ୍ୟଭରଣୀୟ . .
ଦେଶପ୍ରେମ . . . ନମସ୍କାର . . . ସତ୍ୟାସତ୍ୟ . . .)



ଦ୍ୱାତ୍ରିଂଶ ପରିଚ୍ଛେଦ

ସରଳ ସଂକ୍ଷିପ୍ତ

୧୪୯) ନିର୍ଦ୍ଦିଷ୍ଟ କେତେକ ନିୟମର ଅନୁବର୍ତ୍ତୀ ହୋଇ ପ୍ରୟୋଜନୀୟ ଶବ୍ଦର ରୂପରେଖକୁ ସଂକ୍ଷିପ୍ତାକୃତ କରାଗଲେ ସେହି ରୂପରେଖକୁ ସଂକ୍ଷିପ୍ତ କୁହାଯିବ । ତେଣୁ ମିତସଂସ୍ଥାନ ଯେପରି ବ୍ୟାହତ ନ ହେବ ଅଥଚ ରୂପରେଖର ପରିଚୟ ଯେପରି କ୍ଲିଷ୍ଟ ବା ଅସ୍ପଷ୍ଟ ନ ହେବ ସେଥିପ୍ରତି ସମ୍ୟକ୍ ଦୃଷ୍ଟି ଦେଇ ସଂକ୍ଷିପ୍ତ କରିବାକୁ ହେବ । ଅନ୍ୟଥା ସ୍ଥାନ ନିର୍ଦ୍ଦେଶିତ ହୋଇନଥିଲେ ସାଧାରଣତଃ ସଂକ୍ଷିପ୍ତ ଗୁଡ଼ିକ ଦ୍ୱିତୀୟ ସ୍ଥାନରେ ଲେଖାଯିବ ।

୧୫୦) ଦୁଇରୁ ଅଧିକ ଲିପି-ସମନ୍ୱିତ ଶବ୍ଦରେ—

(କ) ପ, ବ କ, ଚ ପ୍ରଭୃତି ସରଳ ଲିପି ସଂଲଗ୍ନ ତ, ଦ ପରବର୍ତ୍ତୀ ସ୍ୱରବର୍ଣ୍ଣ ଉହ୍ୟ ରହିବ । ଯଥା—



(ଖ) ଅନ୍ତ୍ୟ ସ, ସ୍ୟ, ସ୍ୱ ପରବର୍ତ୍ତୀ ସ୍ୱରବର୍ଣ୍ଣ ଉହ୍ୟ ରହିବ । ଯଥା—



(ଗ) ମ, ର, ସ ଯୋଗେ ଉଷ୍ମବର୍ଣ୍ଣ ହ ଉହ୍ୟ ରହିବ । ଯଥା—



(ଘ) ଶବ୍ଦ ମଧ୍ୟସ୍ଥ ସ-ବୃତ୍ତ ସଂଲଗ୍ନ ଟ, ଠ, ତ ପରେ ଅନ୍ୟ ଲିପି ଥିଲେ ଟ, ଠ ବା ତ ଉହ୍ୟ ରହିବ । ଯଥା—



(ଯାସ୍ଟର—ଅ୦-ଲିପି ଦ୍ୱିଗୁଣିତ ହେବ)

(ଙ) ମଧ୍ୟ ବା ଅନ୍ତ୍ୟ ସ୍ୱ ଉହ୍ୟ ରହିବ । ଯଥା—

ନିଳସ୍ୱନ ... **ଚାପଁଲସ୍ୱ** ... **ଜଳାଶସ୍ୱ** ... **ନିଶ୍ଚସ୍ୱ** ...
ନିସ୍ୱନ-ମିତ ... **ନ୍ୟସ୍ୱାଲସ୍ୱ** ... **ପରିଚସ୍ୱ** ... **ପରାଜସ୍ୱ** ...
ପ୍ରସ୍ୱୋଗ ... **ପ୍ରଶ୍ରୟମାନ** ... **ପ୍ରଳସ୍ୱଙ୍କର-ସ୍ୱ** ... **ପ୍ରସ୍ୱୋଜନ** ...
ନିଷ୍ପ୍ରୟୋଜନ ... **ଚସ୍ୱାଳସ୍ୱ** ... **ବିଦ୍ୟାଳସ୍ୱ** ... **ଉନସ୍ୱ-ଗତ** ...
ବେଳସ୍ୱନ ... **ଉସ୍ୱାବତ** ... **ମୃତ୍ତିମେସ୍ୱ** ... **ନିସ୍ୱମାଣ** ...

ଅନୁଶୀଳନୀ—୧୨୨

ଲେଖ ଓ ପଢ଼ :—

(କ) ସିଂହାସନ, ସିଂହଦ୍ୱାର, ମହାମାରୀ, ମହଲତ, ମହର୍ଷି, ମହିଳା, ଉଚ୍ଚାଭିଳାଷ, ଯାବଜ୍ଜୀବ, ନିଯୋଜିତ, କୈଫିୟତ (ଖ) ଗୋଏନ୍ଦା, ନମସ୍ୟ, ଅନମନୀୟ, ନିସ୍ୱାମକ, ବିଳମ୍ବସ୍ୱ, ବେଳସ୍ୱନ, ନିଃସଂଶସ୍ୱ, ଦ୍ୱୟୋଗ, ଦୈନନ୍ଦିନ, ମହାତ୍ମ୍ୟ (ଗ) ଉଦାହରଣ, ନାସ୍ତିକ, ନିସ୍ତୁକ, ପବିତ୍ର, ନରପତି ବୃହସ୍ପତି, ରାଷ୍ଟ୍ରପତି, ବ୍ୟକ୍ତିତ୍ୱ, ପିପାସା (ଘ) ପଢ଼ଶା, ପଡ଼ୋଶୀ, ଅମୀମାଂସିତ **ଅସମର୍ଥ**, ସମର୍ଥିତ, ପ୍ରାଦୁର୍ଭାବ, ହିତୈଷୀ, ପରିଚୟ, ପରିଚ୍ଛଦକ, ଅଦୂରବର୍ତ୍ତୀ ।

ଅନୁଶୀଳନୀ—୧୨୩

ଲେଖ ଓ ପଢ଼ :—

'ଗମରହିମ' ନାମକ ଯେଉଁ ନାଟକ ଆଦିବାସୀ ସାଂସ୍କୃତିକ ଉନ୍ନୟନ ସମିତିଦ୍ୱାରା ଅଭିନୀତ ହୋଇଥିଲା ଆମ ସେନାପତି ବାବୁ ତାଙ୍କୁ ଇଂରାଜୀରୁ ଅନୁବାଦ କରିଥିଲେ । କେନ୍ଦ୍ର ସରକାର ବହୁପୂର୍ବରୁ ଏକ ସରକାରୀ ବିଜ୍ଞପ୍ତି ଦ୍ୱାରା ଉକ୍ତ ପୁସ୍ତକ ପ୍ରକାଶନକୁ ବେଆଇନ ଘୋଷଣା କରିଥିବାରୁ ସେନାପତି ବାବୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ସ୍ଥାୟୀ ଅଧିବାସୀ ହେଲେ ମଧ୍ୟ ଆଇନତଃ ଏକ ଦୋଷାବହ କାର୍ଯ୍ୟ କରିଛନ୍ତି ବୋଲି କାଳେ ବିବେଚିତ ହେବେ ଓ ତାଙ୍କୁ ଆଦିବାସୀ ଉନ୍ନୟନ ସମିତିର ସଭାପତି ପଦରୁ ଇସ୍ତଫା ଦେବାକୁ ପଡ଼ିବ, ଏହି ଆଶଙ୍କାରେ ସେ ଅନନ୍ୟୋପାୟ ହୋଇ ଜଣେ ଜ୍ୟୋତିଷଙ୍କ ଶରଣାପନ୍ନ ହେଲେ । ଜ୍ୟୋତିଷ ଗଣନା କରି କହିଲେ ଧନାଧିପତି ମଙ୍ଗଳ ନବମରେ ଥିବାରୁ ଏ ଜାତକ ନରପତି ତୁଲ୍ୟ ତେଜସ୍ୱୀ ଓ ବୃହସ୍ପତି ତୁଲ୍ୟ ବିଦ୍ୱାନ୍

ହେବା ନିଶ୍ଚିତ । ପ୍ରାୟ ଦଶବର୍ଷ ପରେ ଜଣେ ଶ୍ୱେତାଙ୍ଗଙ୍କ ମଧ୍ୟବର୍ତ୍ତୀତାରେ ଏ ଜାତକ କୌଣସି ଧର୍ମାନୁଷ୍ଠାନରେ ସଭାପତିତ୍ୱ ବା ସୈନ୍ୟବାହିନୀର ସେନାପତିତ୍ୱ ଭଳି କୌଣସି ଉଚ୍ଚ ପଦବୀରେ ଅଧିଷ୍ଠିତ ହୋଇ ସାର୍ବଭୌମ କ୍ଷମତାର ଅଧିକାରୀ ହେବ ଓ ଜଣେ ବଶିଷ୍ଠ ଧର୍ମ ପ୍ରବକ୍ତା ଭାବରେ ପାଶ୍ଚାତ୍ୟ ଦେଶରେ ଉଚ୍ଚ ପ୍ରଶଂସିତ ହେବ । ଅବଶ୍ୟ ମଧ୍ୟବର୍ତ୍ତୀ କାଳରେ ରାହୁ ଓ ବୁଧ ଅଶୁଭ ଥିବାରୁ ସେ ନିଜ ନିଷ୍ପତ୍ତିରେ ଅଟଳ ରହି ପାରିବେ ନାହିଁ ଓ କୌଣସି ବ୍ୟକ୍ତିତ୍ୱ ଅଭାବରେ ତାର ଯାବତୀୟ ପ୍ରଚେଷ୍ଟା ଅନାବାଦୀ ଜମିରେ ବୀଜ ବପନ ତୁଲ୍ୟ ନିଷ୍ଫଳ ହେବ । ଅଧିକନ୍ତୁ ଅପ୍ରତ୍ୟାଶିତ ଭାବରେ ପୈତୃକ ସମ୍ପତ୍ତି ବାଜ୍ୟାପ୍ତି ହେବା, ପଡ଼ୋଶୀ ସହିତ ଅଯଥା ବିବାଦରେ ପ୍ରବୃତ୍ତ ହେବା, ଦୂରବର୍ତ୍ତୀ ସ୍ଥାନରେ ଦୁର୍ଘଟଣାଜନିତ ହଠାତ୍ କର୍ମ ଜୀବନର ଶୋଚନୀୟ ପରିସମାପ୍ତି ଘଟିବା ଓ ଏକଦା ଯେଉଁମାନେ ପ୍ରଶଂସାରେ ଶତମୁଖ ହେଉଥିଲେ ସେମାନେ ବ୍ୟଙ୍ଗୋକ୍ତି କରିବା ଇତ୍ୟାଦି ନାନା ଅଶୁଭ ଯୋଗ ରହିଛି । ଏସବୁ ସତ୍ତ୍ୱେ ବୃହସ୍ପତି ଏ ଜାତକର କେନ୍ଦ୍ରରେ ଥିବାରୁ ଏ ଜାତକ ସ୍ୱଜାତୀୟ ବ୍ୟକ୍ତିଙ୍କ ଶେଷ ପର୍ଯ୍ୟନ୍ତ ନିଜର ପ୍ରତିପତ୍ତି ଅକ୍ଷୁଣ୍ଣ ରଖିପାରିବ ।

ଅନୁଶୀଳନୀ—୧୨୪

ଲେଖ ଓ ପଢ଼ :—

ସାହିତ୍ୟ ଏକାଡେମୀର ଅଧ୍ୟକ୍ଷଙ୍କୁ ବୃହସ୍ପତି ବୋଲି ପ୍ରଶଂସା କରି ଆପଣ ଯେଉଁ ବିବୃତ୍ତି ଦେଇଥିଲେ ତାହା ଏକ ସରକାରୀ ବିଜ୍ଞପ୍ତି ଆକାରରେ ପ୍ରକାଶିତ ହେବ ବୋଲି ନିଷ୍ପତ୍ତି ହୋଇଛି । କାରଣ ସେ ଆଦିବାସୀ ଅଞ୍ଚଳର ଅଧିବାସୀ ନ ହେଲେ ମଧ୍ୟ ତାଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ, ତ୍ୟାଗ ଓ ତପସ୍ୟା ଯୋଗୁଁ ଆଦିବାସୀ ମାନଙ୍କର ଜ୍ଞାନପିପାସା ଯେ ଉତ୍ତରୋତ୍ତର ବୃଦ୍ଧି ଲାଭ କରିଛି ଏବଂ ପଡ଼ୋଶୀ ରାଜ୍ୟର ଅଧିବାସୀମାନେ ମଧ୍ୟ ସେଥିରୁ ଯଥେଷ୍ଟ ପ୍ରେରଣା ପାଇଛନ୍ତି ଏ ବିଷୟରେ ଆମେ ନିଃସଂଶୟ । ଧନଲିପ୍ସା ଓ ଯଶୋଲିପ୍ସା ବର୍ଜନ ନ କଲେ ଜନସେବା ଭଳି କଠୋର ତପସ୍ୟାରେ ସିଦ୍ଧିଲାଭ ଯେ ସମ୍ପୂର୍ଣ୍ଣ ଅସମ୍ଭବ ତାହା ସେ ନିଜ ଜୀବନ ଦର୍ଶନରେ ପ୍ରମାଣିତ କରିବା ଲାଗି ନିଜକୁ ସଂପୂର୍ଣ୍ଣ ରୂପେ ନିଯୋଜିତ କରିଛନ୍ତି । ଏଭଳି ପରମ ହିତୈଷୀ ବନ୍ଧୁ ଆମପାଇଁ ଏ ଶତାବ୍ଦୀର ସର୍ବଶ୍ରେଷ୍ଠ ଉପହାର ବୋଲି ନିଶ୍ଚୟ ପ୍ରେସ ବିଜ୍ଞପ୍ତିରେ ଉଲ୍ଲେଖ କରାଯିବ ଓ କୁହାଯିବ ଯେ କେବଳ ବଳିଷ୍ଠ ବ୍ୟକ୍ତିତ୍ୱ ଓ ଅଖଣ୍ଡ ପ୍ରତିପତ୍ତି ଯୋଗୁ ସେ ଆମର ପ୍ରଶଂସାଭାଜନ ନୁହନ୍ତି, ଜ୍ଞାନପ୍ରେମର ସମନ୍ୱୟରେ ସେ ଯେଉଁ କର୍ମଯୋଗର ଆଦର୍ଶ ପ୍ରତିଷ୍ଠା କରିଯାଇଛନ୍ତି ସେଥିପାଇଁ ସେ ଆମର ଚିରନମସ୍ୟ ।

ଲେଖ ଓ ପଢ଼ :—

(କ) ବହୁଜନ ପ୍ରଶଂସିତ "ପୃଷ୍ଠପୋଷକ" ନାଟକର ପୃଷ୍ଠଭୂମି ସମ୍ପୂର୍ଣ୍ଣ ଅଭିନବ । ଏକଦା ମହାର୍ଘ ବସନଭୂଷଣ ପରିହିତା ଜନୈକା ମହିଳା ଏକ ବାୟୁବ୍ୟ ଯାନରେ ଆସି ମହର୍ଷି ଭୃଗୁଙ୍କ ଆଶ୍ରମରେ ଅବତରଣ କଲେ ଓ ଆଶ୍ରମ ଭିତରକୁ ଯାଇ ଦେଖିଲେ ଆଶ୍ରମରେ କେହି ନାହାନ୍ତି ଅଥଚ ସିଂହାସନ ସମ୍ମୁଖରେ ପୂଜାର ଉପକରଣ ସବୁ ରଖାଯାଇଛି । ମହର୍ଷିଙ୍କ ଆଶ୍ରମକୁ ସେହି ମହତ୍ତ୍ୱପୂର୍ଣ୍ଣା ମହିଳା କାହିଁକି ଆସିଛନ୍ତି ବୋଲି କୌତୂହଳୀ ହୋଇ ମୁଷ୍ଟିମେୟ ଦେଖଣାହାରୀ ମଞ୍ଚ ପେଠ'ରେ ଲୁଣ୍ଠି ହେଲେ । ହଠାତ୍ ମହିଳାଙ୍କ ସମ୍ମୁଖରେ ମହର୍ଷି ଆସି ଉପସ୍ଥିତ ହେଲେ । ଦେଖଣାହାରୀମାନେ ମହର୍ଷିଙ୍କୁ ଦେଖି ପୃଷ୍ଠଭଙ୍ଗ ଦେଇ ପଳାୟନ କଲେ ଓ ମହିଳା ଅଭିଶାପ ଭୟରେ ଥରହର ହେଲେ । କିନ୍ତୁ ମହର୍ଷି ତାଙ୍କୁ ଆଶ୍ୱାସନା ଦେଇ କହିଲେ ଯେ ଦୂର୍ବିସହ ଜୀବନ ଜ୍ୱାଳାରୁ ମୁକ୍ତି ପାଇବା ପାଇଁ ତୁମେ ମୋ ପାଖକୁ ଆସିଛ । ତୁମ ପିତା ମୋର ପରମ ସୁହୃଦ ଏବଂ ସେହି ସୌହାର୍ଦ୍ଦ୍ୟ ଖାତିରରେ ମୁଁ ତୁମକୁ ଉପଦେଶ ଦେଉଛି ଯେ ତୁମେ ସଂସାରୀ, ମୁଁ ସନ୍ୟାସୀ । ମୋ ଇଷ୍ଟ ମୋ ଅନ୍ତରରେ ଅଧିଷ୍ଠିତ କିନ୍ତୁ ତୁମର ଇଷ୍ଟ ସ୍ୱାମୀ, ସନ୍ତାନ, ବନ୍ଧୁ, ପରଜନ, ରୂପରେ ବାହାରେ ଭ୍ରାମ୍ୟମାଣ । ତୁମର ଯାବତୀୟ ଆଗ୍ରହ ବ୍ୟବହାର, କର୍ମପ୍ରେରଣା ସେମାନଙ୍କ ସନ୍ତୋଷ ବିଧାନ ଦିଗରେ ନିୟୋଜିତ ହେଉ, ଏହି ଆଶୀର୍ବାଦ ଛଡ଼ା ମୋର ତୁମକୁ ଆଉ କିଛି ଦେବାର ଶକ୍ତି ନାହିଁ ମା ।

(ଖ) ବନ୍ୟା ବାତ୍ୟା ପରେ ଗୃହାଗତ ମହାମାରୀ ଲାଗିଗଲା, ଆବଶ୍ୟକତା ଅନୁଯାୟୀ ରେଳରେ ମାଲ ସରବରାହ ହୋଇପାରିଲା ନାହିଁ, ତେଣୁ ଅଧିକ ମାସୁଲ ଦେଇ ଉଡ଼ାଜାହାଜରେ ମାଲ ଆଣିବାକୁ ପଡ଼ିଲା । ଅତଏବ ବଜାରରେ ଜିନିଷ ମହର୍ଘ ହୋଇଗଲା ବୋଲି ଆମର ଫଳଗ୍ରୁପ ଉନ୍ନୟନ ସଚିବ ଯେଉଁ କୈଫିୟତ ଦେଇଛନ୍ତି ତାକୁ ଦେଖି ମହାମାରୀ ବୋଧହୁଏ ପୃଷ୍ଠଭଙ୍ଗ ଦେଇ ପଳାୟନ କରିବ ଓ ରୋଗୀ ବିଚରା କିଛିଦିନ ମହଲତ ପାଇଯିବ । ଜିନିଷ ମହର୍ଘ ହେଲେ କିଛି ମହଙ୍ଗା ଭତ୍ତା ବଢ଼ିବ ଓ ମହଙ୍ଗା ଭତ୍ତା ବଢ଼ିଲେ ଜିନିଷ ଆହୁରି ମହର୍ଘ ହେବ । ଫଳରେ ଆମେ ମହର୍ଘରୁ ଯାଇ କାନ୍ତାରରେ ପଡ଼ିବା ଓ ଅର୍ଥ ସଚିବ ନିଶ୍ଚୟ ବିନିଯୋଗକୁ ସାମୟିକ ଭାବରେ ରୋକ ଦେବାପାଇଁ ନିଷ୍ପତ୍ତି ଗ୍ରହଣ କରିବେ । କିନ୍ତୁ ବର୍ଷ ଶେଷକୁ ଦେଖାଯିବ ଯେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ମୂଲ୍ୟସୂଚୀ ହାରାହାରି ଦଶ ବଢ଼ିଛି ।

୧୫୨) ଦୁଇରୁ ଅଧିକ ଲିପି-ସମନ୍ୱିତ ଶବ୍ଦ ମଧ୍ୟବର୍ତ୍ତୀ ତ/ଦ ଉହ୍ୟ ରହିବ ।



(ନୋଟ—ବୃତ୍ତର ଉତ୍ତର ପ୍ରଥମ ସଂକ୍ଷିପ୍ତ—ବାତଶ୍ରଭ ..

୧୫୩) ଦୁଇରୁ ଅଧିକ ଲିପି-ସମନ୍ୱିତ ଶବ୍ଦର ମଧ୍ୟବର୍ତ୍ତୀ ର ଉହ୍ୟ ରହିବ ।



୧୫ଗ) ଦୁଇରୁ ଅଧିକ ଶବ୍ଦ-ସମ୍ବନ୍ଧିତ ଶବ୍ଦରେ ଅଂମ, ଅଂନ, ବା ମନ, ଏକତ୍ର ଥିଲେ ଦୁଇଟିରୁ ଗୋଟିଏ ଲୋପ ହେବା ସମ୍ଭବ ।





ଅନୁଶୀଳନୀ—୧୨

ଲେଖ ଓ ପଢ଼ :—

(କ) ଆମ ଭାଷାରେ ଆୟୁଷ୍ମାନ ବା ଆୟୁଷ୍ମତୀ ଶବ୍ଦର ବ୍ୟବହାର ବିରଳ କହିଲେ ଚଳେ । କାରଣ କେବଳ ପିତା ପିତୃବ୍ୟଙ୍କ ଭଳି ପରମ ଆତ୍ମୀୟ-ମାନେ ବାତ୍ସଲ୍ୟ ସ୍ନେହର ପାତ୍ରପାତ୍ରୀଙ୍କ ସମ୍ପର୍କରେ କୌଣସି ଶୁଭ ସମ୍ବାଦ ପ୍ରେରଣ କଲାବେଳେ ଆୟୁଷ୍ମାନ ବା ଆୟୁଷ୍ମତୀ ଶବ୍ଦ ସାଧାରଣତଃ ବ୍ୟବହାର କରନ୍ତି । ତେଣୁ ଏହାକୁ ବାତ୍ସଲ୍ୟ ପ୍ରେମର ଏକ କ୍ଷୁଦ୍ର ଅଂଶ ବୋଲି ମନେ କରାଯାଇ ପାରେ । କିନ୍ତୁ ପ୍ରଶ୍ନ ହେଉଛି ଯେଉଁ ବିରାଟ ବିଶାଳ ବାତ୍ସଲ୍ୟ ପ୍ରେମର ଏହା ଏକ କ୍ଷୁଦ୍ର ବା ସାମାନ୍ୟ ଅଂଶ ମାତ୍ର ସେହି ସୁବିଶାଳ ବାତ୍ସଲ୍ୟ ପ୍ରେମର ଧାରକ କିଏ, ପ୍ରାପକ କିଏ ? ଏହି ପ୍ରଶ୍ନର ଉତ୍ତର ପାଇବା ଲାଗି କଣ ଆମ ସମାଜରେ ଆନୁଷ୍ଠାନିକ ଭାବରେ ଦୀକ୍ଷାଗ୍ରହଣ ବିଧି ପ୍ରଚଳିତ ହୋଇଛି ? ଅଦୃଷ୍ଟ ଓ ପୁରୁଷକାର ମଧ୍ୟରେ କିଏ ବଳବାନ ? ଏ ପ୍ରଶ୍ନର ଉତ୍ତରରେ ଜଣେ ବ୍ରାହ୍ମଣ ହୁଏତ କହିବେ ଅଦୃଷ୍ଟ ବଳବାନ, ଜଣେ କ୍ଷତ୍ରିୟ ହୁଏତ କହିବେ ପୁରୁଷକାର ବଳବାନ କିନ୍ତୁ ଜଣେ ବୈଶ୍ୟ ବା ଶୂଦ୍ର କହିବେ

ଅର୍ଥ ହିଁ ବଳବାନ ଅର୍ଥାତ୍ ବ୍ରାହ୍ମଣର ଅଦୃଷ୍ଟ ଓ କ୍ଷତ୍ରିୟର ପୁରୁଷକାର ମଧ୍ୟରେ କୌଣସି ତଫାତ୍ ନାହିଁ । ଅତଏବ ତୁଳନା ନିରର୍ଥକ ଓ ଅପ୍ରାସଙ୍ଗିକ । ସାଧାରଣତଃ ଭାଗ୍ୟକୁ ଅଦୃଷ୍ଟ ଓ କର୍ତ୍ତବ୍ୟ କର୍ମରେ ନିଷ୍ଠା ଓ ତତ୍ପରତାକୁ ପୁରୁଷକାର କୁହାଯାଏ । ମନୁଷ୍ୟର ଭାଗ୍ୟ ତାକୁ କର୍ତ୍ତବ୍ୟ କର୍ମରେ ନିଷ୍ଠା-ବାନ ଓ ତତ୍ପର କରେ ବୋଲି କହିବା ଯେତିକି ଯୁକ୍ତିଯୁକ୍ତ କର୍ତ୍ତବ୍ୟକର୍ମରେ ନିଷ୍ଠା ଓ ତତ୍ପରତା ମନୁଷ୍ୟର ଭାଗ୍ୟ ବା ଅଦୃଷ୍ଟକୁ ସୃଷ୍ଟି ବା ନିୟନ୍ତ୍ରଣ କରେ ବୋଲି କହିବା ମଧ୍ୟ ସେତିକି ସଙ୍ଗତ ? ଏଭଳି ଦାର୍ଶନିକ ବିଷୟର ଆଲୋଚନା ଦ୍ୱାରା ଏକଥାର ତାତ୍ପର୍ଯ୍ୟ ଚିରକାଳ ଅଜ୍ଞାତ ରହିବ । ଏହାର ତାତ୍ପର୍ଯ୍ୟ ବୁଝିବା ଲାଗି ଯେଉଁ ଏକାଗ୍ର ସାଧନା ପ୍ରୟୋଜନ ସେଥିରେ ଜୀବନ ଉତ୍ସର୍ଗ କରିବାକୁ କେହି ପ୍ରସ୍ତୁତ ନୁହଁନ୍ତି ।

(ଖ) ପାର୍ଲିମେଣ୍ଟର ପ୍ରସ୍ତାବିତ ଶରତ କାଳୀନ ଅଧିବେଶନ ବେଶ ଉତ୍ତେଜନାପୂର୍ଣ୍ଣ ହେବା ସମ୍ଭବପର । ଲବି ମହଲରୁ ଖବର ନେବାରୁ ଜଣାଯାଏ ଯେ ଅନିବାର୍ଯ୍ୟ କାରଣବଶତଃ ରାଷ୍ଟ୍ରପତିଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ପ୍ରଥମ ଦିନ କୌଣସି ପ୍ରସ୍ତାବ ଆସିବାର ସମ୍ଭାବନା ନାହିଁ । କାରଣ ମୁଷ୍ଟିମେୟ ସଭ୍ୟଙ୍କର କଠୋର ମନୋଭାବରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଅଭିନନ୍ଦନ ପ୍ରସ୍ତାବ ଆସିବା ପୂର୍ବରୁ ସେମାନେ ନିଷ୍ପତ୍ତି ମୂଳତବୀ ପ୍ରସ୍ତାବ ଆଣିବେ ଏବଂ ତା ଉପରେ ଗୃହରେ ଆଲୋଚନା ହେଉ ବୋଲି ଦାବୀ କରିବେ । ଏପରି କି ପ୍ରଚଳିତ ନିୟମକୁ ଅବମାନନା କରି ନିଜର ଅନମନୀୟ ମନୋଭାବର ସମ୍ୟକ୍ ପରିଚୟ ଦେବାକୁ ଆଦୌ ପଛଘୁଞ୍ଚା ଦେବେ ନାହିଁ ବୋଲି ସେମାନେ ନିଷ୍ପତ୍ତି କରିଛନ୍ତି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦଳର ଚିନ୍ତାଧାରା ଅନୁଶୀଳନ କଲେ ସ୍ପଷ୍ଟ ପ୍ରତୀୟମାନ ହେବ ଯେ ପରସ୍ପର ପ୍ରତି ଦୋଷାରୋପ କରିବାର ମନୋବୃତ୍ତି ଯୋଗୁଁ ଦେଶ ଆଜି ଭୟାବହ ପରିସ୍ଥିତିର ସମ୍ମୁଖୀନ । ପ୍ରଶାସନିକ ସଂସ୍ଥା ଯେତେ ପାରଙ୍ଗମ ହେଲେ ମଧ୍ୟ ବକ୍ତବ୍ୟ ଓ ପ୍ରତିଶ୍ରୁତି ମଧ୍ୟରେ ଯଦି ସାମଞ୍ଜସ୍ୟ ନ ରହେ ତେବେ ବିବଦମାନ ଗୋଷ୍ଠି କଦାପି ଅଧ୍ୟକ୍ଷଙ୍କ ନିଷ୍ପତ୍ତିକୁ ଶିରୋଧାର୍ଯ୍ୟ ବୋଲି ଗ୍ରହଣ କରିବେ ନାହିଁ ।

(ଗ) ଦଳପତି ଓ ସମ୍ପାଦକଙ୍କ ନିର୍ଦ୍ଦେଶକୁ ଭ୍ରୂକ୍ଷେପ ନକରି ମୁଷ୍ଟିମେୟ କେତେକ ସଭ୍ୟ ପ୍ରଥମେ ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରି କହିଲେ ଯେ ପାର୍ଲିଆମେଣ୍ଟ ଅଧିବେଶନ ପୂର୍ବରୁ ରାଷ୍ଟ୍ରପତି ଯେଉଁ ସବୁ ଅଧ୍ୟାଦେଶ ପ୍ରବର୍ତ୍ତନ କରିଥିଲେ ତନ୍ମଧ୍ୟରୁ ତୃତୀୟ, ପଞ୍ଚମ ଓ ସପ୍ତମ ଅଧ୍ୟାଦେଶକୁ କାଏମ କରିବା ପାଇଁ ସରକାର ଏକ ସ୍ୱୟଂସମ୍ପୂର୍ଣ୍ଣ ଶିକ୍ଷା ଆଇନ ଏ ଅଧିବେଶନରେ ଆଣିଛନ୍ତି

କିନ୍ତୁ ହଠାତ୍ ଆବିର୍ଭୂତ ମହାପୁରୁଷଙ୍କର ଆକସ୍ମିକ ତିରୋଧାନ ପରି ଦ୍ୱିତୀୟ, ତୃତୀୟ ଓ ଷଷ୍ଠ ଅଧ୍ୟାଦେଶର ହଠାତ୍ ଆବିର୍ଭାବ ଓ ତିରୋଭାବ ସମ୍ପର୍କରେ ଶିକ୍ଷାମନ୍ତ୍ରୀ ବା ଶିଳ୍ପମନ୍ତ୍ରୀ ପ୍ରାଞ୍ଜଳ ଭାବରେ ନ ହେଲେ ମଧ୍ୟ ସାଧାରଣଭାବରେ ଏ ପର୍ଯ୍ୟନ୍ତ ଗୃହକୁ କିଛି ଜଣାଇ ନାହାଁନ୍ତି ଓ ତଦ୍ୱାରା ସେ ଏ ଗୃହର ପରମ୍ପରା ଭଙ୍ଗ କରିଛନ୍ତି । ଆଉ ଜଣେ ସଭ୍ୟ କହିଲେ ଯେ କୃଷି ସଂପ୍ରସାରଣ ଯୋଜନା କାର୍ଯ୍ୟକ୍ରମ ସମ୍ପର୍କରେ ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ପ୍ରକାଶିତ ବାର୍ଷିକ ପରିସଂଖ୍ୟାନରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଉପଯୁକ୍ତମାନଙ୍କ ସାହାଯ୍ୟ କଲେ ପାର୍ଲାମେଣ୍ଟ ମଞ୍ଜୁର କରିଥିବା ଅର୍ଥ ଯଥାଯଥ ଭାବରେ ବିନିଯୋଗ କରିବା ଏ ବିଭାଗ ପକ୍ଷରେ ସମ୍ଭବପର ହେଉନାହିଁ ଏପରିକି ଏ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଦରିଦ୍ର ମଜୁରିଆମାନଙ୍କୁ ମଜୁରି ଦେବାପାଇଁ ଯେଉଁ ଦଶଲକ୍ଷ ଟଙ୍କା ଆମେ ମଞ୍ଜୁର କରିଥିଲୁ ତନ୍ମଧ୍ୟରୁ ମାତ୍ର ଏକଲକ୍ଷ ଟଙ୍କା ମଜୁରି ବାବଦରେ ଦିଆଯାଇଛି ଓ ଅବଶିଷ୍ଟ ଅନ୍ୟ ବାବଦରେ ମଞ୍ଜୁର କରାଯାଇଛି । ଏସବୁ ଦୃଷ୍ଟିରୁ ଏ ବିଭାଗ ରହିବା ପ୍ରୟୋଜନ କି ନିଷ୍ପ୍ରୟୋଜନ ତାହା ଏକ ବିଚାର୍ଯ୍ୟ ବିଷୟ ଏବଂ ସେ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ଏ ବିଭାଗ ପାଇଁ କୌଣସି ଅର୍ଥ ମଞ୍ଜୁର କରିବା ଅନୁଚିତ । ତା ପରେ କୁହାଗଲା ଯେ ଆଦିବାସୀ ଉନ୍ନୟନ ଯୋଜନା କାର୍ଯ୍ୟକ୍ରମରେ ଅଦିବାସୀମାନଙ୍କ ହିତ କେବଳ ଯେ ପାତରଅନ୍ତର ବ୍ୟବହାର କରାଯାଇଛି ତାହା ନୁହେଁ, ଅଣ-ଆଦିବାସୀ ମାନଙ୍କର ସ୍ୱାର୍ଥପରତା, ସଂକୀର୍ଣ୍ଣ ମନୋବୃତ୍ତି ତଥା ପ୍ରଶାସନିକ ଅବ୍ୟବସ୍ଥା ଯୋଗୁଁ ସେମାନଙ୍କୁ ବିଭିନ୍ନ କୁଟୀରଶିଳ୍ପରେ ତାଲିମ ଦେବା ଉଦ୍ଦେଶ୍ୟରେ ଯେଉଁସବୁ ସରଞ୍ଜାମ ବିଶେଷଜ୍ଞମାନଙ୍କ ପରାମର୍ଶ ଅନୁସାରେ କିଣାଯାଇଥିଲା ତାର ଯଥାଯଥ ବିନିଯୋଗ ଏ ପର୍ଯ୍ୟନ୍ତ ହୋଇପାରିନାହିଁ । ତା'ଛଡ଼ା ହେମଗିରି ଯୋଜନାରେ ମୁଷ୍ଟିମେୟ କର୍ମଚାରୀଙ୍କ ଅଭିରୁଚି ଅନୁଯାୟୀ ସବର୍ତ୍ତିମାନଙ୍କ ମନୋରଞ୍ଜନ ଉଦ୍ଦେଶ୍ୟରେ ଟଙ୍କା ଯେପରି ଭାବରେ ବରବାଦ ହୋଇଛି ତାହା ଦରିଦ୍ର ଆଦିବାସୀମାନଙ୍କର ମର୍ମନ୍ତୁଦ ଯନ୍ତ୍ରଣାର କାରଣ ହେଉଛି ଓ ତା ଫଳରେ ଶାସନ ବିରୁଦ୍ଧରେ ପ୍ରତ୍ୟକ୍ଷ ସଂଗ୍ରାମ ବର୍ତ୍ତମାନ ଅନିବାର୍ଯ୍ୟ ହୋଇପଡ଼ିଲାଣି । ଏହା ବୁଦ୍ଧିମାନର କାର୍ଯ୍ୟ ନୁହେଁ, ଅଦୂରଦର୍ଶିତାର ପ୍ରକୃଷ୍ଟ ପ୍ରମାଣ ।

(ଘ) ଦ୍ୱିତୀୟ ଓ ତୃତୀୟ ଦିନର ପ୍ରଶ୍ନୋତ୍ତର ପରେ ସ୍ୱଳ୍ପ ମିଆଦି ପ୍ରଶ୍ନ ଆକାରରେ ଯେଉଁ ସବୁ ଅଭିଯୋଗ ଉତ୍ଥାପନ କରାଯାଇଥିଲା ତନ୍ମଧ୍ୟରୁ ଅଧିକାଂଶ କେବଳ ଅପ୍ରାସଙ୍ଗିକ ନୁହେଁ ସମ୍ପୂର୍ଣ୍ଣ ଅଯୌକ୍ତିକ ମଧ୍ୟ । ଜନୈକ ସଭ୍ୟ

ମନ୍ତବ୍ୟ ଦେଲେ ଯେ ଆମ ଦେଶର ଯେଉଁ ବିଶେଷଜ୍ଞମାନେ ଅନ୍ୟ ଦେଶର ଗୁପ୍ତଚର ମାନଙ୍କୁ ସାହାଯ୍ୟ କରୁଛନ୍ତି ସେମାନେ ଜ୍ଞାତସାରରେ ଓ ଇଚ୍ଛାକୃତ ଭାବରେ ଦେଶଦ୍ରୋହ କାର୍ଯ୍ୟ କରୁଛନ୍ତି କିନ୍ତୁ ସେମାନେ ସଂରକ୍ଷିତ ଅଞ୍ଚଳରେ ବସବାସ କରୁଥିବାରୁ ଆମେ କିଛି ଜାଣି ପାରୁନାହୁଁ । ଅନ୍ୟ ଜଣେ ସଭ୍ୟ କହିଲେ ଯେ ରାଜସ୍ଥାନର ରାଜ୍ୟପାଳଙ୍କ ସହଧର୍ମିଣୀଙ୍କ ଅପମୃତ୍ୟୁ ପାଇଁ ପ୍ରଶାସନିକ ଅବ୍ୟବସ୍ଥା ଓ ସାଂପ୍ରଦାୟିକ ମନୋଭାବ ଉଭୟ ଦାୟୀ । ସରକାରଙ୍କ ଦୋଦୁଲ୍ୟମାନ ମନୋବୃତ୍ତି ଏଥିପାଇଁ ମୁଖ୍ୟତଃ ଦାୟୀ ବୋଲି ମତ ପ୍ରକାଶ କରି ସେ କହିଲେ ଯେ ରାଜସ୍ୱମନ୍ତ୍ରୀ ସାଂସ୍କୃତିକ ବିପ୍ଳବର ଯେଉଁ ଅଭିନବ ଓ ଅଶ୍ରୁତପୂର୍ବ ବ୍ୟାଖ୍ୟା କଲେ ତା ଫଳରେ ଆଦିବାସୀ ଓ ହରିଜନ ସଭ୍ୟମାନେ ନିଜର ଅଜ୍ଞାତସାରରେ ଦୁଇଟି ବିବଦମାନ ଗୋଷ୍ଠୀରେ ବିଭକ୍ତ ହେବା ଅନିବାର୍ଯ୍ୟ । ସଭାପତିଙ୍କ ଅନୁମତିକ୍ରମେ ବିରୋଧୀ ଦଳର ମୁଖ୍ୟ ସଚେତକ କହିଲେ ଯେ ପ୍ରଚୁର ଅଭାବରୁ ଅଧିକାଂଶ ଉନ୍ନୟନ ଯୋଜନା ବିଶେଷତଃ କୃଷି ସଂପ୍ରସାରଣ ଯୋଜନା ଫଳପ୍ରଦ ହୋଇପାରୁନାହିଁ ଓ ଜନସାଧାରଣ କ୍ରମଶଃ ଯୋଜନା ପ୍ରତି ବୀତସ୍ପୃହ ଓ ସରକାରୀ କର୍ମଚାରୀଙ୍କ ପ୍ରତି ବୀତଶ୍ରଦ୍ଧ ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ସେ ଶ୍ରମମନ୍ତ୍ରୀଙ୍କ ବହୁଦର୍ଶିତା ଓ କର୍ମଚାରୀମାନଙ୍କର ପାରଦର୍ଶିତା କିପରି ଚତୁର୍ଦ୍ଦିଗରେ ଅଦୂରଦର୍ଶିତା ବୋଲି ପରିକୀର୍ତ୍ତିତ ହେଉଛି ତାର କେତେକ ଉଦାହରଣ ଦେଇ ସରକାରଙ୍କୁ ସଦ୍‌ବୁଦ୍ଧି ଦେବା ଲାଗି ଈଶ୍ୱରଙ୍କୁ ପ୍ରାର୍ଥନା କରିଥିଲେ ।

ଅନୁଶୀଳନୀ—୧୬

[କ] ବଲାଙ୍ଗୀରର ମାନ୍ୟବର ସଭ୍ୟ କହିଲେ ମାନ୍ୟବର ଶ୍ରମମନ୍ତ୍ରୀ ତାଙ୍କ ପ୍ରାରମ୍ଭିକ ଭାଷଣରେ ପାରିପାର୍ଶ୍ୱିକ ଅବସ୍ଥା ପ୍ରତି ଦୃଷ୍ଟି ନ ଦେଇ ଶ୍ରମିକ ଆନ୍ଦୋଳନକୁ ସାଂପ୍ରଦାୟିକ ହିଂସାକାଣ୍ଡ ବୋଲି ଯେପରି ନାଟକୀୟ ଢଙ୍ଗରେ ବର୍ଣ୍ଣନା କଲେ ତାହା ସମ୍ପୂର୍ଣ୍ଣ ଅଯୌକ୍ତିକ ଓ ଏଭଳି ସଂକୀର୍ଣ୍ଣ ମନୋବୃତ୍ତିର ପରିଚାୟକ ଯେ କୌଣସି ବିବେକବାନ ବ୍ୟକ୍ତି କଦାପି ତାଙ୍କୁ ସମର୍ଥନ କରିପାରିବେ ନାହିଁ । ଏତଦ୍ୱାରା ସେ ନିଜର ଅଜ୍ଞାତସାରରେ ପ୍ରକାରାନ୍ତରେ ସ୍ୱୀକାର କରିଛନ୍ତି ଯେ ଯେଉଁମାନେ ଦେଶସେବା ବା ଜନସେବା କରୁଛନ୍ତି ସେମାନଙ୍କୁ ତାଙ୍କ ନ୍ୟାଯ୍ୟ ପ୍ରାପ୍ୟ ବିନିମୟରେ ଯାବତୀୟ ଅପକର୍ମ କରିବାକୁ ଏପରିକି ସାଂପ୍ରଦାୟିକ ହିଂସାକାଣ୍ଡ କରିବାକୁ ପ୍ରଶ୍ରୟ ଦିଆଯାଉଛି । ଏହା ଆମ ସମସ୍ତଙ୍କ ପକ୍ଷରେ ଯେପରି ଦୁର୍ଭାଗ୍ୟଜନକ ଦେଶ ପକ୍ଷରେ ସେହିପରି ବିପଜ୍ଜନକ । ଏ ସନ୍ଦର୍ଭରେ ମାନ୍ୟବର ସଭ୍ୟ ପୁନର୍ବାର ପ୍ରଶ୍ନ କଲେ ଯେ ବାହାରର

ଯେଉଁମାନେ ଆମ ସରକାରୀ କାର୍ଯ୍ୟାଳୟରେ ବିଭିନ୍ନ କର୍ମରେ ନିଯୋଜିତ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଏ ରାଜ୍ୟରେ ଗୁପ୍ତଚର ବୃତ୍ତି ବା ଦେଶଦ୍ରୋହମୂଳକ ଅନ୍ୟାନ୍ୟ ବେଆଇନ କାର୍ଯ୍ୟରେ ଲିପ୍ତ ରହିଛନ୍ତି ବୋଲି କେନ୍ଦ୍ର ଗୋଇନ୍ଦା ସଂସ୍ଥା ତରଫରୁ ନିର୍ଦ୍ଦିଷ୍ଟ ଅଭିଯୋଗ ବାରମ୍ବାର ହେବା ସତ୍ତ୍ୱେ ସରକାର ସେ ଦିଗରେ କିଛି ପଦକ୍ଷେପ ନେବା ପରିବର୍ତ୍ତେ କାହିଁକି ନିର୍ଲିପ୍ତ ଓ ଉଦାସୀନ ରହିଛନ୍ତି ? ଏଥିରୁ ମନେହୁଏ ଏହା ପଛରେ ନିଶ୍ଚୟ କିଛି ରହସ୍ୟ ଲୁକ୍କାୟିତ ଅଛି ।

[ଖ] ସେ ଆଉ ମଧ୍ୟ କହିଲେ ଯେଉଁମାନେ ଦେଶର ସାର୍ବଭୌମତ୍ୱ ରକ୍ଷା କରିବା ପାଇଁ ଯୁଦ୍ଧ କ୍ଷେତ୍ରରେ ସଂଗ୍ରାମ କରିବା ପାଇଁ ନିଜର ଜୀବନ ଉତ୍ସର୍ଗ କରୁଛନ୍ତି ସେମାନଙ୍କୁ ପାରିଶ୍ରମିକ ଦେବାବେଳେ ସରକାର ନିର୍ଲୋଭ ହେବା ଉଚିତ । ମାନ୍ୟବର ମନ୍ତ୍ରୀ ଯେତେ ବୁଦ୍ଧିମାନ ଓ ପ୍ରତ୍ୟୁତ୍ପନ୍ନମତି ହେଲେ ମଧ୍ୟ ମୂଲତବୀ ପ୍ରସ୍ତାବର ପାରମ୍ଭିକ ଆଲୋଚନା ବେଳେ ସେ ଯଦି ସଂସର୍ଗ ଦୋଷରୁ ଜ୍ଞାତସାରରେ ବା ଅଜ୍ଞାତସାରରେ ଅନ୍ୟମନସ୍କ ହୁଅନ୍ତି ତେବେ ତାଙ୍କ ମନୋରଞ୍ଜନ ପାଇଁ ଏଣିକି ଆମେ ମୂଲତବୀ ପ୍ରସ୍ତାବ ପରିବର୍ତ୍ତେ ଅବିଶ୍ୱାସ ପ୍ରସ୍ତାବ ନିଶ୍ଚୟ ଆଣିବୁ । ପଡ଼ୋଶୀ ରାଜ୍ୟ ସହିତ କେନାଲ ଜଳ ବିବାଦ ଅମୀମାଂସିତ ରହିବା ଫଳରେ ସଂଯୁକ୍ତ ରଯ୍ୟତମାନଙ୍କୁ ଯେଉଁଥିରୁ ମର୍ମନ୍ତୁଦ ଘଟଣାର ସମ୍ମୁଖୀନ ହେବାକୁ ପଡୁଛି ସେ ସମ୍ପର୍କରେ ତଦାନୀନ୍ତନ ରାଜ୍ୟପାଳ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ ଅଥଚ ମାନ୍ୟବର ମନ୍ତ୍ରୀ କହୁଛନ୍ତି ସେ ସବୁ ଅଞ୍ଚଳରେ ସ୍ୱୟଂ ସମ୍ପୂର୍ଣ୍ଣ ଜଳସେଚନ ବ୍ୟବସ୍ଥାକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ବହୁ ଜଳାଶୟ ଖନନ କରାଯାଉଛି । ଜଳାଶୟ ଖନନରୁ ଦାରିଦ୍ର୍ୟ ଓ ସଂକ୍ରାମକ ରୋଗ ବିରୁଦ୍ଧରେ ସଂଗ୍ରାମ କରିବାର ଯଥେଷ୍ଟ ପ୍ରମାଣ କିପରି ମିଳିବ ସେ ବିଷୟରେ ମାନ୍ୟବର ମନ୍ତ୍ରୀ ନୀରବ ରହିବା ଶ୍ରେୟସ୍କର ମନେ କରିଛନ୍ତି ।

ତ୍ରୟୋବିଂଶ ପରିଚ୍ଛେଦ

ମାପ, ଓଜନ ଓ ସଂଖ୍ୟା

୨୫୪) ଏକ, ଦୁଇ, ତିନି, ଚାରି, ପାଞ୍ଚ ଇତ୍ୟାଦି ଆରବୀ ସଂଖ୍ୟା 1, 2 3, 4, 5 ଇତ୍ୟାଦିରେ ଲେଖାଯିବ । ସ୍ଥଳବିଶେଷରେ ଏଗୁଡ଼ିକ ଲିପିରେ ମଧ୍ୟ ଲେଖା ଯାଇପାରେ ।

ଶହ, ହଜାର, ଲକ୍ଷ ଇତ୍ୟାଦି ନିମ୍ନୋକ୍ତ ପ୍ରକାରେ ଲେଖାଯିବ :

ଶହ ... ଶହେଟଙ୍କା ... ୫୦୦ ଟଙ୍କା ...
ହଜାର ... ହଜାରେଟଙ୍କା ... ୩୦୦୦ ଟଙ୍କା ...
ଲକ୍ଷ ... ଲକ୍ଷେଟଙ୍କା ... ୨ ଲକ୍ଷଟଙ୍କା ...
କୋଟି ... କୋଟିଏଟଙ୍କା ... ୪ କୋଟିଟଙ୍କା ...
ସହସ୍ର ... ୫ ସହସ୍ର ମୁଦ୍ରା ...

୨୫୫) ବିଭିନ୍ନ କିସମର ମାପ ଓ ଓଜନ ନିମ୍ନୋକ୍ତ ପ୍ରକାରେ ଲେଖାଯିବ :

ଏକର ... ୫ ଏକର ଜମି ... ହେକ୍ଟର ... ୧୦ ଲକ୍ଷ ହେକ୍ଟର ...
ଡେସିମିଲ ... ୧୨ ଡେସିମିଲ ... କିଲୋଗ୍ରାମ ... ପାଞ୍ଚ କିଲୋଗ୍ରାମ ...
ଫୁଟ ... ୨୦ ଫୁଟ ... କ୍ୱିଣ୍ଟାଲ ... ୩ କ୍ୱିଣ୍ଟାଲ ...
କିଲୋୱାଟ୍ ... ମେଗାୱାଟ୍ ... ମସିହା ... ୧୯୯୩ ମସିହା ...
ତାରିଖ ... ତା ୫ ରିଖ ... ଡଲାର ... କ୍ୟୁସେକ ...
ଶତକଡ଼ା ... ଶତକଡ଼ା ୫ ... ସେଣ୍ଟିମିଟର ... ମିଲିମିଟର ...

୨୫୬) ସଂଖ୍ୟାବାଚକ ବିଶେଷଣଗୁଡ଼ିକ ନିମ୍ନୋକ୍ତ ପ୍ରକାରେ ଲେଖାଯିବ :

ଶତ ... ଅଧେକ ... ପ୍ରଥମ ... ପ୍ରଥମତଃ ... ଦ୍ୱିତୀୟ ...
ତୃତୀୟ ... ଚତୁର୍ଥ ... ପଞ୍ଚମ ... ଷଷ୍ଠ ... ସପ୍ତମ ...
ଅଷ୍ଟମ ... ନବମ ... ଦଶମ ... ଏକାଦଶ ... ଦ୍ୱାଦଶ ...

ସାରଣିକା

ସ୍ମରଣିକା —ଶହଶହ ଟଙ୍କା . . . ଶହଶହଲୋକ . . . ହଜାରହଜାର ଟଙ୍କା . . .
ଲକ୍ଷଲକ୍ଷ ଲୋକ . . . . କୋଟିକୋଟି ଟଙ୍କା . . . . ସହସ୍ରସହସ୍ର ମୁଦ୍ରା . . .
ମୁଣ୍ଡପିଛା . . . . ଡେଢଡେ . . . . . ଅଢ଼ାଇ ଡେ . . .
ସାଢ଼େତିନିଶହ . . . ସାଢ଼େଚାରିଶହକେଜି . . . ଦୁଇଲକ୍ଷଲୋକରେ . . .

ଅନୁଶୀଳନୀ — ୧୨୮



ଲେଖ ଓ ପଢ଼ :

ପ୍ରଥମ ଓ ଦ୍ୱିତୀୟ ପ୍ରଶ୍ନ ତୁଳନାରେ ତୃତୀୟ ପ୍ରଶ୍ନ ଅପେକ୍ଷାକୃତ ସହଜ ଥିଲା । ଦେଢ଼ ମେଗାଓ୍ୱାଟ୍ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ଲାଗି ଯଦି ୩ ଲକ୍ଷ ୪୨ ହଜାର କ୍ୟୁସେକ୍‌ସ ଜଳ ନିଷ୍କାସନର ଆବଶ୍ୟକତା ପଡ଼େ ଏବଂ ସେ ବାବଦରେ ଖର୍ଚ୍ଚ ଯଦି ଏକ ପାଉଣ୍ଡ ହୁଏ ତେବେ ୩୬ ମେଗାଓ୍ୱାଟ୍ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ପାଇଁ କେତେ କ୍ୟୁସେକ୍‌ସ ଜଳ ନିଷ୍କାସିତ ହେବା ପ୍ରୟୋଜନ ଏବଂ ଅଢ଼େଇ ଲକ୍ଷ କ୍ୟୁସେକ୍‌ସ ପରେ ଯଦି ପ୍ରତି ଦେଢ଼ ଲକ୍ଷ କ୍ୟୁସେକ୍‌ସ ଜଳ ନିଷ୍କାସନ ପାଇଁ ବିଦ୍ୟୁତ୍ ଉତ୍ପାଦନ ଖର୍ଚ୍ଚ ଅଢ଼େଇ ପରସେଣ୍ଟ ହାରରେ କମିଯାଏ, ତେବେ ଦଶ ମେଗାଓ୍ୱାଟ ପାଇଁ ଉତ୍ପାଦନ ଖର୍ଚ୍ଚ କେତେ ହେବ ? ଚତୁର୍ଥ ପ୍ରଶ୍ନଟି ସାଂକେତିକ ଧାରାରେ କରିବା ପାଇଁ ନିର୍ଦ୍ଦେଶ ଥିଲା । ଦେଢ଼ କ୍ୱିଣ୍ଟାଲ ଚାଉଳର ଦାମ ଯଦି ଟ ୮୦୨.୮୦ ପଇସା ହୁଏ ତେବେ ଦୁଇ କ୍ୱିଣ୍ଟାଲ ୮୦ କେଜି ଚାଉଳର ଦାମ କେତେ ହେବ ଅଥବା ଗୋଟିଏ ଜିପ୍ ଯଦି ଅଢ଼େଇ ଲିଟର ପେଟ୍ରୋଲରେ ୨୪ ମାଇଲ ଚାଲେ ଏବଂ ପେଟ୍ରୋଲ ଦାମ ଲିଟର ପିଛା ଯଦି ଟ ୧୪.୮୦ ପଇସା ହୁଏ, ତେବେ ୧୬୦ କିଲୋମିଟର ଯିବା ପାଇଁ କେତେ ଟଙ୍କାର ପେଟ୍ରୋଲ ଲାଗିବ ? ପଞ୍ଚମ ପ୍ରଶ୍ନ ଥିଲା, ଏକ ମାଇଲ୍ ରାସ୍ତା ପକ୍କା କରିବା ଲାଗି ରୋଡ ରୋଲର ପାଇଁ ଯଦି ୪୫ ଲିଟର ଡିଜେଲ ଦରକାର ହୁଏ ଓ ଡିଜେଲର ଦାମ୍ ଯଦି ଲିଟର ପିଛା ଟଙ୍କା ୪୫ ପଇସା ହୁଏ ତେବେ ୧୦ କିଲୋମିଟର ରାସ୍ତା ପକ୍କା କରିବା ପାଇଁ ଡିଜେଲ ବାବଦ ଖର୍ଚ୍ଚ କେତେ ହେବ ? ଏହାର ବିକଳ୍ପ ପ୍ରଶ୍ନଟି ହେଲା ୧୮୦୦ ଘନଫୁଟ ମାଟିବନ୍ଧ ବା ୧୬୦୦ ଘନଫୁଟ କଂକ୍ରିଟ ବନ୍ଧ କରିବା ପାଇଁ ଯଦି ୨ ଲକ୍ଷ ୪୪ ହଜାର ଟଙ୍କା ଖର୍ଚ୍ଚ ହୁଏ ତେବେ ୧୨୦୦ ଘନଫୁଟ ମାଟିବନ୍ଧ ଓ ୩୬୦୦ ଘନଫୁଟ କଂକ୍ରିଟ ଡ୍ୟାମ କଲେ କେତେ ଟଙ୍କା ଖର୍ଚ୍ଚ ହେବ ? ସପ୍ତମ ପ୍ରଶ୍ନଟି ସବୁଠାରୁ ସହଜ ଥିଲା । ୩୦ ମେଟ୍ରିକ ଟନ୍ ଲୁହାର ଦାମ୍ ଓ ଦୁଇ ମେଟ୍ରିକ୍ ଟନ୍ ସିମେଣ୍ଟର ଦାମ୍ ଯଦି ସମାନ ହୁଏ ତେବେ ୭ ମେଟ୍ରିକ ଟନ୍ ସିମେଣ୍ଟ ବଦଳରେ କେତେ ମେଟ୍ରିକ ଟନ୍ ଲୁହା ମିଳିବ ?

ଚତୁର୍ବିଂଶ ପରଚ୍ଛେଦ

ଅତ୍ୟାବଶ୍ୟକ ସ୍ୱରସଂକେତ

୧୫୭) ସର୍ବତ୍ର ସ୍ୱରସଂକେତ ଦେବା ଦ୍ରୁତଲିଖନର ସହାୟକ ନୁହେଁ ଏକଥା ସତ୍ୟ କିନ୍ତୁ ଏକଥା ଅଧିକତର ସତ୍ୟ ଯେ ସ୍ଥଳବିଶେଷରେ ସ୍ୱରସଂକେତ ଏକାନ୍ତ ଅପରିହାର୍ଯ୍ୟ । ଅତଏବ ସ୍ୱରସଂକେତର ଆବଶ୍ୟକତା ଓ ଅନାବଶ୍ୟକତା ମଧ୍ୟରେ ଏକ ସୀମାରେଖା ଚିହ୍ନିତ ହେବା ପ୍ରୟୋଜନ । ଏତଦୁଦ୍ଦେଶ୍ୟରେ ନିମ୍ନଲିଖିତ ସୂଚନା ପ୍ରଣିଧାନଯୋଗ୍ୟ ।

(କ) ସାଧାରଣତଃ ଚଳନ୍ତିକା, ସଂକ୍ଷିପ୍ତା ଓ ସ୍ମରଣିକାରେ ସ୍ୱରସଂକେତ ଦେବା ଅନାବଶ୍ୟକ । ସେଗୁଡ଼ିକୁ ଯଥା ସ୍ଥାନରେ ଲେଖିଲେ ହିଁ ନିର୍ଭୁଲ ପଢ଼ି ହେବ ।

(ଖ) ଦେଇଛି, ଦେଖିଛି, ଲେଖିଛି, ମିଶିଛି ଇତ୍ୟାଦି କ୍ରିୟାପଦ ଷ୍ଟ୍ରୋକ ଦ୍ୱାରା ଏବଂ ଦେଉଛି, ଦେଖୁଛି, ଲେଖୁଛି, ମିଶୁଛି ଇତ୍ୟାଦି କ୍ରିୟାପଦ ଚ-ଲୁପ ଦ୍ୱାରା ଲେଖାଯାଏ । ତେଣୁ ସ୍ୱରସଂକେତ ଦେବା ନିଷ୍ପ୍ରୟୋଜନ ।

(ଗ) ନାମବାଚକ ବିଶେଷ୍ୟ ପଦ ତଳେ ଦୁଇଟି ସମାନ୍ତରାଳ ରେଖା ଦିଆଯିବ ।

(ଘ) ପ୍ରେରଣାର୍ଥକ କ୍ରିୟାପଦ ବାକ୍ୟରେ ବ୍ୟବହୃତ ହେଲେ ଭ୍ରମର ଆଶଙ୍କା ନଥିଲେ ମଧ୍ୟ ସ୍ଥଳ ବିଶେଷରେ ଦ୍ୱିସ୍ୱରସଂକେତ ଦେବା ନିରାପଦ ।

(ଙ) ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗବାଚକ ଶବ୍ଦର ରୂପକ ଏକାକୃତି ହେଲେ ସ୍ତ୍ରୀଲିଙ୍ଗବାଚକ ରୂପକରେ ଅନ୍ତ୍ୟସ୍ୱର ସଂକେତ ଦେବା ବିଧେୟ ।



(ଚ) ଘରେ, ଘରୁ, ଉପରେ, ଉପରୁ, ସେଥିରେ, ସେଥିରୁ, ଭିତରେ, ଭିତରୁ, ତାପରେ, ତଦ୍ୱାରା, ପଢ଼ିଛି, ପଢ଼ୁଛି, ପହଞ୍ଚିଛି, ପହଞ୍ଚୁଛି, ଘଟିଛି, ଘଟୁଛି ଇତ୍ୟାଦି ଶବ୍ଦଯୁଗଳ ମଧ୍ୟରେ ପାର୍ଥକ୍ୟ ରକ୍ଷା ନିମିତ୍ତ ଉ-ସ୍ୱରସଂକେତ ଦେବା ନିରାପଦ ।



(ଛ) ଏପରି କେତେକ ଶବ୍ଦ ଅଛି ଯେଉଁଗୁଡ଼ିକ ବିନା ସ୍ୱରସଂକେତରେ ନିର୍ଭୁଲ ପଢ଼ି ହୁଏନାହିଁ ଅଥଚ ବାକ୍ୟରେ ବ୍ୟବହୃତ ହେଲେ ପୂର୍ବ-ପର-ସମ୍ବନ୍ଧ ବିବେଚନାରେ ଅକ୍ଲେଶରେ ପଢ଼ିହୁଏ । ଏସବୁ ସ୍ଥଳେ ସ୍ୱଳ୍ପ ପ୍ରଚଳିତ ଶବ୍ଦର ରୂପକରେ ଅତ୍ୟାବଶ୍ୟକ ସ୍ୱରସଂକେତ ଦିଆଯାଇପାରେ । ଯଥା—



(ଜ) କୌଣସି ଅପରିଜ୍ଞାତ ବା ଟେକ୍‌ନିକାଲ ବିଷୟରେ ନୋଟ ନେଲେ ଆଦ୍ୟ ବା ଅନ୍ତ୍ୟ ସ୍ୱରସଂକେତ ଦେବା ନିରାପଦ । ବିଶେଷତଃ ଭାଷାର ଶୈଳୀ କବିତ୍ୱପୂର୍ଣ୍ଣ, ବ୍ୟଙ୍ଗାତ୍ମକ, ଭାବଗର୍ଭକ ବା ସମାଲୋଚନାମୂଳକ ହେବା ଯୋଗୁଁ ଯଦି ପୂର୍ବ-ପର-ସମ୍ପର୍କ ଅବଧାରଣ ଆୟାସସାଧ୍ୟ ହୁଏ ତେବେ ଆବଶ୍ୟକ ସ୍ୱରସଂକେତ ଦେବାକୁ ହେବ ।

(ଝ) ଅନବଧାନତା ବଶତଃ କୌଣସି ରୂପକ ଯଦି ଭୁଲ ସ୍ଥାନରେ ବା ଭୁଲ ଭାବରେ ଲେଖି ହୋଇଯାଏ ତେବେ ତହିଁରେ ଏକ ବା ଏକାଧିକ ସ୍ୱରସଂକେତ ଦେବା ବୁଦ୍ଧିମାନର କାର୍ଯ୍ୟ । ଇଂରାଜୀ, ହିନ୍ଦି ପ୍ରଭୃତି ବିଦେଶୀ ଭାଷା ସମ୍ପର୍କରେ ମଧ୍ୟ ଏହା ହିଁ କରଣୀୟ ।

୧୨୬ ସର୍ଟହାଣ୍ଡ ନୋଟ ନେବା ବେଳେ ପୂର୍ଣ୍ଣଚ୍ଛେଦ ଦେବା ଅଭ୍ୟାସ ଏକାନ୍ତ ଆବଶ୍ୟକ । ଖାଲି ଯନ୍ତ୍ର ପରି ଅର୍ଥ ନ ବୁଝି ଲେଖିଗଲେ ହେବନାହିଁ, ଅର୍ଥ ବୁଝି ଲେଖିବା ଅଭ୍ୟାସ କଲେ ଯଥାସ୍ଥାନରେ ପୂର୍ଣ୍ଣଚ୍ଛେଦ ଦେବା କାର୍ଯ୍ୟଟି ସହଜ ହେବ । ଅନେକ ସମୟରେ ବକ୍ତା ଗୋଟିଏ କଥା କହୁ କହୁ ବକ୍ତବ୍ୟକୁ ଅଧିକ ଗୁରୁତ୍ୱ ଦେବା ଉଦ୍ଦେଶ୍ୟରେ ଖଣ୍ଡବାକ୍ୟ ବ୍ୟବହାର କରି ପୁନର୍ବାର ମୂଳ ବାକ୍ୟକୁ ଯେଉଁଠାରୁ ଛାଡ଼ିଥାନ୍ତି ସେଠାରୁ ଆରମ୍ଭ କରନ୍ତି । ଯଥା— "ମୋର ଯେତେ ଦୂର ବିଶ୍ୱାସ, ଖାଲି ମୋର କାହିଁକି ଆମ ଦେଶର ଅଧିକାଂଶ ବୁଦ୍ଧିଜୀବୀଙ୍କର ବିଶ୍ୱାସ ଯେ ଆମର ପରୋକ୍ଷ କର ହାର-କେହି କେହି କହନ୍ତି ପରୋକ୍ଷ ଓ ପ୍ରତ୍ୟକ୍ଷ ଉଭୟ କରର ହାର ଅନ୍ୟ ରାଜ୍ୟ ତୁଳନାରେ ଏପରିକି ପଞ୍ଜାବ, ହରିଆଣା, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ପ୍ରଭୃତି ସମୃଦ୍ଧ ରାଜ୍ୟ ତୁଳନାରେ ଯଥେଷ୍ଟ ବେଶି । ଏପରି ସ୍ଥଳେ ସହସା-ଆଗତ ଖଣ୍ଡବାକ୍ୟର ଆରମ୍ଭରେ କମା ବା ଡାସ୍ ଦେଲେ ପଢ଼ିବା ବେଳେ ଅସୁବିଧା ହେବ ନାହିଁ ।



ଅନୁଶୀଳନୀ ୧୩୦

ପଢ଼ ଓ ଲେଖ :—



ଅନୁଶୀଳନୀ—୧୩୧

ଲେଖ ଓ ପଢ଼ :—

୧) ନିର୍ଦ୍ଦେଶ, ନିର୍ଦ୍ଦୋଷ, ଚରମ, ଚର୍ମ, ପ୍ରକାଶିତ, ପ୍ରକୋଷ୍ଠ, ପସ୍ତର, ପିଥର, ପଥ, ପଥର ୨) ରାମ, ଆରାମ, ପ୍ରତ୍ୟକ୍ଷ, ପ୍ରତୀକ୍ଷା, ପତନ, ପତ୍ନୀ ମନୋରମ, ବିକ୍ଷତ, ବିଖ୍ୟାତ, ବେଦନା ୩) ବେତନ, ବଦନ, ବଦାନ୍ୟ, ବଧୂ, ବ୍ୟଥା, ବରଣ, ବାରଣ, ବର୍ଣ୍ଣ, ବର୍ଣ୍ଣନା, ବିସ୍ମୃତ, ବିସ୍ତାରିତ ୪) ବୈରାଗୀ, ବୈରାଗ୍ୟ, ଉପଦ୍ରବ, ଉପଦ୍ରୁତ, ସାହସ, ଉପହାସ, ବିକଳ, ବ୍ୟାକୁଳ, ଘୃଣା, ଘୃଣ୍ୟ, ବିଷମ ୫) ବୈଷମ୍ୟ, ଯୋଗ, ଯୋଗ୍ୟ, ଖଳସ, ଖଳସି, ଦରମା, ଧର୍ମ, ଯତ୍ନ, ଯାତନା, ଭୋଗ, ୬) ଭୋଗ୍ୟ ଭାଗ୍ୟ, ଭଗ୍ୟ, କ୍ଷତ, ଖାତ, ସାକ୍ଷୀ ସାକ୍ଷ୍ୟ, କୁଶଳ, କୌଶଳ ।

ଅନୁଶୀଳନୀ—୧୩୨

ପଢ଼ ଓ ଲେଖ—



ଅନୁଶୀଳନୀ—୧୩୩

ଲେଖ ଓ ପଢ :—

ଜୀବନ ଧାରଣ ପାଇଁ ଅର୍ଥ ଏକାନ୍ତ ଅବଶ୍ୟକ । ଅର୍ଥ ନ ହେଲେ ଦୁନିଆର ଅଧିକାଂଶ କାର୍ଯ୍ୟ କରିବା ଅସମ୍ଭବ ହୁଏ । ତେଣୁ ହାତରେ ପଇସା ନ ଥିଲେ ମନ ବ୍ୟାକୁଳ ହେବା ସ୍ୱାଭାବିକ । ଅର୍ଥ ବଳରେ ମନୁଷ୍ୟ ନିଜକୁ ବଳବାନ ମନେ କରେ । ତଥାପି ଅର୍ଥକୁ ପରମାର୍ଥର ବିଘ୍ନ ବୋଲି କୁହାଯାଏ । ସମ୍ପଦ ବିପଦର ହେତୁ, ବିଭବ ମନୁଷ୍ୟତ୍ୱର ବିକାଶ ପଥରେ ପ୍ରଧାନ ଅନ୍ତରାୟ ବୋଲି ବ୍ୟାଖ୍ୟା କରାଯାଇଛି । ଅର୍ଥ ସବୁ ଅନର୍ଥର ମୂଳ ବୋଲି ଲୋକାପବାଦ ରହିଛି ଅଥଚ ଧନ ଅର୍ଜନେ ଧର୍ମ କରି, ଧର୍ମେ ପ୍ରାପତ ନରହରି ବୋଲି ଶାସ୍ତ୍ରରେ ଉପଦେଶ ଦିଆଯାଇଛି । ଅନେକ ସମୟରେ ମନକୁ ସାନ୍ତ୍ୱନା ଦେବା ପାଇଁ କୁହାଯାଏ ଭାଗ୍ୟ ପ୍ରସନ୍ନ ନ ହେଲେ ଭୋଗ୍ୟ ବସ୍ତୁ ଲଭ୍ୟ ହୁଏନାହିଁ । ଜ୍ୟେଷ୍ଠ ହେଲେ କେହି ଶ୍ରେଷ୍ଠ ହୋଇଯାଏ ନାହିଁ କି ଧନୀ ହେଲେ କେହି ଧନ୍ୟ ହୁଏ ନାହିଁ । ଧନ୍ୟଧାନ୍ୟ ଇତ୍ୟାଦି କିଛି ନ ଥାଇ ମଧ୍ୟ ଯଦି ଜଗତର ମଙ୍ଗଳ କାମନା ତୁମର ଧ୍ୟେୟ ହୁଏ ତେବେ ତୁମେ ଧନ୍ୟ । ସ୍ୱର୍ଗରେ ପରାଧୀନ ଭୃତ୍ୟ ଭଳି ରହିବା ଅପେକ୍ଷା ନରକରେ ପ୍ରଭୁ ହେବା ଅଧିକତର କାମ୍ୟ । କାରଣ ସ୍ୱାଧୀନତା ହିଁ ମନୁଷ୍ୟର ସର୍ବଶ୍ରେଷ୍ଠ ସମ୍ପଦ ।

ଅନୁଶୀଳନୀ—୧୩୪

ଲେଖ ଓ ପଢ :—

ଆମ ଦେଶରେ ଇସ୍ପାତ ଉତ୍ପାଦନ ବର୍ଷକୁ ବର୍ଷ କ୍ରମଶଃ ବଢ଼ୁଥିଲେ ମଧ୍ୟ ମୂଲ୍ୟ କାହିଁକି ହୁ ହୁ ହୋଇ ବଢ଼ି ଯାଉଛି ସେ ସମ୍ବନ୍ଧରେ ଏ ପର୍ଯ୍ୟନ୍ତ କୌଣସି ସରକାରୀ ଇସ୍ତାହାର ପ୍ରକାଶ ନ ପାଇବା ଆଶ୍ଚର୍ଯ୍ୟର ବିଷୟ । ଶୁଣା-ଯାଏ ଯେ ଯେଉଁମାନେ ଇସ୍ପାତ ଉତ୍ପାଦନ ସହିତ ପ୍ରତ୍ୟକ୍ଷ ଭାବରେ ସଂପୃକ୍ତ ସେମାନଙ୍କର ମତାମତ ବା ସୁପାରିଶ ବିଚାରକୁ ନିଆ ନ ଯାଇ ଏକତରଫା ଭାବରେ ଦରଧାର୍ଯ୍ୟ କରାଯାଏ ଏପରିକି ଆଭ୍ୟନ୍ତରୀଣ ଚାହିଦା ଠିକ୍ ଅଟକଳ ନ କରି ବିଦେଶକୁ ରପ୍ତାନୀ ପାଇଁ ଅବାଧ ଲାଇସେନ୍ସ ଓ ପରମିଟ୍ ଦିଆଯାଏ । ଉତ୍ପାଦନ ଓ ବଣ୍ଟନ କ୍ଷେତ୍ରରେ ଦୁଇଟା ସମାନ୍ତରାଳ ସଂସ୍ଥା କାର୍ଯ୍ୟ କରୁଥିବାରୁ ଏପରି ହେଉଛି ବୋଲି ଅଭିଯୋଗ ହୁଏ । ଯେତେବେଳେ ଏସବୁ ଅବ୍ୟବସ୍ଥା ବିରୁଦ୍ଧରେ କେହି ସ୍ୱର ଉତ୍ତୋଳନ ବା ପାଟିତୁଣ୍ଡ କରେ ସଙ୍ଗେ ସଙ୍ଗେ ଗୋଟିଏ

ତଦନ୍ତ କମିଶନ ବସେ ଓ ସଂପୃକ୍ତ ଉଚ୍ଚପଦସ୍ଥ ଅଫିସରଙ୍କୁ ଏହାର କାରଣ ଅନୁସନ୍ଧାନ କରିବାକୁ ନିର୍ଦ୍ଦେଶ ଦିଆଯାଏ । କିନ୍ତୁ ପର୍ବତ ମୂଷିକ ଶାବକ ପ୍ରସବ କଲାପରି ପରିଣାମରେ କେତେକ ଗରିବ ନିଃସମ୍ବଳ ଶ୍ରମିକ ଛଟେଇ ହୁଅନ୍ତି ଅଥଚ ଯେଉଁମାନେ କାର୍ଯ୍ୟରେ ଖିଲାପ କରିବାରୁ ନାନା ପ୍ରକାର ବିଭ୍ରାଟ ସୃଷ୍ଟି ହୁଏ, ସେମାନେ ନିର୍ଦ୍ଦୋଷରେ ଖଲାସ ହୋଇ ସ୍ୱଚ୍ଛନ୍ଦରେ ଚଳି ପ୍ରଚଳି ହୁଅନ୍ତି । ଏଭଳି ପରିସ୍ଥିତିରେ ସମ୍ବାଦପତ୍ରର ସମ୍ପାଦକ ଓ ସାମ୍ବାଦିକଙ୍କ କର୍ତ୍ତବ୍ୟ କଣ ହେବା ସଙ୍ଗତ ତାହା ଏକ ବିଚାର୍ଯ୍ୟ ବିଷୟ ।



ପଞ୍ଚତ୍ରିଂଶ ପରିଚ୍ଛେଦ

ଝଚାଙ୍ଗ ସଂକ୍ଷିପ୍ତ

୨୫୮) ଯେଉଁ ସବୁ ପ୍ରକ୍ରିୟାଗତ କୌଶଳରେ ଝଚାଙ୍ଗ ସଂକ୍ଷିପ୍ତ ସୃଷ୍ଟି ସମ୍ଭବ ସେଗୁଡ଼ିକ ନିମ୍ନଲିଖିତ ଉଦାହରଣ ସାହାଯ୍ୟରେ ବୁଝାଇ ଦିଆଯାଇଛି । କହିବା ବାହୁଲ୍ୟ ଯେ ସମସ୍ତ ପ୍ରୟୋଜନୀୟ ସଂକ୍ଷିପ୍ତ ଏଠାରେ ସନ୍ନିବେଶିତ କରିବା ସମ୍ଭବ ନୁହେଁ ବା ଅଭିପ୍ରେତ ନୁହେଁ । କେବଳ ପ୍ରକ୍ରିୟାଗତ କୌଶଳ ସହିତ ଶିକ୍ଷାର୍ଥୀ ସୁପରିଚିତ ହେଲେ ସେ ତାଙ୍କର ନିଜ ପ୍ରୟୋଜନ ମୁତାବକ ନୂତନ ସଂକ୍ଷିପ୍ତ ସୃଷ୍ଟି କରିପାରିବେ ବସ୍ତୁତଃ ଏହାହିଁ ଅଭିପ୍ରେତ ।

(କ) ପ୍ରଥମ ଦୁଇ ବା ତିନୋଟି ଲିପି ଅବଲମ୍ବନରେ—

ନବେ(ମୁର) ଉଭେକ (ତ୍ରିକ) 
(ମ ଛୁକଚ)

(ଝ) ଏକକ ବା ଏକାଧିକ ଲିପି ବାଦ ଦେଇ —

ଇଲେକ୍(ଟ୍ରି)ସିଟି   ଟ୍ରୁ(ଟେଲେ)ପ

(୨ୟ ଓ ୩ୟ ପ୍ରବନ୍ଧ)

(ଗ) ତାଳନ୍ତ୍ରିକା ଅବଲମ୍ବନରେ—

ପୂର୍ବାଲୋଚନା   ପରସ୍ପରପୂର୍ବ

(୪ର୍ଥ ପ୍ରବନ୍ଧ)

(ଘ) ଅନ୍ତଚ୍ଛେଦନ ପ୍ରକ୍ରିୟା ଦ୍ୱାରା—

ପୂଙ୍ଖାନୁପୂଙ୍ଖ   ପରିଚାଳିତ

(୪ର୍ଥ ଓ ୫ମ ପ୍ରବନ୍ଧ)

(ଙ) କମାଙ୍କାସ୍ତ ପ୍ରୟୋଗ ଦ୍ୱାରା ସଂକ୍ଷିପ୍ତା ସୃଷ୍ଟି କରାଯିବ—

ଅପବ୍ୟବହାର   ଅଭ୍ୟାସ

(୪ର୍ଥ ପ୍ରବନ୍ଧ)

୨୫୯) ସଂକ୍ଷିପ୍ତାରେ ସ୍ୱରସଂକେତ ଦିଆଯିବ ନାହିଁ । ଅନ୍ୟଥା ସ୍ଥାନ ନିର୍ଦ୍ଦେଶିତ ହୋଇ ନଥିଲେ ସାଧାରଣତଃ ଏଗୁଡ଼ିକ ଗାର ଉପରେ ବା ଦ୍ୱିତୀୟ ସ୍ଥାନରେ ଲେଖାଯିବ । ସଂକ୍ଷିପ୍ତା ସହିତ ସୁ, ସହ, ଶୀଳ, ମାନ, ମାନେ ଇତ୍ୟାଦି ଆଦ୍ୟ ବା ଅନ୍ତ୍ୟ ପଦାଂଶ ଲଗିକରି ଲେଖାଯିବ । ମିତସଂସ୍ଥାନର ପରିପନ୍ଥୀ ନ ହେଲେ ଅନ୍ୟାନ୍ୟ ଶବ୍ଦ ସହିତ ମଧ୍ୟ ସଂକ୍ଷିପ୍ତାଗୁଡ଼ିକ ଲଗିକରି ଲେଖାଯାଇ ପାରେ ।

ଅବଲମ୍ବନ   ସ୍ୱାବଲମ୍ବନ   ସ୍ୱାବଲମ୍ବନଶୀଳ

ନାଗରିକମାନେ   ଭୂତ୍ୟାଗେରୀ   ଧାରାବାହିକ ଭାବରେ

୨୬୦) ଲୋପ ପ୍ରକ୍ରିୟା ଓ ଅନ୍ତଚ୍ଛେଦନ ପ୍ରକ୍ରିୟା ଅବଲମ୍ବନରେ ସ୍ମରଣିକା ବା ଫ୍ରେଂଜ ମଧ୍ୟ ପ୍ରସ୍ତୁତ କରାଯାଇ ପାରିବ । ଯଥା—

ବାଲେଶ୍ୱର(ପଲ୍ଲୀ)ସଂଧାନ   ସ(ମ୍ବ)ଳତ   ସ(ମ)ୟ(ର)ସ୍ତ

ବିଜ୍ଞାପନ(ଉର)   ଭାଗ୍ୟପ୍ରବଣ   ବର୍ଣ୍ଣଚାଳାଳିଳ—ଳିଠା

ପ୍ରଥମ ପ୍ରବନ୍ଧ

(କ) ପ୍ରଥମ ଦୁଇ ଅକ୍ଷର ଲିପି ଅବଲମ୍ବନରେ:—

ଅନୁଭୂତି   ପରିବ(ର୍ତ୍ତନ—ର୍ତ୍ତିତ—ର୍ତ୍ତନୀୟ)

ଅବକାଶପ୍ରା(ପ୍ତ)   ପ୍ରଶ(ସ୍ତ—ସ୍ତତ—ସ୍ତତା)

ଇଲେକ(ଟ୍ରିକ)   ପ୍ରତି(ବାଦ—ବାଦୀ)

ବିରାଟ(ତ୍ୱ)   ଫେବ୍ରୁ(ଆରି)

ଫେବଲ୍(ଇସା)   ବଚ(ନ)

ଭାନୁ(ମତି)   ହତ(ତ୍ରୁ)

ଧାରାବା(ହିକ)   ଦୈନି(ତ୍ରୀ)

ନରେ(ମ୍ବର)   ମନ(ୋମା)

ନିବେଦନ   ମାଜିଷ୍ଟ୍ର(େଟ୍)

ମେକାନ(ିକାଲ)

ପରି(ତୃ—ତା)   ସବୁଜାନୁ(ତି)

ଅନୁଶୀଳନୀ—୧୩୫

ଲେଖ ଓ ପଢ଼ :

ଗତ ନଭେମ୍ବର ମାସ ଆରମ୍ଭରୁ ଏ ବର୍ଷ ଜାନୁଆରୀ, ଫେବ୍ରୁଆରୀ ଶେଷ ପର୍ଯ୍ୟନ୍ତ ଧାରାବାହିକ ଭାବରେ ଯେଉଁ 'ରେଳ ରୋକୋ' ଆନ୍ଦୋଳନ ଚାଲିଲା ତାହା ମୁଖ୍ୟତଃ ଦୁଇଟି ଦାବୀ ଉପରେ ପ୍ରତିଷ୍ଠିତ ଥିଲା । ଗୋଟିଏ ଦାବୀ ହେଲା ଯାତ୍ରୀ ପରିବହନକୁ ତ୍ୱରାନ୍ୱିତ କରିବା ପାଇଁ ଜଳେଶ୍ୱର-ପୁରୀ ମଧ୍ୟରେ ଇଲେକ୍ଟ୍ରିକ୍ ଟ୍ରେନ ଚଳାଚଳର ବ୍ୟବସ୍ଥା ଏବଂ ଅନ୍ୟଟି ହେଲା ଜଳେଶ୍ୱର ବା ଭୁବନେଶ୍ୱରରେ ଏକ ମେକାନିକାଲ ଡିଭିଜନ ସ୍ଥାପନ । ଧାରାବାହିକ ଆନ୍ଦୋଳନ ଫଳରେ ଅବସ୍ଥା ଯେତେବେଳେ ଅସମ୍ଭାଳ ହେଲା ରେଳବାଇ ମନ୍ତ୍ରୀ ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କଲେ ଯେ ଜନସାଧାରଣଙ୍କ ନ୍ୟାଯ୍ୟଦାବୀ ସହାନୁଭୂତି ସହିତ ବିଚାର କରାଯିବ । କିନ୍ତୁ ସାମ୍ବାଦିକମାନେ ଯେତେବେଳେ ପ୍ରଶ୍ନ କଲେ ଦୀର୍ଘ ତିନିମାସର ଧାରାବାହିକ ଆନ୍ଦୋଳନ କଣ, ବିଷୟର ତୁରନ୍ତ ବିଚାର ପାଇଁ ଯଥେଷ୍ଟ ନୁହେଁ ବୋଲି ମାନ୍ୟବର ମନ୍ତ୍ରୀ ହୃଦୟଙ୍ଗମ କରୁଛନ୍ତି କି ଯେତେବେଳେ ମନ୍ତ୍ରୀ ମହୋଦୟ କହିଲେ ଯେ ଟେକନିକାଲ ସର୍ଭେ ରିପୋର୍ଟ ନ ପାଇଲେ ଏ ବିଷୟରେ କୌଣସି ବିସ୍ତର ଆଲୋଚନା ସମ୍ଭବ ନୁହେଁ । ପୁନର୍ବାର ଯେତେବେଳେ ପ୍ରଶ୍ନ ହେଲା ଯେ ଇଲେକ୍ଟ୍ରିକ ଟ୍ରେନ ଚଳାଚଳ ବା ମେକାନିକାଲ ଡିଭିଜନ ସ୍ଥାପନ ସହିତ ଟେକନିକାଲ ସର୍ଭେର ସମ୍ପର୍କ କଣ ଏବଂ ଟେକନିକାଲ ସର୍ଭେ କିଏ କରିବା କଥା, ମାନ୍ୟବର ମନ୍ତ୍ରୀ ଚିରାଚରିତ ଢଙ୍ଗରେ ଉତ୍ତର ଦେଲେ ଯେ ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ରିପୋର୍ଟକୁ ଆମେ ଅପେକ୍ଷା କରୁଛୁ । ମନ୍ତ୍ରୀଙ୍କର ଏଭଳି ଟାଳଟୁଳ ନୀତି ଫଳରେ ଆନ୍ଦୋଳନ ଆହୁରି ତୀବ୍ର ହେଲା ଏବଂ ତାର ଅବଶ୍ୟମ୍ଭାବୀ ପରିଣତି ସ୍ୱରୂପ ଯାତ୍ରୀ ଓ ମାଲ ପରିବହନ ବିଶେଷ ବାଧାପ୍ରାପ୍ତ ହେବାରୁ କର୍ତ୍ତୃପକ୍ଷ ମତ ପରିବର୍ତ୍ତନ କରିବାକୁ ବାଧ୍ୟ ହେଲେ । ବର୍ତ୍ତମାନ ପ୍ରଶ୍ନ ହେଉଛି ଇଲେକ୍ଟ୍ରିକ ଟ୍ରେନ ଚାଲିଲେ ପ୍ରଚଳିତ ରେଳ ଚଳାଚଳ ସମୟର କୌଣସି ପରିବର୍ତ୍ତନ କରାଯିବ କି ନାହିଁ ଏବଂ ଇଲେକ୍ଟ୍ରିକ୍ ଟ୍ରେନ ଚଳାଚଳ ପାଇଁ ଇଲେକ୍ଟ୍ରିସିଟି କେଉଁଠାରୁ ଅଣାଯିବ ।

ଅନୁଶୀଳନୀ—୧୩୬

ଲେଖ ଓ ପଢ଼ :

ପ୍ରଚଳିତ ଆଇନର ଚତୁର୍ଥ, ପଞ୍ଚମ ଓ ସପ୍ତମ ଧାରାରେ ମାଜିଷ୍ଟ୍ରେଟମାନଙ୍କୁ କେତେକ ମକଦ୍ଦମା ବିଚାର କରିବାକୁ କ୍ଷମତା ଦିଆଯାଇଥିଲା । ଯେଉଁ

ମାଜିଷ୍ଟ୍ରେଟମାନେ ସେସବୁ ମକଦ୍ଦମା ବିଚାର କରୁଥିଲେ ସେମାନେ ନିଜ ନିଜର ପ୍ରତ୍ୟକ୍ଷ ଅନୁଭୂତି ସରକାରଙ୍କୁ ଜଣାଇଥିଲେ । ଅଧିକାଂଶ ମତ ଦେଇଥିଲେ ଯେ ପ୍ରଚଳିତ ଆଇନ ଦ୍ରୁତ ପରିବହନ ବ୍ୟବସ୍ଥାର ପରିପନ୍ଥୀ ! ତେଣୁ ପ୍ରଚଳିତ ଆଇନର କେତେକ ଧାରା ପରିବର୍ତ୍ତନ କରାଯାଉ ବା ନୂତନ ଆଇନ ପ୍ରଣୟନ କରାଯାଉ । ତଦନୁସାରେ ଅତ୍ୟାବଶ୍ୟକ ଜିନିଷର ଦ୍ରୁତ ପରିବହନ ଲାଗି ନୂଆ ଆଇନ ପ୍ରଣୟନ କରିବା କଥା ଯେତେବେଳେ ଉଠିଲା ଆନୁଷଙ୍ଗିକ ଭାବରେ ଏକଥା ମଧ୍ୟ ଉଠିଲା ଯେ ପ୍ରଚଳିତ ଆଇନର ସମ୍ୟକ ପର୍ଯ୍ୟାଲୋଚନା କରି ଦେଖାଯାଉ ତହିଁରେ କିଛି ପରିବର୍ତ୍ତନ ବା ପରିବର୍ଦ୍ଧନ କରାଗଲେ ଅସୁବିଧା କଣ ହେବ । ଆଇନ ସଚିବ ପ୍ରଚଳିତ ଆଇନର ପର୍ଯ୍ୟାଲୋଚନା କରି ମତ ଦେଲେ ଯେ ପ୍ରଚଳିତ ଆଇନକୁ କାର୍ଯ୍ୟକାରୀ କରିବାକୁ ହେଲେ ନିୟମାବଳୀରେ କେତେକ ପରିବର୍ତ୍ତନ ବା ପରିବର୍ଦ୍ଧନ ଅବଶ୍ୟମ୍ଭାବୀ । କିନ୍ତୁ ନିୟମାବଳୀରେ କିଛି ପରିବର୍ତ୍ତନ ବା ପରିବର୍ଦ୍ଧନ କରିବା ପୂର୍ବରୁ ତଥ୍ୟ ସଂଗ୍ରହ ହେବା ଉଚିତ ଯେ କେତେ ମକଦ୍ଦମା ତିନି ବର୍ଷରୁ ଅଧିକ କାଳ ବିଭିନ୍ନ ମାଜିଷ୍ଟ୍ରେଟଙ୍କ କୋର୍ଟରେ ବିଚାରାଧୀନ ଥିଲା, ମାଜିଷ୍ଟ୍ରେଟଙ୍କ ରାୟ ବିରୁଦ୍ଧରେ କେତୋଟି ମକଦ୍ଦମାରେ ଅପିଲ ହୋଇଥିଲା ଓ ତାର ଫଳାଫଳ କଣ ହେଲା । ସେ ସମସ୍ତ ତଥ୍ୟ ପ୍ରଣିଧାନ କରାଯିବା ଉଚିତ । ନହେଲେ ବିଚାରାଳୟର ଦକ୍ଷତା ଉପରେ ଆଞ୍ଚ ଆସିଲା ବୋଲି ଅଭିଯୋଗ ହୋଇପାରେ । ତାଛଡ଼ା ପରିବହନ ସଂସ୍ଥା ଗୁଡ଼ିକ ବହୁ ପୂର୍ବରୁ ନିବେଦନ କରି ଆସୁଛନ୍ତି ଯେ ଦଶବର୍ଷ ତଳେ ଏ ଯେଉଁ ଆଇନ ଓ ନିୟମାବଳୀ ପ୍ରଣୀତ ହୋଇଥିଲା ପରିବର୍ତ୍ତିତ ପରିସ୍ଥିତି ର ତାହା ଉଦ୍ଦେଶ୍ୟ ସାଧନର ପରିପନ୍ଥୀ ବୋଲି ବାରମ୍ବାର ପ୍ରମାଣିତ ହୋଇଛି । ତେଣୁ ସେଥିରେ ପରିବର୍ତ୍ତନ ବା ପରିବର୍ଦ୍ଧନ କରା ନଯାଇ ନୂତନ ଆଇନ ପ୍ରଣୟନ କରି ଅବିଳମ୍ବେ ତାହା ପ୍ରବର୍ତ୍ତନ କରାଯାଉ । ତା ନହେଲେ ଏ ଯେଉଁ ଅବ୍ୟବସ୍ଥା ଏପର୍ଯ୍ୟନ୍ତ ଚାଲିଆସିଛି ତା ବିରୁଦ୍ଧରେ ପ୍ରତିବାଦ ହେବା ଅବଶ୍ୟମ୍ଭାବୀ ।

ତୃତୀୟ ସ୍ତବକ

(ଖ) ଲୋପ ପ୍ରକ୍ରିୟା ଅବଲମ୍ବନରେ

ଅବ(ଲ)ମ୍ବନ
ଅଭି(ଭା)ବକ
ଅନୁ(ନ୍)ସନ୍ଧାନ(।)
ଅନ୍ତୁ(ତୁ)କ
ଇଲେକ୍(ଟ୍ରି)ସିଟି
ଇଲେକ୍(ଟ୍ରି)କାଲ
ଇଲେକ୍(ଟ୍ରୋ)ନିକ୍ସ
(ଉପ)ଲବ୍(ଧି)
ଏୀ(ତିହ୍ୟ)ସିକ
କାର(ଖା)ନା
କାମ୍(ପ)ନିଭ
ଖଡାକୁ(ଗଡି)କ
ତଥା(କ) ଥିତ

(ଜା)ଅାଙ୍କ୍ଷ
ଡ(କ୍ଟ/ଫ୍)ଟିଲ
ତାତ୍(କ୍ଷ)ଣ
(ତ୍ର)ଉପ୍ନମାନ
ଧର୍ମା(ବଲ)ମ୍ବୀ
ନିକ(ଟ)
ନିର୍(ବା)ଚ(ନ)
ନିର୍(ବା)ଚି(ତ)
ନିଭାକ(ରଣ)
ପ୍ରତିନି(ଧି)
ପ୍ରତି(ଦ୍ୱ)ନ୍ଦୀ
ପ୍ରତି(ବ)ନ୍ଧକ
ପରିକଳ୍(ପ)ନା(।)

ସନ୍ଧିକ୍ରିୟା-ଲୋପ ପ୍ରକ୍ରିୟା ଅବଲମ୍ବନରେ

ଆତ୍(ମ)ନିର୍ଭରଶୀଳ
କ(ପୋଳ)କଳ୍ପିତ
କାର୍ଯ୍ୟ(କ୍ର)ମ
କୃମ(ବର୍ଦ୍ଧି)ମାନ
କ୍ରମ(ବର୍ଦ୍ଧି)ଷ୍ଣୁ
ଜାତୀ(ୟ)କ(ରଣ)
ଣ(ତି)ହା(ସ)କ
କ୍ଷ(ତି)ଗ୍(ର)ସ୍ତ
କ୍ଷ(ତି)ପୂରଣ
କ୍ଷ(ମ)ତା
କ୍ଷ(ମତା)ପନ୍ନ
କ୍ଷ(ମତାସ)ମ୍ପନ୍ନ
ଭକ୍ଷ(ମତାସଂ)ପନ୍ନ
ଚତୁଷ୍କୋ(ଣ୍)ନ
ବି(ସ୍)ବର୍ଣ୍ଣନ
ଦୁର୍ଘଟ(ଣା)
ନିରସ୍ତ୍ରୀକ(ରଣ)
ପଣ୍ଡାବ୍(ଲ)ମ
ପୃଥକ୍ତ୍ୱ(ଲ)ତ
ପ୍ରାଦ୍ଧ୍ୟ(ଦ୍ୟ)ଲୋକ

ପର୍ଯ୍ୟା(ଲୁ)ଚ୍(ଚ)ନେ
ପ୍ରଭାବ(ଶାଳୀ)ଚ୍(ଛ)ନେ
ପ୍ରଗ(ତି)ଶୀଳ
ପ୍ରତିକ୍ରି(ୟା)ଶୀଳ
ବହୁମଙ୍ଗଳୀ
ମୂ(ଖ୍ୟ)ମନ୍ତ୍ରୀ
ବିକେନ୍ଦ୍ରୀକ(ରଣ)
ବିଶ୍ୱାସ(ଘ)କ(ତ)
ମ(ନ)ସ୍ତ୍ରୀ
ଯତ୍(ପରୋ)ନାସ୍ତି
ଯଥାକ୍(ର)ମେ
ଯନ୍ତ୍ରାଳୁକ୍(ରୀ)
ଲୋମ(ହର୍ଷ)କ୍ଷରକାରୀ
ଶିଳ୍ପ(ପ)ତ୍(ଲ)
ସଂଗଠିସଂ(ପ)ନ୍ନ
ସର୍ବାଙ୍ଗ(କରଣ)ରେ
ସୁସ୍ଥୀକ(ରଣ)
ସ୍ୱଭା(ବ)
ସ୍ୱନାମ(ଧନ୍ୟ)
ସ୍ୱସ୍(ଥା)ନ

ପଢ଼ ଓ ଲେଖ :—

ନାନା ବାଧା ଓ ପ୍ରତିବନ୍ଧକ ସତ୍ତ୍ୱେ ସର୍ଦ୍ଦାର ପଟେଲଙ୍କ ଦୃଢ଼ ମନୋଭାବ ଯୋଗୁଁ ଓଡ଼ିଶା ସହିତ ତଥାକଥିତ ୨୪ଟି ଦେଶୀୟ ରାଜ୍ୟର ମିଶ୍ରଣ ଯେତେବେଳେ ଚୂଡ଼ାନ୍ତ ହେଲା ସେତେବେଳେ ଇଲେକ୍‌ଟ୍ରୋନିକ ମିଡ଼ିଆର ପ୍ରଚଳନ ନଥିଲା । ତେଣୁ ଏହି ଐତିହାସିକ ନିଷ୍ପତ୍ତି ବିଳମ୍ବରେ ଆମ୍ଭମାନଙ୍କର କର୍ଣ୍ଣଗୋଚର ହେଲା । ଯେ ଯାହା ହେଉ ଏକଦା ଯାହା କାଳ୍ପନିକ ବା କପୋଳକଳ୍ପିତ ବୋଲି ମନେ ହେଉଥିଲା ତାହା ଯେତେବେଳେ ବାସ୍ତବରେ ପରିଣତ ହେଲା ଆମର ନେତୃସ୍ଥାନୀୟ ବ୍ୟକ୍ତିମାନେ ଏହି ଐତିହାସିକ ନିଷ୍ପତ୍ତି ପାଇଁ ସର୍ଦ୍ଦାର ପଟେଲଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଲେ । ଅବଶ୍ୟ ମୁଷ୍ଟିମେୟ ବୁଦ୍ଧିଜୀବୀ ଯେଉଁମାନଙ୍କର ଭିନ୍ନ ପରିକଳ୍ପନା ଥିଲା ସେମାନେ ହତାଶ ହେଲେ । ସେମାନେ ଆଶା କରୁଥିଲେ ଯେ ତଥାକଥିତ ବିଚ୍ଛିନ୍ନାଞ୍ଚଳ ଓ ପୂର୍ବତନ ଗଡ଼ଜାତର ମିଶ୍ରଣରେ ମହାକୋଶଳ ନାମକ ସ୍ୱତନ୍ତ୍ର ଏକ ଓଡ଼ିଆ ଅଧ୍ୟୁଷିତ ପ୍ରଦେଶ ଓଡ଼ିଆ ଜାତିର ସ୍ୱାଭିମାନର ସ୍ତମ୍ଭ ସ୍ୱରୂପ ଦଣ୍ଡାୟମାନ ହେବ ଏବଂ କାର୍ଯ୍ୟତଃ ତାହା ଓଡ଼ିଶାର ପ୍ରତିଦ୍ୱନ୍ଦୀ ବା ପ୍ରତିଯୋଗୀ ନହୋଇ ନିକଟ ଆତ୍ମୀୟ ଭଳି ପରସ୍ପରର ସହଯୋଗରେ ଓଡ଼ିଆ ଜାତିର ସର୍ବାଙ୍ଗୀନ ଉନ୍ନତି ଲାଗି କାର୍ଯ୍ୟ କରିବ । ବିଭିନ୍ନ ବ୍ୟକ୍ତି ବିଭିନ୍ନ ପରିକଳ୍ପନାକୁ ବିଭିନ୍ନ ପ୍ରଣାଳୀ ବା ଢାଞ୍ଚାରେ କାର୍ଯ୍ୟକାରୀ କରିବାକୁ ପ୍ରୟାସୀ ହେବା ଆଦୌ ବିଚିତ୍ର ବା ଅସ୍ୱାଭାବିକ ନୁହେଁ କିନ୍ତୁ ମୂଳ ଲକ୍ଷ୍ୟରେ ଯଦି ଅସାମଞ୍ଜସ୍ୟ ନଥାଏ ତେବେ ଢାଞ୍ଚା ବା ପ୍ରଣାଳୀ ଭିନ୍ନ ହେଲେ ମଧ୍ୟ ଫଳାଫଳରେ କିଛି ପାର୍ଥକ୍ୟ ହେବନାହିଁ । ସେମାନେ କହୁଥିଲେ ଯେ ଓଡ଼ିଆ ଜାତିର ସର୍ବାଙ୍ଗୀନ ଉନ୍ନତି ନିଶ୍ଚୟ ଉଭୟ ରାଜ୍ୟର ଲକ୍ଷ୍ୟ ହେବ ଏବଂ ସେ ଦୃଷ୍ଟିରୁ ସାଧାରଣ ନିର୍ବାଚନ ଯେପରି ଅବାଧ ଓ ନିରପେକ୍ଷ ହେବ ଏବଂ ସବୁ ଧର୍ମାବଲମ୍ବୀ ବିଶେଷତଃ ତଫସିଲ ଜାତିର ପ୍ରତିନିଧି ମାନେ ନିର୍ବାଚନରେ ଯେପରି ସମାନ ଭାଗ ନେଇ ପାରିବେ ସେ ଦୃଷ୍ଟିରୁ ସେମାନେ ଆଇନ ପ୍ରଣୟନ କରିବେ । ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ବନ୍ୟା ନିରାକରଣ, ଜଙ୍ଗଲ ସମ୍ପଦର ବିକାଶ ଓ ସଂରକ୍ଷଣ, କୃଷି ଉତ୍ପାଦନ ବୃଦ୍ଧି ଲାଗି ଜଳ ସମ୍ପଦର ସଦୁପଯୋଗ, ଖଣିଜ ସମ୍ପଦର ବିକାଶ ଓ ନିଯୋଗ ଲାଗି ରାଷ୍ଟ୍ରାୟତ୍ତ କଳକାରଖାନା ସ୍ଥାପନ, ଶିଳ୍ପର ଜାତୀୟକରଣ, ବିକ୍ଷୋଭ ଓ ଧର୍ମଘଟର ବିଲୋପ ସାଧନ ପ୍ରତି ନିଶ୍ଚୟ ସେମାନେ ଅଧିକ ଗୁରୁତ୍ୱ ଦେବେ ।

ଲେଖ ଓ ପଢ଼ —

ପୂର୍ବତନ ଗଡ଼ଜାତ ହିନ୍ଦୋଳର ଆମେ ସ୍ଥାୟୀ ବାସିନ୍ଦା । ବାପା ଗ୍ରାମପଞ୍ଚାୟତର ନିର୍ବାଚିତ ସରପଞ୍ଚ । ଭାଇ କଳିଙ୍ଗ ଲୁହା କାରଖାନାର ଇଲେକ୍‌ଟ୍ରିକାଲ ଇଞ୍ଜିନିୟର । ମାମୁଁ ଆତ୍ମନିର୍ଭରଶୀଳ । ତାଙ୍କର କଟକରେ ଗୋଟିଏ ଇଲେକ୍‌ଟ୍ରୋନିକ୍‌ସର ଯନ୍ତ୍ରପାତି ଦୋକାନ ଅଛି । ଆମ ତହସିଲରେ କଲେଜ ନଥିବାରୁ ମୁଁ କଟକ ସିଟି କଲେଜରେ ପଢ଼ୁଛି । ମାମୁଁ ମୋର ସ୍ଥାନୀୟ ଅଭିଭାବକ । ମୁଁ ଯେତେବେଳେ କଟକ ଆସିଲି ମୋ ମନରେ ନାନା ଅହେତୁକ ଭୟ ଓ ଆଶଙ୍କା ଥିଲା । ମୁଁ ଶୁଣିଥିଲି କଟକର ତଥାକଥିତ ସଭ୍ୟ ଲୋକମାନେ କୁଆଡ଼େ ଆମ ଅଞ୍ଚଳର ଲୋକମାନଙ୍କୁ ଐତିହାସିକ କାରଣରୁ ହେୟ ମନେକରି ସୁବିଧା ପାଇଲେ ତୁଚ୍ଛ ତାଚ୍ଛଲ୍ୟ କରନ୍ତି । ମୋ ପ୍ରତି ଯଦି ତାଙ୍କର ବ୍ୟବହାର କରନ୍ତି ତାହେଲେ ମୁଁ ତ ଆଉ ଅସୂର୍ଯ୍ୟମ୍ପଶ୍ୟା ରମଣୀ ପରି ଘର କୋଣରେ ଲୁଚି ପାରିବି ନାହିଁ । ତାହା ହେଲେ ମୁଁ କଣ କରିବି ? ଏହିଭଳି ନାନା ଅହେତୁକ ଆଶଙ୍କା ଭିତରେ ମୁଁ କଟକ ଆସିଲି କିନ୍ତୁ କଟକର ଗୃହଆଡ଼େ ଇଲେକ୍‌ଟ୍ରିକ ଆଲୁଅ ଦେଖି ମୋର ସବୁ ଭୟ ଓ ଆଶଙ୍କା ଅସୂର୍ଯ୍ୟମ୍ପଶ୍ୟା ରମଣୀ ପରି କୁଆଡ଼େ ଲୁଚିଗଲା ମୁଁ ତାର ଟେର ବି ପାଇଲି ନାହିଁ । କିଛି ଦିନ ପରେ ପୂଜାଛୁଟି ଘଡ଼ିଲା । ମୁଁ ଘରକୁ ଯାଇଥାଏ । ବାପାଙ୍କୁ ଯେତେବେଳେ ପ୍ରଣାମ କଲି ସେ ଗତାନୁଗତିକ ଭାବରେ ଆୟୁଷ୍ମାନ ହୁଅ, ଦୀର୍ଘାୟୁ ହୁଅ ବୋଲି ଆଶୀର୍ବାଦ ନ କରି କହିଲେ ତୁ ପବିତ୍ର ହୁଅ । ବୋଉ ମଧ୍ୟ ସେହି ଆଶୀର୍ବାଦ କଲା ଯେ ତୁ ପବିତ୍ର ହୁଅ । ବାପା ସବୁବେଳେ କହନ୍ତି ପବିତ୍ରତା ହିଁ ଯଥାର୍ଥ ସୌନ୍ଦର୍ଯ୍ୟ, ପିତାମାତାଙ୍କ ଆଶୀର୍ବାଦ ସନ୍ତାନ ଜୀବନରେ କଦାପି ବ୍ୟର୍ଥ ହୁଏନାହିଁ । ଏହା ତାଙ୍କର ନିଜସ୍ୱ ଉପଲବ୍ଧି, କପୋଳକଳ୍ପିତ ନୁହେଁ । ଛୁଟି ଶେଷ ହେଲା, କଟକ ଆସିଲି । ଅଭିଭାବକଙ୍କୁ ଯେତେବେଳେ ପ୍ରଣାମ କଲି ସେ ମଧ୍ୟ ଆଶୀର୍ବାଦ କଲେ ସୁନ୍ଦର ହୁଅ, ପବିତ୍ର ହୁଅ ।

ଶବ୍ଦଗୁଚ୍ଛ

ଲୋପପ୍ରକ୍ରିୟା ଅନୁସାରରେ -

ପର୍ଯ୍ୟ(ବେ)କ୍ଷ		ଭ(ଗ)ବାନ	
ପର୍ଯ୍ୟବେକ୍ଷକ		ଭା(ଗ୍ୟ)ବାନ	
ବାସ୍ତ(ବିକ)		ସଂ(କ)ଳ୍ପ	
ପ୍ରତିନି(ଧି)		ସମ୍(ଦ୍ରି)କ	
ପ୍ରୋତ୍ସା(ହନ-ହିତ)			
ପ୍ରୋଜେକ(ଟ୍)		ସାର୍(ଟି)ଫି(କେଟ)	
ଦୁ(ର୍ନୀ)ତି		ହସ୍ତ(କ୍ଷେ)ପ	
ଫୌଜ(ଦାରି)		ହ୍ରା(ସୋ)ନ୍ମୁଖ	
ବଜେ(ଟ)		ହୀନମ(ନ୍ୟ-ତା)	

ଅନୁଶୀଳନୀ—୧୩୯

ଲେଖ ଓ ପଢ଼ :—

ବନ୍ଧୁଗଣ, ଦେଶବାସୀଙ୍କର ଯଥୋଚିତ ସେବା କରିବାର ସୁଯୋଗ ଓ ଅବକାଶ ମିଳିଥିବାରୁ ମୁଁ ନିଜକୁ ଅତି ଭାଗ୍ୟବାନ ମନେ କରୁଛି ଏବଂ ମୁଁ ଯାହା କଥାରେ କହୁଛି ତାହା କାର୍ଯ୍ୟରେ କରିବାକୁ ଯେପରି କ୍ଷମ ହୁଏ ଏବଂ କଥା ଓ କାର୍ଯ୍ୟ ମଧ୍ୟରେ ଯେପରି ପାର୍ଥକ୍ୟ ନ ରହେ ସେଥିପାଇଁ ଭଗବାନଙ୍କୁ ବିନୀତ ପ୍ରାର୍ଥନା କରୁଛି । ମୁଁ ସ୍ୱୀକାର କରୁଛି ଯେ ଆମେ ଯେଉଁ ସବୁ କାର୍ଯ୍ୟ କରିବୁ ବୋଲି ସଂକଳ୍ପ କରିଛୁ ତାହା ଆଦୌ ସହଜ ନୁହେଁ । କିନ୍ତୁ ସହଜ ହେଉ ବା କଠିନ ହେଉ ସଂକଳ୍ପର ବିକଳ୍ପ ଖୋଜିବା ଦୁର୍ଭାଗ୍ୟ ଆମର

ନହେଉ, ଏତିକି କେବଳ ଭଗବାନଙ୍କ ନିକଟରେ ଆମର ପ୍ରାର୍ଥନା । ଆମେ ସଂକଳ୍ପ କରିଛୁ ଯେ ଆଗାମୀ ତିନିବର୍ଷ ମଧ୍ୟରେ ଆମେ ଏକ ସମତୁଲ ବଜେଟ ଦେଶବାସୀଙ୍କୁ ଦେବୁ । ପୂର୍ବବର୍ଷ ବଜେଟରେ ନିଅଣ୍ଟର ପରିମାଣ ଥିଲା ଶତକଡ଼ା ୧୬.୨ ଏବଂ ବର୍ଷ ଶେଷକୁ ତାହା ୧୧.୮କୁ କମି ଆସିଲା । ଜଳସେଚନ ପ୍ରୋଜେକ୍ଟ ବାବଦରେ ବଜେଟରେ ଯେଉଁ ୧୦ କୋଟି ୭୬ ଲକ୍ଷ ଟଙ୍କା ରଖାଯାଇଥିଲା ନିର୍ବାଚିତ ଲୋକପ୍ରତିନିଧିମାନଙ୍କର ଅଯଥା ହସ୍ତକ୍ଷେପ ଓ ଅହେତୁକ ଅଭିଯୋଗ ଯୋଗୁଁ ଅଧିକାଂଶ ପ୍ରୋଜେକ୍ଟର କାମ ବାଧାପ୍ରାପ୍ତ ହେଲା ଯାହା ଫଳରେ ୫ କୋଟି ୭୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ନ ପାରି ରହିଗଲା ଏବଂ ନିଅଣ୍ଟର ପରିମାଣ ଢେର କମିଗଲା । ଏହି ପରିପ୍ରେକ୍ଷୀରେ ବିଚାର କଲେ ତିନି ବର୍ଷ ମଧ୍ୟରେ ଏକ ସମତୁଲ ବଜେଟ ଆଣିବା ପ୍ରତିଶ୍ରୁତି ବାସ୍ତବିକ ହାସ୍ୟାସ୍ପଦ ମନେହେବା ସ୍ୱାଭାବିକ । କିନ୍ତୁ ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ ଏ ବିଶ୍ୱାସ ଆମର ଅଛି । ସେଥିପାଇଁ ଆମେ ଅତିରିକ୍ତ ସୂତ୍ରରୁ ଅଧିକ ସମ୍ବଳ ସଂଗ୍ରହ କରିବା ଦିଗରେ ନିର୍ଦ୍ଦିଷ୍ଟ କେତେକ ପଦକ୍ଷେପ ନେଇଛୁ ଯାହାର ଫଳରେ ଏବର୍ଷ ବଜେଟରେ ନିଅଣ୍ଟ ପରିମାଣ ଶତକଡ଼ା ୭.୫ ମଧ୍ୟରେ ସୀମାବଦ୍ଧ ହେବ ବୋଲି ମୋର ବିଶ୍ୱାସ ।

ଅନୁଶୀଳନୀ—୧୪୦

ଲେଖ ଓ ପଢ଼ :

ମାନ୍ୟବର ସଭ୍ୟ ଯଦି ଉପଲବ୍ଧି କରୁଛନ୍ତି ଯେ ହୀନମନ୍ୟତା ଆମ ପ୍ରଗତି ପଥରେ ପ୍ରଧାନ ଅନ୍ତରାୟ ତେବେ ସେ ହୀନମନ୍ୟତାର କାରଣ ଅନୁସନ୍ଧାନ କରି ତାର ନିରାକରଣ ଲାଗି ଉପାୟ ଉଦ୍ଭାବନ କରନ୍ତୁ । କିନ୍ତୁ ପ୍ରକୃତରେ ହୀନମନ୍ୟତା ନୁହେଁ, ଅଶିକ୍ଷା ଓ ଦାରିଦ୍ର୍ୟ ହିଁ ପ୍ରଗତି ପଥରେ ପ୍ରଧାନ ପ୍ରତିବନ୍ଧକ । ଶିକ୍ଷାର ପ୍ରସାର ସଙ୍ଗେ ସଙ୍ଗେ ଶିଳ୍ପର ପ୍ରସାର ହେଲେ ଆମର ସ୍ୱାଭିମାନ ବଢ଼ିବ ଓ ହୀନମନ୍ୟତା ସ୍ୱୟଂ ସ୍ୱୟଂ ଦୂର ହେବ । ଶିକ୍ଷାର ପ୍ରସାର ଲାଗି ଆମର ଯେଉଁ ଶିକ୍ଷା ମନ୍ତ୍ରଣାଳୟ ଅଛି ତାର କାର୍ଯ୍ୟକଳାପ ଦୁର୍ନୀତିକୁ ପ୍ରୋତ୍ସାହିତ କରୁଛି ବୋଲି ନାନା ଅଭିଯୋଗ ହେଉଛି । କୁହାଯାଉଛି ଯେ ହାତଗୁଞ୍ଜା ନ ଦେଲେ ସାମାନ୍ୟ 'ମାର୍କସିଟ' ବା ଟ୍ରାନ୍ସଫର ସାର୍ଟିଫିକେଟ ମଧ୍ୟ ମିଳିବା କଷ୍ଟକର । ପ୍ରତିବର୍ଷ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା କେନ୍ଦ୍ରରେ ଯେଉଁଭଳି ସଙ୍ଗଠିତ ଭାବରେ 'ମାସ୍‌କପି' ହେଉଛି ସେଥିରେ ସରକାରୀ ପର୍ଯ୍ୟବେକ୍ଷକମାନେ ନୀରବ ଦର୍ଶକ ଭୂମିକା ଗ୍ରହଣ କରିବାକୁ ବାଧ୍ୟ ହେଉଛନ୍ତି । କାରଣ ସେମାନେ ଦେଖୁଛନ୍ତି ଯେ ଯେଉଁ ପର୍ଯ୍ୟବେକ୍ଷକମାନେ ପ୍ରତିରୋଧ କରୁଛନ୍ତି ସେମାନେ ଫୌଜଦାରୀ ମକଦ୍ଦମାରେ ପଡ଼ି ହଇରାଣ ହେଉଛନ୍ତି । ଅଳ୍ପ ଦିନ ତଳେ ଖବର ପ୍ରକାଶ ପାଇଥିଲା ଯେ ଦୁଇଜଣ ପର୍ଯ୍ୟବେକ୍ଷକ ଫୌଜଦାରୀ

ମକଦ୍ଦମାରେ ସର୍ବସ୍ୱାନ୍ତ ହୋଇ ସର୍ଦ୍ଧାଙ୍କ ଆତ୍ମହତ୍ୟା କରିଥିଲେ । ଯେଉଁ ଅନୁଷ୍ଠାନ ନ୍ୟସ୍ତସ୍ୱାର୍ଥ ପ୍ରତିକ୍ରିୟାଶୀଳ ଲୋକଙ୍କ କବଳରୁ ନିଜକୁ ମୁକ୍ତ କରିବାକୁ ଅକ୍ଷମ ସେ ଅନୁଷ୍ଠାନ ଦ୍ୱାରା ଶିକ୍ଷାର ଉନ୍ନତି କିପରି ସମ୍ଭବ ହେବ ? ପୃଥକ୍ ଝାଡ଼ଖଣ୍ଡ ରାଜ୍ୟ ଗଠନ ପାଇଁ ଯେଉଁ ଆନ୍ଦୋଳନ ଚାଲିଛି ସେଥିରେ ଆମର ବିଚଳିତ ହେବାର କୌଣସି କାରଣ ନାହିଁ । ଏ ଆନ୍ଦୋଳନ କୌଣସି ନୀତି ବା ଆଦର୍ଶ ଉପରେ ପ୍ରତିଷ୍ଠିତ ନୁହେଁ । ନ୍ୟସ୍ତସ୍ୱାର୍ଥ ସୁବିଧାବାଦୀ ଚତୁର ଲୋକଙ୍କ ପ୍ରୋତ୍ସାହନରେ ଏ ଆନ୍ଦୋଳନ ଚାଲିଛି । ଏ ଆନ୍ଦୋଳନ ପ୍ରତି ପ୍ରକୃତରେ କାହାର ସେପରି ଆନ୍ତରିକତା ନାହିଁ । କେବଳ ଗତାନୁଗତିକ ଭାବରେ ଏହା ଚାଲିଛି ଏବଂ ଗତାନୁଗତିକ ଭାବରେ ଏହାର ବିଲୟ ଅବଶ୍ୟମ୍ଭାବୀ ।

ଚତୁର୍ଥ ପ୍ରକାର

ଚତୁର୍ଥ ଅବସ୍ଥାରେ —

ଅକଥନୀୟ		ନିର୍ଦ୍ଧାରିତ	
ଅତିଶୟୋକ୍ତି		ପର୍ଯ୍ୟାଲୋଚନା	
ଅତ୍ୟୁକ୍ତି		ପରିସ୍ଥିତି	
ଅଣଓଡ଼ିଆ		ପୂର୍ବାପେକ୍ଷା	
ଅଦୃଷ୍ଟପୂର୍ବ		ପ୍ରତ୍ୟକ୍ଷ	
ଆଶ୍ରୟପ୍ରାର୍ଥୀ		ପ୍ରଥମ—ବିଶ୍ୱ	
ଏତଦବ୍ୟତୀତ		ଲବ୍ଧପ୍ରତିଷ୍ଠ	
ଦଣ୍ଡକାରଣ୍ୟ		ଧର୍ମାନ୍ତର ଗ୍ରହଣ	
ଦୃଢ଼ପ୍ରତିଜ୍ଞ		ସମାଲୋଚନା	

ପ୍ରଭୃତି ।

ଫଳସ୍ୱରୂପ		ଉଦାହରଣସ୍ୱରୂପ	
ଘଟଣାକ୍ରମ		ସେମାନେସମସ୍ତେ	

ଅନୁଶୀଳନୀ-୧୪୧

ଲେଖ ଓ ପଢ଼ :

ବିଗତ ୫୦ ବର୍ଷର ଇତିହାସ ପର୍ଯ୍ୟାଲୋଚନା କଲେ ବିବଦମାନ ଦୁଇଟି ବୃହତ୍ ଶକ୍ତିର ପରୋକ୍ଷ ରଣକୌଶଳର ଏକ ସ୍ପଷ୍ଟ ଚିତ୍ର ମନଶ୍ଚକ୍ଷୁ ସମକ୍ଷରେ ଉଦ୍ଭାସିତ ହୁଏ । ସବଳର ଅକଥନୀୟ ଅତ୍ୟାଚାର ଫଳରେ ଦୁର୍ବଳ ଲୋକ ସର୍ବସ୍ୱ ଛାଡ଼ି ଦେଇ ଅନ୍ୟ ଦେଶକୁ ପଳାଇଯିବା ଅସ୍ୱାଭାବିକ ବା ବିଚିତ୍ର ନୁହେଁ କିନ୍ତୁ ଶୀତଳ ଯୁଦ୍ଧର ପରୋକ୍ଷ ଫଳସ୍ୱରୂପ ବିଗତ ୫୦ ବର୍ଷ ମଧ୍ୟରେ ଆଶ୍ରୟପ୍ରାର୍ଥୀ ସମସ୍ୟା ଏଭଳି ଜଟିଳ ହେଲଣି ଯେ ତାକୁ ସମସ୍ୟା ନ କହି ସଙ୍କଟ କହିଲେ ବୋଧହୁଏ ଅତ୍ୟୁକ୍ତି ବା ଅତିଶୟୋକ୍ତି ହେବନାହିଁ । ବାସ୍ତବିକ ଯେଉଁ ଲକ୍ଷ ଲକ୍ଷ ହତଭାଗ୍ୟ ଶରଣାର୍ଥୀ ଏବେବି ଅତି ଦୟନୀୟ ଅବସ୍ଥାରେ ବିଭିନ୍ନ ଆଶ୍ରୟପ୍ରାର୍ଥୀ ଶିବିରରେ ପଡ଼ି ରହିଛନ୍ତି ସେମାନଙ୍କ ସମସ୍ୟା ସମାଧାନରେ କୌଣସି ଆଶୁ ସମ୍ଭାବନା ନଥିବାରୁ ସଂପୃକ୍ତ ସରକାରମାନେ ସେମାନଙ୍କୁ ଚଲଗ୍ରହ ବୋଲି ମନେ କରୁଛନ୍ତି । ଯାହା କୁହାଯାଉଛି ଯେ ଅକଥନୀୟ ଅତ୍ୟାଚାର ସହ୍ୟ କରି ନ ପାରି ଲକ୍ଷ ଲକ୍ଷ ଲୋକ ଧର୍ମାନ୍ତର ଗ୍ରହଣ କରିବାକୁ ବାଧ୍ୟ ହେଲେ ତାହା ଅତିଶୟୋକ୍ତି କହିଲେ ବୋଧହୁଏ ଅତ୍ୟୁକ୍ତି ହେବନାହିଁ । କାରଣ ପ୍ରତ୍ୟକ୍ଷଦର୍ଶୀ ବିବରଣୀରୁ ଜଣାଯାଏ ଯେ ଯେତେ ଲୋକ ସ୍ୱଧର୍ମ ରକ୍ଷା ଲାଗି ଅଦୃଷ୍ଟପୂର୍ବ ବୀରତ୍ୱ ପ୍ରଦର୍ଶନ କରି ହସିହସି ପ୍ରାଣବଳି ଦେଇଛନ୍ତି ସେମାନଙ୍କ ତୁଳନାରେ ଧର୍ମାନ୍ତର ଗ୍ରହଣକାରୀଙ୍କ ସଂଖ୍ୟା ଅତି ନଗଣ୍ୟ । ସେ ଯାହାହେଉ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମ୍ମିଳିତ ପ୍ରଚେଷ୍ଟାରେ ଓଡ଼ିଶାର ଦଣ୍ଡକାରଣ୍ୟରେ ଏକ ଆଶ୍ରୟପ୍ରାର୍ଥୀ ପୁନର୍ବସତି କେନ୍ଦ୍ର ପ୍ରତିଷ୍ଠା ହେଲା । ଯେଉଁ ଆଶ୍ରୟପ୍ରାର୍ଥୀମାନେ ସେଠାରେ ଆସି ରହିଲେ ସେମାନଙ୍କୁ ଘରଦ୍ୱାର, ଚାଷଜମି, ଜଳାଶୟ, ଦୋକାନଘର ଇତ୍ୟାଦି ଯୋଗାଇ ଦିଆଗଲା । ବ୍ୟବସାୟ କରିବାକୁ ମୂଳଧନ ମଧ୍ୟ ଦିଆଗଲା । ଏତଦ୍‌ବ୍ୟତୀତ ସେମାନେ ଆତ୍ମନିର୍ଭରଶୀଳ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ସାବାଳକ

ଲୋକଙ୍କୁ ଟ ୫୦ ଓ ନାବାଳକଙ୍କୁ ଟ ୨୫ ହିସାବରେ ମାସିକ ଭତ୍ତା ଦେବାର ବ୍ୟବସ୍ଥା ମଧ୍ୟ ହେଲା ।

ଅନୁଶୀଳନୀ-୧୪୨

ଲେଖ ଓ ପଢ :

ଯେଉଁ ଶରଣାର୍ଥୀମାନେ ସେଠାରେ ଆସି ରହିଲେ ସେମାନେ ସମସ୍ତେ ଅଣଓଡ଼ିଆ ଓ ନଦୀମାତୃକା ସମତଳ ଅଞ୍ଚଳର ଅଧିବାସୀ ଥିଲେ । ଦଣ୍ଡକାରଣ୍ୟର ପାହାଡ଼ିଆ ଜଳବାୟୁ ସେମାନଙ୍କୁ ସୁହଁ ଲାଗିଲା ନାହିଁ । ସ୍ଥାନୀୟ ଓଡ଼ିଆ ଭାଷାଭାଷୀ ଲୋକଙ୍କ ସହିତ ସେମାନେ ମିଳାମିଶି ଚଳିପାରିଲେ ନାହିଁ । ସେମାନଙ୍କ ହାମବଡ଼ା ଢଙ୍ଗ ସ୍ଥାନୀୟ ଲୋକମାନେ ବରଦାସ୍ତ କଲେ ନାହିଁ । ଏହିଭଳି ପୃଥକ୍ ଭାଷାଭାଷୀ ଦୁଇଟି ଶ୍ରେଣୀ ମଧ୍ୟରେ ବୈରତା ଓ ଅସହିଷ୍ଣୁତା କ୍ରମଶଃ ବଢ଼ି ଚାଲିଲା । ସେମାନେ ଆତ୍ମନିର୍ଭରଶୀଳ ହେବା ପାଇଁ ଆନ୍ତରିକ ଉଦ୍ୟମ ନକରି କେବଳ ସରକାରୀ ଭତ୍ତାକୁ ଅନାଇ ରହିଲେ ଯାହା ଫଳରେ ଲୋକେ ସେମାନଙ୍କୁ ଅଳସୁଆ, ଅକର୍ମଣ୍ୟ ବୋଲି ସମାଲୋଚନା କଲେ । କିଛି କାଳ ପରେ ବହୁ ଆଶ୍ରୟ ପ୍ରାର୍ଥୀ ପୁନର୍ବସତି କେନ୍ଦ୍ର ଛାଡ଼ି ଅନ୍ୟତ୍ର ପଳାଇ ଗଲେ ଓ ସେମାନଙ୍କ ଜମିବାଡ଼ି ଘରଦ୍ୱାର ଅନ୍ୟମାନେ ଦଖଲ କରିଗଲେ । ସରକାରୀ ଭତ୍ତା ମଧ୍ୟ ବନ୍ଦ ହୋଇଗଲା । ଏହି ପଳାତକ ଶରଣାର୍ଥୀମାନେ କିଛି କାଳ ପରେ ପୁଣି ଫେରି ଆସିଲେ ଓ ନିଜର ଜମିବାଡ଼ି ଦାବି କଲେ । ସେମାନେ କୈଫିୟତ ଦେଲେ ଯେ କେତେକ ନ୍ୟସ୍ତସ୍ୱାର୍ଥ ପ୍ରଭାବଶାଳୀ ଲୋକ ସେମାନଙ୍କୁ ସୁନ୍ଦରବନରେ ମାଗଣା ଜମି ମିଳିବ ବୋଲି ପ୍ରଲୋଭନ ଦେଖାଇ ପଳାଇ ଯିବାକୁ ପ୍ରୋତ୍ସାହିତ କଲେ । ଯେତେ ଚେଷ୍ଟା କଲେ ମଧ୍ୟ ଏ ସମସ୍ୟାର କୌଣସି ସମାଧାନ ସୂତ୍ର ବାହାର କରି ହେଲାନାହିଁ । ଦେଖାଗଲା ଯେଉଁମାନେ ଜମିବାଡ଼ି ଦଖଲ କରି ରହିଥିଲେ ସେମାନେ ତାହା ନ ଛାଡ଼ିବା ପାଇଁ ଯେପରି ଦୃଢ଼ପ୍ରତିଜ୍ଞ ଯେଉଁମାନେ ଫେରି ଆସିଲେ ସେମାନେ ଅନ୍ୟ ଜମିବାଡ଼ି ନନେବା ପାଇଁ ସେହିପରି ଦୃଢ଼ପ୍ରତିଜ୍ଞ । ତାପରେ ସରକାର କେତେଜଣ ଲବ୍ଧପ୍ରତିଷ୍ଠ ସମାଜସେବୀ ଓ ବ୍ୟବସ୍ଥାପକଙ୍କୁ ଏ ବିଷୟ ଅନୁସନ୍ଧାନ କରି ଗୋଟିଏ ସମାଧାନର ସୂତ୍ର ବାହାର କରିବା ପାଇଁ ଅନୁରୋଧ କଲେ । ସେମାନେ ଘଟଣା ସ୍ଥଳକୁ ଯାଇ ଦୁଇ ବିବଦମାନ ଗୋଷ୍ଠୀ ସହିତ ପୃଥକ ଭାବରେ ଆଲୋଚନା କଲେ, ସରକାରୀ ଅଫିସରଙ୍କଠାରୁ ସମସ୍ତ ବିଷୟ ବୁଝିଲେ ଏବଂ ବିଭିନ୍ନ ଲୋକଙ୍କ ସହିତ ତାଙ୍କର ଯେଉଁ କଥୋପକଥନ ହେଲା ତାକୁ ଭିତ୍ତି କରି ସରକାରଙ୍କୁ ନିମ୍ନଲିଖିତ ପରାମର୍ଶ ଦେଲେ ।

ସଂକ୍ଷିପ୍ତରୂପ

ଅନୁଚ୍ଛେଦନ — ପ୍ରତିଷ୍ଠା—ପ୍ରସ୍ତୁତ—

ଅତିରିକ୍ତ

ଅତିକ୍ରମ

ଯଥାଚିହ୍ନିତ

ଅବସ୍ଥା

ଅନ୍ୟମାନଙ୍କ

ତାତ୍ତ୍ୱିକ

ନମୁନା

ପରିମାଣ

ପରିପନ୍ଥୀ

ପୃଷ୍ଠାନୁପୃଷ୍ଠ

ସମବାୟ

ପ୍ରତିପାଦନ—ହିତ—ହିତକାରୀ

ବାସ୍ତବିକ

ବ୍ୟତିକ୍ରମ

ଭୌତିକ

ଭିତ୍ତିକ

ମନସ୍ତାତ୍ତ୍ୱିକ

ମାର୍କେଟ

ମୂଳୋତ୍ପାଟନ

ମୂଳୋତ୍ପାଟିତ

ମୁନିସିପାଲିଟି

ସମ୍ବିଧାନ

ଶ୍ରୁତିଲିପି :

ଅନୁବୃତ୍ତିଗ୍ରହଣ-ଗ	ଆତ୍ମହତ୍ୟା	ପରବର୍ତ୍ତୀ
ଲୁଣ୍ଠନପ୍ରବୃତ୍ତିରେ	ନଚେତ୍	ଦୃଢ଼ମୂଳ
ଦୁର୍ଲେଖା	ମନୋମାଳିନ୍ୟ	ଆନ୍ତର୍ଜାତିକ-ତା
ମନୋବୃତ୍ତିର	ନିଷ୍ପାଦନ	ମଧ୍ୟବିତ୍ତ
ନିରପେକ୍ଷ-ଷ୍ଟା	ସୁବିଧାବାଦୀ-ବା	ଗଣତନ୍ତ୍ରଶାସନ

ଅନୁଶୀଳନୀ-୧୪୩

ଲେଖ ଓ ପଢ଼ :

ସମାଜର ସୁରକ୍ଷା ଲାଗି ଆଇନର ସୃଷ୍ଟି । ସରଳ ସମାଜ ପାଇଁ ସରଳ ଆଇନ ପ୍ରୟୋଜନ ହୋଇଥାଏ । ସମାଜ ଯେତେ କ୍ଲିଷ୍ଟ ଓ ଜଟିଳ ହେବ ଆଇନର ସଂଜ୍ଞା ଓ ପରିସର ସେହି ଅନୁସାରେ ସମ୍ପ୍ରସାରିତ ହେବାକୁ ବାଧ୍ୟ । ନଚେତ୍ ସାମାଜିକ ଆବଶ୍ୟକତା ଓ ଆଶା ଆକାଂକ୍ଷା ଅପୂରଣୀୟ ରହିଯିବ ଓ ମୁଷ୍ଟିମେୟ କେତେକ ସ୍ୱାର୍ଥାନ୍ୱେଷୀ ଅସାମାଜିକ ବ୍ୟକ୍ତି ସରଳ ନିରୀହ ବ୍ୟକ୍ତିବିଶେଷଙ୍କ ଉପରେ ପ୍ରତାରଣାର କୁହୁକ ବିସ୍ତାର କରିବାକୁ ସୁବିଧା ପାଇଯିବେ । ଏହି ସ୍ୱାର୍ଥାନ୍ୱେଷୀ ଅସାମାଜିକ ବ୍ୟକ୍ତିବିଶେଷଙ୍କ କବଳରୁ ସାଧାରଣ ଲୋକଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ଆଇନର ଲମ୍ବା ହାତ ଆହୁରି ଅଧିକ ପ୍ରସାରିତ ହେବା ବାଞ୍ଛନୀୟ । ଏହି ଦୃଷ୍ଟିରୁ ଦେଖିଲେ ଏହା ସମାଜର ଏକ ନୈତିକ କର୍ତ୍ତବ୍ୟ । ସମାଜ ଏହି କର୍ତ୍ତବ୍ୟ ପାଳନରେ ପରାଙ୍ମୁଖ ହେଲେ ବା ଯଥୋଚିତ ବ୍ୟବସ୍ଥା ଗ୍ରହଣରେ କୌଣସି ବ୍ୟତିକ୍ରମ ଘଟିଲେ ତାହା ସମାଜ ପକ୍ଷରେ ତାତ୍ତ୍ୱିକ ଆତ୍ମହତ୍ୟାର ଅନୁକଳ୍ପ ହେବ । ଏହାର ଏକ ନମୁନା ହେଉଛି ନାସା (**NASA**), ଅନ୍ୟ ଏକ ନମୁନା ହେଉଛି ଟାଡ଼ା (**TADA**) । ଏ ଦୁଇଟି ଆଇନରେ ସରକାରଙ୍କୁ କେତେକ ଅତିରିକ୍ତ

କ୍ଷମତା ପ୍ରଦାନ କରାଯାଇଛି । ଏହାର ଆଉ ଏକ ନମୁନା ହେଉଛି ଖାଉଟି ସୁରକ୍ଷା ଆଇନ । ଖାଉଟିମାନଙ୍କୁ ବ୍ୟବସାୟୀଙ୍କ ମାତ୍ସ୍ୟନ୍ୟାୟରୁ ରକ୍ଷା କରିବା ପାଇଁ ଏଥିରେ ସରକାରଙ୍କୁ କେତେକ ଅତିରିକ୍ତ କ୍ଷମତା ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ବିଗତ ୩୦ ବର୍ଷର ଘଟଣାବଳୀ ସୂକ୍ଷ୍ମାନୁସୂକ୍ଷ୍ମ ରୂପେ ପର୍ଯ୍ୟାଲୋଚନା କରି ଡାଃ ନାୟକ ପ୍ରତିପାଦନ କରିବାକୁ ପ୍ରୟାସ କରିଥିଲେ ଯେ ବ୍ୟକ୍ତିଗତ ଅଭିରୁଚି ଯଦି ସମ୍ବିଧାନର ମୌଳିକ ଅଧିକାରକୁ ଖର୍ବ ବା ସଙ୍କୁଚିତ କରେ ଅଥବା ବ୍ୟକ୍ତିବିଶେଷ ବା ଗୋଷ୍ଠୀବିଶେଷର ସ୍ୱାର୍ଥ ସାଧନ ଲାଗି ଯଦି ଭୂସଂସ୍କାର ଆଇନ, ମ୍ୟୁନିସିପାଲିଟି ଆଇନ, ସମବାୟ ସମିତି ଆଇନ ଏପରିକି ସମ୍ବିଧାନର ମଧ୍ୟ ସଂଶୋଧନ କରାଯାଏ ତେବେ ତାହା ଏକଛତ୍ର ଶାସନର ଅଯୁମାରମ୍ଭ ବୋଲି ଧରି ନେବାକୁ ହେବ ।

ଅନୁଶୀଳନୀ-୧୪୪

ପଢ଼ ଓ ଲେଖ :

ଦେଶର ସାର୍ବଭୌମତ୍ୱ ବିପନ୍ନ ହେଲାଭଳି ଅବସ୍ଥା ଆସିଲେ ଯୁଦ୍ଧ ବିଗ୍ରହ ବା ଆଧିଭୌତିକ କାରଣ ସଂଜାତ ସଙ୍କଟଜନକ ପରିସ୍ଥିତି ଉଦ୍ଭୂତ ହେଲେ ସେ ଅବସ୍ଥାର ସମ୍ମୁଖୀନ ହେବା ପାଇଁ ପ୍ରଚଳିତ ଆଇନ ବହିର୍ଭୂତ କେତେକ ଅତିରିକ୍ତ କ୍ଷମତା ସରକାରଙ୍କର ହେବା ଉଚିତ ଏବଂ ସେଥିଲାଗି ଆଇନଗତ ବାଧାକୁ ଅତିକ୍ରମ କରିବା ପାଇଁ ସାମୟିକ ଭାବରେ ପ୍ରଚଳିତ ବିଧି ବିଧାନରେ ବ୍ୟତିକ୍ରମ ଘଟିବାର ଅବକାଶ ରହିଛି ଓ ରହିବ । କିନ୍ତୁ ବ୍ୟତିକ୍ରମକୁ ସାଧାରଣ ନିୟମର ସ୍ଥାୟିତ୍ୱ ଓ ମର୍ଯ୍ୟାଦା ଦେବାର ଅପଚେଷ୍ଟା ହେଲେ ଯେଉଁ ଭ୍ରଷ୍ଟାଚାର ଓ ଦୁର୍ନୀତିର ମୂଳୋତ୍ପାଟନ ଗଣତନ୍ତ୍ର ଶାସନର ପ୍ରଧାନ ଲକ୍ଷ୍ୟ ତାହା ମୂଳୋତ୍ପାଟିତ ହେବା ପରିବର୍ତ୍ତେ ଅଧିକ ଦୃଢ଼ମୂଳ ହେବ ।

ଦୁର୍ନୀତି ଓ ଭ୍ରଷ୍ଟାଚାରର ସଂଜ୍ଞା ଓ ମାପକାଠି କଣ ହେବା ଉଚିତ ବୋଲି ପ୍ରଶ୍ନ ହେବାରୁ ଡ଼ଃ ନାୟକ କହିଲେ ଆମେ ସମସ୍ତେ ଏ ଦେଶର ଗୋଟିଏ ବ୍ୟକ୍ତିବିଶେଷଙ୍କୁ ଭଲଭାବରେ ଜାଣୁ । ଜଣେ ଦେଶବାସୀଙ୍କ ହୃଦୟ କିଣି ନେଇ ତା ବଦଳରେ ଦେଇଗଲେ ସ୍ୱାଧୀନତା, ଆଉ ଜଣେ ଜନସାଧାରଣଙ୍କ ସ୍ୱାଧୀନତା ଓ ନୈତିକତା ଅପହରଣ କରି ଦେଶକୁ କରିଦେଲେ ଅନୈତିକ । ଶେଷ ଜଣକ ଦେଶର ସବୁ ସମ୍ବଳ ବିନର୍ବସ୍ତ କରି ଦେଶକୁ କରିଦେଇ ଗଲେ ପରମୁଖାପେକ୍ଷୀ ଭିକାରି । ସେମାନଙ୍କ ଦୃଷ୍ଟାନ୍ତ ଅନୁଶୀଳନ କଲେ ଦୁର୍ନୀତି ଓ ଭ୍ରଷ୍ଟାଚାରର ସଂଜ୍ଞା କାହାର ବୋଧହୁଏ ଅଜ୍ଞ ଅବୁଝା ରହିବ ନାହିଁ ।

ସେ ଆଉ ମଧ୍ୟ କହିଲେ ଯେ ଇଂରେଜମାନେ ଆସିବା ପୂର୍ବରୁ ଆମ

ଦେଶରେ ମଦର ପ୍ରଚଳନ ପ୍ରାୟ ନଥିଲା କହିଲେ ଚଳେ । କାରଣ ସବୁ ଧର୍ମ ଶାସ୍ତ୍ରରେ ଏପରିକି ମନୁ ସ୍ମୃତିରେ ମଦ୍ୟପାନକୁ ମହାପାପ ଏବଂ ଧର୍ମଧାରଣା ର ପରିପନ୍ଥୀ ବୋଲି ନିନ୍ଦା କରାଯାଇଛି । ଇଂରେଜ ଶାସନ କାଳରେ ଏ ଦେଶରେ ମଦ କାରବାର ବୃଦ୍ଧି ହେଲା ।

ଅନୁଶୀଳନୀ-୧୪୫

ଲେଖ ଓ ପଢ଼ :

ମଣ୍ଟେଗୁ ଚେମସଫୋର୍ଡ ଅବକାରୀ ଆଇନରେ ଭାରତବର୍ଷରେ ଶିକ୍ଷାର ବିସ୍ତାର ହେବ ବୋଲି ଦର୍ଶାଇ ଅବାଧ ମଦ୍ୟ ବିକ୍ରୟକୁ ଅଧିକ ପ୍ରୋତ୍ସାହିତ କରିଥିଲେ । ସେହି ଦିନଠାରୁ ନିଶାର ପ୍ରସାର ସହିତ ଶିକ୍ଷାର ଏକ ଅଲିଖିତ ନିବିଡ଼ ସମ୍ପର୍କ ରହିଆସିଛି । ମଦ ବିକ୍ରୀ ପଇସାରେ ଶିକ୍ଷାନୁଷ୍ଠାନ ଚାଲିଲେ ଫଳ କଣ ହୁଏ ଆମର ଶିକ୍ଷାନୁଷ୍ଠାନ ତାର ଏକ ନମୁନା । ଆମର ବହୁ ଶିକ୍ଷାନୁଷ୍ଠାନ ମଧ୍ୟବିତ୍ତ ଶ୍ରେଣୀର ଉଦ୍ୟମରେ ପ୍ରତିଷ୍ଠିତ । ଅଧିକାଂଶ ଶିକ୍ଷାନୁଷ୍ଠାନକୁ ସରକାରୀ ସାହାଯ୍ୟ ନିୟମିତ ଭାବରେ ମିଳେ ନାହିଁ । ତେଣୁ ସେମାନେ ଯଥାସମ୍ଭବ ଚେଷ୍ଟା କଲେ ମଧ୍ୟ ସ୍ୱାବଲମ୍ବୀ ବା ଆତ୍ମନିର୍ଭରଶୀଳ ହେବାକୁ ଅକ୍ଷମ । ସେମାନେ ବ୍ୟକ୍ତିବିଶେଷଙ୍କ ଦାନ ଉପରେ ନିର୍ଭରଶୀଳ । ଯେଉଁ ପରିବେଶରେ ସେଗୁଡ଼ିକ ଗଢି ଉଠିଛି ତାହା ଆଦୌ ମନୋମୁଗ୍ଧକର ନୁହେଁ । ଯେଉଁମାନେ ଅର୍ଥ ଦାନ କରୁଛନ୍ତି ପରିଚାଳନାରେ ସେମାନଙ୍କର ଅବାଞ୍ଛିତ ହସ୍ତକ୍ଷେପ ପରିଲକ୍ଷିତ ହେଉଛି ଯାହା ଫଳରେ ଶିକ୍ଷକ ଓ ପରିଚାଳକଙ୍କ ମଧ୍ୟରେ ମନାନ୍ତର ମତାନ୍ତର ଓ ବାଦବିବାଦ ଲାଗି ରହୁଛି । ଏ ପରିସ୍ଥିତିରେ କେବଳ ଶିକ୍ଷକ ବା ଅଭିଭାବକଙ୍କୁ କର୍ତ୍ତବ୍ୟ ପରାଂମୁଖ ବୋଲି ସମାଲୋଚନା କରି ଲାଭ ନାହିଁ । କାରଣ କଥା ଅପେକ୍ଷା ଦୃଷ୍ଟାନ୍ତର ଶକ୍ତି ଅଧିକ । ସେମାନେ ଦେଖୁଛନ୍ତି ଯେତେବେଳେ ଦେଶରେ ସାଧାରଣ ନିର୍ବାଚନ ହେଉଛି ନିର୍ବାଚନ ଇସ୍ତାହାର ବା ନିର୍ବାଚନ ପ୍ରତିଶ୍ରୁତିରେ ଦୃଢତାର ସହିତ ଘୋଷଣା କରାଯାଉଛି ଯେ ସମ୍ବିଧାନର ପବିତ୍ରତା ସର୍ବୋତଭାବରେ ରକ୍ଷା କରାଯିବ, ସରକାରୀ ଖର୍ଚ୍ଚରେ ଯଥାସମ୍ଭବ ମିତବ୍ୟୟିତା ଅବଲମ୍ବନ କରାଯିବ, ଅଣଟିକସ ସୂତ୍ରରୁ ଅତିରିକ୍ତ ସମ୍ବଳ ସଂଗ୍ରହ କରାଯାଇ କରଭାର ଲାଘବ କରାଯିବ, କୃଷି ଓ ଶିଳ୍ପ ଉତ୍ପାଦନ ବୃଦ୍ଧି କରି ଦେଶକୁ ସ୍ୱାବଲମ୍ବୀ କରାଯିବ, ଶିକ୍ଷା, ସ୍ୱାସ୍ଥ୍ୟ, ସ୍ୱାୟତ୍ତଶାସନ, ସମବାୟ ପ୍ରଭୃତି ବିଭିନ୍ନ ସଂସ୍ଥାରୁ ରାଜନୈତିକ ହସ୍ତକ୍ଷେପ ଓ ବ୍ୟକ୍ତିଗତ ମନୋମାଳିନ୍ୟ ଦୂରୀକରଣ ପୂର୍ବକ ଦୁର୍ନୀତିର ମୂଳୋତ୍ପାଟନ କରି ଏକ ମନୋମୁଗ୍ଧକର ପରିବେଶ ମଧ୍ୟରେ ସେଗୁଡ଼ିକ ସ୍ୱୟଂସମ୍ପୂର୍ଣ୍ଣ ସଂସ୍ଥା ରୂପେ ପ୍ରତିଷ୍ଠିତ କରାଯିବ ଇତ୍ୟାଦି । କିନ୍ତୁ କଥା ଓ କାର୍ଯ୍ୟ ମଧ୍ୟରେ ସାମଞ୍ଜସ୍ୟ ରକ୍ଷା କରିବା ସମ୍ଭବପର ହେଉନାହିଁ । ରାଜନୈତିକ

ହସ୍ତକ୍ଷେପ, ବ୍ୟକ୍ତିଗତ ମନୋମାଳିନ୍ୟ ଚରମସୀମାରେ ଉପନୀତ ହେଲାଣି । ଯେଉଁ ମଧ୍ୟବିତ୍ତ ଶ୍ରେଣୀ ସମାଜର ମେରୁଦଣ୍ଡ ସେମାନଙ୍କର ମେରୁଦଣ୍ଡ ବୋହିଲା ଗଲାଣି, ମନୋବଳ ଭାଙ୍ଗିଗଲାଣି ଯାହା ଫଳରେ ଯେଉଁମାନଙ୍କ ବକ୍ତବ୍ୟ, ପ୍ରତିଶ୍ରୁତି ଓ କାର୍ଯ୍ୟରେ ସମନ୍ୱୟ ରହୁନାହିଁ ସେମାନଙ୍କୁ ମିଥ୍ୟାବାଦୀ ବୋଲି ଘୋଷଣା କରିବା ବା ଅପାଂକ୍ତେୟ ବୋଲି ସମାଜଚ୍ୟୁତ କରିବାର ନୈତିକ ସାହସ ଆଜି କାହାରି ହେଲେ ନାହିଁ ।

ଶବ୍ଦ ସ୍ତବକ

ନମନୀୟ ପ୍ରୟୋଗଦ୍ୱାରା –

ଅପଚେଷ୍ଟା	ପ୍ରାକୃତିକ
ଅପବ୍ୟବହାର	ପୁନରାବୃତ୍ତି
ଅପରିଣାମଦର୍ଶୀ-ତା	ବିଶୃଙ୍ଖଳା-ଳତା
ଅବିମୃଷ୍ୟକାରୀ-ତା	ଉଦାସୀନ
ଆନ୍ଦୋଳନକାରୀ	
ଆତ୍ମହତ୍ୟା	ଉତ୍ତୋଳନ
ଉଚ୍ଛୃଙ୍ଖଳ-ତା	ଉତ୍କ୍ଷିପ୍ତ
କର୍ମଠ, ଉଦ୍ୟମ	ରୋଜରୋଜ
କୃତକାର୍ଯ୍ୟ	ଶୁଭେଚ୍ଛା
ଚିନ୍ତା	ଶୁଭାଙ୍କିତ
ଅବସାନ	ସ୍ୱାସ୍ଥ୍ୟକର
ନିରୁତ୍ସାହ	

ଆମେ ଆଶା କରୁଛୁ ଯେ ସେମାନେ ନିଜର ଅପରିଣାମଦର୍ଶିତା ହୃଦୟଙ୍ଗମ କରିଛନ୍ତି ଏବଂ ଭବିଷ୍ୟତରେ ସେ ଅପଚେଷ୍ଟା ଆଉ କରିବେ ନାହିଁ । ଦଣ୍ଡକାରଣ୍ୟର ପ୍ରାକୃତିକ ଦୃଶ୍ୟ ଅତ୍ୟନ୍ତ ମନୋମୁଗ୍ଧକର ଓ ପରିବେଶ ଅତ୍ୟନ୍ତ ସ୍ୱାସ୍ଥ୍ୟକର । ପୁନର୍ବସତି କେନ୍ଦ୍ରର ଗୃହର ରକ୍ଷଣାବେକ୍ଷଣ, ରାସ୍ତା ନିର୍ମାଣ, ଜଳାଶୟ ଖନନ, କୃଷିକ୍ଷେତ୍ର ପ୍ରସ୍ତୁତ ଇତ୍ୟାଦି କାର୍ଯ୍ୟରେ ପ୍ରତିଦିନ ଶହ ଶହ ଶ୍ରମିକ ନିଯୁକ୍ତ ହେଉଛନ୍ତି । ତେଣୁ ଏଠାରେ କାମର ଅଭାବ ନାହିଁ । ଏଠାରେ ଯାତାୟତର ସୁବିଧା ଅଛି । ହାଟ ବଜାର, ପୋଷ୍ଟ ଅଫିସ, କ୍ଲବ ଇତ୍ୟାଦି ଅଛି । ଅବଶ୍ୟ ସ୍ଥାନୀୟ ଲୋକେ ଟିକିଏ ରକ୍ଷଣଶୀଳ ବୋଲି କୁହାଯାଏ । କିନ୍ତୁ ଏହି ଆଗନ୍ତୁକମାନେ କମ ରକ୍ଷଣଶୀଳ ନୁହଁନ୍ତି । ଏମାନଙ୍କ ଖାଦ୍ୟପେୟ, ଆଗ୍ରହ ଆଚରଣ ସବୁଥିରେ ରକ୍ଷଣଶୀଳତା ସୁସ୍ପଷ୍ଟ । ଆମେ ନିଶ୍ଚୟ କୃତକାର୍ଯ୍ୟ ହେବୁ ଏହି ପ୍ରତ୍ୟୟରେ ସୁଦୃଢ଼ ହୋଇ ଆମେ ଆମର କର୍ତ୍ତବ୍ୟ ସମ୍ପାଦନ କରୁଛୁ । ଫଳାଫଳ ଭବିଷ୍ୟତ ଗର୍ଭରେ ନିହିତ ।

ଷଟ୍‌ତ୍ରିଂଶ ପରିଚ୍ଛେଦ

ଅନ୍ତର୍ଚ୍ଛେଦନ

(Intersection)

୧୬୧) ଦୁଇଟି ଲିପି ପରସ୍ପରକୁ ଛେଦନ କଲେ ଉକ୍ତ ପ୍ରକ୍ରିୟାକୁ ଅନ୍ତର୍ଚ୍ଛେଦନ କୁହାଯିବ । ରୂପକର ପ୍ରଥମ ବା ଶେଷ ଲିପି ଏହି ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବ । ସାଧାରଣତଃ କେତେକ ବ୍ୟବହାର-ବହୁଳ ଶବ୍ଦପୁଞ୍ଜ ଓ କ୍ରିୟା ପଦର ରୂପାୟନରେ ଏହି ପ୍ରକ୍ରିୟାର ଉପଯୋଗ କରାଯିବ । ନିର୍ଦ୍ଦିଷ୍ଟସ୍ଥାନ ସମସ୍ତ ପ୍ରକ୍ରିୟାର ନିୟମାମକ ହେବ ଏବଂ ସ୍ଥଳବିଶେଷରେ ଅନ୍ତର୍ଚ୍ଛେଦନ ସମ୍ଭବ ନ ହେଲେ ସଂପୃକ୍ତ ଲିପି ଦୁଇଟି ପରସ୍ପର ସନ୍ନିକଟରେ ଲେଖାଯିବ ।

୧୬୨) କ-ଲିପି--କଥା ବା କମ୍ପାନି ପ୍ରତିପାଦନ କରିବ ।



୧୬୩) ଚ-ଲିପି—ଚାଲୁ ଚାହେଁ ପ୍ରତିପାଦନ କରିବ ।



୧୬୪) ଜ-ଲିପି—ଜାତି, ଜାତୀୟ, ଉପଯୋଗୀ ବା ଯାଇପାରେ ପ୍ରତିପାଦନ କରିବ ।



୧୬୫) ଝ-ଲିପି—ବୁଝିପାରୁ ପ୍ରତିପାଦନ କରିବ ।



୧୬୬) ଡ-ଲିପି--ଚାଲୁ ପଡ଼େ ବା ଡିପାର୍ଟମେଣ୍ଟ ପ୍ରତିପାଦନ କରିବ ।



୧୬୭) ତ-ଲିପି--ଆତ୍ମ, ଆତ୍ମିକ ପ୍ରତିପାଦନ କରିବ ।



୧୬୮) ଦ-ଲିପି—ଦାତା, ଦାୟକ ବା ଦ୍ୱି ଗୁଣବାଚକ ଦ୍ୱି, ଦ୍ୱୈତ, ଦ୍ୱୈଧ ଇତ୍ୟାଦି ପ୍ରତିପାଦନ କରିବ ।

ପରାମର୍ଶଦାତା ... ସୁଖଦାୟକ ... ଦ୍ୱିମତ ...

ମତଦ୍ୱୈଧ ... ଦ୍ୱିମୁଖି ... ଦ୍ୱୈତବାଦ-ବୀ ...

୧୬୯) ନ-ଲିପି—ଅନୁଚ୍ଛେଦନ ପ୍ରତିସ୍ଥାନରେ ନିୟମ ଓ ସମ୍ବନ୍ଧ ସୂଚକରେ ବିନା ପ୍ରତିପାଦନ କରିବ ।

ବନ ନିୟମ ... ବିନା ଦୋଷରେ ... ବିନା ବିଚାରରେ ...

୧୭୦) ପ-ଲିପି—ପକ୍ଷ ବା ପୂର୍ଣ୍ଣ ପ୍ରତିପାଦନ କରିବ ।

ଗୁରୁତ୍ୱପୂର୍ଣ୍ଣ ... ସମ୍ପୂର୍ଣ୍ଣ ... ଆମ ପକ୍ଷରେ ...

ଉଭୟ ପକ୍ଷରେ ...

୧୭୧) ନ-ଆଙ୍କୁଶଯୁକ୍ତ ପ-ଲିପି ପନ୍ଥା, ପନ୍ଥୀ, ପଣିଆ ବା ପନ୍ୟୁଣ ପ୍ରତିପାଦନ କରିବ ।

ଧର୍ମପରାୟଣ ... କର୍ତ୍ତବ୍ୟପରାୟଣ ... ନ୍ୟାୟପରାୟଣ ...

ଏକମାତ୍ରପନ୍ଥା ... ବାମପନ୍ଥୀ ... ଉଗ୍ରପନ୍ଥୀ ...

ପଣ୍ଡିତପଣିଆ ...

୧୭୨) ଫ-ଲିପି—ତରଫ ପ୍ରତିପାଦନ କରିବ ।

ଆମ ତରଫରୁ ... ସେମାନଙ୍କ ତରଫରୁ ...

୧୭୩) ବ-ଲିପି—ବିଭାଗ, ବିଭକ୍ତ, ବିରୋଧୀ, ବିଷୁଢ଼ ପ୍ରତିପାଦନ କରିବ ।

ଶାଦ୍ୟ ବିଭାଗ ... ପୂର୍ତ୍ତବିଭାଗ ... ଦଳୁଧାବିଭକ୍ତ ...

ସମାଜବିରୋଧୀ ... ଶାନ୍ତିବିଘ୍ନ ...

୧୭୪ ଭ ଲିପି—ଭଗ, ଭାଗ୍ୟ ବା ଭୋଗ ପ୍ରତିପାଦନ କରିବ ।

ପ୍ରଥମଭାଗ ... ନାନାଭାଗରେ ବିଭକ୍ତ ... ସୁଖଭୋଗ ...

କଷ୍ଟଭୋଗ ... ଆନନ୍ଦଉପଭୋଗ ... ଦୁର୍ଭାଗ୍ୟ ...

୧୭୫) ମ ଲିପି—ମୂଳକ ପ୍ରତିପାଦନ କରିବ ।

ଉନ୍ନୟନମୂଳକ ... ଗଠନମୂଳକ ...

୧୭୬) ର (ଊର୍ଦ୍ଧ୍ୱମୁଖୀ) ଲିପି—ରେଲୱେ, ରେଳବାଇ ବା ଠାରୁ ପ୍ରତିପାଦନ କରିବ ।

ରେଳବାଇ ମନ୍ତ୍ରୀ ... ଦକ୍ଷିଣ ପୂର୍ବ ରେଳୱେ ...

ସେକ୍ରେଟାରୀଠାରୁ ... ଡାକ୍ତରଠାରୁ ...

୧୭୭) ର (ନିମ୍ନମୁଖୀ) ଲିପି—ରକମ: ପ୍ରତିପାଦନ କରିବ ।

ବିଭିନ୍ନରକମ(ର) ... ନାନାରକମ(ର) ...

୧୭୮) ଲ-ଲିପି—ଲେଖାଏଁ, ଉପଲକ୍ଷେ ପ୍ରତିପାଦନ କରିବ ।

ଉତ୍ସବ ଉପଲକ୍ଷେ ... କୋଡ଼ିଏଲେଖାଏଁ ... ଦଶଲେଖାଏଁ ...

୧୭୯) ଶ-ଲିପି—ସମ୍ବନ୍ଧରେ ବା ସାପେକ୍ଷ ପ୍ରତିପାଦନ କରିବ ।

ସାମ୍ୟସାପେକ୍ଷ ... ସୌଜନ୍ୟସାପେକ୍ଷ ... ବାଞ୍ଛାସାପେକ୍ଷ

ଉଦ୍ଧୃତହେବାରେ ... ଯେତେସହକାରେ

ଅନୁଶୀଳନୀ-୧୪୮

ଏହି ଉଦାହରଣ:



ଲେଖ ଓ ପଢ଼— ଅନୁଶୀଳନୀ-୧୪୯

ଗ୍ରାମ ପଞ୍ଚାୟତ ବିଭାଗ ଦ୍ୱାରା ଆୟୋଜିତ ସେମିନାର ଉପଲକ୍ଷେ ବିଭିନ୍ନ ସରକାରୀ ବିଭାଗ, ସରକାରୀ ଓ ବେସରକାରୀ ନିଗମ ତଥା ରାଜନୈତିକ ଦଳମାନଙ୍କୁ ଅନ୍ତତଃ ଦୁଇଜଣ ଲେଖାଏ ପ୍ରତିନିଧି ପଠାଇବା ପାଇଁ ସାଧାରଣ ଶାସନ ବିଭାଗ ତରଫରୁ ଅନୁରୋଧ କରାଯାଇଥିଲା । ସେମିନାରର ସାଫଲ୍ୟ କାମନା କରି ବହୁ ସମ୍ମାନନୀୟ ବ୍ୟକ୍ତି ସୌଜନ୍ୟମୂଳକ ବାର୍ତ୍ତା ମାନ ପ୍ରେରଣ କରିଥିଲେ । କେନ୍ଦ୍ରୀୟ ରାଷ୍ଟ୍ରମନ୍ତ୍ରୀ ପ୍ରଧାନ ଅତିଥି ଭାବରେ ଏଥିରେ ଯୋଗ ଦେଇଥିଲେ । ଏହି ତିନିଦିନିଆ ସେମିନାରରେ ସଂପୂର୍ଣ୍ଣ ନିରକ୍ଷରତା ନିବାରଣ, ପରିବାର କଲ୍ୟାଣ, କର୍ମସଂସ୍ଥାନ, ଜାତୀୟ ସଂହତି ଇତ୍ୟାଦି ନାନା ଗୁରୁତ୍ୱପୂର୍ଣ୍ଣ ବିଷୟରେ ଗ୍ରାମ ପଞ୍ଚାୟତର ଭୂମିକା ସମ୍ପର୍କରେ ବିଶଦ ଆଲୋଚନା କରାଯାଇ କି କି କାର୍ଯ୍ୟପନ୍ଥା ଗ୍ରହଣ କରିବା ସମୟୋପଯୋଗୀ ହେବ ତାହା ସ୍ଥିର କରାଯାଇଥିଲା । ରାଜସ୍ୱ ବିଭାଗର ପ୍ରତିନିଧି ବିଭିନ୍ନ ରାଜ୍ୟର ଭୂସଂସ୍କାର ଆଇନର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରି ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନରେ କି କି ଦୋଷତ୍ରୁଟି ଥିବାରୁ ସୁପ୍ରିମକୋର୍ଟ ଉକ୍ତ ଆଇନକୁ ଭ୍ରମପୂର୍ଣ୍ଣ ଓ ସମ୍ବିଧାନ ବିରୋଧୀ ବୋଲି କଟୁ ମନ୍ତବ୍ୟ ଦେଲେ ତାହା ପ୍ରାଞ୍ଜଳ ଭାବରେ ବ୍ୟାଖ୍ୟା କରିଥିଲେ । ସମାଜବାଦୀ ଦଳର ପ୍ରତିନିଧି କହିଲେ ଯେ ସୁପ୍ରିମ-କୋର୍ଟର ରାୟ ଫଳରେ ଯେଉଁ ଅଚଳ ଅବସ୍ଥା ସୃଷ୍ଟି ହୋଇଛି ଆଇନ ବିଭାଗ ଓ ଆଇନ ପରାମର୍ଶଦାତାଙ୍କ ପରସ୍ପର ବିରୋଧୀ ମତାମତ ଫଳରେ ତାର କୌଣସି ସମାଧାନ ଏ ପର୍ଯ୍ୟନ୍ତ ହୋଇପାରିନାହିଁ । ଅଧିକନ୍ତୁ ସେ କହିଲେ ଯେ ପ୍ରଚଳିତ ଆଇନଗତ ବିଧିବିଧାନ ଅନୁସାରେ ନ୍ୟାୟ ପାଇବା ଏତେ ବ୍ୟୟସାପେକ୍ଷ ଓ ସମୟସାପେକ୍ଷ ହେଉଛି ଯେ ସାଧାରଣ ଲୋକ ପକ୍ଷରେ ଆଇନ ଅଦାଲତର ଆଶ୍ରୟ ନେବା ମାତ୍ରାଧିକ ବିଳାସ ବୋଲି ମନେ କରା-ଯାଉଛି । ଏହି ପରିପ୍ରେକ୍ଷୀରେ ଭୂସଂସ୍କାର ଆଇନ ତଥା ପ୍ରଜାସ୍ୱତ୍ୱ ଆଇନର ଆମୂଳଚୂଳ ପରିବର୍ତ୍ତନ ଏକମାତ୍ର ପନ୍ଥା ବୋଲି ସେ ମତବ୍ୟକ୍ତ କରିଥିଲେ । ପ୍ରସଙ୍ଗକ୍ରମେ ଜାତୀୟ ସଂହତି ଓ ଜାତୀୟ ସମ୍ପତ୍ତିର ସୁରକ୍ଷା ସଂକ୍ରାନ୍ତରେ ଗ୍ରାମ ପଞ୍ଚାୟତ ଓ ମ୍ୟୁନିସିପାଲିଟିର ଭୂମିକା ବିଷୟରେ ଦୀର୍ଘ ଆଲୋ-ଚନା ହୋଇଥିଲା ଏବଂ ଜାତିଭେଦ ପ୍ରଥା ସହିତ ଜାତୀୟ ସଂହତି ଓ ଜାତୀୟ ସମ୍ପତ୍ତିର ସୁରକ୍ଷା ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ବୋଲି ଅଧିକାଂଶ ବକ୍ତା ମତ ପ୍ରକାଶ କରିଥିଲେ ।

ସପ୍ତତ୍ରିଂଶ ପରିଚ୍ଛେଦ

ସରଳ ସ୍ୱରଣିକା

ବିଶେଷ କଥନ

୮୦) ଦ୍ରୁତଲିଖନ ସୌକର୍ଯ୍ୟାର୍ଥେ କେତେକ ବ୍ୟବହାର ବହୁଳ

ଶବ୍ଦଗୁଚ୍ଛକୁ ଏକତ୍ର ଲେଖିବା ପ୍ରୟୋଜନ ବୋଧରୁ ସ୍ୱରଣିକ ର କଳ୍ପନା ଓ ସୃଷ୍ଟି ତେଣୁ ସ୍ୱରଣିକା ଅନ୍ତର୍ଗତ ଶବ୍ଦଗୁଡ଼ିକୁ ଗୋଟିଏ ଶବ୍ଦ ବୋଲି ଜ୍ଞାନ କରାଯିବ ଏବଂ ସ୍ୱରଣିକାର ପ୍ରଥମ ଶବ୍ଦଟି ଏକାକୀ ଥିଲେ ଯେଉଁ ସ୍ଥାନରେ ଲେଖା ଯାଆନ୍ତା ସ୍ୱରଣିକାଟି ସେହି ସ୍ଥାନରୁ ଆରମ୍ଭ ହେବ ଏବଂ ପରବର୍ତ୍ତୀ ଶବ୍ଦ ତାର ଅନୁବର୍ତ୍ତୀ ହେବ । ଯଥା—



୨୮୧) ଏପରି କେତେକ ସ୍ୱରଣିକା ଅଛି ଯହିଁରେ ପ୍ରତ୍ୟେକ ଶବ୍ଦର ସ୍ୱୀକୃତ ରୂପକକୁ ଏକତ୍ର ଲେଖିବା ସହଜ ଓ କୌଶଳ-ନିରପେକ୍ଷ । ଯଥା —



୨୮୨) କିନ୍ତୁ ଏପରି ଅନେକ ସ୍ୱରଣିକା ଅଛି ଯେଉଁଗୁଡ଼ିକର ରୂପାୟନ କଷ୍ଟକର କୌଶଳସାପେକ୍ଷ ଏବଂ ସେସବୁ କୌଶଳ ସହିତ ସମ୍ୟକ୍ ପରିଚୟ ଶିକ୍ଷାର୍ଥୀଙ୍କ ପକ୍ଷରେ ଅପରିହାର୍ଯ୍ୟ ବିବେଚନାରେ ଏ ପୁସ୍ତକର ବିଭିନ୍ନ ପରିଚ୍ଛେଦ ଶେଷରେ ‘ ସ୍ୱରଣିକା’ ଶିରୋନାମାରେ ସେଗୁଡ଼ିକ ଉଦାହରଣ ସହ ବୁଝାଇ ଦିଆଯାଇଛି । ଏ ପରିଚ୍ଛେଦରେ ପୂର୍ବପ୍ରଦତ୍ତ ସୂଚନାର ପୁନଃଉଦ୍ଧରଣ ସଙ୍ଗେ ସଙ୍ଗେ ଅତିରିକ୍ତ କେତେକ ନୂତନ ଉଦାହରଣ ପ୍ରାସଙ୍ଗିକ ବିବେଚନାରେ ଉଲ୍ଲେଖ କରାଯାଇଛି ।

୨୮୩) ସ୍ୱରଣିକା ଅନ୍ତର୍ଗତ ଯେ କୌଣସି ଶବ୍ଦ ଏପରିକି ଚଳନ୍ତିକା ମଧ୍ୟ ସ୍ଥଳବିଶେଷରେ ଭିନ୍ନ ରୂପ ପରିଗ୍ରହଣ କରିବ । ଯଥା—



(ଖ) ସ୍ୱରଣିକା ଏ ପରବର୍ତ୍ତୀ ଯ୍-ଲିପି ଦ୍ୱିତୀୟ ସ୍ଥାନରେ ଏବଂ ହୋଇ/ହେଉ ପରବର୍ତ୍ତୀ ହ-ଲିପି ଦ୍ୱିତୀୟ /ତୃତୀୟ ସ୍ଥାନରେ ଲେଖାଯିବ ।



(ଗ) ଚଳନ୍ତିକା ଦେଇ, ଦେଖ, ବୁଝ, କର, ଗୃହ୍, ନଅ ବା ରଖ ଯଥାକ୍ରମେ ଦଆ, ଦେଖା, ବୁଝା, କରା, ଗୃହାଁ, ନଆ ବା ରଖା ପ୍ରତିପାଦନ କରିବ ।



୧୮୪) ଦ୍ୱିସ୍ୱର (କ) ଚଳନ୍ତିକା ପରି/ନାହିଁ ନିମ୍ନମୁଖୀ ଲିପି ସଂଲଗ୍ନ ହେଲେ କ୍ଷୁଦ୍ର ହ୍ରାସ ଆକାର ଧାରଣ କରିବ କିନ୍ତୁ ଊର୍ଦ୍ଧ୍ୱମୁଖୀ ବା ଆନୁଭୂମିକ ଲିପି ସଂଲଗ୍ନ ହେଲେ ଏହାର ଆକାର ଅପରିବର୍ତ୍ତିତ ରହିବ । ଚଳନ୍ତିକା 'ଆଇ' ଅନ୍ୟ ଲିପି ସଂଲଗ୍ନ ହେଲେ ସ୍ଥଳବିଶେଷରେ ଆସ୍ ପ୍ରତିପାଦନ କରିବ ।



(ଖ) ଚଳନ୍ତିକା ହେଉ ଅନ୍ୟ ଲିପି ସଂଲଗ୍ନ ହେଲେ ହିଁ, ହେଁ, ହୁଁ ପ୍ରତିପାଦନ କରିବ ଏବଂ ସ୍ଥଳବିଶେଷରେ ଏହା ପୂର୍ବବର୍ତ୍ତୀ କିମ୍ବା ପଦର

ପୁନରାବୃତ୍ତି ଜ୍ଞାପନ କରିବ । ଚଳନ୍ତିକା ନୁହେଁ ସ୍ଥଳବିଶେଷରେ ନ-ଲିପିଦ୍ୱାରା ପ୍ରତିପାଦିତ ହେବ ।



୧୮୫) କ୍ଷୁଦ୍ରବୃତ୍ତ—(କ) ଆଦ୍ୟ କ୍ଷୁଦ୍ରବୃତ୍ତ ସେ, ଆଶା ବା ଇଚ୍ଛା ଏବଂ ସ୍ଥଳବିଶେଷରେ ସେହି ବା ଯେଉଁ ପ୍ରତିପାଦନ କରିବ । ମଧ୍ୟ ଓ ଅନ୍ତ୍ୟ କ୍ଷୁଦ୍ର ବୃତ୍ତ ସେ, ଯାଇ, ଯାଏ ବା ଆଶା ପ୍ରତିପାଦନ କରିବ (ପୃ ୮୯-୯୦, ଅନୁଚ୍ଛେଦ ୧୫୯-୧୬୨) କିନ୍ତୁ ସେ, ସେହି ବା ଯେଉଁ ପରେ ସ ଥିଲେ ସେ, ସେହି ବା ଯେଉଁ ଲିପିରେ ଲେଖାଯିବ ।



(ଖ) ବିକଳ୍ପ ବୃତ୍ତ-ସ୍ୱରଣିକା ଅନ୍ତର୍ଗତ ଚ, ଛ, ଜ ପରବର୍ତ୍ତୀ ସ୍ଥଳବିଶେଷରେ ବିକଳ୍ପ ବୃତ୍ତ ଲେଖାଯିବ ।

୧୮୬) ବୃହତ୍ତର ବୃତ୍ତ-ଅନ୍ତ୍ୟ ବୃହତ୍ତର ବୃତ୍ତ ଯାଉଛି, ବିଶ୍ୱାସ ଏବଂ ସ୍ଥଳବିଶେଷରେ ଶସ୍ୟ/ଗୃହ ଜ୍ଞାପନ କରିବ (ପୃ ୮୦ ଅନୁଚ୍ଛେଦ ୧୬୦) । ବିକଳ୍ପ ବୃହତ୍ତର ବୃତ୍ତ ସ୍ଥ ପ୍ରତିପାଦନ କରିବ ।

ବିଶ୍ୱାସଘାତକ ... ରହିଯାଇଛି ... ରଖାଯାଇଛି ...
ଜଣ ଜାଣ ... ଯୋଡ଼ିଜାଣ ...

୧୮୭) ଫାଶ—ସ୍ତ-ଫାଶ ସ୍ତ, ସତ୍ୟ, ସହିତ, ସନ୍ତ, ସ୍ଥାନ, ସଙ୍ଗେ ପ୍ରତିପାଦନ କରିବ ଏବଂ ପ୍ରୟୋଜନ ସ୍ଥଳେ ଏହା ରୂପକ ମଧ୍ୟରେ ବି ଲେଖା-ଯିବ ।

ନିରାଟ ସତ୍ୟ ... ଧ୍ରୁବସତ୍ୟ ... ଅକାଟ ସତ୍ୟ ...
ଏଥି ସହିତ ... କରିବା ସଙ୍ଗେ ... ତା ଯଦି ନ ହୁଏ
ଉଚ୍ଚ ସ୍ଥାନ ... ରାଜ୍ୟସ୍ତର ... ନିକଟ ଭବିଷ୍ୟତରେ ...

୧୮୮) ଆଦ୍ୟ ଆଙ୍କୁଶ —(କ) ର ଆଙ୍କୁଶ ରହ, ରହି, ରଖ, ରଖି ପ୍ରତିପାଦନ କରିବ ।

ନ ରହିଛି ... ନ ରହିବ ... ନ ରହନ୍ତି ...
ନ ରଖିଛି ... ନ ରଖିଲେ ... ନ ରଖନ୍ତି ...
ପଡ଼ିରହିଛି ... ଚୁରମାର ... ମନେରହିବ ...
ମନେରଖିବ ...

(ଖ) ଲ—ଆଙ୍କୁଶଯୁକ୍ତ କ-ଲିପି କଲେ, କହିଲେ, କାଳ ବା କୋଳ ପ୍ରତିପାଦନ କରିବ । ଲ-ଆଙ୍କୁଶ ଯୁକ୍ତ ଗ-ଲିପି ଗଲେ ବା ଲାଗି ପ୍ରତିପାଦନ କରିବ । ଲ-ଆଙ୍କୁଶ ଯୁକ୍ତ ଥ-ଲିପି ଥିଲ, ଥିଲେ, ଲ-ଆଙ୍କୁଶ ଯୁକ୍ତ ନ-ଲିପି ନେଲେ, ନ ହେଲେ, ଲ-ଆଙ୍କୁଶ ଯୁକ୍ତ ମ-ଲିପି ମାଲ, ମିଳି, ମୂଳ ପ୍ରତିପାଦନ କରିବ । ଲ-ଆଙ୍କୁଶ ଯୁକ୍ତ ବ-ଲିପି ବୋଲି ପ୍ରତିପାଦନ କରିବ, ବିଚ୍ଛିନ୍ନ ଲ-ଲିପି ଥିଲ, ଥିଲେ ପ୍ରତିପାଦନ କରିବ ।

ଆରମ୍ଭକଲେ ... ସେ ଯାହା କହିଲେ ... ଅଭିବାଳି ...
ଶତବାଳି ... ରହୁକାଳ ... ରହଯୋଗ ...
ଲୋକପାଳ ... ଲୋକ କହିଲା ... କରାଗଲା ...
ସୋଥିଲାଗି ... ଲାଗିଗଲି ... ଦେଇଥିଲେ ...
ମାଲମଗଲା ... ଚୋରାମାଲ ... ହେବବୋଲି ...
ଆମଖଣ୍ଡିଆଲଭାବରେ ... ପ୍ରକାଶ୍ୟକାଳ ...

୧୮୯) ଅନ୍ତ୍ୟ ଆଙ୍କୁଶ— (କ) ନ-ଆଙ୍କୁଶ ନାସ୍ତିବାଚକ ନ ଜ୍ଞାପନ କରିବ । ତ/ଦ ଆଙ୍କୁଶ ଉଚିତ ଜ୍ଞାପନ କରିବ । କ-ଭ ଆଙ୍କୁଶ ହେବ, ଭାବ ଏବଂ ସ୍ଥଳବିଶେଷରେ କେଲେ' ପ୍ରତିପାଦନ କରିବ । ସ୍ୱରଲିପିକାରେ ଏହି ଅନ୍ତ୍ୟ ଆଙ୍କୁଶଗୁଡ଼ିକ ମଧ୍ୟ-ଆଙ୍କୁଶ ଭାବରେ ମଧ୍ୟ ବ୍ୟବହୃତ ହେବ । ବବ-ଆଙ୍କୁଶ ବ କୁ ହେବ ପ୍ରତିପାଦନ କରବ ।

ପଡ଼ି ନଥିଲା ... ଦେବା ଉଚିତ୍ ଥିଲା ... ବାଦିତବ ...
ଆରମ୍ଭହେବ ... ସ୍ୱଭାବରେ ... କେତେବେଳେ ...

୧୯୦) ଅର୍ଦ୍ଧକରଣ—ପୂର୍ବରୁ ପୃଷ୍ଠା ୧୦୧, ୧୦୫, ୧୦୯ରେ ସ୍ୱରଲିପିକା ସୃଷ୍ଟିରେ ଅର୍ଦ୍ଧକରଣ ପ୍ରକ୍ରିୟାର ଭୂମିକା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଛି । ଏଠାରେ ଅତିରିକ୍ତ କେତୋଟି ସ୍ୱରଲିପିକା ଉଲ୍ଲେଖ କରାଯାଉଛି ।

ମୋଟାମୋଟି ଭାବରେ ... ବଡ଼ ବେଶ ... ଉଲ୍ଲେଖିତ ବୋଧ ...
ଅନିଶ୍ଚିତ ମୁହୂର୍ତ୍ତରେ ... ସେ ବୌଣସି ମୁହୂର୍ତ୍ତରେ ... ଯେଉଁ ମୁହୂର୍ତ୍ତରେ ...
ଆଜି ନାହିଁ ତ ... ଆପଣଙ୍କଠାରୁ ... କରିନାହାନ୍ତି ...
ମହାସାଗର ... ମୂଳପିଣ୍ଡ ... ଉଇତଙ୍କୁ ...
ନର୍ବ ନବୀ ... ଶୁଭମୁହୂର୍ତ୍ତ ... ସମିତପନ୍ଥକ ...
ପର୍ବତଗତ ... ଶକ୍ତିଶାଳୀନୋତ ... ଅଶାନ୍ତି ...
ଧୂମଧାମ ... ଅପନ୍ତୋଷ

୧୯୧) ଦ୍ୱିକରଣ—ପୂର୍ବରୁ ସ୍ୱରଲିପିକା ସୃଷ୍ଟିରେ ଦ୍ୱିକରଣ ପ୍ରକ୍ରିୟାର ଭୂମିକା ସଂପର୍କରେ ପୃ ୧୧୪ରେ ଯଥେଷ୍ଟ ଆଲୋଚନା କରାଯାଇଛି । ଏଠାରେ ଅତିରିକ୍ତ କେତୋଟି ସ୍ୱରଲିପିକା ଉଲ୍ଲେଖ କରାଯାଉଛି ।



୧୯୨) ଲୋପ—ଶିକ୍ଷାର୍ଥୀଙ୍କ ସମ୍ପୂର୍ଣ୍ଣ ଅଜ୍ଞାତସାରରେ ଲୋପ ପ୍ରକ୍ରିୟା ସହିତ ତାଙ୍କର ପରିଚୟ ଦ୍ୱିସ୍ୱର ପରିଚ୍ଛେଦର ଅନୁଚ୍ଛେଦ ୫୦ ଓ ୫୪ ରେ ସ୍ଥାପିତ ହୋଇଛି, ଅନୁଚ୍ଛେଦ ୧୫୫-୧୫୭, ମଧ୍ୟ ଦେଇ ତାହା ଗଭୀର ହୋଇଛି ଏବଂ ୧୭୦-୧୭୧ ପୃଷ୍ଠା ଲକ୍ଷିତ ସଂକ୍ଷିପ୍ତ ଓ ସ୍ମରଣିକାଦ୍ୱାରା ତାହା ଅନୁଭୂତ ହୋଇ-ଥିବାରୁ ଏଠାରେ କେବଳ ଅଭ୍ୟାସ ନିମନ୍ତେ କେତେଟି ସ୍ମରଣିକା ଉଲ୍ଲେଖ ମାତ୍ରକରାଯାଉଛି ।

ସ୍ୱରବର୍ଣ୍ଣ ଲୋପ



ବ୍ୟଞ୍ଜନ ବର୍ଣ୍ଣ ଲୋପ





୧୯୩) ଅନ୍ତଚ୍ଛେଦନ--ଏ ପ୍ରକ୍ରିୟା ସହିତ ଶିକ୍ଷାର୍ଥୀଙ୍କ ପ୍ରଥମ ପରିଚୟ ୧୩୩ ପୃଷ୍ଠା, ୧୩୮ ଅନୁଚ୍ଛେଦ ମାଧ୍ୟମରେ ଘଟିଛି ଏବଂ ୧୮୦ ପୃଷ୍ଠା ପ୍ରଦତ୍ତ

ସ୍ମରଣିକା ଦ୍ୱାରା ତତ୍ତ୍ୱା ଘନିଷ୍ଠ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବାରୁ ଏଠାରେ ତାର ସ୍ମାରକୀ ସ୍ୱରୂପ ଅଳ୍ପ କେତୋଟି ଉଦାହରଣ ମାତ୍ର ଦିଆଯାଉଛି ।

ଅନୁନ୍ନତଜାତି	ଅନୁନ୍ନତଜାତିର ଲୋକ	ଏପକ୍ଷ ସେପକ୍ଷ
ଲୁଚକ୍ରୁପା କଥାନୁହେଁ	ଦେ କରାଯାଇପାରେ	ଲୋକଦେଖାଣିଆ

ଉପରୋକ୍ତ ସ୍ମରଣିକାଗୁଡ଼ିକୁ ପ୍ରୟୋଗ କରିବାର ପ୍ରଶସ୍ତ କ୍ଷେତ୍ର ଗ୍ରନ୍ଥକାର ସଙ୍କଳିତ ଦ୍ରୁତଲେଖନ ଅନୁଶୀଳନୀମାଳାରେ ଥିବାରୁ ଏଠାରେ କୌଣସି ଅନୁଶୀଳନୀ ଦିଆଯାଉନାହିଁ ।

ହରିଓଁ

ସମାପ୍ତ

ପରିଶିଷ୍ଟ

ଚଳନ୍ତିକା ଓ ନିପାତନୀୟ

ଅଂଚଳ	ଇଚ୍ଛା	କିଏ
ଅଛ-ନ୍ତି	ଇତ୍ୟାଦି	କିଛି
ଅତଏବ	ଈଶ୍ୱର	କିନ୍ତୁ
ଅତୀତ	ଇସ୍ତାହାର	କିପରି
ଅଥଚ	ଉଦାହରଣ	କୃପା
ଅର୍ଥ	ଉକ୍ତ-କ୍ତି	କେଉଁ
ଅର୍ଥାତ୍	ଉପସ୍ଥିତ-ତି	କେଉଁଠି-ଠି
ଅନୀତି	ଉପାୟ	କେବଳ
ଅନୁପସ୍ଥିତ-ତି	ଉଦ୍ଦେଶ୍ୟ	କୌଣସି
ଅନୁସନ୍ଧାନ	ଉଲ୍ଲିଖିତ	କ୍ଷେତ୍ର-କ୍ଷେତ୍ରେ
ଅନ୍ୟାନ୍ୟ	ଉତ୍ସାହ	ଖବର
ଅନୁରୋଧ	ଏ	ଖାଲି
ଅନ୍ତତଃ	ଏଇଆ, ଏହା	ଖୋଲି-ଲି
ଅନ୍ତର୍ଭାଗ୍	ଏହାକୁ, ଯାହାକୁ	ଗଣତନ୍ତ୍ର
ଅଧିକ	ଏଇ, ଏହି	ଗୁଡ଼ାଏ-କ
ଅଧିକାଂଶ	ଏପରି	ଗୁଡ଼ିଏ-କ-କୁ
ଅପେକ୍ଷା	ଏହାର	ଗୁରୁତର
ଅବସ୍ଥା	ଏହିପରି	ଗୁରୁତ୍ୱ
ଆଉ	ଓ, ଓଃ	ଗୋଟିଏ
ଆନ୍ଦୋଳନ	ଓଡ଼ିଆ	ଗୃହୀତ
ଆପଣ	ଓଡ଼ିଶା-ଶୀ	ଘଟ-ଟେ
ଆବଶ୍ୟକ	ଓସ୍ତାଦ୍	ଘଟୁ
ଆଲୋଚନା	କର୍ତ୍ତବ୍ୟ	ଘଟଣା
ଆମର	କଥା	ଚାହିଁ-ହିଁ
ଆମ୍ଭେମାନେ	କର-ନ୍ତି	ଚେଷ୍ଟା
ଆମ୍ଭମାନଙ୍କର	କରୁ	ଚଳିଆ
ଆଶ୍ଚର୍ଯ୍ୟ	କହି-ହି	ଚନ୍ଦା
ଆଶ୍ରୁ	କହୁ	ଛିଡ଼ିଏ
ଆହୁରି	କାରଣ	ଚାକିର-ରୀ
ଇଂରେଜ-ଜି	କାହିଁକି	ଚଷା

ତତ୍କାତ୍
ତା, ତାହା
ତାର, ତାହାର
ତେବେ
ଦରକାର-ରୀ
ଦରିଦ୍ର, ଦାରିଦ୍ର୍ୟ
ଦୁର୍ଦଶା
ଦୁର୍ନୀତି
ଦୂରଦୃଷ୍ଟି-ଷ୍ଟ
ଦେଇ
ଦେଶ-ଶି
ଦୃଢ-ତା
ଦୃଷ୍ଟି
ଦୃଷ୍ଟାନ୍ତ
ଦ୍ୱାର-ରା
ନାହିଁ
ନିଅ, ନେଇ
ନାହିଁ
ନିଯୁକ୍ତ-କ୍ତି
ନିର୍ଧାର୍ଯ୍ୟ
ନୀତି
ନୁହଁ-ହେଁ
ନୂଆ
ନଷ୍ଟ
ପରୀକ୍ଷା
ପତି, ପକ୍ଷେ
ପଶ୍ଚାତ୍ପଦ
ପରବର୍ତ୍ତୀ
ପରାମର୍ଶ
ପରି
ପରିବର୍ତ୍ତନ

ପରିସ୍ଥିତି
ପହଞ୍ଚି
ପାଇଁ
ପାଖ
ପାର-ରି
ପୂର୍ବ-ର୍ବେ
ପୂର୍ବବର୍ତ୍ତୀ
ପ୍ରତି
ପ୍ରତିଷ୍ଠା-ଷ୍ଠିତ
ପ୍ରକୃତି
ପ୍ରସ୍ତାବ
ଫଳ
ଫଳତଃ
ବରଂ
ବର୍ତ୍ତମାନ
ବିଶ୍ୱାସ-ସୀ
ବିଷୟ
ବିଫଳ-ତା
ବୁଦ୍ଧି-ଦ୍ଧ
ବେଶି
ବ୍ୟତୀତ
ବ୍ୟବସ୍ଥା
ଭଳି/ଭାବ
ଭାରତ
ଭାରତବର୍ଷ
ଭାଷା-ଷୀ
ଭିତରେ-ରୁ
ମଧ୍ୟ
ମଧ୍ୟରେ-ରୁ
ମହାଶୟ
[illegible]

ଯଦି
ଯଦିଓ
ଯାହା
ଯାହାର
ଯେଉଁ
ଯେଉଁମାନେ
ଯେଉଁମାନଙ୍କର
ଯୋଜନା
ଯଦ୍ୟପି
ରକ୍ଷା-କ୍ଷୀ
ରହ-ହି
ଲକ୍ଷ-କ୍ଷ୍ୟ
ଲିଖିତ
ଲେଖା-ଖି
ଲେଖକ
ଶତ୍ରୁ
ଶ୍ରଦ୍ଧା
ସକାଶେ
ସଂକ୍ରାନ୍ତ-ନ୍ତୀୟ
ସଂକେତ
ସ୍ଥାନ
ସମ୍ପର୍କ-ର୍କୀୟ
ସମ୍ପୂର୍ଣ୍ଣ
ସମ୍ବନ୍ଧ-ନ୍ଧୀୟ
ସଭାହ
ସାପ୍ତାହିକ
ସମସ୍ତ
ସମର୍ଥନ
ସମସ୍ତେ-ସ୍ତ
ସମସ୍ୟା

ସମାଧାନ
ସରକାର
ସରକାରୀ
ସହର
ସହଜ/ସାହାଯ୍ୟ
ସହସ୍ର
ସହିତ
ସହ୍ୟ
ସାଧାରଣ
ସାଧାରଣତଃ
ସାମୟିକ
ସାହିତ୍ୟ
ସୁଦ୍ଧା
ସୁପାରିଶ
ସ୍କୁଲ

ସୁବିଧା
ସେମାନେ
ସେମାନଙ୍କର
ସେହି, ସେଇଆ
ସ୍ତ୍ରୀ
ସୃଷ୍ଟି
ସ୍ୱୟଂ
ସ୍ୱାସ୍ଥ୍ୟ
ସ୍ୱାର୍ଥ
ହଠାତ୍
ହୁଏ
ହେଉ, ହିଁ
ହୁଏତ
ହୃଦୟ
ହେବ-ବା
ହେବାର, ରୁ
ହୋଇ

ସରଳ ସଂକ୍ଷିପ୍ତ

ଅନୁବର୍ତ୍ତୀ–ତା	ଛାତଭାର	ପରିଚୟ	ପ୍ରାର୍ଥନା
ଅନିର୍ବଚନୀୟ	ଚତୁର୍ଥ	ପରିଚାଳକ	ପ୍ରାର୍ଥୀ
ଅନିବାର୍ଯ୍ୟ	ଚିତ୍ତାକର୍ଷକ	ପରିପ୍ରେକ୍ଷୀ	ପ୍ରାରମ୍ଭ
ଅନୁଗ୍ରହ	ଜଳାଶୟ	ପରିବର୍ତ୍ତନ	ପ୍ରାରମ୍ଭିକ
ଅନୁଶୀଳନ–ନୀ	ଜୀବହୃତ	ପରିଶ୍ରମ–ମୀ	ପୃଷ୍ଠଭଙ୍ଗ
ଅନନ୍ୟମନସ୍କ	ତନ୍ମଧ୍ୟରେ–ରୁ	ପରିସଂଖ୍ୟାନ	ପୃଷ୍ଠପୋଷକ
ଅପମୃତ୍ୟୁ	ତଦାନିନ୍ତନ	ପରୀକ୍ଷାର୍ଥୀ	ବକ୍ତବ୍ୟ
ଅଭିନନ୍ଦନ	ତାତ୍ପର୍ଯ୍ୟ	ପାରଙ୍ଗମ	ବକ୍ତୃତା
ଅଭିରୁଚି	ଥରହର	ପାରିଶ୍ରମିକ	ବିଚାରାଳୟ
ଅଭ୍ୟର୍ଥନା	ଦର୍ଶିଗହ	ପାରିପାର୍ଶ୍ୱିକ	ବିନମ୍ର } ବିନୀତ
ଅଲୌକିକ	ଦେଖଣାହାରୀ	ପାର୍ଲିମେଣ୍ଟ	ବିନିମୟ
ଆବହମାନ	ଦେଦୀପ୍ୟମାନ	ପୁରସ୍କାର	ବିବଦମାନ
ଆବିର୍ଭାବ	ଦୋଦୁଲ୍ୟମାନ	ପୋଷ୍ଟଅଫିସ	ବୀତଶ୍ରଦ୍ଧ
ଆବିର୍ଭୂତ	ନମସ୍କାର	ପୋଷ୍ଟପିଅନ	ବୀତସ୍ପୃହ
ଆନୁସ୍ଥାନ୍	ନାସ୍ତିକ	ପ୍ରଣୟନ, ପ୍ରଣୀତ	ବିଦ୍ୟାଳୟ
ଆକ୍ଷୁସ୍ତୀ	([illegible]) [illegible] } ନିୟମିତ	ପ୍ରତିଶ୍ରୁତି	ବ୍ୟବହାର
ଇଚ୍ଛାକୃତ	ନିଷ୍ପ୍ରୟୋଜନ	ପ୍ରତୀୟମାନ	ବ୍ୟବହୃତ
ଇଷ୍ଟଦେବ	ନିର୍ଲୋଭ	ପ୍ରତ୍ୟୁତ୍ପନ୍ନମତି–ତ୍ୱ	ଭଗ୍ନାଂଶ
ଇତ୍ରଗା	ନିଶ୍ଚୟ	ପ୍ରବର୍ତ୍ତନ	ଭୟାବହ
ଉନ୍ନୟନ	ନିଃସ୍ୱାର୍ଥପର	ପ୍ରବହମାନ	ମନ୍ଥର
ଉତ୍ସର୍ଗ	ନ୍ୟାୟାଳୟ	ପ୍ରଦ୍ୟୋତ	ମର୍ମନ୍ତୁଦ
କାର୍ଯ୍ୟାଳୟ	ପଦାର୍ଥ	ପ୍ରଳୟଙ୍କର–ରୀ	ମହର୍ଘ
କ୍ଷମାନ୍ୱୟ	ପରସ୍ପର	ପ୍ରଶାସନିକ	ମହଙ୍ଗା
ଗ୍ରହଣ	ପରାଜୟ	ପ୍ରସ୍ତାବିତ	ମହାର୍ଘ
ଗୁପ୍ତଚର		ପ୍ରାଞ୍ଜଳ	

ମହୀସ୍ପୃହା
ମୀମାଂସା
ମୀମାଂସିତ
ମ୍ରିୟମାଣ
ମୁଷ୍ଟିମେୟ
ରହସ୍ୟ
ଶକ୍ତିଶାଳୀ
ଶାନ୍ତିପ୍ରିୟ
ଶିକ୍ଷାର୍ଥୀ
ଶିରୋଧାର୍ଯ୍ୟ
ଶେକ୍ସପିୟର
ସଂକ୍ରାମକ
ସଂକୀର୍ଣ୍ଣ
ସଂଗ୍ରାମ
ସଂସ୍କୃତି
ସମକକ୍ଷ
ସରଂଜାମ
ସରବରାହ

ସମ୍ପାଦକ
ସହଧର୍ମିଣୀ
ସାମଂଜସ୍ୟ
ସାଂଗଠନିକ
ସାଂସ୍କୃତିକ
ସୁହୃଦ
ସୌହାର୍ଦ୍ଦ୍ୟ

ସ୍ଵଧର୍ମ
ସ୍ଵାର୍ଥପର
ହସ୍ତଗତ
ହାରାହାରି
ହିଂସା, ହିଂସ୍ର
ହୃଷ୍ଟପୁଷ୍ଟ
ହୃଦ୍‌ଗ୍ରାହୀ
ହୃଦୟଙ୍ଗମ
କ୍ଷତିଗ୍ରସ୍ତ

— F

(ପୃ, ୨୦୮ ର) ଅବଶିଷ୍ଟାଂଶ

ସ୍ଵାଧୀନଚିନ୍ତନ
ସମ୍ପର୍କ
ସମାଲୋଚନା
ସମ୍ବିଧାନ
ସମ୍ଭାବ
ସହାନୁଭୂତି
ସାର୍ଟିଫିକେଟ

ଶୃଙ୍ଖଳା
ଶୃଙ୍ଖଳିତ
ଶିଶୁକାଳ
ସ୍ଵେଚ୍ଛାକୃତ
ହସ୍ତକ୍ଷେପ
ହତୋତ୍ସାହ
ହାସ୍ୟାସ୍ପଦ
ହୀନମନ୍ୟତା

ଅକଥନୀୟ
ଅଣଓଡ଼ିଆ
ଅତିକ୍ରମ
ଅତିରିକ୍ତ
ଅତିଶୟୋକ୍ତି
ଅତୃପ୍ତି
ଅଦୃଷ୍ଟପୂର୍ବ
ଅନୁଭୂତି
ଅପଚେଷ୍ଟା
ଅପବ୍ୟବହାର
ଅପରିଣାମଦର୍ଶୀ-ତା
ଅପାଂକ୍ତେୟ
ଅବଲମ୍ବନ
ଅବିମୃଷ୍ୟକାରୀ-ତା
ଅସୂୟା
ଅଭିଭାବକ
ଅଭୟାରଣ୍ୟ
ଅପ୍ରତ୍ୟାଶା
ଅହେତୁକ
ଆନ୍ଦୋଳନକାରୀ
ଆବହାଓ୍ଵା
ଆତ୍ମତ୍ୟାଗୀ
ଇଲେକ୍ଟ୍ରିକ
ଇଲେକ୍ଟ୍ରିକାଲ
ଇଲେକ୍ଟ୍ରିସିଟି

ଉଦ୍ବୋଧକ କମିଟି
ଉଚ୍ଛୃଙ୍ଖଳ-ତା
ଉପଲବ୍ଧି
ଏତଦ୍ବ୍ୟତୀତ
ଐତିହାସିକ
କଥୋପକଥନ
କର୍ମଠ, କରାମତ
କାରଖାନା
କୃତକାର୍ଯ୍ୟ
ଗତାନୁଗତିକ
ଚିକିତ୍ସା
ଚିରାଚରିତ
ଜାନୁଆରି
ଟେକ୍ନିକାଲ
ଢାଞ୍ଚା
ତଥାକଥିତ
ତତ୍ପରତା, ତତ୍ତ୍ଵଶୀଳ,
ତାତ୍ପର୍ଯ୍ୟ
ତାତ୍ତ୍ଵିକ
ଥଇଥାନ
ଦଣ୍ଡାୟମାନ
ଦୃଢ଼ଚିତ୍ତ
ଧର୍ମାବଲମ୍ବୀ
ଧାରାବାହିକ
ନଭେମ୍ବର

ନମୁନା
ନିବନ୍ଧ
ନିମ୍ନଲିଖିତ
ନିର୍ବାଚନ
ନିର୍ବାଚିତ
ନିରୁତ୍ସାହ
ପଣ୍ଡିତ-ତା
ପରାଙ୍ମୁଖ
ପରିକଳ୍ପନା
ପରିପନ୍ଥୀ
ପରିବର୍ତ୍ତନ
ପରିବର୍ତ୍ତିତ
ପରିବର୍ତ୍ତନୀୟ
ପରିଲକ୍ଷିତ
ପର୍ଯ୍ୟବେକ୍ଷକ
ପର୍ଯ୍ୟବେକ୍ଷଣ
ପର୍ଯ୍ୟାଲୋଚନା
ପୁଙ୍ଖାନୁପୁଙ୍ଖ
ପୁନରାବୃତ୍ତି
ପୂର୍ବାପେକ୍ଷା
ପ୍ରଣୟନ
ପ୍ରଣୀତ
ପ୍ର[illegible]
ପ୍ରତିଦ୍ୱନ୍ଦ୍ୱୀ
ପ୍ରତିନିଧି
ପ୍ରତିପାଦନ
ପ୍ରତିପାଦିତ
ପ୍ରତିପାଦିତବ୍ୟ
ପ୍ରତିବନ୍ଧକ

ପ୍ରତିବାଦ-ବୀ
ପ୍ରତ୍ୟେକ
ପ୍ରଭାବ-ବିତ
ପ୍ରାକୃତିକ
ପ୍ରୋଜେକ୍ଟ
ପ୍ରୋତ୍ସାହନ
ପୃଥକ୍
ଫେବୃଆରୀ
ଫୌଜଦାରୀ
ବଜେଟ
ବିଚିତ୍ର, ବୈଚିତ୍ର୍ୟ
ବିଶୃଙ୍ଖଳା
ବ୍ୟକ୍ତିଗତ
ବ୍ୟକ୍ତିବିଶେଷ
ବ୍ୟତିକ୍ରମ
ଭଗବାନ,
ଭାଗ୍ୟବାନ
ନୈତିକ, ଭୌତିକ
ମକଦ୍ଦମା
ମନସ୍ତାତ୍ତ୍ୱିକ
ମାଜିଷ୍ଟ୍ରେଟ
ମାପକାଠି
ମନୋହାରନ
ମନୋହାରିତ
ମେକାନିକାଲ
ରକ୍ତାକ୍ତ
ରକ୍ଷଣଶୀଳ
ରକ୍ଷଣାବେକ୍ଷଣ
ରୋକଠୋକ

ଅବଶିଷ୍ଟ ପୃଷ୍ଠା ୧୦୭ରେ

ସର୍ଟହାଣ୍ଡ ଶିକ୍ଷକ ସହଚର

ଅନୁଶୀଳନୀ—୩

ବଞ୍ଚ, ପଟ୍ଟ, ପଢ, ପଢିବ, ଢମ, ଖଡ଼ମ, ଗଞ୍ଜ; ମଞ୍ଜ,ଲଞ୍ଚ--ଡମଖ, ଡମର ଠକ, ଠକମ, ଠକନ, କନକ, ଜନକ — ମରଦ, ମଖନ, ସ୍ୱଜକ, ଲଦ୍ଦର ପଗ୍ଧର, ବନ୍ଧନ, କପଡ—ସ୍ଥଡ, ଶଗଡ଼, ସମଲ, ଚପଲ, ବଲକ, ଓ୍ୱପମ, ଧବଳ ଧମକ—ଦରବ, ଅବର, ମନବ, ନଗଦ, ରମଣ, ନକଚ, ନମଲ—ଝମଟ ଗଜର, ପଠକ, ନକସ, କଘନ, ରଭନ, ଭରଣ, ଫରକ— ଫଟକ, ଭକତ; ବମନ, ସକମ, ମନ୍ଥନ, ପରଙ୍ଗ, ଖଡମ— ଘଟକ, କମଲ, ନରମ ଫରକ, କରଲ, ଭରଲ, କରଦ, ଫରକ ।

ଅନୁଶୀଳନୀ-୪



(K-1)

ଅନୁଶୀଳନୀ--୫

ଅମେ ଆଗ ଆଗାମୀ ଅଜ ଆଲଢ ଉନ୍ନତ ଅଣକ ଅନେକ ଋଣୀ ।

ଅଗ୍ରଣୀ ଅଟେ ଅଟକ ଆସ୍ତ ଆଇ ମୂକ ଅମୂକ ମଳ ଅମଳ । ଅମଳଙ୍କ ଅନାଦ ଅନାଡ ଅଲଙ୍କୃତ, ଉତ୍ତମ ଧାମ ଅଧମ ଅଙ୍କ । ଅଧୋଗାମୀ ଛୋଟ ତୁଚ୍ଛ ନା ଏଣୁ ଏଣିକି ତେଣୁ ତେଣିକି । ଓଦା ଉଇ ଟମାଟୋ ରୂପ ରୂପକ ତମଳ ଋଷି ଆବଳ । ଅନାବନ ପାଠକ ମଠା ଗଣ୍ଡା, ଲଣ୍ଠ, ଲଙ୍କା, ମଂଜ ।

ଅନୁଶୀଳନୀ—୭

ମୁଁ ନ ଗୁହିଁଲେ ବି ମା ମୋତେ ଗୋଟିଏ ପିଠା ଓ ଗୋଟିଏ ଲଡ଼ୁ ଦେବେ । ଅନାଦ ଜନେ କହୁ ସେ ଏବେ ପାଠ ପଢ଼ିବ ନା ମାଡ଼ି ବହିବ । ସେ ବାଟ ଭୁଲି ଏଠି ଆସି ପହଞ୍ଚିଲେ ବୋଲି କଥା ଏତେ ବାଟ ଚାଲି । ଆମେ ନ ଯିବା ହେତୁ ଏ କଥା ଘଟିଲା ବୋଲି ସେ ଖୁବ ଗାଳି ଦେଲେ । ବାପା ଆଜି ସ୍ନାନ ଯିବେ ଏବଂ ଆମେ ପଛେ ଯିବୁ । ଆଜି ଘରଯାକ ଜୋରେ ଗୀତା ପଢ଼ିବେ ଓ କାଲି ଆମକୁ ଗୋଟିଏ ଗପ କହିବେ । ମାଛ ମିଳିଲେ ଆଜି ଭୋଜି ଦେବାକୁ ଆମେ ରାଜି ।

ଅନୁଶୀଳନୀ—୮

ବହି ନ ଦେଖି ସେ ଗୋଟିଏ ଗପ କହିବ ସେ ଯାହା ଗୁହିଁବ ତାକୁ ତାହା ମିଳିବ । ମୁଗ ଡାଲି ଅପେକ୍ଷା ଆଳୁ ଓ କୋବି ଦାମ ଉଣା । ହାଟ ପାଖରେ ପହଞ୍ଚିଲେ ବଡ଼ା ବଳଦକୁ ଘୋଡ଼ା ଦାମରେ ବିକିବା ଉପାୟ ମୁଁ ତାକୁ କହିବ । ପୋଲ ପାଖରୁ ଡାକେ ବାଟରେ ଯେଉଁ ଗୋଦାମ ଦେଖିଲ ତାହା ଆମ ଲୋକର । ଆମେ ଯାହାକୁ ଯାହା ଦେବୁ ସେ ତାହା ନେବ । ତାଙ୍କୁ ଛଟି ଦେଇ ପଚାର ସେ ଜମି ନ ଦେଖି ବହଣା ନେବାକୁ ରାଜି ?

ଅନୁଶୀଳନୀ-୧୦

ଆଗାମ ଟହମ ହକ ହାଡି ଲହୁଣୀ, ଲହର ପାହାଡ଼ ଅଳଡ ତାହାଣି କେହି କାହାକୁ । ଗହଣା ହାର ହେମ, ଗୋହିର, ଲୋହ, କୁହା ଦହିଡ କାହାରି ହରେକ ଗୃହାଣି ମହକ । ବହର ବାହାର ହେତୁ କହାଚ, ମୋହର ମୋହରର ହୋଲି ହୁଲା ଅହୁଲ କାହାର ।

ଅନୁଶୀଳନୀ-୧୨

ଆପଣ ଯାହା କହିବେ ସେଇଆ ହେବ । ତେଣିକି ନ୍ୟାୟ ଅନ୍ୟାୟ କଥା ଆପଣ ବୁଝିବେ । ନୂଆ ଲୋକ ଭାବି ସେ ଆପଣଙ୍କୁ ନ ଦେଖି ଲୁଚିଲା । ଆପଣ ଭାବିଲେ ନୂଆ ବହି ଦାମ ନେଇ ସେ ଆପଣଙ୍କୁ ପୁରୁଣା ବହି ଦେବା ହେତୁ ଲୁଚିଲା । ଅତଏବ ସେ ଠକ ବୋଲି ଆପଣ ଭାବିଲେ ଏବଂ ସେ ଭାବିଲା ଆପଣ ବୋକା । ଉଭୟେ ଉଭୟଙ୍କୁ ଏଭଳି ଖବରରେ ଭୁଲ ବୁଝିଲେ । ଏଥିରେ କାହାର କି ଲାଭ ହେଲା ?

ଅନୁଶୀଳନୀ-୧୪

ଧାନ ଧନୀ ଧେନୁ ଦାଗ ଦଗ [illegible] ଅଧମ ଧୋମଣି ଧୋବରା ଡଗାର, ଆସ୍ପୃଧ କଥା । [illegible] ରାଧନା ଧନୁ ଧୋଇ ତକଥା ଅବଧି ଉତ୍ତମ ତୁମେ ଅଧୋ-ମୁଖ ପଡ଼ିଛ ବାଧା ବଧି । ବୁଦ୍ଧି ବାଧିତ [illegible] ଅପରାଧ ଅପରାଧୀ ଅବରୋଧ ଥିବ ଧରିବ [illegible] ଅବଧୂତ ଅବଧି ଧାପ ମୁଗ୍ଧ ଅଧୋଗତ ।

ଅନୁଶୀଳନୀ-୧୫

ଅନୁଶୀଳନୀ-୧୫



ଅନୁଶୀଳନୀ-୧୬

ଯେ କେହି ଅଧବାଟରେ ଆସି ପହଞ୍ଚିଲେ ତୁମେ ତାଙ୍କୁ ବସାରେ ରହି-ବାକୁ କହିବ । କାରଣ ସେ ତୁମର ଅତିଥି । ଅତିଥିଙ୍କୁ ବସାରେ ନ ରଖିଲେ ପାପ ହେବ । ପାପ ଫଳ ତାପ ଏକଥା ମନେ ରଖିବ । ଓଡ଼ିଆ ପିଲା ଓଡ଼ିଆ ନ ପଢ଼ିବା ଭାରି ଲାଜର କଥା କାରଣ ଏବେ ସେ ନିଜେ ଓଡ଼ିଆ ବୋଲି ଭୁଲି ଯିବ । ଏହା ଏକ ଅପରାଧ ବୋଲି ବିଚାରି ତୁମେ ବହି ଦୋକାନୀ ପାଖରୁ ନୂଆ ନୂଆ ଗପ ବହି ଆଣି ତାକୁ ଦେବ । ତା ଫଳରେ ପିଲାର ଓଡ଼ିଆ ପଢ଼ିବାକୁ ରୁଚି ବଢ଼ିବ । ଅଧା ଦାମରେ ପୁରୁଣା ଧୋବରା ବହି ନ କିଣି ପୁରା ଦାମ ନେଇ ନୂଆ ବହି କିଣିବ । ପିଲା ବହି ଚିରିବ, ସେଥିକୁ ତାକୁ ଦେଇ ଦେବ । ତଥାପି ତୁମେ ତାକୁ ନୂଆ ବହି ଦେବ । ଦାମ ଯାହା ଅଧିକ ପଡ଼ିବ ଆମେ ଦେବାକୁ ରାଜି ।

ଅନୁଶୀଳନୀ-୧୭

ପାଇକ, ପାଇଟାଲ, ଗୃହକ, ଘୃହିତ, ଅନ୍ୟ, ଅନ୍ୟାନ୍ୟ, ଶୁଆ; ନ୍ୱାକା ନସ୍ତ । ଆଇନ, ଆସ୍ତୁତ, ବାଉର, ନାହର, ତଥ୍ୟ, ହତ୍ୟା, ଦାୟିତ୍ୱ, ମୁଆଁ ପଳାଇବା, ଗୋଡାଇବା ବାହଳା, କାହନା ବାକ୍ୟ, ଅଗତ୍ୟା ଅନତ୍ୟ, ଜ୍ୱର, ଜୁଆର । କାଇଁଚ, ଆଉଟିବା, ଅଉକବା, ନଅଁ, ନଆଁ, ଦ୍ୱାଷ୍ଠ, ନୁଆଁଇ, ହାଉଯାଉ ।

ଅନୁଶୀଳନୀ-୧୮



ଅନୁଶୀଳନୀ—୧୯

ପାଖରେ ବସାଇ ବୁଝାଇ ନ ଦେଲେ ବା, ନକ୍ସା କାଟି ଦେଖାଇ ନ ଦେଲେ ବି ଯେ ନିଜ ଅରଟରେ ନିଜେ ତେଲ ଦେଇ ପାରିବ ସେ ନେତା ହେବାକୁ ଯୋଗ୍ୟ । ତୁମର ତ ଧାରଣା ଯେଉଁ କାମରେ ଲାଭର ଆଶା ନାହିଁ ସେ କାମ ତୁଲାଇବା ଦାୟିତ୍ୱ ନେବାକୁ କେହି ବାହାରିବେ ନାହିଁ । ଏ ଧାରଣା ଠିକ୍ ନୁହେଁ । କାରଣ ଯେ ନେତା ହେବ ସେ ଲାଭର ଆଶା ନ ରଖି ନାନା ଗୁରୁ କାର୍ଯ୍ୟ ତୁଲାଇବାକୁ ବାଧ୍ୟ ହେବ । ଏହି ଯେଉଁ ଯୋଗ୍ୟତା ବା ଦାୟିତ୍ୱ ବୋଧ ତାହା ତୁମର ନାହିଁ । ତେଣୁ ତୁମେ ନେତା ହେବାକୁ ଯୋଗ୍ୟ ନୁହଁ । ଯେମିତି ହେଉ ଆଜି ଜମିରେ ପାଣି ନମଡାଇଲେ ଧାନ ଠିକ୍ ଫଳିବ । ଯାହା ପିଲାଦିନେ ହେଲା ନାହିଁ ତାହା ଆଉ କେବେ ହେବ ନାହିଁ ଏ ଧାରଣା ଅମୂଳକ । କାରଣ ପିଲାଦିନେ ତୁମେ ଯାହା ଦେଖିଲ ବାଳ ପାଚଲେ ତା

ଅପେକ୍ଷା ଆହୁରି କେତେ ଯେ ନୂଆ ନୂଆ କଥା ଦେଖିବ ତାର ଇୟତ୍ତା ନାହିଁ ।

ଅନୁଶୀଳନୀ—୨୧

ଗଡ ପାହୁ ନାହିଁ । ବାଟ ଘାଟ ଜମା (ରୁ) ଦେଖାଯାଉ ନାହିଁ । ଡ଼କାଯତଙ୍କ ଭୟରେ ବାହାରକୁ ଯିବା ଟେଣିକି ଅଧିକ ଅଲୁଅ ଜଳିବା ଉପାୟ ବ ନାହିଁ । ବାରକାଣୀର ଦେଖା ନାହିଁ । ଏତେ ବେଳରେ ତାକୁ ଡ଼ାକିବା ପାଇଁ କେହି ଯିବାକୁ ରାଜି ହେଲେ ନାହିଁ । ବାଜାବାଲାଙ୍କୁ ତାଙ୍କ ପାଉଣା ଦିଆ ଯାଇ ନାହିଁ । ଏହିଭଳି ନାନା କାରଣରୁ ଦଅଁଗଣେଶ ହୋଇ ନାହିଁ । ଦଅଁଗଣେଶ ନହେଲେ ବିବାହ ହେବା ବିଧି ନୁହେଁ । ତେଣୁ ଆଜି ରାତିରେ କନ୍ୟା ବିଦାୟ ହେବାର ଆଶା ନାହିଁ । ଯାହା ହେବାର କଥା ତାହା ହେବ ହିଁ ହେବ, ଅନ୍ୟଥା ହେବ ନାହିଁ । ସେ ଯାହା ହେଉ ରାତି ପାହିଲେ ଥାନାକୁ ଯାଇ ଏତଲା ଦେବାକୁ ହେବ । ତାହା ହେଲେ ଆଉ କେହି ଗାଡ଼ି ଅଟକାଇବା ଭୟ ନଥିବ । ଭେକ ନଥିଲେ ଭିକ ମିଳେ ନାହିଁ ଏକଥା ଠିକ୍ । ତା ମାନେ ନୁହେଁ ଆସ୍ତ ହେଉ ବା ନହେଉ ବ୍ୟସ୍ତ ତା ବାଟେ ଚାଲିଥିବ । ଆଉ ଗୋଟିଏ କଥା । କଚାରେ କେହି ନଥିବା ବେଳେ ପଦ୍ମନାଭ ଗୃହଲ ନେଇଥିବ ବୋଲି ବାହାରେ କହି ବୁଲିବା ଠିକ୍ ହେଲା ନାହିଁ । ହଇନା ତୁମର ମୁରବି । ତୁମେ ତାଙ୍କ କଥା ମାନିବ ନାହିଁ ଏଇଟା ଗୋଟାଏ କଥା । ତୁମେ ତାଙ୍କ କଥା ମାନିବାକୁ ବାଧ୍ୟ ବୋଲି ତ କେହି କହୁ ନାହିଁ । ତୁମେ ତ ପିଲା ନୁହଁ ଯେ ତୁମକୁ ଆଉ ଅଧିକ ବୁଝାଇବାକୁ ପଡିବ ।

ଅନୁଶୀଳନୀ—୨୩

ବାସ ସାବାସ ସୁବାସ ସୁବାସ ବସବାସ ବସନ ବାସନ ବାସନା ଆଶ୍ୱାସ ଅନାଶ୍ୱାସ । ନାସ ନାସିକା ଫାଶ ଶାଳ ମାସିକ ପାଶ ପାଶବିକ ଅଭିଶାପ ମାନସ । ଆକ୍ଷେପ, ବିକ୍ଷୋଭ ଉପେକ୍ଷା ତଥାସ୍ତୁ ପୋଷାକ, ଢିଲା କୁଣ୍ଡଳ କକ୍ଷ । ଦକ୍ଷ ଦୋଷ ଦୋଷାବହ ଦେଶ ଦେଶୀୟ ଚକ୍ଷୁ ରକ୍ଷା ରକ୍ଷକ ସଙ୍କ୍ଷେପ ।

ଅନୁଶୀଳନୀ—୨୪

ମାର୍ଚ୍ଚ ମାସ ଶେଷ ସପ୍ତାହଟି ଓଡ଼ିଶାବାସୀ ତଥା ଓଡ଼ିଆ ଭାଷା ଭାଷୀଙ୍କ ପକ୍ଷରେ ଏକ ଶୁଭ ସପ୍ତାହ । କାରଣ ଏ ସପ୍ତାହରେ ସାରା ଓଡ଼ିଶାର ସବୁ ଜିଲ୍ଲାର ସବୁ ଅଫିସରେ ସମୁଦାୟ ଅଫିସ କାମ ଓଡ଼ିଆ ଭାଷାରେ ହିଁ ହେବ । ତେଣୁ ଓଡ଼ିଆ ଭାଷା ଶିକ୍ଷା ଦେବା ପାଇଁ ସାମୟିକ ଭାବରେ ଆହୁରି ବେଶି ଦକ୍ଷ ଶିକ୍ଷକ ଆବଶ୍ୟକ ହେବେ ଓ ସବୁ ଶିକ୍ଷକଙ୍କୁ ବେଶ ଉପୁରି ଦୁ'ପଇସା ମିଳିବ । ଏ କଥା ଶୁଣି ଶିକ୍ଷକ ମହାଶୟ ଭାରି ଖୁସି ହେଲେ । ଅବଶ୍ୟକତା

ଅନୁସାରେ ଦକ୍ଷ ଶିକ୍ଷକ ମିଳିବେ କି ନାହିଁ ସେ ବିଷୟ ଆଜି ଏହି ସାମ୍ପ୍ରତିକ ସଭାର ଆଲୋଚ୍ୟ ବିଷୟ ନୁହେଁ । କେଉଁ ତା ସପକ୍ଷରେ ବା ବିପକ୍ଷ ର ସମର୍ଥନ ଯୋଗାଇବାର ଅବକାଶ ନାହିଁ । ଏଣେ ସମୟ ବେଶୀ ନାହିଁ, ତେଣେ ଆବଶ୍ୟକତା ସେତେ କରୁଣ ନୁହେଁ । ଅତଏବ ଆଗାମୀ ସପ୍ତାହରେ ଏ ବିଷୟରେ ଗୋଟିଏ ସମାଧାନ ହେଲେ ସେ କ ଅଳବ ତା ନୁହେଁ ।

ଅନୁଶୀଳନୀ – ୨୭

ମଫସଲ ଅନୁସାରେ ଶାସନ ଅନୁଶାସନ ସରଳ ସାରଳ୍ୟ ଅଫିସରେ ସାରବସ୍ତୁ । ସାର ସାରମେସ୍ୟ ଶିର ସୁର ଅସାର ଅସୁର ସଂହାର ଅଭିସାର ଦଆସିଲି ଖାଦ୍ୟସାର । ସଭ୍ୟ ଅସଭ୍ୟ ସାଷ୍ଟ ଅସାଷ୍ଟ ସ ଯନା ଶସ୍ୟ ଶାସ୍ତ୍ରକ ଫସ ଶକ ସୁଧ ଶକ ।

ଅନୁଶୀଳନୀ-- ୨୯

ଆମ ସୁଖ ସୁବିଧା ପାଇଁ ସରକାର ଦାୟୀ ରହିବେ ନା ସରକାରଙ୍କ ସ୍ୱାର୍ଥସିଦ୍ଧି ଲାଗି ଆମେ ସମସ୍ତେ ହୁସିଆର ରହିବୁ ? ଏ ବିଷୟରେ ଦେଶର ଅଧିକାଂଶ ଲୋକ ଯାହା କହିବେ ଆପଣ ତାହା ଶୁଣିଲେ ଆଶ୍ଚର୍ଯ୍ୟ ହେବେ । ଅନେକାଂଶ ଖାଉଟି କହିବେ ଚାଉଳ, କିରାସିନି, ଲୁଗା, କିରାସିନ ସୁଲଭ ମୂଲ୍ୟରେ ଲଭ୍ୟ ହେଲେ ଏ ସରକାରଙ୍କ ଅମଳରେ ରାମରାଜ୍ୟ ହେଲା ବୋଲି ଆମେ ସମସ୍ତେ ଖୁସି ହେବୁ । ଦୋକାନୀ ବ୍ୟବସାୟୀ କହିବେ ଜମା ସେଲ୍ସ ଟାକ୍ସ ଦେବାକୁ ନପଡ଼ିଲେ ଓ ଅବାଧ ଭେଜାଲ ବ୍ୟବସାୟର ସୁବିଧା ମିଳିଲେ ଆମେ କହ ଏ ସରକାରର ଶୁଭ ମନାସିବୁ । ଯୋଗେ କହିବେ ମୂଲ ମଜୁରି ପଚାଶ ଟଙ୍କାରେ ପହଞ୍ଚିଲେ ଆମେ ଏ ସରକାରକୁ ଦେଶସେବକ ଆଖ୍ୟା ଦେବୁ । ଅମଲା ଗୋଷ୍ଠୀ କହିବେ ମାସକୁ ମାସ ବୋନସ ଓ ଉପୁରି ପଇସା ସୁବିଧାରେ ମିଳିଲେ ଆମେ ଏ ସରକାରଙ୍କ ସ୍ୱାର୍ଥକୁ ପହରା ଦେଇ ଜଗିବୁ ।

ଅନୁଶୀଳନୀ— ୩୧

ଆନ, ଶ୍ୱାନ ପକ୍ଷ ସ୍ୱପକ୍ଷ ରାଜ୍ୟ ସ୍ୱରାଜ୍ୟ ଅର ସ୍ୱର ରୂପ ସ୍ୱରୂପ । ଅଳ୍ପ ସ୍ୱଳ୍ପ ସ୍ୱେଦ ସ୍ୱାଦ ଆସ୍ୱାଦ ସ୍ୱତଃ ସ୍ୱଚ୍ଛ ଆସ୍ୱୃତ ସ୍ୱାସ୍ଥ୍ୟ ସ୍ୱାୟତ୍ତଶାସନ । ସହୋଦର ସାହସ ସାହସିକ ସହସା ନମସ୍ୟ ହବିଷ୍ୟ ସ୍ୱାମୀ ସ୍ୱଦେଶ ଉଦ୍ଦେଶ୍ୟ ସଦୁଦ୍ଦେଶ୍ୟ ।

ଅନୁଶୀଳନୀ— ୩୩

ଭାଗଚାଷୀଙ୍କ ସ୍ୱାର୍ଥରକ୍ଷା ଆମ ରାଜ୍ୟର ଏକ ମୁଖ୍ୟ ସମସ୍ୟା । ବିଶେଷତଃ ଏହି ଭାଗଚାଷୀଙ୍କ ସ୍ୱତ୍ୱ ରକ୍ଷା ଲାଗି ଆଇନର ସହାୟତା ସହଜରେ ଓ ସୁବିଧାରେ ମିଳିବା ଢଙ୍ଗରେ ସରକାରଙ୍କ ପକ୍ଷରୁ ଉଦ୍ୟମ ହେବା ଆବଶ୍ୟକ । ସାହିତ୍ୟର ବିକାଶ ଓ ସ୍ୱାସ୍ଥ୍ୟ ସେବାର ଉନ୍ନତି ବି ଆମ ରାଜ୍ୟର ଅନ୍ୟତମ ମୁଖ୍ୟ ସମସ୍ୟା । ଉଦ୍ଦେଶ୍ୟ ସାଧୁ ହେଲେ ଈଶ୍ୱର ସହାୟ ହେବେ ଓ ସମସ୍ତଙ୍କ ସାହାଯ୍ୟ ସହଯୋଗ ସହଜଲଭ୍ୟ ହେବ ଯାହା ଫଳରେ ଏ ସବୁ ସମସ୍ୟାର ସମାଧାନର ପଥ ସୁଗମ ହେବ । ଅନ୍ୟଥା ତାହା ହେବ ନାହିଁ । ଅସହାୟ ପଥିକର ସରଳ ବିଶ୍ୱାସର ସୁଯୋଗ ନେଇ ହୋଟେଲବାଲା ତାକୁ ବିଶ୍ୱାସରେ ବିଷ ଦେଇ ସର୍ବସ୍ୱ ଲୁଟି ନେବା ବିଶ୍ୱାସଯୋଗ୍ୟ ନୁହେଁ । ଶୋକ ଅସହ୍ୟ ହେଲେ ଅସହାୟ ଲୋକର ସେଇ ଈଶ୍ୱର ବିଶ୍ୱାସ ଆସେ ତାହା ଚିରସ୍ଥାୟୀ ନୁହେଁ ।

ଅନୁଶୀଳନୀ – ୩୫

ଵସ୍ତ୍ର ଜୀବ ଦସ୍ତ ବାସ୍ତ ନ୍ୟସ୍ତ ସ୍ଥଗିତ ସ୍ତମ୍ଭିତ ସ୍ତୂପ ସେସ୍ତେ ଦୋରସ୍ତ । ଜନସ୍ଥ ସ୍ଥାପତ୍ୟ ସ୍ତାବକ ପାପିଷ୍ଠ ନଷ୍ଟ ବିନଷ୍ଟ ସୁସ୍ଥ ଅସୁସ୍ଥ ଶିଷ୍ଟ ସ୍ଥାନ ସ୍ଥାନୀୟ । ସ୍ଥାଣୁ ପୁସ୍ତକ ପିଷ୍ଟକ ନିକ୍ଷେପିତ, କଳୁଷିତ କାଳୁଷ ସ୍ଥିର ସ୍ଥିରତା ଅସ୍ଥିର ଅସ୍ଥିରତା ।

ଅନୁଶୀଳନୀ— ୩୭

ସେ ଯଦି କାଳସୁଦ୍ଧା ବହି ବସ୍ତାନି ଫେରସ୍ତ ନ ଦିଏ ତାହାହେଲେ ଆପଣ ତାହାକୁ ଦୋଷ ଦେବେ ? ଆପଣ ଯଦି କହିବେ ଅବସ୍ଥାକୁ ଗୃହି ବ୍ୟବସ୍ଥା ହେଉନାହିଁ ତାହା ହେଲେ ଶିକ୍ଷକ ମହାଶୟ କହିବେ ବ୍ୟସ୍ତ ହେବା ଭଳି ଅବସ୍ଥା ଅଧୁନା ଉପସ୍ଥିତ ହୋଇନାହିଁ । ବ୍ୟସ୍ତ ହେଲେ ଯେ ଅବସ୍ଥା ସୁଧୁରିଯିବ ତା-ନୁହେଁ । ଅବସ୍ଥା ସୁଧୁରିବା ପାଇଁ ସମୟ ଲୋଡ଼ା, ଯଥେଷ୍ଟ ବୁଦ୍ଧି ବି ଲୋଡ଼ା । ଆପଣଙ୍କ ଉପସ୍ଥିତିରେ ଆମେ ତାକୁ ଏତେ ବୁଝାଇବା ସତ୍ତ୍ୱେ ସେ ଯଦି ସଭରେ ଉପସ୍ଥିତ-ନ ହେଲା ତାହା ହେଲେ ବୁଝିବାକୁ ହେବ ଯେ ସେ ଅସୁସ୍ଥ ବା ଧୋକା ଦେବାରେ ଅଭ୍ୟସ୍ତ ! ଏକଥା ସତ ଯେ ଅନେକ ସମୟରେ ସ୍ଥାନୀୟ ସମସ୍ୟା ସମସ୍ତଙ୍କ ଦୃଷ୍ଟିରେ ପଡ଼େ ନାହିଁ ଏବଂ ଦୃଷ୍ଟିରେ ପଡ଼ିଲେ ସୁଦ୍ଧା ଆମେ-ସମସ୍ତେ ଅନ୍ୟଥା ଏତେ ବ୍ୟସ୍ତ ଯେ ସବୁ ସମସ୍ୟାର ଆଶୁ ସମାଧାନ ପାଇଁ ଆମକୁ ଯଥେଷ୍ଟ ସମୟ ମିଳେ ନାହିଁ । ଶସ୍ତାରେ ମିଳିଲା ବୋଲି ଆମେ ଯଦି ହାତୀ କିଣି ବସୁ ତାହାହେଲେ ଆମେ ସର୍ବସ୍ୱାନ୍ତ ହେବା ଓ ଲୋକେ ହସିବା ସାର ହେବ ।

ଅନୁଶୀଳନୀ--୩୯

ଶ୍ରମ ଶ୍ରମିକ ବନ୍ଧ ବନ୍ଧି ପ୍ରକୋଷ୍ଠ କ୍ରମ କାର୍ମୁକ ପ୍ରସାଦ ପ୍ରସିଦ୍ଧ । କର୍ଟ୍ଟ କ୍ରିକେଟ କର୍ଦ୍ଦମ ବିକ୍ରମ କୃପା ମୂର୍ଖ ସାମଗ୍ରୀ ଉଦର ଇତର ଉଦାର ଗୃହର ଗୃହଣୀ(ଣୀ) । ଆଶ୍ରମ ଆଗାର ଆକାର ଆକ୍ରୋଶ ଅକୃଷ୍ଟ ପ୍ରକୃଷ୍ଟ ବେକାର ବିକାର ପ୍ରକାର ଫିକର ଜୋର । ଜୋରସୋର ପ୍ରକାଶ ପ୍ରକାଶିତ ଅସୀମ

ଧନ୍‌କାର ଠାକୁର ଠାକୁରାଣୀ ଡାକ୍ତରାଣୀ ।

ଅନୁଶୀଳନୀ--୪୧

ରାମ ଯାହା କରି ପାରିଲା କୃଷ୍ଣ ତାହା କରି ନ ପାରିଲେ ତାର ଅପାରଗତା ପାଇଁ (ତାକୁ) ଦୋଷ ଦେବା ଅନ୍ୟାୟ । କାରଣ ମନୁଷ୍ୟର ରୁଚି ପ୍ରକୃତି ଓ ପରିବେଶ କର୍ମରେ ସଫଳ୍ୟ ଲାଭର ହେତୁ । କାର୍ଯ୍ୟ କରିବା ପୂର୍ବରୁ କାର୍ଯ୍ୟରେ ଏଭଳି ରୁଚି, ନିଷ୍ଠା ଓ ଦୃଢ଼ ବିଶ୍ୱାସ ଥିବା ଆବଶ୍ୟକ ଯେପରି ସବୁ ସମୟରେ ମନେ ହେବ ଯେ ନିର୍ଦ୍ଦିଷ୍ଟ କାର୍ଯ୍ୟଟି ତୁମ ଦ୍ୱାରା ଶେଷ ହେଉ ଏହା ଈଶ୍ୱରଙ୍କ ଅଭିପ୍ରାୟ । କର୍ମ ଅନୁସାରେ ଫଳ ଲାଭ ଅବଶ୍ୟ ହେବ ଏହା ଧ୍ରୁବ ସତ୍ୟ । ମୋର ଅନୁରୋଧ ତୁମେ ଗ୍ରାମରେ ରହି ଗୃହବାସ କରି ସଂସାର ଯାତ୍ରା ନିର୍ବାହ କର । ତୁମ ସାନ ଭାଇ ଗରିବ ଓ ତାର ସ୍ୱାସ୍ଥ୍ୟ ଖରାପ । ତୁମେ ଗ୍ରାମରେ ରହିଲେ ତାକୁ ଦରକାର ବେଳେ ସାହାଯ୍ୟ କରିପାରିବ । ଯାହାର କେହି ନାହିଁ ତାର ଈଶ୍ୱର ଭରସା ଏବଂ ଯାହା ହେବାର କଥା ତାହାହିଁ ହେବ । ଅନ୍ୟଥା ହେବ ନାହିଁ । ଯାହାର ଈଶ୍ୱର ବିଶ୍ୱାସ ଏତେ ଦୃଢ଼ ସେ ଆଉ କାହା ଜରିଆରେ ଈଶ୍ୱରଙ୍କୁ ଡାକିବା କି ଦରକାର ?

ଅନୁଶୀଳନୀ--୪୩

ଗରଳ ତରଳ ପରଳ ଶାରଦା ଶ୍ରଦ୍ଧା ଶ୍ରଦ୍ଧିତ ହର ହରେକ ଶ୍ରୁତି ନିର୍ଝିକ, ଧରଣୀ । ନିର୍ଦ୍ଦେଶ ନିର୍ମମ ନିରଣ ନିରାଶା ନିର୍ବୁଦ୍ଧି ନିର୍ବିଶେଷ, ନିରପରାଧ ଧାରଣା ହର୍ଷ ନିର୍ମଳ । ନିର୍ବୋଧ ଅପରାଧ ନିରପରାଧ ନିରୀହ ଶୃଗାଳ ହରେକୃଷ୍ଣ ହୃଷିକେଶ ପାରତ୍ରପାର ହର୍ଷ ହର୍ଷ ।

ଅନୁଶୀଳନୀ--୪୫

ଧର୍ମ ନିର୍ବିଶେଷରେ ଆମର ଏହି ଭାରତବର୍ଷରେ କାହାରି ଯଦି ନାସ୍ତି କରିବାର ସ୍ପୃହା ନାହିଁ ଯେ ମୃତ୍ୟୁ ସବୁଠାରୁ କଠୋର ସତ୍ୟ ତାହାହେଲେ ଏଣିକି ମନ୍ଦିରେ ମନ୍ଦିରେ ଗୃହର ଓ ସାଧୁ ନିର୍ଝିକ ଭାବରେ ଏକନିଷ୍ଠ ଧର୍ମଚର୍ଚ୍ଚା କରିବା ଦୃଶ୍ୟ ଅବଶ୍ୟ ଦୃଷ୍ଟି ଗୋଚର ହେବ । ମୋର ଅନୁରୋଧ ତୁମେ ଶ୍ରଦ୍ଧିତ ହୃଦୟରେ ଗୀତା ଆବୃତ୍ତି କରିବା ଅଭ୍ୟାସ କର । ମୋର ଦୃଢ଼ ବିଶ୍ୱାସ ଗୀତାର ମର୍ମ ବୁଝି ଆବୃତ୍ତି କଲେ ହୃଦୟରେ ଯେଉଁ ଧର୍ମ ଧାରଣା ସୃଷ୍ଟି ପୁଷ୍ଟ ଓ ବିକଶିତ ହେବ ପ୍ରସିଦ୍ଧ ଚୋର ଘରେ ପଶିଲେ ବି ତାକୁ ଚୋରି କରିବାକୁ ସାହସ କରିବ ନାହିଁ । ଶାରୀରିକ ବ୍ୟାଧି ଦୂର କରିବା ପାଇଁ ଡାକ୍ତର ଦରକାର ଆଉ ମାନସିକ ଅସ୍ଥିରତା ଦୂର କରିବା ପାଇଁ ଗୁରୁକୃପା ଲୋଡ଼ା । ଏ ବିଷୟରେ ଆଉ ବୃଥା ତର୍କ କରି ସମୟ ନଷ୍ଟ କରିବା ଦରକାର ନାହିଁ । ଆପଣ ମୋର ଏହି ସାମାନ୍ୟ ଅନୁରୋଧ ରକ୍ଷା କରିବେ କି ନାହିଁ ତାହା ମୋତେ ପତ୍ରଦ୍ୱାରା ଜଣାଇଲେ ବାଧିତ ହେବି ।

ଅନୁଶୀଳନୀ—୪୭

କଳ ନକଲ କ୍ଳେଶ ଅକ୍ଳେଶ କ୍ଳିଷ୍ଟ ଦଖଲ ବେଦଖଲ ପିଛଲ ବାଦଲ ବଦଲ ସବଳ ପ୍ରବାଳ ବିପୁଳ ବିରଳ । ନେଳ ଦେଳ ବିକଳ ଫେନିଳ ଦାବାନଳ ଶୁକ୍ଳ ଶୁଳ୍କ ଅକ୍ଷର ସାକ୍ଷର ସ୍ୱାକ୍ଷର ନାରଖାର ନିରକ୍ଷର । କର୍ମୀ ସହକର୍ମୀ ସେଥିରେ ସ୍ପୃହା ନିସ୍ପୃହ ସ୍ପର୍ଦ୍ଧା ଆସ୍ପର୍ଦ୍ଧା । ସାଗର ସହକାର ସହକାରୀ ସ୍ୱୀକାର ପୁରସ୍କାର । ବହିଷ୍କାର, ଅସ୍ୱୀକାର ଦର୍ପ ପୁଷ୍କରିଣୀ ତସ୍କର ଭ୍ରମ ଭ୍ରମର କର ନିଷ୍କର ନିଷ୍କଳ ସନ୍ଦିଗ୍ଧ । ନିଷ୍କ୍ରିୟ ଶଙ୍କର ଶଙ୍କରାଣୀ ଫରକ ଫର୍ଦ୍ଦ ଫର୍ଚ୍ଚା ଚର୍ଚ୍ଚା । ପ୍ରାପ୍ତ, ପ୍ରିୟ ଅନ୍ନକଷ୍ଟ ଜରାଗ୍ରସ୍ତ ପ୍ରସ୍ଥାନ ।

ଅନୁଶୀଳନୀ— ୪୯

(ନୋଟ - ନିମ୍ନଲିଖିତ ଅନୁଶୀଳନୀର ଦ୍ୱିତୀୟ ପଂକ୍ତିରେ ୨ ପରିବର୍ତ୍ତେ ୨ ହେବ)

(କ) ଆପଣଙ୍କ ପତ୍ରର ଉତ୍ତର ଦେବାରେ ସାମାନ୍ୟ ଡେରି ହେବାର ମୁଖ୍ୟ କାରଣ ହେଲା ଗତକାଲି ମୁଁ ଏଠାରେ ନଥିଲି, ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଅନ୍ୟତ୍ର ଯାଇଥିଲି । ତେଣୁ ଯଥାସମୟରେ ଉତ୍ତର ଦେଇପାରି ନଥିଲି । ଆପଣ ମନେକଲେ ଉତ୍ତର ଦେବା ଅନାବଶ୍ୟକ ମନେ କରି ମୁଁ ନୀରବ ରହିଲି । ଆପଣ ବୁଝିବା ଦରକାର ଯେ ଆପଣଙ୍କ ପ୍ରସ୍ତାବ ବା ପରାମର୍ଶ "ଆଲିବାବା ଚାଳିଶ ଚୋର" ଗଳ୍ପର "ସିସେମ ଖୋଲ" ନୁହେଁ ଯେ ପିଲାଖେଳ ପରି ହସି ଖେଳି ସଭାରେ ଗୋଟିଏ ପ୍ରସ୍ତାବ ପାଶ କରିଦେଲେ ବା ପରାମର୍ଶ ଦେଇଦେଲେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ସବୁ ଏକାବେଳକେ ଉନ୍ନତିର ଚରମ ସୀମା ସ୍ପର୍ଶ କରିବ । ଆପଣଙ୍କୁ ମୁଁ ଆଗରୁ କହିଥିଲି ଯେ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବା ପୂର୍ବରୁ ସମସ୍ତେ ଭଲ ଭାବରେ ବୁଝିବା ଦରକାର ଯେ କାର୍ଯ୍ୟଟି ଆମର, ଆଉ କାହାର ନୁହେଁ । ତାହାହେଲେ କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ ମିଳିବ ଏବଂ କାର୍ଯ୍ୟଟି ଯୋରସୋରରେ ସୁନ୍ଦର ରୂପେ ଚାଲିବ ଏବଂ ମଝିରେ ମଝିରେ ଆଉ ଅଟକି ଯିବାର ପ୍ରଶ୍ନ ନଥିବ । ମୋ କଥା ଉପରେ ଆପଣଙ୍କର ବିଶ୍ୱାସ ନଥିଲେ ସୁଦ୍ଧା ମୁଁ ଫଳାଫଳକୁ ଅପେକ୍ଷା କରି ରହିଥିଲି । ମାରଣ ମୋର ଦୃଢ଼ ବିଶ୍ୱାସ ଥିଲି ଯେ କାଳକ୍ରମେ ଆପଣ ନିଜର ଭ୍ରମ ନିଜେ ବୁଝି ପାରିବେ ।

(ଖ) ଶ୍ରମଶୀଳତା ଉଜ୍ଜ୍ୱଳ ଭବିଷ୍ୟତର ଭିତ୍ତି ସ୍ୱରୂପ । ତେଣୁ ଯେଉଁ

ଜିଲ୍ଲାରେ ନିଷ୍କର ଜମି ବେଶି ସେ ଜିଲ୍ଲାରେ ନିଷ୍କର୍ମୀଙ୍କ ସଂଖ୍ୟା ବେଶି ହେବ ହିଁ ହେବ । ସ୍କୁଲ ପିଲାଙ୍କୁ ଆସନ ମୁଦ୍ରାରେ ତାଲିମ ଦେବା ସକାଶେ ସବୁ ଜିଲ୍ଲାର ସଦର ମହକୁମାରେ ଯୋଗାଶ୍ରମ ସ୍କୁଲ ପ୍ରତିଷ୍ଠା ହେବା ଦରକାର ଏବଂ ସବୁ ମାଇନର ସ୍କୁଲରେ ଯୋଗ ଶିକ୍ଷକ ରହିବା ଦରକାର । ଶିକ୍ଷକ ନ ରଖି ଖାଲି ସ୍କୁଲ ଖୋଲିଦେଲେ ଧର୍ମକୁ ଆଖିଠାର ମାରିବା ଭଳି ହେବ । ଏହି ମର୍ମରେ ଏକ ନିର୍ଦ୍ଦିଷ୍ଟ ପ୍ରସ୍ତାବ ସବୁ ସ୍କୁଲର ଅଧ୍ୟକ୍ଷଙ୍କ ଜରିଆରେ ପଠାଇବାର ବ୍ୟବସ୍ଥା ହେଲେ ସରକାର ଅଧ୍ୟକ୍ଷଙ୍କ ପରାମର୍ଶ ପାଳିବାକୁ ବାଧ୍ୟ ହେବେ । ତାହାହେଲେ ପରେ ଆଉ କେହି ଆମକୁ ଦୋଷ ଦେବାର ଅବକାଶ ନ ଥିବ । ଆମ ସ୍କୁଲର ଯେଉଁ ନୂଆ ଛାତ୍ରାବାସ ନିର୍ମିତ ହେବ ଆପଣ ତା ଦାୟିତ୍ୱରେ ନ ରହିଲେ ପରେ ନାନା ଅସୁବିଧା ସୃଷ୍ଟି ହେବ । ମୁଁ ଅଧ୍ୟକ୍ଷଙ୍କୁ କହିବି ଯେ ଏ ଦାୟିତ୍ୱରେ ଆପଣଙ୍କୁ ନ ରଖି ଆଉ କାହାକୁ ରଖିଲେ ଫଳାଫଳ ପାଇଁ ସେ ହିଁ ଦାୟୀ ହେବେ । (ନ ରଖି-ର-ଆଙ୍କୁଶ ନ୍ୟସ୍ତ ନ ଲିପି ୨ୟ ସ୍ଥାନରେ ଲେଖାଯିବ)

ଅନୁଶୀଳନୀ—୫୧

ଦାନ ନିଦାନ ନୂତନ ଗଠନ ପ୍ରଲୋଭନ-ନିଧନ କରଣ ନଗ୍ନ ନାମନ ବିମାନ ଅପମାନ ନିବାରଣ । କାରଣ କାନନ, କାନୁନ ଜ୍ଞାନ ଅଜ୍ଞାନ ବିଜ୍ଞାନ ସମନ ସମାନ ବର୍ତ୍ତି ବର୍ତ୍ତିନା ପରିଧାନ ଗମନ । ଆଗମନ । କ୍ଷଣକୋପୀ ମନୋରମ ନିର୍ଗୁଣ ନବଘନ ସଂଶୋଧନ ସ୍ୱାଧୀନ ସ୍ୱାଧୀନତା ବହନ ବହନ ସଂସ୍ଥା । ସଂସ୍ଥାନ ଧାନ ଧନୀ ଧନବାନ ଗୁଣବାନ ଧନିକ ଆଧୁନିକ ଗୋଧନ ହିନମାନ ସନ୍ନିଧାନ ।

ଅନୁଶୀଳନୀ—୫୩

(ପୃଷ୍ଠା ୬୭)

ଏ ବର୍ଷ ଯେଉଁସବୁ ଅପ୍ରତ୍ୟାଶିତ ଘଟଣା ଘଟିଗଲାଣି ସେଥିରୁ ନିର୍ଦ୍ଦିଷ୍ଟ ଖବରରେ ସୂଚନା ମିଳିଲାଣି ଯେ ମୂଲ୍ୟବୃଦ୍ଧି ଫଳରେ ସାଧାରଣ ଲୋକେ ବିଶେଷ ଅସୁବିଧାର ସମ୍ମୁଖୀନ ହେଲେଣି । ପୁଣି ଗତକାଲିଠାରୁ ସହର ଓ ମଫସଲରେ ରେଳ ମାସୁଲ ବୃଦ୍ଧି ବିରୁଦ୍ଧରେ ଯେଉଁଭଳି ପ୍ରବଳ ଆନ୍ଦୋଳନ ହେଲାଣି ତାହା ଶାସନକଳ ପକ୍ଷରେ ନୂତନ ସମସ୍ୟା ସୃଷ୍ଟି କଲାଣି । ମନୁଷ୍ୟ ଚିରକାଳ ନୂତନତ୍ୱର ପୂଜାରୀ । ତେଣୁ ଦେଶର ଉନ୍ନତିକଳ୍ପେ ବର୍ତ୍ତମାନ ଯେଉଁମାନେ କୌଣସି ନୂତନ ପ୍ରକଳ୍ପର ରୂପାୟନ ଲାଗି ସଚେଷ୍ଟ ସେମାନେ ଉଦ୍ଦେଶ୍ୟସାଧନ ମାର୍ଗରେ କୌଣସି ବାଧାବିଘ୍ନର ସମ୍ମୁଖୀନ ନହେବା ଫଳରେ ନିର୍ବିଘ୍ନରେ ଯଥେଷ୍ଟ ଅଗ୍ରଗତି କଲେଣି ସତ୍ୟ ତଥାପି କେଉଁ ଦିଗର ପାଣି କେଉଁ ଦିଗକୁ ବହିବ ସେ ବିଷୟରେ ତୀକ୍ଷ୍ଣ ଦୃଷ୍ଟି ଦେବାର ବେଳ ବର୍ତ୍ତମାନ ଆସି ପହଞ୍ଚିଲାଣି ବୋଲି ଅନେକେ ସାବଧାନ ହେଲେଣି ।

ଅନୁଶୀଳନୀ—୫୫

ଆଗତ ଅନାଗତ ସମାଗତ ବଦନ ବେଦନା ଅଧଃପତନ ବର୍ତ୍ତିନ ଆବର୍ତ୍ତନ ବିବର୍ତ୍ତନ ବେତନ ସମାବର୍ତ୍ତନ । କେତେ କେତେକ ଯେତେ ଯେତେକ ଯେତିକ ଆଚ୍ଛାଦନ ସମାପ୍ତ ଅସମାପ୍ତ ବିପଦ ସମ୍ପଦ ଧନ୍ୟବାଦ ପ୍ରାପ୍ତ । ପ୍ରାପ୍ତବ୍ୟ ଆବେଦନ କପର୍ଦ୍ଦକ, ଖ୍ୟାତ, ଖେଦ, ସଚେତନ ଗଠନ ଗଠିତ ପଠନ ପଠିତ ମୁଖ୍ୟତଃ ଓତପ୍ରୋତ । ଜର୍ଜରିତ ବିସ୍ତାରିତ କ୍ଲିପ୍ତ ଲୁପ୍ତ ଗୁପ୍ତ ଅଭିଶପ୍ତ ଲୋହିତ ଦନ୍ତକ୍ଷତ ରଚିତ ସମୁଚିତ ପକ୍ଷପାତ ସଂକ୍ଷିପ୍ତ ବିକ୍ଷିପ୍ତ ।

ଅନୁଶୀଳନୀ—୫୭

ନିର୍ଦ୍ଦିଷ୍ଟ ଦାୟିତ୍ୱ ଓ କର୍ତ୍ତବ୍ୟ ତୁଲାଇବା ସକାଶେ ଏ ସଂସାରକୁ ଆମର ଆଗମନ ଅଭିପ୍ରେତ ଏବଂ ଉକ୍ତ କର୍ତ୍ତବ୍ୟ ଓ ଦାୟିତ୍ୱ ସମୂହ ସୁରୁଖୁରୁରେ ତୁଲାଇବା ସକାଶେ ଶରୀର, ଖାଦ୍ୟ, ପରିବେଶ ପ୍ରଭୃତି ଯାହାଯାହା ଆବଶ୍ୟକ ସେ ସବୁ ମିଳିବା ସୁନିଶ୍ଚିତ । ଅତଏବ ଆମେ ସର୍ବାବସ୍ଥାରେ ସନ୍ତୁଷ୍ଟ ରହିବା ଉଚିତ । ସ୍ୱାଧୀନତାର ପୂର୍ବବର୍ତ୍ତୀ ଅବସ୍ଥା ସହିତ ପରବର୍ତ୍ତୀ ଅବସ୍ଥାକୁ ତୁଳନା ନ କରିବା ଉଚିତ । କାରଣ ଗୋଟିଏ ଦିଗରୁ ଦେଖିଲେ ଗୋଟିଏ ଦିନ ଗୋଟିଏ ଯୁଗ ସହିତ ସମାନ ଏବଂ ଆଉ ଗୋଟିଏ ଦିଗରୁ ଦେଖିଲେ ଗୋଟିଏ ଯୁଗ ଗୋଟିଏ ସ୍ୱପ୍ନଠାରୁ ବି ମୂଲ୍ୟହୀନ । ଓଡ଼ିଶାକୁ ଏବେ ପ୍ରଦେଶ କହିଲେ ଭୁଲ ହେବ ଯେହେତୁ ପ୍ରଦେଶ ପରିବର୍ତ୍ତେ ରାଜ୍ୟ ଶବ୍ଦ ବହୁ କାଳରୁ ଚଳି ଆସିଲାଣି ।

ଅନୁଶୀଳନୀ—୫୯

(ପୃଷ୍ଠା ୭୨)

ଦେବ ଦେବୀଙ୍କୁ ଦେବକୀ, ଦାନବ, ଅଭାବ, ସ୍ୱାଭାବିକ ପରାଭବ ଉଦ୍ଭେ-ଭାବ ଭାବୁକ । ଜୀବ ବିଭିନ୍ନ ବିଭିନ୍ନତା ବାସ୍ତବ ଅବାସ୍ତବ ବିପ୍ଳବ ପ୍ଳାବନ ସାହେବ ବିବେକ ଭାଷଣ ଶୋଷଣ ବିଶୋଷଣ ବିଭବ । ଅଭିଭାଷଣ ବିଭାଜନ ଅଭିନବ ନିଷ୍କାସନ ବିଶ୍ଳେଷିକା ଯବନ ପାବନ ଷ୍ଟେସନ ଯବନିକା ।

ଅନୁଶୀଳନୀ—୬୧

ଆପଣ ଯଦି ପ୍ରଶ୍ନ କରିବେ ପ୍ରକୃତରେ ଅଭାବ କଣ ସ୍ୱଭାବ ନଷ୍ଟ କରେ ତାହାହେଲେ ଗୋପାଳ ବାବୁ କହିବେ ନା, ପ୍ରକୃତ କଥା ତାହା ନୁହେଁ । କାରଣ ଦେବ ଦାନବ ଅସଦ୍‌ଭାବର କାରଣ ବିଶ୍ଳେଷଣ କଲେ ଆମେ ଦେଖୁ ଯେ ଅଭାବ ପ୍ରକୃତରେ ସ୍ୱଭାବ ନଷ୍ଟ ହେବାର କାରଣ ନୁହେଁ । ତେଣୁ ଆମକୁ ସ୍ୱୀକାର କରିବାକୁ ହେବ ଯେ ଯାହାର ସ୍ୱଭାବ ନଷ୍ଟ ହେବାର କଥା ତାହା ବିନା ଅଭାବରେ ବି ନଷ୍ଟ ହେବ । ରାମବାବୁ କହିବେ ଅପବ୍ୟୟ ଅଭାବର

ହେତୁ ହେଲେ ତାହା ସ୍ୱଭାବ ସଦ୍‌ଭାବ ଉଭୟ ନଷ୍ଟ କରିବ ଯଦି ବିବେକ ବାଧା ନ ଦେବ । ସରକାରୀ ଋଣ ଏହାର ପ୍ରକୃଷ୍ଟ ପ୍ରମାଣ । ବ୍ରଜବାବୁ କହନ୍ତେ ଅଭାବ, ସ୍ୱଭାବ, ସମ୍ଭାବ ଏସବୁତ ମନର ବିକାର । ତେଣୁ ଆଗେ ପରୀକ୍ଷା କରି ଦେଖିବାକୁ ହେବ ଏସବୁ ବାସ୍ତବ କି ଅବାସ୍ତବ । ରାମବାବୁ କହନ୍ତେ ତାହା-ହେଲେ ତ ଅନିର୍ଦ୍ଦିଷ୍ଟ କାଳ ଅପେକ୍ଷା କରିବାକୁ ପଡ଼ିବ । ଅପେକ୍ଷା କରିବା ଯାହାର ସ୍ୱଭାବ ବିରୁଦ୍ଧ ସେ କିପରି ସହଜରେ ଏ ପ୍ରସ୍ତାବରେ ରାଜି ହେବ ? ଅତଏବ ଧରିନେବାକୁ ହେବ ଯେ ସତ୍ୟକୁ ଅସ୍ୱୀକାର କରିବା ମନୁଷ୍ୟର ଆଦିମ ସ୍ୱଭାବ ।

ଅନୁଶୀଳନୀ--୭୩

ମଉକା ମୌଲବୀ ମୌଖିକ ମୌଜା, ମୌରସି, ଗୌଣ, ଗୌରବ ନୌକା । ଚୌକି ଧୈର୍ଯ୍ୟ ଶୌର୍ଯ୍ୟ ଜନ୍ତୁ ଭଳି ଯୌଥ ଯୌତୁକ ଆଦୌ ବୈଜ୍ଞାନିକ କୌଶଳ ଔଷଧ ମଉସା । ଦୌଲତ ପୌଷମାସ ବୋଇତ ପୈଶାଚିକ ସଉକୀ ସଉପ ଗୌରୀ, ଧ୍ୱନି, ଧ୍ୱଜା ।

ଅନୁଶୀଳନୀ-୭୪



ଅନୁଶୀଳନୀ--୭୫

ଚୈତ୍ର ମାସରେ କୌଶଲ୍ୟା ସହିତ କୈଳାସର ଶୁଭ ବିବାହ ବୈଦିକ ରୀତିରେ ହେବ, ଏ ପ୍ରସ୍ତାବରେ ମଉସା ରାଜି ହେଲେ ବୋଲି ଆମର ଆଦୌ ବିଶ୍ୱାସ ନ ଥିଲା । ତେଣୁ ଚୌଧୁରୀ ବଜାର ଧର୍ମଶାଳା ପାଖରେ କୈଳାସର ସାନଭାଇ ସୌମିତ୍ରିକୁ ଦେଖି ତାକୁ କୈଳାସର ହାଲ ହକିକତ କଣ ବୋଲି ପଚାରିଲି । ଆଶ୍ଚର୍ଯ୍ୟର କଥା ସେ ମୋ ପ୍ରଶ୍ନର ଉତ୍ତର ସିଧା ସଳଖ ଭାବରେ ନ ଦେଇ ଦାର୍ଶନିକଙ୍କ ଭଳି କହିଲା "ବୁଝିବ ଗୌର ଭାଇ, ଯେଉଁ ଦିନଠାରୁ ରାବଣ ଚୌକସ ଚତୁରତାର ଜାଣି ଗୈରିକଧାରୀ ସନ୍ନ୍ୟାସୀ ବେଶରେ

ସୀତାଙ୍କୁ ହରଣ କରି ନେଲା ସେହି ଦିନଠାରୁ ଗୈରିକର ପୂର୍ବ ଗୌରବ ସେ ନାହିଁ ଏକଥା ଗୌତମ ସନ୍ନ୍ୟାସୀ ହୋଇ ବି ବୁଝି ନ ଥିଲେ । ହେଲେ ଆମ କୈଳାସ ଭାଇ ସଂସାରୀ ହୋଇ ବି ତାହା ବୁଝିଥିଲେ । ଯେଉଁ ଗୈରିକ ତାଙ୍କୁ ହାକିମ କରିଥିଲା ସେହି ଗୈରିକ ଯେ ତାଙ୍କୁ ଦଗାଦେବ ସେ ଏହା ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ । କଠିନ କାର୍ଯ୍ୟକୁ ସହଜରେ କରିବା ଉପାୟକୁ ଆମେ ଯଦି କୌଶଳ ବୋଲି କହିବା ତାହାହେଲେ କିପରି ସୌମିତ୍ରି ଖୁବ୍ କୌଶଳରେ ଏକ କଠିନ ସମସ୍ୟାକୁ ଖୁବ୍ ସହଜରେ ଓ ବୈଜ୍ଞାନିକ ଉପାୟରେ ସମାଧାନ କଲା ବୋଲି ବୁଝିବାକୁ ହେବ ।

ଅନୁଶୀଳନୀ—୭୬

ହଠାଏ ହଠାଅ ବଜାଏ ବଜାଅ ମଗାଏ ମଗାଅ ଗାଏବ ବେଇମାନ । ପୌରୁଷ ବେଢ଼େଇ ଲେଉଟିଆ କଉଡ଼ି ଅନୈତିକ ଅବୈତନିକ ସେଇଟା ହେଇଛି ଦନେଇ । ବନେଇ ବୁଲେଇ କନୈକ ଝଇଗୁ, ସୁନାଏ ସାମୁଏଇ ନଥାଏ ନଥଉ ।

ଅନୁଶୀଳନୀ-୭୭



ଅନୁଶୀଳନୀ—୭୮

କୋଇଲି କଳା ବୋଲି ମଳୟ ତ ପଳାଇ ଯାଏ ନାହିଁ । ଅତଏବ କୁଳ କନ୍ୟା କାଳ ହେଲେ ସେ ଯେ ତୀର୍ଥଜଳ ପରି ତୁମ କୈବଲ୍ୟ ଲାଭରେ ସହାୟକ ନ ହେବ ଏକଥା ତୁମେ ହଲପ କରି କହି ପାରିବକି ? ସାନବୋଉ ଶୋଇ ପଡ଼ିଲେ ତେଣିକି ପୋଇଲି ହାତରୁ କେଞ୍ଚାଏ ମେଞ୍ଚାଏ ଯାହା ମିଳୁ ସେଥିରେ ଆମର କୃତ୍ୟ ଚଳିଯିବ । ଜଳୌକାମାନେ ଜୋକ । ଏହା ମଇଳା ପାଣିରେ ରହେ ଓ ସୁବିଧା ପାଇଲେ ଦେହରୁ ରକ୍ତ ଶୋଷି ନିଏ । ନେଉଳ

ଦେଖିଲେ ଭୂଆ ବଲେଇ ଏମିତି ଡିଆଁ ମାରି ପଳାଏ ବୋଲି ମୋର ଆଦୌ ଧାରଣା ନ ଥିଲା । ତୁମେ ଦେଉଳରେ ଥାଅ ବା ନଥାଅ ମୁଁ ମଉକା ଦେଖି ସୈନ୍ଧୁଙ୍କୁ ତୁମ ଆସିବା କଥା କହିବ ।

ଅନୁଶୀଳନୀ—୭୧

ଓଲ ଓଲୁ ଓଲଟା ଉକୁଟି ଉକୁଣି ଉଖୁଡ଼ା ଉଲ୍‌କା ଓ୍ୱାରସ ଓରଫ । ଓଡ଼ଣ ଓଢଣା ଓଟଣି କୁଆଡ଼େ ଖୁଆଡ଼ ଉଠିଲ ଓଲଟିବା ଓଟାରିବା ଓସ୍ତ ଓହଳିବା ଓହ୍ଲାଇବା ଓଟଖିଆ ଆହ୍ୱାନ ଅଭିଜ୍ଞ କୃତଜ୍ଞ ଅନଭିଜ୍ଞ ସର୍ବଜ୍ଞ କେ କୁଆଡ଼ସ୍ତ ।



ଅନୁଶୀଳନୀ—୭୩

ମୁଁ ଆରଓଲ ବୋଧହୁଏ କଟିକ ପିବ । ଉପର ଓଲ ଗଲେ ହୁଏତ ସବୁ କାମ ସାରିବା ପାଇଁ ଯଥେଷ୍ଟ ସମୟ ମିଳିବ ନାହିଁ ଏବଂ ବାଧ୍ୟ ହୋଇ କାହା ପାଖରେ ଆଶ୍ରୟ ନେବାକୁ ପଡ଼ିବ । ସେ ଯାହା ହେଉ ମୁଁ କୁଆଡ଼େ ଗଲି, କାହିଁକି ଗଲି, କିଏ ମୋତେ ଡାକିଲା ଏସବୁ କଥା ତୁମେ କାହାକୁ କହିବା ଦରକାର ନାହିଁ । ଗୋଟିଏ ସାଧାରଣ ଉତ୍ତର ମର୍ମ ପାଞ୍ଚ ଯାହା ବୁଝିବ ଅଞ୍ଜ ଭାର ଠିକ୍ ଓଲଟା କାହିଁକି ବୁଝିବ ? ଗାଡ଼ି ଷ୍ଟେସନରେ ଠିଆ ହେଲେ ମୁଁ ରୁମାଲ ହଲାଇଲେ ସନ୍ନ୍ୟାସୀ କାହିଁକି ଓହ୍ଲାଇବେ ସେ କଥାର ମର୍ମ କିଏ କାହିଁକି ଆଗରୁ ତୁମକୁ କହିବ ? ଗୁଡ଼ାଏ ପିଲା ଏକାଠି ଜମା ହେଲେ ଟିକିଏ ଗୋଳମାଳ ନ ହେବ ବୋଲି କିଏ କହିବ । ଏ ଗୁଡ଼ାକ ସମସ୍ତେ ତ ଅଜ୍ଞାନ ଅବୋଧ ଶିଶୁ । ଖିଆପିଆ ଟିକିଏ ଭଲ ନ ହେଲେ କିଏ କାହିଁକି ଆମକୁ ଦୋଷ ଦେବ ? ତୁମକୁ ଯେତିକି କୁହାଗଲା ସେତିକି ତୁମର ଜ୍ଞାତବ୍ୟ ବିଷୟ ।

ଯାହା କୁହା ନ ଗଲା ତାହା ତୁମର ଜ୍ଞାତବ୍ୟ ବିଷୟ ନୁହେଁ ।

ଅନୁଶୀଳନୀ—୭୭

ଲକ୍ଷ୍ମୀ ପ୍ରସନ୍ନ ହେଲେ ବି ଦସ୍ୟୁ ବା ବେଶ୍ୟା ଲୋକମାନ୍ୟ ହେବା କ୍ୱଚିତ ଦେଖାଯାଏ । ଶୁଣାଯାଏ ଏ ବର୍ଷ ଉଲ୍କାପାତ ଫଳରେ ପ୍ରାୟ ଲକ୍ଷାଧିକ ଲୋକ କୁଆଡ଼େ ହତାହତ ହେବେ । ଆମ କ୍ଲବର ହାତ ଲେଖା ପତ୍ରିକାକୁ ଲେଖା ଦେବାପାଇଁ ଲେଖକମାନଙ୍କୁ ଖାଲି ଅନୁରୋଧ କଲେ ସେମାନେ କଣ ଲେଖା ଦେବେ ? ଠିକ୍ ସମୟରେ ଲେଖା ପାଇବା ପାଇଁ ସେମାନଙ୍କୁ ଅଗ୍ରୀମ ଦେବାକୁ ହେବ । ଏ ବିଷୟ ସାଧାରଣ ସଭାରେ ଆଲୋଚିତ ହେବ ବୋଲି ଲକ୍ଷିତ ଭାବରେ ନୋଟିସରେ ଉଲ୍ଲେଖ କରାଯାଇ ନଥିଲା କେବଳ ମୌଖିକ ଭାବରେ ସମସ୍ତଙ୍କୁ କୁହାଯାଇଥିଲା । ସମସ୍ତଙ୍କ ଅଲକ୍ଷ୍ୟରେ ସେ ଆଲମାରି ଆଡ଼ୁଆଳରେ କାହିଁକି ଲୁଚିଥିଲା ତାହା ଅବଶ୍ୟ ଏକ ଉଲ୍ଲେଖଯୋଗ୍ୟ ଘଟଣା । ନିଜ ଲକ୍ଷ୍ୟରେ ଆଗ ସ୍ଥିର ହୁଅ, ତାହା ହେଲେ ସିନା ଲକ୍ଷ୍ୟ ଲାଭ ସହଜ ହେବ ।

ଅନୁଶୀଳନୀ—୭୮

ଯାନ ଜୈନ ଯୋନ ଓଜନ ଜନୈକ ବଦନ, ଛନକା, ସ୍ତନଅ ସ୍ତନ ସ୍ତନସ୍ତନୀ ଛନକେ । ଜମି ଜମିଜମା ଏକରଜମି ଜନକ ବିପଦ୍ଜନକ ଜାଣି ଜାଣିଶୁଣି ଜଣାଶୁଣା । ଅମ୍ଳଜାନ ତର୍ଜନ ଗର୍ଜନ ତର୍ଜମା ସଜବାଜ ସବୁଜ ସାର ତୈଳବୀଜ ଭଜନ ପିଚ୍ଛିଳ । ବିସର୍ଜନ ମାର୍ଜନା ମୂର୍ଚ୍ଛନା ସୌଜନ୍ୟ ଜିଲ୍ଲା ପୁସ୍ତକଜିଲ୍ଲା ମଜବୁତ ମସଜିଦ । ତୀର୍ଥଙ୍କ ରାଜସିକ ଉଚ୍ଛୁଳି ପଡ଼େଇ କଦର୍ଯ୍ୟ ପ୍ରଯୁଜ୍ୟ ପ୍ରାଚୁର୍ଯ୍ୟ ବଜାର ବଜାରଦର କାର୍ଯ୍ୟ ।



ଅନୁଶୀଳନୀ—୮୦

(ପୃଷ୍ଠା ୯୩)

ମାଛ ଯେପରି ଜଳରୁ ଅମ୍ଳଜାନ ଆହରଣ କରି ଜୀବନ ଧାରଣ କରେ ଅଥଚ ଜଳ ତା ଦେହକୁ ସିକ୍ତ କରିପାରେ ନାହିଁ ଆମେ ସମାଜରେ ସେହିଭଳି ବାସ କରିବା ଉଚିତ । ସମାଜ ଆମର ଆଶା ଆକାଂକ୍ଷା ରୂପାୟନରେ ଓ ଭରଣ ପୋଷଣ କାର୍ଯ୍ୟରେ ସହାୟକ ହେବ ଏବଂ ସାମାଜିକ ସମସ୍ତ ବିଧି-ବିଧାନକୁ ଆମେ ଏଭଳି ମାନି ଚଳିବା ଯେଉଁଭଳି କେହି ଏ ଧାରଣା ପୋଷଣ ନ କରିବେ ଯେ ଆମେ ସୃଷ୍ଟି ଛଡ଼ା ଜୀବ ବା ଅସାମାଜିକ ପ୍ରାଣୀ । ଏଥିରୁ କେହି ବୁଝିବା-ଉଚିତ-ନୁହେଁ ଯେ ସାମାଜିକ ସମସ୍ତ କାର୍ଯ୍ୟକଳାପ ସହିତ ଆମେ ଏଭଳି ଓତପ୍ରୋତ ଭାବରେ-ଜଡ଼ିତ ହୋଇଯିବା ଯାହା ଫଳରେ ସାମାଜିକ ନାନା ପାପ ଓ ଅପରାଧ ଆମ ସୁସ୍ଥ ଜୀବନ ପ୍ରବାହକୁ କଳୁଷିତ ଓ ଦୂଷିତ କରିଦେବ । ରଜକ ଭଳି କେବଳ ସାମାଜିକ ଆବର୍ଜନା ପରିଷ୍କାର କରିବା ଆମର ପରମ କର୍ତ୍ତବ୍ୟ ରୂପେ ସ୍ୱୀକୃତ ହେବ ଅଥଚ ଆମର ଖାସାଚ୍ଛାଦନ, ଭଜନ ଓ ଦର୍ଶନ ସମାଜର ଉଜାନୀ ନିର୍ଦ୍ଦେଶରେ କେବଳ ଭର୍ତ୍ସନାରେ ହିଁ ପର୍ଯ୍ୟବସିତ ହେବ । ବୃକ୍ଷ ଯେପରି ରୌଦ୍ର ତାପ ସହ୍ୟକରି ପରିବ୍ରାଜକର ମସ୍ତକ ଶୀତଳ ରଖେ, ପ୍ରଦୀପ ଯେପରି ନିଜେ ଦଗ୍ଧ ହୋଇ ଜଗତକୁ ଆଲୋକିତ କରେ ଆମେ ସେହିଭଳି ସମସ୍ତ କଷ୍ଟ ଓ ନିର୍ଯ୍ୟାତନାକୁ ତୁଚ୍ଛ ମନେ କରି ନିରବଚ୍ଛିନ୍ନ ଭାବରେ ମାନବ ସମାଜର ସାମୁହିକ କଲ୍ୟାଣ ଲାଗି ନିଜ ନିଜର ନଶ୍ୱର ଜୀବନକୁ ପାଣି ଛଡ଼ାଇ ଦେବା ଯାହା ଫଳରେ ସାମାଜିକ ସମସ୍ତ କଳୁଷ କାଳିମା ଅତ୍ୟଳ୍ପ ସମୟରେ ଓ ଆଶାନୁରୂପ ଭାବରେ ଅପସାରିତ ହୋଇପାରିବ । ଜାଣିଶୁଣି ଆମେ ଜଣାଶୁଣା ପଥ ଛାଡ଼ିବା ନାହିଁ । ଜମିଜମା ବ୍ୟାପାରରେ ଜନତା ଜନାର୍ଦ୍ଦନ ଉପରେ ଯେଉଁଭଳି ଜୁଲମ ନହେବ ଏବଂ ଯେଉଁମାନେ ଚିରକାଳ ଅନାର୍ଯ୍ୟ ଭଳି କଦର୍ଯ୍ୟ କାର୍ଯ୍ୟ କରିବାକୁ ଇଚ୍ଛୁକ ବା ଅଭ୍ୟସ୍ତ ସେମାନେ ଯେପରି କୌଣସି ସୁବିଧା ସୁଯୋଗ ନ ପାଇବେ ସେ ବ୍ୟବସ୍ଥା ଆମକୁ କରିବାକୁ ହେବ । କେବଳ କଥାରେ ନୁହେଁ, ନିଜ ନିଜ ଆଚରଣ ଦ୍ୱାରା ଆମକୁ ଦେଖାଇ ଦେବାକୁ ହେବ ଯେ ତ୍ୟାଗ ତପସ୍ୟା ହିଁ ସ୍ୱାଧୀନ ଭାରତର ଆଦର୍ଶ, ଭୋଗବିଳାସ ନୁହେଁ ।

ଅନୁଶୀଳନୀ—୮୧

ମୁଁ-ଜାଣେ ଗ୍ରନ୍ଥାଗାର ପାଇଁ ଯେଉଁ-ସବୁ-ଜିନିଷ କିଣା ହୋଇଥିଲା ସେ ସବୁର ଏକ ତାଲିକା ହୋଇଥିଲା । ତାହା ନ ହୋଇଥିଲେ ଖାନତଲାସ

ବେଳେ ତାର ଏକ ନକଲ ଆସିଲା କୁଆଡ଼ୁ ? ଯେତେବେଳେ ଅଭିଯୋଗ ହେଲା ଯେ ଏସବୁ ଜିନିଷ କିଣା ବିକାରେ ନାନା ହେରଫେର ହୋଇଛି ସେତେବେଳେ ଏ ବିଷୟରେ ତୀକ୍ଷ୍ଣ ଦୃଷ୍ଟି ଦେବା ଉଚିତ ଥିଲା । ବହି ମେଳାରୁ ମୁଁ ଯେଉଁସବୁ ବହି କିଣିଛି ସେଥିରେ ଅନେକ ଭଲ କଥା ଲେଖା ଅଛି । ତୁମେ ଇଚ୍ଛା କଲେ ଅକ୍ଳେଶରେ ସେସବୁ ଶିକ୍ଷା କରି ପାରିବ । ସେଇଥି ପାଇଁ କୁହ ଯାଏ ପୁସ୍ତକ ଆମର ନିତ୍ୟସାଥି । ମୁଁ ତୁମକୁ ଯାହା ଯାହା ଆଣିବାକୁ କହିଲି ତୁମେ ସେହି ଅନୁସାରେ ନ କିଣି ଯଦି ନିଜ ଇଚ୍ଛାନୁସାରେ ଜିନିଷ କିଣିବ ତେବେ ଯାହାକୁ ଯାହା ଦେବା ବୋଲି ଆଗରୁ ଠିକ୍ ହୋଇଛି ତାହା ଦେଇ ହେବ ନାହିଁ ଏବଂ ମୁଁ ଅପଦସ୍ଥ ହେବି । ସେ ଯାହାର ଇଚ୍ଛାନୁସାରେ ଯଦି କାର୍ଯ୍ୟ କରିବ ବା ଯାହାର ଯାହା ଇଚ୍ଛା ହେବ ସେ ଯଦି ସେହି ଅନୁସାରେ ଚଳିବ ତେବେ ମୋତେ ମୁରବି ମାନି ଲାଭ କଣ ? ସେ ଯାହା କଥା ସେ ବୁଝିବା ଭଲ ।

ଅନୁଶୀଳନୀ-୮୩



ଅନୁଶୀଳନୀ—୮୪

ନପଟ ନବାଡ଼ ନବଡ଼ ପେଟ ପେଟରା ସ୍ରୋତ ଶ୍ରୁତ କପଟ ନିଷ୍କପଟ ସ୍ପୃତ । ପ୍ରସ୍ତୁତ ଅପ୍ରସ୍ତୁତ ଆଟ ପରାଭୂତ ଖାଦ୍ୟ ବିଭେଦ ଡ଼ାଲିଖାତ ବସ୍ତୁତଃ ଯାତାୟାତ ବହିର୍ଭୂତ । ଜୋଡ଼ ବିଜୋଡ଼ ଫାଟକ ଦୂରୀଭୂତ ପ୍ରଭେଦ ଆପାତତଃ ମାର୍ଫତ ସେପଟ ରିପୋର୍ଟ ପ୍ରଭୃତି ।

ଅନୁଶୀଳନୀ—୮୫

ଆପଣ ଅନ୍ତତଃ ଦଶଥର କହି ସାରିଲେଣି ପେଟ ପୋଷ ନାହିଁ ଦୋଷ । ତାମାନେ ପେଟ ପୋଷିବା ହିଁ ମୁଖ୍ୟ, ଧର୍ମ, ଅଧର୍ମ, ନୀତି, ଅନୀତି ଇତ୍ୟାଦି ମୂଲ୍ୟବୋଧ ତା ତୁଳନାରେ ଗୌଣ । ପ୍ରଶ୍ନ ହେଉଛି ଆପଣ କଣ ବର୍ତ୍ତମାନ

ପରିସ୍ଥିତିକୁ ଲକ୍ଷ୍ୟ କରି ଏକଥା କହିଥିଲେ ନା ଅତୀତରେ ବି ଏହି ପରିସ୍ଥିତି ଥିଲା ଏବଂ ଏ ପ୍ରବାଦଟି ଆମକୁ ଅତୀତର ଦାନ ? ପୁରାଣ ଇତିହାସ ଚର୍ଚ୍ଚା ବ୍ୟତୀତ ଅତୀତକୁ ଠିକ୍ ଭାବରେ ବୁଝି ହୁଏ ନାହିଁ ଅଥଚ ପୁରାଣ ଇତିହାସ ଚର୍ଚ୍ଚା କଲେ ମନେହୁଏ ଯେ ସୁଦୂର ଅତୀତରେ ଏକଦା ସମାଜ ଗଠନ ପ୍ରାକ୍ କାଳରେ ରାଜା ଓ ପୁରୋହିତ ଶ୍ରେଣୀ ଏକଜୁଟ ହୋଇ ନିରିହ ନିଷ୍ପେଷିତ ଜନସାଧାରଣଙ୍କୁ ଭୟଭୀତ ଓ ଭୀତତ୍ରସ୍ତ କରି ଅବାଧ ଶୋଷଣକୁ ଚିରସ୍ଥାୟୀ କରିବା ଉଦ୍ଦେଶ୍ୟରେ ଧର୍ମ ଅଧର୍ମ, ପାପପୁଣ୍ୟ, ସ୍ୱର୍ଗ ନରକ, ଭୂତପ୍ରେତ, ଯମଦୂତ ଇତ୍ୟାଦି ସୃଷ୍ଟି କରିଥିଲେ । ଫଳତଃ କାଳକ୍ରମେ ସମାଜରେ ବିଭେଦର ପ୍ରାଚୀର ଗଢି ଉଠିଥିଲା । ଯେତେବେଳେ ସମାଜର ପ୍ରତ୍ୟେକ ଲୋକ ଏକଥା ବୁଝିବେ ସେତେବେଳେ ସେମାନେ ବିଭେଦର ବିଲୋପସାଧନ ଲାଗି ପ୍ରତିବାଦ ଚେଷ୍ଟା କରିବେ । କୌଣସି କାର୍ଯ୍ୟ ମନୁଷ୍ୟ ଚେଷ୍ଟାର ବହିର୍ଭୂତ ନୁହେଁ । ଆଜି ଯେ ଦସ୍ୟୁ ରତ୍ନାକର କାଲି ସେ ଯେ ବାଲ୍ମୀକି ନ ହେବ ସେ କଥା କିଏ କହିବ ?



ଅନୁଶୀଳନୀ –୮୮

ବର୍ଣ୍ଣିତ ପ୍ରଶମିତ ଅଭିଜ୍ଞାତ ଅଭିମତ ମନୋଜ୍ଞାତ ମୃତ ଅମୃତ ମୋହାନ୍ତ ବେଦାନ୍ତ ଗଣିତ । ହନ୍ତସନ୍ତ ପରିଗଣିତ ପ୍ରସାଦ ପ୍ରମୋଦ ଅପମିଶ୍ରିତ କ୍ଷୁଧାର୍ତ୍ତ ଅସମର୍ଥ ସମର୍ଥିତ ମୂର୍ତ୍ତି । ମୃତ୍ତିକା ଅନ୍ଧ ମତାନ୍ଧ ଅନ୍ଧସନ୍ଧ ଦ୍ୱନ୍ଦ (ଦ୍ୱନ୍ଦ୍ୱ) ସମେତ ସମ୍ମତ ସୀମିତ ପର୍ଯ୍ୟନ୍ତ ଫଳିତ ।

ଅନୁଶୀଳନୀ—୯୦

ଅଳ୍ପ ଦିନ ତଳେ ଆନନ୍ଦପୁର ବଜାରରେ ଯେଉଁ ମାରପିଟ ଓ ଲୁଟ

ତରାଜ ହୋଇଥିଲା ତାର ତଦନ୍ତ ଦାୟିତ୍ୱ ଥାନା ଅଫିସର ଜଗନ୍ନାଥ ମିଶ୍ରଙ୍କୁ ଦିଆଯାଇଥିଲା । ଏସବୁ ଘଟଣାରେ ସାଧାରଣତଃ ଯାହାହୁଏ ଏ ଘଟଣାରେ ମଧ୍ୟ ତାହାହିଁ ହେଲା । ସେ ସରଜମିନ ତଦନ୍ତ କରି ସନ୍ଦେହରେ କେତେଜଣ କନ୍ଧ ଓ ସାନ୍ତାଳଙ୍କୁ ଧରିନେଇ ହାଜତରେ ପୁରାଇ ନାନା ହନ୍ତସନ୍ତ କଲେ । ତଥାପି କାହାକୁ ସନ୍ଦେହ କଲାଭଳି କୌଣସି ତଥ୍ୟ ବା ଲୁଟ୍ ମାଲର ସନ୍ଧାନ ପାଇଲେ ନାହିଁ । ଏଆଡ଼େ ପୋଲିସର ଅନୁସନ୍ଧାନ ବ୍ୟର୍ଥ ହେଲାବେଳକୁ ସେଆଡେ ଅଭିଯୋଗ ହେଲା ଯେ ସ୍ଥାନୀୟ ତୈଳବୀଜ ସମିତିର କର୍ମଣି ମାର୍କଣ୍ଡ ନନ୍ଦ ସେକ୍ରେଟେରୀଙ୍କ ସହକ ଜାଲ କରି ସମିତିର ବହୁ ଅର୍ଥ ଆତ୍ମସାତ୍ କରିଛି ଓ ସେଥିରୁ କିଛି ଅର୍ଥ ବୋଧହୁଏ କନ୍ଧ ଓ ସାନ୍ତାଳଙ୍କୁ ଦେଇ ସେମାନଙ୍କ ସାହାଯ୍ୟରେ ଲୁଟ ତରାଜ କରିଛି । ପୋଲିସ ଗୋପନରେ ତଦନ୍ତ କରୁ କରୁ ହଠାତ୍ ଲୁଟ ମାଲର ସନ୍ଧାନ ପାଇଗଲେ ଓ ନନ୍ଦକୁ ଗିରଫ କରି ଥାନାକୁ ନେଇଗଲେ ।



ଅନୁଶୀଳନୀ – ୯୨

ବର୍ଣ୍ଣନ ଚନ୍ଦନ ବୃନ୍ଦନୀ ଗୋବିନ୍ଦ ଗୁଣବନ୍ତ ଖଣ୍ଡ ମନ୍ଦ ଭଲମନ୍ଦ ପରମାନନ୍ଦ । ମୁଣ୍ଡ ମଣ୍ଡନ ମଣ୍ଡପ ମଣ୍ଡିତ ମାନଦଣ୍ଡ ମନ୍ତବ୍ୟ ମାର୍ତ୍ତଣ୍ଡ ମର୍ମାନ୍ତକ । ହୃତପିଣ୍ଡ ଅରବିନ୍ଦ ତୁରନ୍ତ ଅତ୍ୟନ୍ତ ତତ୍କ୍ଷଣାତ୍ କାରାଦଣ୍ଡ ଈର୍ଷ୍ୟାନ୍ୱିତ ପଠାନ୍ତ ।

ଅନୁଶୀଳନୀ – ୯୪

ଆପଣ ବୋଧହୁଏ ଜାଣିନାହାନ୍ତି ସ୍ୱାମୀଜୀ ଚାରି ମାସ ହେଲା ଆଶ୍ରମରେ

ନାହାଁନ୍ତି । ତେଣୁ ଆଶ୍ରମକୁ ଯିବା ପାଇଁ ସେ ଆପଣଙ୍କୁ କୌଣସି ନିର୍ଦ୍ଦେଶ ଦେଇ ନାହାଁନ୍ତି ଏବଂ ଆପଣ ସ୍ଫୂର୍ତ୍ତି ମନରେ ଆଶ୍ରମକୁ ଯାଇ ନାହାଁନ୍ତି । ଏଥିରେ ଲଜ୍ଜିତ ବା ବିସ୍ମିତ ହେବାର କିଛି ନାହିଁ । ମୁଁ ଯଦି ବର୍ତ୍ତମାନ କୁଆଡେ ଯିବା ଅବସ୍ଥାରେ ଥାଆନ୍ତି ବା ଦୈବାତ ସ୍ୱାମୀଜୀଙ୍କୁ କେଉଁଠାରେ ଦେଖନ୍ତି ତେବେ ପଚାରନ୍ତି ଆପଣ କେବେ ଭଗବାନଙ୍କୁ ଦେଖିଛନ୍ତି କି ଯେ ନିଶ୍ୱାସ ପ୍ରଶ୍ୱାସ ରୂପରେ ଆମର ନିତ୍ୟସାଥି ? ଯଦି ଦେଖିଛନ୍ତି ତେବେ କହନ୍ତୁ ସେ କେଉଁଠି ରହନ୍ତି, କଣ କରନ୍ତି, କାହାପରି ଅଛନ୍ତି, କେଉଁ ଭାଷାରେ କଥା କହନ୍ତି ଓ କଣ କଣ ଭଲ ପାଆନ୍ତି ? ସମସ୍ତେ ତ କହୁଛନ୍ତି ସେ ସବୁ ଜାଣନ୍ତି, ସବୁ ଶୁଣନ୍ତି, ସବୁ କରନ୍ତି, ସମସ୍ତଙ୍କୁ ସମାନ ଭଲ ପାଆନ୍ତି ଓ ମନ ଜାଣି ଫଳ ଦିଅନ୍ତି । କିନ୍ତୁ ଆପଣ ତାର ସ୍ପଷ୍ଟ ପ୍ରମାଣ କଣ ପାଇଛନ୍ତି ବା କଣ ଦେଖିଛନ୍ତି ତାର ଗୋଟିଏ ଦୁଇଟି ଦୃଷ୍ଟାନ୍ତ ଦେବାକୁ ଇତସ୍ତତଃ କାହିଁକି ହେଉଛନ୍ତି ?

ଅନୁଶୀଳନୀ—୯୪ (କ)

ପାତ୍ର ଜିନିଷପତ୍ର ଦେଶକାଳପାତ୍ର ଚିତ୍ର ମାନଚିତ୍ର ଅନ୍ୟତ୍ର ମାତ୍ର ମିତ୍ର ମନ୍ତ୍ରୀ । ମିତ୍ରତା କ୍ଷେତ୍ର କ୍ଷୁଦ୍ର କ୍ଷୁଦ୍ରତା ଏକଛତ୍ର ଅନ୍ତର ଅନ୍ତର୍ଯ୍ୟାମୀ ଅନ୍ତରାଳ ସଂସ୍କାର ସଂସ୍କୃତ ସଶସ୍ତ୍ରୀକରଣ ଶାସ୍ତ୍ରଜ୍ଞ ସଂଗ୍ରହ ସଂଗୃହୀତ ସଂଗ୍ରାହକ ସତର୍କ ଅବାନ୍ତର ପଟାନ୍ତର ତରତର ନେତୃତ୍ୱ ଉତ୍ତରୋତ୍ତର ସମ୍ପୂର୍ଣ୍ଣ ଏକତ୍ର ଏକତ୍ରିତ କେନ୍ଦ୍ର କେନ୍ଦ୍ରୀୟ କେନ୍ଦ୍ରୀଭୂତ ।

ଅନୁଶୀଳନୀ--୯୫



ଅନୁଶୀଳନୀ—୯୬

ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଅନୁରୋଧ କ୍ରମେ ସର୍ଦ୍ଦାର ଧୁରନ୍ଧର କହିଦାର ନିଜ ମାତୃଭାଷା ପଞ୍ଜାବୀରେ ଯେଉଁ ବେତାର ଭାଷଣ ଦେଲେ ଓ ଜନୈକ ଅଧସ୍ତନ-ମନ୍ତ୍ରୀ ତାର ଯେଉଁ ବ୍ୟାଖ୍ୟା ଓ ତର୍ଜମା କଲେ ବହୁ ଭଦ୍ରଲୋକ ତାହା ଶୁଣି-ଛନ୍ତି । ତାଙ୍କ ଭାଷଣର ବିଷୟବସ୍ତୁ ଏପରି କିଛି କଷ୍ଟକର ନଥିଲା ବା ସେ ଏପରି କୌଣସି ଅବାନ୍ତର କଥା କହି ନ ଥିଲେ ଯେଉଁଥି ପାଇଁ ସେ ନିନ୍ଦାର ପାତ୍ର ହେବେ । ସେ କହିଥିଲେ କୌଣସି ଦେଶ ପାଇଁ ଗଣତନ୍ତ୍ର ବା ପ୍ରଜାତନ୍ତ୍ର ଶାସନ ଦରକାର ଅଥବା ରାଜତନ୍ତ୍ର ବା ଏକଛତ୍ର ଶାସନ ଲୋଡ଼ା ସେ ସିଦ୍ଧାନ୍ତ ନେବାକୁ ଏକମାତ୍ର ସେହି ଦେଶର ଜନସାଧାରଣହିଁ ହକ୍‌ଦାର ବା ଅଧିକାରୀ, ଅମଲାତନ୍ତ୍ର ନୁହେଁ । କାରଣ ଶାସନକୁ ନିର୍ମଳ ଓ ନିଷ୍କଳୁଷ ରଖିବା ପାଇଁ ଏପରି ନୀତି ନିୟନ୍ତ୍ରଣ ବା ନୀତି ନିର୍ଦ୍ଧାରଣ ହେବା ଆବଶ୍ୟକ ଯେପରି ପ୍ରତ୍ୟେକ ନାଗରିକ ନିଜ ନିଜର କର୍ତ୍ତବ୍ୟ ଓ ଅଧିକାର ବିଷୟରେ ସଚେତନ ହେବେ ଓ ଗଭୀର ଆନ୍ତରିକତା ସହକାରେ ନିଜ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ତୁଲାଇବା ଲାଗି ଯଥାର୍ଥ ଭାବରେ ଜିମାଦାର ହେବେ । ତା ନ ହେଲେ ଦେଶ ଭିତରେ ହାଣକାଟ, ଷଡ଼ଯନ୍ତ୍ର, ଅନ୍ତର୍ଘାତୀ କାର୍ଯ୍ୟ ଇତ୍ୟାଦିର ଅବକାଶ ରହିବ ଓ ଆଭ୍ୟନ୍ତରୀଣ ଶାନ୍ତି ରକ୍ଷା ଲାଗି ଏକ ଦିଗରେ ସ୍ୱତନ୍ତ୍ର ଆଇନ ଓ ଅନ୍ୟ ଦିଗରେ ସ୍ୱତନ୍ତ୍ର ପୋଲିସର ଆବଶ୍ୟକତା ଉପୁଜିବ । ଏହି ପରି ଭାବରେ ଗଣତନ୍ତ୍ର ଶାସନ କାଳକ୍ରମେ ଏକଛତ୍ର ଶାସନରେ ରୂପାନ୍ତରିତ ହେବାର ବହୁ ଦୃଷ୍ଟାନ୍ତ ପୃଥିବୀ ଇତିହାସରେ ରହିଛି ।

ଅନୁଶୀଳନୀ—୯୭

ପଲଙ୍କ ମାନସାଙ୍କ ସଂକ୍ଷେପ ଅଙ୍କୁଶ ନିରଙ୍କୁଶ ମେଣ୍ଢା ଫାନ୍ଦ । ଫାଙ୍କ ନିଅଁ ନିଆଁ ମଙ୍ଗଳ ସଙ୍ଗୀତ ଅଙ୍ଗୀକାର ଅନ୍ତର୍ଦ୍ଧାନ । ଅନ୍ତର୍ଦ୍ଦାହ ପାଣ୍ଡୁଲିପି ଶଣ୍ଢ ଆସି ଲୁଣ୍ଠେମୋଟ ସନ୍ଧାନ ସୁତରାଂ ପାଠ୍ୟ ବନ୍ଧୁ ପଣ୍ଡିତ । ପାଠଶାଳା ସଂଯୋଜକ ସାଷ୍ଟାଙ୍ଗ କଲଙ୍କ ସ୍କନ୍ଦ ଲଣ୍ଠନ ସନ୍ଦିଗ୍ଧ ମଂଗ ସଂଗଠିତ ବଣ୍ଟୁଆରା ।

ଅନୁଶୀଳନୀ-୧୦୦



ଅନୁଶୀଳନୀ--୧୦୧

ହେ ପାନ୍ଥ, ତୁମ ବାହୁରେ ସୁବର୍ଣ୍ଣ କଙ୍କଣ, କପାଳରେ ସିନ୍ଦୂର ଚନ୍ଦନ, ହସ୍ତରେ ପଞ୍ଜିକା ଦେଖି ମନେହୁଏ ତୁମେ ଜଣେ ବଙ୍ଗାଳୀ ଗଣକ ବା ତୈଲଙ୍ଗୀ ଭୈଷଜ । ତୁମେ ଗଣକ ହୋଇଥିଲେ ସଙ୍ଗେ ସଙ୍ଗେ ଗଣନା କରି କହିପାରିବକି କେବେ ମୋର ପ୍ରାଣନାଥ ବିଦେଶିନୀ ପ୍ରିୟାର ଅଞ୍ଚଳ ତ୍ୟାଗ କରି ଜଞ୍ଜାଳ ଲଗାଇବାକୁ ମୋ ପାଖକୁ ଫେରି ଆସିବେ ? ତୁମେ ଯଦି ଭୈଷଜ ଅତି ସନ୍ତର୍ପଣରେ ମୁଁ ତୁମର ପରାମର୍ଶ ଲୋଡ଼ୁଛି କେଉଁ ଅଞ୍ଜନ ଆଖିରେ ଲଗାଇଲେ ମୋର ଅନ୍ଧୁଣୀ ଶାଶୂ ସନ୍ଧ୍ୟାବେଳେ ରାମାୟଣ ପଢ଼ି-ପାରିବେ ? ମୋ ପ୍ରଶ୍ନର ନିର୍ଭୁଲ ଉତ୍ତର ଦେଲେ ମୁଁ ତୁମର ମନୋବାଞ୍ଛା ଅବଶ୍ୟ ପୂରଣ କରିବି ବୋଲି ନିର୍ଭର ଜବାବ ଦେଉଛି । ପ୍ରଶ୍ନର ଢଙ୍ଗରୁ ପାନ୍ଥ ପ୍ରେମ ଆବେଦନର ଅସ୍ପଷ୍ଟ ଇଙ୍ଗିତ ପାଇବା ସଙ୍ଗେ ସଙ୍ଗେ ସ୍ପଷ୍ଟ ବୁଝି-ପାରିଲେ ଯେ ସେହି ପ୍ରେମ କାଙ୍ଗାଳିନୀ ରମଣୀ ସ୍ୱାମୀ ଓ ଶାଶୁ ଉଭୟ ଜଞ୍ଜାଳରୁ ମୁକ୍ତ ଏବଂ ଏ ଅଭିନବ ପ୍ରଶ୍ନ ନୈଶ ଆମନ୍ତ୍ରଣର ଗୋପନ ସଙ୍କେତ । ସ୍ୱୟଂ କବି କାଳିଦାସ ଯେଉଁଠି ଆମନ୍ତ୍ରିତ ଅତିଥି ସେଠାରେ ଅସଂଯତ ଢଙ୍ଗ ଅନବଦ୍ୟ କାବ୍ୟରେ ରୂପାନ୍ତରିତ ହେବା ଅବାନ୍ତର କାହିଁକି ହେବ ?

ଚମ୍ପା ଝମ୍ପା କମ୍ପନ କମ୍ପମାନ ବାମ୍ପି ବମ୍ଭେ ଆମ୍ବ ଅମ୍ବିକା । ମୌଚ କମ୍ବୁକ ଦମ୍ଭ ତମ୍ପ ଲମ୍ଫ ପ୍ରକମ୍ପ ପରମ୍ପରା ବିଳମ୍ବ ଅମ୍ବୁଷ୍ଣ । ଭ୍ରାନ୍ତ ଅଭ୍ରାନ୍ତ ସମ୍ପ୍ରଦାନ ସମ୍ବଳ ନିଃସମ୍ବଳ ବହ୍ନି ଜହ୍ନି ଚିହ୍ନ ମଧ୍ୟାହ୍ନ । ସମ୍ଭବ ଅସମ୍ଭବ ସମ୍ଭାବନା ସନ୍ମାର୍ଗ ଷାଣ୍ମାସିକ, ସାମୀନାର୍ହ, ଘୃଣାର୍ହ ଧନ୍ୟବାଦାର୍ହ । ସମ୍ମାନାର୍ହ ସମ୍ବାଦ ବିସମ୍ବାଦ ସମ୍ପଦ ଗହଳ କୌତୂହଳ ଆଡ଼ମ୍ବର ଦିଗମ୍ବର ମୁଗ୍ଧ ତନ୍ମୟ ।

ଅନୁଶୀଳନୀ-୧୦୪



ଅନୁଶୀଳନୀ--୧୦୫

ଚମ୍ପା ବାମ୍ପିରୁ ପାଣି ଆଣିବାକୁ ଯାଇ ଦେଖିଲା କେମିତି ମହନା କାନ୍ଧରେ ଗୋଟିଏ ନୂଆ କମ୍ବଳ ପକାଇ ପଞ୍ଚାୟତ ଅଫିସରୁ ବାହାରି ବ୍ରାହ୍ମଣ ସାହି ଆଡ଼େ ଯାଉଛି । ମହନା ସହିତ ଚମ୍ପାର ଅନ୍ତରଙ୍ଗ ସମ୍ପର୍କ । ଚୋରି କରିବା ଯେ ମହନାର ବଂଶ ପରମ୍ପରା ସେ କଥା ଚମ୍ପା ବେଶ ଜାଣେ । କିନ୍ତୁ ଏହି ଅଳସ ଅପରାହ୍ନରେ କେମିତି ପଞ୍ଚାୟତ ସମିତି ଅଫିସ ଘରୁ କମ୍ବଳ ଚୋରି କରିବାର ସମ୍ଭାବନା ଚମ୍ପାକୁ ସମ୍ପୂର୍ଣ୍ଣ ଅସମ୍ଭବ ବୋଧ ହେଲା । ତଥାପି ପ୍ରକୃତ ଘଟଣା କଣ ସେ ସମ୍ବନ୍ଧରେ ଜାଣିବା ପାଇଁ ତା ମନରେ କୌତୂହଳ ଜନ୍ମିଲା । ସେ ତାହା ସମ୍ବରଣ କରି ନ ପାରି ପଞ୍ଚାୟତ ସମିତି ଅଫିସ ଘର ଆଡ଼େ ମୁହାଁ-ଇଲା । ଅହୋରାତ୍ର ନାମ ସଂକୀର୍ତ୍ତନ କରିବା ଓ ଅହର୍ନିଶ ନାମର ସେବା କରିବା

ଯେଉଁମାନଙ୍କର ବଂଶ ପରମ୍ପରା ସେମାନେ ପୂଜାର୍ହ । ପଙ୍କରୁ କେବଳ ପଙ୍କଜ ଜନ୍ମ ହୁଏ ନାହିଁ, କୁମୁଦ, କହ୍ଲାର, ଶୈବାଳ ମଧ୍ୟ ଜନ୍ମ ହୁଅନ୍ତି କିନ୍ତୁ ଅରବିନ୍ଦ କେବଳ ପଙ୍କଜ ନାମକୁ ସାର୍ଥକ କରେ । କଳୁଷିତ ପରମ୍ପରାରୁ ରସ ଆହରଣ କରି ମଧ୍ୟ ଅରବିନ୍ଦ ପରି ଶୁଭ୍ର ସୁନ୍ଦର ହେବାର ସମ୍ଭାବନା ଚିରକାଳ ରହିଛି ।

ଅନୁଶୀଳନୀ--୧୦୮

ଅଧଃପତନ ଅଧଃପତିତ ଅଧ୍ୟବସାୟ ଅବକ୍ଷୟ ଅବଜ୍ଞା ଇତ୍ୟବସର ଅବତୀର୍ଣ୍ଣ ଦୁର୍ଦ୍ଦାନ୍ତ ଦୁର୍ଦ୍ଧର୍ଷ ଦୁର୍ନୀତି । ଦୁଷ୍ପ୍ରବୃତ୍ତି ଅନୁଷ୍ଠାନ ଅନୁଷ୍ଠିତ ଅନୁମୋଦକ ଅନୁପାତ ତଦନୁପାତ ଉଦ୍‌ବେଗ ଉଦ୍ରେକ ଉତ୍ପାଦକ ଉତ୍ପାଦନକାରୀ । ଉତ୍ପନ୍ନ ଉତ୍ପାତ ଉତ୍ପତ୍ତି ଉପନିଷଦ ଉଦ୍‌ଗ୍ରୀବ, ଉତ୍ଥାନ, ଉତ୍ଥାପିତ ଉତ୍କୋଚ ଉନ୍ମାଦ କନ୍‌ଭେନସନ କଣ୍ଟ୍ରୋଲ ମହାଜନ । ମହାପୁରୁଷ ମହୋତ୍ସବ ସର୍ବନାଶ ସର୍ବସ୍ୱ ପ୍ରସାରଣ ପ୍ରସାରିତ ପ୍ରସାଧନ ପରିତ୍ୟାଗ । ଉପାସନା ଉପଶମ ସର୍ବଶ୍ରେଷ୍ଠ ଉପକାର ଉପକୃତ ଘୃଣାର୍ହ ସମ୍ମାନାର୍ହ ଧନ୍ୟବାଦାର୍ହ ଶ୍ରଦ୍ଧା ଉପାସକ ।

ଅନୁଶୀଳନୀ-୧୦୯



ଅନୁଶୀଳନୀ—୧୧୦

ଜିଲ୍ଲାପାଳ ମହୋଦୟ ମରୁଡ଼ିଗ୍ରସ୍ତ ଅଞ୍ଚଳ ପରିଭ୍ରମଣ କରି ଲୋକଙ୍କ ଅବସ୍ଥା ସ୍ୱଚକ୍ଷୁରେ ଦେଖିଥିଲେ ଏବଂ ବିଭିନ୍ନ ପଞ୍ଚାୟତ ସମିତିରେ ସଭ୍ୟମାନଙ୍କ ସହିତ ବିଭିନ୍ନ ପ୍ରତିକାର ଓ ପ୍ରତିଷେଧକ ବ୍ୟବସ୍ଥା ସମ୍ବନ୍ଧରେ ଆଲୋଚନା କରିଥିଲେ । ସେ ଯେଉଁ ରିପୋର୍ଟ ସରକାରଙ୍କୁ ଦେଇଛନ୍ତି ତାହା ମୁଁ ଗୃହରେ ଉପସ୍ଥାପନ କରୁଛି । ସେଥିରେ ସେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି ଯେ ବିଭିନ୍ନ ସରକାରୀ ବ୍ୟବସ୍ଥା ସହିତ ସକ୍ରିୟ ସହଯୋଗ କରିବା ଲାଗି ଲୋକଙ୍କ ଭିତରେ ଉତ୍ସାହ ଉଦ୍ଦୀପନାର ଅଭାବ ନାହିଁ । କିନ୍ତୁ ଯେଉଁମାନେ ଦାୟିତ୍ୱରେ ଅଛନ୍ତି ସେମାନଙ୍କର ଉଦାସୀନତା ଓ ଦୂରଦୃଷ୍ଟିର ଅଭାବ ଏବଂ ସ୍ଥଳବିଶେଷରେ ଦୁର୍ନୀତି ଓ ଦୁରାଗ୍ରହ ଯୋଗୁଁ ତାହା କାର୍ଯ୍ୟରେ ପ୍ରତିଫଳିତ ହୋଇ ପାରୁନାହିଁ ! ତା ଛଡ଼ା ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଧ୍ୱସ୍ତ ହୋଇ ପଡ଼ିଲଣି, ଖାଦ୍ୟ ସାମଗ୍ରୀ ଦୁର୍ଲଭ, ଦୁର୍ମୂଲ୍ୟ ଓ ଦୁଷ୍ପ୍ରାପ୍ୟ ହେଲଣି, ଦୁର୍ଭିକ୍ଷର ପଦଧ୍ୱନି ଶୁଣି ଲୋକେ ଉଦ୍‌ବେଗ ଓ ଉତ୍କଣ୍ଠାରେ କାଳାତିପାତ କରୁଛନ୍ତି ଏବଂ ଉତ୍ପାଦନକାରୀମାନେ ସଂଗଠିତ ଭାବରେ ସରକାରୀ ଅନୁମୋଦିତ ଦରରେ ଧାନଚାଉଳ ସଂଗ୍ରହ ବ୍ୟବସ୍ଥାର ପ୍ରକାଶ୍ୟ ବିରୋଧ କରୁଛନ୍ତି ଇତ୍ୟାଦି ଯେଉଁସବୁ ଅଭିଯୋଗ ହେଉଛି ସେସବୁର କୌଣସି ଭିତ୍ତି ନାହିଁ ବା ସେଭଳି କୌଣସି ଅଭିଯୋଗ କେହି ଲିଖିତ ବା ମୌଖିକ ଭାବରେ କରିନାହାନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି । ଅତଏବ ସେ ସମ୍ବନ୍ଧରେ ଅନୁସନ୍ଧାନ କରିବାର ଅବକାଶ ନାହିଁ । କମ୍ପ୍ୟୁଟର ଦ୍ୱାରା କଣ୍ଟ୍ରୋଲ ଜିନିଷ ବଣ୍ଟନ କରାଗଲେ ଦୁର୍ନୀତିର ଅବକାଶ ରହନ୍ତା ନାହିଁ ବୋଲି ଯାହା କୁହାଯାଉଛି ସେ ବିଷୟ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ବିଚାରାଧୀନ ଅଛି ।

ଅନୁଶୀଳନୀ—୧୧୧

ଅନ୍ଧକାରମୟ ଆନନ୍ଦମୟ ପିତାମହ ପିତାମହୀ ଅଭାବନୀୟ ଅସହନୀୟ ଲୋଭନୀୟ ଆକର୍ଷଣୀୟ ଗୋଟିକିଆ । ବର୍ଷିକିଆ ଦିବର୍ଷିଆ ଗୋଲମାଳିଆ ଦୋନାବଡ଼ିଆ ଅବିସ୍ମରଣୀୟ ଗୋପନୀୟ ଉତ୍ସାହଜନକ ବିଘ୍ନଜନକ । ଅବାଂଛନୀୟ ଆଶଙ୍କାଜନକ ପାରଙ୍ଗମ ଅନିନ୍ଦନୀୟ ଦର୍ଶନୀୟ ମାହାଳିଆ ସ୍ପୃହଣୀୟ । ହୃଦୟହୀନ ବଳହୀନ ମନୁଷ୍ୟତ୍ୱହୀନ ଗୁଣହୀନ ମାନନୀୟ ଶକ୍ତିହୀନ ଡକାୟତମାନେ ଦଶଟା ଗାଡ଼ି ଦୁଇଟି ପିଲ ।



ଅନୁଶୀଳନୀ—୧୧୪

ବର୍ତ୍ତମାନ ପୃଥିବୀରେ ଯେଉଁସବୁ ଧନହୀନ ଓ ବିକାଶଶୀଳ ରାଷ୍ଟ୍ର ଅଛନ୍ତି ଭାରତ ସେମାନଙ୍କ ମଧ୍ୟରେ ଅନ୍ୟତମ । ଏସବୁ ଦେଶରେ ଅଗଣିତ ଭୂମିହୀନ ଓ ବାସହୀନ ଲୋକ ଅଛନ୍ତି । ସବୁଜ ବିପ୍ଳବ ଫଳରେ ଭାରତରେ ଖାଦ୍ୟଦ୍ରବ୍ୟର ଅଭାବ ନ ଥିଲେ ମଧ୍ୟ ଜନସଂଖ୍ୟା ଯେପରି ଭାବରେ ବଢ଼ି ଚାଲିଛି ତାହା ଆଦୌ ବାଞ୍ଛନୀୟ ନୁହେଁ । ଭାରତର ଗୌରବମୟ ଅତୀତ ଗାଥା ବାରମ୍ବାର ସ୍ମରଣ କଲେ ଭବିଷ୍ୟତ ନୈରାଶ୍ୟଜନକ ଓ ଅନ୍ଧକାରମୟ ପରିବର୍ତ୍ତେ ଆଶା-ଜନକ ଓ ଆଲୋକମୟ ବୋଧହେବ । ସାଧାରଣତଃ ବଗୁଲିଆ ପିଲାମାନେ ପରିଣତ ବୟସରେ କାହିଁକି ଶାନ୍ତଶିଷ୍ଟ ଓ ଉତ୍ତମ ନାଗରିକ ହୁଅନ୍ତି ତାର କୌଣସି ବୋଧଗମ୍ୟ କାରଣ ନାହିଁ । ଅଲସୁଆ ଲୋକଙ୍କ ପିଲାଳିଆ ଢଙ୍ଗରୁ ଆମର ଶିକ୍ଷଣୀୟ ବା ଅନୁକରଣୀୟ କିଛିନାହିଁ । ପ୍ରତି ନିଃଶ୍ୱାସ ଓ ପ୍ରତି ପ୍ରଶ୍ୱା-ସରେ ପ୍ରେମମୟ ଆନନ୍ଦମୟ ପ୍ରଭୁଙ୍କ ନିତ୍ୟ ଉପସ୍ଥିତି ସ୍ମରଣ ମନନ କର, ଦେଖିବ ଜୀବନ ଓ ମରଣ ଉଭୟ ଆନନ୍ଦମୟ ଓ ଅମୃତମୟ ହେବ । ସାମାନ୍ୟ ଟଙ୍କା କେଇଟା ପାଇଁ କୌଣସି ସଂକୀର୍ତ୍ତନ ମଣ୍ଡଳୀ ଏଭଳି ଆପତ୍ତିଜନକ କାର୍ଯ୍ୟରେ ଲିପ୍ତହେବା କେବଳ ଅଶୋଭନୀୟ ନୁହେଁ, ଏହା ଏକ ଅକ୍ଷମଣୀୟ ଅପରାଧ ।

ଅନୁଶୀଳନୀ—୧୧୬

ସ୍ୱେଚ୍ଛାସେବକ ଛିନ୍ନ ଛନ୍ନ ଉଚ୍ଛ୍ୱାସ ଉଶ୍ୱାସ ବତ୍ସଳ ବାତ୍ସଲ୍ୟ ବାତୁଲତା ଚଟୁଳତା ଚଞ୍ଚଳ । ଶୃଙ୍ଖଳ୍ୟ ଚଣ୍ଡାଳ ଚକ୍ରୀ ଚକ୍ରାନ୍ତ ଚକ୍ରାଧାରୀ ପ୍ରଚଣ୍ଡ ପ୍ରହାର ପ୍ରଗ୍ରହ ପଶ୍ଚାତ୍ପଦ । ପ୍ରଚଳନ ପ୍ରରୋଚନା ପ୍ରରୋଦନା ପ୍ରବଚନ ବିଚକ୍ଷଣ ବିଗ୍ରହ ସୁବିଗ୍ରହ ବିବେଚନା ଅଚେନତ । ବିବେଚିତ ବ୍ୟବସ୍ଥିତ ବାଛବିଚାର ଚିତ୍ରକାର ବସିଛି ବସୁଛି ମିଶିଛି ମିଶୁଛି ଲେଖିଛି ଲେଖୁଛି ଦେଇଛି । ଦେଉଛି ଦେଖିଛି ଦେଖୁଛି ଦୃଷ୍ଟିନ୍ଦ୍ରୀ ନିମନ୍ତ୍ରଣ କୁତ୍ସିତ ମୂର୍ଚ୍ଛିତ ମାର୍ଜିତ ପାଚକ କାଙ୍କ୍ଷ ।

ଅନୁଶୀଳନୀ—୧୧୭

ମୋ ବିବେଚନାରେ ଖାଲି ଆଇନ ପାଶ କରିଦେଲେ ଯେ ଛୁଆଁ ଅଛୁଆଁ ଭେଦଭାବ ଦୂର ହୋଇଯିବ ତାହା ନୁହେଁ । କାରଣ ଚିକିତ୍ସିତ ଓ ଚିକିତ୍ସକଙ୍କ ଚିନ୍ତାଧାରା ଯେପରି ଭିନ୍ନ ହେବା ସ୍ୱାଭାବିକ ଏ କ୍ଷେତ୍ରରେ ମଧ୍ୟ ତଦ୍ରୂପ ହେବା ସୁନିଶ୍ଚିତ । ଯେଉଁମାନଙ୍କୁ ଆମେ ଅସ୍ପୃଶ୍ୟ ବୋଲି ଘୃଣାକରୁ ସେମାନେ ଯେପରି ଉପଯୁକ୍ତ ଶିକ୍ଷାଦୀକ୍ଷା ଲାଭ କରି କୁତ୍ସିତ କାର୍ଯ୍ୟରେ ଲିପ୍ତ ନ ହେବେ ସେ ବ୍ୟବସ୍ଥା ଆମକୁ କରିବାକୁ ହେବ । ସମ୍ପଦର ଅଧିଷ୍ଠାତ୍ରୀ ଦେବୀ ଲକ୍ଷ୍ମୀଙ୍କୁ ଚଞ୍ଚଳା କୁହାଯାଏ ଏବଂ ଏକଦା ଶ୍ରୀକୃଷ୍ଣାରୁଣୀ ତାଙ୍କୁ ପୂଜାର୍ଚ୍ଚନାରେ ବିଶ କରିଥିଲି ବୋଲି ପ୍ରବାଦ ଅଛି । ତାହା ସତ୍ୟ କି ଅସତ୍ୟ ତାହା ବିଶ୍ଳେଷଣ ବିଷୟ ନୁହେଁ । କାରଣ କୌଣସି ବିଚକ୍ଷଣ ଓ ବିଶ୍ୱରବନ୍ଦ୍ୟ ଲୋକଙ୍କୁ ଏ ସମ୍ପର୍କରେ ତାଙ୍କର ସ୍ୱତନ୍ତ୍ର ମତାମତ ଦେବାକୁ ଯଦି କୁହାଯାଏ ତେବେ ସେ କହିବେ ସମ୍ପଦ ଓ ସଦାଚାର ଏକାର୍ଥବାଚକ ଏବଂ ଲକ୍ଷ୍ମୀ ସମ୍ପଦ ଓ ସଦାଚାର ଉଭୟର ପ୍ରତୀକ । ତେଣୁ ସେ ଛୁଆଁ ଅଛୁଆଁ ଇତ୍ୟାଦି ଲୌକିକ ବାଛବିଚାରକୁ ଭ୍ରୂକ୍ଷେପ ନ କରି ସଦାଚାରୀ ଲୋକ ପ୍ରତି ଚିରପ୍ରସନ୍ନ ।

ଅନୁଶୀଳନୀ--୧୧୮

ଅବିଶ୍ୱାସ ଅନ୍ୟନୋପାୟ ଉପରୋକ୍ତ ଅନଧିକାରୀ ଅନନ୍ୟସାଧାରଣ ଅନାବଶ୍ୟକ ଅକର୍ତ୍ତବ୍ୟ । ନିରୁପାୟ ଅସାଧାରଣ, ନିରପେକ୍ଷ ବିଶେଷତ୍ୱ ଆଞ୍ଚ-ଳିକ ଆର୍ଥିକ ଅଗଣତାନ୍ତ୍ରିକ ପ୍ରତୀକ ସାହିତ୍ୟିକ । ସୁସାହିତ୍ୟିକ ସୁନିୟନ୍ତ୍ରଣ ସୁନିୟନ୍ତ୍ରିତ ଡ଼ାକ୍ତରଖାନା ନ୍ୟସ୍ତସ୍ୱାର୍ଥ ପ୍ରଚେଷ୍ଟା ପ୍ରବର୍ତ୍ତନ ପ୍ରବର୍ତ୍ତକ ବିଶ୍ୱାସ-ଭାଜନ । ବିଶ୍ୱାସଘାତକ ମଧ୍ୟମ ମାଧ୍ୟମିକ ଗ୍ରାମାଞ୍ଚଳ ପ୍ରସ୍ତାବକ ପ୍ରସ୍ତାବନା ପ୍ରତିଷ୍ଠାତା ।

ଅନୁଶୀଳନୀ--୧୨୭

ନିରପେକ୍ଷ ଭାବରେ ବିଚାର କଲେ ସ୍ପଷ୍ଟ ବୁଝାଯିବ ଯେ ସଂସାରରେ ଏପରି କୌଣସି ପ୍ରାଣୀ ବା ବସ୍ତୁ ନାହିଁ ଯାହା ଅକାରଣ ସୃଷ୍ଟ ହୋଇଛି ବା ଯାହା ସମ୍ପୂର୍ଣ୍ଣ ଅନାବଶ୍ୟକ ବା ଅଦରକାରୀ । ପ୍ରତ୍ୟେକର କିଛି ନା କିଛି ଆବଶ୍ୟକତା ଅବଶ୍ୟ ରହିଛି । ସଚ୍ଚିନ୍ତାର ମୃତ୍ୟୁ ନାହିଁ । ଏ ବିଶ୍ୱାସ ସୁଦୃଢ଼ ଓ ସୁପ୍ରତିଷ୍ଠିତ ହେଲେ ଅସତ୍ ଚିନ୍ତା ପରିହାର କରିବା ଅପେକ୍ଷାକୃତ ସହଜ ହେବ । ଯାନବାହାନର ଚଳାଚଳ ସୁନିୟନ୍ତ୍ରିତ ହେଲେ ଯେ ଦୁର୍ଘଟଣା ଆଦୌ ନ ଘଟିବ ଏକଥା ନିଃସନ୍ଦେହରେ କହିବା କଷ୍ଟକର । ସୁସାହିତ୍ୟିକ ଓ ସୁଲେଖକଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କେବଳ ଏକ ସୁପ୍ରତିଷ୍ଠିତ ପରମ୍ପରାର ଅନୁବର୍ତ୍ତନ ନୁହେଁ ଏହା ଏକ ନୈତିକ ଦାୟିତ୍ୱ । ଜୀବନରେ ଉନ୍ନତି କରିବାକୁ ହେଲେ ସମସ୍ତ ଅସମସ୍ତର ଜ୍ଞାନଥିବା ଯେତିକି ଆବଶ୍ୟକ ସମୟ ଓ ସୁବିଧାର ସଦୁପଯୋଗ ବିଷୟକ ଜ୍ଞାନ ତତୋଽଧିକ ଆବଶ୍ୟକ । ସେତିକି ନଥିଲେ କୌଣସି ଉଦ୍ୟମ ସଫଳ ହେବ ନାହିଁ ବା ତାର ସମ୍ପୂର୍ଣ୍ଣ ସୁଫଳ ଲଭ୍ୟ ହେବ ନାହିଁ ।

ଅନୁଶୀଳନୀ--୧୨୮

୧୯୯୨ ମସିହା ଏପ୍ରିଲ ୨୨ ତାରିଖ ଦିନ ୧୦-୩୦ ବେଳେ ଗଣିତ ପରୀକ୍ଷା ହେବ ବୋଲି ଆଗରୁ ନୋଟିସ ଦିଆଯାଇଥିଲା ଏବଂ ହଜାର ହଜାର ପରୀକ୍ଷାର୍ଥୀ ସେଦିନ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ଥିଲେ । କୌଣସି କାରଣରୁ ୧୧ଟା୩୦ ବେଳେ ଆମକୁ ଗଣିତ ପ୍ରଶ୍ନ ଦିଆଗଲା କିନ୍ତୁ ଅଧିକ ସମୟ ଦିଆ-ଗଲା ନାହିଁ । ତା' ଛଡ଼ା ମୁଦ୍ରଣ ପ୍ରମାଦରୁ ଚତୁର୍ଥ, ପଞ୍ଚମ ଓ ସପ୍ତମ ପ୍ରଶ୍ନରେ ହେକ୍ଟର ପରିବର୍ତ୍ତେ ଏକର, କେଜି ପରିବର୍ତ୍ତେ କ୍ୱିଣ୍ଟାଲ, ମିଟର ପରିବର୍ତ୍ତେ ଲିଟର ଲେଖାଯାଇଥିବାରୁ ସେ ୩ଟି ପ୍ରଶ୍ନ ବୋଧଗମ୍ୟ ହୋଇ ନଥିଲା । ସେହିଭଳି ପ୍ରଥମ ଓ ଦ୍ୱିତୀୟ ପ୍ରଶ୍ନ ମଧ୍ୟ ଦୁର୍ବୋଧ ଥିଲା । ପ୍ରଥମ ପ୍ରଶ୍ନ ଥିଲା ଗୋଟିଏ କୃଷି ଫାର୍ମର ମୋଟ ଜମିର ପରିମାଣ ୨୩୯୮ ହେକ୍ଟର । ସେଥିରୁ ୧୩୨୮ ହେକ୍ଟର ଜମିରେ କଦଳୀ ଚାଷ ହୁଏ, ଏକଚତୁର୍ଥାଂଶ ଜମିରେ ଆଖୁଚାଷ ହୁଏ ଏବଂ ଅବଶିଷ୍ଟ ଜମିରେ ଫଳଚାଷ ହୁଏ । ମୋଟ ବାର୍ଷିକ ଆୟ ୨୭ ଲକ୍ଷ ୩୦ ହଜାର ୫୦୦ ଟଙ୍କା ହେଲେ ଏବଂ ଏକର ପିଛା ଲାଭ କଦଳୀ ଚାଷରୁ ଟ ୧୨୮୦ ଙ୍କା ଏବଂ ଫଳ ଚାଷରୁ ଟ ୧୮୩୭ ଙ୍କା ହେଲେ ଆଖୁଚାଷରୁ ହେକ୍ଟର ପିଛା କେତେ ଲାଭ ହୁଏ ? ଦ୍ୱିତୀୟ ପ୍ରଶ୍ନ ଥିଲା ସାଢ଼େ ଚାରିଫୁଟ ଲମ୍ବ ଦେଢ଼ ମିଟର ଚୌଡ଼ା ଅଢ଼େଇ ମିଟର ଗଭୀର ଗର୍ତ୍ତରୁ କେତେ ଘନଫୁଟ ମାଟି ମିଳିପାରିବ ?

ଆମ ଗଣିତ ଶିକ୍ଷକ କହୁଥିଲେ ଏଥର ଶତକଡ଼ା ୨୦ ପରୀକ୍ଷାର୍ଥୀ ଗଣିତରେ ପାସ କରିବେ କି ନାହିଁ ସନ୍ଦେହ ।

ଅନୁଶୀଳନୀ--୧୩୦

ହର ହରି ହାର ଆହାର ହରଣ ହରିଣ ଅପହରଣ ହରେକ ହରକତ ହରସ ମେଲେରିଆ । ଅନୁରୂପ ତଦନୁରୂପ ଜନରବ ଜନାନ୍ତିକ, ମଉଳିବ ବିକଳ ବ୍ୟାକୁଳ ବିକଳାଙ୍ଗ । ସମାନ୍ତରାଳ, କେନ୍ଦ୍ରୀୟ, କେନ୍ଦ୍ରୀଭୂତ ପରିଷ୍କାର ପୁରସ୍କାର ପୁଷ୍କରିଣୀ ବିଦେଶ ବିଦ୍ୱେଷ ଉପଢୌକନ । ଦୁର୍ନିବାର ଊର୍ଦ୍ଧ୍ୱ ଉର୍ବର ଅନୁର୍ବର ଅନ୍ଧାର ଅନ୍ଧକାର କୁଖ୍ୟାତ ସ୍ଫୀତ ଧୂର୍ତ୍ତ ଉଦାର ଉଦାରତା, ଉଧାର ଉତ୍ତରୋତ୍ତର ଧୃତ ଉଦ୍ଧୃତ ଅପହରଣ ଅପହୃତ ନାଉରିଆ ଶ୍ଳୀଳ ସଲିଳ ।

ଅନୁଶୀଳନୀ--୧୩୧

ଦୁନିଆରେ ଅଛି ଦେଇଥିଲେ ପାଇ ଅର୍ଥାତ୍ କିଛି ଦେଲେ ଯାଇ କିଛି ପାଇବ, ତ୍ୟାଗ କଲେ ହିଁ ଭୋଗର ଅଧିକାର ଉପୁଜିବ । ତାମାନେ ତ୍ୟାଗ ସ୍ୱୀକାର କରିବା ତୁମ ପୁରୁଷକାର ସାପେକ୍ଷ, ଭୋଗ୍ୟବସ୍ତୁ ଲାଭ ହେବା ନ ହେବା ଦୈବର ଇଚ୍ଛାଧୀନ । ଏକଦା ତୁମେ ଯେତେବେଳେ ଟଗର ଫୁଲ ପରି ଶୁଭ୍ର ସୁନ୍ଦର ସୁକୁମାର ଶିଶୁ ଥିଲ ଓ ତୁମକୁ ଦେଖିଲେ ଅନ୍ତର ବିମଳ ଆନନ୍ଦରେ ଉଲ୍ଲସିତ ହେଉଥିଲା ସେତେବେଳେ ତୁମେ ଜାଣି ନ ଥିଲ ଯେ ତୁମ ଜନନୀ ଯଦି ତୁମକୁ ଦଶ ମାସ ଗର୍ଭରେ ଧାରଣ କରି ନିଜ ଅମୂଲ୍ୟ ଯୌବନକୁ ତିଳ ତିଳ କରି ବଳି ଦେଇ ନ ଥାନ୍ତେ ଓ ନିଜ ରକ୍ତରେ ନିଜେ ସ୍ନାନ କରି ନ ଥାନ୍ତେ ତେବେ ତୁମେ ଏ ସୁନ୍ଦର ପୃଥିବୀକୁ ଆସି ନ ଥାନ୍ତ କି ରୂପ ରସ ଗନ୍ଧର କୁହୁକ ସ୍ପର୍ଶ ପାଇ ନ ଥାନ୍ତ । ଆଜି ଯଦି ତ୍ୟାଗର ମହିମା ବୁଝୁଛ ତେବେ ତ୍ୟାଗ କରିବା ପାଇଁ ପ୍ରସ୍ତୁତ ହୁଅ । କିନ୍ତୁ ତ୍ୟାଗ କଲା ଭଳି ସମ୍ବଳ ବା ସମ୍ପଦ ତୁମର ନାହିଁ । ସେଥିପାଇଁ ତୁମେ ସୁଖସ୍ୱାଚ୍ଛନ୍ଦ୍ୟ ଆମୋଦ ପ୍ରମୋଦ ତ୍ୟାଗ କରି ବିଦ୍ୟା ଅଧ୍ୟୟନ କରୁଛ । କାରଣ ତୁମେ ବୁଝିଛ ଯେ ଜ୍ଞାନ ଅପେକ୍ଷା ଆମୋଦ ପ୍ରମୋଦ ନିକୃଷ୍ଟ ଜିନିଷ । ଉତ୍କୃଷ୍ଟକୁ ପାଇବାକୁ ହେଲେ ନିକୃଷ୍ଟକୁ ତ୍ୟାଗ କରିବାକୁ ହେବ । ଏ ନୀତିଶିକ୍ଷା ପରମାତ୍ମାଙ୍କ କୃପାରୁ ତୁମ ଜୀବନର ଆଲୋକବର୍ତ୍ତିକା ହେଉ ।

ଅନୁଶୀଳନୀ—୧୩୮

ସରପଞ୍ଚ . . . ଯନ୍ତ୍ରପାତି . . . ତତ୍ତ୍ୱାବଧାନ . . .
ସୌନ୍ଦର୍ଯ୍ୟ . . .

ଅନୁଶୀଳନୀ—୧୩୯

ନିଅଣ୍ଟିଆ . . . ଜଳସେଚନ . . . ଯାହାଙ୍କରେ . . .
ପ୍ରତିଶ୍ରୁତି . . . ପଦକ୍ଷେପ . . .

ଅନୁଶୀଳନୀ—୧୪୦

କାରଣ ଅନୁସନ୍ଧାନ . . . ଉପାୟ ଉଦ୍ଭାବନ . . . ମନୁଷ୍ୟଜନ୍ମ . . .
କାର୍ଯ୍ୟକଳାପ . . . ମାର୍କସିଜ୍ମ . . . ଜାନୁଆରୀ . . .
ହତହତା . . . ସର୍ବସ୍ୱାନ୍ତ . . . ଆତ୍ମହତ୍ୟା . . .
ଝାଡ଼ଖଣ୍ଡ . . . ଗତାନୁଗତିକଭାବରେ . . .

ଅନୁଶୀଳନୀ—୧୪୧

ମନଗଢ଼ଣ . . . ଉଦ୍ଭାସିତ . . . ହତଭାଗ୍ୟ . . .
ଅବର୍ଣ୍ଣନୀୟ ଅତ୍ୟାଚାର . . . ବର୍ଣ୍ଣନୀୟ ଅବସ୍ଥା . . . ଜନ ସ୍ୱରୂପ . . .
ଧର୍ମାନ୍ତର . . . ପ୍ରତ୍ୟକ୍ଷଦର୍ଶୀ . . . ବାଧ୍ୟହେଲେ . . .
ଲକ୍ଷଲକ୍ଷଲୋକ . . . ଚାଷଜମି . . . ଗାଆଁଲି ଲୋକ . . .
ମାସିକଭତ୍ତା . . .

ଅନୁଶୀଳନୀ—୧୪୨

ନବୀମାତ୍ରକା . . . ପାହାଡ଼ିଆ . . . ଅଜଣିଆ . . .
ସ୍ଥାନୀୟଲୋକ . . . ଫେରିଆସିଲେ . . . ମଣିବାଡ଼ି
ପଳାଇଥିବାରୁ . . .

ଅନୁଶୀଳନୀ—୧୪୩

ଅରକ୍ଷା . . . ହୋଇଥାଏ . . . ସାଧାରଣଲୋକ . . .
ମୌଳିକ ଅଧିକାର . . . ସଂପ୍ରସାରଣ . . . ବାଞ୍ଛନୀୟ . . .
ଯଥୋଚିତ . . . ମାରପେଞ୍ଚ . . . ଏକଚ୍ଛତ୍ରଶାସନ . . .

ଅନୁଶୀଳନୀ—୧୪୪

ସେଥିଲାଗି . . . ସ୍ୱାର୍ଥାନ୍ଧ . . . ଭ୍ରଷ୍ଟାଚାର . . .
ହେବାପରିବର୍ତ୍ତେ . . . ମହାପାପ . . . ଦଣ୍ଡହେବା ଉଚିତ . . .
ଉଲଗ୍ନଭାବରେ ଜାଣୁ . . . କହିଲେ ଚଳେ . . . ଆଜକଣେ . . .

ଅନୁଶୀଳନୀ—୧୪୫

ସେହିଦିନଠାରୁ . . . ଅଭିଜ୍ଞ . . . ଅବାଞ୍ଛିତ . . .
ଭାବବିନିମୟ . . . କରଭାର . . . ସ୍ୱାୟତ୍ତଶାସନ . . .
ସର୍ବତୋଭାବରେ . . . ସାମଞ୍ଜସ୍ୟ . . . ଅପୂର୍ବ-ପର . . .
ମଧ୍ୟବିତ୍ତ ଶ୍ରେଣୀ . . . ବକ୍ତବ୍ୟ . . .

ଅନୁଶୀଳନୀ—୧୪୬

ବିଶେଷକରି . . . କେହି କେହି . . . ଜୀବନ . . .
ହୋଇପାରିଥାନ୍ତା . . . ଚାରିଆଡ଼େ . . . ଆଧିଭୌତିକ . . .
ଗାନ୍ଧିଜୀ . . .

ଅନୁଶୀଳନୀ—୧୪୭

ଫେରିଆସିଛନ୍ତି . . . ଘରଘରରେ . . . ସ୍ୱାଗତକର . . .
ଆମେ ଆଶା କରୁଛୁ . . . ରାଷ୍ଟ୍ରନିର୍ମାଣ . . . ଜଳାଶୟ . . .
କୃଷିକ୍ଷେତ୍ର . . .

ଅନୁଶୀଳନୀ--୧୩

ମାନନୀୟ ବାଚସ୍ପତି ମହୋଦୟ, ବଜେଟର ସାଧାରଣ ଆଲୋଚନାରେ ଭାଗନେଇ ମୁଁ ପ୍ରଥମେ ଆପଣଙ୍କୁ ନିବେଦନ କରିବାକୁ ଚାହେଁ ଯେ ମୋ ପୂର୍ବରୁ ଯେଉଁମାନେ ଆଲୋଚନାରେ ଭାଗ ନେଇଛନ୍ତି ପ୍ରତ୍ୟେକଙ୍କୁ ଆପଣ ୨୦ ମିନିଟ ଲେଖାଏଁ ସମୟ ଦେଇଛନ୍ତି । ଏଣୁ ମୁଁ ଆଶା କରେ ଆପଣ ମୋ ବେଳକୁ ପକ୍ଷପାତ ଆଚରଣ କରିବେ ନାହିଁ । ଆଜିର ଆଲୋଚନାରେ ଭାଗ ନେଇ ମୁଁ କେବଳ ଗୋଟିଏ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ । ପ୍ରଥମ କଥା ହେଲା ଯେ ସରକାରୀ ଦଳର ସଭ୍ୟମାନେ ଏ ବଜେଟକୁ ସମୟୋପଯୋଗୀ, ଯୁଗୋପଯୋଗୀ, ପ୍ରଗତିଶୀଳ ବଜେଟ ବୋଲି ଅଭିନନ୍ଦନ କରି ଆତ୍ମସନ୍ତୋଷ ଲାଭର ଚେଷ୍ଟା ମାତ୍ର କରିଛନ୍ତି । କାରଣ ପ୍ରକୃତରେ ଏହା ଏକ ଜନସ୍ୱାର୍ଥ ବିରୋଧୀ ପ୍ରତିକ୍ରିୟାଶୀଳ ବଜେଟ । ଆପଣ ଦେଖନ୍ତୁ ଏ ବଜେଟରେ ପୋଲିସ ବିଭାଗ ପାଇଁ ପୂର୍ବବର୍ଷ ଅପେକ୍ଷା ଏବର୍ଷ ଶତକଡ଼ା ୨୦ ଭାଗ ଅଧିକ ବ୍ୟୟବରାଦ କରାଯାଇଛି ଅଥଚ ସାଧାରଣ ଶାସନ ବିଭାଗ ତରଫରୁ ପ୍ରକାଶିତ ଶ୍ୱେତପତ୍ରରେ ବିଭିନ୍ନ ରକମର ଅପରାଧର ଯେଉଁ ସଂଖ୍ୟା ଦିଆଯାଇଛି ସେଥିରୁ ଆପଣ ଦେଖିବେ, ଅଧିକାଂଶ ଧର୍ତ୍ତବ୍ୟ ଅପରାଧର ସଂଖ୍ୟା ପୂର୍ବବର୍ଷ ତୁଳନାରେ ଶତକଡ଼ା ୨୫ ବଢ଼ିଛି । ବିନା ଦୋଷରେ ଓ ବିନା ବିଚାରରେ ଯେଉଁମାନଙ୍କୁ କେବଳ ସନ୍ଦେହରେ ଅଟକ ରଖାଯାଇଛି ସେହି ନିରାପତ୍ତା ବନ୍ଦୀମାନଙ୍କ ସଂଖ୍ୟା ପୂର୍ବବର୍ଷ ତୁଳନାରେ ଶତକଡ଼ା ୨୫ ବଢ଼ିଛି । ଗତବର୍ଷ ମୁଖ୍ୟମନ୍ତ୍ରୀ ଆମକୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଯେ ସମୟସାପେକ୍ଷ ହେଲେ ମଧ୍ୟ ଆଇନ ବିଭାଗ ଓ ସରକାରୀ ଆଇନ ପରାମର୍ଶଦାତାଙ୍କ ସହିତ ଆଲୋଚନା କରି ଏ ବିଷୟରେ ଅତିଶୀଘ୍ର ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ । ସେହିପରି ଆପଣ ଦେଖିବେ ଯୋଜନା ଓ ସମନ୍ୱୟ ବିଭାଗର ବଜେଟରେ ପର୍ଯ୍ୟାପ୍ତ ବ୍ୟୟ ବରାଦ କରାଯାଇଛି କିନ୍ତୁ ଗତବର୍ଷ କେତୋଟି ଉନ୍ନୟନ ମୂଳକ ଯୋଜନା ପୂର୍ଣ୍ଣାଙ୍ଗ ହୋଇଛି ଓ ଏବର୍ଷ କେତୋଟି ନୂତନ ଯୋଜନା ହାତକୁ ନିଆଯାଇଛି ସେ ବିଷୟରେ ଶ୍ୱେତପତ୍ରରେ କୌଣସି ଉଲ୍ଲେଖ ନାହିଁ ।

—*—

No. 32169-A
Government of Orissa
Home Department
RESOLUTION
The 4th December, 1967

Government having decided to adopt Oriya as the official language of the State, it has become necessary to have a number of Stenographers and typists to meet the needs of different Deptt. and offices of Government and also to lay down the standard of proficiency in Oriya Shorthand and Typewriting. After considering the recommendation of the cemmittee appointed by the State Oevhrnment to go into thd matter, the Covernment have been pleased to lay down the following standards of efficiency for the Oriya Short' nd and Type writing Examination :—

1. ORIYA STENOGRAPHY :

i) speed and duration of dictation

a) 80 wors per minute for 3 minutes

b) 100 werds per minute for 3 minutes

c) 120 werds per minute for 3 minutes

ii) the maximum number of errors admissible wiil be 10% of the words dictated. Wrong punctuating of full stops and wrong spelling will be counted as errors.

iii) Transcription - 5 words per minute by hand 10 words phr minute in typewriter.

iv) Counting of words ; Counting words shall be subject to following :

a) for the purpose of counting 'ସମାସାନ୍ତ' words will be seperately counted.

b) All words with case-endings consisting of one letter will be counted as one word while those with more than one letter should be counted as two words. For example 'ବୃକ୍ଷର' should be counted as one word while 'ବୃକ୍ଷମାନେ' or 'ବୃକ୍ଷମାନଙ୍କର' will be counted as two words

c) Verb endings : Long verb endings will be treated as two words whereas the short ones will be treated as one word. For instance 'ଯାଉ ଆସୁଥିଲେ' should be counted as two words whereas 'ଯାଇଥିଲେ' as one word

d) When a word is formed by adding prefix of one letter it will be taken as one word. While words formed with prefixes of more than one letter will be counted as two words. For example 'ଆଗମନ' will be counted as one ward whereas 'ଅନୁଗମନ' will be counted as two words.

2 ORIYA TYPEWRITING :

The standard for typewriting will be 20 words per minute for 10 minutes with admissible mistakes of 3%. The above standard fixed provisionally will be subject to revision in the light of experience in the working of the system.

ORDER : ORDERED THAT THE RESOLUTION BE PUBLISHED IN THE ORISSA GAZZETTEE AND FORWARDED TO ALL CONCDREND.

By order of the Governor

B. B. RATH

Secretary to Government.